ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟ
ମାନବୀୟ ବିଦ୍ୟାପୀଠ



# ପ୍ରଥମ ଭାଗ

# ଓଡ଼ିଆ ଭାଷାର ଭିତ୍ତିମୂଳକ ପାଠ୍ୟକ୍ରମ

Indira Gandhi
National Open University
School of Humanities

# BODLA-135
# ପ୍ରଥମ ଭାଗ

ଅଧ୍ୟାୟ- ୧
ଓଡ଼ିଆ ଭାଷାର ଇତିହାସ ୫

ଅଧ୍ୟାୟ- ୨
ଓଡ଼ିଆ ସାହିତ୍ୟର ଇତିହାସ : ପ୍ରାଚୀନ ଓ ମଧ୍ୟଯୁଗ ୨୪

ଅଧ୍ୟାୟ- ୩
ଆଧୁନିକ ଓଡ଼ିଆ ସାହିତ୍ୟ ୫୫

ଅଧ୍ୟାୟ- ୪
ଶ୍ରୀଜଗନ୍ନାଥ ଧର୍ମ ଓ ଦର୍ଶନ ୭୪

ଅଧ୍ୟାୟ- ୫
ଓଡ଼ିଶାର ଲୋକସାହିତ୍ୟ ୯୬

ଅଧ୍ୟାୟ- ୬
ଓଡ଼ିଶୀ କଳା ଓ ସ୍ଥାପତ୍ୟ ୧୨୪

## EXPERT COMMITTEE

Prof. Satyakam
Pro-Vice Chancellor
IGNOU, New Delhi

Prof. Malati Mathur
Director, SOH
IGNOU, New Delhi

Prof. Jitendra Kumar Srivastava
Professor (Hindi), SOH
Director
SOTHM, IGNOU, New Delhi

Prof. Nandini Sahu
Professor (English), SOH
Director, SOFL
IGNOU, New Delhi

Prof. P.C. Patnaik
Department of MIL and LS
Delhi University
New Delhi (external expert)



## COURSE COORDINATION

Prof. Nandini Sahu
Professor (English), SOH
Director, SOFL
IGNOU, New Delhi

## COURSE PREPARATION

1.Prof. Narayan Sahoo
2.Dr. Kshirod Behera
3.Dr. Sanjaya Kumar Bag
4.Dr. Rudhranarayan Mohapatra
5.Dr. Subhashree Lenka
6.Mr. Jnanaranjan Nayak
7.Prof. Nandini Sahu

## COURSE EDITING

Prof. P. C. Patnaik
Department of MIL and LS
Delhi University, New Delhi



## PROOFREADING

Dr. Manoj Kumar Dash, Regional Director, RC Bhubaneswar.
Dr. Santosh Panigrahi, Asst. Regional Director, RC Bhubaneswar
Sh. Arun Kumar Bhuyan, JAT, RC Bhubaneswar
Sh. Akrur Sahoo, JAT, RC Bhubaneswar

## SECRETARIAL SUPPORT

Mr. Sandeep Kumar Tokas

## PRINT PRODUCTION

Mr. Tilak Raj
Assistant Registrar (Pub.)
MPDD, IGNOU, New Delhi

Mr. Yashpal
Section Officer (Pub.)
MPDD, IGNOU, New Delhi

November, 2020



*©Indira Gandhi National Open University, 2020*



ISBN:-



*All rights reserved. No part of this work may be reproduced in any form, by mimeograph or any other means, without permission in writing from the Indira Gandhi National Open University.*



*Further information about the School of Social Sciences and the Indira Gandhi National Open University courses may be obtained from the University's office at Maidan Garhi, New Delhi-110 068, India or the Official Website of IGNOU: www.ignou.ac.in*

Printed and published on behalf of the Indira Gandhi National Open University, New Delhi, by Registrar, MPDD, IGNOU, New Delhi

Lasertypeset by Tessa Media & Computers, C-206, Shaheen Bagh, Jamia Nagar, New Delhi

Printed at:

## ପାଠ୍ୟକ୍ରମ ସଂପର୍କରେ :

ଓଡ଼ିଆ ଭାଷା ଭାରତୀୟ ଭାଷା ସମୂହର ଅନ୍ୟତମ ପ୍ରମୁଖ ଭାଷା । ଏହି ଭାଷାର ପ୍ରାଚୀନତା ଖ୍ରୀଷ୍ଟପୂର୍ବ ତୃତୀୟ-ଚତୁର୍ଥ ଶତାବ୍ଦୀରୁ ଆରମ୍ଭ ହୋଇଥିବା ସଂପର୍କରେ ଭାଷାବିତମାନେ ମତ ପ୍ରଦାନ କରିଛନ୍ତି । ଏଣୁ ଏହି ଭାଷାକୁ ଭାରତ ସରକାର ୨୦୧୪ ମସିହାରେ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିଛନ୍ତି । ଓଡ଼ିଆ ଭାଷା ଯେପରି ପ୍ରାଚୀନ, ଏହାର ସାହିତ୍ୟ ମଧ୍ୟ ସେହିପରି ପ୍ରାଚୀନ ଓ ସମୃଦ୍ଧ । ଲୋକସାହିତ୍ୟ, ଲୋକସଂସ୍କୃତି, ଲୋକ ପରଂପରା, ଧର୍ମୀୟ ବିଧିବିଧାନ, ସ୍ଥାପତ୍ୟ, କଳା, ବାଣିଜ୍ୟ, ଶିଳ୍ପ ଆଦିର ପ୍ରାଚୀନ ପରଂପରା ନିମିତ୍ତ ଏ ଜାତି ସମଗ୍ର ବିଶ୍ୱରେ ପରିଚିତ ଲାଭ କରିଛି । ବହୁ ଐତିହାସିକ ଘଟଣା ଏ ଜାତିର ଇତିହାସକୁ ସମୃଦ୍ଧ କରିଛି । ଏକ ବୀରଜାତି ଭାବରେ ଓଡ଼ିଆ ବୀରଙ୍କର ଯେତିକି ପ୍ରସିଦ୍ଧି ରହିଛି, ବିଶ୍ୱ ଭାତୃତ୍ୱରେ ବିଶ୍ୱାସ କରୁଥିବା ଜାତି ଭାବରେ ମଧ୍ୟ ଏହାର ସେତିକି ଗୌରବ ରହିଛି । ଏହି ପାଠ୍ୟକ୍ରମରେ ଐତିହ୍ୟସଂପନ୍ନ ଓଡ଼ିଆ ଜାତିର ଭାଷା, ସାହିତ୍ୟ, ଧର୍ମ, ସ୍ଥାପତ୍ୟ, କଳା, ଲୋକସାହିତ୍ୟ, ପ୍ରାଚୀନ ସାହିତ୍ୟ ଓ ଆଧୁନିକ ସାହିତ୍ୟ ସଂପର୍କରେ ବିଦ୍ୟାର୍ଥୀମାନଙ୍କୁ ସବିଶେଷ ଜ୍ଞାନ ପ୍ରଦାନ କରାଯାଇଛି । ଏହା ଅଧ୍ୟୟନଦ୍ୱାରା ଓଡ଼ିଆ ଭାଷା, ସାହିତ୍ୟ, ଧର୍ମ, ପରଂପରା, ସ୍ଥାପତ୍ୟ ଓ କଳା ସଂପର୍କରେ କେବଳ ଜ୍ଞାନ ଆହରଣ ହେବ ତାହା ନୁହେଁ; ଏକ ଐତିହାସିକ ଜାତିର ଆତ୍ମା ଓ ଅସ୍ମିତା ସଂପର୍କରେ ମଧ୍ୟ ସବିଶେଷ ସୂଚନା ମିଳିପାରିବ ।

## ପ୍ରଥମ ଭାଗ

ପ୍ରଥମ ଭାଗର ପ୍ରଥମ ଅଧ୍ୟାୟରେ ବିଦ୍ୟାର୍ଥୀମାନଙ୍କୁ ଓଡ଼ିଆ ଭାଷାର ପୁରାତତ୍ତ୍ୱ ସଂପର୍କରେ ଜ୍ଞାନ ପ୍ରଦାନ କରାଯାଇଛି । ଓଡ଼ିଆ ଭାଷାର ଉତ୍ପତ୍ତି ଓ ବିବର୍ତ୍ତନକ୍ରମ ସଂପର୍କରେ ଏହି ଅଧ୍ୟାୟରେ ସବିଶେଷ ଆଲୋଚନା କରାଯାଇଅଛି । ଭାରତୀୟ ଭାଷା ପରିବାରଗୁଡ଼ିକ ସମ୍ପର୍କରେ ଉଲ୍ଲେଖ କରାଯିବା ସହିତ ଓଡ଼ିଆ ଭାଷା କେଉଁ ଭାରତୀୟ ଭାଷା ପରିବାରରୁ ଉତ୍ପତ୍ତି ଲାଭ କରିଛି ତାହାର ପ୍ରାମାଣିକ ତଥ୍ୟ ଏଠାରେ ଉପସ୍ଥାପନ କରାଯାଇଛି । ଏହା ସହିତ ଓଡ଼ିଆ ଭାଷା ବକାଶର ବିଭିନ୍ନ ସ୍ତର ଓ ଏହାକୁ ଚିହ୍ନିତ କରୁଥିବା ଉପାଦାନ ଯଥା- ତାମ୍ରଶାସନ, ଶିଳାଲେଖଗୁଡ଼ିକର ଉଲ୍ଲେଖ ମଧ୍ୟ କରାଯାଇଛି । ବିଭିନ୍ନ ସମୟରେ ଓଡ଼ିଶାକୁ ଭିନ୍ନଭିନ୍ନ ରାଜାମାନେ ଶାସନ କରିଅଛନ୍ତି । ସେମାନଙ୍କ ଭାଷା ମଧ୍ୟ ଓଡ଼ିଆ ଭାଷାକୁ ସମୃଦ୍ଧ କରିବାରେ ସହାୟକ ହୋଇଛି । ସେ ସମ୍ପର୍କରେ ମଧ୍ୟ ଏହି ପାଠରେ ଆଲୋଚନା କରାଯାଇଛି । ଜଣେ ବିଦ୍ୟାର୍ଥୀ ଏହା ପାଠକଲେ ଓଡ଼ିଆ ଭାଷା ସଂପର୍କରେ ସବିଶେଷ ଜ୍ଞାନ ଆହରଣ କରିପାରିବ ।

ଦ୍ୱିତୀୟ ଅଧ୍ୟାୟରେ ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ ସଂପର୍କରେ ବିଦ୍ୟାର୍ଥୀମାନଙ୍କୁ ଜ୍ଞାନ ପ୍ରଦାନ କରାଯାଇଛି । ପ୍ରଥମ ଅଧ୍ୟାୟର ପାଠ ସହିତ ସଂଯୋଗ ରକ୍ଷା କରାଯାଇ ଦ୍ୱିତୀୟ ଅଧ୍ୟାୟର ପାଠ ଚୟନ କରାଯାଇଛି । ପ୍ରଥମ ଅଧ୍ୟାୟରେ ଓଡ଼ିଆ ଭାଷାର ବିକାଶକ୍ରମ ଆଲୋଚନା ସମୟରେ ଯେଉଁ ସାହିତ୍ୟ ପାଠରେ ଉଲ୍ଲେଖ କରାଯାଇଛି; ସେହି ସାହିତ୍ୟ ପାଠଗୁଡ଼ିକର ସବିଶେଷ ଅଧ୍ୟୟନ ଏହି ଅଧ୍ୟାୟରେ କରାଯାଇଛି । ଏହି କ୍ରମରେ ବିଦାର୍ଥୀମାନେ ଏହି ଅଧ୍ୟାୟରେ ନିମ୍ନ ପ୍ରସଙ୍ଗ ଗୁଡ଼ିକ ଭଲ ଭାବରେ ବୁଝିପାରିବେ:

(କ) ଓଡ଼ିଆ ସାହିତ୍ୟର କ୍ରମ ବିକାଶ ।

(ଖ) ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ସ୍ୱରୂପ ।

(ଗ) ଓଡ଼ିଶାର ଧର୍ମ, ସଂସ୍କୃତି ଓ ସମାଜିକ ଚଳଣୀ ।

ତୃତୀୟ ଅଧ୍ୟାୟରେ "ଆଧୁନିକ ଓଡ଼ିଆ ସାହିତ୍ୟ" ସମ୍ପର୍କରେ ବିଦ୍ୟାର୍ଥୀମାନଙ୍କୁ ସମ୍ୟକ ଜ୍ଞାନ ପ୍ରଦାନ କରାଯାଇଛି । ଓଡ଼ିଆ ସାହିତ୍ୟରେ ଆଧୁନିକ ଯୁଗ କିପରି ଆସିଲା ଏବଂ ବିଶ୍ୱଚେତନାରେ ସହ ଏହା କିପରି ସଂଯୋଗୀକୃତ ହେଲା, ସେ ସମ୍ପର୍କରେ ବିଷୟ ପ୍ରବେଶରେ କୁହାଯାଇଛି । ଆଧୁନିକ ଯୁଗର ତିନିଜଣ ବିଶିଷ୍ଟ ସାହିତ୍ୟିକଙ୍କ ରଚନାର ଆଂଶିକ ପାଠ ବିଦ୍ୟାର୍ଥୀଙ୍କ ପଠନ ଓ ଜ୍ଞାନ ଆହରଣ ନିମିତ୍ତ ଉପସ୍ଥାପନ କରାଯାଇଛି । କବିବର ରାଧାନାଥ ରାୟଙ୍କ ବହୁ ପ୍ରସିଦ୍ଧ କାବ୍ୟ 'ଚିଲିକା', ସ୍ୱଭାବକବି ଗଙ୍ଗାଧର ମେହେରଙ୍କ କବିତା "ଉତ୍କଳ ଭାରତୀଙ୍କ ଉକ୍ତି" ଓ ଉତ୍କଳମଣି ଗୋପବନ୍ଧୁଙ୍କ ଚର୍ଚ୍ଚିତ ପ୍ରବନ୍ଧ 'ଓଡ଼ିଆ ଜାତି କିଏ ?'ର କିଛି ଅଂଶ ପାଠ ଭାବରେ ଅଧ୍ୟୟନ କରିବାକୁ ବିଦ୍ୟାର୍ଥୀମାନଙ୍କୁ ଦିଆଯାଇଛି । ଏହାଦ୍ୱାରା ବିଦ୍ୟାର୍ଥୀମାନେ ଆଧୁନିକ କାବ୍ୟ, କବିତା ଓ ପ୍ରବନ୍ଧ ସଂପର୍କରେ ଜ୍ଞାନ ଆହରଣ କରିପାରିବେ ।

ଚତୁର୍ଥ ଅଧ୍ୟାୟଟିର ଶୀର୍ଷକ ରିହଛି-"ଶ୍ରୀ ଜଗନ୍ନାଥ ଧର୍ମ ଓ ଦର୍ଶନ" । ଶ୍ରୀଜଗନ୍ନାଥ ଧର୍ମ ଓ ଦର୍ଶନ ବିଶ୍ୱ ବିଦିତ । ଶ୍ରୀଜଗନ୍ନାଥ ଓଡ଼ିଆମାନଙ୍କ କେବଳ ଇଷ୍ଟ ଦେବତା ନୁହଁନ୍ତି; ବଶ୍ୱର ବିଭିନ୍ନ ପ୍ରାନ୍ତରରେ ବହୁ ଜଗନ୍ନାଥ ଭକ୍ତ ମଧ୍ୟ ତାଙ୍କୁ ନିଜର ଇଷ୍ଟ ଦେବତା ଭାବରେ ଗ୍ରହଣ କରିଛନ୍ତି । ସେମାନେ ଅକୁଣ୍ଠିତ ଚିତ୍ତରେ ଶ୍ରୀଜଗନ୍ନାଥଙ୍କୁ ବିଶ୍ୱାସ କରନ୍ତି । ଶ୍ରୀଜଗନ୍ନାଥ ଧର୍ମ ଓଡ଼ିଆଙ୍କ ଅସ୍ମିତାର ପରିଚୟ । ବହୁ ପ୍ରାଚୀନ କାଳରୁ ଓଡ଼ିଶାର ଧର୍ମୀୟ ଭାବନା ଓ ସଂସ୍କୃତି ସହ ଶ୍ରୀଜଗନ୍ନାଥ ଧର୍ମ ଗଭୀର ଭାବରେ ଜଡ଼ିତ । ବିଦ୍ୟାର୍ଥୀମାନଙ୍କୁ ଏହି ଅଧ୍ୟାୟରେ ଶ୍ରୀଜଗନ୍ନାଥ ଧର୍ମ ଓ ଦର୍ଶନ ସଂପର୍କରେ ଆବଶ୍ୟକୀୟ ଜ୍ଞାନ ପ୍ରଦାନ କରାଯାଇଛି । ଭାରତୀୟ ପରଂପରା, ସଂସ୍କୃତି ଓ ଐତିହ୍ୟ ପ୍ରସଙ୍ଗରେ ଶ୍ରୀଜଗନ୍ନାଥ ଧର୍ମ ଓ ଦର୍ଶନର ପ୍ରାସଙ୍ଗିକତାକୁ ବିଦ୍ୟାର୍ଥୀମାନେ ଏହି ପାଠରୁ ଭଲଭାବରେ ଜାଣିପାରିବେ ।

ପଞ୍ଚମ ଅଧ୍ୟାୟରେ ରହିଛି "ଲୋକ ସାହିତ୍ୟ" । ଓଡ଼ିଶାର ଲୋକ ପରଂପରାର ଏକ ବୃହତ୍ ଇତିହାସ ରହିଛି । ଲୋକ ଜୀବନ ସହ ଏହା ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ଏଠାରେ ବିଦ୍ୟାର୍ଥୀମାନଙ୍କ ଅବଗତି ନିମିତ୍ତ ଓଡ଼ିଆ ଲୋକଗୀତ, ଲୋକ କାହାଣୀ, ଲୋକନାଟ୍ୟ ଏବଂ ଢଗଢ଼ମାଳୀ ସଂପର୍କରେ ଆଲୋଚନା କରାଯାଇଛି । ବିଦ୍ୟାର୍ଥୀମାନଙ୍କୁ ଏ ସଂପର୍କରେ ଯଥେଷ୍ଟ ଜ୍ଞାନ ଅର୍ଜନ କରିବା ନିମିତ୍ତ "କାନ୍ଦଣାଗୀତ", ଲୋକକାହାଣୀରୁ "ମନ ଚାହିଁ ଫଳ" ଲୋକନାଟକର କିଛି ସଂଳାପ ନମୁନା ଭାବରେ ପ୍ରଦାନ କରାଯାଇଛି । ଏହି ପାଠ ଅଧ୍ୟୟନ କଲେ ବିଦ୍ୟାର୍ଥୀମାନେ ଲୋକସାହିତ୍ୟର ସ୍ୱରୂପ ସଂପର୍କରେ ସବିଶେଷ ଜ୍ଞାନ ଆହରଣ କରିପାରିବେ ।

ଷଷ୍ଠ ଅଧ୍ୟାୟରେ ରହିଛି "ଓଡ଼ିଶୀ କଳା ଓ ସ୍ଥାପତ୍ୟ" । ଓଡ଼ିଶା ପୂର୍ବରୁ 'ଉତ୍କଳ' ଭାବରେ ବିଶ୍ୱରେ ବିଦିତ ଥିଲା । "ଉତ୍କଳର"ର ଅର୍ଥ ଉତ୍କର୍ଷ କଳାର ଦେଶ । କଳା ଓ ସ୍ଥାପତ୍ୟ ନିମିତ୍ତ ଓଡ଼ିଶା ସମଗ୍ର ବିଶ୍ୱର ପ୍ରସିଦ୍ଧି ଲାଭ କରିଛି । ଏହି ଅଧ୍ୟାୟରେ ଓଡ଼ିଶାରେ ରହିଥିବା ପ୍ରାଚୀନ କଳାକୃତିର ସବିଶେଷ ତଥ୍ୟ ପ୍ରଦାନ କରାଯିବା ସହ ଲୋକକଳା ଓ ନନ୍ଦନତତ୍ତ୍ୱ ସମ୍ପର୍କରେ ଜ୍ଞାନ ପ୍ରଦାନ କରାଯାଇଛି । କଳା ଓ ସ୍ଥାପତ୍ୟର ବୈଶିଷ୍ଟ୍ୟ, ପ୍ରକାରଭେଦ ଏବଂ ବିଭିନ୍ନ ଧର୍ମ ଓ ସଂସ୍କୃତି ସହ ଏହା କିପରି ଜଡ଼ିତ; ସେ ସଂପର୍କରେ ମଧ୍ୟ ଏହି ଅଧ୍ୟାୟରେ ବିଦ୍ୟାର୍ଥୀମାନେ ଜ୍ଞାନ ଆହରଣ କରିପାରିବେ ।

ପ୍ରଥମ ଭାଗର ପାଠରେ ବିଦ୍ୟାର୍ଥୀମାନେ ଓଡ଼ିଆ ଭାଷାର ଉତ୍ପତ୍ତି ଓ କ୍ରମବିକାଶ, ଓଡ଼ିଆ ସାହିତ୍ୟର ଉତ୍ପତ୍ତି ଓ ବିକାଶ, ଶ୍ରୀଜଗନ୍ନାଥ ଧର୍ମ ଓ ଏହି ଧର୍ମ ସହ ଅନ୍ୟ ଧର୍ମର ସମ୍ପର୍କ, ଓଡ଼ିଶାର ଲୋକ ପରଂପରା ଓ ଲୋକସାହିତ୍ୟ ଏବଂ ଓଡ଼ିଶୀ କଳା ଓ ସ୍ଥାପତ୍ୟ ସଂପର୍କରେ ସବିଶେଷ ଜ୍ଞାନ ଆହରଣ କରିପାରିବେ । ଏହି ପାଠଗୁଡ଼ିକ ଗୋଟିଏ ଐତିହାସିକ ଜାତିର ଆତ୍ମା ସଂପର୍କରେ ଜାଣିବା ନିମିତ୍ତ ସହାୟକ ହେବ ।

# ଅଧ୍ୟାୟ ୧  ଓଡ଼ିଆ ଭାଷାର ଇତିହାସ

**ସଂରଚନା**


**୧.୦ ଉଦ୍ଦେଶ୍ୟ**

**୧.୧ ଉପକ୍ରମ**

**୧.୨ ମୂଳପାଠର ପ୍ରଥମ ଭାଗ**

୧.୨.୧ ମୂଳ ପାଠର ପ୍ରଥମ ଭାଗ ପ୍ରଶ୍ନାବଳୀ

୧.୨.୨ ମୂଳପାଠର ପ୍ରଥମ ଭାଗ ବ୍ୟାକରଣ ପ୍ରଶ୍ନାବଳୀ

**୧.୩ ମୂଳପାଠର ଦ୍ୱିତୀୟଭାଗ**

୧.୩.୧ ମୂଳପାଠର ଦ୍ୱିତୀୟଭାଗ ପ୍ରଶ୍ନାବଳୀ

୧.୩.୨ ମୂଳପାଠର ଦ୍ୱିତୀୟଭାଗ ବ୍ୟାକରଣ ପ୍ରଶ୍ନାବଳୀ

**୧.୪ ମୂଳପାଠର ଶେଷଭାଗ**

୧.୪.୧ ମୂଳପାଠର ଶେଷଭାଗ ପ୍ରଶ୍ନାବଳୀ

୧.୪.୨ ମୂଳପାଠର ଶେଷଭାଗ ବ୍ୟାକରଣ ପ୍ରଶ୍ନାବଳୀ

୧.୪.୩ ସଂପୂର୍ଣ୍ଣ ମୂଳପାଠ ପ୍ରଶ୍ନାବଳୀ

୧.୪.୪ ସଂପୂର୍ଣ୍ଣ ମୂଳପାଠ ବ୍ୟାକରଣ ପ୍ରଶ୍ନାବଳୀ

**୧.୫ ସାରାଂଶ**

**୧.୬ ଶବ୍ଦାର୍ଥ**

**୧.୭ ପଠନ ଅଭ୍ୟାସ**

**୧.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର**

**୧.୯ ଉତ୍ତର ପ୍ରଦାନ ପାଇଁ ପ୍ରଶ୍ନାବଳୀ**


ignou THE PEOPLE'S UNIVERSITY

## ୧.୦ ଉଦ୍ଦେଶ୍ୟ

ଏହି ପାଠରେ ଭାଷାସଂପର୍କୀୟ କେତେକ ମୌଳିକ ଆଲୋଚନା କରାଯାଇଛି । ଭାଷା କାହାକୁ କହନ୍ତି, ଭାଷାା କିପରି ସୃଷ୍ଟି ହୁଏ, ଭାଷାଦ୍ୱାରା ମାନବ ସମାଜର କି ଉପକାର ସାଧିତ ହୁଏ ଏବଂ ଭାଷା କିପରି ବିଭିନ୍ନ ସ୍ତର ଦେଇ ବିକାଶ ଲାଭ କରିଛି ପ୍ରଭୃତିର ସୂଚନା ଦିଆଯାଇଛି । ଭାଷାର ସ୍ୱରୂପ ନିର୍ଣ୍ଣୟ ଓ ନାମକରଣ ପର୍ଯ୍ୟାୟରେ ଓଡ଼ିଆ ଭାଷାର ସୃଷ୍ଟି ଓ ବିକାଶର ଧାରା ଉଲ୍ଲେଖ କରାଯାଇଛି । ସଂପ୍ରତି ଓଡ଼ିଶାରେ ବ୍ୟବହୃତ ଭାଷା କିପରି ବିଭିନ୍ନ ସ୍ତର ଦେଇ ଗତିକରି ଆସି ଏକ ସମୃଦ୍ଧ ଭାଷାରେ ପରିଣତ ହୋଇଛି, ତାର ବିଶଦ ଆଲୋଚନା କରାଯାଇଛି । ମାତୃଭାଷାର ସମ୍ୟକ ପରିଚୟ ଦେବା ଏ ପାଠର ମୁଖ୍ୟ ଉଦ୍ଦେଶ୍ୟ । ସେଥିପାଇଁ ଏଥିରେ ସନ୍ନିବେଶିତ ଉଦ୍ଧୃତିଗୁଡ଼ିକର ଭାଷାଗତ ଆଙ୍ଗିକ ଓ ଆତ୍ମିକ ପରିବର୍ତ୍ତନର କାରଣମାନ ଏଥିରେ ଦର୍ଶାଇବା ସଙ୍ଗେସଙ୍ଗେ ଆପଣମାନଙ୍କର ସ୍ୱଷ୍ଟ ଅବବୋଧ ପାଇଁ ପାଠଗତ ଓ ବ୍ୟାକରଣଗତ କେତେକ ସୂଚନା ଦିଆଯାଇଛି । ଅନୁଶୀଳନୀ ମାଧ୍ୟମରେ ସମସ୍ତ ପାଠକୁ ହୃଦୟଙ୍ଗମ କରାଇବାର ଉଦ୍ୟମ କରାଯାଇଛି । ଆପଣମାନେ ଭଲ ଭାବରେ ପାଠଟିକୁ ଅଧ୍ୟୟନ କରନ୍ତୁ ଏବଂ ଯେଉଁ ସ୍ଥାନରେ ପ୍ରଶ୍ନୋତ୍ତର କରାଯାଇଛି, ସେଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ଆଲୋଚନାକରି ନିର୍ଦ୍ଦେଶିତ ପ୍ରଶ୍ନମାନଙ୍କର ଉତ୍ତର ପାଇଁ ନିଜକୁ ପ୍ରସ୍ତୁତ କରି ନିଅନ୍ତୁ ।

## ୧.୧ ଉପକ୍ରମଣିକା

ଭାଷା ମନୁଷ୍ୟର ଏକ ଅମୂଲ୍ୟ ସଂପଦ । ମନୁଷ୍ୟ ଯେ କେବଳ ଭାଷା ସୃଷ୍ଟି କରିପାରେ ତା'ନୁହେଁ, ଅନ୍ୟ ମଣିଷର ଭାଷାକୁ ମଧ୍ୟ ବୁଝିପାରେ । ସେଥିପାଇଁ ସେ ପୃଥିବୀର ଅନ୍ୟ ପ୍ରାଣୀଙ୍କଠାରୁ ଶ୍ରେଷ୍ଠ । କାରଣ ଅନ୍ୟ ପ୍ରାଣୀମାନଙ୍କଠାରେ ଏହି ଭାବ ପରିଲକ୍ଷିତ ହୁଏ ନାହିଁ । ଅନ୍ୟ ପ୍ରାଣୀମାନେ ଭୋକ ଶୋଷ ଓ ବିପଦ ସମୟରେ କେତେକ ଧ୍ୱନି ସୃଷ୍ଟି କରିଥାଆନ୍ତି; ମାତ୍ର ସେଗୁଡ଼ିକ ଭାଷା ପଦବାଚ୍ୟ ନୁହେଁ, ସେଗୁଡ଼ିକୁ ଅବ୍ୟକ୍ତ ଧ୍ୱନି ବୋଲି କୁହାଯାଏ । ଏହି ଧ୍ୱନି ସମୂହ କୌଣସି ଚିନ୍ତା, ବୁଦ୍ଧି କିମ୍ବା ଭାବର ବାହକ ନୁହନ୍ତି । ସେଥିପାଇଁ ଏମାନଙ୍କୁ ଇତର ପ୍ରାଣୀ ବୋଲି କୁହାଯାଏ;ମାତ୍ର ମନୁଷ୍ୟର ଧ୍ୱନିଯନ୍ତ୍ରରୁ ସୃଷ୍ଟି ହେଉଥିବା ଧ୍ୱନିକୁ ବ୍ୟକ୍ତ ଧ୍ୱନି ବା ଭାଷା କୁହାଯାଏ । ଏହି ଭାଷା ମନୁଷ୍ୟର ଚିନ୍ତାଶକ୍ତି ବା ଭାବର ବାହକ । ମନୁଷ୍ୟ ମନୁଷ୍ୟ ମଧ୍ୟରେ ବ୍ୟକ୍ତିଗତ ଓ ସାମାଜିକ ସଂପର୍କ ମାଧ୍ୟମ ହେଉଛି ଭାଷା । ଭାଷା ବ୍ୟତିରେକେ ମନୁଷ୍ୟର ସାମାଜିକ ଜୀବନ ଯାପନ ଅସମ୍ଭବ । ଭାଷା ମାଧ୍ୟମରେ ମନୁଷ୍ୟ ନିଜର ଓ ସମାଜର ଉନ୍ନତି କରିବା ସଙ୍ଗେସଙ୍ଗେ ଅସରନ୍ତି ଜ୍ଞାନର ଅଧିକାରୀ ହୋଇପାରିଛି ।

ବହୁ ପ୍ରାଚୀନ କାଳରୁ ପୃଥିବୀରେ ବିଭିନ୍ନ ଭାଷା ପ୍ରଚଳିତ ହୋଇଆସୁଛି । ଗୋଟିଏ ଭୂଖଣ୍ଡରେ ଅଧିବାସୀ ସେମାନଙ୍କର ସୁବିଧା ଓ ସହାବସ୍ଥାନ ପାଇଁ ଏକ ପ୍ରକାର ଭାଷା ବ୍ୟବହାର କରିଥାନ୍ତି । ଭାଷାର ସାଧାରଣତଃ ଦୁଇଟି ରୂପ ଦେଖିବାକୁ ମିଳେ-କଥିତ ରୂପ ଓ ଲିଖିତ ରୂପ । ମନୁଷ୍ୟର ବାଗ୍‌ଯନ୍ତ୍ରରୁ ସୃଷ୍ଟି ଧ୍ୱନି ସମୂହର କ୍ରମିକ ସଜ୍ଜୀକରଣରେ ଯେଉଁ ଭାବର ସୃଷ୍ଟି ଓ ଆଦାନପ୍ରଦାନ ହୋଇଥାଏ ତାହା ହେଉଛି ଭାଷାର କଥିତ ରୂପ । ଏହି କଥିତ ରୂପକୁ ସ୍ଥାୟୀ କରିବା ପାଇଁ ଯେଉଁ ଚିହ୍ନ ବା ସଙ୍କେତ ବ୍ୟବହାର କରାଯାଏ, ତାହାକୁ କୁହାଯାଏ ଲିଖିତ ରୂପ ।

ଗୋଟିଏ ଗୋଟିଏ ଅଂଚଳ ଅନୁସାରେ ଭାଷାର ନାମକରଣ ହୋଇଥାଏ । ଓଡ଼ିଶା ପ୍ରଦେଶରେ କଥିତ ଭାଷାର ନାମ ଓଡ଼ିଆ । ସେହିପରି ବଂଗଳାରେ ବଂଗଳା, ଆସାମରେ ଆସାମୀ, ପଂଜାବରେ ପଂଜାବୀ ଭାଷା କଥିତ ହୋଇଥାଏ । ଭାରତ ବର୍ଷର ସମ୍ବିଧାନ ଦ୍ୱାରା ସ୍ୱୀକୃତ ଭାଷାଗୁଡ଼ିକ ମଧ୍ୟରେ ଓଡ଼ିଆ ଅନ୍ୟତମ । ଏହି ଓଡ଼ିଆ ଭାଷା ଓଡ଼ିଶାର ୬୦ ହଜାର ବର୍ଗମାଇଲ ପରିସୀମା ମଧ୍ୟରେ କଥିତ ହେବା ସଙ୍ଗେସଙ୍ଗେ ଏହାର ପଡ଼ୋଶୀ ରାଜ୍ୟ ମଧ୍ୟପ୍ରଦେଶ, ବଂଗଳା, ବିହାର ଓ ଆନ୍ଧ୍ରପ୍ରଦେଶର କେତେକ ଅଂଚଳରେ ବାସ କରୁଥିବା ଲୋକମାନଙ୍କର ମାତୃଭାଷା ରୂପେ କଥିତ ହୋଇଥାଏ । ସଂପ୍ରତି ଓଡ଼ିଆ ଭାଷାର ଯେଉଁ କଥିତ ରୂପ ବ୍ୟବହୃତ ହେଉଅଛି, ତାହା କିପରି ସୃଷ୍ଟି, ବିକାଶ ଓ ପରିପୃଷ୍ଟି ଲାଭ କରିଛି, ତାହା ଜାଣିବା ନିତାନ୍ତ ଆବଶ୍ୟକ ।

ନିର୍ଦ୍ଦେଶିତ ପାଠର ବିସ୍ତୃତ ବିବରଣୀ ପାଇଁ ନିମ୍ନଲିଖିତ ପୁସ୍ତକ ଅଧ୍ୟୟନ କରାଯାଇପାରେ:-

୧. ମଣିଷର ଭାଷା-ପ୍ରଫେସର ଗୋଲୋକ ବିହାରୀ ଧଳ
୨. ଭାଷା ବିଜ୍ଞାନର ରୂପରେଖ-ପ୍ରଫେସର ଡ଼.ବାସୁଦେବ ସାହୁ
୩. ସରଳ ଓଡ଼ିଆ ଭାଷାତତ୍ତ୍ୱ-ଅଧ୍ୟାପକ ଗିରିଜା ଶଙ୍କର ରାୟ
୪. ପୃଥିବୀର ଭାଷାଗୋଷ୍ଠୀ ଓ ଭାରତୀୟ ଆର୍ଯ୍ୟଭାଷା-ପ୍ରଫେସର ଡ. ବାସୁଦେବ ସାହୁ
୫. ଓଡ଼ିଆ ଭାଷାତତ୍ତ୍ୱର ଭୂମିକା-ଡ. ବଂଶୀଧର ମହାନ୍ତି
୬. ଓଡ଼ିଆ ଭାଷାତତ୍ତ୍ୱ ଓ ଲିପିର ବିକାଶ-ଡ. କୁଂଜବିହାରୀ ତ୍ରିପାଠୀ
୭. ଓଡ଼ିଆ ଭାଷାର ଉନ୍ମେଷ ଓ ବିକାଶ-ଡ. ବାସୁଦେବ ସାହୁ

## ୧.୨ ମୂଳପାଠର ପ୍ରଥମ ଭାଗ

ଓଡ଼ିଆ ଭାଷା ଭାରତୀୟ ଆର୍ଯ୍ୟ ଭାଷା ପରିବାରରୁ ଉତ୍ପତ୍ତି ଲାଭ କରିଅଛି । ଭାରତର ଅନ୍ୟାନ୍ୟ ଭାଷା ଆସାମୀ, ବଙ୍ଗଳା ଓ ହିନ୍ଦୀ ପରି ଓଡ଼ିଆ ଭାଷା ପୂର୍ବାଞ୍ଚଳୀୟ ଆଧୁନିକ ଭାରତୀୟ ଆର୍ଯ୍ୟ ଭାଷା ସମ୍ପ୍ରଦାୟର ଅନ୍ତର୍ଭୁକ୍ତ । ସାଧାରଣତଃ ଭାରତୀୟ ଆର୍ଯ୍ୟ ଭାଷା ପରିବାର ତିନୋଟି ପ୍ରଧାନ ସ୍ତର ଦେଇ ଗତି କରି ଆସିଥିବାର ଲକ୍ଷ୍ୟ କରାଯାଏ ।

୧. ପ୍ରାଚୀନ ଭାରତୀୟ ଆର୍ଯ୍ୟ ଭାଷା (ଖ୍ରୀ.ପୂ: ୧୫୦୦ - ଖ୍ରୀ.ପୂ:୫୦୦)
୨. ମଧ୍ୟ ଭାରତୀୟ ଆର୍ଯ୍ୟ ଭାଷା (ଖ୍ରୀ.ପୂ: ୫୦୦ - ଖ୍ରୀ. ପୂ:୧୦୦୦)
୩. ଆଧୁନିକ ଭାରତୀୟ ଆର୍ଯ୍ୟ ଭାଷା (ଖ୍ରୀ: ୧୦୦୦ - ପରବର୍ତ୍ତୀ)

ପ୍ରାଚୀନ ଭାରତୀୟ ଆର୍ଯ୍ୟ ଭାଷାର ପ୍ରାଥମିକ ରୂପ ହେଉଛି ବୈଦିକ ସଂସ୍କୃତ ଏବଂ ପରବର୍ତ୍ତୀ ରୂପ ହେଉଛି ଲୌକିକ ସଂସ୍କୃତ । କାଳକ୍ରମେ ଜନସାଧାରଣଙ୍କଦ୍ୱାରା କଥିତ ବା ଲୌକିକ ସଂସ୍କୃତ ଭାଷାରୁ ମଧ୍ୟ ଭାରତୀୟ ଆର୍ଯ୍ୟ ଭାଷା ସୃଷ୍ଟିଲାଭ କରିଅଛି । ଏହା ମଧ୍ୟଭାରତୀୟ ଆର୍ଯ୍ୟ ଭାଷାକୁ ପୁନଶ୍ଚ ତିନି ଭାଗରେ ବିଭକ୍ତ କରାଯାଏ ।

୧. ପାଲିଭାଷା - ଖ୍ରୀ.ପୂ: ୫୦୦ - ଖ୍ରୀ.ପୂ: ୨୦୦
୨. ପ୍ରାକୃତ ଭାଷା - ଖ୍ରୀ.ପୂ: ୨୦୦ - ଖ୍ରୀ.: ୫୦୦
୩. ଅପଭ୍ରଂଶ ଭାଷା - ଖ୍ରୀ: ୫୦୦ - ଖ୍ରୀ : ୧୦୦୦

ପ୍ରାକୃତ ଭାଷା ଭୌଗୋଳିକ ସୀମା ଅନୁସାରେ ପ୍ରଧାନତଃ ୫ ଭାଗରେ ବିଭକ୍ତ ।

୧. ମହାରାଷ୍ଟ୍ରୀ ପ୍ରାକୃତ

୨. ଶୌରସେନୀ ପ୍ରାକୃତ

୩. ମାଗଧୀ ପ୍ରାକୃତ

୪. ପୈଶାଚୀ ପ୍ରାକୃତ

୫. ଅର୍ଦ୍ଧ-ମାଗଧୀ ପ୍ରାକୃତ

ପ୍ରାୟ ପ୍ରତ୍ୟେକ ପ୍ରାକୃତ ଗୋଷ୍ଠୀରୁ ଅନେକ ଅପଭ୍ରଂଶ ଭାଷାର ବିକାଶ ଘଟିଛି । ମାଗଧୀ ପ୍ରାକୃତରୁ ଏହି କ୍ରମରେ ଯେଉଁ ସବୁ ଅପଭ୍ରଂଶ ଭାଷାର ସୃଷ୍ଟି ହୋଇଛି, ସେଗୁଡ଼ିକ ହେଉଛି ପୂର୍ବୀମାଗଧୀ, ପଶ୍ଚିମୀମାଗଧୀ, ଉତ୍ତରୀମାଗଧୀ, ଦକ୍ଷିଣୀମାଗଧୀ ଓ ଅର୍ଦ୍ଧମାଗଧୀ । ମାଗଧୀ ପ୍ରାକୃତର ଏକ ଶାଖା ହେଉଛି ପୂର୍ବୀମାଗଧୀ, ପ୍ରାକୃତ । ଏଥିରୁ ଉତ୍ପନ୍ନ ଅପଭ୍ରଂଶ (ପୂର୍ବମାଗଧୀ ଅପଭ୍ରଂଶ) ଭାଷାରୁ ଓଡ଼ିଆ ଭାଷାର ଜନ୍ମ । ପ୍ରାକୃତ ଭାଷାର କ୍ରମବିକାଶ ଲକ୍ଷ୍ୟ କଲେ ଜଣାଯାଏ ଯେ ଆଧୁନିକ ଭାରତୀୟ ଆର୍ଯ୍ୟ ଭାଷାଗୁଡ଼ିକ ଓଡ଼ିଆ, ବଙ୍ଗଳା, ଆସାମୀ, ହିନ୍ଦୀ, ଗୁଜୁରାଟୀ, ମରାଠି, ମୈଥିଳୀ, ନେପାଳୀ, କାଶ୍ମୀରୀ, ପଞ୍ଜାବୀ ଓ ରାଜସ୍ଥାନୀ ପ୍ରଭୃତି ଭାଷା ଅପଭ୍ରଂଶ ସ୍ତର ଦେଇ ସୃଷ୍ଟିଲାଭ କରିଅଛନ୍ତି ।

ଓଡ଼ିଆ ଭାଷାର ପ୍ରାଚୀନତା ସମ୍ପର୍କରେ ବିଭିନ୍ନ ଭାଷାତତ୍ତ୍ୱବିତ୍‌ମାନେ ମତ ଦେଇଛନ୍ତି ଯେ ଏହା ଉଚ୍ଚାରଣ ଓ ବ୍ୟାକରଣ ଦୃଷ୍ଟିରୁ ଆସାମୀ ଓ ବଙ୍ଗଳା ଅପେକ୍ଷା ଅଧିକ ପ୍ରାଚୀନ । ଯଦି ଏମାନଙ୍କୁ ଗୋଟିଏ ପରିବାରର ତିନି ଭଉଣୀ ବୋଲି କୁହାଯାଏ, ତାହାହେଲେ ଓଡ଼ିଆ ଭାଷା ବଡ଼ ଭଉଣୀର ଆସନ ଲାଭ କରିବ ।

ବର୍ତ୍ତମାନ ଓଡ଼ିଶାରେ ଯେଉଁ ଓଡ଼ିଆ ଭାଷା ଲୋକେ କଥାବାର୍ତ୍ତା କରୁଛନ୍ତି, ତାହା ପ୍ରାକୃତ ସ୍ତର ଦେଇ ସୃଷ୍ଟିଲାଭ କରିଥିବାରୁ ବହୁକାଳ ପର୍ଯ୍ୟନ୍ତ ପଣ୍ଡିତମାନେ ପ୍ରାକୃତ ନାମରେ ଅଭିହିତ କରି ଆସିଥିଲେ । ପ୍ରାକୃତ ଅପଭ୍ରଂଶ ସ୍ତରଦେଇ ଆଧୁନିକ ସ୍ତରରେ ଓଡ଼ିଆ ଭାଷା ପହଞ୍ଚି ଥିଲେ ମଧ୍ୟ ସଂସ୍କୃତ ବହୁକାଳ ପର୍ଯ୍ୟନ୍ତ ବିଦଗ୍ଧ ଗୋଷ୍ଠୀର ଭାଷା ରୂପେ ପ୍ରଚଳିତ ଥିଲା ଏବଂ ଏଥିରେ ବହୁ ପାଣ୍ଡିତ୍ୟପୂର୍ଣ୍ଣ କାବ୍ୟ, ନାଟକ, ପୁରାଣ ଓ ଦର୍ଶନଶାସ୍ତ୍ରୀ ପ୍ରଭୃତି ଲିଖିତ ହୋଇଥିଲା । ମାତ୍ର ଏପରି ଏକ ପାଣ୍ଡିତ୍ୟପୂର୍ଣ୍ଣ ଭାଷା ତତ୍କାଳୀନ ଜନସାଧାରଣଙ୍କର କଥିତ ଭାଷା ରୂପେ ବ୍ୟବହୃତ ହେଉନଥିଲା । ଏହାର ଅନ୍ୟ ଏକ ରୂପ କଥିତ ଭାଷା ରୂପେ ପ୍ରଚଳିତ ହେଉଥିଲା । ଯାହାକୁ ପ୍ରାକୃତ ଆଖ୍ୟା ଦିଆଯାଇଛି । ସେଥିପାଇଁ ଓଡ଼ିଆ କବି ଜଗନ୍ନାଥ ଦାସ ତାଙ୍କ ଭାଗବତରେ ଲେଖିଛନ୍ତି:

"ପ୍ରାକୃତ ବନ୍ଧେ ଭାଗବତ । କହିଲା ଦାସ ଜଗନ୍ନାଥ" । ତେଣୁ ସ୍ଥୂଳ ଭାବରେ କହିବାକୁ ଗଲେ ଓଡ଼ିଆ ଭାଷାର ଉତ୍ସ ହେଉଛି ପ୍ରାକୃତ ଭାଷା । ପୂର୍ବରୁ କୁହାଯାଇଛି କାଳକ୍ରମେ ପ୍ରାକୃତ ଭାଷାରୁ ଅନେକ ଅପଭ୍ରଂଶ ଭାଷାର ସୃଷ୍ଟି ହୋଇଛି । ଏହାକୁ ବିଭାଷା ମଧ୍ୟ କୁହାଯାଏ । ଦକ୍ଷିଣ-ପୂର୍ବୀ ମାଗଧୀ ଅପଭ୍ରଂଶର ଅନ୍ୟନାମ ଔଡ୍ରୀ ଅପଭ୍ରଂଶ । ଏହାକୁ ଭରତମୁନି ତାଙ୍କ ନାଟ୍ୟଶାସ୍ତ୍ରରେ ଔଡ୍ରୀ ବିଭାଷା ବୋଲି ଉଲ୍ଲେଖ କରିଛନ୍ତି । ଅନୁମାନ କରାଯାଏ, ପୂର୍ବୀ ମାଗଧୀ ପ୍ରାକୃତ ସହିତ ଅଷ୍ଟ୍ରିକ୍ ଦ୍ରାବିଡ଼ ଭାଷାର ମିଶ୍ରଣ ଫଳରେ ଔଡ୍ରୀ ବିଭାଷାର ସୃଷ୍ଟି ହୋଇଥିଲା ।

ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀ ବେଳକୁ ଏହାକୁ ଔଡ୍ରୀ ଅପଭ୍ରଂଶ ବୋଲି କୁହାଯାଉଥିଲା । ଏହି ଔଡ୍ରୀ ଅପଭ୍ରଂଶ ପୂର୍ବୀ ମାଗଧୀ ଅପଭ୍ରଂଶର ଏକ ଶାଖା ଏବଂ ଏହି ଶାଖାର କ୍ରମବିକଶିତ ରୂପ ହେଉଛି ଓଡ଼ିଆ ଭାଷା । ତେଣୁ ସପ୍ତମ ଶତାବ୍ଦୀ ବେଳକୁ ଓଡ଼ିଆ ଭାଷା ଏକ ସ୍ୱତନ୍ତ୍ର ରୂପ ଲାଭ କରିଥିଲେ ମଧ୍ୟ ଏହା ଅନୁନ୍ନତ ଅବସ୍ଥାରେ ଥିଲା ।

ପ୍ରାଚୀନ ଓଡ଼ିଆ ଭାଷାର କେତେକ ନିଦର୍ଶନ ଷଷ୍ଠ ଶତାବ୍ଦୀରୁ ଆରମ୍ଭ କରି ପଞ୍ଚଦଶ ଶତାବ୍ଦୀ ପର୍ଯ୍ୟନ୍ତ ବିଭିନ୍ନ ଅଭିଲେଖ ଓ ଗଦ୍ୟ ପଦ୍ୟ ରଚନାରେ ଦେଖିବାକୁ ମିଳେ । ଧର୍ମରାଜ ସୁମଣ୍ଡଳଙ୍କ ଅଭିଲେଖ (ଖ୍ରୀ: ୫୬୯), ମାଧବ ବର୍ମାଙ୍କ ନିବିନା ତାମ୍ରଶାସନ (ଖ୍ରୀ: ୬୧୯) ଓ ଗଣ୍ଡିବେଢ଼ ବୌଦ୍ଧମୂର୍ତ୍ତିରେ ଖୋଦିତ ଅଭିଲେଖ ପ୍ରଭୃତିରୁ ଓଡ଼ିଆ ଭାଷାର ପ୍ରାଚୀନ ନିଦର୍ଶନ ମିଳିଥାଏ । ମାଧବ ବର୍ମାଙ୍କ ତାମ୍ରଶାସନରେ ବ୍ୟବହୃତ 'କୁମ୍ଭାର' (ସଂସ୍କୃତ-କୁମ୍ଭକାର), ଅନନ୍ତଦେବ ବର୍ମାଙ୍କ ତାମ୍ରଶାସନରେ ବ୍ୟବହୃତ 'ଭିତରୁ' (ସଂସ୍କୃତ - ଅଭ୍ୟନ୍ତର), ପନ୍ଦର (ସଂସ୍କୃତ-ପଞ୍ଚଦଶ) ଶବ୍ଦଗୁଡ଼ିକ ଓଡ଼ିଆ ଅପଭ୍ରଂଶ ଯୁଗର ଅନ୍ୟ ଏକ ପ୍ରସିଦ୍ଧ ଗ୍ରନ୍ଥ ବୌଦ୍ଧଗାନ ଓ ଦୋହାରେ ପ୍ରାଚୀନ ଓଡ଼ିଆ ଭାଷାର ନିଦର୍ଶନ ଜଣାଯାଏ । ଏହି ସମୟରେ ଏଠାରେ ତାନ୍ତ୍ରିକ ବୌଦ୍ଧଧର୍ମ (ବଜ୍ରଯାନ ଓ ସହଜଯାନ) ପ୍ରଚଳିତ ଥିଲା ଓଡ଼ିଶାରୁ ବହୁ ତାନ୍ତ୍ରିକ ସିଦ୍ଧାଚାର୍ଯ୍ୟ ବାହାରକୁ ଯାଇ ତାନ୍ତ୍ରିକ ବୌଦ୍ଧଧର୍ମ ପ୍ରଚାର କରିଥିବାର ପ୍ରମାଣ ମିଳେ । ସେମାନଙ୍କର ରଚିତ କବିତାଗୁଡ଼ିକୁ 'ଦୋହା' କୁହାଯାଉଥିଲା ଏବଂ ଏଗୁଡ଼ିକ ସେ କାଳର ଓଡ଼ିଆ ଭାଷାରେ ରଚିତ ହୋଇଥିଲା । ଇତିହାସ, ଭାଷାତତ୍ତ୍ୱ ଓ ଧର୍ମ ଦୃଷ୍ଟିକୋଣରୁ ବିଚାର କରି ସ୍ଥିର କରାଯାଇଛି ଯେ ଏହି ସିଦ୍ଧାଚାର୍ଯ୍ୟମାନଙ୍କ ମଧ୍ୟରୁ କାହ୍ନୁପାଦ, ଲୁଇପାଦ ଓ ଶବରୀପାଦ ପ୍ରଭୃତି କବିଗଣ ଓଡ଼ିଶାର ଏବଂ ସେମାନଙ୍କର ଭାଷା ଓଡ଼ିଆ । ଉଦାହରଣସ୍ୱରୂପ ଏକ କବିତାର କିଛି ଅଂଶ ଉଦ୍ଧାର କରାଯାଇପାରେ–

"ନଅର ବାହିରିରେ ଡ଼ୋମ୍ବୀ ତୋହରି କୁଡ଼ିଆ
ଛୋଇ ଛୋଇ ଯାହି ସୋ ବାମ୍ହଣ ନାଡ଼ିଆ
ଆଲୋ ଡ଼ୋମ୍ବୀ ତୋଏ ସମ କରିବୋ ମୋ ସାଙ୍ଗ
ନିଘନ କାହ୍ନ କାପାଳି ଜୋଇ ଲାଙ୍ଗ
ଏକ୍‌ସୋ ପଦୁମା ଚୌଷଠୀ ପାଖୁଡ଼ା
ତହିଁ ଚଢ଼ି ନାଚଅ ଡ଼ୋମ୍ବୀ ବାପୁଡ଼ି ।
ହାଲୋ ଡ଼ୋମ୍ବୀ ତୋତେ ପୁଛିମି ସଦଭାବେ
ଆଇସସି ଜାସି ଡ଼ୋମ୍ବୀ କାହାରି ନାବେ ।"

ଏଥିରେ ପ୍ରଥମ ପୁରୁଷ 'ମୋ', ଦ୍ୱିତୀୟ ପୁରୁଷ 'ତୋଏ', 'ତୋହରି', 'ତୋତେ', ତୃତୀୟ ପୁରୁଷା 'ସୋ' ସମ୍ବନ୍ଧସୂଚକ 'ଆଲୋ'ରେ କ୍ରିୟାପଦ ପୁଛିମି, ନାଚଅ, ଯାହି, ସଂଖ୍ୟାବାଚକ ଏକ, ସୋ, ଚୌଷଠି ପ୍ରଭୃତି ଓଡ଼ିଆ ଶବ୍ଦର ବିପୁଳ ବ୍ୟବହାର ପରିଲକ୍ଷିତ; ମାତ୍ର ଓଡ଼ିଆ ଭାଷାର ଅଧିକ ବିକଶିତ ରୂପ (୧୩ଶ-୧୪ଶ ଶତାବ୍ଦୀ) ଶିଶୁ ବେଦରେ ଦେଖିବାକୁ ମିଳେ । ଉଦାହରଣ:

"ଯେକ ନୁହଇଁ ଦୁଇ ଅଲଗ ବିଲଗ
ନିରହୁଁ ନିରନ୍ତର ସେହୁ ଅଲଗ
ସିସୁମୁନା ମଧେଂ ସେ ଜୋତି ପ୍ରକାଶ
ବଦନ୍ତି ନାଥ ଏଟି ସିଦ୍ଧଙ୍କର ବିଶୁଆସ ।"

ଏଥିରେ ପ୍ରାଚୀନ ଶବ୍ଦ ଅଲଗ, ବିଲଗ, ବଦନ୍ତି (କହନ୍ତି) ବିଶୁଆସ (ବିଶ୍ୱାସ) ପ୍ରଭୃତିର ବ୍ୟବହାର ସହିତ ଶରୀର ସମ୍ପର୍କୀୟ ତତ୍ତ୍ୱବର୍ଣ୍ଣନା ସ୍ଥାନ ପାଇଛି ।

ପଞ୍ଚଦଶ ଶତାବ୍ଦୀରେ ଓଡ଼ିଆ ଜାତୀୟ ଜୀବନରେ ଏକ ନବଯୁଗର ଅଭ୍ୟୁଦୟ ହୋଇଥିଲା । ଗଜପତି ସମ୍ରାଟ କପିଳେନ୍ଦ୍ର ଦେବଙ୍କ ରାଜତ୍ୱରେ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ସାଧିତ ହେବା ସଙ୍ଗେ ସଙ୍ଗେ ଓଡ଼ିଆ ଭାଷାର ମଧ୍ୟ ମୌଳିକ ସ୍ୱରୂପ ପ୍ରକାଶ ଲାଭ କରିଥିଲା । ଓଡ଼ିଆ ଭାଷା ଏକ ସର୍ବଜନ-ବୋଧ ଭାଷା ଭାବରେ ମଧ୍ୟ ପ୍ରତିଷ୍ଠା ଅର୍ଜନ କରିସାରିଥିଲା । ଭାଷାର ଏକ ସ୍ୱୟଂସମ୍ପୂର୍ଣ୍ଣ ରୂପ ଅବଲମ୍ବନରେ ସାହିତ୍ୟ ସୃଷ୍ଟି ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହୋଇଥିଲା । ସେଥିପାଇଁ ଏ ଯୁଗର ଶ୍ରେଷ୍ଠ କବି ସାରଳା ଦାସ ବିରାଟ ବିରାଟ 'ମହାଭାରତ', ଚଣ୍ଡୀପୁରାଣ ଓ ବିଲଙ୍କା ରାମାୟଣ ଭଳି ବିରାଟ ଗ୍ରନ୍ଥ ରଚନା କରିଥିଲେ । ଏସବୁ ଗ୍ରନ୍ଥରେ ସେ ତତ୍କାଳରେ ପ୍ରଚଳିତ ଯେଉଁ ବିପୁଳ ଶବ୍ଦ ସମ୍ଭାର ବ୍ୟବହାର କରିଥିଲେ ତାହା ଖାଣ୍ଟି ଓଡ଼ିଆ ଭାଷାର ରୂପ ଉଦ୍‌ଘାଟନ କରିଥାଏ । ଏହି ସମୟରେ ଓଡ଼ିଶାର ପୁରପଲ୍ଲୀରେ ଯେଉଁ କଥିତ ଭାଷା ପ୍ରଚଳିତ ଥିଲା, ତାହା ହିଁ ହେଉଛି ସାରଳା ଦାସଙ୍କ ପୁରାଣର ଭାଷା । ସାରଳା ଦାସଙ୍କ ସାହିତ୍ୟର ଭାଷା ବିଚିତ୍ର ବର୍ଣ୍ଣାଳୀରେ ବିଭୂଷିତ । ସହଜ ସରଳ ଗ୍ରାମ୍ୟ ଭାଷାର ବିପୁଳ ଶବ୍ଦ ରାଜିରେ ତାଙ୍କ ସାହିତ୍ୟ ଋଦ୍ଧିମନ୍ତ । ଲୌକିକ ବା କଥିତ ଭାଷାରେ ଏପରି ବିରାଟ ଗ୍ରନ୍ଥ ରଚନା ଭାରତର ତତ୍କାଳୀନ ଅନ୍ୟାନ୍ୟ ସାହିତ୍ୟରେ ବିରଳ କହିଲେ ଅତ୍ୟୁକ୍ତି ହେବନାହିଁ । ଉଦାହରଣସ୍ୱରୂପ ମହାଭାରତ କେତେକ ପଦ ଉଦ୍ଧାର କରାଯାଇପାରେ -

"ଅଗସ୍ତି ବୋଇଲେ ଶୁଣ ବଇବସୁତ ମନୁ
ଜାରା ନାମେ କିରାତବର ଅଜପତିର ତନୁ
ଗଣ୍ଡା ଦୁଇ ଗୋଟା ଘେନିଲା ଅତି ଯତ୍ନେ
ବାରୁଣୀ ବନ୍ତ କଇ ଆସଇ ତୋଷ ମନେ
ମଥା ଯେଣ ମଜୁର ଝାଲି କଣ୍ଠେଣ ଗୁଞ୍ଜିମାଳି
ଧାମଣା କାଠର ଧନୁ କଣ୍ଡା ବାୟେଂଶର ଗୁଣ
ଡାଳି ଆଭରଣ ଫିରିକ ନାରଜ ଦୁଇ କ୍ରୋଣ" ।

(ଆଦିପର୍ବ)

ଏଥିରେ କ୍ରିୟା, କର୍ତ୍ତା, କର୍ମ, ଛନ୍ଦ, ରାଗ, ଅଳଙ୍କାର, ଶବ୍ଦର ଯତିପାତ ଓ ବର୍ଣ୍ଣନାର ସୁସମାବେଶ ପରିଲକ୍ଷିତ ହୁଏ । ଓଡ଼ିଆ ଶବ୍ଦର ପ୍ରାଚୀନ ରୂପ 'କଇ' 'ମଥାଯେଣ', ନାରାଜ, ଫିରିକି, କଣ୍ଡାବାୟେଂଶ ପ୍ରଭୃତିର ବ୍ୟବହାର ଦେଖିବାକୁ ମିଳେ । ଶବ୍ଦରାଜିର ଯଥାର୍ଥ ସଂଯୋଜନାରେ ବାକ୍ୟର ଗଠନ ଭଙ୍ଗୀ ଅତି ଚମତ୍କାର ହୋଇଛି ।

ପ୍ରାଚୀନ ଓଡ଼ିଆ ପଦ୍ୟ ପରି ପ୍ରାଚୀନ ଓଡ଼ିଆ ଗଦ୍ୟରେ ମଧ୍ୟ ଓଡ଼ିଆ ଭାଷାର ମହତ୍ତ୍ୱ ଫୁଟି ଉଠିଛି । 'ମାଦଳା ପାଞ୍ଜି'ରେ ଉଲ୍ଲିଖିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ମନ୍ଦିର ଓ ସେବାପୂଜାର ବିଭିନ୍ନ ବିବରଣୀରୁ ପ୍ରାଚୀନ ଓଡ଼ିଆ ଗଦ୍ୟଭାଷାର ପରିଚୟ ମିଳିଥାଏ ।

ଉଦାହରଣ:- "ଏଠାରୁ କେଶରୀ ପାଟରାଜା ହୋଇଲେ । ପ୍ରଥମ ପାଟ ଯଯାତି କେଶରୀ ହୋଇଲେ । ଏ ରାଜା ବଡ଼ ସୁରବନ୍ତ ମହାଦାନୀ । ଏ ମହାରାଜାଙ୍କ ଅ୧୧ଙ୍କେ ସନ୍ନ୍ୟାସୀ ବ୍ରହ୍ମଚାରୀ ବ୍ରାହ୍ମଣମାନଙ୍କୁ ପଚାରିଲେ । ଓଡ଼ିଶା ରାଜାର ପ୍ରଭୁଯେ ଶ୍ରୀ ଜଗନ୍ନାଥ ମହାପ୍ରଭୁ ସେ କାହିଁଛନ୍ତି । ସେମାନେ କହିଲେ ମୁଗଲ ଗୋଳ ହୋଇଲାକୁ ସୋମୋଦ୍ର ମାଡ଼ି ଅଇଲାକୁ ଅପାର ଦିନ ହୋଇଲା । ଶ୍ରୀ ପର୍ମେଶ୍ୱରଙ୍କୁ ପାତାଳୀ କରି ସୁନୁପୁର ଆଡ଼େ କେଉଁଠାରେ ବିଜେ କରାଇଲେ ଗଁ୍ୟାତବ ନାହିଁ" । (ମାଦଳାପାଞ୍ଜି, ଯଯାତି କେଶରୀ) ।

ଏଥିରେ ଭାଷାର ସ୍ୱାଭାବିକ କଥିତ ରୂପ ଅତ୍ୟନ୍ତ ସୁସ୍ପଷ୍ଟ । ଏହା ବାହ୍ୟତଃ ଗଦ୍ୟ ହେଲେ ହେଁ କ୍ରିୟା ପଦର ବ୍ୟବହାର ଓ ଶବ୍ଦର ଯତିପାତ ହେତୁ ପଦ୍ୟରୂପ ପ୍ରକାଶ କରିଥାଏ । ଏଥିରେ ସମାପିକା ଓ ଅସମାପିକା କ୍ରିୟା ଉଭୟର ବ୍ୟବହାର କରାଯାଇ ବାକ୍ୟଗୁଡ଼ିକୁ ଛୋଟ ଛୋଟ ଭଙ୍ଗୀରେ ପ୍ରକାଶ କରିବାର ଉପାୟ ଅବଲମ୍ବନ କରାଯାଇଛି ।

ଷୋଡ଼ଶ ଓ ସପ୍ତଦଶ ଶତାବ୍ଦୀ ବେଳକୁ ଓଡ଼ିଆ ଭାଷା ବିଶେଷ ସମୃଦ୍ଧି ଲାଭ କରିଥିବାର ଦୃଷ୍ଟି ଗୋଚର ହୁଏ । ଏ ଯୁଗରେ ବିଭିନ୍ନ ପୁରାଣ, କାବ୍ୟ, କବିତା, ଚଉତିଶା ଓ ଚୌପଦୀ ପ୍ରଭୃତିର କବିମାନେ ସଂସ୍କୃତ କବିମାନଙ୍କ ସମକକ୍ଷ ହେବା ପାଇଁ ଉଦ୍ୟମ କରି ମାତୃଭାଷାର ଚରମ ଉନ୍ନତି ସାଧନ କରିଥିଲେ । ଓଡ଼ିଆ ଭାଷାରେ ତତ୍ସମ, ତଦ୍ଭବ ଓ ଦେଶଜ ଶବ୍ଦର ବହୁଳ ବ୍ୟବହାର କରି ଭାଷାର ମହିମା ପ୍ରକଟନ କରାଇଥିଲେ । ଭକ୍ତ କବି ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଦୀନକୃଷ୍ଣ, ଉପେନ୍ଦ୍ର ଭଞ୍ଜ ଓ ଅଭିମନ୍ୟୁ ସାମନ୍ତ ସିଂହାର ପ୍ରଭୃତି ଓଡ଼ିଆ କବିମାନେ ବିପୁଳ ସଂଖ୍ୟାରେ କାବ୍ୟ ପୁରାଣ ଆଦି ରଚନା କରି ଓଡ଼ିଆ ଭାଷାକୁ ସମୃଦ୍ଧ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ଶବ୍ଦର ନିର୍ମାଣ ନୈପୁଣ୍ୟରେ ଏମାନେ ପାଠକ ପ୍ରାଣରେ ଅପୂର୍ବ ଭାବଧାରା ପ୍ରବାହିତ କରାଇଛନ୍ତି । ସହଜ ସରଳ ଶବ୍ଦାବଳୀରେ କିପରି ଆଧ୍ୟାତ୍ମିକ ଚିନ୍ତାଧାରା ପରିପ୍ରକାଶ ଲାଭ କରେ, ଏଠାରେ ତାର ଏକ ଉଦାହରଣ ଦିଆଯାଇପାରେ ।

"ଯେସନେ କୀଟ ଊର୍ଣ୍ଣନାଭି । ନିଜ ବଦନୁ ସୂତ୍ର ସ୍ରବି ।
ଜାଲ ନିର୍ମାଇ ରାତ୍ର ମୁଖେ । ମଧ୍ୟେ ବିହରେ ନାନା ସୁଖେ ।
ଏକାନ୍ତେ ରାତ୍ରେ କ୍ରୀଡ଼ା କରେ । ସୂର୍ଯ୍ୟ ଉଦୟେ ତା ସଂହରେ ।
ଏ ରୂପେ ସୃଷ୍ଟିଲୀଳା କରି । ସଂସାରେ ଖେଳେ ନରହରି" ।

(ଭାଗବତ)

ସେହିପରି ଅନ୍ୟ ଏକ କାବ୍ୟରେ ଋତୁ ବର୍ଣ୍ଣନାରେ ପ୍ରତିଧ୍ୱନି-ଉତ୍ପାଦକ ଶବ୍ଦ (Echo Words) ସମୂହକୁ ନେଇ କିପରି ଶ୍ରୁତି-ମଧୁର କବିତା ରଚନା କରାଯାଇ ପାରେ ଲକ୍ଷ୍ୟ କରିବାର କଥା । ପ୍ରଚଣ୍ଡ ବର୍ଷାର ଭୟଙ୍କର ପରିବେଶକୁ ଅବଲୋକନ କରି କବି 'ଘ', ଡ, ଝ, ବର୍ଣ୍ଣଗୁଡ଼ିକର ଅଧିକ ବ୍ୟବହାର କରିଛନ୍ତି ।

ଉଦାହରଣ –

"ଘଡ଼ଘଡ଼ି ଉପରେ ପଡ଼ଇ ଚଡ଼ଚଡ଼ି
ବିଜୁଳି ଝମକେ ଗୋ ଚମକି ଉଠେ ହିଆ
କେସନେ ବଞ୍ଚିବ ମୋର କୋଳେ ନାହିଁ ନାହା" ।

(ରହସ୍ୟ ମଞ୍ଜରୀ-ଦେବଦୁର୍ଲଭ ଦାସ)

### ୧.୨.୧ ମୂଳପାଠର ପ୍ରଥମ ଭାଗ ପ୍ରଶ୍ନାବଳୀ

୧. ଭାରତୀୟ ଆର୍ଯ୍ୟଭାଷା ପରିବାର କେଉଁ କେଉଁ ସ୍ତର ଦେଇ ଆସିଅଛି ?

୨. ପ୍ରାକୃତ ଭାଷା ଭୌଗୋଳିକ ଭେଦ ଅନୁଯାୟୀ କେତେ ଭାଗରେ ବିଭକ୍ତ ? ସେଗୁଡ଼ିକର ନାମୋଲ୍ଲେଖ କରନ୍ତୁ ।

୩. କେଉଁ କେଉଁ ଚର୍ଯ୍ୟାଗୀତିକାରମାନଙ୍କ ରଚନାରେ ଓଡ଼ିଆ ଭାଷାର ପ୍ରାଚୀନ ଲକ୍ଷଣ ପରିଦୃଷ୍ଟ ହୁଏ ?

୪. ସାରଳା ଦାସ କେଉଁ କେଉଁ ଗ୍ରନ୍ଥ ରଚନା କରିଥିଲେ ?

### ୧.୨.୨ ମୂଳପାଠର ପ୍ରଥମ ଭାଗ ବ୍ୟାକରଣ ପ୍ରଶ୍ନାବଳୀ

୧. ବିପରୀତାର୍ଥବୋଧକ ଶବ୍ଦ ଗଠନ କରନ୍ତୁ
(କ) ଜାତୀୟ (ଖ) ପ୍ରାଚୀନ (ଗ) ଆର୍ଯ୍ୟ ।

୨. ବ୍ୟାସବାକ୍ୟ କରି ସମାସ ଲେଖନ୍ତୁ
(କ) ଚୌପଦୀ (ଖ) ଅଭାବ (ଗ) ଅଗାଧ ।

୩. ଅସଜଡ଼ା ବାକ୍ୟଗୁଡ଼ିକୁ ସଜାଡ଼ି ଲେଖନ୍ତୁ
(କ) ସୃଷ୍ଟି ହୋଇଛି ଓଡ଼ିଆ କେଉଁଠି ଭାଷା ।
(ଖ) ଦିଅ ପଞ୍ଚଦଶ ଶତାବ୍ଦୀର ଭାଷାର ଓଡ଼ିଆ ପରିଚୟ ।
(ଗ) ଭାବ ଶ୍ରେଷ୍ଠ ମାଧ୍ୟମ ପ୍ରକାଶର ହେଉଛି ଭାଷା ।

୪. ନିମ୍ନଲିଖିତ ଶବ୍ଦ ଗଠନରେ କି କି ପ୍ରତ୍ୟୟ ଯୋଗ କରାଯାଇଛି ଉଲ୍ଲେଖ କରନ୍ତୁ - ଭାରତୀୟ, ପ୍ରାଥମିକ, ଆସାମୀ ।

## ୧.୩ ମୂଳପାଠର ଦ୍ୱିତୀୟ ଭାଗ

ସପ୍ତଦଶ ଶତାବ୍ଦୀ ଓ ଅଷ୍ଟାଦଶ ଶତାବ୍ଦୀ ବେଳକୁ ଓଡ଼ିଆ ଭାଷା କ୍ରମେ କ୍ରମେ ଅଧିକ ପ୍ରସାର ଲାଭ କରିଥିବାର ଲକ୍ଷ୍ୟ କରାଯାଏ । ଏ ଯୁଗର କବିମାନେ ସଂସ୍କୃତ କାବ୍ୟାଦର୍ଶରେ ଅନୁପ୍ରାଣିତ ହୋଇ ଉତ୍ସମ, ତଦ୍ଭବ ଓ ଅନ୍ୟାନ୍ୟ ଶବ୍ଦର ନିପୁଣ ସଂଯୋଜନା କରି ଓଡ଼ିଆ ଭାଷାର ବିକାଶ ସାଧନ କରିଥିଲେ । ଏ ଯୁଗର କବିଶ୍ରେଷ୍ଠ ଉପେନ୍ଦ୍ରଭଞ୍ଜ ତାଙ୍କର ଅଗାଧ ପାଣ୍ଡିତ୍ୟ ଓ ଅପୂର୍ବ କଳାନୈପୁଣ୍ୟରେ ଓଡ଼ିଆ ଭାଷାର ଶବ୍ଦଭଣ୍ଡାରକୁ ସମୃଦ୍ଧ କରିଥିବାର ସ୍ପଷ୍ଟ ପ୍ରମାଣ ମିଳେ । ଓଡ଼ିଆ ଶବ୍ଦରାଜିର ଅନୁପମ ବିନ୍ୟାସରେ ତାଙ୍କର କାବ୍ୟ ସାହିତ୍ୟ ଜନସାଧାରଣଙ୍କ ବିପୁଳ ଆନନ୍ଦ ପ୍ରଦାନ କରୁଥିଲା । ଅନୁପ୍ରାସ, ଯମକ ଆଦି ଶବ୍ଦାଳଙ୍କାର ଓ ଉପମା, ରୂପକ ଆଦି ଅର୍ଥାଳଙ୍କାର ତାଙ୍କ କାବ୍ୟର ଶ୍ରୀବୃଦ୍ଧି ସାଧନ କରିଅଛି । ଉଦାହରଣ ସ୍ୱରୂପ ତାଙ୍କର ଗୋଟିଏ କାବ୍ୟରୁ କିଛି ଅଂଶ ଉଦ୍ଧାର କରାଯାଇପାରେ -

"ଦେଖରେ ନଳିନୀ ! ନଳିନୀ ନଳିନୀରେ ପୂରିତ
ଭ୍ରମନ୍ତି ଭ୍ରମରେ ଭ୍ରମରେ ଭ୍ରମରେ ଏ ଶୋଭିତ ।"

(ଲାବଣ୍ୟବତୀ)

ଉଦ୍ଧୃତ ପଦ୍ୟାବଳୀରେ 'ନ୍', 'ଲ୍', 'ମ୍', 'ଭ୍', 'ର୍' ଧ୍ୱନିର ବ୍ୟବହାର ଶ୍ରୋତାର କର୍ଣ୍ଣ ଓ ମନକୁ ମୋହିତ କରୁଛି ।

ଅନ୍ୟ ପକ୍ଷରେ ଏ ଯୁଗର ଶେଷ ପର୍ଯ୍ୟାୟର କବିମାନଙ୍କ ସହଜ, ସରଳ, ଭାବଗର୍ଭକ ଶବ୍ଦରାଜିର ସୁନ୍ଦର ସମାହାରରେ ଓଡ଼ିଆ ଭାଷା ଅଭିନବ ରୂପଶ୍ରୀରେ ମଣ୍ଡିତ ହୋଇଅଛି । କାବ୍ୟ ଗଠନର ଚମତ୍କାରିତା ପାଠକ ଓ ଶ୍ରୋତା ପ୍ରାଣରେ ବିଭିନ୍ନ ରାଗର ଅପୂର୍ବ ଆନନ୍ଦ ସୃଷ୍ଟି କରିବାରେ ସମର୍ଥ ହୋଇଥାଏ ।

"ଜଗନ୍ନାଥ ହୋ ! କିଛି ମାଗୁନାହିଁ ତୋତେ
ଧନ ମାଗୁନାହିଁ ଜନ ମାଗୁନାହିଁ ମାଗୁଛି ଶରଧା ବାଲିରୁ ହାତେ ।
ଆନ ଦରଶନ ନ ଲୋଡ଼େ ନୟନ ଏକା ତୋହ ଦେଖା ବିନା
ଶୁଣିବାକୁ ମନ ନ ଇଚ୍ଛଇ ଆନ ତୋହ ଚରିତେ କାମନା ।"

(ବନମାଳୀ)

କେବଳ ପଦ୍ୟ ସାହିତ୍ୟ ନୁହେଁ, ମାଦଳାପାଞ୍ଜିଠାରୁ ଗଦ୍ୟ ସାହିତ୍ୟରେ ମଧ୍ୟ ଓଡ଼ିଆ ଭାଷାର କ୍ରମବିକାଶ ଘଟିଅଛି । ସପ୍ତଦଶ ଶତାବ୍ଦୀ ବେଳକୁ ଓଡ଼ିଆ ଭାଷାରେ ବିଭିନ୍ନ ବିଷୟକୁ ଉପଜୀବ୍ୟ କରି ଗଦ୍ୟ ରଚିତ ହୋଇଅଛି । ଗଦ୍ୟକୁ ଭାବପ୍ରକାଶର ସ୍ୱଚ୍ଛ ଓ ସ୍ୱାଭାବିକ ମାଧ୍ୟମ ରୂପେ ଏ ଯୁଗର ସ୍ରଷ୍ଟାମାନେ ଗ୍ରହଣ କରିଛନ୍ତି । ଉଦାହରଣସ୍ୱରୂପ ଏଠାରେ ଗୋଟିଏ ପଦ୍ୟରଚନାର କିଛି ଅଂଶ ନିଆଯାଉ –

"ଆକାଶର ଯେମନ୍ତ ଅନ୍ତ ନାହିଁ । ଯେ ଜନ୍ମମରଣ ଦୁଃଖ ଅବା ସହିବି କାହିଁ । ତୋହର ପାଦ ପଦ୍ମକୁ ଆଶ୍ରେ କରି ମୁଁ ହେବି ମୁକତି । ଏହି କଥା ହିଁ ମହାପ୍ରଭୁମାନଙ୍କୁ ହୋଇବ ଯୁଗତି । ସେ ଅଭିନବ ଚଇତନ ନାମେ ରୁଦ୍ରଗଣ ସଂସ୍ରାରାର୍ଣ୍ଣବ ଦୁଃଖ କହି । ଅନେକ ସ୍ତୁତ କରି । ପଞ୍ଚାଶ ବର୍ଣ୍ଣଭେଦେ ସ୍ତୁତି କରି ଈଶ୍ୱର ଶ୍ରୀମୁଖକୁ ଧ୍ୟାୟି । ପାୟେ ପଡ଼ି ଶୋଇ ।

(ରୁଦ୍ରସୁଧାନିଧି – ଅବଧୂତ ନାରାୟଣାନନ୍ଦ ସ୍ୱାମୀ)

ପୁନଶ୍ଚ ଅଷ୍ଟାଦଶ ଶତାବ୍ଦୀରେ ରଚିତ ଗଦ୍ୟ ସାହିତ୍ୟର ଅନ୍ୟ ଏକ ଉଦାହରଣ ଦେଖନ୍ତୁ –

"ବିମ୍ବଓଷ୍ଠ ଶୁକ କହୁଅଛି ହେ ଗୋସାଇଁମାନେ ଏ ବିମ୍ବା ନ୍ୟାୟରେ କାହାକୁ ପ୍ରାପତ ହେବ, ଏହା କହିବା ହୋଉ । ଏମନ୍ତ ଶୁଣି ବ୍ରାହ୍ମଣମାନେ ଭାବନା କରି କେ ବୋଲଇ ରାଜାର ପ୍ରାପତ କେ ବୋଲଇ ବାବୁର ପ୍ରାପତ, କେ କହଇ ମହାଜନର ପ୍ରାପତ, କେ କହଇ ସାଧବର ପ୍ରାପତ, ଏ ରୂପେ ଆନ ଆନ କରି କହନ୍ତେ ନ୍ୟାୟ ନ ଛିଡ଼ିଲା । ପରସ୍ପରରେ ଦ୍ୱନ୍ଦ୍ୱ ଉପୁଜିଲା ।"

(ଚତୁର ବିନୋଦ – ବ୍ରଜନାଥ ବଡ଼ଜେନା)

ଏଥିରେ ଅସଂଖ୍ୟ ଖଣ୍ଡବାକ୍ୟ ଓ ଅସମାପିକା କ୍ରିୟାର ବ୍ୟବହାର କରାଯାଇ ଭାଷାକୁ ଅଧିକ ପ୍ରାଣବନ୍ତ କରାଯାଇଛି ।

ମାତ୍ର ଊନବିଂଶ ଶତାବ୍ଦୀ ବେଳକୁ ଓଡ଼ିଆ ଭାଷାର ରୂପ ବିଶେଷ ଭାବରେ ପରିବର୍ତ୍ତିତ ହୋଇଥିବାର ଲକ୍ଷ୍ୟ କରାଯାଏ । ଓଡ଼ିଆ ପଦ୍ୟ ଓ ଗଦ୍ୟ ଉଭୟ ବିଭାଗରେ ତତ୍ସମ, ତଦ୍ଭବ ଓ ଦେଶଜ ଶବ୍ଦ ପରି ଅନେକ ବିଦେଶୀ ଭାଷାର ଶବ୍ଦ ବ୍ୟବହୃତ ହୋଇଅଛି । ଷୋଡ଼ଶ ଶତାବ୍ଦୀରୁ ଏ ଦେଶରେ ମୋଗଲ ଶାସନର ଆରମ୍ଭ ଏବଂ ମୋଗଲ ପରେ ପରେ ମରହଟ୍ଟା ଶାସନ ଏବଂ ଶେଷରେ ଇଂରେଜ ଶାସନ ପ୍ରତିଷ୍ଠିତ ହେବା ଫଳରେ ଅନେକ ବୈଦେଶିକ ଶବ୍ଦ ସମ୍ମିଶ୍ରିତ ହୋଇଅଛି । ଏହି ବିଦେଶୀ ଭାଷାଗୁଡ଼ିକ ହେଉଛି ଯାବନିକ (ପାରସିକ, ଆରବିକ), ପର୍ତ୍ତୁଗୀଜ ଓ ଇଂରାଜୀ । ବିଦେଶୀମାନେ ଏ ଦେଶର ଶାସନଭାର ହାତକୁ ନେଲା ପରେ ପ୍ରଶାସନ, ବିଚାର, ରାଜସ୍ୱ, ଶିକ୍ଷା, ବାଣିଜ୍ୟ, ନିରାପତ୍ତା ଓ ଧର୍ମ ପ୍ରଭୃତି ବିଭିନ୍ନ ବିଭାଗରେ ନିଜ ନିଜର ଭାଷା ପ୍ରଚଳିତ କରାଇ ଓଡ଼ିଆ ଭାଷା ଉପରେ ଇଂରାଜୀ ଭାଷାର ପ୍ରାଧାନ୍ୟ ବିସ୍ତାର କରାଇଥିଲେ । ଫଳତଃ ଓଡ଼ିଆ ଭାଷା ଏକ ସମ୍ମିଶ୍ରିତ ଭାଷାରେ ପରିଣତ ହୋଇ ବିରାଟ ରୂପ ଧାରଣ କରିଥିଲା । ସେହି ଭାଷାଗୁଡ଼ିକରୁ ଆହରିତ ଶବ୍ଦମାନଙ୍କରୁ ଏଠାରେ କେତୋଟିର ନମୁନା ପ୍ରଦାନ କରାଯାଉଅଛି ।

୧. ଯାବନିକ

(କ) କେତେକ ଯାବନିକ ଶବ୍ଦ ଓଡ଼ିଆରେ ବ୍ୟବହୃତ ହେଲାପରେ ଊଣା ଅଧିକେ ଅର୍ଥ ବଦଳି ଯାଇଛି, ଯଥା–

| ଯାବନିକ | ମୂଳଅର୍ଥ | ଓଡ଼ିଆ |
|---|---|---|
| ଅରିମାନ (ଅଗମାନ) | ଇଚ୍ଛା | ରାଗ, ହିଂସା, ପ୍ରତିଶୋଧ |
| କାଇଦା (କାୟଦା) | ନିୟମ | କୌଶଳ |
| କିସିମତ (କିସ୍ମତ) | ଭାଗ୍ୟ | ଭାଗ |
| ଖାନା | ଘର | ଖାଦ୍ୟ |
| ତକରାର | ଓଲଟପାଲଟ | କଳି |

(ଖ) କେତେକ ଆରବିକ ଶବ୍ଦ ଓଡ଼ିଆରେ ଅବିକୃତ ରୂପରେ ପ୍ରଚଳିତ ଯଥା– ଅଦାଲତ, ଅମାନତ, ଅଫିମ, ଇନ୍‌କିଲାବ, କଦମ, ଖରାପ, ଖାସି, ଖୁସାମତି, ବିଲୁକୁଲ, ମୌସୁମୀ, ସାହେବ, ସ୍ୟାହି ।

(ଗ) କେତେକ ଶବ୍ଦର ମୂଳ ପାରସିକ ଓ ଆରବୀ ଉଭୟ ଭାଷାରେ ପରିଲକ୍ଷିତ ହୁଏ । ଯଥା– ଅବକାରୀ, କାରବାର, କାମିଜ, ଖରିଫ, ଗୁମାସ୍ତା, ଚିଲମ, ନିଘା, ଦରଜୀ, ଦରଖାସ୍ତ, ତକିଆ, ଚାମଚ, ତର୍କାରି, ପୋଖତ, ପସନ୍ଦ, ପିଆଜ ।

(ଘ) ପର୍ତ୍ତୁଗୀଜ ଶବ୍ଦ – ଆଚାର, ଆତ, ଆୟା, ଆଲମାରି, ଆଲକାତରା, ଓଲନ୍ଦାଜ, କତରା, କିରାଣୀ, କଫି, କାପ୍ତାନ, ଇସ୍ତ୍ରୀ, କୋବି, ଚା, ଗାରଦ, ତମାଖୁ, ଟାଙ୍କି, ତଉଲିଆ, ବୋତାମ, ବିସ୍କୁଟ ।

୧୮୪୩ ମସିହାରେ ଓଡ଼ିଶାର କୋର୍ଟ କଚେରିରେ ଇଂରାଜୀ ଭାଷା ସରକାରୀ ଭାଷା ଭାବରେ ପ୍ରଚଳିତ ହେଲା, ଫଳରେ ଓଡ଼ିଶାରେ ଇଂରାଜୀ ଭାଷାର ପ୍ରସାର ଅତ୍ୟନ୍ତ ବ୍ୟାପକ ହେଲା । ବିଚାର ବିଭାଗ, ସାଧାରଣ ପ୍ରଶାସନ, ପୋଲିସ, ସେନା ବିଭାଗ, ଶିକ୍ଷା, ସାଂସ୍କୃତିକ ସମାରୋହ, ସ୍ୱାସ୍ଥ୍ୟ, ଡାକ, ଧର୍ମଚର୍ଚ୍ଚା, ବାଣିଜ୍ୟ ବ୍ୟବସାୟ ପରିବହନ ପ୍ରଭୃତି ବିଭିନ୍ନ କ୍ଷେତ୍ରରେ ଇଂରାଜୀ ଶବ୍ଦ ଓଡ଼ିଆ ଶବ୍ଦ ସହିତ କ୍ଷୀର ନୀର ପରି ମିଶିଗଲା ।

ଯଥା:- ଅର୍ଡ଼ର, ଅପିଲ, ଆକ୍ଟ, ଡିଗିରି, ଓ୍ୱାରେଣ୍ଟ, ଡିସ୍‌ମିସ, ବାରିଷ୍ଟର, ମାଜିଷ୍ଟ୍ରେଟ, ରିଟ୍, ଜଷ୍ଟିସ୍, ଅଡ଼ିଟର, ଚେକ୍, କ୍ୟାସିଅର, କମିଶନ, କ୍ୟାମ୍ପ, ସେଲଟ୍ୟାକ୍ସ, ଟୁର, ଟ୍ରେଜେରୀ, ବିଲ୍, ଆଇ.ପି.ଏସ୍., ଆକ୍ସିଡେଣ୍ଟ, ରାଇଫଲ, ପୋଲିସ୍, ଆରେଷ୍ଟ, ଇନ୍‌କ୍ୱାରୀ, ଇନସ୍‌ପେକ୍ଟର, କନେଷ୍ଟବଳ, କ୍ୟାପ୍‌ଟେନ୍, ଗାର୍ଡ଼, ପ୍ୟାରେଡ୍, ବାଟାଲିଅନ, ପ୍ଲାଟୁନ, ଆର୍ମି, କ୍ୟାପିଟାଲ, ଅଫିସ୍, ପ୍ରମୋଶନ, ଟ୍ରାନସ୍‌ଫର, ଡାଇରି, ମିଟିଂ, ଫାଇଲ୍, ରେକର୍ଡ, ସପ୍ଲାଇ, ପାସ୍, ଫେଲ୍, କ୍ଲାସ, ଟିଚର, ସ୍କୁଲ, କଲେଜ, ଆଇ.ଏ., ବି.ଏ., ଏମ୍.ଏ., ଇଞ୍ଜିନିୟର, ଡକ୍ଟର, ଲେକ୍‌ଚରର, ରିଡ଼ର, ପ୍ରଫେସର, ମ୍ୟାରେଜ, ଫି, ଗେଷ୍ଟ, ସୋସାଇଟି, ପିକ୍‌ନିକ୍, କ୍ଲବ, ହୋଟେଲ, ଲୋକାଲ୍, ଟାଉନ୍, ଇନ୍‌ଭିଟେସନ, ଆଡ୍ରେସ, ଇନ୍‌ଲାଣ୍ଡ, ଲେଟର, ଟିକେଟ, ଟେଲିଗ୍ରାମ, ମନିଅର୍ଡ଼ର, ପୋଷ୍ଟଅଫିସ୍, ପୋଷ୍ଟମାଷ୍ଟର, ପୋଷ୍ଟପିଅନ, ସେଭିଙ୍ଗସ୍ ବ୍ୟାଙ୍କ, ପାର୍ଶଲ, ଅପେରା, କ୍ୟାରିକେଚର, କମେଡ଼ି, ଟ୍ରାଜେଡ଼ି, ଡ୍ରାମା, ଫେସନ, ଡାଇଲଗ୍, ଲାଇବ୍ରେରୀ, ସର୍କସ, ସିନେମା, ହଲ ।

ଓଡ଼ିଆ ସାହିତ୍ୟରେ ମଧ୍ୟ ଇଂରାଜୀ ଶବ୍ଦର ବ୍ୟାପକ ବ୍ୟବହାର ଲକ୍ଷ୍ୟ କରାଯାଏ । ବ୍ୟାସକବି ଫକୀର ମୋହନ ସେନାପତିଙ୍କ ‘ଉତ୍କଳ ଭ୍ରମଣ’ କାବ୍ୟରେ ଇଂରାଜୀ ଶବ୍ଦ କିପରି ବ୍ୟବହୃତ ହୋଇଛି ଦେଖନ୍ତୁ –

(୧) “ଆସ Mr. M.S. କରେଁ Shakehand
ଉଜ୍ଜ୍ୱଳ ହୋଇଛି ତୁମ୍ଭ ଯୋଗେ Motherland ।”

(୨) “ସିଭିଲ ସରଭେଣ୍ଟ ଆଣ୍ଡ ପଲିଟି ଏଜେଣ୍ଟେ
ଜୟ ଜୟ ଜୟ ଓଡ଼ିଶାର Monument ।”

କେବଳ ଏତିକି ନୁହେଁ ଓଡ଼ିଆ ରୂପତତ୍ତ୍ୱ ଓ ବାକ୍ୟତତ୍ତ୍ୱ ଉପରେ ମଧ୍ୟ ଇଂରାଜୀ ଭାଷାର ପ୍ରଭାବ ପଡ଼ିଅଛି ।

ଉଦାହରଣ ସ୍ୱରୂପ:

(କ) ଇଂରାଜୀ ଶବ୍ଦର ଓଡ଼ିଆ ପ୍ରତ୍ୟୟ

ପ୍ଲାଷ୍ଟର + ଅ = ପଲସ୍ତରା

ଫଣ୍ଡ୍ + ଇ = ଫାଣ୍ଡି

ଟାଓ୍ୱେଲ + ଇଆ = ତଉଲିଆ

ମାଷ୍ଟର + ଏ = ମାଷ୍ଟ୍ରେ

(ଖ) କେତେକ ଇଂରାଜୀ ଶବ୍ଦର ଓଡ଼ିଆ ରୂପାନ୍ତର ।

| | |
|---|---|
| ଲର୍ଡ଼ | ଲାଟ |
| ଅର୍ଡ଼ର୍ଲି | ଅର୍ଦ୍ଦଳି |
| ସିଗ୍‌ନାଲ | ସିଙ୍ଗଲ |
| ଗାଡ଼ିଆନ | ଗାର୍ଜ୍ଜନ |
| ବ୍ରସ୍ | ବୁରୁଶ୍ |

(ଗ) ବାକ୍ୟ ଗଠନ ପ୍ରକ୍ରିୟା :

ବ୍ୟାକରଣ ଦୃଷ୍ଟିରୁ ଓଡ଼ିଆ ବାକ୍ୟ ଗଠନରେ ପ୍ରଥମେ କର୍ତ୍ତା, ଶେଷଭାଗରେ କ୍ରିୟା ଏବଂ

ମଧ୍ୟ ଭାଗରେ ବିଧେୟ ରହିବା ସାଧାରଣ ନିୟମ, ମାତ୍ର ଇଂରାଜୀ ଭାଷାର ବାକ୍ୟରେ ଯଥାକ୍ରମେ କର୍ତ୍ତା, କ୍ରିୟା, କର୍ମ ଓ କରଣ ଆଦି ଅନ୍ୟାନ୍ୟ ବିଭାଗ ରହିଥାଏ । ଇଂରାଜୀ ପ୍ରଭାବରେ ଓଡ଼ିଆ ବାକ୍ୟ ଗଠନ ରୀତିରେ କେତେକ ପରିବର୍ତ୍ତନ ଦେଖାଦେଇଛି । ଉଦାହରଣ ସ୍ୱରୂପ ଏକ ଆଧୁନିକ ଗଦ୍ୟାଂଶକୁ ନିଆଯାଇପାରେ –

"ଆସିଛି ବସନ୍ତ ବହୁ ଅପେକ୍ଷା ପରେ । ଲଣ୍ଡନର ବାହ୍ୟ ପ୍ରକୃତିରେ ଶିରୀ ସମ୍ପଦ ଝରୁଛି । ଶୀତରେ ଥୁଣ୍ଟାକାଠରେ ବି ସରସ ଶ୍ୟାମଳିମା ଫୁଟି ଉଠିଛି । ଦେଶ ସାରା ଭରିଛି ଫୁଲ । ଇନ୍ଦ୍ରଧନୁରେ ସେତେ ରଙ୍ଗ ନାହିଁ କିମ୍ବା ବିଜୁଳିରେ ସେତେ ଚହଟ ନାହିଁ, ଯାହା ଅଛି ଫୁଲରେ । କିନ୍ତୁ ଗୋଟାଏ କଥା ମନେ ରଖିବାକୁ ହେବ । ଯାହା ଦେଖୁଛ ଦୂରରୁ ଦେଖ, ପାଖକୁ ଯାଅନା" । (ଲଣ୍ଡନ ଚିଠି – ଗୋଲେକ ବିହାରୀ ଧଳ)

### ୧.୩.୧ ମୂଳପାଠର ଦ୍ୱିତୀୟ ଭାଗ ପ୍ରଶ୍ନାବଳୀ

୧. ବିଷୟ ବସ୍ତୁକୁ ଭିତ୍ତିକରି ପାଞ୍ଚୋଟି ବାକ୍ୟରେ ସଂକ୍ଷିପ୍ତ ଟିପ୍‌ପଣୀ ଦିଅନ୍ତୁ ।
   (କ) ସପ୍ତଦଶ – ଅଷ୍ଟାଦଶ ଶତାବ୍ଦୀର ଓଡ଼ିଆ ପଦ୍ୟଭାଷା ।
   (ଖ) ଚତୁର ବିନୋଦର ଓଡ଼ିଆ ଭାଷାର ସ୍ୱରୂପ ।

### ୧.୩.୨ ମୂଳପାଠର ଦ୍ୱିତୀୟ ଭାଗ ବ୍ୟାକରଣ ପ୍ରଶ୍ନାବଳୀ

୧. ସନ୍ଧିବିଚ୍ଛେଦ କରନ୍ତୁ :-
   ପ୍ରତ୍ୟେକ, ଅଭ୍ୟୁଦୟ, ସମ୍ଭାର ।
୨. ନିମ୍ନରେ ପ୍ରଦତ୍ତ ବିଶେଷଣ ପଦକୁ ବିଶେଷ୍ୟ ପଦରେ ପରିଣତ କରନ୍ତୁ ।
   ପ୍ରାଚୀନ, ଉଲ୍ଲିଖିତ, ଆଧ୍ୟାତ୍ମିକ, ନିପୁଣ ।
୩. ନିମ୍ନଲିଖିତ ବାକ୍ୟ ଗୁଡ଼ିକରେ ବ୍ୟବହୃତ ବିଭକ୍ତିମାନଙ୍କୁ ବାଛି ଚିହ୍ନାଇ ଦିଅନ୍ତୁ ।
   (କ) ସପ୍ତଦଶ ଶତାବ୍ଦୀ ବେଳକୁ ଓଡ଼ିଆ ଭାଷାରେ ବିଭିନ୍ନ ବିଷୟକୁ ଉପଜୀବ୍ୟ କରି ଗଦ୍ୟ ରଚିତ ହୋଇଅଛି ।
   (ଖ) ଷୋଡ଼ଶ ଶତାବ୍ଦୀରୁ ଏ ଦେଶରେ ମୋଗଲ ଶାସନ ଆରମ୍ଭ ହୋଇଥିଲା ।

## ୧.୪ ମୂଳପାଠର ଶେଷ ଭାଗ

ଏସବୁ ସତ୍ତ୍ୱେ ଊନବିଂଶ ଶତାବ୍ଦୀର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ଓଡ଼ିଆ ଭାଷା ପ୍ରତି ବିପଦ ଲାଗି ରହିଥିଲା । ଇଂରେଜ ରାଜତ୍ୱରେ ଆଧୁନିକ ଶିକ୍ଷାରେ ଅନଗ୍ରସର ଓଡ଼ିଆମାନଙ୍କର ଲିଖିତ ପାଠ୍ୟ ପୁସ୍ତକର ଅଭାବର ସୁଯୋଗ ନେଇ ପଡ଼ୋଶୀ ବଙ୍ଗୀୟମାନେ ଓଡ଼ିଆ ଭାଷା ଉପରେ ଆକ୍ରମଣ ଆରମ୍ଭ କରି ଦେଇଥିଲେ; ମାତ୍ର ଇଂରେଜମାନେ ଓଡ଼ିଆ ଭାଷାର ଗୁରୁତ୍ୱ ଅନୁଭବ କରି ଓଡ଼ିଶାରେ ଆଧୁନିକ ଶିକ୍ଷା ପ୍ରସାର ପାଇଁ ସ୍କୁଲ, କଲେଜ ଓ ଛାପାଖାନାର ପ୍ରତିଷ୍ଠା କରି ଓଡ଼ିଆ ଭାଷାକୁ ସମୃଦ୍ଧ କରିଥିଲେ । ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧର ଓଡ଼ିଆ ଭାଷା ବିଲୋପ ଆନ୍ଦୋଳନ ଓଡ଼ିଆ ଜାତୀୟ ଜୀବନର ଏକ ଅବିସ୍ମରଣୀୟ ଅଧ୍ୟାୟ ।

ରାଧାନାଥ ରାୟ, ଫକୀରମୋହନ ସେନାପତି, ମଧୁସୂଦନ ରାଓ, ଗଙ୍ଗାଧର ମେହେର, ନନ୍ଦକିଶୋର ବଳ, ଗୌରୀଶଙ୍କର ରାୟ, ରାମଶଙ୍କର ରାୟ, ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର ପ୍ରଭୃତି ସ୍ରଷ୍ଟାମାନେ ମାତୃଭାଷାର ଉନ୍ନତି ସାଧନ ପାଇଁ ବିଭିନ୍ନ

ପତ୍ରପତ୍ରିକା, କାବ୍ୟ କବିତା, ନାଟକ ଓ ଉପନ୍ୟାସ ରଚନାରେ ମନପ୍ରାଣ ଉତ୍ସର୍ଗ କରି ଦେଇଥିଲେ । ମାତ୍ର ଏହି ସମୟରେ ମିଶନାରୀମାନଙ୍କ ହାତରେ ଲିଖିତ ଓଡ଼ିଆ ଗଦ୍ୟ ସାହିତ୍ୟ ଏକ କିମ୍ଭୁତ କିମାକାର ରୂପ ଗ୍ରହଣ କରିଥିଲା । ସେମାନେ ଓଡ଼ିଆ ଭାଷାର ଗଠନ ଓ ପରିପାଟୀରେ ଅନଭିଜ୍ଞ ଥିବାରୁ ଗଦ୍ୟ ସାହିତ୍ୟକୁ ବିକୃତ ଭାବରେ ରଚନା କରୁଥିଲେ । ସେହି ରଚନାର କିଛିଅଂଶ ଉଦାହରଣ ସ୍ୱରୂପ ନିଆଯାଇପାରେ ।

(ରେଭେରେଣ୍ଟ ମିଲର, ଇଂରାଜୀ ପୁସ୍ତକ)

"ଅଛନ୍ତି ଏପରି ଢେର ଲୋକ ପୃଥିବୀରେ ଯେଉଁମାନେ ସେମାନେ ବିଶ୍ୱାସ କଲେ ନାହିଁ ଅଛନ୍ତି ପରମେଶ୍ୱର ଜଗତରେ" ଏହି ବାକ୍ୟଟିରେ କର୍ତ୍ତା, କ୍ରିୟା ଓ ଅନ୍ୟାନ୍ୟ ପଦମାନଙ୍କର ଯଥାର୍ଥ ସଂଯୋଜନା ହୋଇନଥିବାରୁ ବାକ୍ୟଟି ବିକୃତ ରୂପ ଧାରଣ କରିଅଛି ।

ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ ପରେ ପରେ ବିଭିନ୍ନ ପତ୍ରପତ୍ରିକା, ପାଠ୍ୟପୁସ୍ତକ ଓ କାବ୍ୟ କବିତା ମାଧ୍ୟମରେ ଓଡ଼ିଆ ଭାଷା ସମୃଦ୍ଧ ହେବା ସଙ୍ଗେ ସଙ୍ଗେ ଜାତୀୟ ଭାବ ସଞ୍ଚାରରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବାର ଲକ୍ଷ୍ୟ କରାଯାଏ । ପଦ୍ୟ ଓ ଗଦ୍ୟ ଉଭୟ ବିଭାଗରେ ଓଡ଼ିଆ ଭାଷା ଏକ ଅଭିନବ ଓ ମାର୍ଜିତ ରୂପରେ ଆତ୍ମପ୍ରକାଶ କରି ସର୍ବଭାରତୀୟ ସ୍ତରରେ ଉଚ୍ଚ ସମ୍ମାନର ଅଧିକାରୀ ହୋଇପାରିଛି । ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଗୋଟିଏ ଉକ୍ତିରୁ ଜଣାପଡ଼େ-

"ଓଡ଼ିଶା ଆମ୍ଭମାନଙ୍କର କାର୍ଯ୍ୟ କ୍ଷେତ୍ର ହେଲେ ହେଁ ଏହା ଭାରତରୁ କିମ୍ବା ବିଶାଳ ମାନବ ଜାତିରୁ ପୃଥକ ନୁହେଁ । ଉତ୍କଳବାସୀ ତଥା ଭାରତବାସୀ ବିରାଟ ମାନବ ସମାଜର ଅଂଶବିଶେଷ । ସେମାନେ ମାନବ ଜାତିର ସମସ୍ତ ପ୍ରକାର ଉପାର୍ଜନ ଅଭିବୃଦ୍ଧିର ଅଧିକାରୀ ଏବଂ ନିଜର ସମ୍ପଦ ଓ ସହଯୋଗିତା ଦ୍ୱାରା ମାନବ ସମାଜର ଉନ୍ନତି ବିଧାନ ନିମନ୍ତେ ଦାୟୀ । ତେଣୁ ଜନ୍ମଭୂମିର ଉନ୍ନତିରେ ଯଥାଶକ୍ତି ଆତ୍ମ-ବିନିଯୋଗ କରିପାରିଲେ ଆମ୍ଭେମାନେ ବିଶ୍ୱ ସେବା କଲୁ ବୋଲି ମନେକରି ଆଶ୍ୱସ୍ତ ହେବୁ । ଦେଶାନୁରାଗ ବିଶ୍ୱପ୍ରୀତିର ବିରୋଧୀ ନୁହେଁ; ବରଂ ବିଶ୍ୱପ୍ରୀତି-ବିହୀନ ପ୍ରାଣରେ ଜାତୀୟତା ଏବଂ ସ୍ୱଦେଶ ବାତ୍ସଲ୍ୟ ଅସମ୍ଭବ । ପୂର୍ବପୁରୁଷମାନଙ୍କ ପଥ ଏ କ୍ଷେତ୍ରରେ ଆମ୍ଭମାନଙ୍କର ଅନୁସରଣୀୟ" ।

ତେଣୁ ଊନବିଂଶ ଶତାବ୍ଦୀର ଶେଷ ପର୍ଯ୍ୟାୟଠାରୁ ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ଅର୍ଥାତ୍ ସ୍ୱାଧୀନତା ପ୍ରାପ୍ତି ପର୍ଯ୍ୟନ୍ତ ଓଡ଼ିଆ ଭାଷା ଗଦ୍ୟ ଓ ପଦ୍ୟ ଉଭୟ ବିଭାଗରେ ବିଭିନ୍ନ ଭାବପ୍ରକାଶର ଏକ ବଳିଷ୍ଠ ମାଧ୍ୟମ ରୂପେ ଗଢ଼ି ଉଠିଛି । ବିଶେଷତଃ ଜାତୀୟ ଉନ୍ମାଦନା ଓ ଜାତୀୟ ଚେତନା, ଶକ୍ତିଶାଳୀ ବାକ୍ୟ ବିନ୍ୟାସରେ ଫୁଟି ଉଠିଛି ।

"ବାଜି ଉଠୁବାରେ ମରଣ ବିଜୟୀ ବଂଶୀ ସେ ବୁକୁତଳେ
ଧୂର୍ଜଟୀ ଜଟା ଜୂଟ କମ୍ପାଇ ଯଉବନ କୁତୂହଳେ" ।

(ଉଠ କଙ୍କାଳ-ଗୋଦାବରୀଶ ମହାପାତ୍ର)

ସ୍ୱାଧୀନତା ପରବର୍ତ୍ତୀ କାଳରେ ଓଡ଼ିଆ ଭାଷା ବିଭିନ୍ନ ଦିଗରୁ ବଳିଷ୍ଠ ହୋଇପାରିଛି । କବିତା, ନାଟକ, ଗଳ୍ପ, ଉପନ୍ୟାସ, ପ୍ରବନ୍ଧ ଆଦିରେ ବ୍ୟବହୃତ ଓଡ଼ିଆ ଭାଷା ବିଭିନ୍ନ ଭାବ ବ୍ୟଞ୍ଜନାର ଏକ ଶକ୍ତିଶାଳୀ ମାଧ୍ୟମ ରୂପେ ପରିଣତ ହୋଇ କେବଳ ସର୍ବଭାରତୀୟ ନୁହେଁ, ବିଶ୍ୱସ୍ତରରେ ମଧ୍ୟ ଉଚ୍ଚ ସମ୍ମାନର ଅଧିକାରୀ ହୋଇପାରିଛି । ଏଥିରେ ବ୍ୟବହୃତ ଶବ୍ଦର ଅର୍ଥ ବୈଶିଷ୍ଟ୍ୟ ଏବଂ ବାକ୍ୟଗଠନର ଉତ୍କର୍ଷ ଉଲ୍ଲେଖଯୋଗ୍ୟ । ଉଦାହରଣସ୍ୱରୂପ ଗୋଟିଏ ଗଦ୍ୟାଂଶ ନିଆଯାଉ-

"ସେଠି ମଧ୍ୟ ପଣ୍ୟର ସମ୍ଭାର, ସେଠି ମଧ୍ୟ ଆସ୍ପର୍ଦ୍ଧା । ଏତେବେଳେ ଲୋକର ଭିଡ଼ରେ ଚାଲିବାର ଉପାୟ ନାହିଁ । ଶୀତଦିନର ପୂରିଲା ହାଟ ଯେମିତି ଅଜସ୍ର ପଣ୍ୟକାମୀ କ୍ରେତାମାନଙ୍କର ଦୁର୍ବଳ ଶକ୍ତିକୁ ଉପହାସ କରୁଛି । ଅର୍ଦ୍ଧ ଏକର ବ୍ୟାପୀ ଏକ ପଣ୍ୟକେନ୍ଦ୍ରରେ ଯେପରି କୌଣସି ମନ୍ତ୍ରବଳରେ ଜିନିଷ ତଉଲା ହଉଚି । ଆଉ କ୍ରେତାମାନଙ୍କର ପକେଟରୁ ପଇସା ବାହାରିଯାଇ ଦୋକାନୀର ପସରା ଭିତରେ ଲୀନ ହୋଇଯାଉଛି । ବହୁ ବିଭିନ୍ନ ଓ ବିଚିତ୍ରଲୋକମାନଙ୍କର ଏକ ବିପୁଳ ସମାଗମର ଏକମାତ୍ର ପ୍ରଶ୍ନ ମୂଲ୍ୟ କେତେ? ଦାମ କେତେ ? କେବଳ ମୂଲ୍ୟ, କେବଳ ଦାମ, କେବଳ ପଇସା, କେବଳ ଅର୍ଥ" ।

(ଧୂମକେତୁ - ଅଖିଳମୋହନ ପଟ୍ଟନାୟକ)

ଉକ୍ତ ଉଦ୍ଧୃତିରେ ଶବ୍ଦ ପ୍ରୟୋଗ ଓ ବାକ୍ୟ ରଚନା ପ୍ରଣାଳୀ ସ୍ୱତନ୍ତ୍ର ଧରଣର । ଆଧୁନିକ କଥନ ଭଙ୍ଗୀର ଏକ ଅଭିନବ ରୂପାୟଣ ଭାଷାରେ ଫୁଟି ଉଠିଛି । ଅଳ୍ପ ଶବ୍ଦ, କ୍ଷୁଦ୍ର ବାକ୍ୟ ଓ ଭାବ ବିସ୍ତୃତି ହେଉଛି ଆଜିର ଓଡ଼ିଆ ଭାଷାର ବିଶେଷତ୍ୱ । ଏସବୁ ସତ୍ତ୍ୱେ ସାମ୍ପ୍ରତିକ ଓଡ଼ିଆ ଭାଷାର ଶବ୍ଦ ସହିତ ବହୁ ବିଦେଶୀ ଶବ୍ଦ କ୍ଷୀର ନୀର ପରି ମିଶିଯାଇଛି । କେତେକ ଶବ୍ଦର ଦୃଷ୍ଟାନ୍ତ ହେଉଛି - ଟେବୁଲ, ଗ୍ଲାସ, ହିଟର, ଲାଇଟ, ବ୍ରଶ୍, ଟୁଥପେଷ୍ଟ, ପାଉଡ଼ର, ସ୍ନୋ, ପଲିସ, ସାର୍ଟ, ପ୍ୟାଣ୍ଟ, କୋର୍ଟ, ବ୍ଲେଡ଼, ୱାଚ, ସିଟ୍, ବସ, ମୋଟର, ଡ୍ରାଇଭର, କ୍ଲିନର, କଣ୍ଡକ୍ଟର, ଟିକେଟ, ଟାୟାର, ସାଇକେଲ, ପେନ୍, ପାର୍କ, ରୋଡ଼, ହୋଟେଲ, ଲଜିଂ ପ୍ରଭୃତି । କେବଳ ଏତିକି ନୁହେଁ ଓଡ଼ିଶାର ଛୋଟ ବଡ଼ ସହର ଭିତରେ ବୁଲିଲାବେଳେ କୋଠାବାଡ଼ି, ଦୋକାନବଜାର, ବସ୍ କାର୍ ଯେତିକି ନଜରକୁ ନ ଆସେ, ତହିଁରୁ ଅଧିକା ନଜରକୁ ଆସେ ଦୋକାନବଜାରରେ ଟଙ୍ଗା ହୋଇଥିବା ରଙ୍ଗବେରଙ୍ଗ ସାଇନ୍‌ବୋର୍ଡ଼ ଉପରେ । ଯେପରି 'ଫେସନ କର୍ଣ୍ଣର', 'ମ୍ୟାଚିଙ୍ଗସେଣ୍ଟର', 'ବ୍ଲୁଷ୍ଟାର', 'ଗ୍ରାଣ୍ଡ ସିନେମା', 'ମଡ଼ର୍ଣ୍ଣ ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ', 'ଷ୍ଟୁଡ଼ିଓ ଫୁଲ୍‌ମୁନ୍', ନିୟୁ ଷ୍ଟୁଡ଼େଣ୍ଟସ୍ ଷ୍ଟୋର, ବୁକ୍‌ସ ଆଣ୍ଡ ବୁକ୍‌ସ, ଦାସ ବ୍ରଦର୍ସ, କାଲକାଟା ସୁଇଟ୍‌ସ, ମେଡ଼ିସିନି ଷ୍ଟୋର, ଦିଲ୍ଲୀ କ୍ଲଥ ଷ୍ଟୋର ପ୍ରଭୃତି ।

ଭାଷା ଏକ ସାର୍ବଜନୀନ ଅର୍ଜିତ ସମ୍ପତ୍ତି । ନିଜର ଅଭ୍ୟାସ ସାଧନା ଉପରେ ଭାଷା ଶିକ୍ଷା କରାଯାଏ । ଗୋଟିଏ ଭାଷା ଅନ୍ୟଭାଷାର ସମ୍ମିଶ୍ରଣରେ ସମୃଦ୍ଧି ଲାଭ କରିଥାଏ । ଅନ୍ୟ ଭାଷାରୁ ଆହରଣ ଓ ମାତୃଭାଷାରେ ତା'ର ଯଥାର୍ଥ ଆରୋପଣରେ ହିଁ ସେହି ଭାଷାର ମହତ୍ତ୍ୱ ଫୁଟି ଉଠେ । ବହୁ ପ୍ରାଚୀନ କାଳରୁ ଅଦ୍ୟାବଧି ଓଡ଼ିଆ ଭାଷାରେ ବିଭିନ୍ନ ସମ୍ମିଶ୍ରଣ ହେଲେ ମଧ୍ୟ ସେ ସବୁ ଭାଷାକୁ ଅନ୍ତର୍ଗତ କରି ଓଡ଼ିଆ ଭାଷା ତା'ର ମୌଳିକତା ରକ୍ଷା କରିବା ସଙ୍ଗେ ସଙ୍ଗେ ମହତ୍ତ୍ୱ ମଧ୍ୟ ପ୍ରକଟିତ କରୁଅଛି ।

### ୧.୪.୧ ମୂଳପାଠର ଶେଷ ଭାଗ ପ୍ରଶ୍ନାବଳୀ

ନିମ୍ନଲିଖିତ ପ୍ରଶ୍ନମାନଙ୍କର ଉତ୍ତର ଦିଅନ୍ତୁ -

୧. ମିଶନାରୀମାନେ ଓଡ଼ିଆ ଭାଷାକୁ କିପରି ବିକୃତ ଭାବରେ ବ୍ୟବହାର କରୁଥିଲେ ଉଦାହରଣ ଦିଅନ୍ତୁ ।

୨. ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନରେ କେଉଁ କେଉଁ ଓଡ଼ିଆ ସାହିତ୍ୟିକ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

୩. ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଭାଷାର ମୁଖ୍ୟ ବୈଶିଷ୍ଟ୍ୟ କଅଣ ?

**୧.୪.୨ ମୂଳପାଠର ଶେଷ ଭାଗ ବ୍ୟାକରଣ ପ୍ରଶ୍ନାବଳୀ**

୧. ନିମ୍ନୋକ୍ତ ଶବ୍ଦଗୁଡ଼ିକର କେତୋଟି ପ୍ରତିଶବ୍ଦ ଲେଖନ୍ତୁ:-
ଉତ୍ପତ୍ତି, ପ୍ରଦତ୍ତ, ନିଦର୍ଶନ, ପ୍ରତିଷ୍ଠା

୨. ନିମ୍ନଲିଖିତ ଶବ୍ଦମାନଙ୍କୁ ଲଗାଇ ବାକ୍ୟ ଗଠନ କରନ୍ତୁ:
ଅପଭ୍ରଂଶ, ତାନ୍ତ୍ରିକ, ରାମାୟଣ, ବିପୁଳ

**୧.୪.୩ ସମ୍ପୂର୍ଣ୍ଣ ମୂଳପାଠ ପ୍ରଶ୍ନାବଳୀ**

୧. କେଉଁ କେଉଁ ପ୍ରସଙ୍ଗରେ ନିମ୍ନୋକ୍ତ ଶବ୍ଦଗୁଡ଼ିକ ବ୍ୟବହୃତ ହୋଇଅଛି ?
(କ) ମାଧବ ବର୍ମା, (ଖ) କାହ୍ନୁପାଦ, (ଗ) ମାଦଳାପାଞ୍ଜି

୨. ଶୂନ୍ୟସ୍ଥାନ ପୂରଣ କରନ୍ତୁ -

(କ) ସାଧାରଣତଃ ଭାଷାର ଓ ରୂପ ଦେଖିବାକୁ ମିଳେ ।

(ଖ) ପ୍ରାକୃତ ଭାଷା ଅବସ୍ଥିତି ଅନୁସାରେ ପ୍ରଧାନତଃ ୫ ଭାଗରେ ବିଭକ୍ତ ।

(ଗ) ଗଣ୍ଡିବେଢ଼ ବୌଦ୍ଧମୂର୍ତ୍ତିରେ ଖୋଦିତ ପ୍ରଭୃତିରୁ ଓଡ଼ିଆ ଭାଷାର ପ୍ରାଚୀନ ନିଦର୍ଶନ ମିଳେ ।

**୧.୪.୪ ସମ୍ପୂର୍ଣ୍ଣ ମୂଳପାଠ ବ୍ୟାକରଣ ପ୍ରଶ୍ନାବଳୀ**

୧. ନିମ୍ନଲିଖିତ ଶବ୍ଦରେ ବ୍ୟବହୃତ ପ୍ରତ୍ୟୟଗୁଡ଼ିକୁ ଚିହ୍ନାଇ ଦିଅନ୍ତୁ ।
ଭାବ, ବକ୍ତା, ସୃଷ୍ଟି, ଭାଷଣ, ସ୍ପଷ୍ଟ

୨. ବ୍ୟାସ ବାକ୍ୟ ସହ କାରକ ଚିହ୍ନାଇ ଦିଅନ୍ତୁ -
(କ) କବିଶ୍ରେଷ୍ଠ
(ଖ) ଅନୁନ୍ନତ
(ଗ) ସିଦ୍ଧାଚାର୍ଯ୍ୟ
(ଘ) ଖ୍ରୀଷ୍ଟଧର୍ମ

## ୧.୫ ସାରାଂଶ

ଭାରତୀୟ ଆର୍ଯ୍ୟଭାଷା କାଳକ୍ରମେ ଆଞ୍ଚଳିକ ଭେଦରେ ବିଭିନ୍ନ ସମ୍ପ୍ରଦାୟରେ ବିଭକ୍ତ ହେବା ପୂର୍ବରୁ ଏହା ତିନୋଟି ସ୍ତର ଦେଇ ଗତିକରି ଆସିଛି । ୧. ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷା, ୨. ମଧ୍ୟ-ଭାରତୀୟ ଆର୍ଯ୍ୟଭାଷା, ୩. ଆଧୁନିକ ଭାରତୀୟ ଆର୍ଯ୍ୟଭାଷା । ମଧ୍ୟ-ଭାରତୀୟ ଆର୍ଯ୍ୟଭାଷା କାଳକ୍ରମେ ପାଲି, ପ୍ରାକୃତ ଓ ଅପଭ୍ରଂଶ ରୂପେ ବିଭକ୍ତ ହୋଇ ସ୍ଥାନ ଅନୁସାରେ ନାମିତ ହୋଇଛି । ପୂର୍ବୀମାଗଧୀ ଅପଭ୍ରଂଶରୁ ଓଡ଼ିଆ ଭାଷାର ସୃଷ୍ଟି ହୋଇ କାଳକ୍ରମେ ବିକାଶଲାଭ କରିଛି । ଖ୍ରୀଷ୍ଟୀୟ ଷଷ୍ଠ ଓ ସପ୍ତମ ଶତାବ୍ଦୀ ବେଳକୁ ଓଡ଼ିଆ ଭାଷାର ଲିଖିତ ରୂପର ନିର୍ଦ୍ଦେଶନ ବୌଦ୍ଧଗାନ ଓ ଦୋହାରୁ ମିଳିଅଛି । ଦଶମ ଶତାବ୍ଦୀବେଳକୁ ଓଡ଼ିଆ ଭାଷାର କେତେକ ଗଦ୍ୟଧର୍ମୀ ରଚନା, ବିଭିନ୍ନ ଶିଳାଲେଖ ଓ ତାମ୍ରଶାସନରେ ପରିଲକ୍ଷିତ । ପଞ୍ଚଦଶ ଓ ଷୋଡ଼ଶ ଶତାବ୍ଦୀ ବେଳକୁ ବିଭିନ୍ନ ପୁରାଣମାନଙ୍କର ଓଡ଼ିଆ ଭାଷାର ମାର୍ଜିତ ରୂପରେ ବହୁଳ ବ୍ୟବହାର ଦେଖିବାକୁ ମିଳେ । ପରବର୍ତ୍ତୀକାଳରେ ଅର୍ଥାତ୍ ବିଂଶ ଶତାବ୍ଦୀ

ପର୍ଯ୍ୟନ୍ତ ଏ ଭାଷାରେ ଗଦ୍ୟ ପଦ୍ୟ ଉଭୟରେ ବିଭିନ୍ନ ବୈଦେଶିକ ଶବ୍ଦର ସମ୍ମିଶ୍ରଣ ପରିଲକ୍ଷିତ ହୁଏ । କାରଣ ଏହି ସମୟ ମଧ୍ୟରେ ଓଡ଼ିଶା ବିଭିନ୍ନ ବିଦେଶୀ ଶାସନରେ ଶାସିତ ହେବାରୁ ବିଭିନ୍ନ କ୍ଷେତ୍ରରେ ସେହି ସେହି ଭାଷାମାନଙ୍କର ପ୍ରଭାବ ଓଡ଼ିଆ ଭାଷାରେ ପଡ଼ିବା ଅତ୍ୟନ୍ତ ସ୍ୱାଭାବିକ । ତେଣୁ ଷୋଡ଼ଶ ଶତାବ୍ଦୀରୁ ଆରମ୍ଭ କରି ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଆ ଭାଷାରେ ଦ୍ରାବିଡ଼ ଆଦିବାସୀ, ପାର୍ଶୀ, ଆରବୀ, ଉର୍ଦ୍ଦୁ, ପର୍ତ୍ତୁଗୀଜ ଓ ଇଂରାଜୀ ଭାଷାର ବହୁ ଶବ୍ଦ ମିଶି ଯାଇଛି । ଫଳରେ ବିଭିନ୍ନ ଭାଷାର ସମ୍ମିଶ୍ରଣ ହେତୁ ଓଡ଼ିଆ ଭାଷାର ଆଙ୍ଗିକ ଓ ଆତ୍ମିକ ପରିପୃଷ୍ଟି ସାଧିତ ହୋଇଅଛି । ବିଂଶ ଶତାବ୍ଦୀ ବେଳକୁ ତତ୍ସମ, ତଦ୍ଭବ, ଦେଶଜ ଓ ବୈଦେଶିକ ଶବ୍ଦ ସମ୍ଭାରରେ ଓଡ଼ିଆ ଭାଷା ଏକ ଉନ୍ନତ ଭାଷା ରୂପେ ଆନ୍ତର୍ଜାତିକ ସ୍ତରରେ ସମ୍ମାନ ଲାଭ କରିପାରିଛି ।

## ୧.୬ ଶବ୍ଦାର୍ଥ

ସମ୍ପ୍ରଦାୟ - ଗୋଷ୍ଠୀ, ସମାଜ
ବୈଦିକ - ବେଦ ସମ୍ପର୍କୀୟ
ପାଲି - ସଂସ୍କୃତ ଭାଷାରୁ ସୃଷ୍ଟ ଏକ ଭାଷା
ପ୍ରାକୃତ - ସଂସ୍କୃତ ଭାଷାରୁ ସୃଷ୍ଟ ଏକ ଭାଷା
ଅପଭ୍ରଂଶ - ପ୍ରାକୃତରୁ ସୃଷ୍ଟ ଏକ ଭାଷା
ଭାଷାତତ୍ତ୍ୱବିତ - ଭାଷା ବିଷୟରେ ପଣ୍ଡିତ
ମୂଳ ଉତ୍ସ - ମୂଳ ଉତ୍ପତ୍ତି ସ୍ଥଳ
ତାମ୍ର ଶାସନ - ତମ୍ବାପଟାରେ ଲିଖିତ ବିବରଣୀ
ଅଭ୍ୟୁଦୟ - ବିକାଶ
ସର୍ବଜନବୋଧ୍ୟ - ସମସ୍ତେ ବୁଝିଲା ଭଳି
ନୈପୁଣ୍ୟ - ଦକ୍ଷତା
ବିଭାଷା - ଅପଭ୍ରଂଶ ଭାଷାର ନାମ
ତତ୍ସମ - ଯେଉଁ ସଂସ୍କୃତ ଶବ୍ଦ ଅବିକୃତ ଭାବରେ ଓଡ଼ିଆ ଭାଷାରେ ବ୍ୟବହୃତ
ତଦ୍ଭବ - ସଂସ୍କୃତ ଭାଷାରୁ ଉତ୍ପନ୍ନ ଶବ୍ଦ
ଦେଶଜ - ଯେଉଁ ଶବ୍ଦର ମୂଳ ନିରୂପିତ ହୋଇନାହିଁ
ବୈଦେଶିକ ଶବ୍ଦ - ବିଦେଶୀ ଭାଷାରୁ ଉତ୍ପନ୍ନ ଶବ୍ଦ
ମହାରାଷ୍ଟ୍ରୀ - ମହାରାଷ୍ଟ୍ରର ଭାଷା
ଶୌରସେନୀ - ଶୂରସେନର ଭାଷା
ମାଗଧୀ - ମଗଧର ଭାଷା
ପୈଶାଚୀ - ପିଶାଚ ଅଞ୍ଚଳର ଭାଷା
ଅର୍ଦ୍ଧ ମାଗଧୀ - ଅର୍ଦ୍ଧ ମଗଧର ଭାଷା
ପୂର୍ବୀ ମାଗଧୀ - ପୂର୍ବ ମଗଧର ଭାଷା
ପଶ୍ଚିମୀ ମାଗଧୀ - ପଶ୍ଚିମ ମଗଧର ଭାଷା

ଦକ୍ଷିଣୀ ମାଗଧୀ - ଦକ୍ଷିଣ ମଗଧର ଭାଷା
ଉତ୍ତରା ମାଗଧୀ - ଉତ୍ତର ମଗଧର ଭାଷା

## ୧.୭ ପଠନ ଅଭ୍ୟାସ

୧. ମୂଳପାଠକୁ ଭଲ ଭାବରେ ଅଧ୍ୟୟନ କରି ନିମ୍ନଲିଖିତ ଶବ୍ଦଗୁଡ଼ିକ କେଉଁ କେଉଁ ଭାଷାର ଚିହ୍ନାଇ ଦିଅନ୍ତୁ ।

ଅଝାଲ, ଚେକ୍, ପିଆଜ, ଗାର୍ଜ୍ଜନ, ତର୍କାରି, ଭ୍ରମର, ବୁରୁସ, ଅପେରା, ଅଭ୍ୟନ୍ତର, ମେହେନ୍ତର ।

୨. ନିମ୍ନଲିଖିତ ଶବ୍ଦଗୁଡ଼ିକ କେଉଁ କେଉଁ ପ୍ରସଙ୍ଗରେ ବ୍ୟବହୃତ ହୋଇଛି ଉଲ୍ଲେଖ କରନ୍ତୁ ।

ଅଭିଲେଖ, ଲୁଇପାଦ, ମରହଟ୍ଟା, ମିଶନାରୀ, ଆହରଣ ।

୩. ମୂଳପାଠରେ କେଉଁଠାରେ କୁହାଯାଇଛି ଉତ୍ତର ଦିଅନ୍ତୁ -

(କ) "ଜଗନ୍ନାଥ ହୋ ! କିଛି ମାଗୁ ନାହିଁ ତୋତେ"

(ଖ) "ଓଡ଼ିଶା ରାଜାର ପ୍ରଭୁ ଯେ ଶ୍ରୀଜଗନ୍ନାଥ ମହାପ୍ରଭୁ ସେ କାହିଁଛନ୍ତି ?"

(ଗ) ଆସଛି ବସନ୍ତ ବହୁ ଅପେକ୍ଷା ପରେ ।

## ୧.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର

ନିମ୍ନରେ କେତେଗୁଡ଼ିଏ ପ୍ରଶ୍ନ ଦିଆଯାଇଛି । ପ୍ରଥମେ ଏହି ପ୍ରଶ୍ନଗୁଡ଼ିକର ଉତ୍ତର ନିଜେ କରନ୍ତୁ ଏବଂ ଠିକ୍ ହେଲା କି ଭୁଲ୍ ହେଲା ଜାଣିବା ପାଇଁ ଶେଷରେ ଦିଆଯାଇଥିବା ଉତ୍ତର ସହିତ ମିଳାଇ ଦେଖନ୍ତୁ ।

୧. ଶୂନ୍ୟସ୍ଥାନ ପୂରଣ କରନ୍ତୁ -

(କ) ସାଧାରଣତଃ ଭାରତୀୟ ଆର୍ଯ୍ୟ ଭାଷା ପରିବାର ତିନୋଟି ଦେଇ ଆସିଛି ।

(ଖ) ପ୍ରତ୍ୟେକ ପ୍ରାକୃତ ଗୋଷ୍ଠୀରୁ ଭାଷାର ବିକାଶ ଘଟିଛି ।

(ଗ) ଭାଷା ଆମର ଦୈନନ୍ଦିନ ଜୀବନରେ ମାତୃଭାଷା ପରି ବ୍ୟବହୃତ ।

(ଘ) ଖାନା ଓ ଅଗାଡ଼ି ଶବ୍ଦ ଯଥାକ୍ରମେ ଓ ଶବ୍ଦ ଭାବରେ ଓଡ଼ିଆରେ ବ୍ୟବହୃତ ।

୨. ଶବ୍ଦରେ କେଉଁ କେଉଁ ପ୍ରତ୍ୟୟ ଯୋଗ କରାଯାଇଛି ?

(କ) ମାଗଧୀ, (ଖ) ସର୍ବଭାରତୀୟ, (ଗ) ବାତ୍ସଲ୍ୟ, (ଘ) ମୌଳିକ, (ଙ) ପ୍ରତିଷ୍ଠା

୩. ବିପରୀତାର୍ଥବୋଧକ ଶବ୍ଦ ଗଠନ କରନ୍ତୁ ।

(କ) ପ୍ରଚଳିତ, (ଖ) ପ୍ରାକୃତ, (ଗ) କଥିତ, (ଘ) ସାଧାରଣ, (ଙ) ଆଧ୍ୟାତ୍ମିକ

୪. ଗୋଟିଏ ପଦରେ ପ୍ରକାଶ କରନ୍ତୁ ।

(କ) ନାହିଁ ହିସାବ ଯାହାର

(ଖ) ଅନ୍ୟଦେଶ

(ଗ) ଧନୁକୁ ଧାରଣ କରିଛି ଯେ ସେ

(ଘ) ପଞ୍ଚ ଇନ୍ଦ୍ରିୟର ସମାହାର

(ଙ) ଛାଗୀର ଦୁଗ୍ଧ

**୫. ମୂଳପାଠ ଅନୁଯାୟୀ ବାକ୍ୟ ଭୁଲ୍ ଥିଲେ ଠିକ୍ କରନ୍ତୁ ।**

(କ) ମନୁଷ୍ୟର ବାଗ୍‌ଯନ୍ତ୍ରରୁ ବାହାରୁଥିବା ଧ୍ୱନିକୁ ଇଙ୍ଗିତ କୁହାଯାଏ ।

(ଖ) ପ୍ରାଚୀନ ଭାରତୀୟ ଆର୍ଯ୍ୟ ଭାଷାର ପ୍ରାଥମିକ ରୂପ ହେଉଛି ମାଗଧୀ ପ୍ରାକୃତ ।

(ଗ) ଓଡ଼ିଆ କବି ଜଗନ୍ନାଥ ଦାସ ସଂସ୍କୃତ ଭାଷାରେ ଶ୍ରୀମଦ୍ ଭାଗବତ ରଚନା କରିଥିଲେ ।

(ଘ) ଭାଷା ଏକ ସାର୍ବଜନୀନ ପୈତୃକ ସମ୍ପତ୍ତି ।

(ଙ) ବୌଦ୍ଧଗାନ ଓ ଦୋହା ହେଉଛି ପ୍ରାକୃତ ଯୁଗର ଏକ ପ୍ରସିଦ୍ଧ ଗ୍ରନ୍ଥ ।

**୬. ଶବ୍ଦଗୁଡ଼ିକ କେଉଁ କେଉଁ ଭାଷାର ଚିହ୍ନାଇ ଦିଅନ୍ତୁ-**

ହୋଟେଲ, ତକରାର, ଅତର, ତଉଲିଆ

**ଉତ୍ତର -**

୧. (କ) ପ୍ରଧାନସ୍ତର

(ଖ) ଅପଭ୍ରଂଶ

(ଗ) ଇଂରାଜୀ

(ଘ) ଯାବନିକ, ଦ୍ରାବିଡ଼

୨. (କ) ମାଗଧ+ଇ

(ଖ) ସର୍ବଭାରତ+ଇୟ

(ଗ) ବତ୍ସଳ+ଯ

(ଘ) ମୂଳ+ଇକ

(ଙ) ପ୍ରତି-ସ୍ଥା+ଆ

୩. (କ) ଅପ୍ରଚଳିତ, (ଖ) ଅପ୍ରାକୃତ, (ଗ) ଲିଖିତ, (ଘ) ଅସାଧାରଣ, (ଙ) ଭୌତିକ

୪. (କ) ବେହିସାବୀ, (ଖ) ଦେଶାନ୍ତର, (ଗ) ଧନୁର୍ଦ୍ଧର, (ଘ) ଛାଗଦୁଗ୍ଧ,

(ଙ) ପଞ୍ଚେନ୍ଦ୍ରିୟ ।

୫. (କ) ମନୁଷ୍ୟର ବାଗ୍‌ଯନ୍ତ୍ରରୁ ବାହାରୁଥିବା ଧ୍ୱନିକୁ ବ୍ୟକ୍ତଧ୍ୱନି କୁହାଯାଏ ।

(ଖ) ପ୍ରାଚୀନ ଭାରତୀୟ ଆର୍ଯ୍ୟ ଭାଷାର ପ୍ରାଥମିକ ରୂପ ହେଉଛି ବୈଦିକ ସଂସ୍କୃତ ।

(ଗ) ଓଡ଼ିଆ କବି ଜଗନ୍ନାଥ ଦାସ ପ୍ରାକୃତ ଭାଷାରେ ଶ୍ରୀମଦ୍ ଭାଗବତ ରଚନା କରିଥିଲେ ।

(ଘ) ଭାଷା ଏକ ସାର୍ବଜନୀନ ଅର୍ଜିତ ସମ୍ପତ୍ତି ।

(ଙ) ବୌଦ୍ଧଗାନ ଓ ଦୋହା ହେଉଛି ଅପଭ୍ରଂଶ ଯୁଗର ଏକ ପ୍ରସିଦ୍ଧ ଗ୍ରନ୍ଥ ।

୬. ୧. ଇଂରାଜୀ, ୨. ଯାବନିକ, ୩. ଆରବିକ, ୪. ପର୍ତ୍ତୁଗୀଜ, ୫. ପାରସିକ

## ୧.୯ ଉତ୍ତର ପ୍ରଦାନ ପାଇଁ ପ୍ରଶ୍ନାବଳୀ

**୧. ଶୂନ୍ୟସ୍ଥାନ ପୂରଣ କରନ୍ତୁ-**

(କ) ମନୁଷ୍ୟର ଯନ୍ତ୍ରରୁ ବାହାରୁଥିବା ଧ୍ୱନିକୁ ବ୍ୟକ୍ତିଧ୍ୱନି କୁହାଯାଏ ।

(ଖ) ଭାରତବର୍ଷର ଦ୍ୱାରା ସ୍ୱୀକୃତ ଭାଷାମାନଙ୍କ ମଧ୍ୟରେ ଓଡ଼ିଆ ଅନ୍ୟତମ ।

(ଗ) ନିଜର ଓ ଉପରେ ଭାଷା ଶିକ୍ଷା କରାଯାଏ ।

**୨. ଶବ୍ଦଗୁଡ଼ିକରେ ବ୍ୟବହୃତ ପ୍ରତ୍ୟୟକୁ ଚିହ୍ନାଇ ଦିଅନ୍ତୁ ।**

(କ) ଭାଷଣ, (ଖ) ବକ୍ତା, (ଗ) ବୁଦ୍ଧି

**୩. ସନ୍ଧି ବିଚ୍ଛେଦ କରନ୍ତୁ :-**

(କ) ସମ୍ପୂର୍ଣ୍ଣ

(ଖ) ମନୋଯୋଗ

(ଗ) ଜଗନ୍ନାଥ

**୪. ବ୍ୟାସ ବାକ୍ୟ ସହ ସମାସ ନିର୍ଣ୍ଣୟ କରନ୍ତୁ :-**

(କ) ଖ୍ରୀଷ୍ଟଧର୍ମ

(ଖ) ଶତାବ୍ଦୀ

(ଗ) ମନୋଯୋଗ

**୫. ବିଶେଷ୍ୟ ପଦକୁ ବିଶେଷଣରେ ପରିଣତ କରନ୍ତୁ :-**

(କ) ସମ୍ପ୍ରଦାୟ, (ଖ) କଥନ, (ଗ) ସୌନ୍ଦର୍ଯ୍ୟ

**୬. ନିମ୍ନଲିଖିତ ଶବ୍ଦଗୁଡ଼ିକ କେଉଁ କେଉଁ ପ୍ରସଙ୍ଗରେ ବ୍ୟବହୃତ ହୋଇଅଛି ପ୍ରତ୍ୟେକକୁ ନେଇ ଦୁଇଟି ବାକ୍ୟରେ ପ୍ରକାଶ କରନ୍ତୁ -**

ପୂର୍ବାମାଗଧୀ ଅପଭ୍ରଂଶ, ସିଦ୍ଧାଚାର୍ଯ୍ୟ, ତତ୍ସମ, ବିଦେଶୀ ।

**୭. ଏକ ପଦରେ ପ୍ରକାଶ କରନ୍ତୁ :-**

(କ) ନାହିଁ ଅର୍ଥ ଯହିଁରେ =

(ଖ) ନ ଉଚିତ =

(ଗ) ଜଳ ଓ ବାୟୁ =

**୮. ଶବ୍ଦଗୁଡ଼ିକ କେଉଁ କେଉଁ ଭାଷାର ଚିହ୍ନାଇ ଦିଅନ୍ତୁ :-**

ଖାନା, କାପ୍ତାନ, ପସନ୍ଦ, ବିଲକୁଲ, ଲୋକାଲ

**୯. ଶବ୍ଦଗୁଡ଼ିକର ଅର୍ଥ ଲେଖନ୍ତୁ :-**

ଦକ୍ଷିଣୀ ମାଗଧୀ, ତତ୍ସମ, ସର୍ବଜନବୋଧ୍ୟ, ତଦ୍ଭବ, ତାମ୍ରଶାସନ

**୧୦. ଭାବ ସମ୍ପ୍ରସାରଣ କରନ୍ତୁ :-**

"ଭାଷା ଏକ ସାର୍ବଜନୀନ ଅର୍ଜିତ ସମ୍ପତ୍ତି ।"

~~~
~~~

# ଅଧ୍ୟାୟ ୨ ଓଡ଼ିଆ ସାହିତ୍ୟର ଇତିହାସ : ପ୍ରାଚୀନ ଓ ମଧ୍ୟଯୁଗ

ସଂରଚନା

**୨.୦ ଉଦ୍ଦେଶ୍ୟ**

**୨.୧ ଉପକ୍ରମ**

**୨.୨ ମୂଳପାଠର ପ୍ରଥମ ଭାଗ : ନାଥ ଓ ଶୈବ ସାହିତ୍ୟ**

- ୨.୧.୧ ଶବ୍ଦାର୍ଥ
- ୨.୨.୨ ପଠିତାଂଶର ଆଲୋଚନା
- ୨.୨.୩ ମୂଳପାଠର ପ୍ରଥମ ଭାଗର ପ୍ରଶ୍ନ
- ୨.୨.୪ ବ୍ୟାକରଣ ପ୍ରଶ୍ନ

**୨.୩ ମୂଳପାଠର ଦ୍ୱିତୀୟ ଭାଗ :ସାରଳା ସାହିତ୍ୟ**

- ୨.୩.୧ ଶବ୍ଦାର୍ଥ
- ୨.୩.୨ ପଠିତାଂଶର ଆଲୋଚନା
- ୨.୩.୩ ବ୍ୟାକରଣ ପ୍ରଶ୍ନ
- ୨.୩.୪ ମୂଳପାଠର ଦ୍ୱିତୀୟ ଭାଗର ପ୍ରଶ୍ନ

**୨.୪ ମୂଳପାଠର ତୃତୀୟ ଭାଗ : ପଞ୍ଚସଖା ସାହିତ୍ୟ**

- ୨.୪.୧ ଶବ୍ଦାର୍ଥ
- ୨.୪.୨ ପଠିତାଂଶର ଆଲୋଚନା
- ୨.୪.୩ ମୂଳପାଠର ତୃତୀୟ ଭାଗର ପ୍ରଶ୍ନ
- ୨.୪.୪ ବ୍ୟାକରଣ ପ୍ରଶ

**୨.୫ ମୂଳପାଠର ଚତୁର୍ଥ ଭାଗ :ରୀତି ସାହିତ୍ୟ**

- ୨.୫.୧ ଶବ୍ଦାର୍ଥ
- ୨.୫.୨ ପଠିତାଂଶର ଆଲୋଚନା
- ୨.୫.୩ ବ୍ୟାକରଣ ପ୍ରଶ୍ନ
- ୨.୫.୪ ମୂଳପାଠର ଚତୁର୍ଥ ଭାଗର ପ୍ରଶ୍ନ

**୨.୬ ସାରାଂଶ**

**୨.୭ ପଠନ ଅଭ୍ୟାସ**

**୨.୮ ମୂଳପାଠ ପ୍ରଶ୍ନାବଳୀର ଉତ୍ତର**

**୨.୯ ଉତ୍ତର ପ୍ରଦାନପାଇଁ ଆଦର୍ଶ ପ୍ରଶ୍ନାବଳୀ**

## ୨.୦ ଉଦ୍ଦେଶ୍ୟ

ଓଡ଼ିଆ ସାହିତ୍ୟ ସମ୍ପର୍କରେ ଅଧ୍ୟୟନ କରିବାକୁ ହେଲେ ଓଡ଼ିଆ ସାହିତ୍ୟର ଇତିହାସ ସମ୍ପର୍କରେ ମଧ୍ୟ ଅବଗତ ହେବା ଆବଶ୍ୟକ । ଏହି ପାଠରେ ଓଡ଼ିଆ ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟ ଭାବରେ ଚର୍ଯ୍ୟା, ନାଥ, ଶୈବ, ସାରଳା ପଞ୍ଚସଖା ଓ ରୀତି ସାହିତ୍ୟ ଉପରେ ଆଲୋଚନା କରାଯାଇଛି । ଚର୍ଯ୍ୟାଗୀତିକାଗୁଡ଼ିକ ଓଡ଼ିଆ ସାହିତ୍ୟର ଆଦ୍ୟ ନିଦର୍ଶନ । ଚର୍ଯ୍ୟା ପରି ନାଥ ଓ ଶୈବ ସାହିତ୍ୟର ଭୂମିକା ମଧ୍ୟ ଓଡ଼ିଆ ସାହିତ୍ୟର ବିକାଶଧାରାରେ ଉଲ୍ଲେଖନୀୟ । ସାରଳା ଦାସ ଓଡ଼ିଆ ସାହିତ୍ୟରେ ଆଦିକବି ଭାବରେ ପରିଚିତ । ସାରଳା ଦାସ ମହାଭାରତ, ଚଣ୍ଡୀପୁରାଣ, ବିଲଙ୍କା ରାମାୟଣ ଭଳି ଗ୍ରନ୍ଥ ରଚନାକରି ଓଡ଼ିଆ ଲିଖିତ ସାହିତ୍ୟର ପରମ୍ପରାକୁ ବଳିଷ୍ଠ କଲେ । ପରବର୍ତ୍ତୀ ସମୟରେ ପଞ୍ଚସଖା ଓ ରୀତିସାହିତ୍ୟ ଏହି ପରମ୍ପରାକୁ ଆଗେଇନେଇଛି । ଶିକ୍ଷାର୍ଥୀ ଏହି ପାଠରୁ ଓଡ଼ିଆ ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟ ଓ ସେଗୁଡ଼ିକର ବୈଶିଷ୍ଟ୍ୟ ସମ୍ପର୍କରେ ଅବଗତ ହେବେ ।

## ୨.୧ ଉପକ୍ରମଣିକା

ଚର୍ଯ୍ୟା ସାହିତ୍ୟ କହିଲେ ବୌଦ୍ଧ ସହଜିଆ ସାଧକଙ୍କଦ୍ୱାରା ରଚିତ ଗୀତିକାକୁ ବୁଝାଏ । ଏଗୁଡ଼ିକରେ ବୌଦ୍ଧ ଧର୍ମ-ଦର୍ଶନ ଓ ତତ୍ତ୍ୱର ପରିପ୍ରକାଶ ଦେଖିବାକୁ ମିଳେ । ଚର୍ଯ୍ୟାଗୀତି ପରି ନାଥ ଓ ଶୈବ ଧର୍ମ ପ୍ରଖ୍ୟାପକ ବିଭିନ୍ନ ରଚନା ମଧ୍ୟ ପରବର୍ତ୍ତୀ ସମୟରେ ରଚିତ ହୋଇଛି ।

ପଞ୍ଚଦଶ ଶତାବ୍ଦୀ ସମଗ୍ର ଭାରତୀୟ ସାହିତ୍ୟରେ ଭାଷା ବିକାଶ ଦୃଷ୍ଟିରୁ ଏକ ଉଲ୍ଲେଖଯୋଗ୍ୟ କାଳ । ଅସମୀୟା ସାହିତ୍ୟରେ ଶଙ୍କରଦେବ, ମୈଥିଳୀ ସାହିତ୍ୟରେ ଚଣ୍ଡିଦାସ, ହିନ୍ଦୀ ସାହିତ୍ୟରେ କବୀର ଆଦି ପ୍ରମୁଖ ସାହିତ୍ୟିକମାନେ ଏହି ଶତାବ୍ଦୀରେ ଜନ୍ମଗ୍ରହଣ କରି ନିଜନିଜ ଭାଷା ଓ ସାହିତ୍ୟକୁ ଏକ ନିର୍ଦ୍ଦିଷ୍ଟ ଭିତ୍ତିଭୂମି ଉପରେ ପ୍ରତିଷ୍ଠା କରିଥିଲେ । ଏହି ସମୟରେ ସାରଳା ଦାସ ଓଡ଼ିଆରେ ମହାଭାରତ, ବିଲଙ୍କା ରାମାୟଣ, ଚଣ୍ଡୀପୁରାଣ ଆଦି ଗ୍ରନ୍ଥ ରଚନା କରିଥିଲେ ଓ ଓଡ଼ିଆ ଲିଖିତ ସାହିତ୍ୟର ଏକ ସୁଦୃଢ଼ ଭିତ୍ତିଭୂମି ପ୍ରସ୍ତୁତ କରିଥିଲେ । ଓଡ଼ିଶାରେ ଶତାବ୍ଦୀଶତାବ୍ଦୀ ଧରି ବୈଦିକ, ତାନ୍ତ୍ରିକ, ବୌଦ୍ଧ, ବୈଷ୍ଣବ ଆଦି ବିଭିନ୍ନ ମତବାଦ ରାଜପୃଷ୍ଠପୋଷକତା ତଥା ସାମାଜିକ ସମର୍ଥନ ଲାଭକରି ପ୍ରଚାରିତ ହୋଇଆସୁଥିଲା ତେବେ ଷୋଡ଼ଶ ଶତାବ୍ଦୀବେଳକୁ ଏକ ସମନ୍ୱିତ ଆଧ୍ୟାତ୍ମିକ ଭାବନାର ସୂତ୍ରପାତ ହେଲା । ଏହି ସମନ୍ୱିତ ଆଧ୍ୟାତ୍ମିକ ଭାବନାର ସୂତ୍ରଧର ହେଲେ ପଞ୍ଚସଖା - ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ, ଓ ଶିଶୁ ଅନନ୍ତ ଦାସ । ପଞ୍ଚସଖାଙ୍କ ରଚନାଗୁଡ଼ିକ ସାଧାରଣତଃ ସୃଷ୍ଟିତତ୍ତ୍ୱ, ଶୂନ୍ୟବାଦ, ଯୋଗସାଧନା, ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ, ସଗୁଣନିର୍ଗୁଣ ଉପାସନା, ଜଗନ୍ନାଥ ଆରାଧନା ଓ ଜ୍ଞାନମିଶ୍ରା ଭକ୍ତି ଉପରେ ଆଧାରିତ ।

ପଞ୍ଚସଖା ଯୁଗର ଦ୍ୱିତୀୟାର୍ଦ୍ଧରେ କବିମାନଙ୍କ ରଚନାବଳୀରେ ରୀତିଯୁଗର ଭିତ୍ତିଭୂମି ସୃଷ୍ଟି ହୋଇଥିଲା । ରୀତିଯୁଗର ଶ୍ରେଷ୍ଠ କବି ଭାବରେ ଉପେନ୍ଦ୍ର ଭଞ୍ଜଙ୍କୁ ଗଣାଯାଇଥାଏ । ଆଲୋଚକମାନେ ଏହି ଯୁଗକୁ ଭଞ୍ଜଯୁଗ ଭାବରେ ମଧ୍ୟ ଗଣନା କରିଥାନ୍ତି । ସାରଳା ଦାସ ଓଡ଼ିଆ ଭାଷାରେ ଯେଉଁ ସାହିତ୍ୟ ରଚନାର ପରମ୍ପରା ଆରମ୍ଭ କରିଥିଲେ ଧୀରେଧୀରେ ରୀତିକାଳବେଳକୁ ସେହି ସରଳ ଓ ଜନମୁଖର ଭାଷା ସାହିତ୍ୟରେ ଉପେକ୍ଷିତ ହେବାକୁ ବସିଲା । ସଂସ୍କୃତ କାବ୍ୟଶୈଳୀ ଆଧାରିତ ବିଭିନ୍ନ ରୀତି, ଶୈଳୀ ମାଧ୍ୟମରେ ଓଡ଼ିଆ ରୀତି ସାହିତ୍ୟର ସ୍ରଷ୍ଟାମାନେ ସେମାନଙ୍କ କାବ୍ୟ କବିତା ରଚନା କରିବାକୁ ଚେଷ୍ଟା କଲେ ।

ଆଲୋଚ୍ୟ ପାଠରେ ଚର୍ଯ୍ୟାଗୀତି, ନାଥ ଓ ଶୈବ ଧର୍ମ ସମ୍ପର୍କିତ ରଚନା, ସାରଳାଙ୍କ ରଚନାବଳୀ, ପଞ୍ଚସଖା ଓ ରୀତିସାହିତ୍ୟ ତଥା ଏହାର ବିଭିନ୍ନ ଦିଗ ଉପରେ ସଂକ୍ଷେପରେ ପର୍ଯ୍ୟାୟକ୍ରମେ ଚାରୋଟି ଭାଗରେ ବିଭକ୍ତକରି ଆଲୋଚନା କରାଯାଇଛି ।

## ୨.୨ ମୂଳପାଠର ପ୍ରଥମ ଭାଗ : ନାଥ ଓ ଶୈବ ସାହିତ୍ୟ

### ଚର୍ଯ୍ୟା ସାହିତ୍ୟ

ଚର୍ଯ୍ୟା ସାହିତ୍ୟ ବୌଦ୍ଧ ସହଜିଆ ସିଦ୍ଧମାନଙ୍କଦ୍ୱାରା ରଚିତ ବୌଦ୍ଧଗାନ ବା ଦୋହା । ୧୯୦୭ ଖ୍ରୀଷ୍ଟାବ୍ଦରେ ବଙ୍ଗଳାର ପଣ୍ଡିତ ହରପ୍ରସାଦ ଶାସ୍ତ୍ରୀ ନେପାଳ ଦରବାରର ପୋଥିଶାଳାରୁ ଚର୍ଯ୍ୟା ପୋଥିଗୁଡ଼ିକୁ ପାଇଥିଲେ । ଭିନ୍ନଭିନ୍ନ ଆଲୋଚକ ଏହାର ସମୟସୀମା ୮ମରୁ ୧୧ଶ ଶତାବ୍ଦୀ ମଧ୍ୟରେ ବୋଲି ମତବ୍ୟକ୍ତ କରିଥାନ୍ତି ।

ଚର୍ଯ୍ୟା ରଚନା କରିଥିବା ସିଦ୍ଧାଚାର୍ଯ୍ୟମାନେ ୮୪ ଜଣ ଥିଲେ । ହରପ୍ରସାଦ ଶାସ୍ତ୍ରୀଙ୍କଦ୍ୱାରା ଆବିଷ୍କୃତ ପୋଥିରେ ସ୍ଥାନିତ ଚର୍ଯ୍ୟାଗୁଡ଼ିକୁ ରଚନା କରିଛନ୍ତି ୨୩ ଜଣ ଚର୍ଯ୍ୟାକାର । ସେମାନଙ୍କ ମଧ୍ୟରୁ ପ୍ରମୁଖ ଚର୍ଯ୍ୟାକର ହେଉଛନ୍ତି ସହରପା, ଲୁଇପା, ଶବରୀପା, କାହ୍ନୁପା, କମ୍ବଳପା, ବିରୂପା ଓ ଭୁସୁକୁପା ଆଦି । ପ୍ରତ୍ୟେକ ସିଦ୍ଧଙ୍କ ନାମରେ ପ୍ରଯୁକ୍ତ ଏହି ପା' ପାଦ ଶବ୍ଦର ଅପଭ୍ରଂଶ । ପା' ଶବ୍ଦ ସମ୍ମାନ ସୂଚକ, କାହ୍ନୁପା, ଲୁଇପା କହିଲେ ମହାମାନ୍ୟ କାହ୍ନୁ, ମହାମାନ୍ୟ ଲୁଇ ପ୍ରଭୃତିଙ୍କୁ ବୁଝାଏ ।

ଚର୍ଯ୍ୟା ଶବ୍ଦର ଅର୍ଥ ହେଉଛି ଆଚାର ବା ଆଚରଣ । ତେବେ, ଏହା ବୌଦ୍ଧ ସହଜିଆ ସାଧକଙ୍କ ଜୀବନ ଚର୍ଯ୍ୟା । ଅତଏବ ସହଜ ସାଧନା ଓ ଧର୍ମତତ୍ତ୍ୱ ହେଉଛି ଚର୍ଯ୍ୟାର ବିଷୟବସ୍ତୁ । ଚର୍ଯ୍ୟାକାରମାନେ ତତ୍କାଳୀନ ପ୍ରଭାବଶାଳୀ ସଂସ୍କୃତ ଭାଷା ବିରୋଧରେ ଯାଇ କଥିତ ଅପଭ୍ରଂଶ ଭାଷାରେ ରଚନା କରିଥିଲେ ଚର୍ଯ୍ୟାପଦ । ସଂସ୍କୃତ ଭାଷାର ରଚନା ଅପେକ୍ଷା ଏହା ସାଧାରଣ ଜନତାଙ୍କପାଇଁ ସୁବୋଧ ହେବା ସଙ୍ଗେସଙ୍ଗେ ଜନପ୍ରିୟ ହୋଇପାରିଥିଲା । ଚର୍ଯ୍ୟାପଦଗୁଡ଼ିକ ବୌଦ୍ଧ ସହଜିଆ ସାଧନାତତ୍ତ୍ୱ ଓ ଦର୍ଶନ ସମ୍ପର୍କିତ ହୋଇଥିଲେ ହେଁ ଏଥିରେ ତତ୍କାଳୀନ ସମାଜର ଚିତ୍ର ଦେଖିବାକୁ ମିଳିଥାଏ । ଉଦାହରଣସ୍ୱରୂପ, ଏଠାରେ ଶବରୀପାଙ୍କ ଏକ ଚର୍ଯ୍ୟାରେ କିପରି ବେଶଭୂଷାର ବର୍ଣ୍ଣନା କରାଯାଇଛି ତାହା ଲକ୍ଷ୍ୟ କରାଯାଇପାରେ–

ଉଁଚା ଉଁଚା ପାବତ ତହିଁ ବସଇ ସବରୀ ବାଳୀ
ମୋରଙ୍ଗୀ ପୀଛ ପରହିଣ ସବରୀ ଗିବତ ଗୁଞ୍ଜରୀ ମାଳୀ ।
ଉମତ ସବରୋ ପାଗଳ ସବରୋ ମାକର ଗୁଳୀ ଗୁହାଡ଼ା ତୋହରି
ଣିଅ ଘରଣୀ ନାମେ ସହଜ ସୁନ୍ଦରୀ ।

ଅର୍ଥାତ ଉଚ୍ଚ ପର୍ବତଚୂଡ଼ା ଉପରେ ଶବରୀର ବାସଭୂମି । ମୟୂରର ପୁଛ ଖୋସି ଗଳାରେ ଗୁଞ୍ଜର ମାଳା ପିନ୍ଧିଛି । ଶବରୀର ଅପରୂପ ରୂପସଜ୍ଜାରେ ଶବର ଉନ୍ମତ୍ତ ହୋଇଉଠିଛି ।

ଚର୍ଯ୍ୟାପଦଗୁଡ଼ିକର ଭାଷା ଅନେକତଃ ଦୁର୍ବୋଧ । ତେବେ ଭାଷାର କ୍ଲିଷ୍ଟତା ସତ୍ତ୍ୱେ ବର୍ଣ୍ଣନାର ଚଟୁଳତା, ଅନୁଭୂତିର ତୀବ୍ରତା ଓ ସୌନ୍ଦର୍ଯ୍ୟ ଚେତନା କେତେକ ଚର୍ଯ୍ୟାପଦକୁ ସାହିତ୍ୟର ମର୍ଯ୍ୟାଦା ପ୍ରଦାନ କରିବାରେ ସମର୍ଥ ହୋଇଛି । ଉଦାହରଣସ୍ୱରୂପ, କାହ୍ନୁପାଙ୍କ ଏକ ଚର୍ଯ୍ୟାକୁ ଏଠାରେ ନିଆଯାଇପାରେ–

ନଗର ବାହିରେ ରେ ଡ଼ୋମ୍ବି ତୋହରି କୁଡ଼ିଆ
ଛୋଇ ଛୋଇ ଜାହି ସୋ ବାହ୍ମ ନାଡ଼ିଆ ।
ଆଲୋ ଡୋମ୍ବି ତୋଏ ସମ କରିବୋ ମୋ ସାଙ୍ଗ
ନିଘନ କାହ୍ନୁ କପାଳି ଜୋଇ ଲାଙ୍ଗ ।

ଅର୍ଥାତ ଆଲୋ ଡୋମ୍ବି (ନୈରାତ୍ମା ଦେବୀ ସହଜ ସୁନ୍ଦରୀ) ତୋହର କୁଡ଼ିଆ ନଗର ବାହାରେ ଅବସ୍ଥିତ । ତାକୁ ଛୁଇଁ ଛୁଇଁ ବ୍ରହ୍ମନାଡ଼ୀ ଯାଇଅଛି । ଆଲୋ ଡୋମ୍ବି ତୋ ସହିତ ମୁଁ ସଙ୍ଗ କରିବି ।

ଉଚ୍ଚାଙ୍ଗ ସାହିତ୍ୟ ପରି ଚର୍ଯ୍ୟାଗୀତିଗୁଡ଼ିକରେ ମଧ୍ୟ ଉପମା, ଉତ୍‌ପ୍ରେକ୍ଷା, ଦୃଷ୍ଟାନ୍ତ ଆଦି ଅଳଂକାରର ପ୍ରୟୋଗ ଦେଖାଯାଏ । ଉଦାହରଣସ୍ୱରୂପ, ଏଠାରେ ଆର୍ଯ୍ୟଦେବଙ୍କ ଏକ ଗୀତିର ଉପମାକୁ ଲକ୍ଷ୍ୟ କରାଯାଇପାରେ–

ଚାନ୍ଦରେ ଚାନ୍ଦକାନ୍ତି ଜିମ ପତି ଭାସଅ
ଚିଅ ବିକରଣେ ତହି ଟଲି ପଇସଇ ।

ଅର୍ଥାତ ଅସ୍ତଗତ ଚନ୍ଦ୍ରର କିରଣ ଯେପରି ଲୋପ ହୋଇଯାଏ, ସେହିପରି ଚିତ୍ତ ଅଚିତ୍ତ ହେଲେ ସମସ୍ତ ବିଷୟ ବାସନା ମଧ୍ୟ ତା ଭିତରେ ଲୀନ ହୋଇଯାଏ ।

ଚର୍ଯ୍ୟାଗୀତିକାଗୁଡ଼ିକ ବିଭିନ୍ନ ରାଗରାଗିଣୀଯୁକ୍ତ ଥିଲା । ପଟମଞ୍ଜରୀ, ମାଳସୀ, ମଲ୍ଲାରୀ, ଗୁଞ୍ଜରୀ, ରାମକ୍ରୀ, ଧନସୀ, ଓ ବଙ୍ଗଳା ଆଦି ରାଗର ଉଲ୍ଲେଖ ଦେଖିବାକୁ ମିଳେ । ସାଧାରଣତଃ ବୌଦ୍ଧସହଜିଆ ସାଧକମାନେ ଏହାକୁ ସଙ୍ଗୀତ ଭାବରେ ଗାନ କରୁଥିଲେ ।

ଚର୍ଯ୍ୟାର ଭାଷା ଯାହାକୁ ଆଲୋଚକମାନେ ସନ୍ଧ୍ୟା ଭାଷା ବୋଲି କହିଛନ୍ତି । ଏହାର ଏକ ବିଶେଷତ୍ୱ ହେଲା ବାହାରକୁ ଏକ ସରଳ ଓ ମନୋରମ ଅର୍ଥ ପ୍ରକାଶିତ ହୋଇଥିଲେ ହେଁ ଭିତରେ ଭିନ୍ନ ଏକ ଦାର୍ଶନିକ ଓ ଗୂଢ଼ ଅର୍ଥ ରହିଛି । ଉଦାହରଣସ୍ୱରୂପ–

କାଆ ତରୁବର ପଞ୍ଚବି ଡାଳ
ଚଞ୍ଚଳ ଚୀଏ ପଇଠା କାଳ

ଦିଢ଼ କରିଅ ମହାସୁହ ପରିମାଣ
ଲୁଇ ଭଣଇ ଗୁରୁ ପୁଛିଅ ଜାଣ ।

ଅର୍ଥାତ୍, ଶରୀର ଏକ ବୃକ୍ଷ ଓ ଦେହର ପାଞ୍ଚଗୋଟି ଇନ୍ଦ୍ରିୟ ଏହି ଶରୀରରୂପୀ ବୃକ୍ଷର ପାଞ୍ଚଗୋଟି ଡାଳ ସଦୃଶ, ଏହି ଇନ୍ଦ୍ରିୟ ପଥରେ ରୂପ, ତୃଷ୍ଣା ଓ ବେଦନା ଆଦି ବିକାର ପ୍ରବେଶ କରେ । ଚଞ୍ଚଳ ଚିତ୍ତରେ କାଳ ପ୍ରତିଷ୍ଠିତ ହୁଏ । ତେଣୁ କାଳର ନାଗଫାଶରୁ ରକ୍ଷା ପାଇବାପାଇଁ, ଅର୍ଥାତ୍ ମୁକ୍ତିଲାଭ ପାଇଁ ଦୃଢ଼ଚିତ୍ତରେ ମହାସୁଖ ଚିନ୍ତାକର । ଲୁଇ କହିଛନ୍ତି, ଗୁରୁଙ୍କଠାରୁ ଜିଜ୍ଞାସା କରି ଏହାର ଉପାୟ ଅବଗତ ହୁଅ ।

ଚର୍ଯ୍ୟା ସାହିତ୍ୟ ପରବର୍ତ୍ତୀକାଳରେ ନାଥ ସାହିତ୍ୟ, ଶୈବ ସାହିତ୍ୟ ତଥା ସାରଳା ଓ ପଞ୍ଚସଖାଙ୍କ ସାହିତ୍ୟକୁ ବହୁଭାବରେ ପ୍ରଭାବିତ କରିଛି ।

**ନାଥ ସାହିତ୍ୟ**

ନାଥ ଧର୍ମ ଏକ ଯୋଗ-ସାଧନା ଆଧାରିତ ଧର୍ମ । ସହଜିଆ ବୌଦ୍ଧବାଦର ରୂପକାତ୍ମକ ସଙ୍କେତ, ତତ୍ତ୍ୱର ଜଟିଳତା ଓ ସାଧନାର କୁଟିଳତା ପରିହାର କରି ଯୋଗାଭ୍ୟାସ, ଅନାସକ୍ତ ଓ ବୀତସ୍ପୃହ ସନ୍ୟାସ ମଧ୍ୟରେ ନିର୍ବାଣ ବା ମୁକ୍ତିର ଉପାୟ ପ୍ରଚାର କରିବା ଏହି ସାହିତ୍ୟର ଉଦ୍ଦେଶ୍ୟ । ଏହି ଧର୍ମର ପ୍ରବର୍ତ୍ତକ ଓ ପ୍ରଚାରକଗଣ ନିଜର କୌଳିକ ସଂଜ୍ଞା ପରିହାର କରି ନାଥ ସଂଜ୍ଞାକୁ ଗ୍ରହଣ କରିଥିଲେ । ନାଥ ଶବ୍ଦର ସାଧାରଣ ଅର୍ଥ ସ୍ୱାମୀ ବା ପ୍ରଭୁ । ଗୋରଖନାଥ, ମତ୍ସ୍ୟେନ୍ଦ୍ରନାଥ, ବିନ୍ଦୁନାଥ, ଛାୟାନାଥ, ସତ୍ୟନାଥ ପ୍ରଭୃତିଙ୍କଦ୍ୱାରା ଏହି ଧର୍ମ ପ୍ରଚାରିତ ହୋଇଥିଲା ।

ଗୋରଖନାଥଙ୍କ ଗୋରେଖ ସଂହିତା, ଶିଶୁଦେବ, ମତ୍ସ୍ୟେନ୍ଦ୍ରନାଥଙ୍କ ମତ୍ସ୍ୟେନ୍ଦ୍ର ଗୀତା, ଆଦିନାଥଙ୍କ ଅମରକୋଷ ଗୀତା ପ୍ରଭୃତିକୁ ଏହି ଧର୍ମର ସାହିତ୍ୟ ଭାବରେ ଗ୍ରହଣ କରାଯାଇଥାଏ । ଦଶମରୁ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ଏହି ଗ୍ରନ୍ଥଗୁଡ଼ିକ ରଚନା କରାଯାଇଥିବା ଅନୁମାନ କରାଯାଏ । ଚର୍ଯ୍ୟାପଦ ପରି ଆଧ୍ୟାତ୍ମିକ ଦର୍ଶନ, ଯୋଗ ଓ ସାଧନା ହେଉଛି ଏହି ନାଥ ସାହିତ୍ୟର ବିଷୟ ବସ୍ତୁ । ଗୁରୁ ହାଡ଼ିପା ଓ ଗୋବିନ୍ଦଚନ୍ଦ୍ରଙ୍କ ଉକ୍ତି-ପ୍ରତ୍ୟୁକ୍ତିରେ ମତ୍ସ୍ୟେନ୍ଦ୍ରନାଥ ବା ମୀନନାଥଙ୍କ ଜନ୍ମ - ମୃତ୍ୟୁ କାହାଣୀ ଗୋରେଖ ସଂହିତାରେ ବର୍ଣ୍ଣିତ । ଏହା ସହିତ ହଠଯୋଗ ଓ ଯୋଗ ସମ୍ବନ୍ଧୀୟ ବର୍ଣ୍ଣନା ମଧ୍ୟ ଦେଖିବାକୁ ମିଳେ । ଗୋରଖନାଥଙ୍କ ଗୋରେଖ ସଂହିତା ପରି ମତ୍ସ୍ୟେନ୍ଦ୍ରନାଥଙ୍କ ମତ୍ସ୍ୟେନ୍ଦ୍ର ଗୀତା ଏକ ଯୋଗ ତତ୍ତ୍ୱ ଆଧାରିତ ଗ୍ରନ୍ଥ ।

ଶିଶୁବେଦ ନାଥ ଧର୍ମର ଏକ ଯୋଗଭିତ୍ତିକ ଗ୍ରନ୍ଥ । ମାତ୍ର ପଚିଶଗୋଟି ଶ୍ଳୋକର ସମାହାରରେ ଏହି ଗ୍ରନ୍ଥ ରଚିତ ହୋଇଛି । ପ୍ରଥମେ ଗୋଟିଏ ଶ୍ଳୋକ ଓ ପରେ ତାହାର ଗଦ୍ୟରୂପ - ଏହି କ୍ରମରେ ଗ୍ରନ୍ଥଟି ସଜ୍ଜିତ । ଉଦାହରଣସ୍ୱରୂପ-

ସର୍ବ ଚଳଇ ନଚଳଇ ଯେକେ ନପଶଇ
ନପୂରଇ ନରହଇ ଶେଷେ ।
ଅହନିଶି ବରଷଇ ନତିନ୍ତଇ ସେ ଯେ
ଖଡ଼ଗରେ ହାଣିଲେ ନଛିଡ଼ଇ ସେ ଯେ ।

ଅର୍ଥାତ୍, ଶବଦ ଗୁରୁଚରଣ ପୁଛିଲେ ପାଇବା । ସେ ରୂପେ ବାହାର । ଅଚଳ ଶୂନ୍ୟ ରହିଛି ମେରୁର ଭିତରେ । ସେ ଯେ ନିରଞ୍ଜନ ଅଖଣ୍ଡିତ ଶୂନ୍ୟଟି । ସେ ଦୁହିଁଙ୍କର ରୂପରେଖ ନାହିଁ । ବାହାରେ ଚକ୍ଷୁ ଭିତରେ ନିରଞ୍ଜନ । ସୁନାପରା ଦେଖୁ ରହିଲେ । ଏହାକୁ ନିସ୍ୱତିଯୋଗ କହିଂ ।

ସପ୍ତାଙ୍ଗ ଯୋଗଧାରଣ ଗ୍ରନ୍ଥରେ ଯୋଗ ବର୍ଣ୍ଣିତ ହୋଇଅଛି, ଯେପରି-

ରବି, ମଙ୍ଗଳ, ଗୁରୁ ଓ ଶନିବାର ଏହି ଚାରିଦିନ ପବନ ସୂର୍ଯ୍ୟ ଘରେ ଥାଏ । ସୋମ, ଶୁକ୍ର ଓ ବୁଧବାର ପବନ ଚନ୍ଦ୍ର ଘରେ ଥାଏ । ସୂର୍ଯ୍ୟ ନାଡ଼ିରେ ପବନ ଯାଉଥିବାବେଳେ ଶୟନ କରିବା ଉଚିତ ।

ଅମରକୋଷ ଗୀତା ଆଦିନାଥଙ୍କ ନାମରେ ଭଣିତ ନାଥ ଧର୍ମତତ୍ତ୍ୱ ସମ୍ବଳିତ ଏକ ଗ୍ରନ୍ଥ । ଗୁରୁ ଆଦିନାଥ ଓ ଶିଷ୍ୟ ଲୋଇଙ୍କ କଥୋପକଥନ ଶୈଳୀରେ ଏହା ରଚିତ । ଏଥିରେ ଶିଷ୍ୟ ପୁତା ଭାବରେ ସମ୍ବୋଧିତ, ଯେପରି- 'ଶୁଣ ପୁତା ଲୋଇରେ' । ଏହାର ପାଠରୁ କୋତୋଟି ପଙ୍କ୍ତି ନିମ୍ନରେ ଦିଆଗଲା -

ଶୁନ୍ୟେଣ ଜାତ ପୁତା ଜନମ କାଳ ହୁଁ ମଲା । କିଛି ମିଛ ଲିତାଯେ ଅଲିଖରଙ୍ଗ ଦେଖିଲା । ସେ ରଙ୍ଗ ଦେଖିବୁ ପୁତା ଚୋରକଇଂ ଜଗି । ତାହା ଚିହ୍ନିଲେ କେବେ ହେଁ ନୋହିବୁଟି ରୋଗୀ । ଯେହା ଯେବେ ପୁତା ନିତ୍ୟ କହିଁ ପଢ଼ି । ଆଦିନାଥେ କହିଲେ ଗୋରଖନାଥଙ୍କ ଆଗରେ ଅବଧାରୀ ।

ନାଥ ଧର୍ମ ଦର୍ଶନ ଓ ତତ୍ତ୍ୱ ସମ୍ବଳିତ ଗୋରଖନାଥଙ୍କ ରଚନା କେବଳ ଓଡ଼ିଆରେ ନୁହେଁ ହିନ୍ଦୀ, ସଂସ୍କୃତ ଓ ଅପଭ୍ରଂଶ ଭାଷାରେ ମଧ୍ୟ ଦୃଷ୍ଟିଗୋଚର ହୋଇଥାଏ ।

ଓଡ଼ିଶାର ଅନେକ ସ୍ଥାନରେ ନାଥମାନଙ୍କ ପୀଠ ଓ ଗାଦିମାନ ଅଛି । ଓଡ଼ିଶାରେ ସତ୍ୟନାଥ ପନ୍ଥୀ ଓ ରାଉଳ ପନ୍ଥୀ ଏହିପରି ଦୁଇଗୋଷ୍ଠୀର ନାଥ ସମ୍ପ୍ରଦାୟ ଦେଖାଯାଆନ୍ତି । ଓଡ଼ିଶାରେ ଏବେ ସୁଦ୍ଧା ନାଥ ଯୋଗୀମାନେ ମଫସଲରୁ ଆରମ୍ଭକରି ସହର ପର୍ଯ୍ୟନ୍ତ କେନ୍ଦେରା ବଜାଇ ଗୋବିନ୍ଦଚନ୍ଦ୍ର ଉପାଖ୍ୟାନ ଆବୃତ୍ତିକରି ବୁଲିବା ଦେଖାଯାଏ । ପ୍ରାଚୀନ ସାହିତ୍ୟରେ ଟୀକା ଗୋବିନ୍ଦଚନ୍ଦ୍ର ନାମରେ ଏକ ରଚନା ଦେଖିବାକୁ ମିଳେ । ଏହାର ରଚୟିତା ହେଉଛନ୍ତି ଉଦ୍ଧବ ଦାସ । ପୁଣି, କେତେକ ଆଲୋଚକଙ୍କ ମତରେ ଯୋଗୀନ୍ଦ୍ର ଦୈବଜ୍ଞ ବିପ୍ର ଏହାର ରଚୟିତା । ତେବେ, ଗୋବିନ୍ଦଚନ୍ଦ୍ରର ରଚୟିତା ହେଉଛନ୍ତି ଯଶୋବନ୍ତ ଦାସ ।

### ଶୈବ ସାହିତ୍ୟ

ଶିବ ଉପାସକମାନଙ୍କ ଅନୁସୃତ ରୀତି ଶୈବ ଧର୍ମ ନାମରେ ଅଭିହିତ । ଏହାକୁ ପ୍ରାକ୍ - ବୈଦିକ ଓ ବୈଦିକ ସଂସ୍କୃତିର ସମନ୍ୱୟାତ୍ମକ ରୂପ ବୋଲି କୁହାଯାଏ । ଓଡ଼ିଶାରେ ଶୈବଧର୍ମର ପ୍ରଚଳନ ବହୁ ପ୍ରାଚୀନ । ଏହାର ପ୍ରାଚୀନତମ ନିଦର୍ଶନ ହେଉଛି ୪ର୍ଥ ଶତାବ୍ଦୀର କେନ୍ଦୁଝର ଜିଲ୍ଲାର ଅସନପାଟ ଅଭିଲେଖ । ନନ୍ଦବଂଶୀୟ, ମାଠର ବଂଶୀୟ, ବାଶିଷ୍ଠ ବଂଶୀୟ ଓ ଭଞ୍ଜ ବଂଶୀୟ ଶାସକମାନଙ୍କ ଅମଳରେ ଶୈବଧର୍ମ ଓଡ଼ିଶାରେ ବିପୁଳ ଆଦର ଲାଭ କରିଥିଲା । ଦଶମ ଓ ଏକାଦଶ ଶତାବ୍ଦୀ ହେଉଛି ଶୈବ ଧର୍ମର ସୁବର୍ଣ୍ଣଯୁଗ । ଭୁବନେଶ୍ୱର ରାଜାରାଣୀ ମନ୍ଦିର, ଲିଙ୍ଗରାଜ ମନ୍ଦିର ଓ ବ୍ରହ୍ମେଶ୍ୱର ମନ୍ଦିର ପ୍ରଭୃତି ଏହି ସମୟର କୀର୍ତ୍ତି । ଏହି ସମୟରେ

ରଚିତ ହୋଇଥିବା ଶୈବ ସାହିତ୍ୟଗୁଡ଼ିକ ହେଲା କଳସା ଚଉତିଶା, ରୁଦ୍ରସୁଧାନିଧି ଓ ସୋମନାଥବ୍ରତ କଥା ।

କଳସା ଚଉତିଶା ଗ୍ରନ୍ଥରେ ଶିବପାର୍ବତୀଙ୍କ ବିବାହ ବର୍ଣ୍ଣନା ଦେଖିବାକୁ ମିଳେ । ଶୈବ ଧର୍ମ ପ୍ରଖ୍ୟାପନ କରୁଥିବା ଏହି ଗ୍ରନ୍ଥରେ ଶିବଙ୍କ ବନ୍ଦନା ପ୍ରସଙ୍ଗରେ ବିଭିନ୍ନ ସ୍ତୁତି ଏଥିରେ ସନ୍ନିବିଷ୍ଟ ହୋଇଅଛି । ସମକାଳୀନ ପ୍ରଚଳିତ ବିବାହ ତଥା ସାମାଜିକ ରୀତିନୀତି ଚିତ୍ରିତ ହୋଇଛି ଏହି ଗ୍ରନ୍ଥରେ । ଚଉତିଶା ଏକ ପ୍ରାକୃତ ଓ ପ୍ରାଚୀନ ଛନ୍ଦ । କ- କାରାଦିକ୍ରମରେ ୩୪ ଟି ବ୍ୟଞ୍ଜନ ବର୍ଣ୍ଣମାଳାର ଆଦ୍ୟ ପ୍ରୟୋଗଦ୍ୱାରା ରଚିତ ହୋଇଥାଏ ପୁଣି ଓଲଟା ପ୍ରୟୋଗରେ ମଧ୍ୟ ରଚିତ ହୋଇଥାଏ । ସେହିପରି, ନାରାୟଣାନନ୍ଦ ଅବଧୂତ ସ୍ୱାମୀଙ୍କ ରୁଦ୍ରସୁଧାନିଧି ମଧ୍ୟ ଏକ ଶୈବଧର୍ମ ପ୍ରଖ୍ୟାପକ ଗ୍ରନ୍ଥ । ଏହି ଗ୍ରନ୍ଥ ଗଦ୍ୟରେ ରଚିତ ହୋଇଥିଲେ ହେଁ ଏକାନ୍ତ ପଦ୍ୟାତ୍ମକ । ଏହାର କିୟଦଂଶ ଏଠାରେ ଉଦାହରଣସ୍ୱରୂପ ଦିଆଗଲା -

ଏବଂ ଭୂତ ପ୍ରକାରେ କୁମର ଅଜ୍ଞାନ ଭାବ ପାଇଲା । ଚନ୍ଦ୍ରକଳା ପ୍ରାୟେ ଦିନେ ଦିନେ ବର୍ଦ୍ଧମାନହୋଇ ଶୋହିଲା । ଦିବସକୁ ଦିବସ ଗୁରୁଜନମାନଙ୍କୁ ମୋହିଲା ପଦ୍ମବନରେ ଯେମନ୍ତ ରାଜହଂସ ଶୋହିଲା । ପରମ ଅଭ୍ୟାସରେ କରି ପାଞ୍ଚବର୍ଷ ହୋଇଲା ।

ରୁଦ୍ରସୁଧାନିଧି ପରି ସୋମନାଥ ବ୍ରତକଥା ମଧ୍ୟ ଶୈବଧର୍ମ ପ୍ରଖ୍ୟାପକ ଏକ ଗଦ୍ୟଗ୍ରନ୍ଥ । ଓଡ଼ିଶାରେ ପ୍ରାଚୀନକାଳରୁ ପ୍ରଚଳିତ ଅନେକ ଓଷାବ୍ରତ ମଧ୍ୟରେ ସୋମନାଥ ବ୍ରତ ଅନ୍ୟତମ । ଏଠାରେ ସୋମନାଥ ବ୍ରତକଥା ର କିୟଦଂଶ ଦ୍ରଷ୍ଟବ୍ୟ- "ପରମେଶ୍ୱର କହନ୍ତି, ଦେବୀ ଶୁଣନ୍ତି । ଶୁଣ ଦେବୀ ପାର୍ବତୀ । ମାଳବ ବୋଲି ଦେଶ, ତହିଁ ପାଟଳ ବୋଲି ନଗ୍ର, ତହିଁ ବୀର ବିକ୍ରମ ବୋଲି ରାଜା, ସେ ରାଜା ମହାପ୍ରତାପୀର, ସେ କଟକର ଅନେକ ମହିମା । ଘରେଘରେ ସୁବର୍ଣ୍ଣ କଳସ ବସାନ୍ତି । ଧବଳ ମୟେପୁର, ଅତି ସୁନ୍ଦର ।" ଓଡ଼ିଆ ଗଦ୍ୟ ସାହିତ୍ୟର ଐତିହାସିକ ବିକାଶ ଦୃଷ୍ଟିରୁ ଏହି ଦୁଇଟି ଗ୍ରନ୍ଥର ଦାନ ଅତୁଳନୀୟ ।

ନାଥ ସାହିତ୍ୟ ଯୋଗ, ପ୍ରାଣାୟମ, ଧ୍ୟାନକୁ ଗୁରୁତ୍ୱଦେଇ ରଚିତ ହୋଇଥିଲା । ଚର୍ଯ୍ୟା କାଳ ପରି ଏହି ସମୟରେ ମଧ୍ୟ ସଂସ୍କୃତ ଓ ବ୍ରାହ୍ମଣ ଧର୍ମର ଅପ୍ରତିହତ ପ୍ରଭାବ ଥିଲା ତଥାପି ନାଥ ଯୋଗୀମାନେ ଓଡ଼ିଆରେ ସାହିତ୍ୟ ରଚନାକରି ଓଡ଼ିଆ ସାହିତ୍ୟକୁ ପ୍ରତିଷ୍ଠିତ କରିଥିଲେ ।

ନାଥ ସାହିତ୍ୟ ଓ ଶୈବ ସାହିତ୍ୟ ବ୍ୟତୀତ ମାଦଳାପାଞ୍ଜି ଯାହା ପୁରୀ ଜଗନ୍ନାଥ ମନ୍ଦିରର ରୀତି, ନୀତି ସେବା, ପୂଜାବିଧି, ଉତ୍କଳର ଗଜପତି ମହାରାଜାମାନଙ୍କର ରାଜ୍ୟ ଶାସନର ବିବରଣୀ, ସମକାଳୀନ ସାମାଜିକ ଓ ରାଜନୈତିକ ଚିତ୍ରରେ ସମୃଦ୍ଧ, ଏହି ସମୟରେ ଲିଖିତ ହୋଇଥିବା ଜଣାଯାଏ । ଉଦାହରଣସ୍ୱରୂପ, "ଏଥକୁ ତୁମ୍ଭେମାନେ ଯେବେ ବଳୀଆର ପଣକରି ଲୋଭବଶରେ ହରିବ ତେବେ ଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଚରଣକୁ ଦ୍ରୋହକଲାରୁ ଯେ ପାପ ତାହା ପାଇବ । ମୁଁ ଯାହା ଯଉଂ ପ୍ରକାରେ ଭିଆଣ କରିଦେଉଛି ଦେବତା ବ୍ରାହ୍ମଣଙ୍କୁ ଭୋଗକରାଇ ଯେ ପ୍ରକାରେ ପରିପାଳନ କରୁଥିବ ।"

ମାର୍କଣ୍ଡ ଦାସଙ୍କ କେଶବ କୋଇଲିକୁ ମଧ୍ୟ ଏହି ସମୟର ରଚନା ଭାବେ କିଛି ଆଲୋଚକ ଗ୍ରହଣ କରନ୍ତି । କେଶବ କୋଇଲି ମଧ୍ୟ ଚଉତିଶା ରୀତିରେ ରଚିତ । ଙ, ଞ, ଣ

ବର୍ଣ୍ଣ ଆଦ୍ୟରେ ଥାଇ ଓଡ଼ିଆରେ କୌଣସି ଶବ୍ଦ ନଥିବାରୁ ଏସବୁ ସ୍ଥାନରେ ନ ର ବ୍ୟବହାର ହୋଇଛି । ପ୍ରତ୍ୟେକ ପଦ ଦୁଇଟି ପାଦରେ ବିଭକ୍ତ । ପ୍ରଥମ ପାଦ ଦଶ ଅକ୍ଷର ଓ ଦ୍ୱିତୀୟ ପାଦ ଚଉଦ ଅକ୍ଷର ବିଶିଷ୍ଟ । ପ୍ରତ୍ୟେକ ପଦର ପ୍ରଥମ ପାଦର ଆରମ୍ଭରେ ଓ ଦ୍ୱିତୀୟ ପାଦର ଶେଷରେ କୋଇଲି ଶବ୍ଦଟି ଦେଖିବାକୁ ମିଳେ ।

ଉଦାହରଣସ୍ୱରୂପ-

କୋଇଲି ଲୋ, କେଶବ ଯେ ମଥୁରାକୁ ଗଲା
କାହା ବୋଲେ ଗଲାପୁତ୍ର ବାହୁଡ଼ି ନଇଲା, ଲୋ କୋଇଲି ।
କୋଇଲି ଲୋ, ଖଣ୍ଡକ୍ଷୀର ଦେବି ମୁଁ କାହାକୁ
ଖାଇବାର ପୁତ୍ର ଗଲା ମଥୁରା ପୁରକୁ, ଲୋ କୋଇଲି ।
କୋଇଲି ଲୋ, ଫଳିବାର ନାହିଁ ମୋର ଆଶା
ଫଳିବାର ଫଳ ଗଲା ବସୁଦେବ ପାଶ, ଲୋ କୋଇଲି ।

### ୨.୨.୧ ଶବ୍ଦାର୍ଥ

| | | |
|---|---|---|
| ସ୍ୱତନ୍ତ୍ର | - | ଅଲଗା |
| ସାମ୍ପ୍ରତିକ | - | ବର୍ତ୍ତମାନ |
| ଉନ୍ମେଷ | - | ଆବିର୍ଭାବ ବା ପ୍ରଥମକରି ପ୍ରକାଶ ଲାଭକରିବା |
| ଜିଜ୍ଞାସା | - | ଜାଣିବାର ଇଚ୍ଛା |
| ଅବଗତ ହେବା | - | ଜାଣିବା |
| ଉପଲବ୍ଧି | - | ପ୍ରାପ୍ତ |
| ସନ୍ଦେଶ | - | ବାର୍ତ୍ତା |
| ଉଦ୍‌ଘାଟନ କରିବା | - | ଜାଣିବା, ଅନାବରଣ କରିବା |
| ଦ୍ୱୈତ | - | ଦୁଇ |
| କ୍ଳେଶ | - | କଷ୍ଟ |
| ଆଭୂଷିତ | - | ଖଚିତ, ପରିହିତ |
| ଉନ୍ମତ୍ତ | - | ପାଗଳ |
| କ୍ଲିଷ୍ଟତା | - | ଦୁର୍ବୋଧ୍ୟ |
| ପରିଦୃଷ୍ଟ ହୋଇଥାଏ | - | ଦେଖାଯାଇଥାଏ |
| ଉପଲବ୍ଧ ହୁଏ | - | ମିଳିଥାଏ |
| ଆଦ୍ୟ | - | ପ୍ରଥମ |
| ପ୍ରତିସ୍ପର୍ଦ୍ଧା | - | ଆସ୍ପର୍ଦ୍ଧା କରିବା, ପ୍ରତିରୋଧରେ କିଛି କରିବା |
| ଭିତ୍ତିଭୂମି | - | ମୂଳଦୁଆ |

| | | |
|---|---|---|
| କିୟଦଂଶ | - | କିଛି ଅଂଶ |
| କର୍ଣ୍ଣ | - | କାନ |
| କୁଣ୍ଡଳ | - | ଆଗକାଳରେ କାନରେ ପିନ୍ଧାଯାଉଥିବା ଏକପ୍ରକାର ଅଳଙ୍କାର |
| କୃଷ୍ଣବର୍ଣ୍ଣ | - | ଶ୍ୟାମଳ ବର୍ଣ୍ଣ |
| ଭୁଜଙ୍ଗମ | - | ସାପ । |

### ୨.୨.୨ ପଠିତାଂଶର ଆଲୋଚନା

ପ୍ରାକ୍ ସାରଳା ସାହିତ୍ୟ କହିଲେ ଆମେ ସାଧାରଣତଃ ଚର୍ଯ୍ୟା, ନାଥ ଓ ଶୈବ ସାହିତ୍ୟକୁ ବୁଝିଥାଉ । ଏହି ଯୁଗର ସ୍ରଷ୍ଟାମାନେ ତତ୍କାଳୀନ ପ୍ରଭାବଶାଳୀ ସଂସ୍କୃତ ଭାଷା ବିରୋଧରେ ଯାଇ କଥିତ ଅପଭ୍ରଂଶ ଭାଷାରେ ରଚନାକରି ଲୋକମୁଖର ଭାଷାର ବି ସାହିତ୍ୟ ସର୍ଜନା କରାଯାଇପାରେ ବୋଲି ପ୍ରମାଣିତ କଲେ ।

ପ୍ରାକ୍ ସାରଳା ଯୁଗରେ ଗଦ୍ୟ ଓ ପଦ୍ୟ ସାହିତ୍ୟ ଏହିପରି ଦୁଇଟି ଧାରାରେ ଓଡ଼ିଆ ସାହିତ୍ୟର ବିକାଶ ସାଧିତ ହୋଇଥିଲା । ରୁଦ୍ରସୁଧାନିଧି, ସୋମନାଥ ବ୍ରତକଥା ପରି ଗଦ୍ୟ ରଚନା ତଥା ଅମରକୋଷ ଗୀତାର ଗଦ୍ୟ ହେଉଛି ଓଡ଼ିଆ ସାହିତ୍ୟର ଆଦ୍ୟକାଳୀନ ଗଦ୍ୟରୂପ । ଏହି ଯୁଗରେ ଓଡ଼ିଆ ଭାଷା ଅପଭ୍ରଂଶଠାରୁ ଧୀରେଧୀରେ ବିକାଶଲାଭ କରିଥିଲା । ଏହି ରଚନାଗୁଡ଼ିକ ପଛରେ ସାହିତ୍ୟ ସୃଷ୍ଟି ଅପେକ୍ଷା ଧର୍ମ ଓ ଆଧ୍ୟାତ୍ମିକତାର ପ୍ରଚାର ଓ ପ୍ରସାର ଥିଲା ମୁଖ୍ୟ ଉଦ୍ଦେଶ୍ୟ । ଚର୍ଯ୍ୟା, ନାଥ ଓ ଶୈବ ସାହିତ୍ୟ ପରବର୍ତ୍ତୀକାଳରେ ସାରଳା ସାହିତ୍ୟ ଓ ପଞ୍ଚସଖା ସାହିତ୍ୟକୁ ବହୁଭାବରେ ପ୍ରଭାବିତ କରିଥିଲା ।

### ୨.୨.୩ ମୂଳପାଠର ପ୍ରଥମ ଭାଗର ପ୍ରଶ୍ନ

୧. ଚର୍ଯ୍ୟା ସାହିତ୍ୟ କହିଲେ କାହାକୁ ବୁଝାଏ ?

୨. ଚର୍ଯ୍ୟାର ବିଷୟବସ୍ତୁ କଣ ?

୩. ବୌଦ୍ଧ ସିଦ୍ଧାଚାର୍ଯ୍ୟ କେତେ ଜଣ ଥିଲେ ?

୪. ଚର୍ଯ୍ୟାଗୀତିକାଗୁଡ଼ିକ କାହିଁକି ଜନପ୍ରିୟ ଥିଲା ?

୫. ସନ୍ଧା ଭାଷାର ବିଶେଷତ୍ୱ କ'ଣ ?

୬. ନାଥ ଶବ୍ଦର ଅର୍ଥ କ'ଣ ?

୭. ଅମରକୋଷ ଗୀତାର ରଚୟିତା କିଏ ?

୮. ଓଡ଼ିଶାରେ କେଉଁ ଦୁଇଗୋଷ୍ଠୀର ନାଥ ସମ୍ପ୍ରଦାୟ ଦେଖିବାକୁ ମିଳନ୍ତି ?

୯. ସପ୍ତାଙ୍ଗ ଯୋଗଧାରଣ, ଶିଶୁବେଦ, ଗୋରେଖ ସଂହିତା ଆଦି ଗ୍ରନ୍ଥରେ ମୁଖ୍ୟତଃ କେଉଁ ବିଷୟ ବର୍ଣ୍ଣିତ ?

୧୦. ଶୈବଧର୍ମ ସମ୍ବଳିତ ଦୁଇଟି ଗ୍ରନ୍ଥର ନାମ ଉଲ୍ଲେଖ କରନ୍ତୁ ।

୧୧. ଶୈବଧର୍ମ ସମ୍ପର୍କିତ ପ୍ରାଚୀନତମ ନିଦର୍ଶନ କେଉଁଠି ମିଳେ ?

୧୨. କଳସା ଚଉତିଶାର ମୁଖ୍ୟ ବିଷୟବସ୍ତୁ କ'ଣ ?

୧୩. ରୁଦ୍ରସୁଧାନିଧିର ରଚୟିତାଙ୍କ ନାମ କ'ଣ ?

୧୪. ମାଦଳା ପାଞ୍ଜିରେ କ'ଣ ସବୁ ଲେଖା ଯାଉଥିଲା ?

୧୫. ଚଉତିଶା କ'ଣ ?

**୨.୨.୪ ବ୍ୟାକରଣ ପ୍ରଶ୍ନ**

୧. ନିମ୍ନଲିଖିତ ଶବ୍ଦରେ ବ୍ୟବହୃତ ପ୍ରତ୍ୟୟଗୁଡ଼ିକୁ ଚିହ୍ନାଇ ଲେଖନ୍ତୁ ।
ତୀବ୍ରତା, ପୁଷ୍ପିତ

୨. ନିମ୍ନୋକ୍ତ ପଦଗୁଡ଼ିକରୁ କାରକ ଚିହ୍ନକୁ ଲେଖନ୍ତୁ ।
ପୋଥିଗୁଡ଼ିକୁ, ବିପ୍ଳବର, ପୋଥିରେ

୩. ବ୍ୟାସବାକ୍ୟ ସହ ସମାସର ନାମ ଲେଖନ୍ତୁ ।
ରୂପସଜ୍ଜା, ଶୈବଧର୍ମ

୪. ନିମ୍ନଲିଖିତ ଅବ୍ୟୟଗୁଡ଼ିକୁ ବ୍ୟବହାରକରି ବାକ୍ୟ ଗଠନ କରନ୍ତୁ ।
ତେବେ, ଓ, କିପରି

୫. ନିମ୍ନଲିଖିତ ଶବ୍ଦଗୁଡ଼ିକରେ ଇକ ପ୍ରତ୍ୟୟ ବ୍ୟବହାରକରି ପୁଣିଥରେ ଲେଖନ୍ତୁ ।
ସମାଜ, ବେଦ, ଇତିହାସ, ସମ୍ପ୍ରତି

## ୨.୩ ମୂଳପାଠର ଦ୍ୱିତୀୟ ଭାଗ: ସାରଳା ସାହିତ୍ୟ

ସାରଳାଙ୍କ କାଳରେ ଓଡ଼ିଆ ସାହିତ୍ୟ ଅବିକଶିତ ତଥା ପ୍ରାରମ୍ଭିକ ଅବସ୍ଥାରେ ଥିଲେ ହେଁ, ସଂସ୍କୃତ ସାହିତ୍ୟ ଶିଖର ସ୍ପର୍ଶ କରିଥିଲା । ଓଡ଼ିଆ ଭାଷା ଓ ସାହିତ୍ୟକୁ ସଂସ୍କୃତର ପ୍ରଭାବ ଓ ପ୍ରାଧାନ୍ୟରୁ ମୁକ୍ତକରି ତାହାକୁ ଏକ ସ୍ୱତନ୍ତ୍ରତା ପ୍ରଦାନ କରିଥିଲେ ସାରଳା ଦାସ ।

ସାରଳାଙ୍କ ସମୟସୀମା ଚତୁର୍ଦ୍ଦଶରୁ ପଞ୍ଚଦଶ ଶତାବ୍ଦୀ ବୋଲି ଅନୁମାନ କରାଯାଏ । ଏହି ଆଦିକବି ସିଦ୍ଧମୁନି ଭାବରେ ମଧ ପରିଚିତ । ସାରଳା ଦାସ ସଂସ୍କୃତ ମହାଭାରତର ଅନୁସରଣରେ ଓଡ଼ିଆରେ ମହାଭାରତ ରଚନା କରିଲେ । ଏହି ଗ୍ରନ୍ଥରେ ସମକାଳୀନ ସମାଜର ସାମାଜିକ, ରୀତିନୀତି, ପର୍ବପର୍ବାଣି, ରଣକୌଶଳ, ପୋଷାକ ପରିଚ୍ଛଦ, ଆଚାର ବ୍ୟବହାର ଧର୍ମଧାରା, ପ୍ରାକୃତିକ ପରିବେଶ ପ୍ରଭୃତି ଭଳି ବହୁ ଦିଗକୁ ସଂଯୋଜନାକରି ଓଡ଼ିଆ ଜାତିପ୍ରାଣତାର ପରିଚୟ ଦେଇଛନ୍ତି । ଉଦାହରଣସ୍ୱରୂପ, ମୂଷଳୀ ପର୍ବରେ ସାରଳା ଦାସ କିପରି ପୋଡ଼ପିଠା ପ୍ରସ୍ତୁତିର ଚିତ୍ର ଦେଇଛନ୍ତି ତାହା ଉଲ୍ଲେଖନୀୟ-

ତଣ୍ଡୁଳଗୁଡ଼ିଏ ବାଟି ପତ୍ରେ ବାନ୍ଧି କରି
ପ୍ରବଳ ଅନଳେ ତାହା ପୋଡ଼ି ପାକ ସାରି ।
ସେହି ସେ ମହାସୁଆଦ ଏକବର୍ଣ୍ଣ ପିଠା

ଦେହକୁ ବଡ଼ ହିତ ସେ ଲାଗେ ବଡ଼ ମିଠା ।
ଲୁହା ଚଟୁରେ ପିଠଉ ଲୁଚିଏ ଯେ ଦେଇ
ଅଗ୍ନି ଭିତରେ ତାହାକୁ ବସାଏ ସେ ନେଇ ।
ତାହାର ନାମ ଚିତଉ ତହିଁ ମୋର ଶ୍ରଦ୍ଧା
ଯା ଖାଇଲେ ହିତ ହୁଏ ନୁହେଁ ରୋଗ ବାଧା ।

ସେହିପରି, ଦ୍ରୌପଦୀଙ୍କ ସ୍ୱୟମ୍ବର ବେଳେ ବେଶ ରଚନା ପ୍ରସଙ୍ଗରେ ଓଡ଼ିଆଣୀର ଅଳଙ୍କାର ଓ ପରିପାଟୀର ବର୍ଣ୍ଣନା ଦେଖିବାକୁ ମିଳେ –

ମୁକୁତା ଜାଲି ଉପରେ ସୀମନ୍ତିନୀ ମଣି
ଲଲାଟ ପଟରେ ହୀରା ରତନ ଖଞ୍ଜଣୀ ।
ପଦ୍ମରାଗର ତାଟଙ୍କ ରତ୍ନବେଷ୍ଟ କର୍ଣ୍ଣେ ।
ବାଳ ଆଦିତ୍ୟ କି ଗଣ୍ଡସ୍ଥଳେ ନାନାବର୍ଣ୍ଣେ ।
ନାସାରେ ଅଷ୍ଟରତ୍ନର ଫୁଲି ଯେ ବସୁଣୀ
ସୂର୍ଯ୍ୟ ପାଖରେ ଚନ୍ଦ୍ରମା ଉଇଁଲା କି ପୁଣି ।

ଏହିପରି, ତତ୍କାଳୀନ ସମାଜର ବ୍ରତ ଉପବାସ, ପର୍ବପର୍ବାଣି, ବିବାହ, ଜନ୍ମ-ମୃତ୍ୟୁ କ୍ରିୟାକର୍ମ, ଯୁଦ୍ଧବିଦ୍ୟା ଜ୍ୟୋତିଷ ଶାସ୍ତ୍ର, କୃଷିକାର୍ଯ୍ୟ ତଥା ସେକାଳର ଜନଜୀବନର ବହୁବିଧ ଚିତ୍ର ସାରଳା ମହାଭାରତରେ ଦେଖିବାକୁ ମିଳିଥାଏ ।

ମଧ୍ୟ ପର୍ବ ସାରଳା ମହାଭାରତର ଏକ ନୂତନ ସଂଯୋଜନା । ଏଥିରେ ସଂସ୍କୃତ ମହାଭାରତର ଆଦିପର୍ବ, ବନପର୍ବ ପ୍ରଭୃତିର କେତେକ ଘଟଣା ଓ କିଛି କାଳ୍ପନିକ ବିଷୟ ସ୍ଥାନ ପାଇଛି । ସେହିପରି ଶୈଳ ପର୍ବକୁ ଗଦା ପର୍ବ ଭାବରେ ନାମକରଣ କରିଛନ୍ତି । ପୁଣି ବ୍ୟାସ ମହାଭାରତର ସୌପ୍ତିକ ପର୍ବର ଐଶିକ ଉପପର୍ବକୁ ଏକ ସ୍ୱତନ୍ତ୍ର ପର୍ବ କାଇଁଶିକା ପର୍ବ ଭାବେ ବର୍ଣ୍ଣନା କରିଛନ୍ତି ଓ ସଂସ୍କୃତ ମହାଭାରତର ମହାପ୍ରସ୍ଥାନିକ ପର୍ବକୁ ସାରଳା ଦାସ ବାଦ୍ ଦେଇଛନ୍ତି । ଅନୁଶାସନ ପର୍ବର ବିଷୟବସ୍ତୁ ମଧ୍ୟ ସାରଳା ମହାଭାରତରେ ନାହିଁ । ବ୍ୟାସ ମହାଭାରତରେ ଶାନ୍ତି ପର୍ବ ଏକ ବିଶାଳ ପର୍ବ ହୋଇଥିଲାବେଳେ ସାରଳା ମହାଭାରତରେ ଏହା ଏକ କ୍ଷୁଦ୍ରପର୍ବ । ସଂସ୍କୃତ ମହାଭାରତର ଭୀଷ୍ମ ପର୍ବରେ ଥିବା ଅଷ୍ଟାଦଶାଧ୍ୟାୟୀ ଗୀତାର ଉଲ୍ଲେଖ ମଧ୍ୟ ସାରଳା ମହାଭାରତରେ ଦେଖିବାକୁ ମିଳେନାହିଁ । ସେହିପରି କୌରବଙ୍କ ଶହେ ଭାଇଙ୍କ ନାମକରଣ ଭୀମଙ୍କ କ୍ଷୁଧା ଗାନ୍ଧାରୀଙ୍କ ସାହାଡ଼ା ବର, ସତ୍ୟଆମ୍ବ କାହାଣୀ ଦୁର୍ଯ୍ୟୋଧନଙ୍କ ରକ୍ତନଦୀ ସନ୍ତରଣ ଶ୍ରୀକୃଷ୍ଣଙ୍କ ଗଧପାଦ ଧରିବା, ଗଙ୍ଗା ଓ ଶାନ୍ତନୁଙ୍କ ଦାମ୍ପତ୍ୟ ଜୀବନ ଭଳି ଅନେକ ମୌଳିକ କାହାଣୀ ସଂଯୋଜିତ କରିଛନ୍ତି ସାରଳା ଦାସ । କେବଳ ନୂତନ ସଂଯୋଜନା ବା ବିଷୟବସ୍ତୁ ପରିକଳ୍ପନା ନୁହେଁ ତତ୍କାଳୀନ ସମାଜରେ ପ୍ରଚଳିତ ଏବଂ ସାରଳା ଦାସଙ୍କ କଳ୍ପନାପ୍ରସୂତ ଅନେକ ପ୍ରବଚନ ଓ ଲୋକକଥା ସାମ୍ପ୍ରତିକ ସମାଜରେ ମଧ୍ୟ ଆଦର ଲାଭକରିଛି, ଲୋକମୁଖରେ ପ୍ରଚଳିତ ଅଛି । ଉଦାହରଣସ୍ୱରୂପ, ମନ ଜାଣେ ପାପ, ମାଆ ଜାଣେ ବାପ, ତୁଳସୀବଣ ବାଘ, ତୁଳାମୁହାଁ କାଙ୍କ, କୋକୁଆ ଭୟ, ଝିମିଟିଖେଳରୁ ମହାଭାରତ, ପ୍ରଥମ ଯୁଦ୍ଧରେ ଭୀମ ହାରେ, ମାଉଁଆ ମହାଦେବ, ଉଆଁସୀ କନ୍ୟାକୁ ସାହାଡ଼ା

ବର, କର୍ଣ୍ଣ ମଲେ ପାଞ୍ଚ ଅର୍ଜ୍ଜୁନ ମଲେ ପାଞ୍ଚ, ଯାଚିଲା ଦ୍ରବ୍ୟନ ଛାଡ଼ନ୍ତି, ଅସମୟରେ ଗଧ ପାଦ ଧରିବା, ଭୀମର ବଳ କୋଇନ୍ତାକୁ ଜଣା, ଶିମିଳି ଗଛରେ ଦେହ ଘଷିବା, ଧୃତରାଷ୍ଟ୍ରକୁ କନ୍ୟା ନାହିଁ କି ଗାନ୍ଧାରୀକୁ ବର ନାହିଁ ପ୍ରଭୃତି ପ୍ରବାଦ-ପ୍ରବଚନ ସମ୍ପ୍ରତି ମଧ୍ୟ ଜନପ୍ରିୟ ।



ମହାଭାରତ ପରି ଚଣ୍ଡୀ ପୁରାଣ, ବିଲଙ୍କା ରାମାୟଣ, ଲକ୍ଷ୍ମୀ ନାରାୟଣ ବଚନିକା ମଧ୍ୟ ସାରଳା ଦାସଙ୍କ ଏକଏକ ଅନନ୍ୟ ସୃଷ୍ଟି । ଚଣ୍ଡୀ ପୁରାଣ ସଂସ୍କୃତ ସପ୍ତସତୀ ଚଣ୍ଡୀ ବା ଶ୍ରୀ ଦେବୀ ଭାଗବତ ଓ ମାର୍କେଣ୍ଡେୟ ଚଣ୍ଡୀ ଅନୁସରଣରେ ରଚିତ ହୋଇଥିଲେ ହେଁ ଏଗୁଡ଼ିକଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର । ସେହିପରି, ବିଲଙ୍କା ରାମାୟଣ ବାଲ୍ମୀକିକୃତ ଅଦ୍ଭୁତ ରାମାୟଣ ଗ୍ରନ୍ଥର ଛାୟାରେ ରଚିତ ହୋଇଥିଲେ ବି ସମଗ୍ର ଗ୍ରନ୍ଥରେ ମୌଳିକତା ପରିଲକ୍ଷିତ ହୋଇଥାଏ । ଅଭିଷେକ କାଳରେ ଶ୍ରୀରାମ ଓ ସୀତାଙ୍କ ବେଶ ବର୍ଣ୍ଣନା ସୁରେଖା ରାକ୍ଷସୀର ଅପରୂପ ସୌନ୍ଦର୍ଯ୍ୟ ବର୍ଣ୍ଣନା, ବ୍ରାହ୍ମଣ, ବ୍ରହ୍ମଚାରୀ ଓ ବୀରବେଶ ଆଦି ବର୍ଣ୍ଣନାରେ ଆମେ କବିଙ୍କ ଅସାଧାରଣ ବର୍ଣ୍ଣନା ଚାତୁରୀ ଦେଖିବାକୁ ପାଇଥାଉ । ଲକ୍ଷ୍ମୀ ନାରାୟଣ ବଚନିକାରେ ଲକ୍ଷ୍ମୀନାରାୟଣଙ୍କ କଥୋପକଥନ ଶୈଳୀରେ ଗୁରୁବାର ବ୍ରତ ପାଳନ ସହିତ ସମ୍ପୃକ୍ତ ବିଭିନ୍ନ ବିଧିବିଧାନ ବର୍ଣ୍ଣିତ । ପରବର୍ତ୍ତୀକାଳରେ ପଞ୍ଚସଖାଯୁଗର କବି ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣରେ ଏହାର ପ୍ରବାହ ଲକ୍ଷ୍ୟ କରାଯାଏ ।

ସାରଳା ଦାସଙ୍କ ସମସ୍ତ ରଚନା ଦାଣ୍ଡିବୃତ୍ତରେ ରଚିତ । ଦାଣ୍ଡିବୃତ୍ତର ପ୍ରଧାନ ଲକ୍ଷଣ ହେଉଛି ଏହାର ଗୋଟିଏ ପଦର ପାଦଦ୍ୱୟରେ ଅକ୍ଷର ସଂଖ୍ୟା ସମାନ ନଥାଏ । କେତେକ ପାଦର ଧାଡ଼ିରେ ସର୍ବାଧିକ ବତିଶଟି ଓ ସର୍ବନିମ୍ନ ନଅଟି ଅକ୍ଷର ଥିବାର ଲକ୍ଷ୍ୟ କରାଯାଏ । ଅକ୍ଷର ସଂଖ୍ୟା କମ୍ ବେଶି ଥିଲେ ହେଁ ପୁରାଣ ଆବୃତ୍ତିକାରୀ ସ୍ୱରର ଆରୋହ ଅବରୋହ ଦ୍ୱାରା ପ୍ରତି ଧାଡ଼ିକୁ ଏପରି ପାଠ କରନ୍ତି ଯେ ଶ୍ରୋତାଙ୍କୁ ପ୍ରତ୍ୟେକ ଧାଡ଼ିର ଅକ୍ଷର ସମାନ ଥିଲା ଭଳି ଲାଗେ ।

### ୨.୩.୧ ଶବ୍ଦାର୍ଥ

ଚିରସ୍ମରଣୀୟ - ସବୁଦିନପାଇଁ ସ୍ମରଣୀୟ
ପ୍ରାରମ୍ଭିକ - ପ୍ରାଥମିକ
ଶିଖର - ଶୀର୍ଷ ସ୍ଥାନ
ସ୍ପର୍ଶ କରିଥିଲା - ଛୁଇଁଥିଲା
ତଣ୍ଡୁଳ - ଚାଉଳ
ଅଗ୍ନି - ନିଆଁ
ଅନଳେ - ନିଆଁରେ
ଲଲାଟ - କପାଳ
ପଦ୍ମରାଗ - ତାମ୍ରବର୍ଣ୍ଣ ମଣି ବିଶେଷ
ତାଟଙ୍କ - ଏକପ୍ରକାର ପ୍ରାଚୀନ ଅଳଙ୍କାର

| | | |
|---|---|---|
| କର୍ଣ୍ଣେ | - | କାନରେ |
| ବାଳ ଆଦିତ୍ୟ | - | ଉଦିତ ସୂର୍ଯ୍ୟ |
| ଗଣ୍ଡ | - | ଗାଲ |
| ସ୍ଥଳେ | - | ସ୍ଥାନରେ |
| ନାସାରେ | - | ନାକରେ |
| ଫୁଲି, ବସୁଣୀ | - | ନାରୀମାନେ ପିନ୍ଧୁଥିବା ଅଳଂକାର |
| ଚନ୍ଦ୍ରମା | - | ଜହ୍ନ |
| ମୁକୁତା | - | ମୁକ୍ତା |
| ଭୁଜରେ | - | ବାହୁରେ |
| ଚିରନମସ୍ୟ | - | ସବୁଦିନ ପାଇଁ ସମ୍ମାନର ଯୋଗ୍ୟ |
| ସର୍ବତ୍ର | - | ସବୁଠାରେ |

## ୨.୩.୨ ପଠିତାଂଶର ଆଲୋଚନା

ସାରଳା ଦାସ ଓଡ଼ିଆ ସାହିତ୍ୟର ଆଦି କବି । ଚର୍ଯ୍ୟା, ନାଥ ବା ଶୈବ ସାହିତ୍ୟର ପ୍ରଭାବରେ ହେଉ କିମ୍ବା ସଚେତନଭାବରେ ହେଉ ଯେତେବେଳେ ଓଡ଼ିଆ ଭାଷା ସଂସ୍କୃତ କବଳିତହୋଇ ବିଲୟ ଘଟୁଥିଲା ସେତେବେଳେ ସାରଳା ଦାସ ବିଶାଳ ଗ୍ରନ୍ଥମାନ ରଚନାକରି ପ୍ରତିଷ୍ଠା କଲେ ଓଡ଼ିଆ ଭାଷାକୁ । ସାରଳା ଦାସ ସଂସ୍କୃତ ପୁରାଣଗୁଡ଼ିକୁ ଓଡ଼ିଆରେ ପୁନଃସର୍ଜନ କରିଛନ୍ତି । ତେବେ ସମସ୍ତ ରଚନାରେ ତାଙ୍କର ମୌଳିକତା ପରିଦୃଷ୍ଟ ହୋଇଥାଏ । ସଂସ୍କୃତି ସଚେତନ କବି ସାରଳା ଦାସ ନିଜ ସାହିତ୍ୟରେ ଓଡ଼ିଆ ଜନସାଧାରଣଙ୍କ ସାଂସ୍କୃତିକ ତଥା ସାମାଜିକ ଚଳଣିର ଯେଉଁ ପ୍ରତିଫଳନ ଘଟାଇଛନ୍ତି ତାହା ଅନନ୍ୟ । ସାରଳା ମହାଭାରତରେ ସ୍ଥାନୀତ ଅନେକ ପ୍ରବାଦ-ପ୍ରବଚନ ଓ ଲୋକକଥା ଆଜି ମଧ୍ୟ ଲୋକମୁଖରେ ପ୍ରଚଳିତ ଅଛି । କାବ୍ୟ ଅନୁଦିତ ହେଉ ବା ଅନୁସୃତ ହେଉ ଏଥିରେ ନିଜସ୍ୱ ଚିନ୍ତା-ଚେତନାର ପ୍ରତିଫଳନ କରିବାର ଯେଉଁ ପରମ୍ପରା ସାରଳା ସୃଷ୍ଟି କଲେ ତାହାର ପ୍ରଭାବ ପରବର୍ତ୍ତୀ ଓଡ଼ିଆ ସାହିତ୍ୟରେ ଦେଖିବାକୁ ମିଳେ । ଏହି ପରମ୍ପରା ପଞ୍ଚସଖା ସାହିତ୍ୟକୁ ବହୁ ଭାବରେ ପ୍ରଭାବିତ କରିଛି ।

## ୨.୩.୩ ମୂଳପାଠର ଦ୍ୱିତୀୟ ଭାଗର ପ୍ରଶ୍ନ

୧. ସାରଳା ଦାସଙ୍କ ମହାଭାରତ ଏକ ମୌଳିକ ରଚନା ନା ଅନୁସୃଜନ ?

୨. ସାରଳା ଦାସ ତାଙ୍କ ରଚନାରେ ନିଜକୁ କ'ଣ କହି ପରିଚିତ କରିଥିଲେ ?

୩. ସଂସ୍କୃତ ମହାଭାରତର ଶୈଳ ପର୍ବକୁ ସାରଳା କେଉଁ ନାମରେ ପରିବର୍ତ୍ତନ କରିଛନ୍ତି ?

୪. ସାରଳା ମହାଭାରତରେ ସଂସ୍କୃତ ମହାଭାରତ ଅନୁରୂପ ଅଷ୍ଟାଦଶାଧ୍ୟାୟୀ ଗୀତାର ଉଲ୍ଲେଖ ଅଛି କି ?

୫. 'ଶ୍ରୀକୃଷ୍ଣ ଗଧପାଦ ଧରିବା' ଏହି କାହାଣୀଟି ମୂଳ ସଂସ୍କୃତ ଭାରତରୁ ଆନୀତ

ନା ସାରଳା ଦାସଙ୍କ ସଂଯୋଜନା ?

୬. ଐଶିକ ପର୍ବ ସାରଳା ମହାଭାରତରେ କେଉଁ ପର୍ବ ଭାବରେ ବର୍ଣ୍ଣିତ ?

୭. ସାରଳା ଦାସଙ୍କ କେଉଁ ରଚନାରେ ଗୁରୁବାର ବ୍ରତ ସମ୍ପର୍କରେ ଉଲ୍ଲେଖ ଅଛି ?

୮. ସାରଳା ଦାସଙ୍କ ରଚନାଗୁଡ଼ିକ କେଉଁ ଶୈଳୀରେ ରଚିତ ?

୯. ସାରଳା ଦାସଙ୍କ ରଚିତ ପ୍ରଥମ ଗ୍ରନ୍ଥଟି କ'ଣ ?

୧୦. ବିଲଙ୍କା ରାମାୟଣ କେଉଁ ସଂସ୍କୃତ ଗ୍ରନ୍ଥର ଛାୟାରେ ରଚିତ ?

**୨.୩.୪ ବ୍ୟାକରଣ ପ୍ରଶ୍ନ**

୧. ନିମ୍ନଲିଖିତ ଶବ୍ଦରେ ବ୍ୟବହୃତ ଉପସର୍ଗଗୁଡ଼ିକୁ ଚିହ୍ନାଇ ଲେଖନ୍ତୁ ।
ଅପରୂପ, ପରିକଳ୍ପନା

୨. ବ୍ୟାସବାକ୍ୟ ସହ ସମାସର ନାମ ଲେଖନ୍ତୁ ।
ଚିରସ୍ମରଣୀୟ, ଉଲ୍ଲେଖଯୋଗ୍ୟ

୩. ନିମ୍ନଲିଖିତ କେଉଁ ଶବ୍ଦଟିରେ କର୍ମଧାରୟ ସମାସ ହୋଇଛି ?
ରଣକୌଶଳ, ଲୋକକଥା

୪. ନିମ୍ନ ଶବ୍ଦଗୁଡ଼ିକର ବିପରୀତ ଶବ୍ଦ ଲେଖନ୍ତୁ ।
ପ୍ରାଚୀନ, କ୍ଷୁଦ୍ର, ବେଶି, ଆରୋହ

୫. ନିମ୍ନଲିଖିତ ଶବ୍ଦଦୁଇଟିରେ ପରି ଉପସର୍ଗ ବ୍ୟବହାର କରି ଲେଖନ୍ତୁ ।
କଳ୍ପନା, ଦୁଷ୍ଟ

## ୨.୪ ମୂଳପାଠର ତୃତୀୟ ଭାଗ : ପଞ୍ଚସଖା ସାହିତ୍ୟ

ପଞ୍ଚସଖା ସାହିତ୍ୟର ସମୟସୀମା ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭରୁ ସପ୍ତଦଶ ଶତାବ୍ଦୀର ମଧ ଭାଗ ଯାଏଁ । ଏହି ସମୟରେ ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ ଓ ଶିଶୁ ଅନନ୍ତ ଦାସ ଆଦିଙ୍କ ରଚିତ ସାହିତ୍ୟ ପଞ୍ଚସଖା ସାହିତ୍ୟ ଭାବରେ ପରିଚିତ । ପଞ୍ଚସଖାଙ୍କ ସାଧାନାର ତିନିଟି ମାର୍ଗ ହେଲା- ଜ୍ଞାନ, ଭକ୍ତି, ଓ କର୍ମ । ଏମାନେ ଶୂନ୍ୟ ଉପାସକ ଥିବାରୁ ଏମାନଙ୍କ ରଚନାରେ ପ୍ରତିମା ପୂଜାର ବିରୋଧ ଦେଖିବାକୁ ମିଳେ । ପଞ୍ଚସଖା ଆତ୍ମସଂଯମ, ଆତ୍ମଶୁଚି, ଆତ୍ମତ୍ୟାଗ ଓ ବ୍ରହ୍ମ ସାଧନାର କଥା କହୁଥିଲେ, ପ୍ରାଣାୟମ ଓ ଯୋଗ ସାଧନା ଉପରେ ପ୍ରାଧାନ୍ୟ ଦେଉଥିଲେ ।

ବଳରାମ ଦାସଙ୍କ ଜଗମୋହନ ରାମାୟଣ ଓ ଲକ୍ଷ୍ମୀ ପୁରାଣ, ଜଗନ୍ନାଥ ଦାସଙ୍କ ଭାଗବତ, ଅଚ୍ୟୁତାନନ୍ଦ ଦାସଙ୍କ ହରିବଂଶ, ଶୂନ୍ୟ ସଂହିତା, ଶିଶୁ ଅନନ୍ତ ଦାସଙ୍କ ହେତୁଉଦୟ ଭାଗବତ, ଭବିଷ୍ୟ ପୁରାଣ ଯଶୋବନ୍ତ ଦାସଙ୍କ ଗୋବିନ୍ଦଚନ୍ଦ୍ର, ପ୍ରେମ ଭକ୍ତି ବ୍ରହ୍ମଗୀତା ପ୍ରଭୃତି ପଞ୍ଚସଖା ସାହିତ୍ୟର ପ୍ରଧାନ ଗ୍ରନ୍ଥ ।

ଜଗମୋହନ ରାମାୟଣ ଦାଣ୍ଡି ବୃତ୍ତରେ ରଚିତ ହୋଇଥିବାରୁ ଏହାକୁ ଦାଣ୍ଡି ରାମାୟଣ

ମଧ୍ୟ କୁହାଯାଏ । ତେବେ ଏହା ସଂସ୍କୃତ ରାମାୟଣର ଅବିକଳ ଓଡ଼ିଆ ଅନୁବାଦ ନୁହେଁ । ଉଦାହରଣସ୍ୱରୂପ, ଅଯୋଧ୍ୟା କାଣ୍ଡରେ ରାମଚନ୍ଦ୍ରଙ୍କର ଗୁହକ ଗୃହରେ ଆତିଥ୍ୟଗ୍ରହଣ ଓ ଆଦିବାସୀ ସମାଜର ରୀତିନୀତି ସମ୍ପର୍କିତ ବିଶେଷ ବର୍ଣ୍ଣନା ଦାଣ୍ଡି ରାମାୟଣରେ ଦେଖାଯାଏ । ମନ୍ଥରାର ପୂର୍ବ ଜନ୍ମବୃତ୍ତାନ୍ତ ମୂଳ ଗ୍ରନ୍ଥରେ ନଥିଲେ ହେଁ ଏଥିରେ ଅଛି । ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣ ଗ୍ରନ୍ଥଟି ଅତି ଲୋକପ୍ରିୟ । ମହାଲକ୍ଷ୍ମୀ ମାହାତ୍ମ୍ୟ ଓ ତାଙ୍କର ପୂଜାବିଧି ଏଥିରେ ବର୍ଣ୍ଣିତ । ଲକ୍ଷ୍ମୀ ପୁରାଣ ଓଡ଼ିଶାର ସାଂସ୍କୃତିକ ପରିଚିତ ସହ ଜଡ଼ିତ । ଓଡ଼ିଶାର ଘରେଘରେ ମାଣବସା ଦିନ ଏହି ଗ୍ରନ୍ଥଟି ପାଠକରାଯାଏ ।  ସେହିପରି ଜଗନ୍ନାଥ ଦାସଙ୍କ ଭାଗବତର ସ୍ଥାନ ଓଡ଼ିଆ ଜନଜୀବନ ଓ ସଂସ୍କୃତିରେ ସ୍ୱତନ୍ତ୍ର । ପ୍ରତ୍ୟେକ ଗ୍ରାମରେ ଭାଗବତ ଟୁଙ୍ଗୀଥାଇ ଭାଗବତ ପୂଜା ଓ ପାରାୟଣ ହେଉଥିଲା । ବଳରାମ ଦାସଙ୍କ ହରିବଂଶ ମଧ୍ୟ ଏକ ଲୋକପ୍ରିୟ ରଚନା । ଏହା ସାତଖଣ୍ଡରେ ବିଭକ୍ତ, ଏଣୁ ଏହାକୁ ସାତଖଣ୍ଡିଆ ହରିବଂଶ କୁହାଯାଏ । ଏହି ଗ୍ରନ୍ଥରେ ସେ ତତ୍କାଳୀନ ଓଡ଼ିଶାର ରୀତିନୀତି, ପର୍ବପର୍ବାଣି, ଚାଲିଚଳଣି, ବିବାହଉତ୍ସବ, ବିଦ୍ୟାଶିକ୍ଷା ସମାଜକ ଓ ସାଂସ୍କୃତିକ ଚିତ୍ର ବିଭିନ୍ନ ପ୍ରସଙ୍ଗରେ ପ୍ରଦାନ କରିଛନ୍ତି । ପଞ୍ଚସଖାଙ୍କ ଅନେକ ରଚନା ଦାଣ୍ଡିବୃତ୍ତ ଓ ନବାକ୍ଷରୀ ବୃତ୍ତରେ ରଚିତ । ସାରଳା ଦାସ ଅନୁବାଦରେ ଯେଉଁ ସ୍ୱକୀୟତା ଦେଖାଇଥିଲେ ତାହାର ଅନୁସରଣ ଭାଗବତ, ଦାଣ୍ଡି ରାମାୟଣ ଓ ହରିବଂଶ ପ୍ରଭୃତି ଗ୍ରନ୍ଥରେ ଦେଖିବାକୁ ମିଳେ । ଉଦାହରଣସ୍ୱରୂପ, ଏଠାରେ ଭାଗବତ ଓ ଦାଣ୍ଡି ରାମାୟଣର କିୟଦଂଶ ଦ୍ରଷ୍ଟବ୍ୟ –

ଉଦ୍ଧବ ଶୁଣ ବେଦ ସାର  । ସ୍ୱଭାବେ ସଂସାର ବେଭାର । ।
ସୁନ୍ଦର ପୁରୁଷ ନିର୍ଦ୍ଧନ  । ଗଣିକା ଛାଡ଼ଇ ଯେସନ । ।
ରାଜାଙ୍କୁ ଅଭାଜନ ଦେଖି  । ପରଜା ଛାଡ଼ି ଯେହ୍ନେ ଦୁଃଖୀ । ।
ବିଦ୍ୟା ପାଇଲେ ଶିଷ୍ୟ ଗୁରୁ । ସେ ଯେହ୍ନେ ତ୍ୟଜନ୍ତି ମନରୁ  । । (ଭାଗବତ)

*   *   *

ଭୋଦେବ ଶ୍ରୀରାମ ତୁମ୍ଭେ ମୋର ବୋଲ କର
ମଉଳି ନୁଆଇଁ ତୁମ୍ଭେ ଏ ଧନୁ ନ ଧର ।
ଏକ ଦୃଷ୍ଟି କରି ଛାହିଁଛନ୍ତି ନୃପବରେ
ପ୍ରଣାମ କଲା ପରାଏ ଦିଶିବ ସଭାରେ  । (ଦାଣ୍ଡି ରାମାୟଣ)

ପଞ୍ଚସଖା ସାହିତ୍ୟର ସାର୍ବଜନୀନତାର ପ୍ରକୃଷ୍ଟ ପ୍ରମାଣ ତା'ର ସରଳ, ସହଜବୋଧ ଓ ନୀତିଗର୍ଭିତ ପଦାବଳୀର ଶ୍ରୁତି ମଧୁର ଆବେଦନ । ନୀତିବାଣୀ ପ୍ରବଚନ ପରି ଏହାର ଶତଶତ ପଦ ଓଡ଼ିଆମାନଙ୍କଦ୍ୱାରା ଏବେ ମଧ୍ୟ ବ୍ୟବହୃତ ହେଉଛି । 'ଯାହାକୁ ରଖିବେ ଅନନ୍ତ / କି କରିପାରିବେ ବଳବନ୍ତ', 'ଅନେକ ଲୋକ ଯହିଁ ମିଳି / ଅବଶ୍ୟ ଉପୁଜଇ କଳି', 'ଅମୃତ ବିନୟ ବଚନ କହି ତୋଷିବ ପ୍ରାଣୀମନ' ପ୍ରଭୃତିକୁ ଏହାର ଉଦାହରଣ ଭାବରେ ନିଆଯାଇପରେ । ପଞ୍ଚସଖା ଯୁଗର ଅନ୍ୟତମ ବୈଶିଷ୍ଟ୍ୟ ହେଉଛି ଜୀବନୀ ସାହିତ୍ୟ ରଚନା । ଜଗନ୍ନାଥ ଦାସଙ୍କ ଜୀବନୀ ଆଧାରିତ ଦିବାକର ଦାସଙ୍କ ଜଗନ୍ନାଥ ଚରିତାମୃତ ଓ ଅଚ୍ୟୁତାନନ୍ଦ ଦାସଙ୍କ ଶିଷ୍ୟ ରାମ ଦାସଙ୍କଦ୍ୱାରା ରଚିତ ଦାର୍ଢ୍ୟତା ଭକ୍ତି ରସାମୃତ ଭଳି ଜୀବନୀ ଗ୍ରନ୍ଥମାନ ରଚିତ ହୋଇଥିଲା ।

ପଞ୍ଚସଖା ଜାତିଭେଦ ଓ ପୁରୋହିତ ସମ୍ପ୍ରଦାୟର ଆଧିପତ୍ୟ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ । କେତେକ ସାଧନ ଗ୍ରନ୍ଥକୁ ବାଦ୍ ଦେଲେ ଅନ୍ୟାନ୍ୟ ଗ୍ରନ୍ଥର ଭାଷା ସରଳ ଓ ସର୍ବଜନ ବୋଧ ଥିଲା । ବ୍ରଜବୋଲି ଭାଷାରେ ପଦାବଳୀ ରଚନାକରି ପ୍ରସିଦ୍ଧ ଅର୍ଜନ କରିଥିଲେ । ପଞ୍ଚସଖା ସାହିତ୍ୟ ପରବର୍ତ୍ତୀ ରୀତି ସାହିତ୍ୟ ଏପରିକି ଆଧୁନିକ ସାହିତ୍ୟକୁ ମଧ୍ୟ ବହୁ ପରିମାଣରେ ପ୍ରଭାବିତ କରିଛି । ଦାଣ୍ଡି ରାମାୟଣର ପ୍ରଭାବ ରୀତିଯୁଗର କବି ଉପେନ୍ଦ୍ର ଭଞ୍ଜଙ୍କ ବୈଦେହୀଶ ବିଳାସ, ଯଦୁମଣି ମହାପାତ୍ରଙ୍କ ରାଘବ ବିଳାସ, ରାଧାଚରଣ ନାୟକଙ୍କ ରାମାୟଣ ମଞ୍ଜରୀ ଆଦି ଗ୍ରନ୍ଥରେ ଦେଖିବାକୁ ମିଳେ । ସେହିପରି ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣର ପ୍ରଭାବ ମଧ୍ୟ ଗୋପାଳ ଦାସ, ବୈଷ୍ଣବ ପାଣି, ତଥା ଅଶ୍ୱିନୀ କୁମାରଙ୍କ ନାଟକଗୁଡ଼ିକରେ ଦେଖିବାକୁ ପାଇପାରିବା ।

ପଞ୍ଚସଖା ଯୁଗର ଅନ୍ୟ କେତେଜଣ ବିଶିଷ୍ଟ କବି ହେଉଛନ୍ତି ମାଧବୀ ଦାସୀ, କହ୍ନାଇ ଖୁଣ୍ଟିଆ, ମାଧବ ପଟ୍ଟନାୟକ । କହ୍ନାଇ ଖୁଣ୍ଟିଆଙ୍କ ମହାଭାବ ପ୍ରକାଶ, ମାଧବ ପଟ୍ଟନାୟକଙ୍କ ବୈଷ୍ଣବ ଲୀଳାମୃତ ତଥା ମାଧବୀ ଦାସୀଙ୍କ ବହୁ ଭକ୍ତି କବିତା ଏହି ସମୟର ଉଲ୍ଲେଖଯୋଗ୍ୟ କୃତି । ଏହି ସମୟର ଅନ୍ୟତମ ଉଲ୍ଲେଖନୀୟ କବି ହେଉଛନ୍ତି ସାଲବେଗ ଯିଏ କି ବହୁ ଭଜନ ଜଣାଣରେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି ।

ପଞ୍ଚସଖା ଯୁଗର  ଦ୍ୱିତୀୟାର୍ଦ୍ଧରେ ଅର୍ଜୁନ ଦାସ ରାମବିଭା କଳ୍ପଲତା; ନରସିଂହ ସେଣ ପରିମଳା, ଗୋପକେଳି; ଦାମୋଦର ଦାସ ରସକୁଲ୍ୟା ଚଉତିଶା, ଚଉତିଶା ମଧୁଚକ୍ର; ବିଷ୍ଣୁଦାସ ପ୍ରେମାଲୋଚନା, ପ୍ରବାସ ବାହୁଡ଼ା ଚଉତିଶା, ଲୀଳାବତୀ; ଶିଶୁଶଙ୍କର ଦାସ ଉଷାଭିଳାଷ, ବନମାଳୀ ଦାସ ଚାଟ ଇଚ୍ଛାବତୀ, କାର୍ତ୍ତିକ ଦାସ ରୁକ୍ମିଣୀବିଭା, ଦେବଦୁର୍ଲଭ ଦାସ ରହସ୍ୟ ମଞ୍ଜରୀ, ଚାନ୍ଦ ଦାସ ଗୋପୀ ଚନ୍ଦନ ପ୍ରଭୃତି କାବ୍ୟ ରଚନାକରି ରୀତିଯୁଗ ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରିଥିଲେ ।

### ୨.୪.୧ ଶବ୍ଦାର୍ଥ

| | | |
|---|---|---|
| ତୃଷ୍ଣା | - | ଶୋଷ |
| ବୈଷ୍ଣବ | - | ବିଷ୍ଣୁ ଭକ୍ତ |
| ମୁମୂର୍ଷୁ | - | ମୃତପ୍ରାୟ |
| ପ୍ରକୃଷ୍ଟ | - | ଉପଯୁକ୍ତ |
| ବୀତସ୍ପୃହ | - | ଅନିଚ୍ଛୁକ |
| ଆୟୁଷ | - | ବୟସ |
| ଆରାଧନା | - | ପୂଜା |
| ଘେନିଯାଉଛ | - | ନେଇଯାଉଛ |

| | | |
|---|---|---|
| ସର୍ବଜନ ବୋଧ | - | ସମସ୍ତେ ବୁଝିପାରିଲାଭଳି |
| ସ୍ୱକୀୟତା | - | ନିଜସ୍ୱତା, ମୌଳିକତା |
| ଆଧିପତ୍ୟ | - | ପ୍ରଭୁତ୍ୱ |

## ୨.୪.୨ ପଠିତାଂଶର ଆଲୋଚନା

ପଞ୍ଚସଖା ସାହିତ୍ୟ ଅତି ସରଳ ଓ ସହଜ । ଧର୍ମର ଗୂଢ଼ ତଥା ଦାର୍ଶନିକ ତତ୍ତ୍ୱକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ପଞ୍ଚସଖା ସରଳ ଓ ସୁବୋଧ ଭାଷାରେ ସଂସ୍କୃତ ପୁରାଣ ଗ୍ରନ୍ଥକୁ ସହଜ ଓ ସରଳ ଓଡ଼ିଆରେ ରୂପାନ୍ତରିତକରି ସଂସ୍କୃତ ଅନଭିଜ୍ଞ ଜନସାଧାରଣଙ୍କ ଆଧ୍ୟାତ୍ମିକ ତୃଷ୍ଣାକୁ ଦୂର କରିଥିଲେ ।

ବୌଦ୍ଧ ସହଜିଆ ସିଦ୍ଧମାନଙ୍କ ଚର୍ଯ୍ୟା ସାହିତ୍ୟ ପରେପରେ ନାଥ ଓ ଶୈବ ସାହିତ୍ୟରେ ବିସ୍ତୃତ ଥିବା ବୌଦ୍ଧ ଶୂନ୍ୟ ଚେତନା ପୁନର୍ବାର ପଞ୍ଚସଖାଙ୍କ ସାହିତ୍ୟରେ ପ୍ରତିଫଳିତ ହେବା ଲକ୍ଷ୍ୟ କରାଯାଏ । ଏମାନେ ଶୂନ୍ୟ ଉପାସକ ଥିବାରୁ ପ୍ରତିମା ପୂଜାର ବିରୋଧ କରୁଥିଲେ । ପଞ୍ଚସଖା ଆତ୍ମସଂଯମ, ଆତ୍ମଶୁଚି, ଆତ୍ମତ୍ୟାଗ ଓ ବ୍ରହ୍ମ ସାଧନାର କଥା କହୁଥିଲେ ଏବଂ ପ୍ରାଣାୟାମ ଓ ଯୋଗ ସାଧନା ଉପରେ ପ୍ରାଧାନ୍ୟ ଦେଉଥିଲେ । ପଞ୍ଚସଖା ବାହ୍ୟ ଆଚାର ପ୍ରତି ବୀତସ୍ପୃହ ଥିଲେ । ଏମାନେ ଜାତିଭେଦ ଓ ପୁରୋହିତ ସମ୍ପ୍ରଦାୟର ଆଧିପତ୍ୟ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ । ପଞ୍ଚସଖାଙ୍କ କେତେକ ସାଧନ ଗ୍ରନ୍ଥକୁ ବାଦ୍ ଦେଲେ ଅନ୍ୟାନ୍ୟ ଗ୍ରନ୍ଥର ଭାଷା ସରଳ ଓ ସର୍ବଜନ ବୋଧ ଥିଲା । ବ୍ରଜବୋଲି ଭାଷାରେ ପଦାବଳୀ ରଚନା ଏ ଯୁଗର ଅନ୍ୟତମ ବିଶେଷତ୍ୱ । ପଞ୍ଚସଖାଙ୍କ ଅନେକ ରଚନା ସାଧାରଣତଃ ଦାଣ୍ଡିବୃତ୍ତ ଓ ନବାକ୍ଷରୀ ବୃତ୍ତରେ ରଚିତ । ପଞ୍ଚସଖାଙ୍କ ରଚନା ପରବର୍ତ୍ତୀ ରୀତି ସାହିତ୍ୟ ଏପରିକି ଆଧୁନିକ ସାହିତ୍ୟକୁ ମଧ୍ୟ ବହୁ ପରିମାଣରେ ପ୍ରଭାବିତ କରିଛି । ପଞ୍ଚସଖାଙ୍କ ପରବର୍ତ୍ତୀ ଅର୍ଜୁନ ଦାସ, ବିଷ୍ଣୁ ଦାସ, ବନମାଳୀ ଦାସ ଭଳି କେତେକ କବି କାଳ୍ପନିକ କାବ୍ୟ ରଚନାକରି ରୀତିଯୁଗ ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରିଥିଲେ ।

## ୨.୪.୩ ବ୍ୟାକରଣ ପ୍ରଶ୍ନ

୧. ଏକ ପଦରେ ପ୍ରକାଶ କରନ୍ତୁ ।
   ବିଷ୍ଣୁ ଉପାସନାକରେ ଯିଏ
   ଯିଏ ଅଭିଜ୍ଞ ନୁହଁନ୍ତି
   ସ୍ମରଣରେ ନାହିଁ ଯାହା

୨. ବ୍ୟାସ ବାକ୍ୟ ସହ ସମାସର ନାମ ଲେଖନ୍ତୁ ।
   ଅନଭିଜ୍ଞ, ପଞ୍ଚସଖା, ଆତ୍ମସଂଯମ, ଚରିତାମୃତ

୩. ନିମ୍ନୋକ୍ତ ବିଶେଷ୍ୟ ପଦଗୁଡ଼ିକର ବିଶେଷଣ କରନ୍ତୁ ।
   ଦର୍ଶନ, ବିସ୍ମୃତି, ସଂସ୍କୃତି

୪. ନିମ୍ନଲିଖିତ ଶବ୍ଦଗୁଡ଼ିକର ପ୍ରତ୍ୟୟ ଚିହ୍ନାଇ ଲେଖନ୍ତୁ ।

ରୂପାନ୍ତରିତ, ତତ୍କାଳୀନ, କଥିତ, ସ୍ୱକୀୟତା

୫. ନିମ୍ନୋକ୍ତ ଶବ୍ଦଗୁଡ଼ିକୁ ସଂଶୋଧନକରି ଲେଖନ୍ତୁ ।

ରୀତିନୀତି, ଆତ୍ମସୂଚି, ଭିତିଭୁମି, କାଞ୍ଚନୀକ

### ୨.୪.୪. ମୂଳପାଠର ତୃତୀୟ ଭାଗର ପ୍ରଶ୍ନ

୧. ପଞ୍ଚସଖାମାନଙ୍କ ଧର୍ମ ସାଧନାର ତିନିଟି ମାର୍ଗ କ'ଣ ?

୨. ପଞ୍ଚସଖା କାହିଁକି ପ୍ରତିମା ପୂଜାକୁ ବିରୋଧ କରୁଥିଲେ ?

୩. କେଉଁ ରଚନାଟି ଦାଣ୍ଡି ରାମାୟଣ ଭାବରେ ପରିଚିତ ?

୪. ମାଣବସା ଦିନ ପାଠ କରାଯାଉଥିବା ରଚନାଟି କଣ ?

୫. ସାତଖଣ୍ଡିଆ ହରିବଂଶ କାହାକୁ କୁହାଯାଏ ?

୬. ନବାକ୍ଷରୀ ବୃତ୍ତ କିଏ ପ୍ରବର୍ତ୍ତନ କରିଥିଲେ ?

୭. ରାମଦାସଙ୍କଦ୍ୱାରା ରଚିତ ଜୀବନୀ ଗ୍ରନ୍ଥଟିର ନାମ କ'ଣ ?

୮. ପଞ୍ଚସଖାଙ୍କ ନାମ ଉଲ୍ଲେଖ କରନ୍ତୁ ।

୯. ଗୋବିନ୍ଦଚନ୍ଦ୍ର କାହାର ରଚନା ?

୧୦. ପଞ୍ଚସଖାଙ୍କ ରଚନାଗୁଡ଼ିକ ସାଧାରଣତଃ କେଉଁ ଶୈଳୀରେ ରଚିତ ?

## ୨.୫ ମୂଳପାଠର ଚତୁର୍ଥ ଭାଗ : ରୀତି ସାହିତ୍ୟ

ରୀତି ଯୁଗର ସମୟସୀମା ହେଉଛି ୧୭୫୦ ଖ୍ରୀଷ୍ଟାବ୍ଦରୁ ୧୮୮୦ ଖ୍ରୀଷ୍ଟାବ୍ଦ । ରୀତିର ଅର୍ଥ – ବିଶିଷ୍ଟ ପଦ ସଂଯୋଜନା । ଏହି ଯୁଗରେ ବିଶିଷ୍ଟ ପଦ ସଂଯୋଜନା ବା ରୀତି ଉପରେ ଗୁରୁତ୍ୱ ଦିଆଯାଉଥିଲା । ରୀତି ଯୁଗର କାବ୍ୟକାରମାନେ କାବ୍ୟକୁ ନାରୀ ସହିତ ତୁଳନା କରୁଥିଲେ । ସେମାନଙ୍କ ଭାଷାରେ, 'କାନ୍ତା ସମ୍ମିତ ପଦାବଳୀ ଇତି କାବ୍ୟ' ଅର୍ଥାତ କାନ୍ତା ବା ନାରୀ ପରି କାବ୍ୟ ମଧ୍ୟ ମନୋରଞ୍ଜନ କରେ । ସେହିପରି ଧ୍ୱନି, ବର୍ଣ୍ଣ, ପଦ, ବାକ୍ୟ, ଗୁଣ ଇତ୍ୟାଦିକୁ କାବ୍ୟର ଅଙ୍ଗପ୍ରତ୍ୟଙ୍ଗ ଓ ଅନୁପ୍ରାସ ଯମକ ପ୍ରଭୃତି ଅଳଙ୍କାରକୁ ତାର ଅଙ୍ଗଭୂଷଣ ଭାବରେ ତୁଳନା କରାଯାଉଥିଲା । ରୀତି ସମ୍ପ୍ରଦାୟର ମୁଖ୍ୟ ପ୍ରବର୍ତ୍ତକ ଆଚାର୍ଯ୍ୟ ବାମନ ରୀତିରାତ୍ମା କାବ୍ୟସ୍ୟ' ବା ରୀତିକୁ କାବ୍ୟର ଆତ୍ମା ବୋଲି କହିଛନ୍ତି । ପୁଣି ତାଙ୍କ ମତରେ 'ବିଶିଷ୍ଟ ପଦରଚନା ରୀତିଃ' ଅର୍ଥାତ୍ ବିଶିଷ୍ଟ ପଦରଚନା ହେଉଛି ରୀତି । ବାମନଙ୍କ ପରେ ଆଚାର୍ଯ୍ୟ ରୁଦ୍ରଟ କାବ୍ୟାଳଙ୍କାରରେ କହିଲେ ରୀତିର ନିୟାମକ ହେଉଛି ସମାସ, ଓ ସମାସର ସମାବେଶଦ୍ୱାରା ହିଁ କାବ୍ୟ ଏବଂ ରସ ମର୍ମସ୍ପର୍ଶୀ, ସରଳ ଓ ସୁବୋଧ ହୋଇପାରେ । ତେବେ ଏହା ନିଃସନ୍ଦେହ ଯେ ସଂସ୍କୃତ କାବ୍ୟାଦର୍ଶରେ ଓଡ଼ିଶାର ତତ୍କାଳୀନ କାବ୍ୟକାରମାନେ ଅନୁପ୍ରାଣିତ ହୋଇ ସମାନଶୈଳୀରେ ସାହିତ୍ୟ ରଚନା କରିବା ନିମିତ୍ତ ପ୍ରୟାସ କରିଥିଲେ ।

ରୀତି ଯୁଗର କବିମାନେ ସଂସ୍କୃତ ପରମ୍ପରାକୁ ଅନୁସରଣକରି କାବ୍ୟର ଆରମ୍ଭରେ ମଙ୍ଗଳାଚରଣର ବର୍ଣ୍ଣନା କରୁଥିଲେ । ଏହି ମଙ୍ଗଳାଚରଣରେ ଇଷ୍ଟବନ୍ଦନା, ଆଶୀର୍ବାଦ ଭିକ୍ଷା, କାବ୍ୟ ବିବୃତ ବିଷୟବସ୍ତୁର ସୂଚନା, ସାଧୁସ୍ତୁତି ଓ ଖଳନିନ୍ଦା ସାହିତ୍ୟ ଦର୍ପଣକୁ ଅନୁସରଣକରି

କରାଯାଉଥିଲା । ରୀତି କାବ୍ୟର ପାତ୍ର-ପାତ୍ରୀ ସାଧାରଣତଃ ରାଜବଂଶଜ । ବିଷୟବସ୍ତୁ ଅଂଶ ବିଶେଷରୂପେ ନାୟକ ନାୟିକାଙ୍କ ଜନ୍ମବୃତ୍ତାନ୍ତ, ସେମାନଙ୍କ ବାଲ୍ୟ, କୈଶୋର ଓ ଯୌବନବସ୍ଥାର ବର୍ଣ୍ଣନା, ଏକ ମଧ୍ୟସ୍ଥି ମାଧ୍ୟମରେ ଉଭୟଙ୍କର ଚିତ୍ରପଟ ପ୍ରେରଣ, ସ୍ୱପ୍ନରେ ସେମାନଙ୍କ ମିଳନ, ବିବାହବନ୍ଧନରେ ଆବଦ୍ଧ ପରେ କୌଣସି କାରଣରୁ ବିଚ୍ଛେଦ, ବିଚ୍ଛେଦରେ ଷଡ଼ଋତୁର ବର୍ଣ୍ଣନା ଓ ସର୍ବଶେଷରେ ମିଳନ ଇତ୍ୟାଦି ଘଟଣା ବର୍ଣ୍ଣିତ ହେଉଥିଲା ।

କାଳ୍ପନିକ ବିଷୟବସ୍ତୁ ବ୍ୟତୀତ ପୌରାଣିକ କଥାବସ୍ତୁକୁ ମଧ୍ୟ ଆଳଙ୍କାରିକ କାବ୍ୟଶୈଳୀରେ ରଚନା କରାଯାଉଥିଲା । ଏହାର ଉଦାହରଣଭାବେ ଉପେନ୍ଦ୍ର ଭଞ୍ଜଙ୍କ ବୈଦହୀଶ ବିଳାସକୁ ନିଆଯାଇପାରେ । ଅଳଙ୍କାର ବ୍ୟତୀତ ସାଙ୍ଗୀତିକତା ଥିଲା ରୀତି ଯୁଗର କାବ୍ୟର ଅନ୍ୟ ଏକ ପ୍ରମୁଖ ବିଶେଷତ୍ୱ । ଏ ଯୁଗର କାବ୍ୟକାରମାନେ ସଙ୍ଗୀତଶାସ୍ତ୍ର ସମ୍ମତ ଛନ୍ଦ, ବୃତ୍ତ, ସ୍ୱର, ତାଳ, ଲୟ, ଯତିପାତ ନିୟମ ଇତ୍ୟାଦିରେ ସେମାନଙ୍କ କାବ୍ୟକୁ ଗାନପ୍ରଧାନ କରୁଥିଲେ । ଫଳତଃ ଏହି କାବ୍ୟଗୁଡ଼ିକ ଗଣବୋଧ ଭାଷାରେ ରଚିତ ହୋଇନଥିଲେ ହେଁ ଏଗୁଡ଼ିକର ସଙ୍ଗୀତଧର୍ମିତା ପାଇଁ ଜନଗଣଙ୍କ ପାଖରେ ପ୍ରିୟ ହୋଇପାରିଥିଲା । ଉଦାହରଣସ୍ୱରୂପ ଏଠାରେ ଉପେନ୍ଦ୍ର ଭଞ୍ଜଙ୍କ କୋଟି ବ୍ରହ୍ମାଣ୍ଡସୁନ୍ଦରୀ କାବ୍ୟର କିୟଦଂଶ ଦ୍ରଷ୍ଟବ୍ୟ–

କାଚ କଳଶେ ଯଥା ଜଳ ଗୁପତ
  ପଡ଼ିଲା ପରି ଦିଶେ ନପଡ଼ଇ ତ ଯେ
ହସିଲା ବେଳେ ଖସିପଡ଼ିଲା ପରା
  ଖସି ନପଡ଼େ ଯଥା ଅମୃତଧାରା ଯେ ।

ଉପେନ୍ଦ୍ର ଭଞ୍ଜଙ୍କୁ ରୀତି ଯୁଗର ଶ୍ରେଷ୍ଠ କବି ଭାବେ ଗ୍ରହଣ କରାଯାଉଥିବାରୁ ଏହାକୁ ଭଞ୍ଜ ଯୁଗ ମଧ୍ୟ କୁହାଯାଏ । ଏହି ଯୁଗର କବିମାନେ ତାଙ୍କ କାବ୍ୟକବିତାଗୁଡ଼ିକରେ ଅଳଙ୍କାରକୁ ଗୁରୁତ୍ୱ ଦେଇଥିବାରୁ ଏହା ଅଳଙ୍କାର ଯୁଗ ଭାବରେ ମଧ୍ୟ ପରିଚିତ । ଉପେନ୍ଦ୍ର ଭଞ୍ଜଙ୍କ ଲାବଣ୍ୟବତୀ, କୋଟିବ୍ରହ୍ମାଣ୍ଡ ସୁନ୍ଦରୀ, ପ୍ରେମସୁଧାନିଧି, ବୈଦେହୀଶ ବିଳାସ, କଳାକଉତୁକ, ସୁଭଦ୍ରା ପରିଣୟ, ରସଲେଖା ପ୍ରଭୃତି ଏକଏକ ଉଲ୍ଲେଖନୀୟ ରଚନା । ଏହି କାବ୍ୟଗୁଡ଼ିକ ବ୍ୟତୀତ ଗୀତାଭିଧାନ ନାମକ କାବ୍ୟଶୈଳୀରେ ରଚିତ ଏକ ଅନନ୍ୟ ଅଭିଧାନ ଗ୍ରନ୍ଥର ସ୍ରଷ୍ଟା ହେଉଛନ୍ତି ଉପେନ୍ଦ୍ର ଭଞ୍ଜ । ପୁଣି ଅବନା ରସତରଙ୍ଗ ନାମରେ ଏକ ବନାନହୀନ କାବ୍ୟ ରଚନାକରି ସେ ନିଜର ଅସାଧାରଣ ପ୍ରତିଭାର ପରିଚୟ ଦେଇଛନ୍ତି ।

ଉପେନ୍ଦ୍ର ଭଞ୍ଜଙ୍କ ବ୍ୟତୀତ ରୀତି ଯୁଗର ବିଶିଷ୍ଟ କବିମାନଙ୍କ ମଧ୍ୟରେ ଧନଞ୍ଜୟ ଭଞ୍ଜ, ଦୀନକୃଷ୍ଣ ଦାସ, ଅଭିମନ୍ୟୁ ସାମନ୍ତସିଂହାର, ଲୋକନାଥ ବିଦ୍ୟାଧର, ବିଶ୍ୱନାଥ ଖୁଣ୍ଟିଆ, ଚୈତନ୍ୟ ଦାସ, ଭୂପତି ପଣ୍ଡିତ, ଦ୍ୱାରିକା ଦାସ, ଭକ୍ତଚରଣ ଦାସ, ବ୍ରଜନାଥ ବଡ଼ଜେନା, ଅରକ୍ଷିତ ଦାସ, ବଳଦେବ ରଥ, ଯଦୁମଣି ମହାପାତ୍ର ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ । ଏମାନଙ୍କ ରଚନାବଳୀ ମଧ୍ୟରେ ଦୀନକୃଷ୍ଣ ଦାସଙ୍କ ରସକଲ୍ଲୋଳ, ଅଭିମନ୍ୟୁ ସାମନ୍ତସିଂହାରଙ୍କ ବିଦଗ୍ଧ ଚିନ୍ତାମଣି, ବଳଦେବ ରଥଙ୍କ କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ, ଭକ୍ତଚରଣ ଦାସଙ୍କ ମଥୁରା ମଙ୍ଗଳ, ଅରକ୍ଷିତ ଦାସଙ୍କ ମହୀମଣ୍ଡଳ ଗୀତା, ଚୈତନ୍ୟ ଦାସଙ୍କ ନିର୍ଗୁଣ ମାହାତ୍ମ୍ୟ ଆଦି

ଉଲ୍ଲେଖନୀୟ କାବ୍ୟ ଓଡ଼ିଆ ସାହିତ୍ୟକୁ ଏହି ଯୁଗର ଦାନ । ତେବେ ମଥୁରା ମଙ୍ଗଳ, ମହୀମଣ୍ଡଳ ଗୀତା, ନିର୍ଗୁଣ ମାହାତ୍ମ୍ୟ ତତ୍କାଳୀନ ପାରମ୍ପରିକ ରୀତି କାବ୍ୟଧାରାକୁ ଅନୁସରଣ ନକରି ପଞ୍ଚସଖା ତଥା ସେମାନଙ୍କ ଭକ୍ତି ଓ ଧର୍ମ ଦର୍ଶନକୁ ପ୍ରଖ୍ୟାପିତ କରିଥିଲା । ଏହି ସମୟର ଉଲ୍ଲେଖନୀୟ କୃତି ହେଉଛି ପୁରୁଷୋତ୍ତମ ଦାସଙ୍କ କାଞ୍ଚିକାବେରୀ କାବ୍ୟ ଯେଉଁଥିରେ ପୁରୁଷୋତ୍ତମ ଦେବଙ୍କ କାଞ୍ଚିବିଜୟ ସହିତ ଜଗନ୍ନାଥ ଭକ୍ତି ଓ ଅନୁଗ୍ରହର କାହାଣୀ ବର୍ଣ୍ଣିତ ।

ରୀତିଯୁଗର କବିମାନେ ସଂସ୍କୃତ ସାହିତ୍ୟର ପ୍ରତିସ୍ୱର୍ଦ୍ଧାରେ ମାତୃଭାଷାରେ ସାହିତ୍ୟ ସର୍ଜନା କରୁଥିବାରୁ ସଂସ୍କୃତ ରୀତି, ଶୈଳୀ ଓ କାବ୍ୟଧର୍ମକୁ ବଞ୍ଚାଇ ଅନୁରୂପ ସାହିତ୍ୟ ରଚନା କରୁଥିଲେ ଓ ସ୍ଥଳବିଶେଷରେ ସଂସ୍କୃତ କବିମାନଙ୍କ  ଶୈଳୀ ଓ ଆଦର୍ଶକୁ ଅତିକ୍ରମକରିବା ନିମିତ୍ତ ଚେଷ୍ଟିତ ଥିଲେ । କବିମାନଙ୍କ ମଧ୍ୟରେ ପ୍ରତିଯୋଗିତା ହେଉଥିଲା ଶାସ୍ତ୍ରପାଣ୍ଡିତ୍ୟ ପ୍ରଦର୍ଶନ କରିବାରେ । ଅର୍ଥାତ ବେଦ, ଉପନିଷଦ, ଷଡ଼ଦର୍ଶନ, ଅଷ୍ଟାଦଶ ପୁରାଣ, ଶିଳ୍ପଶାସ୍ତ୍ର, ଜ୍ୟୋତିଷ, ଆୟୁର୍ବେଦ, କାମଶାସ୍ତ୍ର, ସାମୁଦ୍ରିକଶାସ୍ତ୍ର, ଧର୍ମଶାସ୍ତ୍ର ପ୍ରଭୃତିରୁ ଆହରିତ ଜ୍ଞାନର ପର୍ଯ୍ୟାପ୍ତ ବିନିଯୋଗ ଏଯୁଗର ସାହିତ୍ୟରେ ଦେଖିବାକୁ ମିଳେ ।

ରୀତିଯୁଗର କବିମାନଙ୍କଦ୍ୱାରା ଶବ୍ଦାଳଙ୍କାର, ଅର୍ଥାଳଙ୍କାର ଓ ଶବ୍ଦଚିତ୍ର ବିଶେଷ ଭାବରେ ଆଦୃତ ହେଉଥିଲା । ବର୍ଣ୍ଣବିନ୍ୟାସରେ କାବ୍ୟମାନ ରଚନାକରି ନିଜନିଜ କବିତ୍ୱ ପ୍ରଦର୍ଶନ କରିବା ନିମିତ୍ତ ଏ ଯୁଗର କବିମାନେ କ, ବ, ସ  ଇତ୍ୟାଦି ବର୍ଣ୍ଣକୁ ପ୍ରତିପାଦ ଓ ପ୍ରତି ପଦର ଆଦ୍ୟରେ ରଖି କାବ୍ୟମାନ ରଚନା କରୁଥିଲେ । ଉଦାହରଣସ୍ୱରୂପ, ବୈଦେହୀଶ ବିଳାସ ଗ୍ରନ୍ଥରେ ବ କୁ ଆଦ୍ୟରେ ରଖି, କଳାକଉତୁକ ରେ କ କୁ ଆଦ୍ୟରେ ରଖି ଉପେନ୍ଦ୍ର ଭଞ୍ଜ କାବ୍ୟ ରଚନା କରିଛନ୍ତି ।

ରୀତି ଯୁଗର କବିମାନେ କାଳ୍ପନିକ ତଥା ପ୍ରେମ ଓ ଶୃଙ୍ଗାରକୁ ମୁଖ୍ୟ ବିଷୟବସ୍ତୁକରି କାବ୍ୟ ରଚନା କରୁଥିଲେ ହେଁ ଶ୍ରୀକ୍ଷେତ୍ର ତଥା ଶ୍ରୀ ଜଗନ୍ନାଥଙ୍କର ମହିମା କୀର୍ତ୍ତନ କରିବାରେ ତଥା ଅନ୍ୟ ଦେବଦେବୀଙ୍କ ବନ୍ଦନା ମଙ୍ଗଳାଚରଣରେ ଉଲ୍ଲେଖକରିବାକୁ ଭୁଲୁନଥିଲେ । ରୀତି ଯୁଗର ଶେଷାର୍ଦ୍ଧରେ ଗୋପାଳକୃଷ୍ଣ, ଗୌରହରି, ଗୌରଚରଣଙ୍କ ରଚିତ ବହୁ ପଦାବଳୀ ଓଡ଼ିଆ ସାହିତ୍ୟର ଏକ ଅନନ୍ୟ ସୃଷ୍ଟି  । ବ୍ରଜନାଥ ବଡ଼ଜେନା ହେଉଛନ୍ତି ଏହି ରୀତି ଯୁଗ ଶେଷାର୍ଦ୍ଧର ଏକ ଭିନ୍ନ ପ୍ରତିଭା, ଯିଏ ଗତାନୁଗତିକ କାବ୍ୟଧାରାକୁ ଛାଡ଼ି ସମର ତରଙ୍ଗ ନାମରେ ଏକ ଯୁଦ୍ଧ କାବ୍ୟ ରଚନା କରିଥିଲେ । ଏହି କାବ୍ୟରେ ସେ ୧୭୮୧ ମସିହାରେ ଢେଙ୍କାନାଳର ରାଜା ଓ ମରହଟ୍ଟାମାନଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧର ବର୍ଣ୍ଣନା କରିଛନ୍ତି । ବଡ଼ଜେନା ଚତୁର ବିନୋଦ ନାମରେ ଏକ ଗଳ୍ପଗ୍ରନ୍ଥ ରଚନା କରିଥିଲେ । ଏହି ଗ୍ରନ୍ଥର ଭାଷା ପଦ୍ୟାତ୍ମକ ହେଲେ ମଧ୍ୟ ଏଥିରେ ସେ ଯେଉଁ ଗଳ୍ପଗୁମ୍ଫନର ଚମତ୍କାରିତା ଦେଖାଇନ୍ତି ତାହା ଅନନ୍ୟ । ଏଠାରେ ଉଦାହରଣସ୍ୱରୂପ ସମର ତରଙ୍ଗ ଓ ଚତୁର ବିନୋଦର କିୟଦଂଶ ଦ୍ରଷ୍ଟବ୍ୟ –

ଏମନ୍ତ ଶୁଣି ସେ ନୃପମଣି  ଦୋପରି ପରେ ଚାହିଁଲା କ୍ଷଣି
ନ ଦିଶେ ଗଜ ତୁରଙ୍ଗ ପୁଣି କେ ପାରେ ଗଣି ଯେ ।
ଦେଖିଲା ଲୋକ ହୋଇ କାତର  ବୋଲନ୍ତି ଘୋଟି ଆସେ ସାଗର
ଲୋକ ଚଳନ୍ତେ ଦେଖ ତରଙ୍ଗ ପାଣି ଯେ । । (ସମର ତରଙ୍ଗ)

* * *

ସେ ଯେ ରସାଳକାଞ୍ଚନ ନାମେ ଏକ ନଗର ଅଛି । ସେ ନଗ୍ରରେ ନେତ୍ରାମୋଦ ନାମେ ଜଣେ ବଶ୍ୟ ରାଜା ଥିଲା । ତାହା ନନ୍ଦିନୀ ନାମ ଚଞ୍ଚଳାକ୍ଷୀ । ସେ ଚଞ୍ଚଳାକ୍ଷୀ ଏକ ଦିନରେ ସୁହାଗୀ ନାମେ ସଖୀକି ସଙ୍ଗେ ଘେନି ସୁରେଖା ନାମେ ନଦୀକି ସ୍ନାହାନ କରିବାକୁ ଗଲା । (ଚତୁର ବିନୋଦ)

## ୨.୫.୧ ଶବ୍ଦାର୍ଥ

| | | |
|---|---|---|
| ବିବୃତ | - | ବର୍ଣ୍ଣିତ, କଥିତ |
| ଅନୁରୂପ | - | ସମାନ |
| ଉଦ୍ଦୀପିତ କରିବା | - | ଜାଗ୍ରତ କରିବା |
| ଗଣବୋଧ | - | ସମସ୍ତେ ବୁଝିବା ଭଳି |
| ଇଷ୍ଟବନ୍ଦନା | - | ପୂଜ୍ୟ ଦେବଦେବୀଙ୍କ ବନ୍ଦନା |
| ମଙ୍ଗଳାଚରଣ | - | ସଂସ୍କୃତ କାବ୍ୟର ଅଗ୍ରଲେଖ ଯେଉଁଠି ବିଷୟବସ୍ତୁ ସମ୍ପର୍କରେ ସୂଚନା ଦିଆଯାଇଥାଏ । |
| ଆହରିତ | - | ସଂଗୃହୀତ |
| ଗଳ୍ପଗୁମ୍ଫନ | - | ଗଳ୍ପର ସଂରଚନା |
| ପ୍ରତିସ୍ପର୍ଦ୍ଧା | - | ଅନ୍ୟ ପକ୍ଷକୁ ଆହ୍ୱାନ |

## ୨.୫.୨ ପଠିତାଂଶର ଆଲୋଚନା

ରୀତି ଯୁଗର ବ୍ୟାପ୍ତି ସପ୍ତଦଶ ଶତାବ୍ଦୀର ମଧ୍ୟ ଭାଗରୁ ଊନବିଂଶ ଅଷ୍ଟମ ଦଶକ ଯାଏଁ । ଏହି ଯୁଗର କବିଗଣ ବିଶିଷ୍ଟ ପଦ ସଂଯୋଜନା ବା ରୀତି ଉପରେ ଗୁରୁତ୍ୱ ଦେଉଥିଲେ । ରୀତିଯୁଗର କବିମାନେ ସଂସ୍କୃତ କାବ୍ୟାଦର୍ଶରେ ଅନୁପ୍ରାଣିତ ହୋଇ ସମାନଶୈଳୀରେ ସାହିତ୍ୟ ରଚନା କରିବା ନିମିତ୍ତ ପ୍ରୟାସ କରିଥିଲେ । ରୀତି କାବ୍ୟରେ ସାଧାରଣତଃ ନାୟକନାୟିକାଙ୍କ ଜନ୍ମବୃତ୍ତାନ୍ତ, ସେମାନଙ୍କ ବାଲ୍ୟ, କୈଶୋର ଓ ଯୌବନାବସ୍ଥାର ବର୍ଣ୍ଣନା, ଏକ ମଧ୍ୟସ୍ଥି ମାଧ୍ୟମରେ ଉଭୟଙ୍କର ଚିତ୍ରପଟ ପ୍ରେରଣ, ସ୍ୱପ୍ନରେ ସେମାନଙ୍କ ମିଳନ, ବିବାହ ବନ୍ଧନରେ ଆବଦ୍ଧ, ପରେ କୌଣସି କାରଣରୁ ବିଚ୍ଛେଦ, ବିଚ୍ଛେଦର ଷଡ଼ଋତୁର ବର୍ଣ୍ଣନା ଓ ସର୍ବଶେଷରେ ମିଳନ ଇତ୍ୟାଦି ଘଟଣା ବର୍ଣ୍ଣିତ ହେଉଥିଲା । କାଳ୍ପନିକ ବିଷୟବସ୍ତୁ ବ୍ୟତୀତ ପୌରାଣିକ କଥାବସ୍ତୁକୁ ଆଧାରକରି ମଧ୍ୟ କେତେକ କାବ୍ୟ ରଚିତ ହୋଇଛି । ଏହାର ଉଦାହରଣଭାବେ ଉପେନ୍ଦ୍ର ଭଞ୍ଜଙ୍କ ବୈଦେହୀଶ ବିଳାସକୁ ନିଆଯାଇପାରେ । ଅଳଙ୍କାର ବ୍ୟତୀତ ସାଙ୍ଗୀତିକତା ଥିଲା ରୀତି ଯୁଗର କାବ୍ୟର ଅନ୍ୟ ଏକ ବିଶେଷତ୍ୱ । ଏ ଯୁଗର କାବ୍ୟକାରମାନେ ସଙ୍ଗୀତଶାସ୍ତ୍ର

ସମ୍ମତ ଛାନ୍ଦ, ବୃତ୍ତ, ସ୍ୱର, ତାଳ, ଲୟ, ଯତିପାତ ନିୟମ ଇତ୍ୟାଦିରେ ସେମାନଙ୍କ କାବ୍ୟକୁ ଗାନପ୍ରଧାନ କରୁଥିଲେ । ଉପେନ୍ଦ୍ର ଭଞ୍ଜଙ୍କୁ ରୀତି ଯୁଗର ଶ୍ରେଷ୍ଠ କବିଭାବେ ଗ୍ରହଣ କରାଯାଉଥିବାରୁ ଏହାକୁ ଭଞ୍ଜ ଯୁଗ ମଧ୍ୟ କୁହାଯାଏ । ଏହି ଯୁଗର କବିମାନେ ତାଙ୍କ କାବ୍ୟ କବିତାଗୁଡ଼ିକରେ ଅଳଙ୍କାରକୁ ଗୁରୁତ୍ୱ ଦେଇଥିବାରୁ ଏହା ଅଳଙ୍କାର ଯୁଗ ଭାବରେ ମଧ୍ୟ ପରିଚିତ । ରୀତି ଯୁଗର ଶେଷାର୍ଦ୍ଧରେ ଗୋପାଳକୃଷ୍ଣ, ଗୌରହରି, ଗୌରଚରଣଙ୍କ ରଚିତ ବହୁ ପଦାବଳୀ ଓଡ଼ିଆ ସାହିତ୍ୟର ଏକ ଅନନ୍ୟ ସୃଷ୍ଟି । ବ୍ରଜନାଥ ବଡ଼ଜେନା ହେଉଛନ୍ତି ଏହି ରୀତି ଯୁଗ ଶେଷାର୍ଦ୍ଧର ଏକ ଭିନ୍ନ ପ୍ରତିଭା, ଯିଏ ଗତାନୁଗତିକ କାବ୍ୟଧାରାକୁ ଛାଡ଼ି ସମର ତରଙ୍ଗ ନାମରେ ଏକ ଯୁଦ୍ଧ କାବ୍ୟ ରଚନା କରିଥିଲେ । ଏହି କାବ୍ୟରେ ସେ ୧୭୮୧ ଖ୍ରୀଷ୍ଟାବ୍ଦରେ ଢେଙ୍କାନାଳର ରାଜା ଓ ମରହଟ୍ଟାମାନଙ୍କ ମଧ୍ୟରେ ହୋଇଥିବା ବର୍ଣ୍ଣନା କରିଛନ୍ତି । ବଡ଼ଜେନା ଚତୁର ବିନୋଦ ନାମରେ ଏକ ଗଳ୍ପଗ୍ରନ୍ଥ ରଚନା କରି ଏକ ନୂତନ ପରମ୍ପରା ସୃଷ୍ଟି କରିଥିଲେ ।

### ୨.୫.୩ ବ୍ୟାକରଣ ପ୍ରଶ୍ନ

୧. ଏକ ପଦରେ ପ୍ରକାଶ କରନ୍ତୁ ।
ମର୍ମକୁ ସ୍ପର୍ଶ କରେ ଯାହା
କାବ୍ୟର ଆଦର୍ଶ
ଗଣଙ୍କର ବୋଧ ଯାହା

୨. ନିମ୍ନୋକ୍ତ ଶବ୍ଦଗୁଡ଼ିକର ବିପରୀତ ଶବ୍ଦ ଲେଖନ୍ତୁ ।
ସାଧୁ, ଦୁର୍ବୋଧ୍ୟ, ସାଧାରଣ, ଆଦ୍ୟ, ଆବଦ୍ଧ

୩. ନିମ୍ନୋକ୍ତ ଶବ୍ଦଗୁଡ଼ିକର ସନ୍ଧି ବିଚ୍ଛେଦ କରନ୍ତୁ ।
ଯୌବନାବସ୍ଥା, ମନୋରଞ୍ଜନ, ଉଲ୍ଲେଖ, କାବ୍ୟାଳଙ୍କାର, ରାସୋତ୍ସବ

୪. ନିମ୍ନୋକ୍ତ ବିଶେଷଣ ପଦଗୁଡ଼ିକର ବିଶେଷ୍ୟ କରନ୍ତୁ ।
ଚମତ୍କାର, ପୌରାଣିକ, ଆହରିତ, କାଳ୍ପନିକ

୫. ନିମ୍ନୋକ୍ତ ଶବ୍ଦଗୁଡ଼ିକୁ ସଂଶୋଧନ କରି ଲେଖନ୍ତୁ ।
ପ୍ରତୀଯୋଗୀତା, ସାମୂଦ୍ରିକ, ପରିବେଶଣ, ବିଛେଦ, ମଧସ୍ତି

### ୨.୫.୪ ମୂଳପାଠର ଚତୁର୍ଥ ଭାଗର ପ୍ରଶ୍ନ

୧. ରୀତିର ଅର୍ଥ କ'ଣ ?

୨. ରୀତିକବିମାନେ କାବ୍ୟକୁ କାହା ସହିତ ତୁଳନା କରୁଥିଲେ ?

୩. ରୀତି କାବ୍ୟର ପ୍ରାରମ୍ଭରେ କାହାର ବର୍ଣ୍ଣନା ରହୁଥିଲା ?

୪. ରୀତିଯୁଗକୁ କାହିଁକି ଭଞ୍ଜଯୁଗ ମଧ୍ୟ କୁହାଯାଏ ?

୫. ଉପେନ୍ଦ୍ର ଭଞ୍ଜଙ୍କଦ୍ୱାରା ରଚିତ ଅଭିଧାନ ଗ୍ରନ୍ଥର ନାମ କ'ଣ ?

୬. କାହାକୁ କାବ୍ୟର ଆତ୍ମା ଭାବରେ ରୀତି କବିମାନେ ଗ୍ରହଣ କରନ୍ତି ?

୭. ରୀତି ସାହିତ୍ୟ ଗଣବୋଧ ଭାଷାରେ ରଚିତ ହୋଇନଥିଲେ ହେଁ କାହିଁକି ଜନପ୍ରିୟ ଥିଲା ?

୮. କାଞ୍ଚିକାବେରୀ କାବ୍ୟର ରଚୟିତା କିଏ ?

୯. ଉପେନ୍ଦ୍ର ଭଞ୍ଜଙ୍କଦ୍ୱାରା ରଚିତ ଦୁଇଟି ପୌରାଣିକ କାବ୍ୟର ନାମ ଉଲ୍ଲେଖ କରନ୍ତୁ ।

୧୦. ଉପେନ୍ଦ୍ର ଭଞ୍ଜଙ୍କଦ୍ୱାରା ରଚିତ ବନାନହୀନ ଗ୍ରନ୍ଥର ନାମ କଣ ?

## ୨.୬. ସାରାଂଶ

ସାରଳା ଦାସ ଓଡ଼ିଆ ସାହିତ୍ୟରେ ଆଦିକବି ଭାବରେ ପରିଚିତ । ଚର୍ଯ୍ୟାଗୀତି, ନାଥ ଓ ଶୈବ ଧର୍ମ ସମ୍ବଳିତ ରଚନାଗୁଡ଼ିକ ପ୍ରାକ୍-ସାରଳାକାଳୀନ ରଚନା । ଏଗୁଡ଼ିକ ସମ୍ପୃକ୍ତ ଧର୍ମଧାରଣା ଓ ତତ୍ତ୍ୱ ଆଧାରିତ ହେଲେ ମଧ୍ୟ ଓଡ଼ିଆ ସାହିତ୍ୟର ବିକାଶକ୍ରମରେ ଏଗୁଡ଼ିକର ଭୂମିକା ଉଲ୍ଲେଖନୀୟ । ଚର୍ଯ୍ୟାପଦଗୁଡ଼ିକ ବୌଦ୍ଧସହଜିଆ ସାଧନାତତ୍ତ୍ୱ ଓ ଦର୍ଶନ ସମ୍ପର୍କିତ ହୋଇଥିଲେ ହେଁ ଏଥିରେ ତତ୍କାଳୀନ ସମାଜର ଚିତ୍ର ଦେଖିବାକୁ ମିଳିଥାଏ । ଚର୍ଯ୍ୟାଗୀତି ପରି ନାଥ ଓ ଶୈବ ସାହିତ୍ୟରେ ମଧ୍ୟ ଯୋଗ, ପ୍ରାଣାୟାମ ତଥା ଶୈବ ଧର୍ମଦର୍ଶନ ବ୍ୟତୀତ ତତ୍କାଳୀନ ସମାଜର ଚିତ୍ର ଦେଖିବାକୁ ପାଇଥାଉଁ । ସର୍ବୋପରି ଚର୍ଯ୍ୟାକାର ନାଥ ଓ ଶୈବ ସାଧକ କଥିତ ଭାଷାରେ ସେମାନଙ୍କ ଧର୍ମଦର୍ଶନକୁ ପ୍ରକାଶକରି ଓଡ଼ିଆ ସାହିତ୍ୟର ଏକ ସମୃଦ୍ଧ ଓ ଉଜ୍ଜଳମୟ ଭବିଷ୍ୟତ ପାଇଁ ଭିତ୍ତିଭୂମି ନିର୍ମାଣ କରିଥିଲେ ।

ସାରଳା ଦାସଙ୍କ ମହାଭାରତ ସଂସ୍କୃତ ମହାଭାରତର ଅନୁସୃଜନ ହୋଇଥିଲେ ମଧ୍ୟ ଏହି ଗ୍ରନ୍ଥରେ ସମକାଳୀନ ସମାଜର ସାମାଜିକ ରୀତିନୀତି, ପର୍ବପର୍ବାଣି, ରଣକୌଶଳ, ପୋଷାକ ପରିଚ୍ଛଦ, ଆଚାରବ୍ୟବହାର, ଧର୍ମଧାରା, ପ୍ରାକୃତିକ ପରିବେଶ ପ୍ରଭୃତି ବହୁ ଦିଗକୁ ସଂଯୋଜନାକରି ଓଡ଼ିଆ ଜାତିପ୍ରାଣତାର ପରିଚୟ ଦେଇଛନ୍ତି । କେବଳ ନୂତନ ସଂଯୋଜନା ବା ବିଷୟବସ୍ତୁ ପରିକଳ୍ପନା ନୁହେଁ, ତତ୍କାଳୀନ ସମାଜରେ ପ୍ରଚଳିତ ଅନେକ ପ୍ରବଚନ ଓ ଲୋକକଥା ସାମ୍ପ୍ରତିକ ସମାଜରେ ମଧ୍ୟ ପ୍ରଚଳିତ । ମହାଭାରତ ବ୍ୟତୀତ ଚଣ୍ଡୀପୁରାଣ, ବିଲଙ୍କା ରାମାୟଣ, ଲକ୍ଷ୍ମୀ ନାରାୟଣ ବଚନିକା ସାରଳା ଦାସଙ୍କ ଏକଏକ ଅନନ୍ୟ ସୃଷ୍ଟି । ସାରଳା ଦାସଙ୍କ ସମସ୍ତ ରଚନା ଦାଣ୍ଡିବୃତ୍ତରେ ରଚିତ । ଯେତେବେଳେ ଓଡ଼ିଆ ଜନମୁଖର ଭାଷା ସଂସ୍କୃତ କବଳିତ ହୋଇ ବିଲୟ ଘଟୁଥିଲା,ସେତେବେଳେ ସାରଳା ଦାସ ଏହିସବୁ ବିଶାଳ ଗ୍ରନ୍ଥ ରଚନାକରି ଆଜି ଭାଷା ଓ ସାହିତ୍ୟର ଯେଉଁ ଉଚ୍ଚାଙ୍ଗ ରୂପ ଦେଖିବାକୁ ମିଳେ  ତାହାର ଭିତ୍ତିଭୂମି ନିର୍ମାଣ କରିଥିଲେ ।

ପଞ୍ଚସଖାଙ୍କ ସାଧନାର ତିନିଟି ମାର୍ଗ ଥିଲା ଜ୍ଞାନ, ଭକ୍ତି ଓ କର୍ମ । ଏମାନେ ଶୂନ୍ୟ ଉପାସକ ଥିଲେ । ପ୍ରତିମା ପୂଜାକୁ ବିରୋଧ କରୁଥିଲେ । ଏମାନେ ଆତ୍ମସଂଯମ, ଆତ୍ମଶୁଚି, ଆତ୍ମତ୍ୟାଗ ଓ ବ୍ରହ୍ମ ସାଧନାର କଥା କହୁଥିଲେ । ପ୍ରାଣାୟାମ ଓ ଯୋଗ ସାଧନା ଉପରେ ପ୍ରାଧାନ୍ୟ ଦେଉଥିଲେ । ଜଗମୋହନ ରାମାୟଣ ବା ଦାଣ୍ଡି ରାମାୟଣ, ଲକ୍ଷ୍ମୀପୁରାଣ, ଭାଗବତ, ହରିବଂଶ, ଗୋବିନ୍ଦଚନ୍ଦ୍ର ପ୍ରଭୃତି ଗ୍ରନ୍ଥ ହେଉଛି ପଞ୍ଚସାଖାଙ୍କ ଉଲ୍ଲେଖନୀୟ ରଚନା । ସାରାଳା ଦାସଙ୍କ ପଞ୍ଚସଖାଙ୍କ ରଚନାରେ ମଧ୍ୟ ତତ୍କାଳୀନ ଓଡ଼ିଶାର ରୀତିନୀତି, ପର୍ବପର୍ବାଣି,

ଚାଲିଚଳଣି, ବିବାହଉତ୍ସବ, ବିଦ୍ୟାଶିକ୍ଷା ସାମାଜିକ ଓ ସାଂସ୍କୃତିକ ଚିତ୍ର ବିଭିନ୍ନ ପ୍ରସଙ୍ଗରେ ବର୍ଣ୍ଣିତ ।

ରୀତି ଯୁଗରେ ସଂସ୍କୃତ କାବ୍ୟ ପରମ୍ପରାର ପ୍ରାଧାନ୍ୟ ଦେଖାଯାଏ । ସଂସ୍କୃତ ପରମ୍ପରାକୁ ଅନୁସରଣ କରି ଏହି ଯୁଗର କବିମାନେ କାବ୍ୟର ଆରମ୍ଭରେ ମଙ୍ଗଳାଚରଣର ବର୍ଣ୍ଣନା କରୁଥିଲେ । ରୀତି କାବ୍ୟର ପାତ୍ରପାତ୍ରୀ ସାଧାରଣତଃ ରାଜବଂଶଜ । ବିଷୟବସ୍ତୁର ଅଂଶ ବିଶେଷରୂପେ ନାୟକନାୟିକାଙ୍କ ଜନ୍ମ, ଯୌବନାବସ୍ଥାର ବର୍ଣ୍ଣନା, ପ୍ରେମ ଓ ବିବାହ ପରେ ବିଚ୍ଛେଦ, ବିଚ୍ଛେଦରେ ଷଡ଼ଋତୁର ବର୍ଣ୍ଣନା ଓ ଶେଷରେ ମିଳନ ଇତ୍ୟାଦି ଘଟଣା ବର୍ଣ୍ଣିତ ହେଉଥିଲା ।

ଉପେନ୍ଦ୍ର ଭଞ୍ଜଙ୍କ ବ୍ୟତୀତ ଭକ୍ତଚରଣ ଦାସଙ୍କ ମଥୁରା ମଙ୍ଗଳ, ଅରକ୍ଷିତ ଦାସଙ୍କ ମହୀମଣ୍ଡଳ  ଗୀତା, ଚୈତନ୍ୟ ଦାସଙ୍କ ନିର୍ଗୁଣ ମାହାତ୍ମ୍ୟ ପ୍ରଭୃତି ଉଲ୍ଲେଖନୀୟ କାବ୍ୟ ପାରମ୍ପରିକ ରୀତି କାବ୍ୟଧାରାକୁ ଅନୁସରଣ ନକରି ପଞ୍ଚସଖା ତଥା ସେମାନଙ୍କ ଭକ୍ତି ଓ ଧର୍ମ ଦର୍ଶନକୁ ପ୍ରଖ୍ୟାପିତ କରିଥିଲା । ଏହି ସମୟର ଏକ ଉଲ୍ଲେଖନୀୟ କୃତି ହେଉଛି ପୁରୁଷୋତ୍ତମ ଦାସଙ୍କ କାଞ୍ଚିକାବେରୀ କାବ୍ୟ ଯେଉଁଥିରେ ପୁରୁଷୋତ୍ତମ ଦେବଙ୍କ କାଞ୍ଚିବିଜୟ ସହିତ ଜଗନ୍ନାଥ ଭକ୍ତି ଓ ଅନୁଗ୍ରହର କାହାଣୀ ବର୍ଣ୍ଣିତ । ସେହିପରି, ରୀତି ଯୁଗର ଶେଷାର୍ଦ୍ଧରେ ଗୋପାଳକୃଷ୍ଣ, ଗୌରହରି, ଗୌରଚରଣ ବହୁ ପଦାବଳୀ ରଚନା କରିଛନ୍ତି । ବ୍ରଜନାଥ ବଡ଼ଜେନା ଗତାନୁଗତିକ କାବ୍ୟଧାରାକୁ ଛାଡ଼ି ସମର ତରଙ୍ଗ ନାମରେ ଏକ ଯୁଦ୍ଧ କାବ୍ୟ ରଚନା କରିବା ସହ ଚତୁର ବିନୋଦ ନାମରେ ଏକ ଗଳ୍ପଗ୍ରନ୍ଥ ରଚନା କରିଥିଲେ ।

## ୨.୭ ପଠନ ଅଭ୍ୟାସ

ଚର୍ଯ୍ୟାଗୀତି, ନାଥ ଓ ଶୈବ ଧର୍ମର ରଚନାଗୁଡ଼ିକ ପ୍ରାକ୍-ସାରଳା ସାହିତ୍ୟ ଭାବରେ ପରିଚିତ । ଚର୍ଯ୍ୟାକାର ନାଥ ଓ ଶୈବ ସାଧକମାନେ ତତ୍କାଳୀନ ପ୍ରଭାବଶାଳୀ ସଂସ୍କୃତ ଭାଷା ବିରୋଧରେ ଯାଇ କଥିତ ଅପଭ୍ରଂଶ ଭାଷାରେ ରଚନା କରିଥିଲେ । ସର୍ବୋପରି ଏହି ରଚନାଗୁଡ଼ିକ ସେ ସମୟର ଲୋକମୁଖର ଭାଷାରେ ରଚିତ ହୋଇଥିବାରୁ ସଂସ୍କୃତ ଭାଷାର ରଚନା ଅପେକ୍ଷା ସାଧାରଣ ଜନତାଙ୍କ ପାଇଁ ସୁବୋଧ୍ୟ ହେବା ସଂଗେସଂଗେ ବେଶ୍ ଜନପ୍ରିୟ ହୋଇପାରିଥିଲା । ଏହି ଚର୍ଯ୍ୟାପଦ, ନାଥ ଓ ଶୈବ ସାହିତ୍ୟରେ ମଧ୍ୟ ଯୋଗ, ପ୍ରାଣାୟାମ ତଥା ବୌଦ୍ଧ, ନାଥ ଓ ଶୈବ ଧର୍ମଦର୍ଶନ ବ୍ୟତୀତ  ତତ୍କାଳୀନ ସମାଜର ଚିତ୍ର ମଧ୍ୟ ଦେଖିବାକୁ ମିଳେ ।

ସାରଳା ଦାସ ସଂସ୍କୃତ ମହାଭାରତର ଅନୁସରଣରେ ଓଡ଼ିଆରେ ମହାଭାରତ ରଚନା କରିଥିଲେ । ଏହି ଗ୍ରନ୍ଥରେ ତତ୍କାଳୀନ ସମାଜର ବ୍ରତ ଉପବାସ, ପର୍ବପର୍ବାଣି, ବିବାହ, ଜନ୍ମ ମୃତ୍ୟୁ କ୍ରିୟାକର୍ମ, ଯୁଦ୍ଧବିଦ୍ୟା, ଜ୍ୟୋତିଷ ଶାସ୍ତ୍ର, କୃଷିକାର୍ଯ୍ୟ ତଥା ସେକାଳର ଜନଜୀବନର ବହୁବିଧ ଚିତ୍ର ସାରଳା ମହାଭାରତରେ ଦେଖିବାକୁ ମିଳିଥାଏ । କେବଳ ନୂତନ ସଂଯୋଜନା ନୁହେଁ, ତତ୍କାଳୀନ ସମାଜରେ ପ୍ରଚଳିତ ଅନେକ ପ୍ରବଚନ ଓ ଲୋକକଥା ସାମ୍ପ୍ରତିକ ସମାଜରେ

ମଧ୍ୟ ଆଦର ଲାଭକରିଛି । ମହାଭାରତ ବ୍ୟତୀତ ଚଣ୍ଡୀ ପୁରାଣ, ବିଲଙ୍କା ରାମାୟଣ, ଲକ୍ଷ୍ମୀ ନାରାୟଣ ବଚନିକା ମଧ୍ୟ ସାରଳା ଦାସଙ୍କ ଏକ ଏକ ଅନନ୍ୟ ସୃଷ୍ଟି । ସାରଳା ଦାସଙ୍କ ରଚନା ଦାଣ୍ଡିବୃତ୍ତରେ ରଚିତ ।

ଚର୍ଯ୍ୟାପଦ, ନାଥ, ଶୈବ, ସାହିତ୍ୟ ଭଳି ପଞ୍ଚସଖାଙ୍କ ସାହିତ୍ୟ ମଧ୍ୟ ଏକ ନିର୍ଦ୍ଦିଷ୍ଟ ଧର୍ମଧାରା ଆଧାରିତ ରଚନାବଳୀ । ଏମାନେ ଆତ୍ମସଂଯମ, ଆତ୍ମଶୁଚି, ଆତ୍ମତ୍ୟାଗ ଓ ବ୍ରହ୍ମ ସାଧନାର କଥା କହୁଥିଲେ ପ୍ରାଣାୟାମ ଓ ଯୋଗ ସାଧନା ଉପରେ ପ୍ରାଧାନ୍ୟ ଦେଉଥିଲେ । ଜଗମୋହନ ରାମାୟଣ ବା ଦାଣ୍ଡି ରାମାୟଣ, ଲକ୍ଷ୍ମୀପୁରାଣ, ଭାଗବତ, ହରିବଂଶ, ଶୂନ୍ୟ ସଂହିତା, ହେତୁଉଦୟ ଭାଗବତ, ଭବିଷ୍ୟ ପୁରାଣ, ଗୋବିନ୍ଦଚନ୍ଦ୍ର, ପ୍ରେମଭକ୍ତି ବ୍ରହ୍ମଗୀତା ପ୍ରଭୃତି ଗ୍ରନ୍ଥ ହେଉଛି ପଞ୍ଚସଖାଙ୍କ ଉଲ୍ଲେଖନୀୟ ରଚନା । ସାରଳା ଦାସଙ୍କ ମହାଭାରତ ପରି ପଞ୍ଚସଖାଙ୍କ ରଚନାଗୁଡ଼ିକରେ ମଧ୍ୟ ତତ୍କାଳୀନ ଓଡ଼ିଶାର ରୀତିନୀତି, ପର୍ବପର୍ବାଣି, ଚାଲିଚଳଣି, ବିବାହ ଉତ୍ସବ, ବିଦ୍ୟାଶିକ୍ଷା ସାମାଜିକ ଓ ସାଂସ୍କୃତିକ ଚିତ୍ର ଦେଖିବାକୁ ମିଳିଥାଏ । ପଞ୍ଚସଖା ସାହିତ୍ୟ ଅତି ସରଳ ଓ ସହଜ । ଧର୍ମର ଗୂଢ଼ ତଥା ଦାର୍ଶନିକ ତତ୍ତ୍ୱକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ପଞ୍ଚସଖା ସରଳ ଓ ସୁବୋଧ ଭାଷାରେ ସେମାନଙ୍କ ରଚନାବଳୀକୁ ରୂପ ଦେଇଥିଲେ ।

ରୀତି ଯୁଗରେ ସଂସ୍କୃତ କାବ୍ୟ ପରମ୍ପରାକୁ ଅନୁସରଣକରି ଅନୁରୂପ ରଚନାମାନ ରଚିତ ହେଉଥିଲା । ବିଷୟବସ୍ତୁର ଅଂଶ ବିଶେଷରୂପେ ନାୟକନାୟିକାଙ୍କ ଜନ୍ମବୃତ୍ତାନ୍ତ , ସେମାନଙ୍କ ବାଲ୍ୟ, କୈଶୋର ଓ ଯୌବନାବସ୍ଥାର ବର୍ଣ୍ଣନା, ଏକ ମଧ୍ୟସ୍ଥି ମାଧ୍ୟମରେ ଉଭୟଙ୍କର ଚିତ୍ରପଟ ପ୍ରେରଣ, ସ୍ୱପ୍ନରେ ସେମାନଙ୍କ ମିଳନ, ବିବାହ ବନ୍ଧନରେ ଆବଦ୍ଧ, ପରେ କୌଣସି କାରଣରୁ ବିଚ୍ଛେଦ, ବିଚ୍ଛେଦରେ ଷଡ଼ଋତୁର ବର୍ଣ୍ଣନା ଓ ସର୍ବଶେଷରେ ମିଳନ ଇତ୍ୟାଦି ଘଟଣା ବର୍ଣ୍ଣିତ ହେଉଥିଲା । କାଳ୍ପନିକ ବିଷୟବସ୍ତୁ ବ୍ୟତୀତ ପୌରାଣିକ କଥାବସ୍ତୁକୁ ମଧ୍ୟ ଆଳଙ୍କାରିକ କାବ୍ୟଶୈଳୀରେ ରଚନା କରୁଥିଲେ । ସଙ୍ଗୀତ ଶାସ୍ତ୍ର ସମ୍ମତ ଛାନ୍ଦ, ବୃତ୍ତ, ସ୍ୱର, ତାଳ, ଲୟ, ଯତିପାତ, ନିୟମ ଇତ୍ୟାଦିରେ କାବ୍ୟ କବିତାକୁ ଗାନଯୋଗ୍ୟ କରୁଥିଲେ । ଉପେନ୍ଦ୍ର ଭଞ୍ଜଙ୍କ ବ୍ୟତୀତ ଭକ୍ତଚରଣ ଦାସଙ୍କ ମଥୁରା ମଙ୍ଗଳ, ଅରକ୍ଷିତ ଦାସଙ୍କ ମହୀମଣ୍ଡଳ ଗୀତା, ଚୈତନ୍ୟ ଦାସଙ୍କ ନିର୍ଗୁଣ ମାହାତ୍ମ୍ୟ ପ୍ରଭୃତି ଉଲ୍ଲେଖନୀୟ କାବ୍ୟ ପାରମ୍ପରିକ ରୀତି କାବ୍ୟଧାରାକୁ ଅନୁସରଣ ନକରି ପଞ୍ଚସଖା ତଥା ସେମାନଙ୍କ ଭକ୍ତି ଓ ଧର୍ମ ଦର୍ଶନକୁ ଆଧାର କରିଥିଲା । ସେହିପରି, ରୀତି ଯୁଗର ଶେଷାର୍ଦ୍ଧରେ ଗୋପାଳକୃଷ୍ଣ, ଗୌରହରି, ଗୌରଚରଣ ବହୁ ପଦାବଳୀ ରଚନା କରିଛନ୍ତି । ବ୍ରଜନାଥ ବଡ଼ଜେନା ଗତାନୁଗତିକ କାବ୍ୟଧାରାକୁ ଛାଡ଼ି ରଚନା କରିଥିଲେ ସମର ତରଙ୍ଗ ନାମରେ ଏକ ଯୁଦ୍ଧ କାବ୍ୟ ଏବଂ ଚତୁର ବିନୋଦ ଗଳ୍ପଗ୍ରନ୍ଥ ।

## ୨.୮ ମୂଳପାଠ ପ୍ରଶ୍ନାବଳୀର ଉତ୍ତର

### ୨.୨.୩ ପ୍ରଶ୍ନର ଉତ୍ତର

୧. ଚର୍ଯ୍ୟା ସାହିତ୍ୟ କହିଲେ ବୌଦ୍ଧ ସହଜିଆ ସାଧକଙ୍କଦ୍ୱାରା ରଚିତ ଦୋହାକୁ ବୁଝାଏ ।

୨. ବୌଦ୍ଧ ସହଜିଆ ସାଧକଙ୍କ ଆଚରଣ, ବିଧିନିଷେଧ ବିଷୟବସ୍ତୁ ତଥା ସିଦ୍ଧସାଧକମାନଙ୍କର ଜୀବନଚର୍ଯ୍ୟା, ସହଜ ସାଧନା ଓ ଧର୍ମତତ୍ତ୍ୱ ହେଉଛି ଚର୍ଯ୍ୟାର ବିଷୟବସ୍ତୁ ।

୩. ବୌଦ୍ଧ ସିଦ୍ଧାଚାର୍ଯ୍ୟ ୮୪ ଜଣ ଥିଲେ ।

୪. ଚର୍ଯ୍ୟାଗୀତିକାଗୁଡ଼ିକ ସେ ସମୟର ଲୋକମୁଖର ଭାଷାରେ ରଚିତ ହୋଇଥିବାରୁ ସଂସ୍କୃତ ଭାଷାର ରଚନା ଅପେକ୍ଷା ସାଧାରଣ ଜନତାଙ୍କ ପାଇଁ ସୁବୋଧ ହେବା ସଙ୍ଗେ ସଙ୍ଗେ ବେଶ୍ ଜନପ୍ରିୟ ହୋଇପାରିଥିଲା ।

୫. ସନ୍ଧା ଭାଷାର ବିଶେଷତ୍ୱ ହେଲା ବାହାରକୁ ସରଳ ଓ ମନୋରମ ଅର୍ଥ ପ୍ରକାଶିତ ହୋଇଥିଲେ ହେଁ ଭିତରେ ଭିନ୍ନ ଏକ ଦାର୍ଶନିକ ଓ ଗୁଢ଼ ଅର୍ଥ ଥାଏ ।

୬. ନାଥ ଶବ୍ଦର ଅର୍ଥ ସ୍ୱାମୀ ବା ପ୍ରଭୁ ।

୭. ଅମରକୋଷ ଗୀତାର ରଚୟିତା ହେଉଛନ୍ତି ଆଦିନାଥ ।

୮. ଓଡ଼ିଶାରେ ସତ୍ୟନାଥ ପନ୍ଥୀ ଓ ରାଉଳ ପନ୍ଥୀ ନାମରେ ଦୁଇଗୋଷ୍ଠୀର ନାଥ ସମ୍ପ୍ରଦାୟ ଦେଖିବାକୁ ମିଳନ୍ତି ।

୯. ସପ୍ତାଙ୍ଗ ଯୋଗଧାରଣ, ଶିଶୁବେଦ, ଗୋରେଖ ସଂହିତା ଆଦି ଗ୍ରନ୍ଥରେ ମୁଖ୍ୟତଃ ଯୋଗ ପ୍ରାଣାୟାମ ବିଷୟ ବର୍ଣ୍ଣିତ ।

୧୦. ଶୈବଧର୍ମ ସମ୍ପର୍କିତ ଦୁଇଟି ଗ୍ରନ୍ଥର ନାମ ହେଉଛି - ରୁଦ୍ରସୁଧାନିଧି, କଳସା ଚଉତିଶା ।

୧୧. ଶୈବଧର୍ମ ସମ୍ପର୍କିତ ପ୍ରାଚୀନତମ ନିଦର୍ଶନ ୪ର୍ଥ ଶତାବ୍ଦୀର କେନ୍ଦୁଝର ଜିଲ୍ଲାର ଅସନପାଟ ଅଭିଲେଖରେ ଦେଖିବାକୁ ମିଳେ ।

୧୨. କଳସା ଚଉତିଶାର ମୁଖ୍ୟ ବିଷୟବସ୍ତୁ ହେଉଛି ଶିବପାର୍ବତୀଙ୍କ ବିବାହ ବର୍ଣ୍ଣନା । ଶିବପାର୍ବତୀଙ୍କ ଏହି ବିବାହ ବର୍ଣ୍ଣନା ପ୍ରସଙ୍ଗରେ ସମକାଳୀନ ସମାଜରେ ପ୍ରଚଳିତ ବିବାହ ତଥା ସମାଜିକ ରୀତିନୀତିର ଚିତ୍ର ଏଥିରେ ଦେଖିବାକୁ ମିଳେ ।

୧୩. ରୁଦ୍ରସୁଧାନିଧିର ରଚୟିତାଙ୍କ ନାମ ନାରାୟଣାନନ୍ଦ ଅବଧୂତ ସ୍ୱାମୀ ।

୧୪. ମାଦଳାପାଞ୍ଜିରେ ପୁରୀ ଜଗନ୍ନାଥ ମନ୍ଦିରର ରୀତିନୀତି, ସେବା ପୂଜାବିଧି, ଉତ୍କଳର ଗଜପତି ମହାରାଜାମାନଙ୍କର ରାଜ୍ୟ ଶାସନର ବିବରଣୀ, ଏବଂ ସମକାଳୀନ ସାମାଜିକ ଓ ରାଜନୈତିକ ଚିତ୍ର ଉଲ୍ଲେଖ କରାଯାଉଥିଲା ।

୧୫. ଚଉତିଶା ଏକ ପ୍ରାକୃତ ଓ ପ୍ରାଚୀନ ଛନ୍ଦ । କ କାରାଦିକ୍ରମରେ ୩୪ ଟି ବ୍ୟଞ୍ଜନ ବର୍ଣ୍ଣମାଳାର ଆଦ୍ୟ ପ୍ରୟୋଗଦ୍ୱାରା ରଚିତ ହୋଇଥାଏ ପୁଣି ଓଲଟା ପ୍ରୟୋଗରେ ମଧ୍ୟ ରଚିତ ହୋଇଥାଏ ।

## ୨.୨.୪. ପ୍ରଶ୍ନର ଉତ୍ତର

୧. ତୀବ୍ରତା - ତୀବ୍ର + ତା (ଭାବାର୍ଥରେ ତା ପ୍ରତ୍ୟୟ)

ପୁଷ୍ପିତ - ପୁଷ୍ପ + ଇତ (ଜାତ ଅର୍ଥରେ ଇତ ପ୍ରତ୍ୟୟ)

୨. ପୋଥିଗୁଡ଼ିକୁ - କର୍ମ କାରକରେ ଦ୍ୱିତୀୟା ବିଭକ୍ତି 'କୁ'

ବିପ୍ଳବର - କରଣ ସମ୍ବନ୍ଧରେ ଷଷ୍ଠୀ ବିଭକ୍ତି 'ର'

ପୋଥିରେ - ଅଧିକରଣ କାରକରେ ସପ୍ତମୀ ବିଭକ୍ତି 'ରେ'

୩. ଶୈବଧର୍ମ - ଶୈବମାନଙ୍କର ଧର୍ମ (ଷଷ୍ଠୀ ତତ୍‌ପୁରୁଷ)

ରୂପସଜ୍ଜା - ରୂପକୁ ସଜ୍ଜା (ଦ୍ୱିତୀୟା ତତ୍‌ପୁରୁଷ)

୪. ତେବେ - ସେ ଖାଇବାକୁ ଡାକିଥିଲେ ତେବେ ମୁଁ ଗଲିନାହିଁ ।

ଓ -ଏହି ପାଠରେ ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ ଉପରେ ଆଲୋଚନା କରାଯାଇଛି ।

କିପରି - ପୋଡ଼ପିଠା କିପରି ପ୍ରସ୍ତୁତ କରାଯାଏ ଜଣିଛ କି ?

୫. ସାମାଜିକ, ବୈଦିକ, ଐତିହାସିକ, ସାମ୍ପ୍ରତିକ

## ୨.୩.୩ ପ୍ରଶ୍ନର ଉତ୍ତର

୧. ସାରଳା ଦାସଙ୍କ ମହାଭାରତ ଏକ ଅନୁସୃଜନ

୨. ସାରଳା ଦାସ ତାଙ୍କ ରଚନାରେ ନିଜକୁ ଶୁଦ୍ରମୁନି କହି ପରିଚିତ କରିଥିଲେ ।

୩. ସଂସ୍କୃତ ମହାଭାରତର ଶୈଳ ପର୍ବକୁ ସାରଳା ଦାସ ଗଦାପର୍ବ ନାମରେ ପରିବର୍ତ୍ତନ କରିଛନ୍ତି ।

୪. ସାରଳା ମହାଭାରତରେ ସଂସ୍କୃତ ମହଭାରତ ଅନୁରୂପ ଅଷ୍ଟାଦଶାଧ୍ୟାୟୀ ଗୀତାର ଉଲ୍ଲେଖ ଦେଖିବାକୁ ମିଳେନାହିଁ ?

୫. ଶ୍ରୀକୃଷ୍ଣଙ୍କୁ ଗଧପାଦ ଧରିବା ଏହି କାହାଣୀଟି ମୂଳ ସଂସ୍କୃତ ମହାଭାରତରୁ ଆନୀତ ନୁହେଁ, ଏହା ସାରଳା ଦାସଙ୍କ ମୌଳିକ ସଂଯୋଜନା ।

୬. ଐଶିକ ପର୍ବ ସାରଳା ମହାଭାରତରେ କାଇଁଶିଆ ପର୍ବ ଭାବରେ ବର୍ଣ୍ଣିତ ।

୭. ସାରଳା ଦାସଙ୍କ ଲକ୍ଷ୍ମୀନାରାୟଣ ବଚନିକାରେ ଗୁରୁବାର ବ୍ରତ ସମ୍ପର୍କରେ ଉଲ୍ଲେଖ ଅଛି ।

୮. ସାରଳା ଦାସଙ୍କ ରଚନାଗୁଡ଼ିକ ଦାଣ୍ଡି ବୃତ୍ତରେ ରଚିତ ।

୯. ସାରଳା ଦାସଙ୍କ ରଚିତ ପ୍ରଥମ ଗ୍ରନ୍ଥଟିର ନାମ ହେଉଛି ବିଲଙ୍କା ରାମାୟଣ ।

୧୦. ବିଲଙ୍କା ରାମାୟଣ ସଂସ୍କୃତ ଅଦ୍ଭୁତ ରାମାୟଣ ଗ୍ରନ୍ଥର ଛାୟାରେ ରଚିତ ।

**୨.୩.୪ ପ୍ରଶ୍ନର ଉତ୍ତର**

| | | | |
|---|---|---|---|
| ୧. | ଅପରୂପ | - | ତୁଲ୍ୟ ଅର୍ଥରେ 'ଅପ' ଉପସର୍ଗ |
| | ପରିକଳ୍ପନା | - | ସମ୍ୟକ୍ ଅର୍ଥରେ 'ପରି' ଉପସର୍ଗ |
| ୨. | ଚିରସ୍ମରଣୀୟ | - | ଚିରକାଳ ଯାହା ସ୍ମରଣୀୟ - ଉପପଦ ତତ୍ ପୁରୁଷ |
| | ଉଲ୍ଲେଖଯୋଗ୍ୟ | - | ଉଲ୍ଲେଖର ଯୋଗ୍ୟ - ଷଷ୍ଠୀ ତତ୍ ପୁରୁଷ |

୩. ରଣକୌଶଳ ଶବ୍ଦରେ କର୍ମଧାରୟ ସମାସ ହୋଇଛି

| | | | |
|---|---|---|---|
| | ରଣକୌଶଳ | - | ରଣ କରିବାର କୌଶଳ - କର୍ମଧାରୟ ସମାସ |
| ୪. | ପ୍ରାଚୀନ | - | ନବୀନ |
| | କ୍ଷୁଦ୍ର | - | ବିଶାଳ |
| | ବେଶି | - | କମ୍ |
| | ଆରୋହ | - | ଅବରୋହ |

୫. ପରିକଳ୍ପନା, ପରିଦୃଷ୍ଟ

**୨.୪.୩ ପ୍ରଶ୍ନର ଉତ୍ତର**

୧. ପଞ୍ଚସଖାମାନଙ୍କ ଧର୍ମ ସାଧନାର ତିନିଟି ମାର୍ଗ ହେଉଛି - ଜ୍ଞାନ, ଭକ୍ତି ଓ କର୍ମ ।

୨. ପଞ୍ଚସଖା ଶୂନ୍ୟ ଉପାସକ ଥିବାରୁ ପ୍ରତିମା ପୂଜାକୁ ବିରୋଧ କରୁଥିଲେ ।

୩. ଜଗମୋହନ ରାମାୟଣ ଦାଣ୍ଡି ରାମାୟଣ ଭାବରେ ପରିଚିତ ।

୪. ମାଣବସା ଦିନ ପାଠକରାଯାଉଥିବା ରଚନାଟି ହେଉଛି ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣ ।

୫. ଅଚ୍ୟୁତାନନ୍ଦ ଦାସଙ୍କ ହରିବଂଶ ସାତ ଖଣ୍ଡରେ ବିଭକ୍ତ ଥିବାରୁ ସାତଖଣ୍ଡିଆ ହରିବଂଶ କୁହାଯାଏ ।

୬. ନବାକ୍ଷରୀ ବୃତ୍ତ ଜଗନ୍ନାଥ ଦାସ ପ୍ରବର୍ତ୍ତନ କରିଥିଲେ ।

୭. ରାମ ଦାସଙ୍କଦ୍ୱାରା ରଚିତ ଜୀବନୀ ଗ୍ରନ୍ଥଟିର ନାମ ଦାର୍ଢ୍ୟତା ଭକ୍ତି ।

୮. ପଞ୍ଚସଖାଙ୍କ ନାମ ହେଉଛି - ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତ ଦାସ, ଯଶୋବନ୍ତ ଦାସ ଓ ଶିଶୁ ଅନନ୍ତ ଦାସ ।

୯. ଗୋବିନ୍ଦଚନ୍ଦ୍ର ଯଶୋବନ୍ତ ଦାସଙ୍କ ରଚନା ।

୧୦. ପଞ୍ଚସଖାଙ୍କ ରଚନାଗୁଡ଼ିକ ସାଧାରଣତଃ ନବାକ୍ଷରୀ ଓ ଦାଣ୍ଡି ବୃତ୍ତରେ ରଚିତ ।

**୨.୪.୪ ପ୍ରଶ୍ନର ଉତ୍ତର**

| | | | |
|---|---|---|---|
| ୧. | ବିଷ୍ଣୁ ଉପାସନାକରେ ଯିଏ- | | ବୈଷ୍ଣବ |
| | ଯିଏ ଅଭିଜ୍ଞ ନୁହନ୍ତି | - | ଅନଭିଜ୍ଞ |

| | | | |
|---|---|---|---|
| | ସ୍ମରଣରେ ନାହିଁ ଯାହା | - | ବିସ୍ମୃତ |
| ୨. | ଅନଭିଜ୍ଞ | - | ଅଭିଜ୍ଞ-ନଞ୍ ତତ୍ ପୁରୁଷ |
| | ପଞ୍ଚସଖା | - | ପଞ୍ଚ ସଖାଙ୍କ ସମାହାର - ଦ୍ୱିଗୁ ସମାସ |
| | ଆତ୍ମସଂଯମ | - | ଆତ୍ମାର ସଂଯମ - ଷଷ୍ଠୀ ତତ୍ ପୁରୁଷ |
| | ଚରିତାମୃତ | - | ଚରିତ ରୂପକ ଅମୃତ - ରୂପକ କର୍ମଧାରୟ |
| ୩. | ଦର୍ଶନ | - | ଦାର୍ଶନିକ |
| | ବିସ୍ମୃତି | - | ବିସ୍ମୃତ |
| | ସଂସ୍କୃତି | - | ସାଂସ୍କୃତିକ |
| ୪. | ରୂପାନ୍ତରିତ | - | ରୂପାନ୍ତର+ ଇତ - ସଂଜାତ ଅର୍ଥରେ ଇତ ପ୍ରତ୍ୟୟ |
| | ତତ୍କାଳୀନ | - | ତତ୍କାଳ + ଈନ - କାଳ ଅର୍ଥରେ ଈନ ପ୍ରତ୍ୟୟ |
| | କଥିତ | - | କଥା + ଇତ - ସଂଜାତ ଅର୍ଥରେ ଇତ ପ୍ରତ୍ୟୟ |
| | ସ୍ୱକୀୟତା | - | ସ୍ୱକୀୟ + ତା - ଭାବାର୍ଥରେ ତା ପ୍ରତ୍ୟୟ |
| ୫. | ରିତିନୀତି | - | ରୀତିନୀତି |
| | ଆତ୍ମସୂଚି | - | ଆତ୍ମଶୁଚି |
| | ସ୍ୱମନୟ | - | ସମନ୍ୱୟ |
| | ଭିତିଭୁମି | - | ଭିତ୍ତିଭୂମି |
| | କାଳ୍ପନୀକ | - | କାଳ୍ପନିକ |

### ୨.୫.୩ ପ୍ରଶ୍ନର ଉତ୍ତର

୧. ରୀତିର ଅର୍ଥ ହେଉଛି ବିଶିଷ୍ଟ ପଦ ସଂଯୋଜନା ।

୨. ରୀତିକବିମାନେ କାବ୍ୟକୁ କାନ୍ତା ବା ନାରୀ ସହିତ ତୁଳନା କରୁଥିଲେ ।

୩. ରୀତି କାବ୍ୟର ପ୍ରାରମ୍ଭରେ ମଙ୍ଗଳାଚରଣରେ ଇଷ୍ଟବନ୍ଦନା, ଆଶୀର୍ବାଦ ଭିକ୍ଷା, କାବ୍ୟ ବିଷୟବସ୍ତୁର ସୂଚନା, ସାଧୁସ୍ତୁତି ଖଳନିନ୍ଦା ଆଦିର ବର୍ଣ୍ଣନା ରହୁଥିଲା ।

୪. ଉପେନ୍ଦ୍ର ଭଞ୍ଜଙ୍କୁ ଏ ଯୁଗର ଶ୍ରେଷ୍ଠ କବି ଭାବରେ ଗଣନା କରାଯାଉଥିବାରୁ ଏହି ଯୁଗକୁ ଭଞ୍ଜଯୁଗ ମଧ୍ୟ କୁହାଯାଏ ।

୫. ଉପେନ୍ଦ୍ର ଭଞ୍ଜଙ୍କ ଦ୍ୱାରା ରଚିତ ଅଭିଧାନ ଗ୍ରନ୍ଥର ନାମ ହେଉଛି ଗୀତାଭିଧାନ ।

୬. ରୀତିକୁ କାବ୍ୟର ଆତ୍ମା ଭାବରେ ରୀତି କବିମାନେ ଗ୍ରହଣ କରନ୍ତି ।

୭. ରୀତି ସାହିତ୍ୟ ଗଣବୋଧ ଭାଷାରେ ରଚିତ ହୋଇନଥିଲେ ତାହାର ସାଙ୍ଗୀତିକତା ତଥା ଗାନଯୋଗ୍ୟତା ପାଇଁ ଜନପ୍ରିୟ ଥିଲା ।

୮. କାଞ୍ଚିକାବେରୀ କାବ୍ୟର ରଚୟିତା ହେଉଛନ୍ତି ପୁରୁଷୋତ୍ତମ ଦେବ ।

୯. ଉପେନ୍ଦ୍ର ଭଞ୍ଜଙ୍କଦ୍ୱାରା ରଚିତ ଦୁଇଟି ପୌରାଣିକ କାବ୍ୟର ନାମ ହେଉଛି -

ବୈଦେହୀଶ ବିଳାସ ଓ ସୁଭଦ୍ରା ପରିଣୟ ।

୧୦. ଉପେନ୍ଦ୍ର ଭଞ୍ଜଙ୍କଦ୍ୱାରା ରଚିତ ବନାନହୀନ ଗ୍ରନ୍ଥର ନାମ ହେଉଛି ଅବନା ରସତରଙ୍ଗ ।

### ୨.୫.୪ ପ୍ରଶ୍ନର ଉତ୍ତର

| | | | |
|---|---|---|---|
| ୧. | ମର୍ମକୁ ସ୍ପର୍ଶ କରେ ଯାହା | - | ମର୍ମସ୍ପର୍ଶୀ |
| | କାବ୍ୟର ଆଦର୍ଶ | - | କାବ୍ୟାଦର୍ଶ |
| | ଗଣଙ୍କର ବୋଧ ଯାହା | - | ଗଣବୋଧ୍ୟ |
| ୨. | ସାଧୁ | - | ଖଳ |
| | ଦୁର୍ବୋଧ | - | ସୁବୋଧ |
| | ସାଧାରଣ | - | ଅସାଧାରଣ |
| | ଆଦ୍ୟ | - | ପ୍ରାନ୍ତ |
| | ଆବଦ୍ଧ | - | ମୁକ୍ତ |
| ୩. | ଯୌବନାବସ୍ଥା | - | ଯୌବନ + ଅବସ୍ଥା |
| | ମନୋରଞ୍ଜନ | - | ମନଃ + ରଞ୍ଜନ |
| | ଉଲ୍ଲେଖ | - | ଉତ୍ + ଲେଖ |
| | କାବ୍ୟାଳଙ୍କାର | - | କାବ୍ୟ + ଅଳଙ୍କାର |
| | ରାସୋତ୍ସବ | - | ରାସ + ଉତ୍ସବ |
| ୪. | ଚମତ୍କାର | - | ଚମତ୍କାରିତା |
| | ପୌରାଣିକ | - | ପୁରାଣ |
| | ଆହରିତ | - | ଆହରଣ |
| | କାଳ୍ପନିକ | - | କଳ୍ପନା |
| ୫. | ପ୍ରତୀଯୋଗୀତା | - | ପ୍ରତିଯୋଗିତା |
| | ସାମୂଦ୍ରିକ | - | ସାମୁଦ୍ରିକ |

| | | |
|---|---|---|
| ପରିବେଶଣ | - | ପରିବେଷଣ |
| ବିଛେଦ | - | ବିଚ୍ଛେଦ |
| ମଧ୍ୟସ୍ତି | - | ମଧ୍ୟସ୍ଥି |

## ୨.୯ ଉତ୍ତର ପ୍ରଦାନ ପାଇଁ ଆଦର୍ଶ ପ୍ରଶ୍ନାବଳୀ :

**ଦୀର୍ଘ ଉତ୍ତର ପାଇଁ ପଶ୍ନ :-**

୧. ଚର୍ଯ୍ୟା ସାହିତ୍ୟ ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋଚନା କରନ୍ତୁ ।

୨. ଓଡ଼ିଆ ସାହିତ୍ୟର ବିକାଶରେ ଚର୍ଯ୍ୟାର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରନ୍ତୁ ।

୩. ମହାଭାରତର ଅନୁସୃଜନରେ ସାରଳା ଦାସଙ୍କ ମୌଳିକତା ଉପରେ ଆଲୋଚନା କରନ୍ତୁ ।

୪. ପଞ୍ଚସଖା ସାହିତ୍ୟର ବିଭିନ୍ନ ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋଚନା କରନ୍ତୁ ।

**ସଂକ୍ଷିପ୍ତ ଉତ୍ତର ପାଇଁ ପ୍ରଶ୍ନ :**

୧. ଓଡ଼ିଆ ସାହିତ୍ୟର ପ୍ରାରମ୍ଭିକ ଯୁଗ ବା ପ୍ରାକ୍‌ସାରଳା ଯୁଗ କେଉଁ ସମୟ ଯାଏଁ ବ୍ୟାପ୍ତ ?

୨. ଚର୍ଯ୍ୟାର ଭାଷାକୁ କ'ଣ କୁହାଯାଏ ?

୩. ଚର୍ଯ୍ୟା ସାହିତ୍ୟ ପରବର୍ତ୍ତୀ କେଉଁକେଉଁ ସାହିତ୍ୟକୁ ପ୍ରଭାବିତ କରିଛି ?

୪. ଓଡ଼ିଆ ବ୍ୟତୀତ ଆଉ କେଉଁକେଉଁ ଭାଷାରେ ଗୋରଖନାଥଙ୍କ ରଚନା ଦେଖିବାକୁ ମିଳେ ?

୫. ଲୋକ ମୁଖରେ ପ୍ରଚଳିତ ସାରଳା ମହାଭାରତର ପ୍ରବାଦ ପ୍ରବଚନଗୁଡ଼ିକର ଉଦାହରଣ ଦିଅନ୍ତୁ ।

୬. ସାରଳା ଦାସ ମହାଭାରତରେ କେଉଁ ନୂତନ କାହାଣୀଗୁଡ଼ିକ ସଂଯୋଜନା କରିଛନ୍ତି ?

୭. ଲକ୍ଷ୍ମୀ ନାରାୟଣ ବଚନିକାର ପ୍ରଭାବରେ ବଳରାମ ଦାସ କେଉଁ ଗ୍ରନ୍ଥ ରଚନା କରିଛନ୍ତି ?

୮. ପଞ୍ଚସଖା ସେମାନଙ୍କ ରଚନାଗୁଡ଼ିକରେ କେଉଁ ବିଷୟବସ୍ତୁକୁ ପ୍ରାଧାନ୍ୟ ଦେଉଥିଲେ ?

୯. ନବାକ୍ଷରୀ ଛାନ୍ଦ କ'ଣ ?

୧୦. ଓଡ଼ିଆ ଜନଜୀବନକୁ ଭାଗବତ କିପରି ପ୍ରଭାବିତ କରିଥିଲା ଉଲ୍ଲେଖ କରନ୍ତୁ ।

୧୧. ଲକ୍ଷ୍ମୀପୁରାଣ କାହାର ରଚନା ? ଏହା ଓଡ଼ିଆ ସଂସ୍କୃତି ସହିତ କିପରି ଜଡ଼ିତ ଉଲ୍ଲେଖ କରନ୍ତୁ ।

୧୨. ପଞ୍ଚସଖା ସେମାନଙ୍କ ରଚନାଗୁଡ଼ିକରେ କେଉଁ ବିଷୟସବୁକୁ ପ୍ରାଧାନ୍ୟ ଦେଉଥିଲେ ?

୧୩. ରୀତିର ଅର୍ଥ କ'ଣ ? ରୀତି ସମ୍ପର୍କରେ ଆଚାର୍ଯ୍ୟ ବାମନ କ'ଣ କହିଛନ୍ତି ?

୧୪. ରୀତିଯୁଗରେ କାବ୍ୟ ରଚନାର ପରମ୍ପରା କ'ଣ ଥିଲା ?

୧୫. ରୀତିଯୁଗ କିପରି ଅଳଙ୍କାର ଶାସ୍ତ୍ରର ଯୁଗ ଥିଲା ସଂକ୍ଷେପରେ ଲେଖନ୍ତୁ ।

# ଅଧ୍ୟାୟ ୩ ଆଧୁନିକ ଓଡ଼ିଆ ସାହିତ୍ୟ

**ସଂରଚନା :**

**୩.୦ ଉଦ୍ଦେଶ୍ୟ**

**୩.୧ ଉପକ୍ରମ**

**୩.୨ ମୂଳପାଠର ପ୍ରଥମ ଭାଗ**

୩.୨.୧ - ବିଷୟ ପ୍ରବେଶ

୩.୨.୨ - ସହାୟକ ଗ୍ରନ୍ଥ ସୂଚୀ

୩.୨.୩ - ଶବ୍ଦାର୍ଥ

୩.୨.୪ - ପଠିତାଂଶ ର ଆଲୋଚନା

୩.୨.୫ - ମୂଳପାଠର ପ୍ରଶ୍ନ

୩.୨.୬ - ମୂଳପାଠର ବ୍ୟାକରଣଗତ ପ୍ରଶ୍ନ

**୩.୩ ମୂଳପାଠର ଦ୍ୱିତୀୟ ଭାଗ**

୩.୩.୧ - ବିଷୟ ପ୍ରବେଶ

୩.୩.୨ - ସହାୟକ ଗ୍ରନ୍ଥସୂଚୀ

୩.୩.୩ - ଶବ୍ଦାର୍ଥ

୩.୩.୪ - ପଠିତାଂଶର ଆଲୋଚନା

୩.୩.୫ - ମୂଳପାଠର ପ୍ରଶ୍ନ

୩.୩.୬ - ମୂଳପାଠର ବ୍ୟାକରଣ ପ୍ରଶ୍ନ ।

**୩.୪ ମୂଳପାଠର ତୃତୀୟ ଭାଗ**

୩.୪.୧ - ବିଷୟ ପ୍ରବେଶ

୩.୪.୨ - ସହାୟକ ଗ୍ରନ୍ଥସୂଚୀ

୩.୪.୩ - ଶବ୍ଦାର୍ଥ

୩.୪.୪ - ପଠିତାଂଶର ଆଲୋଚନା

୩.୪.୫ - ମୂଳପାଠର ପ୍ରଶ୍ନ

୩.୪.୬ - ମୂଳପାଠର ବ୍ୟାକରଣ ପ୍ରଶ୍ନ

**୩.୫ ସାରାଂଶ**

**୩.୬ ପଠନ ଅଭ୍ୟାସ**

**୩.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀର ଉତ୍ତର**

**୩.୮ ଉତ୍ତର ପ୍ରଦାନ ପାଇଁ ଆଦର୍ଶ ପ୍ରଶ୍ନାବଳୀ**

ignou THE PEOPLE'S UNIVERSITY

## ୩.୦ ଉଦ୍ଦେଶ୍ୟ

ସାହିତ୍ୟ ସମାଜକୁ ଅବଲମ୍ବନ କରି ଗଢ଼ିଉଠିଥାଏ । ସ୍ରଷ୍ଟା ଦୈନନ୍ଦିନ ଜୀବନର ଅଭିଜ୍ଞତାକୁ ନେଇ ତାହାର ସାହିତ୍ୟ ସୃଷ୍ଟି କରିଥାଏ । ସମାଜର ପ୍ରତିଛବି ସାହିତ୍ୟରେ ପ୍ରତିଫଳିତ ହେଉ ଥିବାରୁ ସାହିତ୍ୟକୁ ସମାଜର ଦର୍ପଣ ଭାବରେ ଆଖ୍ୟାୟିତ କରାଯାଇଥାଏ । ସମାଜର ବିକାଶରେ ସାହିତ୍ୟର ବିକାଶ ସାଧିତ ହୋଇଥାଏ । ଯେଉଁ ଚିନ୍ତକ, ବୈଜ୍ଞାନିକ, ଚିତ୍ରଶିଳ୍ପୀ, ସମାଜସେବୀ, ଦେଶସେବକ ସମାଜର ବିକାଶରେ ସହାୟକ ହୋଇ ମାନବ ସଭ୍ୟତାକୁ ଅଗ୍ରଗାମୀ କରାଯାଇଥାନ୍ତି ତାହା ସାହିତ୍ୟିକମାନଙ୍କୁ ମଧ୍ୟ ଗଭୀର ଭାବରେ ପ୍ରଭାବିତ କରିଥାଏ । ଏହି ପରିବର୍ତ୍ତିତ ଚିନ୍ତାଧାରାର ରୂପାୟନ ସାହିତ୍ୟକୁ ସମୃଦ୍ଧି ଓ ପ୍ରଗତିଶୀଳ କରାଇଥାଏ । ବୈଜ୍ଞାନିକ ଚିନ୍ତନ ଓ ଯନ୍ତ୍ରଶିଳ୍ପର ଆଗମନ ଦ୍ୱାରା ସମଗ୍ର ପୃଥିବୀରେ ଆମୁଳଚୂଳ ସାମାଜିକ ପରବର୍ତ୍ତନ ଦେଖାଦେଇଥିଲା । ବିଜ୍ଞାନ ଦ୍ୱାରା କେବଳ ଯନ୍ତ୍ର ଓ ଶିଳ୍ପର ପ୍ରସାର ଘଟି ନଥିଲା; ହେତୁବାଦୀ ଚିନ୍ତନର ମଧ୍ୟ ବିକାଶ ଘଟିଥିଲା । ଈଶ୍ୱର ଓ ଧର୍ମ ବିଶ୍ୱାସରୁ ମଣିଷ ସମାଜ ମୁକ୍ତ ହୋଇ ଏକ ଯୁକ୍ତିବାଦୀ ଚିନ୍ତନ ଓ ସମାଜ ଗଠନ ଆଡ଼କୁ ଅଗ୍ରସର ହେଲା । ଏହି ଆନ୍ଦୋଳନକୁ "ଆଧୁନିକତା" କୁହାଯାଏ । ଏହି ନୂତନ ଚିନ୍ତାଧାରାକୁ ନେଇ ଯେଉଁ ସାହିତ୍ୟ ଗଢ଼ି ଉଠିଲା ତାହାକୁ "ଆଧୁନିକ ସାହିତ୍ୟ" କୁହାଗଲା । ବିଶ୍ୱର ବିଭିନ୍ନ ପ୍ରାନ୍ତରରେ ବିଭିନ୍ନ ସମୟରେ ତଥା ବିଭିନ୍ନ ଭାବରେ "ଆଧୁନିକ ଯୁଗର" ଆବିର୍ଭାବ ଘଟିଛି । ବିଜ୍ଞାନ ଆଧୁନିକ ଯୁଗର ବାର୍ତ୍ତାବହ । ବିଜ୍ଞାନର ଆବିଷ୍କାର, ଉଦ୍ଭାବନ ଓ ବୈଜ୍ଞାନିକ ହେତୁବାଦୀ ଚିନ୍ତନ ସମଗ୍ର ବିଶ୍ୱର ପ୍ରେକ୍ଷାପଟକୁ ପରିବର୍ତ୍ତନ କରିଥିଲା । ଏହି ବୈଜ୍ଞାନିକ ଚିନ୍ତନ ସହ ରୁଷୋ, ମଣ୍ଟେସ୍କୁ, ଭୋଲଟାୟାର ପ୍ରଭୃତି ଦାର୍ଶନିକମାନଙ୍କ ଚିନ୍ତନର ମିଶ୍ରଣଦ୍ୱାରା ସମଗ୍ର ବିଶ୍ୱରେ ଏକ ନବଜାଗରଣ ସୃଷ୍ଟି ହୋଇଥିଲା । ଏହାଦ୍ୱାରା ବିଭିନ୍ନ ସମାଜିକ ବିପ୍ଳବ ସୃଷ୍ଟି ହୋଇ ଆଧୁନିକ ଚିନ୍ତା ଓ ଚେତନାର ପ୍ରତିଷ୍ଠା ପାଇଲା । ୧୭୮୯ରେ ଘଟିଥିବା ଫରାସୀ ବିପ୍ଳବ, ୧୮୩୨ରେ ଇଂଲଣ୍ଡରେ ଘଟିଥିବା ଶିଳ୍ପବିପ୍ଳବ ୧୯୧୭ରେ ଋଷରେ ସଂଘଟିତ ହୋଇଥିବା ସାମ୍ୟବାଦୀ ବିପ୍ଳବ ସମଗ୍ର ବିଶ୍ୱର ଚିନ୍ତାନାୟକମାନଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲା । ଏହାଦ୍ୱାରା ସମଗ୍ର ବିଶ୍ୱରେ ସାମାଜିକ ଭୂୟୋବିକାଶ ସଂଭବ ହୋଇଥିଲା । ସାମାଜିକ, ରାଜନୀତି, ଆର୍ଥିକ, ଧାର୍ମିକ ଓ ସାଂସ୍କୃତିକ ଜୀବନଧାରାରେ ସମଗ୍ର ବିଶ୍ୱରେ ପରିବର୍ତ୍ତନ ସାଧିତ ହୋଇଥିଲା । ଏହି ପରିବର୍ତ୍ତିତ ଚିନ୍ତାଧାରା ବିଶ୍ୱ ସାହିତ୍ୟକୁ ଗଭୀର ଭାବରେ ପ୍ରଭାବିତ କରିଥିଲା । ସାହିତ୍ୟରେ ନୂତନ ମାନବୀୟ ମୂଲ୍ୟବୋଧ ପ୍ରତିଷ୍ଠା ପାଇଲା । ଓଡ଼ିଆ ସାହିତ୍ୟରେ ମଧ୍ୟ ଏହି ପରିବର୍ତ୍ତନ ଦେଖିବାକୁ ମିଳିଥିଲା । ସେହିପରି ଓଡ଼ିଶାରେ ମଧ୍ୟ ଆଧୁନିକ ଯୁଗ ସୃଷ୍ଟି ହେବା ସହ ଓଡ଼ିଆ ସାହିତ୍ୟରେ ମଧ୍ୟ ଆଧୁନିକ ଯୁଗ ସୃଷ୍ଟି ହୋଇଛି । ଏହି ପାଠଖଣ୍ଡରେ ଆଧୁନିକତାର ସ୍ୱରୂପ, ଆବିର୍ଭାବ, ବିକାଶ ଓ ସାହିତ୍ୟରେ ତାହାର କିପରି ପ୍ରତିଫଳନ ଘଟିଛି- ସେ ବିଷୟରେ ସବିଶେଷ ଜ୍ଞାନ ପ୍ରଦାନ କରାଯିବ । ଏହା ପଢ଼ିବାଦ୍ୱାରା ବଦ୍ୟାର୍ଥୀଗଣ ଆଧୁନିକ ଯୁଗ ଓ ଆଧୁନିକ ଓଡ଼ିଆ ସାହିତ୍ୟ ସଂପର୍କରେ ସବିଶେଷ ଜ୍ଞାନ ଆହରଣ କରିପାରିବେ ।

## ୩.୧ : ଉପକ୍ରମ

ଓଡ଼ିଆ କାବ୍ୟ ସାହିତ୍ୟର ସମୃଦ୍ଧ ପରଂପରାର ଭିତ୍ତି ଉପରେ ସୃଷ୍ଟି ହେଲା ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟ । ଏହି ଆଧୁନିକ କାବ୍ୟ ସାହିତ୍ୟରେ ଉଭୟ କାବ୍ୟ ଓ କବିତାରେ ସଂପୂର୍ଣ୍ଣ ଏକ ନବଚେତନାର ଜାଗୃତି ଦେଖିବାକୁ ମିଳିଲା । ଈଶ୍ୱର, ଦେବାଦେବୀ, ରାଜକୁମାର ଓ ରାଜକୁମାରୀଙ୍କୁ

ନେଇ ରଚିତ ହୋଇଥିବା ଶୃଙ୍ଗର ରସ ପ୍ରଧାନ କାବ୍ୟ କବିତାର ପରଂପରା ଏହି ସମୟରେ ଦ୍ରୁତ ଭାବରେ ହ୍ରାସ ହେବାକୁ ଲାଗିଲା । ସେମାନଙ୍କ ସ୍ଥାନରେ ମନୁଷ୍ୟଙ୍କୁ ନାୟକ କରାଯାଇ ମାନବୀୟ ଗୁଣାବଳୀକୁ ପ୍ରଧାନ୍ୟ ଦିଆଗଲା । କ୍ରମେ ବୃହତ୍ କାବ୍ୟ ରଚନା ପ୍ରକ୍ରିୟା କ୍ଷୀଣ ହୋଇ ଗୀତିକବିତା, ଚତୁର୍ଦ୍ଦଶପଦୀ କବିତା, ଗଥାକବିତା, ଶୋକ କବିତା, ସମ୍ବୋଧଗୀତିକା ଆଦି କବିତାର ନୂତନ ଆଙ୍ଗିକ ଓଡ଼ିଆ କାବ୍ୟ ସାହିତ୍ୟକୁ ପ୍ରବେଶ କଲା । ପ୍ରାଚୀନ ଓ ମଧ୍ୟଯୁଗୀୟ କାବ୍ୟ କବିତାରେ ରହିଥିବା ଶବ୍ଦାଡମ୍ବର, ଅଳଙ୍କାର ପ୍ରାଚୁର୍ଯ୍ୟ, ସଙ୍ଗୀତମୟତା, ରୂପବର୍ଣ୍ଣନା ଆଦି ଲୋପ ପାଇ ବ୍ୟକ୍ତି ହୃଦୟର ଭାବନାରେ ସ୍ୱତଃସ୍ଫୂର୍ତ୍ତ ପରିପ୍ରକାଶକୁ ପ୍ରଧାନ୍ୟ ଦିଆଗଲା । ପ୍ରାଚୀନ ଓ ମଧ୍ୟଯୁଗରେ ଭଜନ, ଜଣାଣ, ଚଉତିଶା, ଚଉପଦୀ ଆଦି କବିତାର ପ୍ରାରୂପ ଦେଖାଯାଇଥିବା ସମୟରେ ଆଧୁନିକ ଯୁଗରେ କବିତାର ନୂତନ ଆଙ୍ଗିକର ପରିପ୍ରକାଶ ଘଟିଲା । ମୁକ୍ତଛନ୍ଦ, ଉପଧା ମିଳନ, ଅମିତ୍ରାକ୍ଷରୀ ଗଦ୍ୟ ଛନ୍ଦର ବ୍ୟବହାର ଆଧୁନିକ କବିତାର ଆଙ୍ଗିକଙ୍କୁ ଆକର୍ଷଣୀୟ କରିଥିଲା । ସୌନ୍ଦର୍ଯ୍ୟବୋଧ, ମାନବବାଦ, ବାସ୍ତବବାଦ, ରହସ୍ୟବାଦୀ ଦାର୍ଶନିକତା ଓ ସତ୍ୟ, ନୀତି, ପରଂପରାର ଆବାହନ ଆଧୁନିକ କାବ୍ୟ କବିତାର ପ୍ରମୁଖ ଆଦର୍ଶ ହେଲା ।

## ୩.୨ ମୂଳପାଠର ପ୍ରଥମ ଭାଗ

### ୩.୨.୧ -ବିଷୟ ପ୍ରବେଶ

କବିବର ରାଧାନାଥ ରାୟଙ୍କୁ ଆଧୁନିକ ଓଡ଼ିଆ ସାହିତ୍ୟର ବର୍ତ୍ତାବହ ଭାବରେ ସମ୍ମାନ ପ୍ରଦର୍ଶନ କରାଯାଇଥାଏ । ରାଧାନାଥ ଥିଲେ ଜଣେ ପ୍ରତିଭାବାନ ଛାତ୍ର । ୧୮୬୩ ମସିହାରେ ପ୍ରବେଶିକା ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ୧୬ ବର୍ଷ ବୟସରେ ଉଚ୍ଚଶିକ୍ଷା ନିମିତ୍ତ କଲିକତା ପ୍ରେସିଡେନ୍ସି କଲେଜକୁ ଅଧ୍ୟୟନ ନିମିତ୍ତ ଯାଇଥିଲେ । ମାତ୍ର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ସେ କଲିକତାରୁ ଫେରିଆସିଥିଲେ ଓ ୧୮୬୪ ମେ' ମାସ ୧ ତାରିଖରେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଶିକ୍ଷକ ରୂପେ ଯୋଗଦେଲେ । ପରବର୍ତ୍ତୀ ସମୟରେ ସେ ସ୍କୁଲ ଇନ୍ସପେକ୍ଟର ଭାବରେ ନିଜର ଦାୟିତ୍ୱ ନିର୍ବାହ କରିଥିଲେ । ସଂସ୍କୃତ, ଉର୍ଦ୍ଧୁ, ପାର୍ଶୀ ଓ ଇଂରାଜୀ ଭାଷାରେ ରାଧାନାଥ ଥିଲେ ପାରଦର୍ଶୀ । ପ୍ରଥମେ ତାଙ୍କ କବିତାବଳୀ (ପ୍ରଥମ ଓ ଦ୍ୱିତୀୟ ଭାଗ) ସହ କାଳିଦାସଙ୍କ ମେଘଦୂତ ଅନୁବାଦ ପ୍ରକାଶ ପାଇଥିଲା ।

ପରବର୍ତ୍ତୀ ସମୟରେ ତାଙ୍କ ଦ୍ୱାରା ରଚିତ କେଦାରଗୌରୀ, ଚନ୍ଦ୍ରଭାଗା, ନନ୍ଦିକେଶ୍ୱରୀ, ଉଷା, ପାର୍ବତୀ (ଅସଂପୂର୍ଣ୍ଣ), ଚିଲିକା, ମହାଯାତ୍ରା (ଅସଂପୂର୍ଣ୍ଣ), ଯଯାତିକେଶରୀ, ଦରବାର, ଉର୍ବଶୀ ଆଦି କାବ୍ୟ ଓଡ଼ିଆ କାବ୍ୟ ସାହିତ୍ୟରେ ନୂତନ କୀର୍ତ୍ତିମାନ ସୃଷ୍ଟିକଲା । ଏହି ସମସ୍ତ କାବ୍ୟ ତାଙ୍କୁ ଆଧୁନିକ ସାହିତ୍ୟର ବାର୍ତାବହ ସମ୍ମାନରେ ସମ୍ମାନିତ କଲା । ଏହି କାବ୍ୟଗୁଡ଼ିକର କାହାଣୀ ରାଧାନାଥ ପାଶ୍ଚାତ୍ୟ ସାହିତ୍ୟରୁ ଆହରଣ କରିଥିଲେ ହେଁ, ଓଡ଼ିଶାର ଭୌଗଳିକ, ସମାଜିକ ଓ ସାଂସ୍କୃତିକ ପରିବେଶରେ ସଫଳ ଭାବରେ ଆରୋପିତ କରିଥିଲେ । ପାଶ୍ଚାତ୍ୟ କାହାଣୀ ଆହରଣ ପୂର୍ବକ ସେ ନୂତନ ଆଦର୍ଶ ଓ ଭଙ୍ଗୀରେ ଏହି କାବ୍ୟଗୁଡ଼ିକୁ ରଚନା କରିଥିଲେ । ପାରଂପାରିକ କାବ୍ୟାଦର୍ଶକୁ ସେ ସଂପୂର୍ଣ୍ଣ ପରିହାର

କରି ନୂତନ କାବ୍ୟାଦର୍ଶରେ ସେ ଏହି କାବ୍ୟଗୁଡ଼ିକୁ ରଚନା କରିଥିଲେ । ଅଳଙ୍କାର ପ୍ରୟୋଗ, କ୍ଲିଷ୍ଟ ସଂସ୍କୃତ ଶବ୍ଦାବଳୀର ପ୍ରୟୋଗ ଓ ଶୃଙ୍ଗାର ଭାବନାକୁ ପ୍ରାଧାନ୍ୟ, ଈଶ୍ୱର ବିଶ୍ୱାସ ଆଦିରୁ ସେ ନିଜ କାବ୍ୟଗୁଡ଼ିକୁ ମୁକ୍ତ କରିଥିଲେ । ସୌନ୍ଦର୍ଯ୍ୟବୋଧ, ରସ ପ୍ରାଣତା, ଭାରତୀୟ ସଂସ୍କୃତି ଓ ମାନବୀୟ ମୂଲ୍ୟବୋଧ ତାଙ୍କ କାବ୍ୟାଦର୍ଶ ଥିଲା । ଏହାକୁ ପ୍ରାଧାନ୍ୟ ଦେଇ ସେ ତାଙ୍କର କାବ୍ୟ ସମୂହ ରଚନା କରିଛନ୍ତି ।

'ଚିଲିକା' ଖଣ୍ଡ କାବ୍ୟଟି ରାଧାନାଥ ରାୟଙ୍କ ଅପୂର୍ବ ସୃଷ୍ଟି । ୧୮୯୧ ମସିହା ସେପ୍ଟେମ୍ବର ମାସର 'ଉତ୍କଳ ପ୍ରଭା' ପତ୍ରିକାରେ ଏହା ପ୍ରଥମେ ପ୍ରକାଶିତ ହେବା ପରେ ୧୮୯୨ ମସିହାରେ ପୁସ୍ତକ ରୂପେ ପ୍ରକାଶିତ ହୋଇଥିଲା । ରାଧାନାଥଙ୍କ ପ୍ରକୃତି ପ୍ରୀତି, ସୌନ୍ଦର୍ଯ୍ୟବୋଧ, ଐତିହବୋଧ, ଜାତୀୟତାବୋଧର ସ୍ମାରକୀ ହେବା ସହ କବିଙ୍କ ବ୍ୟକ୍ତି ଜୀବନର ଆଶା ଓ ନିରାଶାର ପ୍ରକାଶ ଏହି ଖଣ୍ଡ କାବ୍ୟକୁ ମନ୍ମୟ କରିଛି । କେବଳ ପ୍ରକୃତିକୁ ଆଧାର କରି ଓଡ଼ିଆ ସାହିତ୍ୟରେ ଉଚିତ ହୋଇଥିବା କାବ୍ୟ ଭାବରେ ଚିଲିକା ପ୍ରଥମ । ଏଥିରେ ଚିଲିକା ହ୍ରଦର ପ୍ରାକୃତିକ ସୌନ୍ଦର୍ଯ୍ୟର ଚିତ୍ର ରହିଥିବା ସହ ଓଡ଼ିଶାର ପରଂପରା, ସଂସ୍କୃତି ଓ ଐତିହ୍ୟକୁ ମଧ୍ୟ କବି ପ୍ରାଧାନ୍ୟ ଦେଇଛନ୍ତି । ଚିଲିକା ବକ୍ଷରେ ଘଟି ଯାଇଥିବା ଐତିହାସିକ ଘଟଣାର ବର୍ଣ୍ଣନା କାବ୍ୟଟିକୁ ଜାତୀୟତାବାଦର ସ୍ମାରକୀ କରିଛି । ଏହା ସହ ଭାରତ ବର୍ଷର ବିଭିନ୍ନ ଦର୍ଶନୀୟ ସ୍ଥାନର ବର୍ଣ୍ଣନା ସମୟରେ ପ୍ରକୃତିର ଭୀମକାନ୍ତ ରୂପର ଉପସ୍ଥାପନା ତାଙ୍କ ସୌନ୍ଦର୍ଯ୍ୟବାଦୀ ଚେତନାର ପରିଚୟ ପ୍ରଦାନ କରିଛି । ଏଣୁ କବି ଲେଖନୀରେ 'ଚିଲିକା' ହୋଇଉଠିଛି ଏକ ମହାନୀୟ କାବ୍ୟ ।

### ୩.୨.୨ ସହାୟକ ଗ୍ରନ୍ଥସୂଚୀ


୧. କବିବାର ରାଧାନାଥ ଗ୍ରନ୍ଥାବଳୀ, ସଂପାଦକ : ଡ. ପ୍ରସନ୍ନ କୁମାର ମିଶ୍ର, ଅଧ୍ୟାପକ ଦେବେନ୍ଦ୍ର କୁମାର ଦାଶ, ଗ୍ରନ୍ଥ ମନ୍ଦିର, କଟକ-୨, ୨୦୧୦ ।

୨. ଓଡ଼ିଆ ସାହିତ୍ୟର ଇତିହାସ, ଡକ୍ଟର ନଟବର ସାମନ୍ତରାୟ, ପ୍ରକାଶକ : ଶ୍ରୀମତୀ ଗଙ୍ଗାବାଈ ସାମନ୍ତରାୟ, ବାଣୀଭବନ, ସାମନ୍ତରାପୁର, ଭୁବନେଶ୍ୱର, ୨୦୧୨ ।


### ରାଧାନାଥ ରାୟଙ୍କ 'ଚିଲିକା' କାବ୍ୟର ପ୍ରଥମାଂଶ

ଉତ୍କଳ-କମଳା-ବିଳାସ-ଦୀର୍ଘିକା,
ମରାଳମାଳିନୀ ନୀଳାମ୍ବୁ ଚିଲିକା ।
ଉତ୍କଳର ତୁହି ଚାରୁ ଅଳଙ୍କାର,
ଉତ୍କଳ-ଭୁବନେ ଶୋଭାର ଭଣ୍ଡାର ।
ସ୍ୱଭାବେ ଭାବକୁ-ମାନସ-ଉଲ୍ଲାସୀ,
ଦିଗନ୍ତ-ବିସ୍ତାରୀ ତୋର ବାରିରାଶି ।
ପ୍ରସନ୍ନବଦନା ଉଜ୍ଜ୍ୱଳ ବରଣା,
ମୁଖଶ୍ରୀ ଦେଖନ୍ତି ଯହିଁ ଦିଗଙ୍ଗନା ।
ନୀଳ ଅଙ୍ଗ ତୋର ଚିତ୍ର ଅନ୍ତରାଳେ,
ନାସି, ନଳବନ, ଶୈଳ, ଦ୍ୱୀପମାଳେ ।
ଦକ୍ଷିଣେ ମିଶିଛି ତୋର ଗର୍ଭେ ଆସି,

ସୌରକରୋଭାସୀ ନୀଳ ରମ୍ଭାନାସି ।
ବିମାନ ଆକାରେ ଭାସେ ଶତ ଶତ,
ନୀଳୋରସେ ତା'ର ଶୈଳ ମାରକତ ।
ପକ୍ଷଚ୍ଛେଦି-ଶକ୍ର-ଭୟେ କି ଶଇଳେ,
ଲୁଚି ରହିଥିଲେ ତୋହରି ସଲିଳେ ?
ସାନ୍ନିଧ୍ୟ ଲଭିଣ ଭଗବତୀଙ୍କର
ତୋଳିଛନ୍ତି ଗୁଳ୍ମ ଜଟିଳ ଶିଖର ?
ଦେଉଳକିରୀଟୀ କାଳୀଜୟୀ ଗିରି
ମାରକତ ସେତୁ ପ୍ରାୟେ ଯାର ଶିରୀ ।
ଶ୍ୱେତାଙ୍ଗ ଚଢ଼ାଇଗୁହା ସମୁଦଗତ,
ନୀର ଭେଦି କିବା ଉଠେ ଐରାବତ ?
ତରଙ୍ଗ ବେଷ୍ଟିତ କାଙ୍କଣ ଶିଖରୀ,
ଆଦ୍ୟଫଳେ ଯାର ତରୀ ପୂର୍ଣ୍ଣକରି ।
ବର୍ଷେ ବର୍ଷେ ହ୍ରଦ-ବିହାରୀ ଧୀବରେ
ଆଦର ପ୍ରେରନ୍ତି ଲକ୍ଷ୍ମୀ- ରୋଷଘରେ ।
ସ୍ଥାନେ ସ୍ଥାନେ ନୀର ଭେଦିଛି ସୈକତ,
ଶାରଦ-ଆକାଶେ ଯେହ୍ନେ ଛାୟାପଥ ।
ତାର ପୁଞ୍ଜେ ଯଥା ଶୋଭେ ହରିତାଳୀ,
ପୁଳିନ ତେସନ ଶୁଭ୍ର ଶୁକ୍ତି-ଶାଳୀ ।
ଚାରୁତୀର ତୋର ଶୋଭାର ଆଶ୍ରମ
ଶୈଳ, ଟଙ୍କ, ବନେ ମଧୁର ବିଷମ ।
ଗିରିଖୋଲ, ନାସି, କାନ୍ତାର, କନ୍ଦରା,
ସୁରମ୍ୟ ତଟିନୀ ଜନମନୋହରା ।
ବିକଟ ସଂକଟ ତୁଙ୍ଗ ଶୈଳସାନୁ,
ଗତିପଥେ ଯାହା ପରଶନ୍ତି ଭାନୁ ।
ନୀଳଗଣ୍ଡ ଯାର ଗଭୀର ବିବର,
ଫଣିପତି-ଫଣା- ମଣିରେ ଭାସ୍ୱର
ଭଗ୍ନଦୁର୍ଗ, ଜରାଜର୍ଜର ଦେଉଳ
ଶୈବାଳ ଅରଣ୍ୟ-ଲତା ଗୁଳ୍ମାକୁଳ ।
ମୂର୍ତ୍ତିମତୀ ହୋଇ ଭବ ଭଙ୍ଗୁରତା,
ପ୍ରତିଧ୍ୱନି ଛଳେ କହେ ଯହିଁ କଥା,
କୁରଙ୍ଗ-କୁରଙ୍ଗୀ-ଚିର- କ୍ରୀଡ଼ାସ୍ଥଳ,
ନବଦୁର୍ବାଦଳ ଶ୍ୟାମଳ ଶାଦ୍‌ବଳ ।
ବିଶାଳ ପୁଳିନ ମନୋମୋହକାରୀ

ମରୀଚିକା ଯାର ଚିରସହଚରୀ ।
ଦ୍ୱୀପମାଳା ଶସ୍ୟେ ହରିତାୟମାନ,
ଏମାନେ ତୋହର ଶୋଭା ଉପାଦାନ ।
ଏତେ ଛବି ଯେଣୁ ଏକାଧାରେ ଠୁଳ
ଛବିଳ-ଉତ୍କଳେ ତୋ ଛବି ଅତୁଳ ।

### ୩.୨.୩ ଶବ୍ଦାର୍ଥ

| | | |
|---|---|---|
| ଦୀର୍ଘିକା | - | ପୁଷ୍କରିଣୀ |
| ଚାରୁ | - | ସୁନ୍ଦର |
| ବାରି | - | ଜଳ |
| ସଲିଳେ | - | ଜଳ |
| ନୀର | - | ଜଳ |
| କନ୍ଦରା | - | ଗୁମ୍ଫା |
| ସୁରମ୍ୟ | - | ସୁନ୍ଦର |
| ବିଶାଳ | - | ବଡ଼ |

### ୩.୨.୪ ପଠିତାଂଶର ଆଲୋଚନା

ଉପରୋକ୍ତ ପାଠ୍ୟାଂଶରେ କବିବର ରାଧାନାଥ ରାୟ ଚିଲିକା ହ୍ରଦର ପ୍ରାକୃତିକ ସୌନ୍ଦର୍ଯ୍ୟର ବର୍ଣ୍ଣନା କରିଛନ୍ତି । ଚିଲିକା ହ୍ରଦକୁ ସେ ଉତ୍କଳ ଲକ୍ଷ୍ମୀଙ୍କର ବିଳାସ ଦୀର୍ଘିକା ଭାବରେ ଆଖ୍ୟାୟିତ କରିଛନ୍ତି । ଲକ୍ଷ୍ମୀଙ୍କର ବିହାର ନିମିତ୍ତ ଯେପରି ଅପରୂପ ସୌନ୍ଦର୍ଯ୍ୟ ଭରା ପୁଷ୍କରିଣୀର କଳ୍ପନା କରାଯାଇଥାଏ, ସେହିପରି ଚିଲିକା ହ୍ରଦ ଅପରୂପ ସୌନ୍ଦର୍ଯ୍ୟ ବିମଣ୍ଡିତ ଯେଉଁଠାରେ ଉତ୍କଳ ଲକ୍ଷ୍ମୀ ବିହାର କରିଥାନ୍ତି । ଏହି ଚିଲିକା ହ୍ରଦ ଶୋଭାର ଭଣ୍ଡାର । ତାହାର ଦିଗନ୍ତ ବିସ୍ତାରୀ ନୀଳ ଜଳ ରାଶି ଦର୍ଶକ ପ୍ରାଣକୁ ନବ ନବ ଉଲ୍ଲାସରେ ଭରି ଦେଇଥାଏ । ନୀଳ ଜଳରାଶିରେ ତୀରସ୍ଥିତ ପର୍ବତ ସମୂହର ପ୍ରତିଛବି ଚିଲିକାର ରୂପକୁ ଅଧିକ ମନୋରମ କରିଥାଏ । ଏହି ପର୍ବତମାଳାକୁ ରାଧାନାଥ ପକ୍ଷହୀନ ପକ୍ଷୀ ସହ ତୁଳନା କରିଛନ୍ତି । ଚିଲିକା ମଧ୍ୟରେ ଏକ ଧଳା ରଙ୍ଗର ପାହାଡ଼ ରହିଛି । ପକ୍ଷୀମାନଙ୍କର ମଳତ୍ୟାଗଦ୍ୱାରା ଏହି ପାହାଡ଼ଟି ଧବଳ ରୂପ ଧାରଣ କରିଛି । ଏହି ଦୃଶ୍ୟକୁ କବି ଐରାବତ ହସ୍ତୀ ଚିଲିକାର ନୀଳ ଜଳରାଶି ମଧ୍ୟରୁ ଉଠି ଆସୁଥିବା ଦୃଶ୍ୟ ପରି ପ୍ରତୀୟମାନ ହେଉଥିବା ଉଲ୍ଲେଖ କରିଛନ୍ତି । ଚିଲିକା ମଧ୍ୟରେ କାଙ୍କଣ ଶିଖରୀ ନାମରେ ଅନ୍ୟ ଏକ ପାହାଡ଼ ରହିଛି, ଯେଉଁଥିରେ ଫଳୁଥିବା କାଙ୍କଣ ଫଳକୁ ଧୀବରମାନେ ପ୍ରଥମେ ଜଗନ୍ନାଥ ମନ୍ଦିରର ରୋଷଘରକୁ ପ୍ରେରଣ କରିଥାନ୍ତି । ଚିଲିକା କେବଳ ପ୍ରାକୃତିକ ଶୋଭାର ସଂପଦ ନୁହେଁ, ଭଗ୍ନ ଦୁର୍ଗ ଓ ଏହାର ଐତିହ୍ୟ ସଂପର୍କରେ ମଧ୍ୟ ସୂଚନା ପ୍ରଦାନ କରିଥାଏ । ଚିଲିକା କୂଳରେ ଅନେକ ଭଗ୍ନ ଦୁର୍ଗ ସମୂହ



ignou THE PEOPLE'S UNIVERSITY

ରହିଛି ଯାହା ଗୁଳ୍ମ ରାଜିରେ ପରିପୂର୍ଣ୍ଣ । ସେହି ଭଗ୍ନ ଦୁର୍ଗଗୁଡ଼ିକ ଓଡ଼ିଶାର ପ୍ରାଚୀନ ଐତିହ୍ୟର ମୂକ ସାକ୍ଷୀ । ଚିଲିକାର ଜଳ ଏହି ଭଗ୍ନ ଦୁର୍ଗରେ ଆସି ପିଟି ହୋଇ ଅତୀତ କଥାକୁ ସ୍ମରଣ କରାଇ ଦେଇଥାଏ । ପୃଥିବୀ ଯେ ଅଳୀକ ଓ ଭଙ୍ଗୁରଶୀଳ; ଏହି ବକ୍ତବ୍ୟ ଏହି ବର୍ଣ୍ଣନା ମଧ୍ୟରେ କବି ପ୍ରଦାନ କରିଛନ୍ତି । ପ୍ରକୃତିର ସୌନ୍ଦର୍ଯ୍ୟ ବର୍ଣ୍ଣନା ସହ ଐତିହ୍ୟ ଓ ଦର୍ଶନକୁ ସଂଯୋଗ କରି ଅସାଧାରଣ କାବ୍ୟରସ ସୃଷ୍ଟି କରିବାରେ ସଫଳ ହୋଇପାରିଛନ୍ତି ।

### ୩.୨.୫ ମୂଳପାଠର ପ୍ରଶ୍ନ

(କ) ଚିଲିକାକୁ କାହିଁକି ଉତ୍କଳ କମଳା-ବିଳାସ-ଦୀର୍ଘିକା କୁହାଯାଇଛି ?

(ଖ) ଚିଲିକାକୁ କାହିଁକି ଶୋଭାର ଭଣ୍ଡାର କୁହାଯାଇଛି ?

(ଗ) ପକ୍ଷଚ୍ଛେଦି-ଶକ୍ର କାହାକୁ କୁହାଯାଇଛି ?

(ଘ) ଧୀବରମାନେ ଲକ୍ଷ୍ମୀଙ୍କ ରୋଷଘରକୁ କଣ ପ୍ରେରଣ କରନ୍ତି ?

(ଙ) ଭଗ୍ନ ଦୁର୍ଗର ବର୍ଣ୍ଣନା ମାଧ୍ୟମରେ କବି କେଉଁ ଜୀବନ ଦର୍ଶନ ଉପସ୍ଥାପନ କରିଛନ୍ତି ।

### ୩.୨.୬ ମୂଳପାଠର ବ୍ୟାକରଣ ପ୍ରଶ୍ନ

(କ) ନିମ୍ନଲିଖିତ ଶବ୍ଦଗୁଡ଼ିକର ସମାସ ଲେଖନ୍ତୁ ।
ଭଗ୍ନ ଦୁର୍ଗ, ଶ୍ୱେତାଙ୍ଗ, ଦେଉଳ କିରୀଟୀ, ନୀଳଗଣ୍ଡ

(ଖ) ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତବୋଧକ ଶବ୍ଦ ଲେଖନ୍ତୁ ।
ପ୍ରସନ୍ନବଦନା, ଲୁଚିବା, ଜଟିଳ, ବିଶାଳ

(ଗ) ନିମ୍ନଲିଖିତ ଶବ୍ଦଗୁଡ଼ିକର ଶୁଦ୍ଧ ବନାନ ଲେଖନ୍ତୁ ।
ଧିବର, ମଣୀ, ତଟୀନୀ, ଗୂଳ୍ମ, ଛବୀ

## ୩.୩ ମୂଳପାଠର ଦ୍ୱିତୀୟ ଭାଗ

### ୩.୩.୧ ବିଷୟ ପ୍ରବେଶ

ସ୍ୱଭାବ କବି ଗଙ୍ଗାଧର ମେହେର ଆଧୁନିକ ଯୁଗର ଅନ୍ୟତମ ପ୍ରମୁଖ କବି । ଭାରତୀୟ ପରଂପରା ଓ ସଂସ୍କୃତିର ପୁନରୁତ୍‌ଥାନ ସେ ତାଙ୍କ କାବ୍ୟ ସାହିତ୍ୟ ମାଧ୍ୟମରେ କରିଥିଲେ । ଆଧୁନିକ ଯୁଗରେ ବିଦେଶୀ କାହାଣୀ ଓ ଶୈଳୀରେ କାବ୍ୟ କବିତା ରଚନା କରିବା ଏକ ମୁଖ୍ୟ କଳାକର୍ମ ଭାବରେ ଅଭିହିତ ହୋଇଥିଲା । ମାତ୍ର ସ୍ୱଭାବ କବି ଗଙ୍ଗାଧର ମେହେର ଭାରତୀୟ ପରମ୍ପରାକୁ ପ୍ରଧାନ୍ୟ ଦେଇ ମହାଭାରତ ଓ ରାମାୟଣର କାହାଣୀକୁ ନିଜ ଲେଖନୀରେ ପୁନର୍ବିନ୍ୟାସ କରିଛନ୍ତି । ରସ ରତ୍ନାକର, ଇନ୍ଦୁମତୀ, କୀଚକ ବଧ, ତପସ୍ୱିନୀ ଓ ପ୍ରଣୟ ବଲ୍ଲରୀ ପରି କାବ୍ୟ ରଚନା ଦ୍ୱାରା ସେ ଭାରତୀୟ ସଂସ୍କୃତି, ପରଂପରା ଓ ଜୀବନ ଦର୍ଶନକୁ ପାଠକ ନିକଟରେ ପ୍ରସାରିତ କରିଛନ୍ତି । ଏହାବ୍ୟତୀତ ତାଙ୍କ ଦ୍ୱାରା ରଚିତ ଓ ପାଠକମାନଙ୍କ ଦ୍ୱାରା ଆଦୃତ ଅମୃତମୟ, ମଧୁମୟ, ଭକ୍ତି ଆଦି କବିତାରେ କବିଙ୍କ ଆଧ୍ୟାତ୍ମିକ ଭାବନା, ଜୀବନ ଦର୍ଶନ ଓ କବିତ୍ୱର ପୁଷ୍କଳ ପରିଚୟ ମିଳିଥାଏ । ପାଠ୍ୟାଂଶରେ ଅର୍ନ୍ତଭୁକ୍ତ "ଉତ୍କଳ ଭାରତୀଙ୍କ ଉକ୍ତି" କବିତାଟିରେ କବିଙ୍କର ମାତୃଭୂମି ପ୍ରତି ଗଭୀର ମମତ୍ୱବୋଧ ପ୍ରକାଶିତ । କବି ଗଙ୍ଗାଧର ସମ୍ବଲପୁର ଜିଲ୍ଲାର ବରପାଲିର ଏକ ତନ୍ତବାୟ ପରିବାରେ

ତା ୦୯.୦୮.୧୮୬୨ ରିଖ ଶ୍ରାବଣ ପୂର୍ଣ୍ଣିମା ଦିନ ଜନ୍ମ ଗ୍ରହଣ କରିଥିଲେ ଓ ତା ୦୪.୦୪.୧୯୨୪ ରିଖ ଚୈତ୍ର ଅମାବାସ୍ୟା ଦିନ ଇହଧାମ ତ୍ୟାଗ କରିଥିଲେ । ବହୁ ପ୍ରତିକୂଳ ପରିବେଶରେ ଜୀବନ ନିର୍ବାହ କରିଥିଲେ ହେଁ ସେ ତାଙ୍କର ସାହିତ୍ୟ ସାଧନରେ ଅବିଚଳିତ ରହିଥିଲେ । ତାଙ୍କ ରଚିତ କାବ୍ୟ, କବିତା, ଗଦ୍ୟରଚନା ଓଡ଼ିଆ ସାହିତ୍ୟର ଶ୍ରୀ ବୃଦ୍ଧିରେ ସହାୟକ ହୋଇଛି ।

### ୩.୩.୨ ସହାୟକ ଗ୍ରନ୍ଥସୂଚୀ


୧. ସ୍ୱଭାବକବି ଗଙ୍ଗାଧର ଗ୍ରନ୍ଥାବଳୀ, ସଂପାଦନା- ଡକ୍ଟର ମଣୀନ୍ଦ୍ର କୁମାର ମେହେର, ଗ୍ରନ୍ଥ ମନ୍ଦିର, କଟକ-୨, ୨୦୦୫ ।

୨. ଗଙ୍ଗାଧର : କବିତା ଓ କବିଆତ୍ମା, ଦେବେନ୍ଦ୍ର କୁମାର ଦାଶ, ପ୍ରକାଶକ : ପ୍ରଗତି ଉତ୍କଳ ସଂଘ, ରାଉରକେଲା, ୧୯୯୫ ।


### ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ କବିତା

### "ଉତ୍କଳ-ଭାରତୀଙ୍କ ଉକ୍ତି"

ଛନ୍ଦ ବାବୁ ମୋର    କୋମଳ ବସନ
ଅଙ୍ଗକୁ ଯହିଁରେ ନ ହେବ ପୀଡ଼ା,
ଦେବ ଦେଲେ ଦିଅ    ଏମନ୍ତ ଭୂଷଣ
ଯାହା ଘେନି ମୋର ନ ହେବ ବ୍ରୀଡ଼ା ।
ଅଙ୍ଗ ଚାହିଁ ଦିଅ    ଯୋଗ୍ୟ ପରିଚ୍ଛଦ
ପରିଚ୍ଛଦ ଯୋଗୁଁ ନ କାଟ ଦେହ,
କଟା ହେଲେ ହେବ    ଜୀବନେ ବିପଦ
ନ କର ମାତାକୁ ସେପରି ସ୍ନେହ ।
ନଖ ବଢ଼ିଥିଲେ    କର କରତନ
ରଞ୍ଜିଦିଅ ତହିଁ ଅଳତା ରଙ୍ଗ,
ନାକ ବଡ଼ ଥିଲେ    ତା' କଲେ ଛେଦନ
ହେବ ନାହିଁ କି ମୋ' ସୌଷ୍ଠବଭଙ୍ଗ ?
ରୋଗ ଥିଲେ ଦେହେ    ପ୍ରତିକାର କର
ପ୍ରକୃତିସ୍ଥ ହେଉ ଜୀବନ ମୋର,
ଭିନ୍ନ ବର୍ଣ୍ଣେ ଯଦି    ରଞ୍ଜ କଳେବର
ହେବ ମାତ୍ର ତହିଁ ବୀଭତ୍ସ ଘୋର ।
ତୁମ୍ଭେ ମୋତେ ଯେଉଁ    ବେଶରେ ସାଜିବ
ସେ ବେଶ ଦେଖିବେ ଜଗତ ଜନେ,
ତୁମ୍ଭେ ଯଦି ମୋତେ    ଯତନେ ମାଜିବ
ମାର୍ଜିତ ଉଜ୍ଜ୍ୱଳ ହେବି ଭୁବନେ ।
ଦେଉଁ ଦେଉଁ ମୋର    ନୟନେ ଅଞ୍ଜନ
ମୁଖ ଯଦି ହେବ କାଳିମାମୟ,

ପୋଛ ଗଣ୍ଡ-କାଳି    ନଦେଇ ଗଞ୍ଜନ
ହେବ ମନୋହର କାନ୍ତି ଉଦୟ ।
ପାଇଥିଲେ ଦିଅ    ବିଲାତି ପ୍ରସୂନ
ଥାଏ ଯଦି ତହିଁ କିଛି ସୌରଭ,
ସୌରଭ ନ ଥିଲେ କାନ୍ତିରେ ନିଉନ
ନ ଥିଲେ ବଢ଼ିବ ସିନା ଗୌରବ !
ମସ୍ତକେ ମୋ ଟୋପି    ନ ଦେବ ବାବାରେ
ନ କାଢ଼ିବ ମୋର କରୁ କଙ୍କଣ,
ସିନ୍ଦୂର ବିନ୍ଦୁ ମୋ    ଭାଲେ ରଖିବାରେ
ନିରନ୍ତର ମନେ ଥିବ ସ୍ମରଣ ।
ଭାଇ ଭାଇ ମଧ୍ୟେ    କଳହ ନ କର
ତୁମ୍ଭ କଳହେ ମୁଁ ହେବି ଦୂଷିତ,
ରତନ ସଂଗ୍ରହେ    ହୁଅ ଯତ୍ନପର
ରତ୍ନ ଗୁନ୍ଥି ମୋତେ କର ଭୂଷିତ ।
ଅଭିମାନ ରୋଗେ    ନ କର ପ୍ରଳାପ
ପ୍ରଳାପ ଶୁଣିଲେ କାନ୍ଦେ ମୋ' ହୃଦ,
ଜ୍ଞାନେ ଧ୍ୟାନ ରଖି    କର ସଦାଳାପ
ସଦାଳାପେ ସଦା ବଢୁ ମୋ' ମୁଦ ।
ମନ୍ଦିରକୁ ମୋର    କର ସୁସଜ୍ଜିତ
ରମ୍ୟ ରମ୍ୟ ଉପକରଣ ଆଣି,
କାଠ ଖମ୍ବମାନ    କର ସୁସଜ୍ଜିତ
ଢ଼ାଳିଦିଅ ତହିଁ ସୁବର୍ଣ୍ଣପାଣି ।
ନାନା ଦେଶୁ ଆଣ    ତରୁ-ବଲ୍ଲୀମାନ
ରୋପଣ କର ମୋ' ଉଦ୍ୟାନଗର୍ଭେ,
ଉଦ୍ୟାନ କରିବ    ସୁଫଳ ପ୍ରଦାନ
ଭୁଞ୍ଜିବ ସୁଖେ ମୋ' ନନ୍ଦନ ସର୍ବେ ।
ଆବର୍ଜନାହୀନ    କର ମୋ' ସଦନ
କର ଆବଶ୍ୟକ ଜୀର୍ଣ୍ଣ ସଂସ୍କାର,
ମାନ୍ୟ ଧର୍ମ ରଖି    କର ବିଚରଣ
ନ କର ମୋ' ପୁରେ ଯଥେଚ୍ଛାଚାର ।
ନିଜ ଉନ୍ନତିକି    ଉନ୍ନତି ନ ମଣ
ମୋତେ ନ କରିବାଯାଏ ଉନ୍ନତ,
ଏକ ତରୁ ତଳେ    ଥିବେ କେତେ ଜଣ
ବହୁ ଜଳ ଫଳ ଦିଏ ପର୍ବତ ।

ignou
THE PEOPLE'S
UNIVERSITY

ତୁମ୍ଭ ରାଜ୍ୟ ଭୂମି ପ୍ଲାବି ନ ପାରନ୍ତି
ଆଣ୍ଡାସ ଗିରିର ଅସଂଖ୍ୟ ଝର,
କେ ହରିବ ତୁମ୍ଭ ହୃଦୟ ତପତି
ନ ବହିଲେ ପୂତ ସ୍ରୋତ ମୋହର ।
ହୋଇ ଏକପ୍ରାଣ ହୋଇ ଏକମନ
ଉଚ୍ଚ ତାନେ ଗାଅ, "ଭାରତୀ ଜୟ",
ଉଚ୍ଚେ ଟେକ କୀର୍ତ୍ତି – ପତାକା ଗଗନ
ହୋଇଯାଉ ଶୁଭ୍ର ପତାକାମୟ ।
(୧୯୧୪ ଏପ୍ରିଲ୍, 'ଉତ୍କଳ-ସାହିତ୍ୟ')

## ୩.୩.୩ : ଶବ୍ଦାର୍ଥ

| | | |
|---|---|---|
| ଭୂଷଣ | - | ଅଳଙ୍କାର |
| ପ୍ରସୂନ | - | ଫୁଲ |
| କାନ୍ତି | - | ସୌନ୍ଦର୍ଯ୍ୟ, ଲାବଣ୍ୟ |
| ରମ୍ୟ | - | ସୁନ୍ଦର |
| ଜୀର୍ଣ୍ଣ | - | କ୍ଷୟପ୍ରାପ୍ତ |
| ଭୁଞ୍ଜିବ | - | ଖାଇବା |
| ତରୁ | - | ବୃକ୍ଷ |
| ତପତି | - | ଉତ୍ତାପ, କ୍ଲେଶ |

## ୩.୩.୪ : ପଠିତାଂଶର ଆଲୋଚନା

"ଉତ୍କଳ ଭାରତୀଙ୍କ ଉକ୍ତି" କବିତାରେ କବିଙ୍କ ଗଭୀର ଦେଶପ୍ରେମ ପ୍ରକାଶିତ ହୋଇଅଛି । ଏହି କବିତାଟି ୧୯୧୪ ମସିହା ଏପ୍ରିଲ ମାସର "ଉତ୍କଳ ସାହିତ୍ୟ" ପତ୍ରିକାର ପ୍ରଥମେ ପ୍ରକାଶିତ ହୋଇଥିଲା । ଭାରତରେ ଇଂରେଜ ଶାସନ ପ୍ରତିଷ୍ଠା ପାଇବାଦ୍ୱାରା ଇଂରାଜୀ ଭାଷା ଓ ସଂସ୍କୃତିର ପ୍ରସାର ସମଗ୍ର ଭାରତବର୍ଷରେ ବ୍ୟାପି ଯାଇଥିଲା । ସମାଜର ପ୍ରତିଷ୍ଠିତ ଓ ଧନୀକ ଶ୍ରେଣୀର ବ୍ୟକ୍ତି ବିଶେଷ ଇଂରାଜୀ ଶିକ୍ଷା ଓ ସଂସ୍କୃତି ପ୍ରତି ଗଭୀର ଭାବରେ ଆକର୍ଷିତ ହୋଇଥିଲେ । ଇଂରାଜୀ ଶିକ୍ଷା ପ୍ରାପ୍ତି ପରେ ଇଂରେଜ ସରକାରଙ୍କ ଅଧୀନରେ ଚାକିରି ପାଇ ଦେଶୀୟ ଯୁବକମାନେ ଇଂରାଜୀ ସଂସ୍କୃତି ଓ ଜୀବନଯାପନ ପ୍ରଣାଳୀକୁ ଅନୁକରଣ କରୁଥିଲେ । ଏହା କବି ପ୍ରାଣକୁ ଗଭୀର ଭାବରେ ଆଘାତ କରିଥିଲା । ଏଣୁ ସେ "ଉତ୍କଳ ଭାରତୀ"ଙ୍କ ତରଫରୁ ନିଜର ଭାବନା ଏହି କବିତାରେ ପ୍ରକାଶ କରିଛନ୍ତି । କବିଙ୍କ ମତରେ ଉତ୍କଳ ଭାରତୀଙ୍କ ଶୋଭା ବର୍ଦ୍ଧନକାରୀ ଅଳଙ୍କାର ଓ ପୋଷାକ ପ୍ରଦାନ କର । ପୋଷାକ ଓ ଅଳଙ୍କାର ନିମିତ୍ତ ଅଙ୍ଗ କର୍ତ୍ତନ କରିବା ଅନୁଚିତ । ଉତ୍କଳ ଭାରତୀଙ୍କୁ

ଏପରି ବେଶରେ ସୁସଜ୍ଜିତ କର ଯେଉଁଥିରେ ସମସ୍ତ ଜଗତ ଦେଖି ପ୍ରଶଂସା କରିବ । ଯଦି ବିଦେଶୀ ଫୁଲ ସୌରଭମୟ ତେବେ ତାକୁ ଆଣ ମାତ୍ର ସୌରଭ ନଥିବା ଫୁଲ ଆଣି ଲାଭ କଣ ? ସବୁବେଳେ ଜ୍ଞାନରେ ଧ୍ୟାନ ଦିଅ । ସଦାଳାପ ଓ ସଦାଚାରଦ୍ୱାରା ମହତ୍ତ୍ୱ ଓ ଗରିମା ବୃଦ୍ଧି କର । ସମାଜ ସଂସ୍କାର କରି ସମାଜକୁ ଗତିଶୀଳ କର । ନିଜ ଉନ୍ନତି ଅପେକ୍ଷା ଦେଶର ଉନ୍ନତିରେ ଧ୍ୟାନ ଦିଅ । ସମସ୍ତେ ଏକ ମନ ପ୍ରାଣ ହୋଇ "ଉତ୍କଳ ଭାରତୀ"ଙ୍କ ଜୟଗାନ କର ।

### ୩.୩.୫ ମୂଳପାଠର ପ୍ରଶ୍ନ

କ) କଣ କଲେ ଉତ୍କଳ ଭାରତୀ ଲଜ୍ଜିତ ହେବେ ନାହିଁ ?

ଖ) ଭିନ୍ନ ବର୍ଣ୍ଣ ଲେପିଲେ କଣ ହେବ ?

ଗ) ନୟନ ଅଞ୍ଜନ କିପରି କାଳିମାମୟ ହେବ ?

ଘ) ଭାଇ ଭାଇ ମଧ୍ୟରେ କିପରି ସମ୍ପର୍କ ରହିବା ଉଚିତ ?

ଙ) ଉତ୍କଳ ଭାରତୀ କିପରି ଆବର୍ଜନାହୀନ ହୋଇପାରିବେ ?

### ୩.୩.୬ ମୂଳପାଠର ବ୍ୟାକରଣ ପ୍ରଶ୍ନ

କ) ନିମ୍ନଲିଖିତ ଶବ୍ଦଗୁଡ଼ିକରେ କେଉଁ ଉପସର୍ଗ ବ୍ୟବହୃତ ହୋଇଛି ଉଲ୍ଲେଖ କରନ୍ତୁ ।
ସୁଫଳ, ଅଭିମାନ, ପ୍ରଳାପ, ପ୍ରତିକାର ।

ଖ) ନିମ୍ନଲିଖିତ ଶବ୍ଦଗୁଡ଼ିକର ପ୍ରତିଶବ୍ଦ ଲେଖ ।
ଭାଇ, ପର୍ବତ, ଉଦ୍ୟାନ, ଉପକରଣ

ଗ) ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତ ଶବ୍ଦ ଲେଖ ।
ଧର୍ମ, ଦିଅ, ଜୀବନ, କାଟ

## ୩.୪ ମୂଳପାଠର ତୃତୀୟ ଭାଗ

### ୩.୪.୧ ବିଷୟ ପ୍ରବେଶ

ଆଧୁନିକ ଓଡ଼ିଆ ସାହିତ୍ୟର ଅନ୍ୟତମ ପ୍ରମୁଖ ବିଶେଷତ୍ୱ ହେଉଛି ଗଦ୍ୟ ସାହିତ୍ୟର ଉନ୍ମେଷ ଓ ବିକାଶ । ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟ ପଦ୍ୟ ପ୍ରଧାନ ଥିଲା । ରୁଦ୍ର ସୁଧାନିଧି, ଚତୁର ବିନୋଦ ଆଦି ରଚନାରେ ଓଡ଼ିଆ ଗଦ୍ୟର ଆଦ୍ୟ ସ୍ୱରୂପ ପରିଲକ୍ଷିତ ହୋଇଥାଏ । ମାଦଳାପାଞ୍ଜିରେ ବିକଶିତ ଓଡ଼ିଆ ଗଦ୍ୟ ଶୈଳୀ ବ୍ୟବହାର ହୋଇଛି । ମୁଦ୍ରାଯନ୍ତ୍ରର ପ୍ରତିଷ୍ଠା ପତ୍ରିକା ଓ ସମ୍ବାଦ ପତ୍ରର ପ୍ରକାଶନ ଗଦ୍ୟ ରଚନାର ପ୍ରସାରରେ ସହାୟକ ହୋଇଥିଲା ଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧ, ରମ୍ୟରଚନା, ଭ୍ରମଣ କାହାଣୀ, ଜୀବନୀ ଓ ଆତ୍ମଜୀବନୀ ପ୍ରଭୃତି ଗଦ୍ୟ ରଚନା ଏହି ଆଧୁନିକ ଯୁଗର ଅବଦାନ । ଏହି ପାଠରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ବହୁ ଆଲୋଚିତ ପ୍ରବନ୍ଧ 'ଓଡ଼ିଆ ଜାତି କିଏ ?'ର ପ୍ରଥମାଂଶକୁ ପାଠରୂପେ ଗ୍ରହଣ କରାଯାଇଛି । ଗୋପବନ୍ଧୁ ଦାସ ଏକାଧାରରେ ଥିଲେ କବି, ପ୍ରାବନ୍ଧିକ, ଶିକ୍ଷକ, ଦେଶଭକ୍ତ, ବ୍ୟବସ୍ଥାପକ ଓ ସମ୍ପାଦକ । ୧୮୭୭ ମସିହା ଅକ୍ଟୋବର ମାସ ୯ ତାରିଖ ଦିନ ପୁରୀ ଜିଲ୍ଲା ସାକ୍ଷୀଗୋପାଳ ନିକଟସ୍ଥ ସୁଆଣ୍ଡୋ ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ ଓ ୧୯୨୮ ମସିହା ଜନ୍ମ ମାସ ୨୭ ତାରିଖରେ ସେ ଇହଧାମ ତ୍ୟାଗ କରିଥିଲେ ।



ignou
THE PEOPLE'S
UNIVERSITY

କାରାକବିତା, ବନ୍ଦୀର ଆତ୍ମକଥା, ଧର୍ମପଦ, ଅବକାଶ ଚିନ୍ତା ଓ ଗୋମହାତ୍ମ୍ୟ ଆଦି ତାଙ୍କର କାବ୍ୟ ଓ କବିତା ସଂକଳନ । ତାଙ୍କଦ୍ୱାରା 'ସତ୍ୟବାଦୀ' ସାହିତ୍ୟ ପତ୍ରିକା ଓ 'ସମାଜ' ସମ୍ବାଦପତ୍ର ପ୍ରକାଶିତ ହୋଇଥିଲା । ସତ୍ୟବାଦୀ ଓ ସମାଜ ଓଡ଼ିଆ ଗଦ୍ୟ ସାହିତ୍ୟର ବିକାଶରେ ଅତ୍ୟନ୍ତ ସହାୟକ ହୋଇଥିଲେ । ଗୋପବନ୍ଧୁ ଥିଲେ ଜଣେ ଦେଶପ୍ରେମୀ ଓ ସ୍ୱାଧୀନତା ସଂଗ୍ରାମୀ । 'ଓଡ଼ିଆ ଜାତି କିଏ ?' ପ୍ରାବନ୍ଧିକ ପ୍ରଥମେ ସେ ଉତ୍କଳ ସମ୍ମିଳନୀର ଅଧିବେଶରେ ବକ୍ତବ୍ୟ ଭାବରେ ଉପସ୍ଥାପନ କରିଥିଲେ । ଏହା ତାଙ୍କର ଦେଶପ୍ରେମ, ମନନଶୀଳତା ଓ ଉନ୍ନତ ଗଦ୍ୟଶୈଳୀ ରଚନାର ସ୍ୱାକ୍ଷର ବହନ କରିଥାଏ ।

**୩.୪.୨ ସହାୟକ ଗ୍ରନ୍ଥସୂଚୀ**

୧. ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ, ଡକ୍ଟର ଶ୍ରୀନିବାସ ମିଶ୍ର, ବିଦ୍ୟାପୁରୀ, ବାଲୁବଜାର, କଟକ-୨, ୨୦୧୦ ।

୨. ଯୁଗପୁରୁଷ ଗୋପବନ୍ଧୁ ଦାସ, ସଂକଳକ : ଡ଼ ସୂର୍ଯ୍ୟନାରାୟଣ ଦାସ, ଓଡ଼ିଶା ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ-୨, ୨୦୧୦ ।

**ଗୋପବନ୍ଧୁ ଦାସଙ୍କ "ଓଡ଼ିଆ ଜାତି କିଏ ?" ପ୍ରବନ୍ଧର ପ୍ରଥମାଂଶ :**

ଓଡ଼ିଆ ଜାତି କିଏ ? ପୃଥିବୀ ସ୍ଥାନ ଅନୁସାରେ ଜାତିର ନାମକରଣ ହୋଇଥିବା ପ୍ରାୟ ସର୍ବତ୍ର ଦେଖାଯାଏ । ଏକ ସ୍ଥାନରେ ବାସ କରୁଥିବା ଲୋକମାନଙ୍କ ମଧ୍ୟରେ ମାୟା ମମତା ଜନ୍ମେ । ସେମାନଙ୍କ ଆଶା, ଅଭିପ୍ରାୟ, ଭାଗ୍ୟ ଓ ଭବିଷ୍ୟତ ଏକ ଶ୍ରେୟଃ ସ୍ୱାର୍ଥରେ ଆବଦ୍ଧ । ସେମାନଙ୍କର କର୍ମଭୂମି ଏକ ଅଭିନ୍ନ । ସେହି ଭୂମି ସେମାନଙ୍କ ପକ୍ଷରେ ପବିତ୍ର ଏବଂ ପ୍ରେମମୟ କ୍ଷେତ୍ର । ଏହା ସେମାନଙ୍କର ଜନ୍ମଭୂମି । ସେମାନଙ୍କ ଦୃଷ୍ଟିରେ "ସ୍ୱର୍ଗାଦପି ଗରୀୟସୀ" । ସୁତରାଂ ଯେଉଁମାନେ ଏପରି ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ବାସ କରନ୍ତି, ସେମାନେ ଏକ ଜାତି ଏବଂ ସେହି ଭୂଖଣ୍ଡର ନାମାନୁସାରେ ନାମିତ ହୁଅନ୍ତି । ଏହି ପ୍ରାକୃତିକ ବିଧାନରେ ଯେଉଁମାନେ ଉତ୍କଳ ବା ଓଡ଼ିଶାରେ ସମାନ ଆଶା ଆକାଙ୍କ୍ଷା ଧରି ଜନ୍ମ ମରଣରେ ସମାନ ଶ୍ରେୟଃ ସ୍ୱାର୍ଥରେ ବିଜଡ଼ିତ, ସେମାନେ ସମସ୍ତେ ଓଡ଼ିଆ ଜାତି ।

କେହି କେହି ପୁଣି ଉତ୍କଳ ଓ ଓଡ଼ିଆ ମଧ୍ୟରେ ପାର୍ଥକ୍ୟ ଦେଖନ୍ତି । ଯଥାର୍ଥରେ ଉଭୟ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ କିମ୍ବା ରହିବା ଉଚିତ ନୁହେଁ । ବଙ୍ଗଳାର ହୁଅନ୍ତୁ ବା ପଞ୍ଜାବର ହୁଅନ୍ତୁ, ମାରବାରର ହୁଅନ୍ତୁ ବା ମାନ୍ଦ୍ରାଜର ହୁଅନ୍ତୁ ବା ମୁସଲମାନ ହୁଅନ୍ତୁ, ଆର୍ଯ୍ୟ ହୁଅନ୍ତୁ ବା ଆଦିମ ଅଧିବାସୀ ହୁଅନ୍ତୁ, ସେ ଉତ୍କଳ ବା ଓଡ଼ିଶା ସଙ୍ଗେ ଆପଣାର ସମସ୍ତ ସ୍ୱତ୍ୱ ଓ ସ୍ୱାର୍ଥ ମିଳାଇ ଦେଇଅଛନ୍ତି, ଓଡ଼ିଶା ତାଙ୍କର ଏବଂ ସେ ଓଡ଼ିଶାର । ଆଜିକାଲି ସମୟରେ ଏକ ସ୍ଥାନରେ ଯେ କେବଳ ଏକ ପ୍ରକାର ଲୋକ ରହିବେ ତାହା ଅସମ୍ଭବ । ପୃଥିବୀରେ ଏପରି ସ୍ଥାନ ନାହିଁ ଯେଉଁଠାରେ ଭିନ୍ନ ଭିନ୍ନ ଜାତି ବା ସମାଜର ଲୋକ ଏକତ୍ର ବାସ କରୁନାହାନ୍ତି । ସେମାନଙ୍କର ସ୍ୱାର୍ଥର କେନ୍ଦ୍ର ଏକ । ତେଣୁ କାଳକ୍ରମେ ଏକୀଭୂତ ହେବା ସେମାନଙ୍କ ପକ୍ଷେ ସ୍ୱାଭାବିକ ଏବଂ ଶ୍ରେୟସ୍କର । ଆମେରିକାର ଇଉନାଇଟେଡ୍ ଷ୍ଟେଟସ୍ ଏହି ଜାତୀୟତା ଗଠନ ବିଷୟରେ ଉଦାହରଣ ସ୍ଥଳ ।

ଭଗବାନ ଏକ ଏକ ଜାତି ନିମନ୍ତେ ସ୍ୱତନ୍ତ୍ର ଏକ ଏକ ଦେଶ ନିରୂପଣ କରିଥିଲା ପରି ଜଣାଯାଏ । ମାତ୍ର ଏକ ଦେଶ ବା ପ୍ରଦେଶର ଜାତିବିଶେଷ କାଳକ୍ରମେ ଅନ୍ୟ ଜାତିର ସଂଶ୍ରବରେ ଆସିଲେ ସେହି ଦେଶର ଭାଷା, ଆଶା, ଶିକ୍ଷା, ସଭ୍ୟତାରେ ପରିବର୍ତ୍ତନ ଘଟିବ ସ୍ୱାଭାବିକ । ଏହି ନବ ପରିବର୍ତ୍ତିତ ସଭ୍ୟତା ସେ ଦେଶର ତଥା ସେ ଦେଶର ନୂତନ ଏବଂ ପୁରାତନ ଅଧିବାସୀଙ୍କ ସଭ୍ୟତା ହୁଏ ।

ପ୍ରାକୃତିକ ଅବସ୍ଥାନ ଦ୍ୱାରା ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ । ଆଜିକାଲିର ରାଜନୈତିକ ଓଡ଼ିଶା ଯେଉଁ ପର୍ଯ୍ୟନ୍ତ ବିସ୍ତୃତ ଥିଲା, ଗଙ୍ଗାନଦୀଠାରୁ ଗୋଦାବରୀ ପର୍ଯ୍ୟନ୍ତ, ମହୋଦଧିଠାରୁ ମଧ୍ୟପ୍ରଦେଶର ପର୍ବତଶ୍ରେଣୀ ପର୍ଯ୍ୟନ୍ତ, ସେହି ବିଶାଳ ରାଜ୍ୟରେ ଏକ ସ୍ୱତନ୍ତ୍ର ପ୍ରାକୃତିକ ଭୂଖଣ୍ଡ ଏହା ଦେଖିବା ମାତ୍ରେ ଯେ କେହି ସ୍ୱୀକାର କରିବାକୁ କୁଣ୍ଠିତ ହେବନାହିଁ । ଓଡ଼ିଆମାନେ ଏଠାରେ ବାସକରି ନିଜର ଏକ ସ୍ୱତନ୍ତ୍ର ସଭ୍ୟତା ଗଠନ କରିଥିଲେ । କାଳକ୍ରମେ ଅନ୍ୟାନ୍ୟ ଧର୍ମ ଓ ଜାତିର ଲୋକେ ସ୍ଥାନାନ୍ତରରୁ ଆସି ସେମାନଙ୍କ ସଙ୍ଗରେ ଏକତ୍ର ବାସ କରିଅଛନ୍ତି । ଏହି ବିଭିନ୍ନ ଶ୍ରେଣୀର ସମ୍ମିଳନରେ ଆଜି ଓଡ଼ିଆ ସଭ୍ୟତା ପ୍ରଭାବିତ ହୋଇଅଛି ଏହା କହିବା ବାହୁଲ୍ୟ ।

ଭାଇ ଉତ୍କଳବାସୀ, ତୁମେ ଯେ ହୁଅ, ବଙ୍ଗାଳୀ, ଓଡ଼ିଆ, ତେଲେଙ୍ଗା, ହିନ୍ଦୁସ୍ଥାନୀ, କୋହ୍ଲ, ହିନ୍ଦୁ, ଖ୍ରୀଷ୍ଟିଆନ୍, ମୁସଲମାନ ଯେ ହୁଅ, ଉତ୍କଳଭୂମି ତୁମକୁ ଆପଣା ଶରୀରରେ ବହି ତୁମର କେତେ ଅଳି ଅର୍ଦ୍ଦଳି ସହୁଛନ୍ତି । ତୁମର ହେଉ ବା ତୁମ ଶିଶୁସନ୍ତାନମାନଙ୍କର ହେଉ ଏହା ଶୈଶବର ଲୀଳାଭୂମି, ଯୌବନର କର୍ମକ୍ଷେତ୍ର, ବାର୍ଦ୍ଧକ୍ୟର ବିଶ୍ରାମ ସ୍ଥଳ ଏବଂ ଅନ୍ତିମ କାଳର ଆଶ୍ରୟ । ଏ ଦେଶକୁ ଏକ ଭାବରେ ଯେବେ ଗ୍ରହଣ କରିଥାଅ, ଦେଶାନୁରାଗର ପବିତ୍ର ସ୍ରୋତରେ ଏ ଦେଶର ଭାଗ୍ୟମାନଙ୍କ ସଙ୍ଗେ ଯଦି ଆବଦ୍ଧ କରିଥାଅ, ତେବେ ଏ ଦେଶାନୁସାରେ ତୁମର ଜାତି । ଏ ଦେଶର ଇତିହାସ ଓ ସଭ୍ୟତା ତୁମର, କାରଣ ଏ ଦେଶର ଅତୀତ ଇତିହାସର ଫଳ ଏବେ ତୁମ୍ଭେ ଭୋଗ କରୁଅଛ ଏବଂ ଏହାର ବର୍ତ୍ତମାନ ଓ ଭବିଷ୍ୟତ ଗଠନରେ ତୁମ୍ଭେ ଯୋଗ ଦେଇଅଛ । ସୁତରାଂ ତୁମ୍ଭେ ଓଡ଼ିଆ, ଉତ୍କଳ ସମ୍ମିଳନୀରେ ତୁମ୍ଭ ନିମନ୍ତେ ପ୍ରଶସ୍ତ ସ୍ଥାନ ରହିଅଛି । ଉତ୍କଳ ମାତା ମଧ୍ୟ ତୁମ୍ଭର ସେବା ପୂଜା ଗ୍ରହଣ କରିବାକୁ ସତୃଷ୍ଣ ନୟନରେ ଅନାଇ ରହିଅଛନ୍ତି ।

## ୩.୪.୩ ଶବ୍ଦାର୍ଥ

ଶ୍ରେୟଃ - ଶ୍ରେଷ୍ଠ
ଆବଦ୍ଧ - ବନ୍ଦ, ଅଟକ
ସଂଶ୍ରବ - ସଂସର୍ଗ
ଭୂଖଣ୍ଡ - ଦେଶ
ସ୍ଥାନାନ୍ତର - ଏକ ସ୍ଥାନରୁ ଅନ୍ୟସ୍ଥାନକୁ ଗମନ
ଅର୍ଦ୍ଦଳୀ - ସ୍ନେହଭରା କର୍ତ୍ତବ୍ୟ

### ୩.୪.୪ ପଠିତାଂଶର ଆଲୋଚନା

ଓଡ଼ିଆ ଜାତି କିଏ ? ପ୍ରବଂଧରେ ପ୍ରବନ୍ଧିକ ଗୋପବନ୍ଧୁ ଦାସ ଓଡ଼ିଆ ଜାତିର ଜାତୀୟତା ଏବଂ ମହାନୀୟତା ପ୍ରସଙ୍ଗ ଉତ୍‌ଥାପନ କରିଛନ୍ତି । ଜାତି,ଧର୍ମ, ବର୍ଣ୍ଣ, ଭାଷାର ଉର୍ଦ୍ଧ୍ୱକୁ ଯାଇ ସେ କହିଛନ୍ତି; ଓଡ଼ିଶାରେ ବାସ କରୁଥିବା ବ୍ୟକ୍ତି ଓଡ଼ିଆ । ଯେହେତୁ ଓଡ଼ିଶା ସେମାନଙ୍କର ଧର୍ମ ଭୂମି ଓ ଅନ୍ନ ପ୍ରଦାନ କରୁଥିବା ଭୂମି, ଓଡ଼ିଶାର ଜଳ ବାୟୁରେ ତାଙ୍କର ଅଭିବୃଦ୍ଧି, ଏଣୁ ଓଡ଼ିଶାରେ ବାସ କରୁଥିବା ସମସ୍ତ ଜନ ସମୂହ ଓଡ଼ିଆ । ସେମାନେ ପଞ୍ଜାବର ହୋଇପାରନ୍ତି, ମାର୍‌ବାରର ହୋଇପାରନ୍ତି ଅଥବା ଆର୍ଯ୍ୟ ଅବା ମୁସଲମାନ ହୋଇ ପାରନ୍ତି; ମାତ୍ର ସେମାନେ ଓଡ଼ିଶାରେ ବାସ କରୁଥିବାରୁ ସେମାନଙ୍କୁ ଓଡ଼ିଆ କୁହାଯିବ । ଗୋଟିଏ ଦେଶରେ ବିଭିନ୍ନ ଜାତି, ଧର୍ମ ଓ ଭାଷାର ବ୍ୟକ୍ତି ରହିବା ସ୍ୱାଭାବିକ । ଏହି ଜାତି ସଂଶ୍ରବ ଭାଷା, ଆଶା ଓ ଶିକ୍ଷାରେ ପରିବର୍ତ୍ତନ ଆଣିଥାଏ । ସଂଶ୍ରବ ବିନା ଅଗ୍ରଗତି ଅସମ୍ଭବ । ଏଣୁ ଓଡ଼ିଶାରେ ବାସ କରୁଥିବା ବଙ୍ଗାଳୀ, ତେଲଙ୍ଗା, ହିନ୍ଦୁସ୍ଥାନୀ, କୋହ୍ଳ, ଖ୍ରୀଷ୍ଟିଆନ ଓ ମୁସଲମାନ ସମସ୍ତେ ଉତ୍କଳବାସୀ । ଉତ୍କଳର ବର୍ତ୍ତମାନ ଓ ଭବିଷ୍ୟତ ଗଠନରେ ସେମାନେ ସମସ୍ତେ ସହଯୋଗଜ କରିଛନ୍ତି । ତେଣୁ ସେମାନେ ସମସ୍ତେ ଓଡ଼ିଆ ଜାତିର ଅଂଶବିଶେଷ । ପ୍ରବନ୍ଧଟିରେ ଗୋପବନ୍ଧୁଙ୍କ ଉନ୍ନତ ଚିନ୍ତାଧାରା, ଉଦାର ମନୋଭାବ ଏବଂ ଦେଶପ୍ରେମ ପ୍ରକାଶିତ ହୋଇଛି ।

### ୩.୪.୫ ମୂଳପାଠର ପ୍ରଶ୍ନ

କ) ଜନ୍ମଭୂମି କାହାକୁ କୁହାଯିବ ?

ଖ) ଉତ୍କଳ ଓ ଓଡ଼ିଆ ମଧ୍ୟରେ କଣ ପାର୍ଥକ୍ୟ ?

ଗ) ଓଡ଼ିଆମାନେ କେଉଁଠାରେ ବାସକରି ସ୍ୱତନ୍ତ୍ର ସଭ୍ୟତା ଗଠନ କରିଥିଲେ ?

ଘ) କାହାଦ୍ୱାରା ଓଡ଼ିଆ ସଭ୍ୟତା ପ୍ରଭାବିତ ?

### ୩.୪.୬ ମୂଳପାଠର ବ୍ୟାକରଣ ପ୍ରଶ୍ନ

କ) ନିମ୍ନଲିଖିତ ବାକ୍ୟକୁ ଠିକ୍ ଭାବରେ ଲେଖନ୍ତୁ ।

i) ଏକ ସ୍ୱତନ୍ତ୍ର ପ୍ରଦେଶ ଓଡ଼ିଶାଦ୍ୱାରା ଅବସ୍ଥାନ ପ୍ରାକୃତିକ ।

ii) ପୂଜା ଗ୍ରହଣ କରିବାକୁ ତୁମ୍ଭର ସେବା ଉତ୍କଳ ମାତା ମଧ୍ୟ ସାତୃଷ୍ଣ ନୟନରେ ଅନାଇ ରହିଛନ୍ତି ।

ଖ) ନିମ୍ନଲିଖିତ ଶବ୍ଦଗୁଡ଼ିକର ସନ୍ଧିବିଚ୍ଛେଦ କରନ୍ତୁ ।

ଦେଶାନୁରାଗ, ଦେଶାନୁସାରେ, ନାମାନୁସାରେ ।

ଗ) ନିମ୍ନଲିଖିତ ଶବ୍ଦଗୁଡ଼ିକର ବନାନ ଅଶୁଦ୍ଧ ଥିଲେ ସଂଶୋଧନ କରନ୍ତୁ ।

ଶୀକ୍ଷା, ଭାଇ, ବଙ୍ଗାଳି, ଅନ୍ତୀମ ।

## ୩.୫ ସାରାଂଶ

ଆଧୁନିକ ଓଡ଼ିଆ ସାହିତ୍ୟକୁ ରାଧାନାଥ ରାୟ, ଫକୀରମୋହନ ସେନାପତି, ମଧୁସୂଦନ ରାଓ, ଗଙ୍ଗାଧର ମେହେର, ନନ୍ଦ କିଶୋର ବଳ, ଜଗନ୍ମୋହନ ଲାଲ, ରାମଶଙ୍କର ରାୟ,

ବିଶ୍ୱନାଥ କର ପ୍ରମୁଖଙ୍କଠାରୁ ଆରମ୍ଭ କରି ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋପବନ୍ଧୁ ପର୍ଯ୍ୟନ୍ତ ବହୁ ସାହିତ୍ୟିକ ନିଜ ନିଜ କୃତି ଦ୍ୱାରା ସମୃଦ୍ଧ କରିଛନ୍ତି । ଏହି ପାଠରେ ପ୍ରତିନିଧି ଭାବରେ ରାଧାନାଥ ରାୟଙ୍କ କାବ୍ୟ, ଗଙ୍ଗାଧରଙ୍କ କବିତା ଓ ଗୋପବନ୍ଧୁଙ୍କ ପ୍ରବଂଧକୁ ସ୍ଥାନିତ କରାଯାଇଛି । ରାଧାନାଥ ତାଙ୍କ ରଚନାଦ୍ୱାରା ଓଡ଼ିଆ କାବ୍ୟ ରଚନାର ଧାରା ପରିବର୍ତ୍ତନ କରିଥିଲେ । ଓଡ଼ିଆ କାବ୍ୟ ସାହିତ୍ୟର ଇତିହାସରେ 'ଚିଲିକା' ଏକ ଅନନ୍ୟ କାବ୍ୟ । ପ୍ରକୃତିକୁ ନାୟିକା କରି ଏହି କାବ୍ୟଟି ରଚିତ ହୋଇଛି । କବିଙ୍କ ସୌନ୍ଦର୍ଯ୍ୟବୋଧ, ପ୍ରକୃତି ପ୍ରାଣତା, ଐତିହ୍ୟ ଓ ପରଂପରା ପ୍ରତି ସମ୍ମାନବୋଧ ଏହି କାବ୍ୟଟିକୁ ପାଠକ ପ୍ରିୟ କରାଇବାରେ ସମର୍ଥ ହୋଇଛି । ଚିଲିକାର ମନୋହର ପ୍ରାକୃତିକ ଦୃଶ୍ୟ ସହ ଭାରତବର୍ଷର ବିଭିନ୍ନ ଦର୍ଶନୀୟ ସ୍ଥାନର ବର୍ଣ୍ଣନା ଏହାକୁ ଏକ ଅଦ୍ୱିତୀୟ ପ୍ରକୃତି କାବ୍ୟର ମାନ୍ୟତା ପ୍ରଦାନ କରିଥାଏ । ସେହିପରି ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ "ଉତ୍କଳ ଭାରତୀଙ୍କ ଉକ୍ତି" କବିତାରେ ଗଭୀର ଦେଶପ୍ରାଣତା । ଭରି ରହିଛି । କାବ୍ୟିକ ଉଚ୍ଛ୍ୱାସ ମଧ୍ୟରେ ନିଜ ଦେଶ ମାତୃକା ପ୍ରତି ଗଭୀର ମମତ୍ୱବୋଧ ପ୍ରକାଶିତ ହୋଇଥିବା ଏହି କବିତାଟି ଅଗଣିତ ପାଠକ ହୃଦୟରେ ବସାବାନ୍ଧି ରହିଛି । ସମାଜର ପ୍ରତିଷ୍ଠିତ ଧନୀକ ଗୋଷ୍ଠୀ ଇଂରାଜୀ ଶିକ୍ଷା ଓ ସଂସ୍କୃତିର ପ୍ରଭାବରେ ନିଜ ଦେଶ ମାତୃକାକୁ ଅବମାନନା ନକରିବାକୁ କବି ଏହି କବିତାରେ ଅନୁରୋଧ କରିଛନ୍ତି । ଉତ୍କଳମଣି ଗୋପବନ୍ଧୁଙ୍କ 'ଓଡ଼ିଆ ଜାତି କିଏ ?' ପ୍ରବଂଧଟି ମଧ୍ୟ ଦେଶପ୍ରେମ ଭାବଧାରାରେ ରଚିତ । ଧର୍ମ, ଭାଷା ଭେଦରେ ଯେଉଁମାନେ ଓଡ଼ିଶାରେ ବସବାସ କରନ୍ତି ସେମାନେ ସମସ୍ତେ ଓଡ଼ିଆ ବୋଲି ଉତ୍କଳମଣି ଏହି ପ୍ରବଂଧରେ ଉଲ୍ଲେଖ କରିଛନ୍ତି । ଗୋପବନ୍ଧୁଙ୍କ ଉଦାର ମାନବବାଦୀ ଦୃଷ୍ଟିକୋଣ ଓ ଗଭୀର ମନନଶୀଳତାର ସ୍ୱାକ୍ଷର ବହନ କରିଥାଏ ଏହି ପ୍ରବଂଧ । ସଂକୀର୍ଣ୍ଣତାର ଉର୍ଦ୍ଧ୍ୱରେ ସାମାଜିକ ଜୀବନର ବ୍ୟାପକତା ଉଲ୍ଲେଖ ଏହି ପ୍ରବଂଧଟିକୁ ମାର୍ମିକ କରିପାରିଛି । ଓଡ଼ିଶାରେ ବାସ କରୁଥିବା ବଙ୍ଗାଳୀ, ତେଲଙ୍ଗା, ହିନ୍ଦୁସ୍ତାନୀ, କୋହ୍ଲ, ହିନ୍ଦୁ, ଖ୍ରୀଷ୍ଟିଆନ, ମୁସଲମାନ ଆଦି ସମସ୍ତଙ୍କୁ ସେ ଓଡ଼ିଆ ଭାବରେ ଗ୍ରହଣ କରିଛନ୍ତି ।

## ୩.୬ ପଠନ ଅଭ୍ୟାସ

(କ) ଉତ୍କଳ-କମଳା-ବିଳାସ-ଦୀର୍ଘିକା
ମରାଳମାଳିନୀ ନୀଳାମ୍ବୁ ଚିଲିକା ।
ଉତ୍କଳର ତୁହି ଚାରୁ ଅଳଙ୍କାର
ଉତ୍କଳ-ଭୁବନେ ଶୋଭାର ଭଣ୍ଡାର ।
ସ୍ୱଭାବେ ଭାବୁକ-ମାନସ-ଉଲ୍ଲାସୀ
ଦିଗନ୍ତ ବିସ୍ତାରୀ ତୋର ବାରି ରାଶି ।

i) ଉତ୍କଳ କମଳାଙ୍କ ଦୀର୍ଘିକା କାହାଙ୍କୁ କୁହାଯାଇଛି ।

ii) ଉତ୍କଳର ଚାରୁ ଅଳଙ୍କାର କିଏ ?

iii) କିଏ ଭାବୁକମାନଙ୍କୁ ଉଲ୍ଲସିତ କରେ ?

iv) କାହାର ଜଳ ଦିଗନ୍ତକୁ ସ୍ପର୍ଶ କରିଥାଏ ?

(ଖ) ମସ୍ତକେ ମୋ ଟୋପି ନ ଦେବ ବାବାରେ
ନ କାଢ଼ିବ ମୋର କରୁ କଙ୍କଣ
ସିନ୍ଦୁର ବିନ୍ଦୁ ମୋ ଭାଲେ ରଖିବାରେ
ନିରନ୍ତର ମନେଥିବ ସ୍ମରଣ ।
ଭାଇ ଭାଇ ମଧ୍ୟେ କଳହ ନ କର
ତୁମ୍ଭେ କଳହେ ମୁଁ ହେବି ଦୂଷିତ,
ରତନ ସଂଗ୍ରହେ ହୁଅ ଯତ୍ନପର
ରତ୍ନ ଗୁନ୍ଥି ମୋତେ କର ଭୂଷିତ ।

i) ମସ୍ତକରେ କଣ ନ ଦେବା ପାଇଁ କୁହାଯାଇଛି ?
ii) ହାତରୁ କଣ ନ କାଢ଼ିବା ପାଇଁ କୁହାଯାଇଛି ?
iii) କପାଳରେ କଣ ଲଗାଇବା ପାଇଁ କୁହାଯାଇଛି ?
iv) କାହା କଳହରେ ଉତ୍କଳ ଭାରତୀ ଦୂଷିତ ହେବେ ?

(ଗ) ଭାଇ ଉତ୍କଳବାସୀ, ତୁମେ ଯେ ହୁଅ, ବଙ୍ଗାଳୀ, ଓଡ଼ିଆ, ତେଲେଙ୍ଗା, ହିନ୍ଦୁସ୍ଥାନୀ, କୋହ୍ଲ, ହିନ୍ଦୁ, ଖ୍ରୀଷ୍ଟିଆନ୍, ମୁସଲମାନ ଯେ ହୁଅ, ଉତ୍କଳ ଭୂମି ତୁମକୁ ଆପଣା ଶରୀରରେ ବହି ତୁମର କେତେ ଅଳି ଅର୍ଦ୍ଦଳି ସହୁଛନ୍ତି । ତୁମର ହେଉ ବା ତୁମ ଶିଶୁ ସନ୍ତାନମାନଙ୍କର ହେଉ ଏହା ଶୈଶବର ଲୀଳାଭୂମି, ଯୌବନର କର୍ମକ୍ଷେତ୍ର, ବାର୍ଦ୍ଧକ୍ୟର ବିଶ୍ରାମ ସ୍ଥଳ ଏବଂ ଅନ୍ତିମ କାଳର ଆଶ୍ରୟ । ଏ ଦେଶକୁ ଏକ ଭାବରେ ଯେବେ ଗ୍ରହଣ କରିଥାଅ, ଦେଶାନୁରାଗର ପବିତ୍ର ସ୍ରୋତରେ ଏ ଦେଶର ଭାଗ୍ୟ ଅନ୍ୟମାନଙ୍କ ସଂଗେ ଯଦି ଆବଦ୍ଧ କରିଥାଅ ଏବଂ ଏ ଦେଶର ଜାତୀୟ ଭାଷା, ଶିକ୍ଷା ଓ ସଭ୍ୟତାରେ ଆତ୍ମସମର୍ପଣ କରିଥାଅ, ତେବେ ଏ ଦେଶାନୁସାରେ ତୁମର ଜାତି । ଏ ଦେଶର ଇତିହାସ ଓ ସଭ୍ୟତା ତୁମର, କାରଣ ଏ ଦେଶର ଅତୀତ ଇତିହାସର ଫଳ ଏବେ ତୁମ୍ଭେ ଭୋଗ କରୁଅଛ ଏବଂ ଏହାର ବର୍ତ୍ତମାନ ଓ ଭବିଷ୍ୟତ ଗଠନରେ ତୁମ୍ଭେ ଯୋଗ ଦେଇଅଛ । ସୁତରାଂ ତୁମ୍ଭେ ଓଡ଼ିଆ, ଉତ୍କଳ ସମ୍ମିଳନୀରେ ତୁମ୍ଭ ନିମନ୍ତେ ପ୍ରଶସ୍ତ ସ୍ଥାନ ରହିଅଛି । ଉତ୍କଳ ମାତା ମଧ୍ୟ ତୁମ୍ଭର ସେବା ପୂଜା ଗ୍ରହଣ କରିବାକୁ ସତୃଷ୍ଣ ନୟନରେ ଅନାଇ ରହିଅଛନ୍ତି ।

i) କିଏ ଅଳି ଅର୍ଦ୍ଦଳି ସହୁଛି ?
ii) କିଏ ଶୈଶବର ଲୀଳା ଭୂମି ?
iii) ଏ ଦେଶର ଇତିହାସ ଓ ସଭ୍ୟତା କାହାର ?
iv) ତୁମ୍ଭମାନଙ୍କ ନିମନ୍ତେ କେଉଁଠାରେ ପ୍ରଶସ୍ତ ସ୍ଥାନ ରହିଅଛି ?

## ୩.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀର ଉତ୍ତର

୩.୨.୫ (କ) ଚିଲିକା ସୌନ୍ଦର୍ଯ୍ୟ ଅତ୍ୟନ୍ତ ମନୋମୁଗ୍ଧକର ହୋଇଥିବାରୁ ଏହାକୁ ଉତ୍କଳ ଲକ୍ଷ୍ମୀଙ୍କ ବିଳାସ ଦୀର୍ଘିକା କୁହାଯାଇଛି ।

(ଖ) ଚିଲିକାର ନୀଳ ଜଳରାଶି, ଜଳରାଶି ମଧ୍ୟରେ ଛୋଟ ଛୋଟ ପାହାଡ଼, ପାହାଡ଼ର ପ୍ରତିଛବି, ବିଭିନ୍ନ ପକ୍ଷୀଙ୍କ ସମାଗମ ଦ୍ୱାରା ଚିଲିକାର ପ୍ରାକୃତିକ ଶୋଭା ଅତ୍ୟନ୍ତ ମନୋରମ । ଏଣୁ ଚିଲିକାକୁ ଶୋଭାର ଭଣ୍ଡାର କୁହାଯାଇଛି ।

(ଗ) ପକ୍ଷଚ୍ଛେଦି-ଶକ୍ର ଚିଲିକାର ଜଳରାଶି ମଧ୍ୟରେ ରହିଥିବା ଛୋଟ ଛୋଟ ପହାଡ଼ଗୁଡ଼ିକୁ କୁହାଯାଇଛି ।

(ଘ) ଧୀବରମାନେ ଚିଲିକା ମଧ୍ୟରେ ଥିବା ପାହାଡ଼ରେ ଫଳୁଥିବା କାଙ୍କଣଗୁଡ଼ିକୁ ପ୍ରଥମେ ତୋଳି ଜଗନ୍ନାଥ ମନ୍ଦିରରେ ଥିବା ଲକ୍ଷ୍ମୀଙ୍କ ରୋଷଘରକୁ ପଠାଇଥାନ୍ତି ।

(ଙ) ଭଗ୍ନ ଦୁର୍ଗର ବର୍ଣ୍ଣନା ମଧ୍ୟରେ ପୃଥିବୀ ଭଙ୍ଗୁରତା ସଂପର୍କରେ କବି ସୂଚନା ପ୍ରଦାନ କରିଛନ୍ତି ।

### ୩.୨.୬ ମୂଳପାଠର ବ୍ୟାକରଣ ଉତ୍ତର

(କ) ଭଗ୍ନ ଅଟେ ଦୁର୍ଗ - ମଧ୍ୟପଦଲୋପୀ କର୍ମଧାରୟ ସମାସ ।
ଶ୍ୱେତ ଅଟେ ଅଙ୍ଗ ଯାହାର - ବହୁବ୍ରୀହି ସମାସ ।
ଦେଉଳ ଓ କିରୀଟୀ - ଦ୍ୱନ୍ଦ୍ୱ ସମାସ ।
ନୀଳ ଅଟେ ଗଣ୍ଡ ଯାହାର - ବହୁବ୍ରୀହି ସମାସ ।

(ଖ) ଅପ୍ରସନ୍ନବଦନା, ପ୍ରକଟିତ ହେବା, ସରଳ, କ୍ଷୁଦ୍ର

(ଗ) ଧୀବର, ମଣି, ତଟିନୀ, ଗୁଳ୍ମ, ଛବି

### ୩.୩.୫ : ମୂଳ ପାଠ (ଦ୍ୱିତୀୟ ଭାଗ) ପ୍ରଶ୍ନର ଉତ୍ତର

(କ) ଶୋଭାବର୍ଦ୍ଧନକାରୀ ଉପଯୁକ୍ତ ଅଳଙ୍କାର ପିନ୍ଧାଇଲେ ଉତ୍କଳ ଭାରତୀ ଲଜ୍ଜିତ ହେବ ନାହିଁ ।

(ଖ) ଭିନ୍ନ ବର୍ଣ୍ଣ ଲେପନ କଲେ ଉତ୍କଳ ଭାରତୀ ବୀଭତ୍ସ ଦେଖାଯିବେ ।

(ଗ) ନୟନରେ ଅତ୍ୟଧିକ ଅଞ୍ଜନ ଲଗାଇଲେ ଗଣ୍ଡ ପ୍ରଦେଶ କାଳିମାମୟ ହୋଇଯିବ ।

(ଘ) ଭାଇ ଭାଇ ମଧ୍ୟରେ କଳହ ନକରି ଏକତ୍ର ସହାବସ୍ଥାନ କରିବା ଉଚିତ ।

(ଙ) ଆବଶ୍ୟକ ଜୀର୍ଣ୍ଣ ସଂସ୍କାର କଲେ ଉତ୍କଳ ଭାରତୀ ଆବର୍ଜନାହୀନ ହୋଇପାରିବେ ।

### ୩.୩.୬ ମୂଳ ପାଠ (ଦ୍ୱିତୀୟ ଭାଗ) ବ୍ୟାକରଣ ପ୍ରଶ୍ନର ଉତ୍ତର

(କ) ସୁ, ଅଭି ଓ ପ୍ର

(ଖ) ଭଉଣୀ - ଭଗନୀ
ପର୍ବତ - ପାହାଡ଼

ଉପକରଣ - ଆସବାବ

(ଗ) ଧର୍ମ - ଅଧର୍ମ

ଦିଅ - ନିଅ

ଜୀବନ - ମରଣ

କାଟ - ଯୋଡ଼

### ୩.୪.୫ ମୂଳପାଠ (ତୃତୀୟ ଭାଗ) ପ୍ରଶ୍ନର ଉତ୍ତର

(କ) ଯେଉଁମାନେ ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ବାସକରନ୍ତି ସେମାନେ ସମସ୍ତେ ଗୋଟିଏ ଜାତି ଓ ତାହା ହିଁ ସେମାନଙ୍କର ଜନ୍ମଭୂମି ।

(ଖ) ପ୍ରକୃତରେ ଉତ୍କଳ ଓ ଓଡ଼ିଆ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ଉତ୍କଳରେ ବିଭିନ୍ନ ଜାତିର ଲୋକ ବାସ କରନ୍ତି । ଯଥା- ବଙ୍ଗାଳୀ, ପଞ୍ଜାବୀ, ମୁସଲମାନ ଅଥବା ଦକ୍ଷିଣ ଭାରତୀୟ । ଯେହେତୁ ସେମାନଙ୍କ ସତ୍ୱ ଓ ସ୍ୱାର୍ଥ ଉତ୍କଳ ସହିତ ଜଡ଼ିତ ତେଣୁ ସେମାନେ ଓଡ଼ିଆ ।

(ଗ) ଗଙ୍ଗାଠାରୁ ଗୋଦାବରୀ ଓ ମହୋଦଧି ଠାରୁ ମଧ୍ୟପ୍ରଦେଶ ପର୍ଯ୍ୟନ୍ତ ବାସକରି ଓଡ଼ିଆମାନେ ସ୍ୱତନ୍ତ୍ର ସଭ୍ୟତା ଗଠନ କରିଥିଲେ ।

(ଘ) ଅନ୍ୟାନ୍ୟ ଧର୍ମ ଓ ଜାତିର ଲୋକମାନେ ଓଡ଼ିଆ ଜାତିଙ୍କ ସହିତ ବାସ କରୁଥିବାରୁ ସେମାନଙ୍କଦ୍ୱାରା ଓଡ଼ିଆ ସଭ୍ୟତା ପ୍ରଭାବିତ ହୋଇଛି ।

### ୩.୪.୬ ମୂଳପାଠ (ତୃତୀୟ ଭାଗ) ବ୍ୟାକରଣ ପ୍ରଶ୍ନର ଉତ୍ତର

(କ) i) ପ୍ରାକୃତିକ ଅବସ୍ଥାନଦ୍ୱାରା ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ।

ii) ଉତ୍କଳ ମାତା ମଧ୍ୟ ତୁମ୍ଭର ସେବା ପୂଜା ଗ୍ରହଣ

(ଖ) ଦେଶ ଅନୁରାଗ, ଦେଶ ଅନୁସାରେ, ନାମ ଅନୁସାରେ ।

(ଗ) ଶିକ୍ଷା , ଭାଇ, ବଙ୍ଗାଳୀ, ଅନ୍ତିମ

## ୩.୮ ଉତ୍ତର ପ୍ରଦାନ ପାଇଁ ଆଦର୍ଶ ପ୍ରଶ୍ନାବଳୀ

(କ) ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କରନ୍ତୁ ।

୧. ରାଧାନାଥ ରାୟ ରଚନା କରିଥିବା କାବ୍ୟଗୁଡ଼ିକର ନାମ ଲେଖନ୍ତୁ ।

୨. ଉତ୍କଳ ଭାରତୀଙ୍କ ଭକ୍ତି କବିତାରେ କବିଙ୍କର କେଉଁ ରଚନା ପ୍ରକାଶିତ ହୋଇଛି ।

୩. ଗୋପବନ୍ଧୁ ସାହିତ୍ୟ କୃତିର ସଂକ୍ଷିପ୍ତ ପରିଚୟ ପ୍ରଦାନ କରନ୍ତୁ ।

(ଖ) ଭାବ ସଂପ୍ରସାରଣ କରନ୍ତୁ ।

ଉତ୍କଳ-ଭୁବନେ ଶୋଭାର ଭଣ୍ଡାର, ନୀର ଭେଦି କିବା ଉଠେ ଐରାବତ, ଛବିଳ ଉତ୍କଳେ ତୋ ଛବି ଅତୁଳ ।

(ଗ) ଅର୍ଥ ଲେଖନ୍ତୁ ।

ଚାରୁ ଅଳଙ୍କାର, ଛାୟାପଥ, ଅଞ୍ଜନ, ଜୀର୍ଣ୍ଣ ସଂସ୍କାର ।

(ଘ) ନିମ୍ନ ଲିଖିତ ଶବ୍ଦଗୁଡ଼ିକର ସନ୍ଧି ବିଚ୍ଛେଦ କରନ୍ତୁ ।

ସଦାଳାପ, ଯଥେଚ୍ଛାଚାର, ସ୍ଥାନାନ୍ତର

(ଙ) ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତବୋଧକ ଶବ୍ଦ ଲେଖନ୍ତୁ ।

ଆଶା, ଭବିଷ୍ୟତ, ପବିତ୍ର, ଅସମ୍ଭବ ।

***

ignou
THE PEOPLE'S
UNIVERSITY

# ଅଧ୍ୟାୟ ୪ ଶ୍ରୀଜଗନ୍ନାଥ ଧର୍ମ ଓ ଦର୍ଶନ

**ସଂରଚନା**


**୪.୦ ଉଦ୍ଦେଶ୍ୟ**

**୪.୧ ଉପକ୍ରମ**

**୪.୨ ମୂଳପାଠର ପ୍ରଥମ ଭାଗ**

୪.୨.୧. ମୂଳପାଠଗତ ପ୍ରଥମାଂଶରୁ ପ୍ରଶ୍ନ

୪.୨.୨ ବ୍ୟାକରଣ ପ୍ରଶ୍ନ

**୪.୩ ମୂଳପାଠର ଦ୍ୱିତୀୟ ଭାଗ**

୪.୩.୧. ମୂଳପାଠର ଦ୍ୱିତୀୟାଂଶରୁ ପ୍ରଶ୍ନ

୪.୩.୨. ବ୍ୟାକରଣ ପ୍ରଶ୍ନ

**୪.୪ ମୂଳପାଠର ତୃତୀୟ ଭାଗ**

୪.୪.୧. ମୂଳପାଠାର ତୃତୀୟାଂଶରୁ ପ୍ରଶ୍ନ

୪.୪.୨. ବ୍ୟାକରଣ ପ୍ରଶ୍ନ

୪.୪.୩. ସମ୍ପୂର୍ଣ୍ଣପାଠର ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀ

**୪.୫ ସାରାଂଶ**

**୪.୬ ଶବ୍ଦାର୍ଥ**

**୪.୭ ପଠନ ଅଭ୍ୟାସ**

**୪.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର**

**୪.୯ ଉତ୍ତର ପ୍ରଦାନ ପାଇଁ ଆଦର୍ଶ ପ୍ରଶ୍ନାବଳୀ**

## ୪.୦ ଉଦ୍ଦେଶ୍ୟ

ଧୃ ଧାତୁରେ 'ମନ୍' ପ୍ରତ୍ୟୟ ଯୋଗଫଳରେ 'ଧର୍ମ' ଶବ୍ଦର ସୃଷ୍ଟି । ଯାହା ବ୍ୟକ୍ତି, ସମାଜ ଓ ବିଶ୍ୱକୁ ଧରିରଖେ ଅର୍ଥାତ୍ ଆଦର୍ଶ ନୀତି ଦ୍ୱାରା ନିୟନ୍ତ୍ରିତ କରି ରଖେ, ତାହା ହେଉଛି ଧର୍ମ । ପୃଥିବୀର ପ୍ରତ୍ୟେକ ଧର୍ମ ମୂଳତଃ ଓ ମୁଖ୍ୟତଃ କେତେକ ଆଦର୍ଶକୁ ଭିତ୍ତିକରି ଗଢ଼ିଉଠିଛି । ଜୀବ, ଜୀବନ ଓ ଜଗତକୁ ଦେଖି ଯେଉଁ ଚିରନ୍ତନ ସତ୍ୟର ସନ୍ଧାନ ଓ ପ୍ରକାଶ କରାଯାଏ, ତାହା ହେଉଛି ଦର୍ଶନ । ପୃଥିବୀର ପ୍ରତ୍ୟେକ ଧର୍ମ ଏହିଭଳି ଦର୍ଶନ ସହ ସମ୍ପୃକ୍ତ ।

ଜୀବନ ଓ ଜଗତର ସ୍ରଷ୍ଟାଙ୍କୁ ଦେବତା ବା ଈଶ୍ୱର ରୂପେ କଳ୍ପନା କରାଯାଇଛି । ପ୍ରତ୍ୟେକ ଧର୍ମରେ ଏକ ବା ଏକାଧିକ ଉପାସିତ ଦେବତା ଥାଆନ୍ତି । ମାନବ ସମାଜରେ ସାଧାରଣତଃ ତିନିଗୋଟି ଦୃଷ୍ଟିକୋଣରୁ ଦେବତାଙ୍କର ପରିକଳ୍ପନା କରାଯାଇଥାଏ, ଯଥା ଆଧ୍ୟାତ୍ମଚିନ୍ତାଭିତ୍ତିକ, ଅବତାରଭିତ୍ତିକ ଓ ସଂସ୍କୃତିଭିତ୍ତିକ । ଯେଉଁ ଦେବତାଙ୍କୁ କେନ୍ଦ୍ରକରି ଆଧ୍ୟାତ୍ମଚିନ୍ତା ଉତ୍ପତ୍ତି ଲାଭକରେ, ତାହାଙ୍କୁ କୁହାଯାଏ ଆଧ୍ୟାତ୍ମିକ ଦେବତା । ବେଦର ଈଶ୍ୱର, ଉପନିଷଦର ବ୍ରହ୍ମ, ଇସଲାମ ଧର୍ମର ଆଲ୍ଲା ହେଉଛନ୍ତି ଆଧ୍ୟାତ୍ମିକ ଦେବତା । ଅନେକ ସମୟରେ ମନୁଷ୍ୟ ଏକ ମୂଳ ଦେବତାଙ୍କୁ ଅବତାରୀ ରୂପେ କଳ୍ପନା କରନ୍ତି । ଏହି ଅବତାରୀ ଦେବତା ପୃଥିବୀରେ ଅଧର୍ମ ବଢ଼ିଗଲେ ଧର୍ମ ସଂସ୍ଥାପନ କରିବା ପାଇଁ, ଦୁଃଖୀ ନିର୍ଯ୍ୟାତିତ ବ୍ୟକ୍ତିମାନଙ୍କୁ ଉଦ୍ଧାର କରିବା ପାଇଁ ଓ ଦୁଷ୍ଟମାନଙ୍କୁ ବିନାଶ କରିବା ପାଇଁ ମହାପୁରୁଷ ଭାବରେ ପୃଥିବୀରେ ଜନ୍ମ ଗ୍ରହଣ କରିଥାଆନ୍ତି । ସେମାନଙ୍କୁ କୁହାଯାଏ ଅବତାର । ରାମ, କୃଷ୍ଣ, ବୁଦ୍ଧ, ଯୀଶୁଖ୍ରୀଷ୍ଟ, ମହାବୀର ଜିନ, ମହମ୍ମଦ ପ୍ରଭୃତି ହେଉଛନ୍ତି ଏହିପରି ଅବତାର ଗ୍ରହଣ କରିଥିବା ଦେବତା ବା ଆବତାରିକ ଦେବତା । ସାଂସ୍କୃତିକ ଦେବତା ଏକ ରାଷ୍ଟ୍ର, ଅଞ୍ଚଳ ବା ସମାଜର ଧର୍ମଧାରଣା, ଆଚାର ବିଚାର, ଜୀବନଧାରା ଓ ପରମ୍ପରା ଇତ୍ୟାଦିର ଭିତ୍ତି ଉପରେ ପରିକଳ୍ପିତ ହୋଇଥାଆନ୍ତି । ତାଙ୍କଠାରେ ସେହି ରାଷ୍ଟ୍ର, ଅଞ୍ଚଳ ବା ସମାଜର ସର୍ବୋତ୍ତମ ସାଂସ୍କୃତିକ ଚିନ୍ତାଧାରା ଅନ୍ୱିତ କରାଯାଇଥାଏ । ଏହି ଦେବତା ସଂସ୍କୃତିର ମହତ୍ତ୍ୱ ଅନୁଯାୟୀ ଗୁରୁତ୍ୱ ଲାଭ କରନ୍ତି । ଯେଉଁ ସାଂସ୍କୃତିକ ଚେତନା ଆଞ୍ଚଳିକତା ବା ଦେଶୀୟତାର ସୀମା ଅତିକ୍ରମ କରି ବିଶ୍ୱତୋମୁଖୀ ହୁଏ, ସେହି ସାଂସ୍କୃତି ଚେତନାକୁ କେନ୍ଦ୍ରକରି ପରିକଳ୍ପିତ ଦେବତା କେବଳ ସେହି ଅଞ୍ଚଳ ବା ଦେଶ ଭିତରେ ସୀମିତ ନହୋଇ ସମଗ୍ର ବିଶ୍ୱରେ ଦେବତା ଭାବରେ ଖ୍ୟାତିଲାଭ କରନ୍ତି ।

ଓଡ଼ିଶାର ପୁରୀଧାମରେ ପ୍ରତିଷ୍ଠିତ ଶ୍ରୀଜଗନ୍ନାଥ ହେଉଛନ୍ତି ଏହିପରି ଜଣେ ସାଂସ୍କୃତିକ ଦେବତା । ଏହାଙ୍କ ସହିତ ମୂଳତଃ ଓଡ଼ିଶାର ସ୍ୱତନ୍ତ୍ର ସଂସ୍କୃତି ଓତପ୍ରୋତ ଭାବରେ ଜଡ଼ିତ ଥିଲେ ହେଁ ଏ ସଂସ୍କୃତିର ମହତ୍ତ୍ୱ ତାହାଙ୍କୁ ସମଗ୍ର ଭାରତବର୍ଷରେ ଏପରିକି ସମଗ୍ର ବିଶ୍ୱରେ ଆଦର୍ଶ ଦେବତା ଭାବରେ ପ୍ରତିଷ୍ଠା ଦେଇପାରିଛି । ଶ୍ରୀଜଗନ୍ନାଥ ସଂସ୍କୃତିର ବିଶ୍ୱଭାବ ତାହାଙ୍କୁ ବିଶ୍ୱ ଦେବତାର ସମ୍ମାନ ଦେଇ ପାରିଛି । ଏହି ସଂସ୍କୃତିକୁ କେନ୍ଦ୍ରକରି ଯେଉଁ ଧର୍ମ ଯୁଗ ଯୁଗ ଧରି ଗଢ଼ି ଉଠିଛି ତାହା ହେଉଛି ଶ୍ରୀଜଗନ୍ନାଥ ଧର୍ମ ଓ ଏହି ଧର୍ମର ଆଦର୍ଶ ଏବଂ ତତ୍ତ୍ୱ ହେଉଛି ଶ୍ରୀଜଗନ୍ନାଥ ଦର୍ଶନ । ଶ୍ରୀଜଗନ୍ନାଥ ଧର୍ମ ଓ ଦର୍ଶନର ସ୍ୱାତନ୍ତ୍ର୍ୟ ଏବଂ ମହତ୍ତ୍ୱ ଉପରେ ଆଲୋକପାତ କରିବା ହେଉଛି "ଶ୍ରୀଜଗନ୍ନାଥ ଧର୍ମ ଓ ଦର୍ଶନ" ପାଠର ଉଦ୍ଦେଶ୍ୟ ।

ignou THE PEOPLE'S UNIVERSITY

## ୪.୧ ଉପକ୍ରମ

ଓଡ଼ିଶାର ସାଂସ୍କୃତିକ ଦେବତା ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ଗଢ଼ି ଉଠିଥିବା ଶ୍ରୀଜଗନ୍ନାଥ ସଂସ୍କୃତି ବିଶ୍ୱର ଶ୍ରେଷ୍ଠ ସଂସ୍କୃତି ବୋଲି ଓଡ଼ିଆ ଓ ଭାରତୀୟମାନେ ଗର୍ବ ଅନୁଭବ କରିଥାନ୍ତି । ଶ୍ରୀଜଗନ୍ନାଥ ସଂସ୍କୃତିର ଆଦର୍ଶକୁ ନେଇ ଗଢ଼ି ଉଠିଥିବା ଧର୍ମଟି ହେଉଛି 'ଶ୍ରୀଜଗନ୍ନାଥ ଧର୍ମ' । ଏହି ଧର୍ମ ଏହିଭଳି କେତେ ଦର୍ଶନକୁ ଭିତ୍ତିକରି ଗଢ଼ିଉଠିଛି, ଯାହା ଫଳରେ ଜୈନ, ବୌଦ୍ଧ, ଶୈବ, ଶାକ୍ତ, ବୈଷ୍ଣବ, ଗାଣପତ୍ୟ, ସୌର, ତାନ୍ତ୍ରିକ ପ୍ରଭୃତି ଆର୍ଯ୍ୟ ଧର୍ମର ବିଭିନ୍ନ ଶାଖା ଦ୍ୱାରା ଏହା ଆଦୃତ ଓ ଗୃହୀତ ହୋଇଆସୁଛି । ଓଡ଼ିଶା ସହିତ ଶ୍ରୀଜଗନ୍ନାଥ ଏଭଳି ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ଯେ ଓଡ଼ିଶା ଜଗନ୍ନାଥ ଭୂମି ଭାବରେ ପରିଚିତ ହୋଇଆସୁଛି । ଶ୍ରୀଜଗନ୍ନାଥ ଧର୍ମର ପବିତ୍ରତା ଓଡ଼ିଶାକୁ ପବିତ୍ର ଦେଶ ଭାରତବର୍ଷରେ ପବିତ୍ରତମ ଭୂମି ଭାବରେ ଅଭିହିତ କରିଆସିଛି । ଓଡ଼ିଆମାନଙ୍କର ଜାତୀୟ ଜୀବନ, ସାମାଜିକ ଜୀବନ, ଆଚାରବିଚାର, ପାରମ୍ପରିକତା, ସାହିତ୍ୟ ସବୁକିଛି ଜଗନ୍ନାଥ - ଚେତନାର ପ୍ରାଣପ୍ରକାଶ । ଓଡ଼ିଶାର ଧର୍ମ ବୋଲନ୍ତେ, ଜଗନ୍ନାଥ ଉପାସନା ଧର୍ମକୁ ହିଁ ବୁଝାଏ । ଜଗନ୍ନାଥ ହେଉଛନ୍ତି ସାକ୍ଷାତ ପରଂବ୍ରହ୍ମ ଏବଂ ସକଳ ଅବତାରର ସ୍ରଷ୍ଟା ଅବତାରୀ ଦେବତା ବୋଲି ଓଡ଼ିଆମାନଙ୍କର ବିଶ୍ୱାସ ।

କେତେ କେତେ ଧର୍ମର ବାତ୍ୟା ଓଡ଼ିଶା ଉପରେ ବହିଯାଇଛି, ହେଲେ ଜଗନ୍ନାଥ ଧର୍ମର ପରାକାଷ୍ଠାକୁ କେହି ତିଳେହେଲେ ଟଳାଇ ପାରିନାହାନ୍ତ । ବିଭିନ୍ନ ଧର୍ମର ଯାହାକିଛି ନୂତନ ବୋଲି ଓଡ଼ିଆମାନଙ୍କ ଦ୍ୱାରା ବିବେଚିତ ହୋଇଛି, ତାହା ଜଗନ୍ନାଥ ଧର୍ମରେ ସାମିଲ ହୋଇଯାଇଛି ।

## ୪.୨ ମୂଳପାଠର ପ୍ରଥମ ଭାଗ

ଆଦ୍ୟରେ ଶବର ଉପଜାତିର ଠାକୁର ଭାବେ ଯେଉଁ ଶ୍ରଜଗନ୍ନାଥଙ୍କର ଆବିର୍ଭାବ, ସେ ବହୁ ଧର୍ମର ଦେବତା ଭାବରେ ସମ୍ମାନୀତ ହୋଇଛନ୍ତି । ଜଗନ୍ନାଥ ଧର୍ମ ଏକ ବହୁଧର୍ମ, ସମନ୍ୱିତ ଧର୍ମ ଏବଂ ବିଭିନ୍ନ ଧର୍ମର ମତ ଶ୍ରୀଜଗନ୍ନାଥଙ୍କର ସାର୍ବଜନୀନ ଉଦାର ଦୃଷ୍ଟିଭଙ୍ଗୀ ଦ୍ୱାରା ଗୋଟିଏ ସୂତ୍ରରେ ଗ୍ରଥିତ ହୋଇଯାଇଛି । ଫଳରେ ଏକ ଉଦାର ବିଶ୍ୱତୋମୁଖୀ ଦର୍ଶନର ଅଭ୍ୟୁଦୟ ଘଟିଅଛି ।

ଶ୍ରୀଜଗନ୍ନାଥ ସଂସ୍କୃତି ଓ ଧର୍ମ ସହିତ କିପରି ବିଭିନ୍ନ ସଂସ୍କୃତି ଓ ଧର୍ମ ସଂଶ୍ଳିଷ୍ଟ ବିଚାର କରାଯାଉ ।

### ଅଷ୍ଟ୍ରିକ୍ ସଂସ୍କୃତି ଓ ଶ୍ରୀଜଗନ୍ନାଥ ଧର୍ମ

ଡକ୍ଟର ବେଣୀମାଧବ ପାଢ଼ୀଙ୍କ ମତରେ ଶ୍ରୀଜଗନ୍ନାଥ ହେଉଛନ୍ତି ମୂଳତଃ ଶବର ଦେବତା । ଏହାଙ୍କର ଦଶଟି ରୂପ ରହିଛି; ଯଥା - ଜଗନ୍ତ, ତୋଡ଼, ତୁମନ୍, ଭୀମ, ରଂରଂ,

ଗର୍ସିଦ, ରୋମନ୍, ଯୋଜେପଲ, ମଉ ଓ ତିତି । ବିଷ୍ଣୁଙ୍କର ଦଶଅବତାର ସହିତ 'କିତୁଙ୍ଗ'ଙ୍କର ଦଶରୂପର ସମ୍ପର୍କ ଥାଇପାରେ । ସୌରଭାଷାରେ 'ଜଗନ୍ତ' ଶବ୍ଦର ଅର୍ଥ ଜଗତର ନାଥ ବା ଜଗତର ଦେବତା । ଶବରମାନେ ଏକ ବୃକ୍ଷକୁ 'ଜଗନ୍ତ' ଭାବରେ ପୂଜା କରିଥାନ୍ତି ଓ ସେହି ବୃକ୍ଷକୁ ଛେଦନ କରିବା ମହାପାପ ବୋଲି ବିଚାର କରନ୍ତି ।

ଆଦିବାସୀ ଅଷ୍ଟ୍ରିକ ଗୋଷ୍ଠୀର ସଙ୍କେତବାଦ (Totemism) ରୁ ଜଣାଯାଏ, ସେମାନେ ବୃକ୍ଷକୁ ହିଁ ଦେବତା ଭାବରେ ପୂଜା କରୁଥିଲେ । ଅଷ୍ଟ୍ରେଲିଆର ଅଷ୍ଟ୍ରିକ ଗୋଷ୍ଠୀ ମଧ୍ୟରେ ବୃକ୍ଷ ଏବେ ମଧ୍ୟ ଦେବତାଙ୍କର ଟୋଟେମ୍ ରୂପେ ପରିଚିତ । ଭାରତବର୍ଷରେ ପ୍ରଥମେ ପ୍ରବେଶ କରିଥିବା ଅଷ୍ଟ୍ରିକ ଗୋଷ୍ଠୀ ନିଗ୍ରିଟୋମାନଙ୍କ ମଧ୍ୟରେ, ବୃକ୍ଷ ଉପାସନା ପ୍ରଚଳିତ ଥିଲା । ଶବରମାନେ ହେଉଛନ୍ତି ପ୍ରୋଟୋ ଅଷ୍ଟ୍ରୋଲିଏଡ୍ ଗୋଷ୍ଠୀର ଲୋକ । ଜଗନ୍ନାଥ ଦାରୁ ଦେବତା ହୋଇଥିବାରୁ ସେ ଶବର ଦେବତା ହେବା ସମ୍ଭବ ଏବଂ ଜଗନ୍ନାଥ ଶବ୍ଦ 'ଜଗନ୍ତ' ଶବ୍ଦର ସଂସ୍କୃତ ରୂପ ହେବା ଅନୁମାନ ।

ଆର୍ଯ୍ୟମାନଙ୍କର ପବିତ୍ରତମ ଗ୍ରନ୍ଥ ବେଦରେ ସମୁଦ୍ର କୂଳରେ ଏକ ଦାରୁ ଭାସୁଥିବାର ଉଲ୍ଲେଖ ଅଛି । ଯଥା –

"ଅଦୋ ଯଦ୍ଦାରୁ ପ୍ଲବତେ ସିନ୍ଧୋବପାରେ ଅପୁରୁଷମ୍

ତଦା ରଭସ୍ୱ ଦୁର୍ହଣୋ ତେନଗଛ ପରସ୍ତରମ୍ ।"

ଅନେକ ପଣ୍ଡିତ ଏହି ଦାରୁ ସହିତ ଶ୍ରୀଜଗନ୍ନାଥଙ୍କ ଦାରୁପିଣ୍ଡକୁ ସମ୍ପୃକ୍ତ କରିଥାନ୍ତି । ପାଶ୍ଚାତ୍ୟ ସମାଲୋଚକ ଓ୍ୱିଲକିନ୍ସଙ୍କ ମତରେ ଜଗନ୍ନାଥ ସମ୍ଭବତଃ କୌଣସି ଏକ ସ୍ଥାନୀୟ ଅଷ୍ଟ୍ରିକ ଗୋଷ୍ଠୀ ଆଦିବାସୀ ଦ୍ୱାରା ଉପାସିତ ହୋଇ ଆସୁଥିଲେ । କାଳକ୍ରମେ ତାଙ୍କୁ ହିନ୍ଦୁ ଧର୍ମ ଭିତରେ ଭର୍ତ୍ତି କରାଯାଇ ବିଷ୍ଣୁଙ୍କର ଅବତାର ଭାବରେ କଳ୍ପନା କରାଯାଇଛି ।

ପୁରୀର ଦଇତାମାନେ ଶ୍ରୀଜଗନ୍ନାଥଙ୍କର ଜ୍ଞାତି ରୂପେ ପରିଚିତ । ଏମାନେ ସ୍ନାନପୂର୍ଣ୍ଣିମାଠାରୁ ରଥଯାତ୍ରା ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କର ସମସ୍ତ ପୂଜା ବିଧି ବିଧାନ ସମ୍ପାଦନ କରିଥାନ୍ତି । ଠାକୁରଙ୍କର ନବକଳେବର (ଦେହତ୍ୟାଗ ଓ ନବଦେହ ଧାରଣ) ବେଳେ ଏମାନେ ଶୁଦ୍ଧିକ୍ରିୟା ସମ୍ପାଦନ କରିଥାନ୍ତି । ଦଇତାମାନେ ହେଉଛନ୍ତି ଶବର ବଂଶଧର, ତେଣୁ ଜଗନ୍ନାଥଙ୍କ ସହିତ ଶବର ସଂସ୍କୃତିର ସମ୍ପର୍କ ରହିଛି ।

ଜଗନ୍ନାଥଙ୍କୁ କୁହଯାଏ ମାଦଳା । ମାଦଳା ଶବ୍ଦର ଅର୍ଥ ହସ୍ତପଦବିହୀନ ଗଣ୍ଡି । ଏବେ ମଧ୍ୟ ଶବରମାନଙ୍କ ମଧ୍ୟରେ ମାଦଳା ପୂଜା ପ୍ରଚଳିତ ଅଛି । ଏମାନେ ହସ୍ତପଦବିହୀନ କେବଳ ମୁଖ-ଚକ୍ଷୁ ବିଶିଷ୍ଟ କାଷ୍ଠ ଖଣ୍ଡେ ପୂଜା କରିଥାନ୍ତି । ବୋଧହୁଏ ଏହି ମାଦଳାମୂର୍ତ୍ତି କାଳକ୍ରମେ ଶବରମାନଙ୍କ ଦ୍ୱାରା ଶବରୀ ନାରାୟଣ ଓ ନୀଳମାଧବ ଭାବରେ ଉପାସିତ ହୋଇଛନ୍ତି । ପଞ୍ଚଦଶ ଶତାବ୍ଦୀବେଳେକୁ ଜଗନ୍ନାଥ ଶବର ଦେବତା ବୋଲି ସମାଜରେ ବଦ୍ଧମୂଳ ଧାରଣା

ସୃଷ୍ଟି ହୋଇଛି । ଫଳରେ ଏହି ଶତାବ୍ଦୀର କବି ସାରଳା ଦାସ ତାଙ୍କର ମହାଭାରତରେ ଶ୍ରୀଜଗନ୍ନାଥଙ୍କୁ ଶବରୀ ନାରାୟଣ ଓ ନୀଳମାଧବ ରୂପରେ ବର୍ଣ୍ଣନା କରିଛନ୍ତି । ଯଥା–

"ବୋଲନ୍ତି ମାଧବ ସାବଧାନେ ଶୁଣ
ମୁହିଁ ଅନାଦିନାଥ ଶବରୀ ନାରାୟଣ ।
x x x
ଯମନିଳ ତୀର୍ଥେ ଅଧିକାରୀ ଯମେଶ୍ୱର ଦେବ
ଆମ୍ଭର ନାମ ଯେ ହୋଇବ ନୀଳମାଧବ ।
ଯେ ଜାରା ଶବର ବଂଶ ଥିବେଟି ଆମ୍ଭ କତି
ଏହାଙ୍କୁ ଦେଖିଲେ ସ୍ନାନ ଭୋଜନେ ଆମ୍ଭେ ହେଉଁ ତ୍ରିପୁତି
ନଉକା ବିମାନେ ଆମ୍ଭଙ୍କୁ ଘେନିଯାଅ ହୋ ନୃପ
ନୀଳଗିରି ସ୍ଥାନେ ଆମ୍ଭଙ୍କୁ ନେଇ ସ୍ଥାପ ।"

ଡ. ବଂଶୀଧର ମହାନ୍ତିଙ୍କ ମତରେ ଜଗନ୍ନାଥ ଧର୍ମ ମୁଖ୍ୟତଃ ଓ ପ୍ରଥମତଃ ଆଦିବାସୀ ଧର୍ମ । ଗୁରୁଦାସ ସରକାର, କେଦାରନାଥ ମହାପାତ୍ର, ଡ. ନବୀନ କୁମାର ସାହୁ ପ୍ରଭୃତି ଐତିହାସିକମାନେ ଶ୍ରୀଜଗନ୍ନାଥ ଧର୍ମ ସହିତ ଅଷ୍ଟ୍ରିକ ସଂସ୍କୃତିର ସମ୍ପର୍କ ସ୍ୱୀକାର କରନ୍ତି ।

## ଜୈନ ଧର୍ମ ଓ ଶ୍ରୀଜଗନ୍ନାଥ ଧର୍ମ

ପଣ୍ଡିତ ନୀଳକଣ୍ଠ ଦାସଙ୍କ ମତରେ 'ଜଗନ୍ନାଥ' ଶବ୍ଦଟି ଏକ ଜୈନଶବ୍ଦ । ଏହା 'ଋଷଭନାଥ' ସଙ୍ଗେ ସମାନ । ପୁରୀର ପୁରୁଷୋତ୍ତମ ଚେତନା ଖୁବ ସମ୍ଭବ ଜୈନ ଧର୍ମର ଫଳ । ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ଜୈନ ଧର୍ମର ପ୍ରଥମ ତୀର୍ଥଙ୍କର ଋଷଭଙ୍କର ଗର୍ଭକଲ୍ୟାଣକ ଦିବସ ହୋଇଥିବାରୁ ଏହି ତିଥିରେ ଋଷଭଙ୍କର ରଥଯାତ୍ରାର ବିଧାନ ଅଛି । ରଥ ଉପରେ ଜିନଙ୍କର ପ୍ରତିମା ସ୍ଥାପନପୂର୍ବକ ନଗରରେ ପରିକ୍ରମା କରାଇବା ଏହି ଉତ୍ସବର ବିଧାନ । ଠିକ୍ ଏହି ଆଷାଢ଼ ଶୁକ୍ଳ ଦ୍ୱିତୀୟ ତିଥିରେ ଜଗନ୍ନାଥଙ୍କର ରଥଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଥାଏ । ଜିନଙ୍କର ଅଭିଷେକ ସ୍ନାତ୍ରା (ସ୍ନାନଯାତ୍ରା) ଉତ୍ସବ ପରି ଶ୍ରୀଜଗନ୍ନାଥଙ୍କର ଅଭିଷେକ ଓ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଥାଏ । ଛତ୍ର, ଚାମର, କାହାଳି ଓ ବାଦ୍ୟ ସହକାରେ କୁମ୍ଭଜଳ ଦ୍ୱାରା ଜିନ ପ୍ରତିମାଙ୍କୁ ଅଭିଷେକ କରାଯାଏ । ଶ୍ରୀଜଗନ୍ନାଥଙ୍କର ସ୍ନାନଯାତ୍ରା ବେଳେ ମଧ୍ୟ ଏହି ବିଧି ଅନୁସୃତ ହୋଇଥାଏ । ଅଭିଷେକ ଉତ୍ସବ ପରେ ତୂଳି ଦ୍ୱାରା ଜିନପ୍ରତିମାଙ୍କର ନୂତନ ରଙ୍ଗୀକରଣ ବିଧି ରହିଛି । ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ମଧ୍ୟ ସ୍ନାନଯାତ୍ରା ପରେ ନୂତନ ରଙ୍ଗୀକରଣ ଏବଂ ନବଯୌବନ ବିଧି ରହିଛି । ବିଶେଷ କରି ଦିନ ପ୍ରତିମା ଋଷଭଙ୍କର ଚକ୍ଷୁର ନବୀକରଣ ସହିତ ଶ୍ରୀଜଗନ୍ନାଥଙ୍କ ଚକାଡୋଳାର ନବୀକରଣ ସାମ୍ୟ ଜୈନ ଧର୍ମ ସହିତ ଶ୍ରୀଜଗନ୍ନାଥ ଧର୍ମର ସମ୍ପର୍କ ପ୍ରମାଣିତ କରିଥାଏ । ଋଷଭଙ୍କର କଳ୍ପବଟ ସହିତ

ଶ୍ରୀଜଗନ୍ନାଥଙ୍କର 'କଳ୍ପବଟ'ର ସାମଞ୍ଜସ୍ୟ ରହିଛି । 'ନୀଳଚକ୍ର' ହେଉଛି ଋଷଭଙ୍କର ଚିହ୍ନ । 'ନୀଳଚକ୍ର' ଜଗନ୍ନାଥଙ୍କର ମଧ୍ୟ ଧର୍ମଚକ୍ର । ଜୈନମାନଙ୍କର ତ୍ରିରତ୍ନ ସହିତ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ତ୍ରିମୂର୍ତ୍ତିଙ୍କର ସମ୍ପର୍କ ରହିଛି । ଓଡ଼ିଆମାନଙ୍କର ବିଶ୍ୱାସ ପୁରୀ ଦେଉଳର ବାଇଶି ପାହାଚ ଜୈନ ବାଇଶି ଜଣ ତୀର୍ଥଙ୍କର ପ୍ରତୀକ । ଜଗନ୍ନାଥଙ୍କର ମହାପ୍ରସାଦର ଅନ୍ୟତମ ନାମ ହେଉଛି 'କୈବଲ୍ୟ' । ଏହାର ମୂଳ ଜୈନଧର୍ମର 'କେବଳୀ' ତତ୍ତ୍ୱ ଭିତରେ ରହିଛି ବୋଲି ବିଶ୍ୱାସ କରାଯାଏ । ଜୈନଧର୍ମର ପୁରୁଷୋତ୍ତମ ତତ୍ତ୍ୱ ମଧ୍ୟରେ ରହିଛି ବିଶ୍ୱପୁରୁଷ ପାଇଁ ଆତ୍ମାପୁରୁଷର ତ୍ୟାଗ । ଏହା ହିଁ ପୁରୁଷର ଶ୍ରେଷ୍ଠ ରୂପ ବା 'ପୁରୁଷୋତ୍ତମ' ରୂପ ।

### ୪.୨.୧ ମୂଳପାଠର ପ୍ରଥମାଂଶରୁ ପ୍ରଶ୍ନ

(କ) ଶ୍ରୀଜଗନ୍ନାଥ ସଂସ୍କୃତିର ଆଦର୍ଶକୁ ନେଇ ଗଢ଼ିଉଠିଥିବା ଧର୍ମଟି କ'ଣ ?

(ଖ) ଅଷ୍ଟ୍ରିକ ପ୍ରକୃତି ସହିତ ଶ୍ରୀଜଗନ୍ନାଥ ଧର୍ମର କି ସମ୍ପର୍କ ଅଛି ?

(ଗ) ପୁରୀର ଦଇତାମାନଙ୍କ ସହିତ ଶ୍ରୀଜଗନ୍ନାଥଙ୍କର ସମ୍ପର୍କ ପ୍ରମାଣିତ କରିବା ପାଇଁ କି ପ୍ରମାଣ ରହିଛି ?

(ଘ) ସାରଳା ମହାଭାରତରେ ଶ୍ରୀଜଗନ୍ନାଥଙ୍କୁ ଶବରୀ ନାରାୟଣ ଭାବରେ ପ୍ରତିପାଦନ କରିବା ପାଇଁ କି ଦୃଷ୍ଟାନ୍ତ ରହିଛି ?

(ଙ) 'ଜଗନ୍ନାଥ' ଶବ୍ଦଟି ଏକ ଜୈନ ଶବ୍ଦ ବୋଲି କିଏ ମତ ଦେଇଛନ୍ତି ?

(ଚ) ଜୈନଧର୍ମ ସହ ଶ୍ରୀଜଗନ୍ନାଥ ଧର୍ମର କି ସମ୍ପର୍କ ରହିଛି ?

### ୪.୨.୨ ବ୍ୟାକରଣ ପ୍ରଶ୍ନ

(କ) ତଳେ କେତେକ ସନ୍ଧିର ଉଦାହରଣ ଦିଆଯାଇଛି ତାହାକୁ ଲକ୍ଷ୍ୟ କରନ୍ତୁ ।

ସମ୍+କୃତି = ସଂସ୍କୃତି, ଅଙ୍ଗ+ଅଙ୍ଗୀ = ଅଙ୍ଗାଙ୍ଗୀ, ଜଗତ୍+ନାଥ = ଜଗନ୍ନାଥ ।

ତଳେ ସେହିପରି ଦିଆଯାଇଥିବା ଦୁଇ ଦୁଇଟି ଶବ୍ଦକୁ ସନ୍ଧି କରନ୍ତୁ ।

ସମ୍+ମାନିତ, ସମ୍+ଶ୍ଳିଷ୍ଟ, ଦଶ+ଅବତାର, ସମ୍+ପାଦନ, ଶତ+ଅବ୍ଦୀ, ସମ+ଈଶ୍ୱର, ପୁରୁଷ+ଉତ୍ତମ ।

(ଖ) ନିମ୍ନଲିଖିତ ଶବ୍ଦଗୁଡ଼ିକୁ ଲକ୍ଷ୍ୟ କରନ୍ତୁ । ପ୍ରତ୍ୟେକ ମୂଳଶବ୍ଦ ପୂର୍ବରୁ କିପରି ପୂର୍ବସର୍ଗ ଯୁକ୍ତ ହୋଇ ନୂତନ ଶବ୍ଦ ଗଢ଼ାହୋଇଛି ଲକ୍ଷ୍ୟ କରନ୍ତୁ ।

ଉପ+ନି+ସଦ୍=ଉପନିଷଦ୍ । ଅବ+ତାର=ଅବତାର । ପରି+କଳ୍ପିତ=ପରିକଳ୍ପିତ । ପ୍ରତି+ସ୍ଥିତ = ପ୍ରତିଷ୍ଠିତ ।

ସେହିପରି ନିମ୍ନଲିଖିତ ଶବ୍ଦଗୁଡ଼ିକରେ ଥିବା ପୂର୍ବସର୍ଗଗୁଡ଼ିକୁ ଚିହ୍ନାଇ ଦିଅନ୍ତୁ ।

ଆଦର୍ଶ, ବିଭିନ୍ନ, ପରିଚିତ, ଅଭିହିତ, ଆଚାର, ବିଚାର, ପ୍ରକାଶ, ବିଶ୍ୱାସ, ପରାକାଷ୍ଠା, ବିବେଚିତ, ଉପଜାତି, ପ୍ରବେଶ, ଉପାସନା, ପ୍ରଚଳିତ, ଅନୁମାନ, ବିଧାନ, ପରିକ୍ରମା, ଅନୁଷ୍ଠିତ, ଅଭିଷେକ ।

(ଗ) ନିମ୍ନଲିଖିତ ଶବ୍ଦଗୁଡ଼ିକର ଶେଷ ଅଂଶରେ ଥିବା ପ୍ରତ୍ୟୟ ବା ପରସର୍ଗଗୁଡିଇକୁ ଲକ୍ଷ୍ୟ କରନ୍ତୁ । ଧାତୁରେ (କ୍ରିୟାମୂଳରେ) ପ୍ରତ୍ୟୟ ଯୋଗ ଦ୍ୱାରା କେତେକ ଶବ୍ଦ ଗଠିତ ହୋଇଛି । ଏହି ପ୍ରତ୍ୟୟଗୁଡ଼ିକୁ କୁହାଯାଏ କୃଦନ୍ତ ପ୍ରତ୍ୟୟ ଏବଂ ପଦଗୁଡ଼ିକୁ କୁହାଯାଏ କୃଦନ୍ତ ପଦ । ଉଦହାରଣ –

ଦୃଶ୍+ଅନ=ଦର୍ଶନ, ରଚ୍+କ୍ତ(ଇତ)-ରଚିତ, ବନ୍ଦ୍+ଅନ=ବନ୍ଦନ ।

ପାଠରୁ ଦିଆଯାଇଥିବା ନିମ୍ନଲିଖିତ ଶବ୍ଦଗୁଡ଼ିକରେ କେଉଁ ଧାତୁରେ କେଉଁ ପ୍ରତ୍ୟୟର ଯୋଗ ହୋଇଛି ଚିହ୍ନାଇ ଦିଅନ୍ତୁ ।

ଗୃହୀତ, ଜଡ଼ିତ, ଗ୍ରଥିତ, ଛେଦନ, ପ୍ରଚଳିତ, ଉପାସିତ, କଳ୍ପନା, ବିଧାନ, ସମ୍ପାଦନ, ଧାରଣା, ବର୍ଣ୍ଣନା, ପ୍ରମାଣିତ, ବିଶ୍ୱାସ ।

(ଘ) ଶବ୍ଦରେ କେତେକ ପ୍ରତ୍ୟୟ ଯୋଗ ଦ୍ୱାରା ନୂତନ ଶବ୍ଦ ଗଠିତ ହୁଏ । ପ୍ରତ୍ୟୟକୁ କୁହାଯାଏ ତଦ୍ଧିତ ପ୍ରତ୍ୟୟ । ପଦକୁ କୁହାଯାଏ ତଦ୍ଧିତ ପଦ । ତଳେ କେତୋଟି ତଦ୍ଧିତ ପଦ କିପରି ଗଠିତ ହୋଇଛି ଲକ୍ଷ୍ୟ କରନ୍ତୁ । ଉଦାହରଣ-

ଅବତାର+ଇନ୍=ଅବତାରୀ, ସଂସ୍କୃତି+ଇକ=ସାଂସ୍କୃତିକ, ଦେଶ+ଈୟ=ଦେଶୀୟ, ତତ୍‌କାଳ+ଈନ=ତତ୍‌କାଳୀନ ।

ସେହିପରି ପାଠରୁ ଦିଆଯାଇଥିବା ତଦ୍ଧିତ ପଦଗୁଡ଼ିକ କିପରି ଗଠିତ ହୋଇଛି ଚିହ୍ନାଇ ଦିଅନ୍ତୁ ।

ଭାରତୀୟ, ପବିତ୍ରତା, ପବିତ୍ରତମ, ସାମାଜିକ, ଅବତାରୀ, ସାର୍ବଜନୀନ, ଆଦିବାସୀ, ଶତାବ୍ଦୀ ।

(ଙ) ଭାଷାକୁ ସଂକ୍ଷେପରେ ପ୍ରକାଶ କରିବା ପାଇଁ ସମାସର ପ୍ରୟୋଗ ହୋଇଥାଏ । ବାକ୍ୟ ମଧ୍ୟରେ ପରସ୍ପର ସମ୍ବନ୍ଧ ଥିବା ଦୁଇ ବା ତହିଁରୁ ଅଧିକ ପଦର ଏକପଦୀକରଣକୁ ବା ସଂକ୍ଷେପତାକୁ ସମାସ କୁହାଯାଏ । ସମାକୁ ବୁଝାଇବ ପାଇଁ ଯେଉଁ ବାକ୍ୟ ବା ପଦାବଳୀର ସାହାଯ୍ୟ ନିଆଯାଏ ତାହାକୁ କୁହାଯାଏ ବିଗ୍ରହବାକ୍ୟ । ତଳେ ପାଠରୁ ଦିଆଯାଇଥିବା ସମାସର ଉଦାହରଣ ଲକ୍ଷ୍ୟ କରନ୍ତୁ ।

ମହାପୁରୁଷ (ମହାନ୍ ଅଟନ୍ତି ପୁରୁଷ), ଜୀବନଧାରା (ଜୀବନର ଧାରା), ଦାରୁଦେବତା (ଦାରୁ ନିର୍ମିତ ଦେବତା) ।

ପାଠରୁ ଦିଆଯାଇଥିବା ନିମ୍ନଲିଖିତ ସମାସଗୁଡ଼ିକୁ ଉପର ଉଦାହରଣ ପରି ବିଗ୍ରହବାକ୍ୟ ସାହାଯ୍ୟରେ ବୁଝାଇ ଦିଅନ୍ତୁ ।

ଜଗନ୍ନାଥ, ସମୁଦ୍ରକୂଳ, ନବକଳେବର, ସ୍ନାନପୂର୍ଣ୍ଣିମା, ଶୁଦ୍ଧିକ୍ରିୟା, ନୀଳମାଧବ, ପ୍ରତିମାସ୍ଥାପନ, କୁମ୍ଭଜଳ, ତ୍ରିମୂର୍ତ୍ତି, ମହାପ୍ରସାଦ ।

## ୪.୩ ମୂଳପାଠର ଦ୍ୱିତୀୟଭାଗ

### ବୌଦ୍ଧ ଧର୍ମ ଓ ଶ୍ରୀଜଗନ୍ନାଥ ଧର୍ମ

ବୁଦ୍ଧଦେବଙ୍କ ଜୀବିତାବସ୍ଥାରୁ ବୌଦ୍ଧଧର୍ମ ଓଡ଼ିଶାର ସାଂସ୍କୃତିକ ଜୀବନର ଅସ୍ଥି-ମଜ୍ଜାଗତ ହୋଇଯାଇଛି ଓ ଅନ୍ୟୁନ ଦେଢ଼ହଜାର ବର୍ଷ ଧରି ଓଡ଼ିଶାର ପ୍ରଚଳିତ ବିଭିନ୍ନ ଧର୍ମ ଉପରେ ପ୍ରଭାବ ବିସ୍ତାର କରିଆସିଛି ଅଥବା ବିଭିନ୍ନ ଧର୍ମର କଳେବର ଭିତରେ ନିଜର ଆତ୍ମାଟିକୁ ସ୍ଥାପନ କରି ଭିନ୍ନ ରୂପରେ ରହିଆସିଛି । ଏହା ପ୍ରତ୍ୟକ୍ଷ ଅଥବ ପରୋକ୍ଷ ଭାବରେ ଜଗନ୍ନାଥ ଧର୍ମ ସହିତ ସଂଜଡ଼ିତ । ତେଣୁ ଜଗନ୍ନାଥ ଧର୍ମର ଉଦ୍ଭବ ଓ ବିବର୍ତ୍ତନରେ ବୌଦ୍ଧଧର୍ମର ଭୂମିକା ସମ୍ପର୍କରେ ଆଲୋଚନା ବିନା ଶ୍ରୀଜଗନ୍ନାଥଙ୍କର ଇତିହାସ ଆକଳନ ଅପୂର୍ଣ୍ଣ ମନେହୁଏ ।

ସିଂହଳର ଧର୍ମକୀର୍ତ୍ତିଙ୍କଦ୍ୱାରା ରଚିତ 'ଦାଗବଂଶ'କୁ ଭିତ୍ତିକରି ବୁଦ୍ଧଦେବଙ୍କ ଦନ୍ତ ବିଷୟରେ ଯେଉଁ କିମ୍ବଦନ୍ତୀ ରହିଛି, ତାହାକୁ ଆଣି ଅନେକେ ଜଗନ୍ନାଥଙ୍କ ସହିତ ସମ୍ପର୍କିତ କରିଥାନ୍ତି । ଜଗନ୍ନାଥଙ୍କ ନବକଳେବର ବେଳେ ଅନ୍ଧପଟଳ ବନ୍ଧା କାରିଗରଦ୍ୱାରା ନାଭିସ୍ଥଳରେ ନ୍ୟାସିତ ହେଉଥିବା ଅଦ୍ୟାବଧି ସର୍ବ-ଅଜ୍ଞାତ ପଦାର୍ଥଟିକୁ ଅନେକେ ବୁଦ୍ଧଦନ୍ତ ବୋଲି ମନେ କରିଥାନ୍ତି । ବୁଦ୍ଧଦେବଙ୍କ ନିର୍ବାଣ ଲାଭ (ଖ୍ରୀ.ପୂ:୫୪୩) ପରେ ଅର୍ହତ କ୍ଷେମଥେର ବୁଦ୍ଧଙ୍କ ବାମଦନ୍ତ ଆଣି କଳିଙ୍ଗରାଜ ବ୍ରହ୍ମଦତ୍ତଙ୍କୁ ଉପହାର ଦେଇଥିଲେ । ବ୍ରହ୍ମଦତ୍ତ ଏକ ଚୈତ୍ୟ ନିର୍ମାଣ କରି ଦନ୍ତପୂଜା ପ୍ରଚଳନ କରାଇଥିଲେ ଓ ସ୍ଥାନର ନାମ ରଖିଥିଲେ ଦନ୍ତପୁରୀ । କେତେକ ଏହି ଦନ୍ତପୁରୀକୁ ଜଗନ୍ନାଥଧାମ ପୁରୀ ସହିତ ସମ୍ପୃକ୍ତ କରିଥାନ୍ତି ।

ଅଷ୍ଟମ ଶତାବ୍ଦୀର ମଧ୍ୟଭାଗରେ ବୌଦ୍ଧଧର୍ମର ଶାଖା 'ମହାଯାନ'ରୁ ସୃଷ୍ଟିଲାଭ କରିଥିଲା 'ବଜ୍ରଯାନ', ଯାହାର ପ୍ରବର୍ତ୍ତକ ହେଉଛନ୍ତି ଓଡ଼ିଶା (ତତ୍କାଳୀନ ଓଡ୍ଡୀୟାନ)ର ସମ୍ବଲପୁର (ତତ୍କାଳୀନ ସମ୍ବଳକପୁର)ର ରାଜା ଇନ୍ଦ୍ରଭୂତି । ସେ ତାଙ୍କର 'ଜ୍ଞାନସିଦ୍ଧି' ଗ୍ରନ୍ଥରେ 'ଜଗନ୍ନାଥ'ଙ୍କୁ ବନ୍ଦନା କରିଛନ୍ତି ଓ ତାହାଙ୍କୁ ବୁଦ୍ଧ ତଥା ଜିନ ଭାବରେ ଦେଖିଛନ୍ତି । ଯଥା-

"ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜିନ-ବରାର୍ଚ୍ଚିତମ୍
ସର୍ବବୁଦ୍ଧମୟଂ ସିଦ୍ଧିବ୍ୟାପିନଂ ଗଗନୋପନମ୍ ।"

ଡକ୍ଟର ହରେକୃଷ୍ଣ ମହତାବଙ୍କ ମତରେ ଅଶୋକଙ୍କ ସମୟରେ ଓଡ଼ିଶାର ଶବରମାନେ

ବୌଦ୍ଧଧର୍ମରେ ଦୀକ୍ଷିତ ହୋଇଥିଲେ । ସେହି ସମୟରେ ପୁରୀରେ ନିର୍ମିତ ବୌଦ୍ଧସ୍ତୂପରେ ବୌଦ୍ଧ-ତ୍ରିରତ୍ନ ସ୍ୱାଭାବିକ ଭାବରେ ଅଙ୍କିତ ହୋଇଥିଲା । ଏ ସ୍ତୂପ ବୌଦ୍ଧ ଶବରମାନଙ୍କର ଥିଲା ପ୍ରଧାନ ଉପାସନା-ପୀଠ ।

ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀବେଳକୁ ଯେତେବେଳେ ମହାଯାନ ପନ୍ଥାର ପ୍ରବର୍ତ୍ତନ ଫଳରେ ବୁଦ୍ଧ ଓ ବୋଧିସତ୍ତ୍ୱଙ୍କର ପୂଜା ଆରମ୍ଭ ହେଲା, ସରଳ ବିଶ୍ୱାସୀ ଶବରମାନେ ସ୍ତୂପର ତ୍ରିରତ୍ନ ମଧ୍ୟରେ ବୁଦ୍ଧଙ୍କୁ ଉପାସନା କଲେ । ତିନୋଟିଯାକ ରତ୍ନ (ଚିହ୍ନ) ସମୂହ ଭାବରେ 'ଜଗନ୍ନାଥ' ନାମରେ ଅଭିହିତ ଥିଲା । ପରବର୍ତ୍ତୀ କାଳରେ ଯେତେବେଳେ ମୂର୍ତ୍ତିପୂଜାର ପ୍ରଚଳନ ହେଲା, ସେତେବେଳେ ଏକ ମୂର୍ତ୍ତି ବଦଳରେ ବୌଦ୍ଧଧର୍ମର ବୁଦ୍ଧ, ଧର୍ମ, ସଂଘ ତ୍ରିରତ୍ନକୁ ସ୍ୱତନ୍ତ୍ର ଭାବରେ ରଖି ତ୍ରିରତ୍ନର କଳ୍ପନା କରାଗଲା । ଏଥିମଧ୍ୟରୁ ବୁଦ୍ଧ ହେଉଛନ୍ତି ମୁଖ୍ୟ । ବୌଦ୍ଧଧର୍ମରେ ଧର୍ମ ନାରୀ ରୂପରେ ପରିକଳ୍ପିତ । ସଂଘ ମଧ୍ୟରେ ଥାଏ ଭ୍ରାତୃଭଗିନୀର ପବିତ୍ର ସମ୍ପର୍କ । ତେଣୁ ଜଗନ୍ନାଥଙ୍କଠାରେ ବୁଦ୍ଧ, ସୁଭଦ୍ରାଙ୍କଠାରେ ଧର୍ମ ଓ ବଳଭଦ୍ରଙ୍କଠରେ ସଂଘର ଆରୋପ କରାଗଲା । ଶବରମାନେ ପୂର୍ବରୁ ଦାରୁ-ଉପାସକ ଥିବାରୁ ଦାରୁରେ ଏ ତିନି ମୂର୍ତ୍ତି ନିର୍ମାଣ କରି ପୂଜା କଲେ । ପ୍ରଥମେ ବୌଦ୍ଧଧର୍ମରେ ଦୀକ୍ଷିତ ଶବରମାନଙ୍କ ଦ୍ୱାରା ଉପାସିତ ତ୍ରିରତ୍ନ (ସ୍ୱସ୍ତିକ) ଚିହ୍ନର ରେଖା ଶ୍ରୀମନ୍ଦିରର ତିନିମୂର୍ତ୍ତି ମଧ୍ୟରେ ଥିବାର ସାହିତ୍ୟିକ ଉଲ୍ଲେଖ ସାରଳା ମହାଭାରତରେ ଦେଖିବାକୁ ମିଳେ । ଯଥା-

"ଏତେ ବୋଲି ରାଜ ଯାଇ ଫେଡ଼ିଲା କବାଟ
କିରାତ ବ୍ରାହ୍ମଣ ଦୁହିଁଙ୍କୁ ପାଇଲା ଭେଟ
ଦେଖିଲା ପ୍ରତକ୍ଷେ ବିଷ୍ଣୁଙ୍କର ତିନିମୂର୍ତ୍ତି
କରପାଦ ନାହିଁ ମହା ବଉଦର ଜ୍ୟୋତି
x x x
ମହା ବୌଦ୍ଧ ବିକାଶ ହୋଇଲା ତିନି ରେଖା
କର ଚରଣ ପଲ୍ଲବ ନଦିଶଇ ଶିଖା ।"

ପ୍ରଥମେ ଆମେ କାଶ୍ମୀରର ନୀଳମତ ପୁରାଣ (୬ଷ୍ଠ-୭ତମ ଶତାବ୍ଦୀ)ରେ ବୁଦ୍ଧଙ୍କୁ ବିଷ୍ଣୁଙ୍କ ଅବତାର ଭାବରେ ଦେଖୁ । ବରାହ ପୁରାଣ (୭ମ-୮ମ ଶତାବ୍ଦୀ)ରେ ମଧ୍ୟ ବିଷ୍ଣୁଙ୍କର ଦଶାବତାର ମଧ୍ୟରେ ନବମ ଅବତାର ଭାବରେ ବୁଦ୍ଧଙ୍କର ନାମୋଲ୍ଲେଖ ରହିଛି । ଦ୍ୱାଦଶ ଶତାବ୍ଦୀରେ ଓଡ଼ିଶାର ସଂସ୍କୃତ କବି ଜୟଦେବ 'ଶ୍ରୀଗୀତଗୋବିନ୍ଦ' ଗ୍ରନ୍ଥରେ ବିଷ୍ଣୁଙ୍କ ନବମ ଅବତାରକୁ 'ବୁଦ୍ଧ ଶରୀର' ରୂପେ ସମ୍ମାନ ଦେଇଛନ୍ତି । ଅନେକ ଗବେଷକ ଶ୍ରୀଗନ୍ନାଥଙ୍କ ରଥଯାତ୍ରାରେ ବୌଦ୍ଧ ରଥଯାତ୍ରାର ପ୍ରଭାବ ଲକ୍ଷ୍ୟ କରିଥାଆନ୍ତି । ମହାପ୍ରସାଦର ପବିତ୍ରତା ସମ୍ପର୍କରେ ବହୁ ପ୍ରାଚୀନ ଗ୍ରନ୍ଥରେ ପର୍ଯ୍ୟାପ୍ତ ବର୍ଣ୍ଣନା ରହିଛି । ବୌଦ୍ଧ ଧର୍ମରେ ମହାପ୍ରସାଦ ସେବନରେ ଜାତିବର୍ଣ୍ଣର ବିଚାର ନାହିଁ । ଏହି ଧର୍ମରେ ନିର୍ବାଣର ପୂର୍ବ ସୋପାନ ହେଉଛି

'ଏକୀଭାବ' । ଜଗନ୍ନାଥ କ୍ଷେତ୍ରରେ ଏକତ୍ର ଏକୀଭାବ ନେଇ ମହାପ୍ରସାଦ ସେବନ କରିବା ବିଧି ଏହି ବୌଦ୍ଧ 'ଏକଭାବ'ର ପାରମ୍ପରିକ ପ୍ରବାହ ବୋଲି ଅନେକେ ଅନୁମାନ କରିଥାଆନ୍ତି ।

ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ ବୁଦ୍ଧ ରୂପେ ପ୍ରତିଷ୍ଠିତ । ସହଜଯାନର ସିଦ୍ଧାଚାର୍ଯ୍ୟ ଲୁଇପାଦ (୭ମ ଶତାବ୍ଦୀ) ଓଡ଼୍ଡ଼ୀୟାନ ବା ଓଡ଼ିଶାର ଅଧିବାସୀ ବୋଲି ବହୁ ବିଦ୍ୱାନ ମତ ଦେଇଛନ୍ତି । ଶ୍ରୀଜଗନ୍ନାଥଧର୍ମର ବିଶିଷ୍ଟ ଗବେଷକ ପ୍ରଫେସର ଡକ୍ଟର ବଂଶୀଧର ମହାନ୍ତି ଲୁଇପାଦ (ଲୋହିପାଦ, ଲୋହିପା)ଙ୍କ ନାମରେ ଭଣିତ 'ଲୋହିଗୀତା' ନାମକ ଏକ ଓଡ଼ିଆ ପାଣ୍ଡୁଲିପି ଆବିଷ୍କାର କରିଛନ୍ତି । ଏହି ଗ୍ରନ୍ଥରେ ଶ୍ରୀଜଗନ୍ନାଥଙ୍କର ବୌଦ୍ଧରୂପ ଧାରଣ ସମ୍ପର୍କରେ ବର୍ଣ୍ଣନା ରହିଛି । ପଞ୍ଚଦଶ ଶତାବ୍ଦୀ ବେଳକୁ ଶ୍ରୀଜଗନ୍ନାଥଙ୍କର ବୌଦ୍ଧ ରୂପ ଓଡ଼ିଶା ଧର୍ମ ଧାରଣାର ଏତେ ବ୍ୟାପକ ହୋଇସାରିଥିଲା ଯେ ସାରଳାଦାସ ତାଙ୍କ ସାରଳା ମହାଭାରତର ଆଦିପର୍ବ, ସଭାପର୍ବ, ବନପର୍ବ, ମଧ୍ୟପର୍ବ, ବିରାଟପର୍ବ, ହରିବଂଶପର୍ବ, ମୂଷଳୀପର୍ବ ପ୍ରଭୃତିରେ ଜଗନ୍ନାଥ ବୌଦ୍ଧ ରୂପରେ ନୀଳଗରି (ପୁରୀ)ରେ ବିଜେ କରିଥିବାର ବର୍ଣ୍ଣନା ସହସ୍ରାଧିକ ସ୍ଥାନରେ ପ୍ରଦାନ କରିଛନ୍ତି । ପଞ୍ଚସଖା (ଜଗନ୍ନାଥ ଦାସ, ବଳରାମ ଦାସ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ, ଅନନ୍ତ ଦାସ) ବୈଷ୍ଣବ ହେଲେ ହେଁ ବୌଦ୍ଧ ଦର୍ଶନ ଦ୍ୱାରା ଅନେକ ପରିମାଣରେ ପ୍ରଭାବିତ ହୋଇଥିବାରୁ ସେମାନଙ୍କୁ କେତେକ ଗବେଷକ 'ପ୍ରଚ୍ଛନ୍ନ ବୌଦ୍ଧ' ବୋଲି ଅଭିହିତ କରିଥାଆନ୍ତି । ଏମାନଙ୍କ ରଚନାରେ କେତେକ ସ୍ଥଳରେ ଶ୍ରୀଜଗନ୍ନାଥଙ୍କୁ ବୌଦ୍ଧ ଭାବରେ ବର୍ଣ୍ଣନା କରାଯାଇଅଛି । ଏମାନଙ୍କ ବ୍ୟତୀତ କବି ଦ୍ୱାରକା ଦାସ, ଚୈତନ୍ୟ ଦାସ, ଦେବାନନ୍ଦ ଦାସ, ପ୍ରତାପରାୟ, ଦୀନକୃଷ୍ଣ ଦାସ, ନକୁଳାନନ୍ଦ ନାୟକ, (ଶ୍ରୀଜଗନ୍ନାଥ ପୁରାଣ ବା ବୌଦ୍ଧ ପୁରାଣର ରଚୟିତା) ପ୍ରଭୃତିଙ୍କ ଲେଖାରେ ଜଗନ୍ନାଥଙ୍କୁ ବୌଦ୍ଧରୂପଧାରୀ ବା ବୁଦ୍ଧାବତାର ଭାବରେ ବର୍ଣ୍ଣନା କରାଯାଇଅଛି ।

### ବ୍ରାହ୍ମଣ୍ୟଧର୍ମ ଓ ଶ୍ରୀଜଗନ୍ନାଥଧର୍ମ

ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ଯେତେ ଯେତେ ଧର୍ମର ସମନ୍ୱୟ ଘଟିଥାଉ ପଛକେ, ଶେଷରେ ସେ ବ୍ରାହ୍ମଣ୍ୟଧର୍ମର ବିଶେଷତଃ ବୈଷ୍ଣବଧର୍ମର ଦେବତା ହୋଇଯାଇଛନ୍ତି । ବେଦର ପୁରୁଷ, ଗୀତାର ପୁରୁଷୋତ୍ତମ, ଶ୍ରୀମଦ୍ ଭାଗବତର କୃଷ୍ଣ-ବାସୁଦେବଙ୍କ ସହିତ ଶ୍ରୀଜଗନ୍ନାଥଙ୍କର ସମ୍ପର୍କ ସଫଳ ଭାବରେ ସମ୍ପାଦିତ ଓ ପ୍ରତିପାଦିତ ହୋଇପାରିଛି । ଋଗ୍‌ବେଦରେ 'ପୁରୁଷ'ଙ୍କୁ ନିଖିଳବିଶ୍ୱର ସ୍ରଷ୍ଟା, ପୂର୍ଣ୍ଣତମ, ହସ୍ତପଦ ନଥାଇ ମଧ୍ୟ ସର୍ବଗମ, ସର୍ବକର୍ମକ୍ଷମ, ସର୍ବାଧିକାରୀ, କର୍ଣ୍ଣ ନଥାଇ ମଧ୍ୟ ସର୍ବଶ୍ରୋତା, ସର୍ବଜ୍ଞାତା ଓ ଅଚିନ୍ତ୍ୟ ଶକ୍ତି ଭାବରେ ବର୍ଣ୍ଣନା କରାଯାଇଅଛି । ଗୀତାରେ 'ପୁରୁଷୋତ୍ତମ' ବିରାଟ ପୁରୁଷ, କ୍ଷର ଓ ଅକ୍ଷରରୁ ଅତୀତ ସର୍ବୋତ୍ତମ ଶକ୍ତି ଭାବରେ ବର୍ଣ୍ଣିତ ହୋଇଛନ୍ତି । ବେଦ, ଉପନିଷଦ୍ ଓ ଗୀତା ବର୍ଣ୍ଣିତ ପୁରୁଷୋତ୍ତମଙ୍କୁ ପୁରୀର ଜଗନ୍ନାଥ ରୂପେ ଗ୍ରହଣ କରିବା ଲାଗି କୌଣସି ଐତିହାସିକ ପ୍ରମାଣ ନାହିଁ । କିନ୍ତୁ ସେହି ପୁରୁଷୋତ୍ତମ ଚେତନାର ପ୍ରେରଣାରେ ଅନ୍ତତଃ ପଞ୍ଚମ ଶତାବ୍ଦୀ ବେଳକୁ

ପୁରୀ ବା ପୁରୁଷୋତ୍ତମ କ୍ଷେତ୍ରରେ ଯେଉଁ ପୁରୁଷୋତ୍ତମ ତତ୍ତ୍ୱଭିତ୍ତିକ ବିଶ୍ୱତୋମୁଖୀ ସଂସ୍କୃତି ଗଢ଼ିଉଠିଥିଲା 'ପୁରୁଷୋତ୍ତମ ଜଗନ୍ନାଥ' ତାହାର ଉପାସ୍ୟ ଦେବତା ଥିଲେ ବୋଲି କଳ୍ପନା କରିବା ଅସଙ୍ଗତ ହେବନାହିଁ । ପୁରୀର 'ଜଗନ୍ନାଥ ସଂସ୍କୃତି' ହେଉଛି ଏହି 'ପୁରୁଷୋତ୍ତମ ସଂସ୍କୃତି'ର ବିକଶିତ ରୂପ ଓ ଜଗନ୍ନାଥ ହେଉଛନ୍ତି ଏହି ଉପାସ୍ୟ ଦେବତା ପୁରୁଷୋତ୍ତମଙ୍କର ଏକ ବିକଶିତ ରୂପ । ସମ୍ଭବତଃ ଏହି ସଂସ୍କୃତି ପୁରୀକୁ କେନ୍ଦ୍ରକରି ଗଢ଼ିଉଠିଥିଲା, ଯାହା ଫଳରେ ପୁରୀର ନାମ 'ପୁରୁଷୋତ୍ତମ' ଓ ଦେବତାଙ୍କ ନାମ 'ପୁରୁଷୋତ୍ତମ' ହୋଇଅଛି ।

ଓଡ଼ିଶାର ପ୍ରାଚୀ ଉପତ୍ୟକାରେ ବୈଷ୍ଣବଧର୍ମ 'ବାସୁଦେବ' ଉପାସନା ରୂପରେ ପ୍ରସିଦ୍ଧ ଥିଲା । ଏହି 'ବାସୁଦେବ' କ୍ରମେ 'ମାଧବ' ଓ 'ନୀଳମାଧବ'ରେ ପରିଣତ ହୋଇ ଶେଷରେ 'ଜଗନ୍ନାଥ' ଭାବରେ ପରିଚିତ ହୋଇଛନ୍ତି ବୋଲି ଗବେଷକମାନେ ମତ ଦେଇଥାନ୍ତି । ଐତିହାସିକ ଗବେଷକ ଅଧ୍ୟାପକ ପ୍ରଭାତ ମୁଖାର୍ଜୀଙ୍କ ମତରେ ପଞ୍ଚମ ଶତାବ୍ଦୀରେ ରାଜ ପୃଷ୍ଠପୋଷକତା ଲାଭ କରି ଓଡ଼ିଶାରେ 'ଭାଗବତ ଧର୍ମ' ବା 'ବାସୁଦେବଧର୍ମ' ଉତ୍ତରୋତ୍ତର ପ୍ରସାରିତ ହେବାରୁ ସଂକର୍ଷଣ ଓ କୃଷ୍ଣ ବାସୁଦେବ ଯଥାକ୍ରମେ ବଳଭଦ୍ର ଓ ଶ୍ରୀଜଗନ୍ନାଥ ରୂପରେ ପରିଣତ ହୋଇଛନ୍ତି । 'ଏକାନଂଶା' ସୁଭଦ୍ରା ଭାବରେ ଶ୍ରୀଜଗନ୍ନାଥ ଓ ବଳଭଦ୍ରଙ୍କ ମଧ୍ୟଭାଗରେ ସ୍ଥାନ ପାଇଛନ୍ତି । ଶ୍ରୀଜଗନ୍ନାଥଙ୍କ ନୃସିଂହ ରୂପେ ମଧ୍ୟ କଳ୍ପନା କରାଯାଇଛି । କିମ୍ବଦନ୍ତୀ ଅନୁଯାୟୀ ରାଜା ଇନ୍ଦ୍ରଦ୍ୟୁମ୍ନ ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ-ବିଗ୍ରହ ସ୍ଥାପନ କରିବା ପୂର୍ବରୁ ଗୁଣ୍ଡିଚା ମନ୍ଦିର ନିକଟସ୍ଥ ଯଜ୍ଞ-ନୃସିଂହଙ୍କୁ ପୂଜା କରି ମହାବିଷ୍ଣୁ ଯଜ୍ଞ ସମ୍ପାଦନ କରିଥିଲେ ଓ ତାପରେ ନୃସିଂହ ରୂପୀ ଜଗନ୍ନାଥଙ୍କୁ ଦର୍ଶନ କରିଥିଲେ । କାଳକ୍ରମେ ଶ୍ରୀଜଗନ୍ନାଥ ଓ ରାମଚନ୍ଦ୍ରଙ୍କ ମଧ୍ୟରେ ଅଭେଦ କଳ୍ପନା କରାଯାଇଛି । ଏକାଦଶ ଶତାବ୍ଦୀର ନାରାୟଣ ସତ୍ କବି, ଦ୍ୱାଦଶ ଶତାବ୍ଦୀର ବୈଷ୍ଣବଚାର୍ଯ୍ୟ ବିଷ୍ଣୁସ୍ୱାମୀ ଓ ଚତୁର୍ଦ୍ଦଶ ଶତାବ୍ଦୀର ବୈଷ୍ଣବାଚାର୍ଯ୍ୟ ରାମାନୁଜ ଶ୍ରୀଜଗନ୍ନାଥଙ୍କ ଭିତରେ ରାମଚନ୍ଦ୍ରଙ୍କୁ ଦେଖିଛନ୍ତି ।

ଡ.ମାୟାଧର ମାନସିଂହଙ୍କ ମତରେ ଜଗନ୍ନାଥ ମୂଳତଃ ଏକ ଶିବ ଲିଙ୍ଗ ଥିଲେ ଓ ନୀଳ ମୁଗୁନି ପଥରରେ ନିର୍ମିତ ଏହି ଶିବ କାଳକ୍ରମେ ଶବରମାନଙ୍କ ଦ୍ୱାରା ନୀଳମାଧବ ଭାବରେ ପୂଜାପାଇ ଶେଷର ଶ୍ରୀଜଗନ୍ନାଥରେ ପରିଣତ ହୋଇଛନ୍ତି ।

ଶ୍ରୀଜଗନ୍ନାଥଙ୍କ ଭୋଗ ବିମଳାଙ୍କ ପାଖରେ ସମର୍ପିତ ହେବା ପରେ ଯାଇ ମହାପ୍ରାସାଦରେ ପରିଣତ ହୁଏ । ଜଗନ୍ନାଥଙ୍କୁ ମହାଭୈରବ ଭାବରେ କଳ୍ପନା କରାଯାଇଛି ଓ ତାଙ୍କୁ ଭୈରବ ମନ୍ତ୍ରରେ ଉପାସନା କରାଯାଉଅଛି । ଜଗନ୍ନାଥଙ୍କୁ ମାଂସ ପରିବର୍ତ୍ତେ ରୌପ୍ୟ ପାତ୍ରରେ ଅଦା ଜାଇଫଳ ପ୍ରଭୃତି ମିଶା ଖେଚୁଡ଼ି ଓ ମଦ୍ୟ ପରିବର୍ତ୍ତେ କଂସା ବାସନରେ ପଇଡ଼ ପାଣି ଭୋଗ ଦିଆଯାଏ । ତନ୍ତ୍ର ମତରେ ମଦ୍ୟ ମାଂସ ମହାପ୍ରସାଦର ଅନ୍ତର୍ଗତ । ପରବର୍ତ୍ତୀ କାଳରେ ଅଧଃପତିତ ତାନ୍ତ୍ରିକ ଶାକ୍ତଧର୍ମ ଓ ତାନ୍ତ୍ରିକ ବୌଦ୍ଧଧର୍ମର ଉପାସନା ପଦ୍ଧତିର ଏହା ହେଉଛି ପରିଣତି ।

ଓଡ଼ିଶାରେ ଶବର, ଜୈନ, ବୌଦ୍ଧ ଓ ବ୍ରାହ୍ମଣ୍ୟ ସଂସ୍କୃତିର ପ୍ରସାର ଇତିହାସ ଏବଂ ଜଗନ୍ନାଥ ଧର୍ମ ସହିତ ସେଗୁଡ଼ିକର ସମ୍ପୃକ୍ତି ବିଶ୍ଳେଷଣ କଲେ ଶ୍ରୀଜଗନ୍ନାଥ ଧର୍ମର ପ୍ରକୃତ ସ୍ୱରୂପ କ'ଣ, ତାହା ସିଦ୍ଧାନ୍ତ କରିବା ବାସ୍ତବରେ କଷ୍ଟସାଧ୍ୟ ହୋଇପଡ଼େ ।

ଉପରେ ଆଲୋଚିତ ଯେ କୌଣସି ଧର୍ମ ସହିତ ଶ୍ରୀଜଗନ୍ନାଥ ଧର୍ମର ସମ୍ପର୍କ ପ୍ରତିଷ୍ଠା କରିବା ପାଇଁ ଅଳ୍ପ ବହୁତ ବଳିଷ୍ଠ ପ୍ରମାଣ ଅଥବା ଦୃଷ୍ଟାନ୍ତ ରହିଛି ।

### ୪.୩.୧ ମୂଳପାଠର ଦ୍ୱିତୀୟାଂଶରୁ ପ୍ରଶ୍ନ

ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅନ୍ତୁ –

୧. ସାରଳା ମହାଭାରତରେ କେଉଁ କେଉଁ ପର୍ବରେ ଶ୍ରୀଜଗନ୍ନାଥଙ୍କ ବୌଦ୍ଧାବତାର (ବୁଦ୍ଧ) ରୂପରେ ବର୍ଣ୍ଣନା କରାଯାଇଛି ।

୨. ପଞ୍ଚସଖା ସାହିତ୍ୟ ସାଧକମାନଙ୍କୁ କାହିଁକି ପ୍ରଚ୍ଛନ୍ନ ବୌଦ୍ଧ ବୋଲି କୁହାଯାଏ ?

### ୪.୩.୨ ବ୍ୟାକରଣ ପ୍ରଶ୍ନ

୧. ନିମ୍ନଲିଖିତ ଶବ୍ଦଗୁଡ଼ିକର ସନ୍ଧିବିଚ୍ଛେଦ କରନ୍ତୁ-

ଜଗନ୍ନାଥ, ସହସ୍ରାଧିକ, ସର୍ବୋତ୍ତମ, ଉଲ୍ଲେଖ, ଜୀବିତାବସ୍ଥା ।

୨. ନିମ୍ନଲିଖିତ ଶବ୍ଦଗୁଡ଼ିକରେ ବ୍ୟବହୃତ ଉପସର୍ଗଗୁଡ଼ିକୁ ଚିହ୍ନାଇ ଦିଅନ୍ତୁ –

ବିବର୍ତ୍ତନ, ପ୍ରଚଳନ, ସମ୍ପାଦିତ, ଅନୁମାନ, ଅବତାର ।

୩. ନିମ୍ନୋକ୍ତ ଶବ୍ଦଗୁଡ଼ିକରେ ଥିବା ସମାସ ବିଗ୍ରହବାକ୍ୟ ସହ ଉଲ୍ଲେଖ କରନ୍ତୁ-

ଅଭେଦ, ମହାପ୍ରସାଦ, ଉପାସନାପୀଠ

୪. ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖନ୍ତୁ-

ସଫଳ, ପ୍ରାଚୀନ, ପବିତ୍ର, ଧର୍ମ ।

୫. ନିମ୍ନଲିଖିତ ଶବ୍ଦଗୁଡ଼ିକରେ ବ୍ୟବହୃତ ପ୍ରତ୍ୟୟଗୁଡ଼ିକୁ ଦର୍ଶାଇ ଦିଅନ୍ତୁ-

ସ୍ଥାନ, ପବିତ୍ରତା, ସ୍ୱାଭାବିକ, ବିଶ୍ୱାସୀ, ସେବନ, ବର୍ଣ୍ଣନ ।

## ୪.୪ ମୂଳପାଠର ତୃତୀୟଭାଗ

### ଶ୍ରୀଜଗନ୍ନାଥ ଦର୍ଶନ

ଶ୍ରୀଜଗନ୍ନାଥ ହେଉଛନ୍ତି ଏକ ବିଶିଷ୍ଟ ଦର୍ଶନର ମୂର୍ତ୍ତିମାନ ପ୍ରତୀକ । ସେ ଦର୍ଶନ ଭିତରେ ରହିଛି ବିଶ୍ୱପ୍ରେମ, ଶାନ୍ତି, ସାମ୍ୟ, ମୁକ୍ତି, ଓ ଅନନ୍ତ ବ୍ୟାପ୍ତି । ଶ୍ରୀଜଗନ୍ନାଥ ଗୋଟିଏ ଅଞ୍ଚଳର ନାଥ ନୁହଁନ୍ତି ସେ ଜଗତର ନାଥ ଅର୍ଥାତ୍ ଅସୀମ ବିଶ୍ୱ ବ୍ରହ୍ମାଣ୍ଡର ଈଶ୍ୱର । ସେ କୌଣସି ଅଞ୍ଚଳ

ବା ସୀମାର କ୍ଷୁଦ୍ର ଚେତନା ଭିତରେ କ୍ଷୁର୍ଣ୍ଣ ଖଣ୍ଡିତ ନୁହନ୍ତି । ଏକରୁ ଅନେକରେ, ବ୍ୟଷ୍ଟିରୁ ସମଷ୍ଟିରେ, ଆଞ୍ଚଳିକତାରୁ ବିଶ୍ୱଭାବରେ, ସଂକୀର୍ଣ୍ଣତାରୁ ପରିବ୍ୟାପ୍ତିରେ ତାଙ୍କୁ ଅନୁଭବ କରି ହୁଏ । ସେ ହେଉଛନ୍ତି 'ବଡ଼ ଠାକୁର' । ତାଙ୍କ ଦେଉଳ 'ବଡ଼ ଦେଉଳ' ତାଙ୍କ ଦାଣ୍ଡ 'ବଡ଼ଦାଣ୍ଡ', ପଣ୍ଡା 'ବଡ଼ପଣ୍ଡା', ଦୀପ 'ମହାଦୀପ', ଉଦଧି 'ମହୋଦଧି', ପ୍ରସାଦ 'ମହାପ୍ରସାଦ', ତାଙ୍କର ଶକ୍ତି 'ମହାଲକ୍ଷ୍ମୀ' । ବଡ଼ ଠାକୁର, ବଡ଼ ଦେଉଳ, ବଡ଼ଦାଣ୍ଡ, ବଡ଼ପଣ୍ଡା, ମହାଦୀପ, ମହୋଦଧି, ମହାପ୍ରସାଦ, ମହାଲକ୍ଷ୍ମୀ ଶବ୍ଦ ମଧ୍ୟରେ ରହିଛି ମହତ୍ତ୍ୱର ଆହ୍ୱାନ । ତେଣୁ ଜଗନ୍ନାଥ ଧର୍ମ ଦର୍ଶନ ଭିତରେ ନାହିଁ ସଂକୀର୍ଣ୍ଣତା, ନାହିଁ କ୍ଷୁଦ୍ରତା । ଶ୍ରୀକ୍ଷେତ୍ର, ସୁଭଦ୍ରା, ବଳଭଦ୍ର, ସୁଦର୍ଶନ ନାମ ଭିତରେ ରହିଛି 'ସୁ', 'ସୁନ୍ଦର', 'ଶୁଭ' ଓ 'ଶକ୍ତି'ର ସୂଚନା । 'ତ୍ରିମୂର୍ତ୍ତି' ଓ 'ଚତୁର୍ଦ୍ଧାମୂର୍ତ୍ତି', ଶ୍ରୀଜଗନ୍ନାଥଙ୍କ 'ପୁରୁଷୋତ୍ତମ' ନାମ, 'କୋଇଲି ବୈକୁଣ୍ଠ' 'ନାଳିବାନା', 'ଶରଧାବାଲି', 'ପତିତପାବନ', ପ୍ରଭୃତି ଶବ୍ଦ ମଧ୍ୟରେ ଶ୍ରୀଜଗନ୍ନାଥ ଦର୍ଶନର ମହତ୍ତ୍ୱ କିପରି ସୂଚିତ ହୋଇଥାଏ ତାହା ଏଥିରୁ ଜଣାଯାଏ । ତ୍ରିମୂର୍ତ୍ତି ପରିକଳ୍ପନା ସାର୍ବଜନୀନ ମୈତ୍ରୀ, ସାମ୍ୟ ଓ ସମନ୍ୱୟର ଦ୍ୟୋତକ ବୋଲି ମନେହୁଏ । ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଯଥାକ୍ରମେ କୃଷ୍ଣ, ଶ୍ୱେତ ଓ ପୀତ ବର୍ଣ୍ଣବିଶିଷ୍ଟ । ଏମାନେ ପୃଥିବୀର ତିନି ବର୍ଣ୍ଣର ମନୁଷ୍ୟ ଭିତରେ ସାମ୍ୟ ଓ ମୈତ୍ରୀ ପ୍ରତିଷ୍ଠା ପାଇଁ ତିନୋଟି ସାଙ୍କେତିକ ରୂପ । ଚତୁର୍ଦ୍ଧାମୂର୍ତ୍ତି ଭିତରେ ଅଧିକନ୍ତୁ ରହିଛନ୍ତି ସୁଦର୍ଶନ, ଯାହାଙ୍କର ବର୍ଣ୍ଣ ଲୋହିତ । ସେ ଲୋହିତ ବର୍ଣ୍ଣର ମନୁଷ୍ୟ ଜାତିର ସଙ୍କେତ । ପୃଥିବୀରେ ବାସ୍ତବତଃ କୃଷ୍ଣ, ଶ୍ୱେତ, ପୀତ ଓ ଲୋହିତ ଏହି ଚାରି ବର୍ଣ୍ଣର ଜାତି ହିଁ ବାସ କରନ୍ତି । ଏହି ଚାରିଜାତିର ମାନବ ସଂସ୍କୃତିର ସମନ୍ୱିତ ରୂପ ଜଗନ୍ନାଥ ସଂସ୍କୃତିରେ ହିଁ ଲକ୍ଷଣୀୟ । ଆଜିର ପୃଥିବୀରେ ଏବେ ବି ରହିଛି ବର୍ଣ୍ଣ ବୈଷମ୍ୟ-ଜନିତ ବିଷମ ବିଦ୍ୱେଷ । ବର୍ଣ୍ଣ-ବିଦ୍ୱେଷର ଭୟଙ୍କର ପରିଣତି ମାନବସମାଜକୁ ଧ୍ୱଂସ ନକରୁ, ଏହା ହେଉଛି ଶ୍ରୀଜଗନ୍ନାଥ-ଦର୍ଶନର ଏକ ଆଦର୍ଶ ଦିଗ ।

ଶ୍ରୀଜଗନ୍ନାଥଙ୍କର 'ପୁରୁଷୋତ୍ତମ' ନାମ ମଧ୍ୟରେ ରହିଛି ଏକ ମହାନ୍ ଆଦର୍ଶ । ପୁରୁଷ ଯେତେବେଳେ ପରିବାରର ସୁଖଦୁଃଖକୁ ନିଜର ସୁଖଦୁଃଖ ଭାବି ନିଜକୁ ସଂକୀର୍ଣ୍ଣ ବ୍ୟକ୍ତି-ବନ୍ଧନରୁ ମୁକୁଳାଇ ସମସ୍ତ ପରିବାର ଚେତନାରେ ଏକାକାର ବା ତନ୍ମୟ କରିଦିଏ, ସେତେବେଳେ 'ପୁରୁଷ ଚେତନା' ହୋଇଯାଏ 'ପୁରୁଷୋତ୍ତରଚେତନା' । ଯେତେବେଳେ 'ପୁରୁଷୋତ୍ତରଚେତନା' କ୍ରମଶଃ ଅଞ୍ଚଳ ପ୍ରଦେଶ, ଦେଶ ଓ ବିଶ୍ୱର କଲ୍ୟାଣ ଲାଗି ନିଜକୁ ଉତ୍ସର୍ଗ କରିଦିଏ, ସେତେବେଳେ ସେ 'ପୁରୁଷୋତ୍ତମଚେତନା'ରେ ପରିଣତ ହୁଏ । ସଂକୀର୍ଣ୍ଣ ସ୍ୱାର୍ଥକୁ ଭୁଲି ସମଗ୍ର ବିଶ୍ୱପାଇଁ ଜୀବନ ଢାଳି ଦେବାର ଆର୍ଦଶ ଶିଖାଇଥାଏ 'ଶ୍ରୀଜଗନ୍ନାଥ ଦର୍ଶନ' ।

ଶ୍ରୀଜଗନ୍ନାଥ ଦର୍ଶନର ଅନ୍ୟ ଏକ ମୁଖ୍ୟ ଦିଗ ହେଲା ସେବା । ସମାଜର ମୁଖ୍ୟ ଲୋକେ ମାନବ ସମାଜର ସେବା କରି ଜଗନ୍ନାଥ ମହତ୍ତ୍ୱ ପ୍ରତିପାଦନ କରିବା ଲାଗି ଓଡ଼ିଆ ଜାତି ଆହ୍ୱାନ ଦେଇଛି ଏବଂ ଏହି କାରଣରୁ ଓଡ଼ିଆ ଜାତିର ମଉଡ଼ମଣି ଗଜପତି ସ୍ୱୟଂ ଜଗତ୍‌ପୁରୁଷର ଶ୍ରେଷ୍ଠ ପ୍ରତୀକ ଶ୍ରୀଜଗନ୍ନାଥଙ୍କର ସେବକ ଭାବରେ ହାଡ଼ିର କାର୍ଯ୍ୟ ଛେରାପହଁରା କରିବାକୁ କୁଣ୍ଠାବୋଧ ନକରି ପରମ ଗୌରବ ବୋଲି ମନେ କରିଥାଆନ୍ତି ।

ଶ୍ରୀଜଗନ୍ନାଥ-ଦର୍ଶନରେ ବ୍ରାହ୍ମଣ ଚଣ୍ଡାଳର ଭେଦ ନାହିଁ । ବୈଦିକ ସଂସ୍କୃତିର ମେରୁଦଣ୍ଡ ଜାତିଭେଦ ଶ୍ରୀଜଗନ୍ନାଥ ସଂସ୍କୃତିରେ ନିଜର ଦୃପ୍ତଗୌରବକୁ ବଳି ଦେଇ ସତ୍‌ଧର୍ମ ଓ ସଦାଚାରର ସମାଧାନ ଶିଖିଛି । ପୃଥିବୀରେ ଏପରି ଧର୍ମପୀଠ ନାହିଁ, ଏପରି ଧର୍ମ ଦର୍ଶନ ନାହିଁ, ଯାହା ବିଶ୍ୱ ଚେତନାକୁ ଏତେ ଉଚ୍ଚସ୍ଥାନ ଦେଇ ମୁଣ୍ଡାଇ ଧରିଛି । ସାମ୍ୟ ଓ ଐକ୍ୟ ହେଉଛି ଜଗନ୍ନାଥ - ଦର୍ଶନର ପୂର୍ଣ୍ଣାଙ୍ଗ ରୂପ ।

ନୀଳଚକ୍ର ଗତିର ସୂଚନା ଦିଏ । ଚକ୍ରପୁଣି ପରିପୂର୍ଣ୍ଣତା (Perfection) ଅଖଣ୍ଡତାର, ଅନ୍ୟାୟ ଛେଦନର ପ୍ରତୀକ । ଚକ୍ର ପୁଣି ସବୁ ଦିଗରୁ ସମାନ । ତେଣୁ ନୀଳଚକ୍ର ପ୍ରଗତି ପାଇଁ, ପରିପୂର୍ଣ୍ଣତା ବା ଅସୀମତା ଆଡ଼କୁ ଆଗେଇ ଯିବା ପାଇଁ ସମାଜରେ ସମାନ ଗୁରୁତ୍ୱ, ସମାନ ମହତ୍ତ୍ୱ, ସମାନ ମର୍ଯ୍ୟାଦା, ସମାନ ସୁଯୋଗ, ସମାନ ଅଧିକାରର ପ୍ରତିଷ୍ଠା ପାଇଁ ବିଶ୍ୱକୁ ଉଦ୍‌ବୋଧନ ଦିଏ ।

ମହାପ୍ରସାଦର ଅର୍ଥ ମହାଆନନ୍ଦ, ମହାପ୍ରେମ, ମହାପ୍ରସନ୍ନତା, ମହାନିର୍ମଳତା, ମହାପବିତ୍ରତା ଓ ମହାପାବକତା । ମହାପ୍ରସାଦ ପୁଣି କୈବଲ୍ୟ ଭାବରେ ଅଭିହିତ । କୈବଲ୍ୟର ଅର୍ଥ ହେଉଛି 'କେବଳ'ର ଭାବ ଅର୍ଥାତ୍ 'ଏକମାତ୍ର ପରମତତ୍ତ୍ୱ' (ମୁକ୍ତ) । ମହାପ୍ରସାଦ ସେବନରେ ଉଚ୍ଚ ନିଚ ଭେଦ ବା ଜାତିଭେଦ ନାହିଁ । ତେଣୁ ମହାପ୍ରାଣତାର ଓ ମହାମାନବିକତାର ମହାନ ପରିପ୍ରକାଶ ଘଟିଛି ମହାପ୍ରସାଦ ଭିତରେ । ମହାପ୍ରସାଦ ପ୍ରାପ୍ତିର ବଜାର 'ଆନନ୍ଦ ବଜାର' ନାମରେ ଅଭିହିତ । ସେଇଠି ମିଳେ କେବଳ ଆନନ୍ଦ, ମହାନନ୍ଦ ।

ଶ୍ରୀକ୍ଷେତ୍ର 'ଶ୍ରୀ' ହେଉଛି ସୌନ୍ଦର୍ଯ୍ୟ, ସୁଲକ୍ଷଣ, ଶୌର୍ଯ୍ୟ, ସମୃଦ୍ଧି, ପ୍ରଥମତ୍ୱ ଅର୍ଥାତ୍ ଶ୍ରେଷ୍ଠତ୍ୱର ପ୍ରତୀକ । ତେଣୁ ଶ୍ରୀଜଗନ୍ନାଥ ଦର୍ଶନ ମାନବଜାତିକୁ ସର୍ବୋତ୍କୃଷ୍ଟ ଗୁଣ ନେଇ ସର୍ବୋତ୍ତମ ବା ପୁରୁଷୋତ୍ତମ ହେବା ପାଇଁ ପ୍ରେରଣା ଦେଇଥାଏ । 'ଶରଧା ବାଲି' ଶ୍ରୀଜଗନ୍ନାଥ ଦର୍ଶନର ଶ୍ରଦ୍ଧା, ସୌହାର୍ଦ୍ଦ୍ୟ, ଆବେଗ ଓ ଆଗ୍ରହର ପରିଚୟ ଦିଏ । ମଣିଷକୁ ମଣିଷ ପ୍ରେମରେ ଆଲିଙ୍ଗନ କରିବା ପାଇଁ ନିଜ ଭିତରେ ସମଗ୍ର ବିଶ୍ୱସତ୍ତାକୁ ମିଶାଇ ଦେବା ପାଇଁ ଏହା ଭିତରେ ରହିଛି ଶାଶ୍ୱତ ସନ୍ଦେଶ ।

ସର୍ବନିମ୍ନ ସ୍ତରରେ ଅବହେଳିତ ଲାଞ୍ଛିତ ଓ ଅବନତ ଅବସ୍ଥାରେ ଥିବା ମଣିଷଟିକୁ ଉଚ୍ଚ ସ୍ତରକୁ ଟାଣିନେବା ଓ ତାହାକୁ ଦୁଃଖ ଅଭାବ ଅନଟନ ଓ ଅପବିତ୍ର ଅବସ୍ଥାରୁ ଉଦ୍ଧାର କରିବା ହେଉଛି ଜଗନ୍ନାଥ ଦର୍ଶନର ଏକ ବିଶିଷ୍ଟ ଦିଗ । ତେଣୁ ଜଗନ୍ନାଥଙ୍କ ନାମ ପତିତପାବନ ଓ ତାଙ୍କ ପତାକାର ନାମ ପତିତପାବନ ବାନା । ଜଗନ୍ନାଥ ପୀଠ ହେଉଛି 'କୋଇଲି ବୈକୁଣ୍ଠ' ବା 'ମନ୍ଦିରର ବୈକୁଣ୍ଠ' । 'ବୈକୁଣ୍ଠ' ହେଉଛି ବିକୁଣ୍ଠାର ସ୍ଥାନ । ଜଗନ୍ନାଥ ପୀଠ ବିକୁଣ୍ଠା ଭାବର ପୀଠ । ଏ ବିକୁଣ୍ଠା ସ୍ନେହ-ମମତା ଅର୍ପଣ ପାଇଁ, ମହାମାନବିକତା ପ୍ରଦର୍ଶନ ପାଇଁ ଓ ତ୍ୟାଗ ପାଇଁ । ଜଗନ୍ନାଥ ଦର୍ଶନ ଏସବୁର ମାର୍ମିକ ପ୍ରତୀକ ।

ଶ୍ରୀଜଗନ୍ନାଥ ଧର୍ମ ଓ ଦର୍ଶନ ବିଶ୍ୱକୁ କି ଶିକ୍ଷା ଦିଏ ? ଏହା ଶିଖାଏ ଯେ ବ୍ୟଷ୍ଟିରେ ନୁହେଁ 'ସମଷ୍ଟି'ରେ ହିଁ ଜୀବନର ପୂର୍ଣ୍ଣତା ମିଳେ । ବିଚ୍ଛିନ୍ନତାରେ ନୁହେଁ 'ସମନ୍ୱୟ'ରେ ହିଁ ସ୍ଥିତି ସୁଦୃଢ଼

ହୁଏ । ସ୍ଥିର ସ୍ଥିତିରେ ନୁହେଁ 'ଚତି'ରେ ହିଁ ଜୀବନର ଅସ୍ତିତ୍ୱ ପ୍ରମାଣିତ ହୁଏ । ଗତି ଆଣିଦିଏ ଜୀବନରେ 'ପ୍ରଗତି' । ସଂକୀର୍ଣ୍ଣତାରୁ ମୁକ୍ତ ଏକ ମନ୍ତ୍ର-ପ୍ରଶସ୍ତ ସର୍ବବ୍ୟାପୀ ସର୍ବଜନ-ସର୍ବମନ-ସ୍ପର୍ଶୀ ଏକକ ଓ ଅନନ୍ୟ ବିଶ୍ୱସତ୍ତାରେ ହିଁ ଶାନ୍ତି ମିଳେ, ଆତ୍ମସନ୍ତୋଷ ମିଳେ, ଅମୃତ ମିଳେ, ମୁକ୍ତି ମିଳେ ।

ଆଜିର ମାନବ ସମାଜ ଅଭିନ୍ନ ନହୋଇ ଭିନ୍ନ । ଶ୍ରୀଜଗନ୍ନାଥ ଧର୍ମ ଓ ଦର୍ଶନରେ ଉଦ୍‌ବୁଦ୍ଧ ହେଲେ ମାନବ ସମାଜରୁ ଏହି ବିଭିନ୍ନତା ଦୂର ହୋଇପାରିବ । ବିଶ୍ୱମାନବ ସମାଜକୁ ନିଜର କରି ସମସ୍ତଙ୍କର ସୁଖ, ଶୁଭ, ସୌଭାଗ୍ୟ କାମନା କରି ବିଶ୍ୱପ୍ରେମରେ ଉଦ୍‌ବୁଦ୍ଧ ହେବା ପାଇଁ ମାନବ ଆଗରେ ଶ୍ରୀଜଗନ୍ନାଥ ଧର୍ମ ଓ ଦର୍ଶନ ହେଉଛି ମହାନ୍ ଆଦର୍ଶ ।

### ୪.୪.୧ ମୂଳପାଠର ତୃତୀୟାଂଶରୁ ପ୍ରଶ୍ନ

୧. ଶ୍ରୀଜଗନ୍ନାଥ ଦର୍ଶନର ମହତ୍ତ୍ୱ କଅଣ ?

୨. ତ୍ରିମୂର୍ତ୍ତି (ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା) ଓ ଚତୁର୍ଦ୍ଧାମୂର୍ତ୍ତି (ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ) ପରିକଳ୍ପନାମୂଳରେ କି ଦର୍ଶନ ଥିବାର ଅନୁମାନ କରାଯାଏ ।

୩. ପୁରୁଷୋତ୍ତମ ଚେତନା କହିଲେ କଅଣ ବୁଝାଏ ?

୪. ପୁରୀ ଗଜପତିଙ୍କ ଛେରାପହଁରା କାର୍ଯ୍ୟ ପଛରେ କି ଦର୍ଶନ ନିହିତ ରହିଛି ?

୫. ନିମ୍ନଲିଖିତ ଶବ୍ଦଗୁଡ଼ିକର ଦାର୍ଶନିକ ବିଶ୍ଳେଷଣ କରନ୍ତୁ-

ନୀଳଚକ୍ର, ମହାପ୍ରସାଦ, ଶରଧା ବାଲି, ଶ୍ରୀ, ପତିତପାବନ, କୋଇଲି ବୈକୁଣ୍ଠ ।

### ୪.୪.୨ ବ୍ୟାକରଣ ପ୍ରଶ୍ନ

୧. ସନ୍ଧିବିଚ୍ଛେଦ କରନ୍ତୁ-

ସଂସ୍କୃତି, ପୁରୁଷୋତ୍ତମ, ମହତ୍ତ୍ୱ, ସଦାଚାର, ତତ୍ତ୍ୱ, ସର୍ବୋତ୍କୃଷ୍ଟ ।

୨. ବିଗ୍ରହବାକ୍ୟ ଉଲ୍ଲେଖ-ପୂର୍ବକ ସମାସ ନିର୍ଣ୍ଣୟ କରନ୍ତୁ-

ବିଶ୍ୱପ୍ରେମ, ଅସୀମ, ଅନେକ, ବଡ଼ପଣ୍ଡା, କୁଣ୍ଠାବୋଧ, ସୁଯୋଗ, ମହାପ୍ରସନ୍ନତା ।

୩. ନିମ୍ନୋକ୍ତ ପଦରେ ଥିବା ମୂଳ ଶବ୍ଦ, ପୂର୍ବସର୍ଗ (ଉପସର୍ଗ) ବା ପର ପ୍ରତ୍ୟୟ ଚିହ୍ନାଇ ଦିଅନ୍ତୁ-

ବିଶିଷ୍ଟ, ଖଣ୍ଡିତ, ସଂକୀର୍ଣ୍ଣ, କ୍ଷୁଦ୍ରତା, ମୈତ୍ରୀ, ସାମ୍ୟ, ସୁଭଦ୍ରା, କ୍ରମଶଃ, ମୁଖ୍ୟ, କୁଣ୍ଠା, ପରିପୂର୍ଣ୍ଣ, ଅଧିକାର ।

୪. ନିମ୍ନୋକ୍ତ ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖନ୍ତୁ-

ଅନନ୍ତ, ବ୍ୟଷ୍ଟି, କ୍ଷୁଦ୍ର, ମୈତ୍ରୀ, ବୈଷମ୍ୟ, ଆଦର୍ଶ ।

୫. ଭ୍ରମ ଥିଲେ ସଂଶୋଧନ କରନ୍ତୁ-

କ୍ଷୁର୍ଣ୍ଣ, ଦ୍ୱୋତକ, ବୈସମ୍ୟ, ଗୁରୁତ୍ୱ, ନୀଚ୍ଚ ।

## ୪.୪.୩ ସମ୍ପୂର୍ଣ୍ଣ ପାଠର ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀ

୧. ନିମ୍ନଲିଖିତ ବିଷୟରେ ସଂକ୍ଷିପ୍ତ ଟିପ୍ପଣୀ ଲେଖନ୍ତୁ -

ସାଂସ୍କୃତିକ ଦେବତା, ପୁରୁଷୋତ୍ତମ, ମହାପ୍ରସାଦ ।

୨. ସନ୍ଧିବିଚ୍ଛେଦ କରନ୍ତୁ-

ତନ୍ମୟ, ସ୍ୱାର୍ଥ, ନିର୍ମଳ, ଉଦ୍ଧାର, ଅନ୍ତର୍ଭୁକ୍ତ ।

୩. ନିମ୍ନଲିଖିତ ଶବ୍ଦଗୁଡ଼ିକରେ ଥିବା ପୂର୍ବସର୍ଗ ଓ ପରସର୍ଗ ଚିହ୍ନାଇ ଦିଅନ୍ତୁ-

ପବିତ୍ରତା, ସାମଜିକ, ବିଧାନ, ଅଭିଷେକ, ଉପନିଷଦ୍, ବିକୁଣ୍ଠା ।

୪. ଏକପଦରେ ପ୍ରକାଶ କରନ୍ତୁ-

ଭ୍ରାତୃ ଓ ଭଗିନୀ, ଅଚିନ୍ତ୍ୟ ଅଟେ ଶକ୍ତି ଯାହାଙ୍କର, କ୍ରମକୁ ଅତିକ୍ରମ ନକରି, ବର୍ଣ୍ଣକୁ କେନ୍ଦ୍ର କରି ବିଦ୍ୱେଷ ।

୫. ବିଶେଷ୍ୟକୁ ବିଶେଷରେ ଓ ବିଶେଷଣକୁ ବିଶେଷ୍ୟରେ ପ୍ରକାଶ କରନ୍ତୁ-

ଉତ୍ପତ୍ତି, ସମନ୍ୱିତ, ସୃଷ୍ଟି, ବିଧାନ, ବିସ୍ତାର ।

୬. ନିମ୍ନଲିଖିତ ଶବ୍ଦଗୁଡ଼ଇକର ବିପରୀତାର୍ଥବୋଧକ ଶବ୍ଦ ଲେଖନ୍ତୁ-

ଦୂର, ସନ୍ତୋଷ, ଅନନ୍ୟ, ସ୍ଥିର, ବ୍ୟଷ୍ଟି, କୁଣ୍ଠା ।

୭. ତଳେ ଗୋଟିଏ ବାକ୍ୟରେ ପଦଗୁଡ଼ିକୁ ଅସଜଡ଼ା କରି ଲେଖାଯାଇଛି, ସେଗୁଡ଼ିକୁ ସଜାଡ଼ି ବାକ୍ୟଟି ଲେଖନ୍ତୁ-

ପ୍ରମାଣିତ ସହିତ ନବୀକରଣ ସହିତ ଚକ୍ଷୁର ପ୍ରତିମା କରି ବିଶେଷ ଜିନ ଶ୍ରୀଜଗନ୍ନାଥଙ୍କ ଋଷଭଙ୍କର ଶ୍ରୀଜଗନ୍ନାଥଧର୍ମର କରିଥାଏ ସମ୍ପର୍କ ନବୀକରଣ ଚକାଡ଼ୋଳାର ସାମ୍ୟ ଜୈନଧର୍ମ ।

୮. ନିମ୍ନଲିଖିତ ସରଳ ବାକ୍ୟକୁ ଯୌଗିକ ବାକ୍ୟରେ ଓ ଯୌଗିକ ବାକ୍ୟକୁ ଜଟିଳ ବାକ୍ୟରେ ପରିଣତ କରନ୍ତୁ-

(କ) ବ୍ରହ୍ମଦତ୍ତ ଏକ ଚୈତ୍ୟ ନିର୍ମାଣ କରି ଦନ୍ତ ପୂଜା ପ୍ରଚଳନ କରାଇଥିଲେ ।

(ଖ) ପରବର୍ତ୍ତୀ କାଳରେ ମୂର୍ତ୍ତି ପୂଜାର ପ୍ରଚଳନ ହେଲା ଓ ଏକ ମୂର୍ତ୍ତି ବଦଳରେ

ବୌଦ୍ଧ ଧର୍ମର ବୁଦ୍ଧ, ଧର୍ମ, ସଂଘ ତ୍ରିରତ୍ନକୁ ସ୍ୱତନ୍ତ୍ର ଭାବରେ ରଖି ତ୍ରିମୂର୍ତ୍ତିର କଳ୍ପନା କରାଗଲା ।

## ୪.୫ ସାରାଂଶ

ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଶାର ଧର୍ମ, ସଂସ୍କୃତି ଓ ଦର୍ଶନର ପ୍ରାଣକେନ୍ଦ୍ର । ଏହି ଧର୍ମରେ ବିଭିନ୍ନ ଧର୍ମର ଦର୍ଶନ ଓ ସାରବର୍ତ୍ତା ସମନ୍ୱିତ ହୋଇଅଛି । ଅଷ୍ଟ୍ରିକ୍ ସଂସ୍କୃତି, ବୌଦ୍ଧ, ଜୈନ ଓ ବ୍ରାହ୍ମଣ୍ୟ ପ୍ରଭୃତି ଧର୍ମ ଓ ଦର୍ଶନ ସହିତ ଶ୍ରୀଜଗନ୍ନାଥ ଧର୍ମ ତଥା ଦର୍ଶନର ଘନିଷ୍ଠ ସମ୍ପର୍କ ରହିଛି । ଫଳରେ ଶ୍ରୀଜଗନ୍ନାଥ ବିଭିନ୍ନ ଧର୍ମର ଦେବତା ଭାବରେ ଗୃହୀତ ଓ ଉପାସିତ ହୋଇ ଆସୁଛନ୍ତି । ଓଡ଼ିଶାର ସଂସ୍କୃତି ଓ ସାହିତ୍ୟରେ ଶ୍ରୀଜଗନ୍ନାଥ ଧର୍ମ ଓ ଦର୍ଶନର ଉଲ୍ଲେଖଯୋଗ୍ୟ ପ୍ରଭାବ ପରିଲକ୍ଷିତ ହୋଇଥାଏ ।

ଶ୍ରୀଜଗନ୍ନାଥ-ଦର୍ଶନ ମଧ୍ୟରେ ରହିଛି ବିଶ୍ୱପ୍ରେମ, ଶାନ୍ତି, ସାମ୍ୟ, ମୁକ୍ତି ଓ ଅନନ୍ତ ବ୍ୟାପ୍ତିର ଉଦ୍‌ବୋଧନ । 'କ୍ଷୁଦ୍ର' ଉପରେ ନୁହେଁ 'ବଡ଼' ଉପରେ ଶ୍ରୀଜଗନ୍ନାଥ ଦର୍ଶନ ଆଧାରିତ । ତେଣୁ ଶ୍ରୀଜଗନ୍ନାଥ ହେଉଛନ୍ତି ବଡ଼ଠାକୁର, ତାଙ୍କ ଦେଉଳ ବଡ଼ଦେଉଳ, ଦାଣ୍ଡ ବଡ଼ଦାଣ୍ଡ, ପଣ୍ଡା ବଡ଼ପଣ୍ଡା, ଦୀପ ମହାଦୀପ, ଉଦଧି ମହୋଦଧି, ପ୍ରସାଦ ମହାପ୍ରସାଦ, ଲକ୍ଷ୍ମୀ ମହାଲକ୍ଷ୍ମୀ । ତ୍ରିମୂର୍ତ୍ତି ଓ ଚତୁର୍ଦ୍ଧାମୂର୍ତ୍ତି ପରିକଳ୍ପନା, ଶ୍ରୀଜଗନ୍ନାଥଙ୍କ ପୁରୁଷୋତ୍ତମ ନାମ, ନୀଳଚକ୍ର, ପତିତପାବନ ନାମ, କୋଇଲି ବୈକୁଣ୍ଠ, ଶରଧାବାଲି ପ୍ରଭୃତି ଭିତରେ ରହିଛି ଶ୍ରୀଜଗନ୍ନାଥ-ଦର୍ଶନର ତତ୍ତ୍ୱ ।

ଆଜିର ମାନବ ସମାଜ ଭିନ୍ନ ନହୋଇ ଅଭିନ୍ନ ହେବାପାଇଁ, ସମଷ୍ଟିର କଲ୍ୟାଣ ଲାଗି ବ୍ୟଷ୍ଟି ଆତ୍ମୋତ୍ସର୍ଗ କରିବା ପାଇଁ, 'ସ୍ୱ' ପ୍ରତି ନୁହେଁ ବିଶ୍ୱପ୍ରତି ଅଭିମୁଖୀ ହେବାପାଇଁ ଶ୍ରୀଜଗନ୍ନାଥଧର୍ମ ଓ ଦର୍ଶନ ମାନବ ସମାଜକୁ ଆହ୍ୱାନ ଦେଉଅଛି ।

## ୪.୬ ଶବ୍ଦାର୍ଥ

୧. ନିମ୍ନଲିଖିତ ଶବ୍ଦାର୍ଥ ପ୍ରତି ଦୃଷ୍ଟି ଦିଅନ୍ତୁ । ଏହା ମୂଳପାଠକୁ ବୁଝିବାରେ ସହାୟକ ହେବ ।

ନିୟନ୍ତ୍ରିତ - ଆୟତ୍ତ । ଭିତ୍ତି - ମୂଳଦୂଆ । ଚିରନ୍ତନ - ଚିରସ୍ଥାୟୀ । ଅବତାରୀ - ଯାହାଙ୍କ ଠାରୁ ଅବତାରର ସୃଷ୍ଟି । ନିର୍ଯ୍ୟାତିତ - ଅତ୍ୟାଚାରିତ । ଅନ୍ୱିତ - ଯୁକ୍ତି, ମିଶ୍ରିତ । ବିଶ୍ୱତୋମୁଖୀ-ବିଶ୍ୱଆଡ଼କୁ ଅଭିମୁଖୀ । ଅଙ୍ଗାଙ୍ଗୀଭାବେ-ନିବିଡ଼ ଭାବରେ । ବିଦ୍ୱାନ-ପଣ୍ଡିତ, ଗବେଷକ । ପ୍ରଚ୍ଛନ୍ନ-ଗୁପ୍ତ, ଲୁକ୍‌କାୟିତ । ସମନ୍ୱୟ-ମିଶ୍ରଣ । ପ୍ରତିପାଦିତ-ପ୍ରମାଣିତ । ସର୍ବଗମ-ସବୁ ସ୍ଥାନକୁ ଯେ ଯାଇପାରନ୍ତି । ଅଚିନ୍ତ୍ୟ-ଯାହାଙ୍କୁ ସହଜରେ ଚିନ୍ତା କରିହେବ ନାହିଁ । ପ୍ରେରଣା-ଉତ୍ସାହ । ତତ୍ତ୍ୱ-ମୂଳ ତଥ୍ୟ, ଗଭୀର ତଥ୍ୟ । ସମ୍ପୃକ୍ତି-ସମ୍ପର୍କ । ସିଦ୍ଧାନ୍ତ-ନିର୍ଣ୍ଣୟ, ସ୍ଥିରୀକରଣ । ମୂର୍ତ୍ତିମନ୍ତ-ମୂର୍ତ୍ତିଧାରୀ । ବ୍ୟଷ୍ଟି-ବ୍ୟକ୍ତି, ସ୍ୱତନ୍ତ୍ରସତ୍ତା । ସମଷ୍ଟି-ସମୂହସତ୍ତା, ସମାଜ । ପରିବ୍ୟାପ୍ତି-ଅତ୍ୟଧିକ ବିସ୍ତୃତି । ସୁ-

ଉତ୍ତମ । ବର୍ଣ୍ଣବୈଷମ୍ୟ-ଜନିତ-କଳାଗୋରା ଇତ୍ୟାଦି ବର୍ଣ୍ଣ, ଅସମାନତା, ଦୃଷ୍ଟିରୁ ମଣିଷ ସମାଜ ଭିତରେ ସୃଷ୍ଟ ହୋଇଥିବା । ବିଷମ-ଭୟଙ୍କର । ବିଦ୍ୱେଷ-ହିଂସା । ପରିଣତି-ଫଳ । ତନ୍ମୟ-ନିମଜ୍ଜିତ । ଉତ୍ସର୍ଗ-ତ୍ୟାଗ, ସମର୍ପଣ । ଦୃପ୍ତ-ଅହଂକାର ପୂର୍ଣ୍ଣ । ମହାପ୍ରାଣତା-ଉଦାରତା । ମହାମାନବିକତା-ମାନବସମାଜ ପ୍ରତି ଉଚ୍ଚତର କର୍ତ୍ତବ୍ୟବୋଧ । ଶୌର୍ଯ୍ୟ-ବୀରତ୍ୱ । ସର୍ବୋତ୍କୃଷ୍ଟ-ସମସ୍ତଙ୍କଠାରୁ ଭଲ, ଶ୍ରେଷ୍ଠ । ସୌହାର୍ଦ୍ଦ୍ୟ-ବନ୍ଧୁତା । ଆବେଗ-ଭାବପ୍ରବଣତା । ଉପାସିତ-ପୂଜିତ ।

୨. ପାଠରେ ଥିବା କେତେକ ଶବ୍ଦ ସମ୍ପର୍କରେ ନିମ୍ନୋକ୍ତ ସଂକ୍ଷିପ୍ତ ଟିପ୍ପଣୀଗୁଡ଼ିକୁ ଲକ୍ଷ୍ୟ କରନ୍ତୁ । ପାଠ-ଅନ୍ତର୍ଗତ ଭାବଧାରା ଅବବୋଧରେ ଏଗୁଡ଼ିକ ସାହାଯ୍ୟ କରିବ । ଯଥା:

**ଉପନିଷଦ୍ -** ଉପନିଷଦ୍ ବୈଦିକ ସାହିତ୍ୟର ଏକ ଅପରିହାର୍ଯ୍ୟ ଅଙ୍ଗ । ବେଦର ଗୂଢ଼ ତଥ୍ୟଗୁଡ଼ିକୁ ବିଭିନ୍ନ ଉପାଖ୍ୟାନ ମାଧ୍ୟମରେ ବୁଝାଇ ଦେବା ପାଇଁ ଉପନିଷଦ୍‌ଗୁଡ଼ିକରେ ଚେଷ୍ଟା କରାଯାଇଛି । ପୃଥିବୀର ସୃଷ୍ଟି ଉତ୍ସ, ପ୍ରକ୍ରିୟା, ବ୍ରହ୍ମ, ବିଦ୍ୟା-ଅବିଦ୍ୟା, ଜାଗରଣ-ସୁଷୁପ୍ତି, ବ୍ରହ୍ମଚର୍ଯ୍ୟ, ଗୁରୁ-ଶିଷ୍ୟ-ସମ୍ପର୍କ ଓ କର୍ତ୍ତବ୍ୟ, ଆତ୍ମ-ପରମାତ୍ମା, ଜ୍ଞାନ-ବିଜ୍ଞାନ ପ୍ରଭୃତି ସମ୍ପର୍କରେ ସାଧୁ, ସନ୍ଥ ଓ ମହର୍ଷିମାନେ ବିଭିନ୍ନ ଉପଖ୍ୟାନ ଓ ଦୃଷ୍ଟାନ୍ତ ଜରିଆରେ ଗଭୀର ତତ୍ତ୍ୱ ଓ ସତ୍ୟର ବିଶ୍ଳେଷଣ କରିଯାଇଛନ୍ତି । ଖ୍ରୀଷ୍ଟପୂର୍ବ ଅନ୍ୟୁନ ୫୦୦ ବର୍ଷ ପୂର୍ବରୁ ଉପନିଷଦ୍ ସୃଷ୍ଟି ହୋଇଥିବା ଅନୁମେୟ । କେତୋଟି ପ୍ରସିଦ୍ଧ ଉପନିଷଦର ନାମ ହେଉଛି - ଈଶୋପନିଷଦ, କେନୋପନିଷଦ, କଠୋପନିଷଦ, ପ୍ରଶୋପନିଷଦ, ମଣ୍ଡକୋପନିଷଦ, ମାଣ୍ଡକ୍ୟୋପନିଷଦ, ତୈତ୍ତିରୀୟ ଉପନିଷଦ, ଶ୍ୱେତାଶ୍ୱତର ଉପନିଷଦ ଓ କୈବଲ୍ୟ ଉପନିଷଦ୍ ଇତ୍ୟାଦି । ଶ୍ୱେତାଶ୍ୱତରୋପନିଷଦରେ ଯେଉଁ ଅପାଣିପାଦ (ହସ୍ତପଦ-ବିହୀନ) ପୁରୁଷଙ୍କର ବର୍ଣ୍ଣନା ରହିଛି, ତାହାଙ୍କର କ୍ରମ-ପରିଣତି ହେଉଛନ୍ତି ଶ୍ରୀଜଗନ୍ନାଥ-ଏପରି ବିଶ୍ୱାସ ଅନେକଙ୍କର ରହିଛି । କୈବଲ୍ୟ ଉପନିଷଦରେ ମହାପ୍ରସାଦର ମାହାତ୍ମ୍ୟ ବର୍ଣ୍ଣିତ ହୋଇଅଛି ।

**ବ୍ରହ୍ମ -** 'ବ୍ରହ୍ମ' ହେଉଛନ୍ତି ନିରାକାର ଈଶ୍ୱର । ତାଙ୍କଠାରୁ ବିଶ୍ୱବ୍ରହ୍ମାଣ୍ଡ, ସକଳ ପ୍ରାଣୀ ଜଗତ୍ ଓ ଜ୍ଞାନର ସୃଷ୍ଟି । ସେ ହେଉଛନ୍ତି ସଚ୍ଚିଦାନନ୍ଦ (ସତ୍-ଚିତ୍-ଆନନ୍ଦ) ସ୍ୱରୂପ । ଶ୍ରୀଜଗନ୍ନାଥ ଏହି ବ୍ରହ୍ମଙ୍କର ରୂପ ବୋଲି ତାଙ୍କର ଭକ୍ତମାନେ ବିଶ୍ୱାସ କରନ୍ତି ।

**କିତୁଙ୍ଗ -** 'କତୁଙ୍ଗ' ହେଉଛନ୍ତି ଶବର ଗୋଷ୍ଠୀର ଆଦିଦେବତା । ତାଙ୍କର ଦଶ ରୂପ ବା ଦଶ ଅବତାର ରହିଛି । ବିଷ୍ଣୁ ଆର୍ଯ୍ୟାମାନଙ୍କର ମୁଖ୍ୟ ଦେବତା । ତାଙ୍କର ମଧ୍ୟ ଦଶ ଅବତାର ରହିଛି । ତେଣୁ ଆର୍ଯ୍ୟେତର ଶବରମାନଙ୍କର 'କିତୁଙ୍ଗ' ଆର୍ଯ୍ୟମାନଙ୍କର 'ବିଷ୍ଣୁ'ଙ୍କ ସହିତ ତୁଳନୀୟ । ଜଗନ୍ନାଥ ଓ ବିଷ୍ଣୁଙ୍କ ମଧ୍ୟରେ ଅଭେଦ ପରିକଳ୍ପିତ ହୋଇଥିବାରୁ 'କିତୁଙ୍ଗ' ଶ୍ରୀଜଗନ୍ନାଥଙ୍କ ସହିତ ତୁଳନୀୟ । କେତେକ ଗବେଷକ ଶ୍ରୀଜଗନ୍ନାଥଙ୍କୁ 'କିତୁଙ୍ଗ'ଙ୍କର କ୍ରମ ପରିଣତି ବୋଲି ବିଶ୍ୱାସ କରନ୍ତି ।

**ନିର୍ବାଣ –** ବୌଦ୍ଧଧର୍ମର ସାଧନାର ସର୍ବଶେଷ ଅବସ୍ଥା । ହିନ୍ଦୁମାନଙ୍କର ମୁକ୍ତି ସହିତ ଏହା ତୁଳନୀୟ ।

**ମାଧବ –** 'ମାଧବ' ହେଉଛନ୍ତି 'କୃଷ୍ଣ-ବାସୁଦେବ'ଙ୍କର କ୍ରମ ପରିଣତି । ଆଦିତ୍ୟସେନଙ୍କର ଏକ ଶିଳାଲେଖରୁ ଜଣାଯାଏ ଯେ ରାଜା ମାଧବଗୁପ୍ତ (୭ମ ଶତାବ୍ଦୀର ପ୍ରଥମ ଭାଗ) ଜଣେ ମାଧବ-ଉପାସକ ଥିଲେ । ପ୍ରାଚୀ ଉପତ୍ୟକାରେ ବହୁ ମାଧବ ମୂର୍ତ୍ତି ଆବିଷ୍କୃତ ହୋଇଅଛି ଓ ଏଗୁଡ଼ିକରୁ ଅନେକର ଉପାସନା ସପ୍ତମ ଶତାବ୍ଦୀରୁ ଆରମ୍ଭ ହୋଇଥିବା ଅନୁମେୟ ।

**ନୀଳମାଧବ –** ଶ୍ରୀଜଗନ୍ନାଥଙ୍କର ପୂର୍ବ ରୂପ ଭାବରେ 'ନୀଳମାଧବ'ଙ୍କୁ ଗ୍ରହଣ କରାଯାଇଥାଏ । ଏ ସମ୍ପର୍କରେ ଏକ କିମ୍ବଦନ୍ତୀ ରହିଛି । ବିଶ୍ୱାବସୁ ନାମକ ଜଣେ ଶବର ନୀଳଗିରି (ବର୍ତ୍ତମାନର ନୟାଗଡ ଜିଲ୍ଲା)ରେ 'ନୀଳମାଧବ'ଙ୍କୁ ପୂଜା କରୁଥିଲେ । ଠାକୁରଙ୍କର ଅନ୍ୟନାମ 'ଶବରୀ ନାରାୟଣ' । ଏହାଙ୍କର ଖ୍ୟାତି ଭାରତର ବିଭିନ୍ନ ଅଞ୍ଚଳକୁ ବ୍ୟାପି ଯାଇଥିଲା । ଫଳରେ ମାଳବର ରାଜା ଇନ୍ଦ୍ରଦ୍ୟୁମ୍ନ 'ନୀଳମାଧବ'ଙ୍କୁ ନିଜ ରାଜ୍ୟକୁ ଆଣିବା ପାଇଁ ବ୍ରାହ୍ମଣ ବିଦ୍ୟାପତିଙ୍କୁ ପଠାଇଲେ । ବିଦ୍ୟାପତି ଶବର ବିଶ୍ୱାବସୁଙ୍କ କନ୍ୟା ଲଳିତାକୁ ବିବାହ କରି ତା ମାଧ୍ୟମରେ କୌଶଳରେ 'ନୀଳମାଧବ'ଙ୍କର ସନ୍ଧାନ ପାଇଲେ, କିନ୍ତୁ 'ନୀଳମାଧବ'ଙ୍କୁ ମାଳବ ରାଜ୍ୟକୁ ନେଇପାରି ନଥିଲେ । ନୀଳମାଧବ କାଳକ୍ରମେ ବାଲୁକାରାଶି ମଧ୍ୟରେ ପୋତିହୋଇ ପଡ଼ିଥିଲେ । ଶୂନ୍ୟବାଣୀ ଅନୁଯାୟୀ ନୀଳମାଧବ ପୁଣି ଦାରୁରୂପରେ ନୀଳଗିରିରେ ପ୍ରକଟିତ ହୋଇଥିଲେ ।

**ଏକାନଂଶା –** ବିଶିଷ୍ଟ ଐତିହାସିକ ଅଧ୍ୟାପକ ପ୍ରଭାତ ମୁଖାର୍ଜୀଙ୍କ ମତରେ ସୁଭଦ୍ରା ହେଉଛନ୍ତି 'ଏକାନଂଶା'ଙ୍କର କ୍ରମପରିଣତ ରୂପ । ସର୍ବ ପ୍ରଥମେ ୫ମ ଶତାବ୍ଦୀର ବରାହମିହିରଙ୍କର 'ବୃହତ ସଂହିତା'ରେ ଯେଉଁ ଏକାନଂଶାଙ୍କର ବର୍ଣ୍ଣନା ରହିଛି, ସେ ହିଁ ସୁଭଦ୍ରାଙ୍କର ମୂଳରୂପ । ଏହି ଗ୍ରନ୍ଥର 'ପ୍ରତିମା ଲକ୍ଷଣ' ଅଧ୍ୟାୟରେ 'ଏକାନଂଶା' ବଳଦେବ ଓ କୃଷ୍ଣଙ୍କ ମଧ୍ୟରେ ବିରାଜିତା ଥିବାର ବର୍ଣ୍ଣନା ରହିଛି-
"ଏକାନଂଶା କାର୍ଯ୍ୟାଦେବୀ ବଳଦେବ-କୃଷ୍ଣୟୋର୍ମଧ୍ୟେ
କଟି ସଂସ୍ଥିତ-ବାମକରା ସରୋଜମିତରେଣ ଚ୍ଚୋଦ୍‌ବହତୀ ।"

## ୪.୭ ପଠନ ଅଭ୍ୟାସ

୧. ଉପକ୍ରମ ଓ ଉପସଂହାର ପଢ଼ି ମନେ ରଖନ୍ତୁ ।

୨. ସମ୍ପୂର୍ଣ୍ଣ ପାଠଟି ପଢ଼ି ଶୂନ୍ୟସ୍ଥାନ ପୂରଣ କରନ୍ତୁ –

(କ) ଶ୍ରୀଜଗନ୍ନାଥ ଧର୍ମର ପବିତ୍ରତା ଓଡ଼ିଶାକୁ ----------- ଭାରତବର୍ଷରେ ------------------- ଭୂମିରେ ଭାବରେ ଅଭିହିତ କରିଆସିଛି ।

(ଖ) ଆଦିବାସୀ ଅଷ୍ଟ୍ରିକ୍ ଗୋଷ୍ଠୀରୁ ଜଣାଯାଏ, ସେମାନେ ବୃକ୍ଷକୁ ହିଁ ଦେବୀ ଭାବରେ ପୂଜା କରୁଥିଲେ ।

(ଗ) ପୁରୀର ଶ୍ରୀଜଗନ୍ନାଥଙ୍କ ଜ୍ଞାତି ରୂପେ ପରିଚିତ ।

(ଘ) ଶବ୍ଦର ଅର୍ଥ ହସ୍ତପଦବିହୀନ ଗଣ୍ଡି ।

୩. କେଉଁ ପୃଷ୍ଠାର କେଉଁ ଅନୁଚ୍ଛେଦଟି ଆପଣଙ୍କୁ କାହିଁକି ଭଲ ଲାଗୁଛି ଲେଖନ୍ତୁ ।

୪. ବୌଦ୍ଧଧର୍ମ ଓ ଶ୍ରୀଜଗନ୍ନାଥ ଧର୍ମ ସମ୍ପର୍କରେ ପାଠରେ ଯାହା ଲେଖାଯାଇଛି, ତାହାକୁ ଯଥା ସମ୍ଭବ ସଂକ୍ଷିପ୍ତ କରି ଲେଖନ୍ତୁ ।

୫. ବ୍ରାହ୍ମଣ୍ୟଧର୍ମ ଓ ଶ୍ରୀଜଗନ୍ନାଥ ଧର୍ମ ସମ୍ପର୍କରେ ପାଠରେ ଯାହା ଲେଖାଯାଇଛି ସେ ସମ୍ପର୍କରେ ନିଜର ମତ ଦିଅନ୍ତୁ ।

## ୪.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର

**୪.୪.୩ ରେ ଯେଉଁସବୁ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନ ଦିଆଯାଇଛି, ତାହାର ଉତ୍ତର ଏଠାରେ ଦିଆଯାଇଛି । ଆପଣ କରିଥିବା ଉତ୍ତର ସହିତ ଏହି ଉତ୍ତର ଗୁଡ଼ିକୁ ମିଳାଇ ଦେଖନ୍ତୁ । ଯଦି କୌଣସି ସ୍ଥଳରେ ଆପଣ ଭୁଲ କରିଥାନ୍ତି, ସଂଶୋଧନ କରିନିଅନ୍ତୁ ।**

**୧. ସାଂସ୍କୃତିକ ଦେବତା :-**

ଏକ ଦେଶ, ଅଞ୍ଚଳ ବା ସମାଜର ଧର୍ମଧାରଣ, ଆଚାର-ବିଚାର, ଜୀବନଧାରା ଓ ପରମ୍ପରା ଇତ୍ୟାଦିର ଭିତ୍ତି ଉପରେ ପରିକଳ୍ପିତ ଦେବତାଙ୍କୁ କୁହାଯାଏ ସାଂସ୍କୃତିକ ଦେବତା । ତାଙ୍କଠାରେ ରାଷ୍ଟ୍ରର ବା ମାନବ ସମାଜର ସର୍ବୋତ୍ତମ ସାଂସ୍କୃତିକ ଚିନ୍ତାଧାରା ଅନ୍ୱିତ କରାଯାଇଥାଏ । ଏହି ଦେଶ ସେହି ସଂସ୍କୃତିର ମହତ୍ତ୍ୱ ଅନୁଯାୟୀ ଗୁରୁତ୍ୱ ଲାଭ କରନ୍ତି ।

**ପୁରୁଷୋତ୍ତମ :-**

'ପୁରୁଷୋତ୍ତମ' ଶବ୍ଦଟି ପୁରୁଷ ଏବଂ ଉତ୍ତମ ଶବ୍ଦର ସଂଯୋଗର ଗଠିତ । 'ପୁରୁଷ ଉତ୍ତମ'ର ଅର୍ଥ ହେଉଛି ଶ୍ରେଷ୍ଠ ପୁରୁଷ । କିନ୍ତୁ ଶ୍ରୀଜଗନ୍ନାଥଙ୍କ ପାଇଁ ଯେଉଁ 'ପୁରୁଷୋତ୍ତମ' ଶବ୍ଦ ବ୍ୟବହୃତ ହୋଇଛି ତହିଁରେ ଶ୍ରୀଜଗନ୍ନାଥ ଧର୍ମର ଏକ ମହାନ ଦର୍ଶନ ରହିଛି । ପୁରୁଷ ଏକ ଚେତନାର ପ୍ରତୀକ । 'ପୁରୁଷ ଚେତନା' ହେଉଛି ନିଜର ଜୀବାତ୍ମା ସମ୍ପର୍କରେ ଚେତନା । ଯେତେବେଳେ ଜଣେ ବ୍ୟକ୍ତି ନିଜର ଜୀବାତ୍ମା ରୂପକ ପୁରୁଷକୁ ପରିବାର, ସମାଜ, ଅଞ୍ଚଳ ଓ ଦେଶ ପାଇଁ ଉତ୍ସର୍ଗ କରନ୍ତି, ସେତେବେଳେ ସେ ପୁରୁଷୋତ୍ତର ଚେତନାରେ ଉଦ୍‌ବୁଦ୍ଧ ହୁଅନ୍ତି । ଯେତେବେଳେ ସେ ସମଗ୍ର ବିଶ୍ୱପୁରୁଷ ପାଇଁ ଆତ୍ମା-ପୁରୁଷକୁ ତ୍ୟାଗ କରନ୍ତି, ସେତେବେଳେ ସେ 'ପୁରୁଷୋତ୍ତମ ଚେତନା'ରେ ଅନ୍ୱିତ ହୁଅନ୍ତି । ଶ୍ରୀଜଗନ୍ନାଥ ଧର୍ମରେ ସମଗ୍ର ବିଶ୍ୱ ପାଇଁ ଆତ୍ମୋତ୍ସର୍ଗ କରିବା ଲାଗି ବ୍ୟକ୍ତିକୁ ପ୍ରେରଣା ଦିଆଯାଇଥାଏ, ତେଣୁ ଶ୍ରୀଜଗନ୍ନାଥ ଧର୍ମ ହେଉଛି 'ପୁରୁଷୋତ୍ତମ-ଧର୍ମ', ଶ୍ରୀଜଗନ୍ନାଥ ଦର୍ଶନ ହେଉଛି 'ପୁରୁଷୋତ୍ତମ ଦର୍ଶନ' ଏବଂ ସ୍ୱୟଂ ଜଗନ୍ନାଥ ହେଉଛନ୍ତି 'ପୁରୁଷୋତ୍ତମ' ।

**ମହାପ୍ରସାଦ:-**

ମହାନ ଅଟେ ପ୍ରସାଦ 'ମହାପ୍ରସାଦ'। 'ପ୍ରସାଦ' ଶବ୍ଦର ପ୍ରକୃତି ପ୍ରତ୍ୟୟ ହେଉଛି ପ୍ର+ସଦ୍+ଅ+ସଦ୍ ଧାତୁର ବିଭିନ୍ନ ଅର୍ଥାନୁଯାୟୀ ମହାପ୍ରସାଦର ଅର୍ଥ ହେଉଛି ମହାନ ଆନନ୍ଦ, ମହାପ୍ରେମ, ମହାପସନ୍ନତା, ମହାନିର୍ମଳତା, ମହାପବିତ୍ରତା ଓ ମହାପାବକତା। ଶ୍ରୀଜଗନ୍ନାଥଙ୍କ ପ୍ରସାଦକୁ ଏହି କାରଣରୁ କୁହାଯାଏ ମହାପ୍ରସାଦ। ଏହାର ଅନ୍ୟ ଏକ ପ୍ରତିଶବ୍ଦ ହେଉଛି 'କୈବଲ୍ୟ'। କୈବଲ୍ୟର ବ୍ୟୁତ୍ପତ୍ତିଗତ ଅର୍ଥ ହେଉଛି ମୁକ୍ତି। ମହାପ୍ରସାଦର ଏହି ବୈଶିଷ୍ଟ୍ୟ ଯୋଗୁ ତାହାକୁ ସମସ୍ତେ ଏକତ୍ର ସେବନ କରନ୍ତି। ମହାପ୍ରସାଦ ସେବନରେ ଉଚ୍ଚ ନୀଚ ଭେଦ ବା ଜାତିଭେଦ ନାହିଁ। ତେଣୁ ମହାପ୍ରାଣତାର ଓ ମାନବିକତାର ମହାନ ପରିପ୍ରକାଶ ଘଟିଛି ମହାପ୍ରସାଦ ଭିତରେ।

୨. ତତ୍+ମୟ, ସ୍ୱ+ଅର୍ଥ, ନି+ମୂଳ, ଉତ୍+ଧାର, ଅନ୍ତଃ+ଭୂକ୍ତ।

୩. ପବିତ୍ର+ତା (ପରସର୍ଗ), ସମାଜ+ଇକ (ପରସର୍ଗ), ବି (ପୂର୍ବସର୍ଗ)+ଧା+ଅନ (ପରସର୍ଗ), ଅଭି (ପୂର୍ବସର୍ଗ)+ସିଚ୍+ଘଞ୍ (ପରସର୍ଗ), ଉପ(ପୂର୍ବସର୍ଗ)+ନି+ସଦ୍।

୪. ଭ୍ରାତୃଭଗିନୀ, ଅଚିନ୍ତଶକ୍ତି, ଯଥାକ୍ରମ, ବର୍ଣ୍ଣବିଦ୍ୱେଷ।

୫. ଉତ୍ପତ୍ତି-ଉତ୍ପନ୍ନ, ସମନ୍ୱିତ-ସମନ୍ୱୟ, ସୃଷ୍ଟି-ସୃଷ୍ଟ, ବିଧାନ-ବିହିତ, ବିସ୍ତାର-ବିସ୍ତୃତ ବା ବିସ୍ତୀର୍ଣ୍ଣ।

୬. ଦୂର-ଅଦୂର, ସନ୍ତୋଷ-ଅସନ୍ତୋଷ, ଅନନ୍ୟ-ଅନ୍ୟ, ସ୍ଥିର-ଅସ୍ଥିର, ବ୍ୟଷ୍ଟି-ସମଷ୍ଟି, କୁଣ୍ଠା-ବିକୁଣ୍ଠା।

୭. ବିଶେଷ କରି ଜିନ ପ୍ରତିମା ଋଷଭଙ୍କର ଚକ୍ଷୁର ନବୀକରଣ ସହିତ ଶ୍ରୀଜଗନ୍ନାଥଙ୍କ ଚକାଡୋଳାର ନବୀକରଣର ସାମ୍ୟ ଜୈନଧର୍ମ ସହିତ ଶ୍ରୀଜଗନ୍ନାଥ ଧର୍ମର ସମ୍ପର୍କ ପ୍ରମାଣିତ କରିଥାଏ।

୮. (କ) ବ୍ରହ୍ମଦତ୍ତ ଏକ ଚୈତ୍ୟ ନିର୍ମାଣ କରିଥିଲେ ଓ ଦନ୍ତ ପୂଜା ପ୍ରଚଳନ କରାଇଥିଲେ।

(ଖ) ପରବର୍ତ୍ତୀ କାଳରେ ଯେତେବେଳେ ମୂର୍ତ୍ତି ପୂଜାର ପ୍ରଚଳନ ହେଲା, ସେତେବେଳେ ଏକ ମୂର୍ତ୍ତି ବଦଳରେ ବୌଦ୍ଧଧର୍ମର ବୁଦ୍ଧ, ଧର୍ମ, ସଂଘ ତ୍ରିରତ୍ନକୁ ସ୍ୱତନ୍ତ୍ର ସ୍ୱତନ୍ତ୍ର ଭାବରେ ରଖି ତ୍ରିମୂର୍ତ୍ତିର କଳ୍ପନା କରାଗଲା।

## ୪.୯ ଉତ୍ତର ପ୍ରଦାନ ପାଇଁ ଆଦର୍ଶ ପ୍ରଶ୍ନାବଳୀ :

୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କରନ୍ତୁ -

(କ) ଆଧ୍ୟାତ୍ମିକ ଦେବତା ଓ ସାଂସ୍କୃତି ଦେବତା ମଧ୍ୟରେ କି ପାର୍ଥକ୍ୟ ରହିଛି ?

(ଖ) ଶ୍ରୀଜଗନ୍ନାଥ ଧର୍ମକୁ ଅଷ୍ଟିକ ସଂସ୍କୃତିର କି ଦାନ ରହିଛି ?

(ଗ) ବେଦରେ ଶ୍ରୀଜଗନ୍ନାଥଙ୍କ ଦାରୁପିଣ୍ଡ ସମ୍ପର୍କରେ କି ସୂଚନା ମିଳିଥାଏ ?

(ଘ) ଶ୍ରୀଜଗନ୍ନାଥଙ୍କୁ କାହିଁକି ମାଦଳା ବୋଲି କୁହାଯାଏ ?

(ଙ) ଯମନିକ ତୀର୍ଥ ସମ୍ପର୍କରେ ପାଠରେ କ'ଣ ଲେଖାଯାଇଛି ?

(ଚ) ଶ୍ରୀଜଗନ୍ନାଥ ଧର୍ମ ସହିତ ଜୈନଧର୍ମର ସମ୍ପର୍କ ବିଷୟରେ ପଣ୍ଡିତ ନୀଳକଣ୍ଠ ଦାସ କି ମତ ଦେଇଛନ୍ତି ?

୨. ନିମ୍ନଲିଖିତ ଶବ୍ଦଗୁଡ଼ିକର ଅର୍ଥ ଲେଖି ବାକ୍ୟରେ ବ୍ୟବହାର କରନ୍ତୁ ।
ଅଭିଷେକ, ନବୀକରଣ, ସହସ୍ରାଧିକ, ଅନ୍ତତଃ, ଉତ୍ତରୋତ୍ତର, ସଂକୀର୍ଣ୍ଣତା, ଆଞ୍ଚଳିକତା ।

୩. ସଂକ୍ଷିପ୍ତ ଟିପ୍ପଣୀ ଲେଖନ୍ତୁ–
ଲୋହି ଗୀତା, କ୍ଷେମଥେର, ତୀର୍ଥଙ୍କର, ନୀଳମାଧବ, ବିମଳା, ଚତୁର୍ଦ୍ଧାମୂର୍ତ୍ତି ।

୪. ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତ ଅର୍ଥ ବୁଝାଉଥିବା ଶବ୍ଦ ଲେଖନ୍ତୁ–
ସ୍ୱାର୍ଥ, ବୈଷମ୍ୟ, ଉତ୍କୃଷ୍ଟ, ସତ୍, ଐକ୍ୟ, ସୁଲକ୍ଷଣ, ଆଗ୍ରହ, ଅନଟନ, ଅବନତ, ପତିତ, ବିଭିନ୍ନତା ।

୫. ଶ୍ରୀଜଗନ୍ନାଥ ଧର୍ମ ଓ ଦର୍ଶନ ବିଶ୍ୱ ଆଗରେ କି ଆଦର୍ଶ ଉପସ୍ଥାପନ କରିଥାଏ ?

****

ignou
THE PEOPLE'S
UNIVERSITY

# ଅଧ୍ୟାୟ ୫ ଓଡ଼ିଶାର ଲୋକସାହିତ୍ୟ

ସଂରଚନା

**୫.୦ ଉଦ୍ଦେଶ୍ୟ**

**୫.୧ ଉପକ୍ରମ**

**୫.୨ ମୂଳପାଠର ପ୍ରଥମ ଭାଗ**

୫.୨.୧ ମୂଳପାଠର ପ୍ରଥମାଂଶରୁ ପ୍ରଶ୍ନ

୫.୨.୨ ବ୍ୟାକରଣ ପ୍ରଶ୍ନ

**୫.୩ ମୂଳପାଠର ଦ୍ୱିତୀୟ ଭାଗ**

୫.୩.୧ ମୂଳପାଠର ଦ୍ୱିତୀୟାଂଶରୁ ପ୍ରଶ୍ନ

୫.୩.୨ ବ୍ୟାକରଣ ପ୍ରଶ୍ନ

**୫.୪ ମୂଳପାଠର ତୃତୀୟ ଭାଗ**

୫.୪.୧ ମୂଳପାଠର ତୃତୀୟାଂଶରୁ ପ୍ରଶ୍ନ

୫.୪.୨ ବ୍ୟାକରଣ ପ୍ରଶ୍ନ

୫.୪.୩ ସମ୍ପୂର୍ଣ୍ଣପାଠର ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀ

**୫.୫ ସାରାଂଶ**

**୫.୬ ଶବ୍ଦାର୍ଥ**

**୫.୭ ପଠନ ଅଭ୍ୟାସ**

**୫.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର**

**୫.୯ ଉତ୍ତର ପ୍ରଦାନ ପାଇଁ ଆଦର୍ଶ ପ୍ରଶ୍ନାବଳୀ**

## ୫.୦ ଉଦ୍ଦେଶ୍ୟ

ପୃଥିବୀରେ ପ୍ରାୟ ସବୁଦେଶରେ ସାହିତ୍ୟର ଉନ୍ମେଷ ଘଟିଥିଲା ଲୋକସାହିତ୍ୟ ରୂପରେ । ଅଗଣିତ ବ୍ୟକ୍ତିଙ୍କର ସୁଖଦୁଃଖର ଅନୁଭୂତି, ସ୍ନେହ-ମମତା, କ୍ରୋଧ-ହିଂସା, ବିଶ୍ୱାସ-ଅବିଶ୍ୱାସ, ଧର୍ମ-ଧାରଣା, ଚିନ୍ତା-ଚରିତ୍ର, ଆମୋଦ-ପ୍ରମୋଦ ପ୍ରଭୃତି ସେମାନଙ୍କର ନିଃଶ୍ୱାସ-ପ୍ରଶ୍ୱାସ ଓ ରକ୍ତଧାରା ପରି ଜୀବନ ସହିତ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ରହିଥାଏ । ଯେତେବେଳେ ହୃଦୟର ଆବେଗ ଉଛୁଳି ଉଠେ, ସେତେବେଳେ ଛନ୍ଦରେ, ଗୀତ ଆକାରରେ, କଳ୍ପନାରେ ରଞ୍ଜିତ ହୋଇ କଥା ଆକାରରେ ଅଥବା ନୃତ୍ୟ, ସଙ୍ଗୀତ, ନାଟକ, ଆକାରରେ ଆତ୍ମପ୍ରକାଶ କରେ । ଯୁଗେ ଯୁଗେ ସବୁ ଦେଶରେ ଏହିପରି ଲୋକ ଅଧିକାଂଶ ସଂଖ୍ୟାରେ ରହିଛନ୍ତି ଓ ସେମାନଙ୍କର ସାହିତ୍ୟ ମଧ୍ୟ ରହିଛି । ସେମାନଙ୍କ ହୃଦୟରେ ଶାସ୍ତ୍ରପୁରାଣର ଦର୍ଶନ, ନୀତିବାଣୀ ଓ ଚରିତ୍ରବତ୍ତା ଅଖଣ୍ଡ ଆଧିପତ୍ୟ ବିସ୍ତାର କରିଥାଏ । ଦେବତାଙ୍କର ଅଲୌକିକ ମହିମାରେ ମଧ୍ୟ ସେମାନଙ୍କର ଅଖଣ୍ଡ ବିଶ୍ୱାସ । ସାଧାରଣ ଜୀବନରେ ମିତ୍ରତା, ଶତ୍ରୁତା, ସୁଘଟଣା-ଦୁର୍ଘଟଣା, ହିଂସା-ଈର୍ଷା, ଯୁଦ୍ଧ-ଶାନ୍ତି, ବେଦନା-ସମ୍ବେଦନା ମଧ୍ୟ ସେମାନଙ୍କର ହୃଦୟରେ ପ୍ରଭୂତ ପ୍ରଭାବ ବିସ୍ତାର କରିଥାଏ । ପ୍ରକୃତି ଏବଂ ଜୀବନ ସେମାନଙ୍କର ପୋଥି । ସେଥିରୁ ସେମାନେ ସାହିତ୍ୟ ପାଇଁ ଉପାଦାନ ସଂଗ୍ରହ କରନ୍ତି । ତେଣୁ ଲୋକ ସାହିତ୍ୟ କୃତ୍ରିମ ନହୋଇ ପ୍ରାକୃତିକ, ନିର୍ଜୀବ ନହୋଇ ଜୀବନ୍ତ, ନୀରସ ନହୋଇ ସରସ । ଜୀବନ ସହିତ ଏହାର ସମ୍ପର୍କ ଅତୀବ ନିବିଡ଼ । ଓଡ଼ିଆ ଲୋକସାହିତ୍ୟ ମାଧ୍ୟମରେ ଓଡ଼ିଶାର ବ୍ୟକ୍ତିଗତ ପାରିବାରିକ ଓ ସାମଜିକ ଜୀବନଧାରା କିପରି ଫୁଟି ଉଠିଛି, ସେ ସମ୍ପର୍କରେ ଅବହିତ କରାଇବା ଓ ଏଭଳି ସାହିତ୍ୟ ଭିତରେ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ଓ ବୈଶିଷ୍ଟ୍ୟ କିପରି ପରିଲକ୍ଷିତ ହୋଇଥାଏ, ତାହା ଦର୍ଶାଇବା ହେଉଛି 'ଓଡ଼ିଆ ଲୋକସାହିତ୍ୟ' ପାଠ ଉପସ୍ଥାପନାର ଉଦ୍ଦେଶ୍ୟ ।

## ୫.୧ ଉପକ୍ରମ

ଲୋକସାହିତ୍ୟ କହିଲାବେଳେ ଆମେ ଯେଉଁ 'ଲୋକ' ଶବ୍ଦଟି ବ୍ୟବହାର କରୁ ତାହାର ଅର୍ଥ ହେଉଛି ସର୍ବସାଧାରଣ ଅଶିକ୍ଷିତ ଜନତା । ମୁଖ୍ୟତଃ, ପଲ୍ଲୀର ଏଭଳି ଜନତାକୁ ଲୋକ (Folk) ବୋଲି ଗ୍ରହଣ କରାଯାଇଥାଏ । ଏହି ଲୋକ ଅଶିକ୍ଷିତ ନିରକ୍ଷର, କିନ୍ତୁ ନିର୍ବୁଦ୍ଧିଆ ନୀରସ ନୁହନ୍ତି । ସେମାନେ ପାଠପଢ଼ି ନାହାନ୍ତି କିନ୍ତୁ ଅସାଧାରଣ ସ୍ମୃତି ସେମାନଙ୍କର ପାଠଶାଳା, ଜ୍ଞାନ ସେମାନଙ୍କର ଶିକ୍ଷାୟତନର ଶିକ୍ଷା ଉପରେ ନିର୍ଭରଶୀଳ ନହୋଇ ଅଭିଜ୍ଞତା-ପ୍ରସୁତ ଓ ଶ୍ରୁତି-ନିର୍ଭରଶୀଳ । ବିଦଗ୍ଧମାନଙ୍କ ପରି ସେମାନେ କାଗଜ କଲମରେ ସାହିତ୍ୟ ଲେଖନ୍ତି ନାହିଁ । କିନ୍ତୁ ସେମାନଙ୍କର ହୃଦୟରୁ ସ୍ୱତଃସ୍ଫୂର୍ତ ଭାବରେ ନିଃସୃତ ସାହିତ୍ୟ ମୁଖ୍ୟରେ ପ୍ରକାଶ ଲାଭ କରି ଅସଂଖ୍ୟ ହୃଦୟରେ ଲେଖି ହୋଇଯାଏ । ଲୋକ-ସାହିତ୍ୟ ଲିଖିତ ସାହିତ୍ୟ,

ନହୋଇ ମୌଖିକ ସାହିତ୍ୟ । ଏହା ସ୍ମୃତିରୁ ସ୍ମୃତିରେ, ମୁଖରୁ, ମୁଖରେ, ଶ୍ରୁତିରୁ ଶ୍ରୁତିରେ ଓ ହୃଦୟରୁ ହୃଦୟରେ ସୃଷ୍ଟି ଓ ପ୍ରସାର ଲାଭକରେ । ଅନେକ ସମୟରେ ବିଦଗ୍ଧ ସାହିତ୍ୟ ଲୋକ ହୃଦୟକୁ ପ୍ରଭାବିତ କରେ ଓ ଅନେକ ସମୟରେ ଲୋକସାହିତ୍ୟ ବିଦଗ୍ଧ ହୃଦୟକୁ ପ୍ରଭାବିତ କରେ ।

ଗଠନ ଦୃଷ୍ଟିରୁ ଲୋକସାହିତ୍ୟକୁ ମୁଖ୍ୟତଃ ତିନି ଭାଗରେ ବିଭକ୍ତ କରାଯାଇପାରେ, ଯଥା - ଲୋକଗୀତ, ଲୋକକାହାଣୀ, ଲୋକନାଟ୍ୟ ।

**ଲୋକଗୀତ :-**

ଲୋକଗୀତରେ ଲୋକ ହୃଦୟର ସ୍ୱତଃସ୍ଫୂର୍ତ୍ତ ସ୍ଫୁରଣ ଘଟିଥାଏ । ଏଥିରେ ସାମାଜିକ-ଭାବ-ଧାରାର ପ୍ରଧାନ୍ୟ ବେଶି ପରିମାଣରେ ପରିଲକ୍ଷିତ ହୋଇଥାଏ । ଛନ୍ଦର ସ୍ପନ୍ଦନରେ ଏହା ଲୀଳାୟିତ, ଅଥଚ ଏ ଛନ୍ଦରେ ବାଧ୍ୟବାଧକତା ବା ଶୃଙ୍ଖଳା ନାହିଁ । ପାହାଡ଼ିଆ ଝରଣା ପରି ଏହା ସ୍ୱାଭାବିକ ଭାବରେ କେତେବେଳେ ବନ୍ଧୁର ତ, କେତେବେଳେ ସମତଳ ପଥରେ ଆଗେଇଯାଏ, କେତେବେଳେ କଳତାନ, କେତେବେଳେ ପ୍ରପାତର ଝର୍ଝର ଓ କେତେବେଳେ ଶାନ୍ତ ନିଃସ୍ୱନ ସୃଷ୍ଟିକରେ । 'ଅକ୍ଷର ଗଣିବ ହାତରେ, ତେବେ ଯେ ଲେଖିବ ପତରେ' ନୀତି ଲୋକଗୀତ ପାଇଁ ଆଦୌ ପ୍ରଯୋଜ୍ୟ ନୁହେଁ । ଏଥିରେ ହୁଏତ ସାହିତ୍ୟର କଳାତ୍ମକ ମୂଲ୍ୟ ନଥାଏ କିନ୍ତୁ ଏଥିରେ ଥାଏ ସ୍ୱଚ୍ଛନ୍ଦତା, ଅସାଧାରଣ ସୌନ୍ଦର୍ଯ୍ୟବୋଧ, ସରସତା, ରସିକତା, ଓ ହୃଦୟବତ୍ତା । ନିର୍ଦ୍ଦିଷ୍ଟ ବୃତ୍ତ, ରାଗ, ରାଗିଣୀ, ତାଳ, ଲୟରେ ଆବଦ୍ଧ ପଲ୍ୱଳ ନହୋଇ ଏହା ଏକ ଅନିର୍ଦ୍ଦିଷ୍ଟ ସ୍ୱଚ୍ଛନ୍ଦ ସୈଚ୍ଛିକ ସ୍ୱଚ୍ଛ ନିର୍ଝରିଣୀ । ଏହାର ଭାବଧାରରେ ଅର୍ଥର ଜଟିଳତା ନାହିଁ । ଅଛି ଭାବୋଚ୍ଛ୍ୱାସର ସହଜ ସରଳ ପରିପ୍ରକାଶ ।

**ଲୋକକାହାଣୀ :-**

ଲୋକକାହାଣୀ ହେଉଛି ରସାତ୍ମକ କଥା । ମନରୁ ମନକୁ, ମୁଖରୁ ମୁଖକୁ ଏହାର ଗତି । ଏଥିରେ ଭରିରହିଥାଏ ବାସ୍ତବ ସମାଜର ଜୀବନଧାରାର ସ୍ୱାଭାବିକ ଘଟଣା ଓ ଅଭିଜ୍ଞତା ସଙ୍ଗକୁ ଅଲୌକିକତା, କଳ୍ପନାବିଳାସିତା ଓ ଅବାସ୍ତବତା । ଏହା ଯୁଗ ଯୁଗ ଧରି ଜନସାଧାରଣଙ୍କ ଜୀବନ-ଜିଜ୍ଞାସା, ସୌନ୍ଦର୍ଯ୍ୟପିପାସା ଓ ରସଲାଳସାକୁ ଚରିତାର୍ଥ କରି ବିକାଶଲାଭ କରିଅଛି । ଏଥିରେ ଦୁର୍ବୋଧ୍ୟତା ନାହିଁ, କିନ୍ତୁ ଅଛି ସଂଶୟାଚ୍ଛନ୍ନତା ଓ ବିସ୍ମୟ । ଏଥିରେ ନାହିଁ ବିଦଗ୍ଧତା କିନ୍ତୁ ଅଛି ଜୀବନ ସ୍ରୋତ । ଜୀବନ ସାଥୀରେ ସମାନ ଭାବରେ ପାଦ ପକାଇ ଗତି କରି ଆସିଛି ଲୋକକାହାଣୀ ବିଦଗ୍ଧ ଗଳ୍ପ ବେଳେ ବେଳେ ସମାଜଧାରାଠାରୁ ବିଚ୍ଛିନ୍ନ ହୋଇଯାଏ କିନ୍ତୁ ଲୋକ କାହାଣୀ ସମାଜ ସହିତ ଘନିଷ୍ଠ ଭାବରେ ସମ୍ପୃକ୍ତ ଓ ଏହାର ଏକ ଅବିଚ୍ଛେଦ୍ୟ ଅଙ୍ଗ । ବିଦଗ୍ଧ ଗଳ୍ପ ନିର୍ଦ୍ଦିଷ୍ଟ ଗୋଷ୍ଠୀର କିନ୍ତୁ ଲୋକକାହାଣୀ ସାର୍ବଜନୀନ । ବିଦଗ୍ଧ ଗଳ୍ପ ଏକ ନିର୍ଦ୍ଦିଷ୍ଟ କାଳରେ ପ୍ରଭାବ ବିସ୍ତାର କରିଥାଏ । କିନ୍ତୁ ଲୋକ କାହାଣୀ ସର୍ବକାଳୀନ । ଏହା ନିତ୍ୟ ନୂତନ ।

ଲୋକଗୀତ ଅନେକ ସମୟରେ ଓ ଅନେକଙ୍କର ଆଦର ପାଇନପାରେ କିନ୍ତୁ ଲୋକକାହାଣୀ ସବୁ ସମୟରେ ସବୁ ଲୋକଙ୍କର ଆଦର ପାଇଥାଏ । ଲୋକଗୀତ ଯେଉଁ ରୂପରେ ଆତ୍ମପ୍ରକାଶ କରିଥାଏ, ପ୍ରାୟ ଅବିକଳ ସେହି ରୂପରେ ସ୍ମୃତିରେ ସାଇତା ହୋଇ ରହିଥାଏ ଓ ବିଭିନ୍ନ କଣ୍ଠରେ ଗୀତ ହୋଇଥାଏ । କିନ୍ତୁ ଲୋକକାହାଣୀ ଗୋଟିଏ ଲୋକଠାରୁ ଆଉ ଗୋଟିଏ ଲୋକ ପାଖକୁ ଗଲାବେଳେ ତା ରୂପ ବଦଳି ବଦଳି ଯାଉଥାଏ । କାହାଣୀର କଙ୍କାଳଟି ମାତ୍ର ରହିଥାଏ, କିନ୍ତୁ ରକ୍ତମାଂସ ମେଦ ବଦଳି ଯାଉଥାଏ । କହିବା ଲୋକର କଳା ଉପରେ କାହାଣୀର ସାର୍ଥକତା ନିର୍ଭର କରେ । ରୂପ ଦେଇ ଜାଣିଲେ ଏହା ସଜଫୁଲ ପରି ମର୍ମସ୍ପର୍ଶୀ ହୋଇଥାଏ । ରୂପ ଦେଇ ନଜାଣିଲେ ଝରାଫୁଲ ପରି ମ୍ଳାନ ହୋଇଥାଏ । ସେଇଥିପାଇଁ କୁହାଯାଏ – "ମଥା ବାନ୍ଧି ଜାଣିଲେ ସୁନ୍ଦର, କଥା କହି ଜାଣିଲେ ସୁନ୍ଦର" । ଶ୍ରୋତା ଜଣେ କଥକଠାରୁ କାହାଣୀ ଶୁଣିବା ପରେ ନିଜେ କଥକ ହେବାକୁ ଚେଷ୍ଟା କରେ, ତାର ନିଜସ୍ୱ ପ୍ରତିଷ୍ଠା ଓ କଳ୍ପନାରେ କାହାଣୀଟିକୁ ନୂତନ ରଙ୍ଗରେ ରଙ୍ଗେଇ ପରିବେଷଣ କରିଥାଏ ।

କଥକ ଦୁଇ ପ୍ରକାରର ଥାଆନ୍ତି । ଯଥା– ଗଳ୍ପସାଗର ଓ ଲୋକକଥକ । ଗଳ୍ପ କଥନ ଗଳ୍ପ ସାଗରଙ୍କର ଏକ ବୃତ୍ତି । ଏମାନେ ମୁଖ୍ୟତଃ ବିଭିନ୍ନ ଦରବାରରେ ଗଳ୍ପ ପରିବେଷଣ କରି ରାଜା ସାମନ୍ତ ଓ ପାରିଷଦ-ବର୍ଗଙ୍କର ଚିତ୍ତବିନୋଦପୂର୍ବକ ଯଥେଷ୍ଟ ଅର୍ଥ ଅର୍ଜନ କରୁଥିଲେ । କ୍ରମଶଃ ଏମାନେ ଗାଁ ଗହଳରେ ଓ ସହର ବଜାରରେ ଗଳ୍ପ ପରିବେଶଷଣ କରି ଜନସାଧାରଣଙ୍କଠାରୁ ଅର୍ଥ ଅର୍ଜନ କରୁଛନ୍ତି । ଏମାନଙ୍କର କର୍ଣ୍ଣରେ ବହୁମୂଲ୍ୟର କୁଣ୍ଡଳ, ହସ୍ତରେ ସୁବର୍ଣ୍ଣ କଙ୍କଣ, ଅଙ୍ଗରେ ପଟ୍ଟବସ୍ତ୍ର ପରିଧାନ, କଣ୍ଠରେ ମଧୁର ସ୍ୱର । ଏମାନଙ୍କର ବାଗ୍ମିତା, ମୁଖଭଙ୍ଗୀ, ହସ୍ତମୁଦ୍ରା, ନାଟକୀୟ ଛଟା, ସଂଳାପ, କଳ୍ପନାବିଳାସ, ରସିକତା ଓ ସୌନ୍ଦର୍ଯ୍ୟଚେତନା ସେମାନଙ୍କ ଦକ୍ଷତାର ମୂଳଭିତ୍ତି ହୋଇଥାଏ । କଣ୍ଠସ୍ୱରକୁ ବିଭିନ୍ନ ସମୟରେ କୋମଳ-କର୍କଶ, ସରସ-ଗମ୍ଭୀର, ଆରୋହୀ-ଅବରୋହୀ କରି ଏମାନେ କାହାଣୀଟିକୁ ଜୀବନ୍ତ କରିବା ପାଇଁ ଚେଷ୍ଟା କରିଥାନ୍ତି । ଗଳ୍ପାଂଶ ଅପେକ୍ଷା ଏମାନଙ୍କର ବର୍ଣ୍ଣନାବିଳାସ ଅଧିକ । ଅତିରଞ୍ଜନ ଏମାନଙ୍କ କାହାଣୀର ଏକ ବିଶିଷ୍ଟ ଧର୍ମ ।

ଅନ୍ୟଧରଣର କଥକ ହେଉଛନ୍ତି ଲୋକକଥକ । ଏମାନେ ଅତି ସାଧାରଣ । ଏମାନଙ୍କ କଥାରେ ବର୍ଣ୍ଣନାବିଳାସ ଅପେକ୍ଷା କାହାଣୀର ମାଦକତା ବେଶି । ମୁଖରେ ନାନା ରକମର ସ୍ୱର ସୃଷ୍ଟି କରିବା ବଦଳରେ ଏମାନେ କଥାରେ ନାନା ରକମର ଯାଦୁକାରୀ ମାୟା ସୃଷ୍ଟି କରି ଶ୍ରୋତାର ମନକୁ କିଣି ନିଅନ୍ତି । କହିବାରେ ହିଁ ସେମାନଙ୍କର ଆନନ୍ଦ । ନାଁ, ଖ୍ୟାତି ବା ଅର୍ଥ ଅର୍ଜନରେ ସେମାନଙ୍କର ଟିକିଏ ମାତ୍ର ଲାଳସା ନଥାଏ । କଥା କହୁ କହୁ ରାତି ପାହିଯାଏ, ଲମ୍ବା ବାଟ ସରିଯାଏ ।

**ଲୋକନାଟ୍ୟ :**

ଆଧୁନିକ ନାଟକ ପାଇଁ ଯେମିତି ମଞ୍ଚ, ମଣ୍ଡପ, ପରଦା, ବିଦ୍ୟୁତ ଆଲୋକ ସଜ୍ଜା, ନିର୍ଦ୍ଦେଶନା ଇତ୍ୟାଦିର ପ୍ରାଧାନ୍ୟ ରହିଛି, ଲୋକନାଟକରେ ସେପରି ନାହିଁ । ଏଥିରେ ପ୍ରତ୍ୟେକ

ଅଭିନେତା ନିଜ ଜଣେ ଜଣେ ନିର୍ଦ୍ଦେଶକ । ଖୋଲା ପଡ଼ିଆ ବା ଗାଁର ଓସାରିଆ ଦାଣ୍ଡ ଲୋକନାଟ୍ୟ ପାଇଁ ଆପେ ଆପେ ଉପଯୁକ୍ତ ମଞ୍ଚ ହୋଇଯାଏ । ପୋଷାକ ପରିଚ୍ଛେଦରେ, ଗାଇବା ଭଙ୍ଗୀରେ, ଆବେଗ-ଉନ୍ମାଦନାରେ, ନାଚ-ଗୀତରେ, ବାଜା-ସଜାରେ ଲୋକନାଟକ ଜମିଉଠେ ।

ନାଟକଟିରେ ସାହିତ୍ୟିକ ବା ଶିଳ୍ପକଳା ଅପେକ୍ଷା ମନୋରଞ୍ଜନ ଓ ବିଭିନ୍ନ ରସ ପରିବେଷଣ ମୁଖ୍ୟସ୍ଥାନ ନେଇଥାଏ । ଗଦ୍ୟ ସଂଳାପ ଅପେକ୍ଷା ପଦ୍ୟ ସଂଳାପ ବା ସଙ୍ଗୀତ ଏଥିରେ ପ୍ରାଧାନ୍ୟ ଲାଭ କରିଥାଏ । ଦେଶର ଜାତିର ଚାଲି ଚଳଣ, ଚିନ୍ତା-ଚରିତ୍ର, ସୁଖ-ଦୁଃଖ, ସଭ୍ୟତା ସଂସ୍କୃତି ଲୋକନାଟକରେ ବାସ୍ତବ ରୂପ ପରିଗ୍ରହଣ କରିଥାଏ । ବିଦଗ୍ଧ ନାଟକ ଅପେକ୍ଷା ଲୋକନାଟକରେ ଜାତୀୟ ଜୀବନର ବାସ୍ତବ ପ୍ରତିବିମ୍ବନ ଘଟିଥାଏ ବୋଲି ଲୋକନାଟକ ସର୍ବଜନ-ପ୍ରିୟ ହୋଇଉଠିଥାଏ । ଏଥିରେ ଅନ୍ୟ ସଂସ୍କୃତି ବା ଅପସଂସ୍କୃତି କୌଣସି ପ୍ରଭାବ ପକାଇ ପାରେନାହିଁ । ଏଥିରେ ହୁଏତ ଅନ୍ଧବିଶ୍ୱାସ ଓ ଅଲୌକିକତା ଉପସ୍ଥାପିତ ହୋଇଥାଏ । କିନ୍ତୁ ତାହା ହିଁ ଜାତିର ବିଶ୍ୱାସ ଓ ଭାବନାକୁ ରୂପାୟିତ କରିଥାଏ । ଏଥିରେ ପୌରାଣିକ, ଐତିହାସିକ, କିମ୍ବଦନ୍ତୀମୂଳକ ଓ କାଳ୍ପନିକ କାହାଣୀ ସାଙ୍ଗକୁ ସାମାଜିକ କାହାଣୀ ସ୍ଥାନ ପାଇଥାଏ । ଲୋକ ଚରିତ୍ର ବିଷୟରେ ଗଭୀର ଅଭିଜ୍ଞତା, ସଙ୍ଗୀତ ଶାସ୍ତ୍ରରେ ନିପୁଣତା ଓ ରସିକତା ନଥିଲେ କୌଣସି ସ୍ରଷ୍ଟା ସାର୍ଥକ ଲୋକନାଟକଟିଏ ସୃଷ୍ଟି କରିପାରିବ ନାହିଁ ।

ଲୋକନାଟକ ଲୋକସାହିତ୍ୟର ଏକ ବିକଶିତ ରୂପ । ଏଥିରେ ଭାଗ ନେଉଥିବା ଅଭିନେତା-ଅଭିନେତ୍ରୀମାନେ ଅଶିକ୍ଷିତ ବା ନିରକ୍ଷର ହୋଇପାରନ୍ତି । ସ୍ମୃତିଶକ୍ତି ଥିଲେ ଏହି ନାଟକରେ ଅଂଶଗ୍ରହଣ କରିବା ପାଇଁ ଜଣେ ବ୍ୟକ୍ତି ଯୋଗ୍ୟ ବିବେଚିତ ହୋଇପାରନ୍ତି, କିନ୍ତୁ ଲୋକନାଟକର ସ୍ରଷ୍ଟା ସମ୍ପୂର୍ଣ୍ଣ ଅଶିକ୍ଷିତ ନ ହୋଇ କିଛି ନା କିଛି ଶିକ୍ଷା ପାଇଥାନ୍ତି । ସେମାନେ ଲୋକନାଟକଟିକୁ ଲେଖିଥାନ୍ତି, ତେଣୁ ଲୋକନାଟକ ଉଭୟ ମୌଖିକ ଓ ଲୈଖିକ ସାହିତ୍ୟ । ଲୋକନାଟକ ଲେଖକ ପୁରାଣ, ଇତିହାସ, କିମ୍ବଦନ୍ତୀ, ସାମାଜିକ ରୀତିନିତି ଓ ବ୍ୟକ୍ତି ଚରିତ୍ରଗୁଡ଼ିକ ସମ୍ପର୍କରେ ବେଶ୍ ଅଭିଜ୍ଞ ଥାଆନ୍ତି । ଯେଉଁ ଲୋକମାନଙ୍କୁ ଆଖି ଆଗରେ ରଖି ନାଟକ ରଚନା କରୁଥାନ୍ତି, ସେମାନଙ୍କ ରୁଚି ଅନୁଯାୟୀ କାହାଣୀ ବାଛନ୍ତି ଓ ବାସ୍ତବତାର ଭିତ୍ତି ଉପରେ ନାଟକଟିକୁ ଠିଆ କରାନ୍ତି ।

ଓଡ଼ିଶାରେ ଓଡ଼ିଆ ଭାଷାର ଅସଂଖ୍ୟ ଲୋକଗୀତ, ଲୋକକାହାଣୀ ଓ ଲୋକନାଟକ ସୃଷ୍ଟିଲାଭ କରିଛି । ଏଗୁଡ଼ିକରେ ଓଡ଼ିଶା ଜନଜୀବନର ବାସ୍ତବ ରୂପାୟଣ ଲକ୍ଷ୍ୟ କରିବାକୁ ମିଳେ । ଓଡ଼ିଆ ଲୋକସାହିତ୍ୟ ଭାରତ ବାହାରର ଗବେଷକ ଓ ସାହିତ୍ୟିକମାନଙ୍କର ମଧ୍ୟ ଦୃଷ୍ଟି ଆକର୍ଷଣ କରିଛି । ଇଟାଲୀର ଗବେଷକ ପ୍ରଫେସର ଜିଉସେପି ଟୁଚି (Giuseppe Tucci) 'East and West' ପତ୍ରିକାରେ, କଲମ୍ବିଆ ବିଶ୍ୱବିଦ୍ୟାଳୟର ଗବେଷକ ଜର୍ଜ ଡବ୍ଲ୍ୟୁ ବ୍ରିଗସ (George W. Briggs) 'Review of Religion' ପତ୍ରିକାରେ (ସଂଖ୍ୟା XIX, March, 1915, P. 207) ଓ ଜେବା ଭିଟେଲ (Zba Vitel) ଚେକୋସ୍ଲୋଭାକିଆର

ବିଜ୍ଞାନ ଏକାଡ଼େମୀ ତରଫରୁ ପ୍ରକାଶିତ 'Archiv Orientani' (1955) ଗ୍ରନ୍ଥରେ ଓଡ଼ିଆ ଲୋକସାହିତ୍ୟର ବିଭିନ୍ନ ବିଭାଗ ଉପରେ ଆଲୋକପାତ କରି ଭୂୟସୀ ପ୍ରଶଂସା କରିଛନ୍ତି । ଓଡ଼ିଆ ଲୋକସାହିତ୍ୟରେ ଓଡ଼ିଆ ଲୋକ ସମାଜର ପର୍ବପର୍ବାଣୀ, ପୂଜା-ଉପାସନା ପଦ୍ଧତି, ଦେବ ବିଶ୍ୱାସ, ଆଞ୍ଚଳିକ ଲୋକାଚାର, ଲୋକଚରିତ୍ର, ଆର୍ଥିକ ଅବସ୍ଥା, ପାରସ୍ପରିକ ମୈତ୍ରୀ, ଧନ-ନିର୍ଦ୍ଧନ ମଧ୍ୟରେ ଥିବା ବୈଷମ୍ୟ, ନାରୀ ନିର୍ଯ୍ୟାତନା ଓ ଜାତିଭେଦ ପ୍ରଭୃତିର ଚିତ୍ର ଫୁଟି ଉଠିଛି ବୋଲି ଏମାନେ ଅନୁଭବ କରିଛନ୍ତି ।

## ୫.୨ ମୂଳପାଠର ପ୍ରଥମ ଭାଗ

### ଓଡ଼ିଆ ଲୋକଗୀତ

ଓଡ଼ିଆ ଲୋକଗୀତ ହେଉଛି ଓଡ଼ିଆ ଜାତୀୟ ଜୀବନର ପରିଚାୟକ । ଏଥିରେ ଜାତିର ବିଭିନ୍ନ ଗୋଷ୍ଠୀର, ବିଭିନ୍ନ କ୍ଷେତ୍ରର, ବିଭିନ୍ନ ସମୟର ଓ ବିଭିନ୍ନ ପରିସ୍ଥିତିର ଚିତ୍ର ଅଙ୍କିତ ହୋଇଛି । ଏହି ଗୀତଗୁଡ଼ିକୁ ବିଭିନ୍ନ ଭାଗରେ ବିଭକ୍ତ କରାଯାଇପାରେ । ଯଥା: ଗାଥାଗୀତିକା, କାନ୍ଦଣା, ଗୀତ, ଦୋଳି ଗୀତ, ହୁମୋ ଗୀତ, ଚଇତିପର୍ବ ଗୀତ, ଶିଶୁ ଗୀତ, ହଳିଆ ଗୀତ, ସ୍ତୁତି, ନାଆଁଦିଆ, ଢଗ ଢମାଳି, ପ୍ରଶ୍ନୋତ୍ତର ଓ ବିବିଧ ।

ଗାଥା ଗୀତିକାଗୁଡ଼ିକୁ ମୁଖ୍ୟତଃ ଛଅ ଭାଗରେ ବିଭକ୍ତ କରାଯାଇପାରେ । (୧) ପୌରାଣିକ ଗାଥା, (୨) ପୃଥିବୀ, ପ୍ରକୃତି ବା ଋତୁ ସମ୍ବନ୍ଧୀୟ ଗାଥା, (୩) ପାରିବାରିକ ଗାଥା, (୪) ଅଲୌକିକ ଗାଥା, (୫) ଯୁଦ୍ଧ ଗାଥା ଓ (୬) ଆରଣ୍ୟକ ଗାଥା । କାନ୍ଦଣା ଗୀତରେ ଝିଅର ଶାଶୁଘରକୁ ଯିବାବେଳେ କାନ୍ଦଣା, ବାପଘରକୁ ଫେରି ଶାଶୁଘରେ ପାଇଥିବା ଯନ୍ତ୍ରଣା ଚିତ୍ରଣର କାନ୍ଦଣା, ଶାଶୁଘରେ ଥାଇ ବାପ ଘରର ସ୍ମୃତିଚାରଣ ଓ ଶାଶୁଘରେ ପାଉଥିବା ଯନ୍ତ୍ରଣା ଅନୁଭୂତିର କାନ୍ଦଣା ପ୍ରଭୃତି ଅନ୍ତର୍ଭୁକ୍ତ । କନ୍ଧଘର ଝିଅ, ଗଉଡ଼ଘର ଝିଅ, ଚଷାଘର ଝିଅ, ହାଟୁଆଘର ଝିଅ, ପାଇକାଳି ଘର ଝିଅର କାନ୍ଦଣାରେ ଭିନ୍ନତା ରହିଛି । ଦୋଳି ଗୀତଗୁଡ଼ିକ ଅପେକ୍ଷାକୃତ ଦୀର୍ଘ ଓ ଦୋଳିର ଉତ୍‌ଥାନ ପତନ ପରି ଏହାର ଗାଉଣାରେ ମଧ୍ୟ ଛନ୍ଦର ଉତ୍‌ଥାନ ପତନ ରହିଛି । ହୁମୋଗୀତ ମୁଖ୍ୟତଃ ପଶ୍ଚିମ ଓଡ଼ିଶାରେ ପ୍ରଚଳିତ । ଶିଶୁ ଗୀତରେ ଶିଶୁମାନଙ୍କୁ ଗେଲ କରିବା ଗୀତ, ଶିଶୁମାନଙ୍କର ଖେଳ ଗୀତ, ଖେଳରେ ଚୋର ବାଛିବା ଗୀତ, ରାହା ଧରିବା ଗୀତ, ପରୀ ଖେଳ ଗୀତ, କାଠି ନାଚ ଗୀତ, ଆଖିରେ ଅନ୍ଧପୁଟୁଳି ବାନ୍ଧିବା ଗୀତ, ଛିଗୁଲେଇବା ଗୀତ, ଶିଶୁଙ୍କୁ ଶୁଆଇବା ଗୀତ, ଡାମରାକାଉ ଗୀତ ପ୍ରଭୃତି ଉଲ୍ଲେଖଯୋଗ୍ୟ । ଚଇତପର୍ବ ଗୀତ ରସିକତାରେ ଶାଣିତ । ସ୍ତୁତି ଗୀତରେ ବିଭିନ୍ନ ଦେବଦେବୀଙ୍କୁ ସ୍ତୁତି କରାଯାଇଛି । ହଳିଆ ଯେଉଁ ଗୀତ ଗାଏ, ସେଥିରେ ଥାଏ ପୁରାଣ, ଇତିହାସ ଓ ସାମ୍ପ୍ରତିକ ସାମାଜିକ ଜୀବନର କଥା । ମନୋରଞ୍ଜନ ମାଧ୍ୟମରେ କ୍ଲାନ୍ତି ଦୂରକରିବା ହେଉଛି ଏହି ଗୀତଗୁଡ଼ିକର ଉଦ୍ଦେଶ୍ୟ ।

ନାଁଦିଆ ଗୀତଗୁଡ଼ିକ ଗୋଟିଏ ଗୋଟିଏ ଗୋଲକ ଧନ୍ଦା । ଏଥିରେ ବୁଦ୍ଧିର ଚାଷ ହୋଇ ଥାଏ । ଢଗ ଢମାଳିଗୁଡ଼ିକ ସଂକ୍ଷିପ୍ତ । ବେଳେବେଳେ ପଦେ କି ଦିପଦ । କିନ୍ତୁ ଏଗୁଡ଼ିକ ଅତୀବ ସାରଗର୍ଭକ । ଏଥିରେ ବାସ୍ତବ ଘଟଣା, ଭବିଷ୍ୟବାଣୀ, ନୀତିବାଣୀ, ଅନୀତି ପ୍ରତି ବ୍ୟଙ୍ଗ ଓ ହାସ୍ୟରସ ଭରି ରହିଥାଏ । ବିବିଧ ଲୋକଗୀତ ଭିତରେ ମଇଁଷିଆଳ ଗୀତ, ଚକୁଳିଆ ପଣ୍ଡା ଗୀତ, ଚାଇଁନାଟ ଗୀତ, ଭାଲୁନାଚ ଗୀତ, ଚଢ଼େଇଆ ଗୀତ, ଚଢ଼େୟା-ଚଢ଼େୟାଣୀ ଗୀତ, ପଦ୍ମତୋଳା, ଭାଲୁକୁଣୀ ଗୀତ, ପୁନେଇ ଗୀତ, ଡାଲଖାଇ ଗୀତ ପ୍ରଭୃତି ଅନ୍ତର୍ଭୁକ୍ତ । ତଳେ ଲୋକଗୀତର ଦୃଷ୍ଟାନ୍ତସ୍ୱରୂପ ଦୁଇଟି କାନ୍ଦଣା ଗୀତ ଓ କେତୋଟି ଢଗଢମାଳି ପ୍ରଦତ୍ତ ହୋଇଅଛି :-

**କାନ୍ଦଣା ଗୀତ ( ୧ )**

ନନା ତ ବୋଇଲେ ଲୋ ଜାତିରେ ଶ୍ରେଷ୍ଠ
ବିବେକ ନ ନେଲେ ଝିଅ ପାଇବ କଷ୍ଟ ।
ସବୁରି ତୁଣ୍ଡୁ ବୋଉ ଏସନ ଶୁଣି
ଝିଅ କର୍ମେ ଲେଖାଅଛି ବୋଇଲା ବାଣୀ ।
ବରଷକେ ଥରେ ମୁଁ ଲୋ ନ ଯାଏଁ ଘର
ଗଣ୍ଡିକେ ବିଧାଏ ମାରି ଭାଙ୍ଗନ୍ତି ହାଡ଼ ।
ଦିନ ଲୋ ଯାକ ମାରୁଥାଆନ୍ତି ମାଡ଼
ରାତି ଅଧରେ ଉଠି ମାରନ୍ତି ମାଡ଼ ।
ସବୁ ଦୁଃଖ ସହିଥାଇ କର୍ମକୁ ଚାହିଁ
ଆହା ମୋ ବୋଲିବାକୁ ସାହା ତ ନାହିଁ ।
କି ବୋଲି କହିବି ବୋଉ, ଶାଶୁଙ୍କ ଗୁଣ
ଖାରିଆ ଖଡ଼ାକୁ ଲୋ ନ ଦିଅନ୍ତି ଲୁଣ ।
ମୁଣ୍ଡ ଯେ କରିଥାଇ ପର୍ବତମାଳ
ଦେହରେ କାଟଇ ପ୍ରଭୁ ଏ ଖଡ଼ିଗାର ।
ହଳଦି ମାଳପା ପ୍ରଭୁ ତେଣିକି ରଖ
ଖାଇବା ଗଣ୍ଡିକ ମୋର ଦିଶେ ଅଧିକ ।
ଭାତ ଯଦି ଗୁଣ୍ଡିଏ ମୁଁ ଆଣଇ ବାଢ଼ି
ବୋଲନ୍ତି ଦେଉଳ ପରି ଆଣିଛି ମାଡ଼ି ।
ବରଷକେ ଦ୍ୟନ୍ତି ଦୁଇ କାହାଣ କନା
ସେହି ଛିଡ଼ିଗଲେ ଗାଳି ଦିଅନ୍ତି ସିନା ।
ଖରାବେଳେ ଧାନ ଚକେ ଦିଅନ୍ତି ପୁଣି
ବୋଲନ୍ତି କୁ'ଟୁ ଲୋ ! ଜାତିରେ ମାଗୁଣି ।
ଖୁଦ କୁଣ୍ଡା ଖାଇ ଯେବେ ରହିବୁ ଘର

ନଇଲେ ତଡ଼ିଦିଆ ଯାଉ ଦାଣ୍ଡର ।
ବୁଢ଼ି ଲୋ ମରିବାକୁ କୂଅକୁ ଗଲି
ଧରିଲୋ ଆଣିଥିଲେ ତାଙ୍କରି ଖୁଡ଼ୀ ।
ଚମ୍ପାବୋଉ ଖୁଡ଼ୀ ଯାଇଁ ଧଇଲେ ହାତ
ଏ ଟୋକୀଟିକୁ କିଆଁ କର ଏମନ୍ତ ?
ଆଉଦିନେ ଏମନ୍ତ ହେ କରିବ ନାହିଁ
ଲୋକ ଲଜ୍ଜାକୁ ପାଖେ ଶୁଆଇବ ନେଇ ।
କି କରିବି ଖୁଡ଼ୀ ମୋର ଆଇଉ ନାହିଁ
ଗଙ୍ଗା ସ୍ନାହାନ କଲି ନ ମଲା ସେହି ।
ଯେତେ ଯେତେ କୃତ୍ୟ କଲି ନ ଗଲା ନାଶ
ଶତ୍ରୁଙ୍କ ପ୍ରାୟ ମୋତେ ମଣିଛି ବିଷ ।
ଏତେ କଥା ଶୁଣିବାକୁ ଜନନୀ ସିନା
ନିଶ୍ଚିନ୍ତ ପୁରେ ଯାଇ ରହିଲି ନନା ।
ସତେକି ବୋଉ ମୁଁ ଲୋ ଏଘରୁ ଯିବି
ମଝି ଅଡ଼ଙ୍ଗେ ବସି ସବୁ କହିବି ।

**କାନ୍ଦଣା ଗୀତ ( ୨ )**

ପହିଲି ପାଳି ଲୋ ବୋଉ ଦେଲୁ ପଠେଇ
ସାଙ୍ଗରେ ଯାଇଥିଲେ ସାନ କକେଇ ।
ଅଧ ଲୋ ବାଟାଯାଏ ମୋ ପିତା ଗଲେ
ବିଦାୟ ହୁଅ ବୋଲି ମୋତେ କହିଲେ ।
ଧୈର୍ଯ୍ୟ ଲୋ ଫେଡ଼ି ତାଙ୍କୁ କହିଲି ମୁହିଁ
ସୁଆରି ଆଗେ ଦେବ ଦୁହାଁଳ ଗାଈ ।
ଝିଣ୍ଟି ଲୋ କିଣ୍ଟି ମୋର ନଣନ୍ଦ ଥିଲେ
ହାଣ୍ଡିଶାଳ କଣେ ଲୋ ବସାଇ ଦେଲେ ।
ଯେଦିନୁ ହାଣ୍ଡି ଗୋଟେ ଦେଲି ଫୁଟାଇ
ସେଦିନୁ ହାଣ୍ଡିଶାଲୁ ଦେଲେ ଉଠାଇ ।
ଧାନ କୁଟଇ ବୋଉ ପାଣି ଆଣଇ
ଗୁହାଳ ଗୋବର ବୋଉ ମୁହିଁ ପୋଛଇ ।
ଗୁହାଳ କଣେ ବୋଉ ପତ୍ର ପକାନ୍ତି
ଭାତ କଂସିଏ ବୋଉ ବାଢ଼ି ଦିଅନ୍ତି ।

ଲୁଣ ନଥାଇ ବୋଉ ତୁଣ ନଥାଇ
ଗୋବର ଗନ୍ଧରେ ବୋଉ ଖାଇ ନପାରଇ ।
ଶୋଇଲା ବେଳକୁ ବୋଉ ଯୋଉଁ ହଟହଟା
ଦୁଆର କିଳିଣ ବୋଉ ମାରନ୍ତି ଗୋଇଠା ।
ଯୋଉଁ ହଟହଟା ବୋଉ ମୋଡ଼ିଲା ବେଳେ
ପେଲିଦେଲେ ପଡ଼ିଯାଏ ପହଣ୍ଡ ତଳେ ।
ପହଣ୍ଡଙ୍କ ତଳେ ବସି କାନ୍ଦୁଥାଏଁ ମୁହିଁ
ଦାଣ୍ଡ ବାଡ଼ିକି ଚାହିଁଲେ ବୋଉ ମୋର କେହି ନାହିଁ ।
କେଉଁ ଦିନ ଲୋ ବୋଉ ଘରକୁ ଯିବି ?
ହାଣ୍ଡିଶାଳ କଣେ ବସି ସବୁ କହିବି ।

**ଢଗଢ଼ମାଳି**

(୧) ଅତି ଅଧର୍ମ ନହୋଇ ପାର
ଏକଥା ହୋଇଛି ବେଦର ଗାର ।

(୨) ଅତି ମଧୁର ପୋକ ଖାଏ
ଅତି ସ୍ନେହ କଲେ ଭାଙ୍ଗିଯାଏ ।

(୩) ଅଧେ ଆପଣା ଅଧେ ପର
ତେବେ ଓଡ଼ିଶାରେ କରିବ ଘର ।

(୪) ଆଗଚଲା, ଆଗବୋଲା, ପର ଗାଇ ଦୁହାଁ ଦୀପ ପେଲା
ନାଥ ବୋଲେ ପୁଣରେ ଜୀଇଁ ଥାଉ ଥାଉ ମଲା ।

(୫) ଉଇ, ଓଡ଼ଶ, ମଶା
ଏ ଭାଙ୍ଗନ୍ତି ପ୍ରାଣୀଙ୍କ ବସା ।

(୬) ଉଠୁଲୋ ବୋହୁ ବ'ସ, ମୋର ଗୋଦର ଗୋଡ଼କୁ ଘଷ ।
ଉଠିବି ନାହିଁ କି ବସବି ନାହିଁ, ଗୋଦର ଗୋଡ଼କୁ ଘଷିବି ନାହିଁ ।

(୭) କଅଣ କହିବୁ କହ
ପାଠ ପଢ଼ିଥିଲେ ଗୀତ ଗାଉଥାନ୍ତି
ବାଉରୀ କଣ୍ଡରା ପୁଅ ।

### ୫.୨.୧ ମୂଳପାଠର ପ୍ରଥମାଂଶରୁ ପ୍ରଶ୍ନ

୧. (କ) ଲୋକଗୀତ ମଧ୍ୟରେ କେଉଁ କେଉଁ ଗୀତ ଅନ୍ତର୍ଭୁକ୍ତ ?

(ଖ) କି କି ପ୍ରକାର ଗାଥାଗୀତିକା ବିଶେଷ ଲୋକପ୍ରିୟ ହୋଇପାରିବ ?

(ଗ) କାନ୍ଦଣାଗୀତରେ ସମାଜର କେଉଁ ଦିଗଟି ଚିତ୍ରିତ ହୋଇଥାଏ ?

(ଘ) ଓଡ଼ିଆ ଢଗଢ଼ମାଳିର ମହତ୍ତ୍ୱ କ'ଣ ?

**୫.୨.୨ ମୂଳପାଠର ପ୍ରଥମ ଭାଗରୁ ବ୍ୟାକରଣ ପ୍ରଶ୍ନ**

୧. (କ) ନିମ୍ନଲିଖିତ ଶବ୍ଦଗୁଡ଼ିକରେ କେଉଁ କେଉଁ ପ୍ରତ୍ୟୟ ଯୁକ୍ତ ହୋଇଛି, ଲେଖନ୍ତୁ -
ଗୀତ, ମାଗୁଣି, ଖାରିଆ, ନାଶ, ସାମାଜିକ ।

(ଖ) ନିମ୍ନଲିଖିତ ଶବ୍ଦଗୁଡ଼ିକରେ କେଉଁ କେଉଁ ସମାସ ହୋଇଛି ଲେଖନ୍ତୁ -
ଚଇତିପର୍ବ

(ଗ) ନିମ୍ନୋକ୍ତ ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖନ୍ତୁ -
ଶତ୍ରୁ, ଅଧର୍ମ, ପର ।

(ଘ) ନିମ୍ନଲିଖିତ ଶବ୍ଦଗୁଡ଼ିକର ଏକାର୍ଥବୋଧକ ଶବ୍ଦ ଲେଖନ୍ତୁ -
ପୃଥିବୀ, ଗଙ୍ଗା, ଆଖି ।

## ୫.୩ ମୂଳପାଠର ଦ୍ୱିତୀୟଭାଗ

### ଓଡ଼ିଆ ଲୋକକାହାଣୀ

ଓଡ଼ିଆ ଲୋକକାହାଣୀ ମଧ୍ୟରୁ କେତେକ କାଳ୍ପନିକ, କେତେକ ସଂସ୍କୃତ କଥା ସରିତ୍‌-ସାଗର, ବୃହତ୍ କଥାମଞ୍ଜରୀ ଓ ପଞ୍ଚତନ୍ତ୍ର ପ୍ରଭୃତି ଉପରେ ଆଧାରିତ, କେତେକ ସଂସ୍କୃତ ପୁରାଣ, ପାଲି-ଭାଷାର ଜାତକ ଗଳ୍ପ, ସାରଳାଦାସଙ୍କ ମହାଭାରତ ଓ ବଳରାମ ଦାସଙ୍କ ରାମାୟଣରୁ ଗୃହୀତ । ପଲ୍ଲୀ ଜନତାର ଜୀବନ ସହିତ ଲୋକକାହାଣୀ ଓତଃପ୍ରୋତଃ ଭାବେ ଜଡ଼ିତ । ଭାଗବତ ଟୁଙ୍ଗୀ, ଜାଗାଘର, ଚଉପାଢ଼ୀ, ଓସାରିଆ ପିଣ୍ଡା, ଓସାରିଆ ଅଗଣା, ଦାଣ୍ଡ, ପଡ଼ିଆ ପ୍ରଭୃତି ସ୍ଥାନରେ ଲୋକକାହାଣୀ ବେଶ୍ ଜମେ । ତୀର୍ଥଯାତ୍ରାରେ ଲମ୍ବାବାଟ ପାଦରେ ଚାଲି ଯାଉଥିବାବେଳେ, ସଡ଼କରେ ଶଗଡ଼ ବାହୁଥିବା ବେଳେ, ବିଲବଛା ଓ ଧାନକଟା ବେଳେ, ଚନ୍ଦ୍ରପକ୍ଷ ରାତିରେ ଅଥବା ସନ୍ଧ୍ୟାବେଳେ ଦଳେ ଏକତ୍ର ବିଶ୍ରାମ ନେଲାବେଳେ ଓଡ଼ିଆ ଲୋକକାହାଣୀର ଖିଅ ଆରମ୍ଭ ହୁଏ । କେଉଁଠି କେତେବେଳେ ସରିବ, କହିବା କଠିନ । ଆଧୁନିକ କ୍ଷୁଦ୍ରଗଳ୍ପର ଲେଖକ କିଏ କହିହେବ, କିନ୍ତୁ ଲୋକକାହାଣୀର ମୂଳ କଥକ କିଏ କହିବା ସମ୍ଭବ ନୁହେଁ । କେଉଁ ଅଞ୍ଚଳରୁ, କେଉଁ ଲୋକର ମୁହଁରୁ, କେଉଁ ଗଳ୍ପ, କେଉଁ ସମୟରେ, କେଉଁ ରୂପରେ, କେଉଁ କେଉଁ ଉପାୟରେ ଲୋକମାନଙ୍କ ପାଖକୁ ଆସି ପହଞ୍ଚିଛି କହିବା କଷ୍ଟକର । ଲୋକକାହାଣୀର କୌଣସି ନିର୍ଦ୍ଦିଷ୍ଟ ରୂପ ନାହିଁ । କଥକ ଭେଦରେ ରୂପ ନିଆରା ନିଆରା ହୋଇଯାଏ । କଥକର କଳ୍ପନାବିଳାସ, ବର୍ଣ୍ଣନାଚାତୁରୀ ଓ ପରିବେଶ

ଅନୁଯାୟୀ କାହାଣୀରେ କେତେ ମିଶାଣ ଫେଡ଼ାଣ ଚାଲିଥାଏ । କ୍ଷୁଦ୍ରଗଳ୍ପ ଅପରିବର୍ତ୍ତନୀୟ କିନ୍ତୁ ଲୋକ କାହାଣୀ ପରିବର୍ତ୍ତନଶୀଳ । ଓଡ଼ିଆ ଲୋକ ଗଳ୍ପରେ ଚରିତ୍ର ଭାବରେ କେବଳ ମଣିଷ ଦେଖାଦେଇ ନାହାନ୍ତି, ଦେଖାଦେଇଛନ୍ତି ସିଂହ, ବାଘ, ଭାଲୁ, ବିଲୁଆ, ମାଙ୍କଡ଼, ସାପ, କୁମ୍ଭୀର, ମୂଷା, ନେଉଳ, ହରିଣ, ଛେଳି, ଇତ୍ୟାଦି ଅସଂଖ୍ୟ ପ୍ରାଣୀ, କାଉ, କୋଇଲି, ବାଦୁଡ଼ି, ଶାଗୁଣା ପ୍ରଭୃତି ଅସଂଖ୍ୟ ପକ୍ଷୀ, ପାହାଡ଼, ନଈ, ସୂର୍ଯ୍ୟ, ପବନ, ଆକାଶ, ସମୁଦ୍ର ପ୍ରଭୃତି ପ୍ରାକୃତିକ ପଦାର୍ଥ ଓ ଉଦ୍ଭିଦ ଜଗତ । ଏମାନେ ସବୁ ମଣିଷ ପରି ବ୍ୟବହାର କରିଛନ୍ତି ।

ଓଡ଼ିଆ ଲୋକକାହାଣୀରେ ଚରିତ୍ରମାନଙ୍କର ନିର୍ଦ୍ଦିଷ୍ଟ ନାମ, ଧାମ, କାମ, ଜାତି, ପଦବୀ, ବୟସ ଓ ଅବସ୍ଥାନୁଯାୟୀ ସେମାନେ ପରିଚିତ ହୁଅନ୍ତି । ଯେମିତି ରାଜାପୁଅ, ରାଜାଝିଅ, ମନ୍ତ୍ରୀପୁଅ, ମନ୍ତ୍ରୀଝିଅ, ସାଧବପୁଅ, ସାଧବଝିଅ, ବ୍ରାହ୍ମଣ, ବ୍ରାହ୍ମଣୀ, ଶାଶୁ, ବୋହୂ, ବଡ଼ରାଣୀ, ପାଟରାଣୀ, ସାନରାଣୀ, ମାଲୁଣୀ ଇତ୍ୟାଦି ।

ଓଡ଼ିଆ ଲୋକକାହାଣୀରେ ଭାଗ୍ୟ ବା ନିୟତିର ବଳିଷ୍ଠ ଭୂମିକା ରହିଛି । ଭାଗ୍ୟ ଆଗରେ ମଣିଷର ସବୁ ଶକ୍ତି ହାର ମାନିଯାଏ । ସେହିପରି ଓଡ଼ିଆ ଲୋକକାହାଣୀରେ ଇନ୍ଦ୍ରଜାଲ ବା କୁହୁକ ବିଦ୍ୟା ପରି ଅଲୌକିକତା ପରିଲକ୍ଷିତ ହୁଏ ।

ପ୍ରାୟ ପ୍ରତି କାହାଣୀରେ ସାମାଜିକ ଜୀବନର ପ୍ରତ୍ୟକ୍ଷ ବା ପରୋକ୍ଷ ଚିତ୍ର ସହିତ ବହୁ ଉପଦେଶ ଭରି ରହିଥାଏ । କଳ୍ପନା ସହିତ ବାସ୍ତବ, ସତ୍ୟ ସହିତ ଆଦର୍ଶ ଓଡ଼ିଆ ଲୋକକାହାଣୀର ମୁଖ୍ୟ ଉପଜୀବ୍ୟ ।

ଓଡ଼ିଆ ଲୋକକାହାଣୀର ଶୈଳୀ ଅତୀବ ଚିତ୍ତାକର୍ଷକ । ଶ୍ରୋତାର ମନକୁ କାହାଣୀ ଆଡ଼କୁ ଆକୃଷ୍ଟ କରିବା ପାଇଁ କଥକ କାହାଣୀର ଆରମ୍ଭରେ ପଦ୍ୟାତ୍ମକ କଥାଣିଟିଏ ପ୍ରୟୋଗ କରିଥାନ୍ତି । ଯଥା–

କଥାଟିଏ କହୁଁ – କଥାଟିଏ କହୁଁ
କିସ କଥା ? – ବେଙ୍ଗ କଥା ।
କି ବେଙ୍ଗ ? – ଠୁରା ବେଙ୍ଗ ।
କି ଠୁରା ? – ବ୍ରାହ୍ମଣ ମରା ।
କି ବ୍ରାହ୍ମଣ ? – ଶୁଦ୍ଧ ବ୍ରାହ୍ମଣ ।
କି ଶୁଦ୍ଧ ? – ପିଠା ମଧ ।
କି ପିଠା ? – ତାଳ ଗଇଁଠା ।
କି ତାଳ ? – ସୋରିଷ ମାଳ ।
କି ସୋରିଷ ? – ଅଣ ସୋରିଷ ।
କି ଅଣ ? – କିଆ ବଣ ।
କି କିଆ ? – ରଜା ଭିଆ । ଇତ୍ୟାଦି

ସେହିପରି ଗଳ୍ପ ଶେଷରେ ମଧ୍ୟ କୌତୁହଳଜନକ କଥାଣିଟିଏ ବାଢ଼ିଥାଆନ୍ତି, ଯଥା- ୧ ମ ।
କଥାଟି ସରିଲା – ଫୁଲ ଗଛଟି ମଲା ।

- ହଇରେ ଫୁଲଗଛ କାହିଁକି ମଲୁ ?
- ମତେ କାଳୀଗାଈ ଖାଇଗଲା ।
- ହଇଲୋ କାଳୀଗାଈ, କିଆଁ ଖାଇଗଲୁ ?
- ମତେ ଗଉଡ଼ ଜଗିଲାନି ।
- ହଇରେ ଗଉଡ଼ ତୁ କିଆଁ ଜଗିଲୁନି ?
- ମତେ ବଡ଼ବୋହୂ କିଆଁ ଖାଇବାକୁ ଦେଲାନି ?
- ହଇଲୋ ବଡ଼ବୋହୂ, ତୁ କିଆଁ ଖାଇବାକୁ ଦେଲୁନି ?
- ମୋ ପୁଅଟା କାନ୍ଦିଲା ।
- ହଇରେ ପୁଅ, ତୁ କିଆଁ କାନ୍ଦିଲୁ ?
- ମତେ ଧୂଳିଆ ଜନ୍ଦା କାମୁଡ଼ି ଦେଲା ।
- ହଇରେ ଧୂଳିଆ ଜନ୍ଦା, ତୁ କିଆଁ କାମୁଡ଼ିଲୁ ?
- ମୁଁ ଭୁଇଁ ତଳେ ତଳେ ଥାଏଁ,
  କଅଁଳ ମାଉଁସ ଟିକିଏ ପାଇଲେ, ରୁଟ୍‌କିନି କାମୁଡ଼ି ଦିଏଁ ।

ଏ କଥାଣି କଥକ ଭେଦରେ ବଦଳି ଯାଇପାରେ ।

ଲୋକକାହାଣୀର ଭାଷା ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଥିବାରୁ ତାହା ଅତୀବ ସରଳ ହୋଇଥାଏ । 'ସେଥିରେ ମିଷ୍ଟତା ଥାଏ, କିନ୍ତୁ କ୍ଲିଷ୍ଟତା ନଥାଏ । ହୃଦୟକୁ ଛୁଇଁ ଲାଖି ରହିଲା ପରି ଭାଷା । ତାହାର ଏକ ନମୁନା ନିମ୍ନରେ ଲକ୍ଷ୍ୟ କରନ୍ତୁ ।

**ମନ ଚାହିଁ ଫଳ**

ଅନ୍ଧୁଣୀଟିଏ ଥାଏ । ଭିକ ମାଗି ମାଗି ବଡ଼ କଷ୍ଟରେ ଚଳୁଥାଏ । ସାଥିରେ ପୁଅଟିଏ । ପୁଅଟି ବଡ଼ ହେଲା । ଅନ୍ଧୁଣୀଟି ବୁଢ଼ୀ ହୋଇଗଲା । ଦୁଆରକୁ ଦୁଆର ବୁଲି ଆଉ ଭିକ ମାଗି ପାରିଲା ନାହିଁ । ଦିନେ ବୁଢ଼ୀ କହିଲା – ବାପରେ, ମୋତେ ଜଙ୍ଗଲରେ ନେଇ ଛାଡ଼ିଆ । ମୁଁ ସେଇଠି ମରେ କି ସଢ଼େ । ଏ ଘରେ ଆଉ ରହିବି ନାହିଁ । ଦୁଃଖ ତ ଦୁଃଖ, ଯୁଆଡ଼େ ଗଲେ ଦୁଃଖ । ଜଙ୍ଗଲରେ ନଖାଇ ନପିଇ ଶୁଖି ଶୁଖି ମରିବି ପଛେ, ତୋତେ ଆଉ ଦୁଃଖ ଦେବି ନାହିଁ । ପୁଅ କହିଲା – ମା, ମୁଁ ଥାଉଁ ଥାଉଁ ତୁ ଏମିତି ମରିବୁ ? ମୁଁ ଥିଲେ କେତେ ମଲେ କେତେ ? ବୁଢ଼ୀର ଏକା ଜିଦ୍, ଜଙ୍ଗଲକୁ ଯିବ ହିଁ ଯିବ । ପୁଅ ବୁଝେଇ ବୁଝେଇ ଥକିଗଲା । ଶେଷରେ ଜଙ୍ଗଲରେ ମା'ର ପାଇଁ ଝାଟିମାଟିର କୁଡ଼ିଆଟିଏ କରିଦେଲା । ସେଇଠି ନେଇ ମା'କୁ ରଖିଲା । ପର ଦୁଆରେ ଖଟି ଖଟି ବାର ଛିଙ୍କରା ନିଙ୍କରା ପାଇ ଯାହା ଦି' ପଇସା ଆଣେ ସେଇଥିରେ ଚାଉଳ ଦିମୁଠା କିଣି ହାଣ୍ଡିରେ ଫୁଟାଏ ଓ ମାଆକୁ ଗଣ୍ଡିଏ ଗଣ୍ଡିଏ ଭାତ ଦେଇ ଆସୁଥାଏ । ବୁଢ଼ୀ ସେ ଗଣ୍ଡିକ ଖାଇ ଠାକୁରଙ୍କୁ ଡାକି ଡାକି କତରାରେ ପଡ଼ିଥାଏ ।

ଦିନେ କୁଆଡୁ ଚାହୁଁ ଚାହୁଁ ଅଦିନିଆ ମେଘ ଘୋଟି ଆସିଲା । ଘଡ଼ଘଡ଼ି ଚଡ଼ଚଡ଼ି ରଡ଼ିରେ ପୃଥ୍ୱୀ ଦୁଲୁକିଗଲା । ଚାରିଆଡେ କିଟି କିଟି ଅନ୍ଧାର । ମୁହଁକୁ ମୁହଁ ଦୁଶୁନି । ବିଜୁଳି ଆଲୁଅରେ ଦରାଣ୍ଡି ଦରାଣ୍ଡି ପୁଅ ମା ପାଖକୁ ଆସିଲା । ବୁଢ଼ୀ ଘୁଷୁଡ଼ି ଘୁଷୁଡ଼ି ଦାଣ୍ଡ ପିଣ୍ଡାକୁ ଆସି ପୁଅକୁ ନିଘା କରିଥାଏ । ବର୍ଷା କାକରରେ ଦିହ କୋଲ ମାରିଯାଉଥାଏ । ପୁଅକୁ ଆଉଁସି ଆଉଁସି ମା କୁଡ଼ିଆ ଭିତରକୁ ନେଇଗଲା । ପୁଅ ସେଇଠି ଚାଉଳ ଦି'ଟା ଫୁଟଉଥାଏ ।

ଏତିକିବେଳେ କୁଆଡୁ ବୁଲି ବୁଲି ଆସି ବାବଜୀ ଦିଜଣ ପହଞ୍ଚିଲେ । ଟାଟି କବାଟକୁ ଠକ୍ ଠକ୍ କଲେ, ବୁଢ଼ୀ ଧଡ଼ପଡ଼ ହୋଇ ଘୁଷୁଡ଼ି ଘୁଷୁଡ଼ି ଯାଇ କବାଟ ଫିଟାଇଲା । କାଳିଆ ଜଣଙ୍କ କହିଲା – ମାଉସୀ । ଆମ ଦି'ଭାଇଙ୍କି ବହୁତ ଭୋକ ହେଲାଣି । କଣ ଥିଲେ ଦିଟା ଖାଇବାକୁ ଦିଅ । ବୁଢ଼ୀ କହିଲା – ବସରେ ବାପେ, ବସ । ପୁଅକୁ ଡାକି କହିଲା – ହରିଆରେ, ଯାହା ଫୁଟାଇଛୁ ଏ କୁଣିଆଁ ଦି'ଜଣଙ୍କୁ ଦେ । କୁଣିଆଁ ସାକ୍ଷାତେ ଠାକୁର । ଛିଣ୍ଡା ହେଁସ ଖଣ୍ଡିକ ପାରିଦେଲା । କୁଣିଆଁ ଦିଜଣ ବସିଲେ । ଭାତ ନକ ନକ ହେଉଥାଏ, ପେଜ ନିଗାଡ଼ି ହରିଆ ଶାଳପତ୍ର ଖଲିରେ କୁଣିଆଁ ଦି'ଜଣଙ୍କୁ ବାଢ଼ିଦେଲା । ତେନ୍ତୁଳି ଲୁଣ ଲଙ୍କା ନେଇ ଦିଭାଇ ସେତକ ଖାଇ ଦେଇ ସୋଇଗଲେ । ଘର ଭିତରେ କୁଣିଆଁ ଦିଜଣଙ୍କୁ ଶୁଆଇ ମା ପୁଅ ଦିହେଁ ଭୋକରେ ଆଉଟୁ ପାଉଟୁ ହୋଇ ପିଣ୍ଡାରେ ଶୋଇଲେ । ହିମାଳ ପବନ ଓ ବରଷା ପାଣିରେ ମଞ୍ଜ ଥରିଯାଉଥାଏ, ବୁଢ଼ୀ ଥୁରୁଥୁରୁ ହେଉଥାଏ । ଧକଉ ଧକଉ କେତେବେଳେ ନିଦ ଘୋଟି ଆସିଛି । ଫସର ଫାଟିଲା ବେଳକୁ ଆଉ ବର୍ଷା ପବନ ନଥାଏ । ବୁଢ଼ୀର ଆଖି ଖୋଲି ଯାଇଥାଏ । ଏକୋଇର ବଳା ବିଶିକେସନକୁ ଚାହିଁ ଆନନ୍ଦରେ ଗଦ ଗଦ ହୋଇଗଲା । ପୁଅ ମା' କୋଳରେ ମୁଣ୍ଡ ଜାକିଲା । ସେମାନେ ଦେଖି ତାଜିବି ହୋଇଗଲେ ଯେ ଆଉ ସେ ଝାଟିମାଟିର କୁଡ଼ିଆ ନାହିଁ । ରଜା ଉଆସଠୁ ବଳି ଦିବ୍ୟ ସୁନ୍ଦର ଘର । ଧନ ଦରବରେ ପୂରି ଉଠୁଛି ।

ସେଇ ଗାଁରେ ଭଜିଆ ଗଉଡ଼ର ମା' ବୁଢ଼ୀ ଅନ୍ଧୁଣୀ । ଗାଈ ଚରାଇବାକୁ ଜଙ୍ଗଲକୁ ଆସି ଦେଖେ ତ ନଈ କୂଳେ ଉଆସଟାଏ ଠିଆ ହୋଇଛି । ପାଖକୁ ଆସି ଦେଖେ ତ ହରିଆ ଓ ହରିଆ ମା । ହରିଆ ଗୋଟି ଗୋଟି କରି ସବୁକଥା ଭଜିଆକୁ କହିଲା । ଭଜିଆ ଘରକୁ ଫେରି ତାର ଅନ୍ଧୁଣୀ ମା'କୁ ସବୁକଥା କହିଲା । ମା ବୁଝେଇଲା – ଭଜିରେ, ଯାହା କରମରେ ଥିବ ତାହା ହିଁ ଘଟିବ । ଆମ କରମରେ ନାହିଁ । କପାଳ ଲିଖନ କେ କରିବ ଆନ । ତୋ ଭଳି ପୁଅ ଥାଉ ଥାଉ ମୋତେ ବାଘ ମୁହଁକୁ, ସାପ ମୁହଁକୁ ପେଲିଦେବୁ ? ଭଜିଆ ମା' କଥା ଶୁଣିଲା ନାହିଁ । ତାକୁ ଘୋଷାଡ଼ି ଘୋଷାଡ଼ି ନେଇ ଜଙ୍ଗଲରେ ରଖିଲା । ପତ୍ର କୁଡ଼ିଆଟିଏ ବନେଇ ଦେଲା । ନିଇତି ଆଣି ଅଡ଼ିଏ ଚାଉଳ ରାତିରେ ଫୁଟାଏ । ମା'ର ବୋଡ଼ିଏ, ତାର ବୋଡ଼ିଏ ।

ଦିନେ ସନ୍ଧ୍ୟା ବେଳେ ଘୁ' ଘୁ', ସୁ' ସୁ ହୋଇ ବରଷାବତାସି ମାଡ଼ିଆସିଲା । ଭାତରନ୍ଧା ସରିଥାଏ । ଭଜିଆ ଶୁଣିଲା ଦୁଆରେ କିଏ ଠକ୍ ଠକ୍ କରୁଛି । କବାଟ ଫିଟାଇଦେଲା । ତା ଗାଁର ସୁକୁରିଆ ମା ନେତୀମାଉସୀ । ସତୁରୀ ବରଷର ବୁଢ଼ୀ, କାଠ ଗୋଟେଇ ଆସିଥିଲା ।

ଧୋଡ଼ାରେ ଗୋଡ଼ ଖସିଗଲା । ଘୁଷୁଡ଼ି ଘୁଷୁଡ଼ି ଆସି ପହଞ୍ଚିଛି । ଦେହ ଜାଡ଼ି ଯାଉଛି । ବୁଢ଼ୀ କହିଲା, ବାପ ଭଜିଆ କିରେ । ମୁଁ ଏଇଠି ଟିକିଏ ଗଡ଼ିପଡ଼ିବି । ରାତି ପାହିଲେ ପଳେଇ ଯିବି । ଭଜିଆ ଛେଙ୍କେରା ନେଙ୍କେରା ହୋଇ କହିଲା, ଯା' ଯା' ଠାକୁରାଣୀ ଆସିଗଲେ । ଏଇଲେ ମୁଣ୍ଡରେ ମୁଣ୍ଡାଇ ପଲଙ୍କରେ ଶୁଆଇବି ।

ବୁଢ଼ୀ କାନ୍ଦୁଣୁମାନ୍ଦୁଣୁ ହୋଇ କହିଲା, ପିଣ୍ଡାରେ ନ ଶୁଆଇଲେ ନାହିଁ । ଗଣ୍ଡେ ଖାଇବାକୁ ଦେ । ମୋ ପେଟ ଭୋକରେ ଜଳୁଛି । ଗୋଡ଼ହାତ ଝିମିଝିମି ମାରିଯାଉଛି । ଭଜିଆ ରାଗ ତମତମ ହୋଇ କହିଲା, ହଅଁ ଲୋ, ତୋତେ ଏଇଲେ ଛଅ ତିଅଣ ନଅ ଭଜା କରି ବାଢ଼ିବି ? ତୁ ଏଖିଣି ଗେବିବୁ । ଭାଗ୍ ଭାଗ୍ ଏଠୁ । ବୁଢ଼ୀ କହିଲା, ତତେ ମୋରି ଦଶା ମିଳୁରେ ଭଜିଆ ।

ରାତି ପାହଲା । କୁଡ଼ିଆ ପାଖରେ ରହିଥିବା ଆମ୍ବ ଗଛଟା ସେଦିନ ବତାସି ସୁଆସିରେ କଟ କଟ ହୋଇ ଭାଙ୍ଗିପଡ଼ିଲା । ଗୋଟିଏ ମୋଟା ଡାଳ ତଳେ ଚିପିହୋଇ ଭଜିଆ ଛଟପଟ ହୋଇ ମଲା । ବୁଢ଼ୀ ଦରାଣ୍ଡି ଦରାଣ୍ଡି ଆସି ପୁଅକୁ ଆଉଁସିଲା । କାନ୍ଦି କାନ୍ଦି କହୁଥାଏ – ଧର୍ମାଧର୍ମ ବିଚାରିଲୁ ନାହିଁରେ ଭଜିଆ । ଏ ଦଶା ଭୋଗିଲୁ । ମନ ଚାହିଁ ଫଳରେ ଭଜିଆ । ଯା ମନ ଯେମିତି, ତା ଫଳ ସେମିତି ।

### ୫.୩.୧ ମୂଳପାଠର ଦ୍ୱିତୀୟାଂଶରୁ ପ୍ରଶ୍ନ

୧. (କ) ଲୋକକାହାଣୀ କେଉଁ କେଉଁ ସ୍ଥାନରେ ଓ ପରିବେଶରେ ବେଶ ଜମେ ?

(ଖ) ମନୁଷ୍ୟ ବ୍ୟତୀତ ଅନ୍ୟ କେଉଁ କେଉଁ ଜୀବଜନ୍ତୁ ଓଡ଼ିଆ ଲୋକଗଳ୍ପରେ ଚରିତ୍ର ଭାବରେ ସ୍ଥାନ ପାଇଥାନ୍ତି ?

### ୫.୩.୨ ବ୍ୟାକରଣ ପ୍ରଶ୍ନ

୧. (କ) ନିମ୍ନଲିଖିତ ଶବ୍ଦଗୁଡ଼ିକର କେଉଁ କେଉଁ ପ୍ରତ୍ୟୟ ରହିଛି ଦେଖନ୍ତୁ –

କାଳ୍ପନିକ, ମିଷ୍ଟତା

(ଖ) ନିମ୍ନଲିଖିତ ଶବ୍ଦଗୁଡ଼ିକର କେଉଁ କେଉଁ ସନ୍ଧି କିପରି ରହିଛି ଦେଖନ୍ତୁ ।

ଚିତ୍ତାକର୍ଷକ, ଅବସ୍ଥାନୁଯାୟୀ ।

(ଗ) ନିମ୍ନଲିଖିତ ଶବ୍ଦଗୁଡ଼ିକର କି କି ସମାସ ରହିଛି ବ୍ୟାସବାକ୍ୟ ସହ ଲେଖନ୍ତୁ ।

ଅଦିନିଆ, ବିଲବଛା, ସାଧବପୁଅ, ସାନରାଣୀ ।

(ଘ) ନିମ୍ନୋକ୍ତ ଶବ୍ଦଗୁଡ଼ିକରେ ଏକାର୍ଥବୋଧକ କେତେକ ଶବ୍ଦ ଦେଖନ୍ତୁ–

ଚନ୍ଦ୍ର, ରାତି, ଫୁଲ ।

# ୫.୪ ମୂଳପାଠର ତୃତୀୟାଭାଗ

## ଓଡ଼ିଆ ଲୋକନାଟ୍ୟ

ଓଡ଼ିଆ ଲୋକନାଟ୍ୟ ମଧ୍ୟରେ ପାଲା, ଦାସକାଠିଆ, ଗୋଟିପୁଅ ଓ ଯାତ୍ରା ପ୍ରଭୃତି ଅନ୍ତର୍ଭୁକ୍ତ । ପାଲା ଦଳରେ ଗାୟକ, ବାୟକ ଓ ପାଳିଆ ମିଶି ପାଞ୍ଚ ଛଅ ଜଣ ଥାଆନ୍ତି । ସେମାନେ ବିଭିନ୍ନ ପୋଷାକ ପରିଚ୍ଛଦରେ ସଜ୍ଜିତ ହୋଇଥାନ୍ତି । ଗାୟକ ହାତରେ ଚଅଁର ଓ ଗିନି ଧରିଥାନ୍ତି । ବାୟକ କାନ୍ଧରେ ଝୁଲୁଥାଏ ମୃଦଙ୍ଗ । ପାଳିଆମାନଙ୍କ ହାତରେ ଝାଞ୍ଜ କରତାଳ । ପୁରାଣ ଓ କାବ୍ୟରୁ ବିଷୟବସ୍ତୁ ଓ ପଦ୍ୟାଂଶ ଆହରଣ କରି ସେମାନେ ବିଭିନ୍ନ ରାଗ ରାଗିଣୀରେ ଅଭିନୟର ସହିତ ଗୀତ ପରିବେଷଣ କରିଥାନ୍ତି । ପାଲା ଦୁଇ ପ୍ରକାରର – ଠିଆ ପାଲା ଓ ଗାଦି ପାଲା । ଉଭୟ ପ୍ରକାର ପାଲାରେ ସତ୍ୟପୀର ବା ସତ୍ୟ ନାରାୟଣଙ୍କ ପୂଜାର ବିଧାନ ଅଛି । ତେବେ ଗାଦିପାଲାରେ ଜଣେ ପୁରୋହିତ ପୂଜାରେ ବସି କବିକର୍ଣ୍ଣଙ୍କଦ୍ୱାରା ରଚିତ ଷୋଳପାଲା ଗାନ କରନ୍ତି । ମଝିରେ ମଝିରେ ଶ୍ରୋତାମାନେ ପାଳିଧରନ୍ତି । ଷୋଳପାଲାରେ ସତ୍ୟପୀରଙ୍କ ମହିମା ବର୍ଣ୍ଣିତ ହୋଇଥାଏ । ପାଲାଗୁଡ଼ିକର ଭାଷା ମେଦିନୀପୁରୀ ଓଡ଼ିଆ ଉପଭାଷା । ଏଥିରେ କିଛି ବଙ୍ଗଳା ଶବ୍ଦ ମିଶି ଯାଇଛି । ଠିଆ ପାଲାରେ ଷୋଳ ପାଲା ଭିତରୁ ଏକ ବା ଏକାଧିକ ସ୍ଥାନ ପାଇପାରେ କିନ୍ତୁ ମୁଖ୍ୟତଃ ଓଡ଼ିଆ ପାଲାଦଳ ବିଭିନ୍ନ ଓଡ଼ିଆ କବିଙ୍କଦ୍ୱାରା ରଚିତ ପୁରାଣ ବା କାବ୍ୟ ପରିବେଷଣ କରିଥାନ୍ତି । ମଝିରେ ମଝିରେ ଅନ୍ୟାନ୍ୟ କବିମାନଙ୍କର ପୁରାଣ ବା କାବ୍ୟରୁ ମଧ୍ୟ ପଦ୍ୟାଂଶମାନ ଉଦ୍ଧାର କରିଥାନ୍ତି । ପାଲା ଗାୟକ ସାଧାରଣତଃ ଜଣେ ପଣ୍ଡିତ ବ୍ୟକ୍ତି । ଓଡ଼ିଆ ସହିତ ସଂସ୍କୃତ ସାହିତ୍ୟରେ ମଧ୍ୟ ତାଙ୍କର ପ୍ରବେଶ ଥାଏ । ଓଡ଼ିଶାରେ ପାଲା ଲେଖକ ହେଉଛନ୍ତି ମୁଖ୍ୟତଃ ଗାଁ ଗହଳର କବି । ଓଡ଼ିଆ ପାଲା ଲେଖକମାନଙ୍କ ମଧ୍ୟରେ ଶ୍ରେଷ୍ଠସ୍ଥାନ ଅଧିକାର କରିଛନ୍ତି କବିମଞ୍ଜୁଳ କୃଷ୍ଣ ପ୍ରସାଦ ବସୁ ।

ଦାସକାଠିଆକୁ ପାଲାର ଏକ ସଂକ୍ଷିପ୍ତ ସଂସ୍କରଣ ବୋଲି କୁହାଯାଇପାରେ । ତଫାତ୍ ଭିତରେ ଏତିକି, ଦାସକାଠିଆରେ ଜଣେ ମାତ୍ର ଗାୟକ ଓ ଜଣେ ମାତ୍ର ପାଳିଆ ଥା'ନ୍ତି । ପ୍ରତ୍ୟେକେ ଦୁଇଟି କାଠିକୁ ଆଙ୍ଗୁଠି ସାହାଯ୍ୟରେ ବଜାଇ ଗୀତ ଗାନ କରିଥାନ୍ତି ।

ଯାତ୍ରା ମଧ୍ୟରେ ଲୀଳା, ସୁଆଙ୍ଗ, ଗୀତାଭିନୟ ଓ ଗୀତିନାଟ୍ୟ ପ୍ରଭୃତି ଅନ୍ତର୍ଭୁକ୍ତ । ଗାଁ ଦାଣ୍ଡରେ ବା ଖୋଲା ପଡ଼ିଆରେ ମୁକ୍ତ ରଙ୍ଗମଞ୍ଚରେ ଯାତ୍ରା ଅଭିନୀତ ହୋଇ ହଜାର ହଜାର ଲୋକଙ୍କୁ ମୁଗ୍ଧ କରେ । ଆଧୁନିକ ଥିଏଟର ଓ ଚଳଚ୍ଚିତ୍ର ପ୍ରଚଳନ ପୂର୍ବରୁ ଯାତ୍ରା ଲୋକମାନଙ୍କର ଅଭିନୟ ଦର୍ଶନ ପିପାସା ତୃପ୍ତ କରୁଥିଲା । ଥିଏଟର, ଚଳଚ୍ଚିତ୍ରର ବହୁଳ ପ୍ରଚଳନ ସତ୍ତ୍ୱେ ଏବେ ବି ଏହାର ଜନପ୍ରିୟତା ହ୍ରାସ ନପାଇ ବରଂ ବୃଦ୍ଧି ପାଇଛି । ସମ୍ଭବତଃ ମୁସଲମାନ ରାଜତ୍ୱ କାଳରେ ଷୋଡ଼ଶ ଶତାବ୍ଦୀରୁ ଓଡ଼ିଶାରେ ଯାତ୍ରାଭିନୟ ଆରମ୍ଭ ହୋଇ ସପ୍ତଦଶ ଶତାବ୍ଦୀ ବେଳକୁ ଯଥେଷ୍ଟ ଜନପ୍ରିୟତା ଲାଭ କରିଛି । ପୁରାତନ ଯାତ୍ରା ମଧ୍ୟରେ ମୋଗଲ ତାମସା, ଚଉଡ଼ା ତାମସା, ରାମଲୀଳା, କୃଷ୍ଣଲୀଳା ଓ ସୁଆଙ୍ଗ ପ୍ରଭୃତି ପ୍ରଧାନ । ପ୍ରଥମ ପର୍ଯ୍ୟାୟରେ

ଗୋବିନ୍ଦ ଶୂରଦେଓ ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ । ଯାତ୍ରାର ଗଦ୍ୟ ସଂଳାପ ସହଜ ସରଳ ଭାଷାରେ ରଚିତ । ପଦ୍ୟଗୁଡ଼ିକରେ ସାଙ୍ଗୀତିକତା, ରସ ଓ ଅଳଙ୍କାରର ପ୍ରାଧାନ୍ୟ ରହିଛି । ଜଗନ୍ନାଥ ପାଣି ଓ ବୈଷ୍ଣବ ପାଣିଙ୍କ ଯାତ୍ରାଗୁଡ଼ିକରେ ରୀତି ଯୁଗୀୟ କାବ୍ୟ ଓ ସଙ୍ଗୀତର ପ୍ରଭାବ ପରିଲକ୍ଷିତ ହୁଏ । ଏଗୁଡ଼ିକରେ ଓଡ଼ିଆ ସାମାଜିକ ଜୀବନର ବାସ୍ତବ ଚିତ୍ର ଫୁଟିଛଠିଛି । ଓଡ଼ିଆ ଲୋକନାଟକର ବିଷୟ ବୈଚିତ୍ର୍ୟ, ଭାଷା ଓ ଶୈଳୀ ସମ୍ପର୍କରେ ପରିଚୟ ଦେବାଲାଗି ନିମ୍ନଲିଖିତ କେତୋଟି ଦୃଷ୍ଟାନ୍ତକୁ ଲକ୍ଷ୍ୟ କରାଯାଇପାରେ ।

(୧) "କ୍ଷିତିକି ଭୀତି ହେଲା ପ୍ରବଳ,
ପଇସାରେ ପାନ ପାଞ୍ଚଟା ଛଅଟା,ଟଙ୍କାରେ ଛସେର ଅଧେ ଚାଉଳ ।
ରାଣ୍ଡେ ଧାନ ଚାଉଳ କୁଟି, କରି ଟଙ୍କା-ପଇସା ମୁଠି
ପାନ ଖାଇ ମନ ଫୁଲାଇ ଚାଲିଲେ ଗୋଡ଼ରେ ନାଇଲେ ଗିଲିଟି ମଲ ।
ପେଷା ହେଲା ନିଶା ଖାଇବା,ବେଶ୍ୟା ଖଟ ପରେ ଶୋଇବା
ପେଟେ ନାହିଁ ଦାନା ଦେଇ ଧଳାକନା, ମହତ ରଖିଲେ ରଜକକୁଳ ।''

(୨) "ଗୋବରେ ଲିପିଲେ ଘର ଗୋ, ମୋର ମାଆଟିମାନେ
ଛାରପୋକଙ୍କର ଡର ନରହିବ ଦୁରୁଗନ୍ଧ ହେବ ଦୂର ଗୋ ।
ତୁଳସୀ ଚଉରା କଡି ଗୋ, ମୋର ମାଆଟିମାନେ
ସକାଳ-ସଞ୍ଜରେ ତଳାସୁଣିଥିବ, ଢାଳିଦେଇ ସଞ୍ଜୀବତୀ ଗୋ ।
ଲାଗିଲେ ତୁଳସୀ-ବାଆ ଗୋ, ମୋର ମାଆଟିମାନେ
ପୁଅ ଝିଅ ଦେହ ନୀରୋଗ ହୋଇବ ଏହା ଭଲେ ଜାଣିଥାଅ ଗୋ ।
ରୋଷଘର ସଫା ରଖ ଗୋ, ମୋର ମାଆଟିମାନେ
ସେଇଠି ଅଛଇ ଜୀବନ ସଉଦା, ନପଶିବେ ସାପ, ଭେକ ଗୋ ।
ଶେଯ ଦେବ ଖରା ନିତି ଗୋ, ମୋର ମାଆଟିମାନେ
ସେଠାରେ ଶୋଇଲା ବେଳେ ନଥିବ ଏ, କାମୁଡ଼ିବା କୀଟ ଭୀତି ଗୋ ।
କିରାସିନି ତେଲ ଜାଳି ଗୋ, ମୋର ମାଆଟିମାନେ
ନଶୋଇବ କେବେ ନିବୁଜ ଘରରେ, ନାସାରେ ପଶିବ କାଳି ଗୋ ।"

(୩) "ଭାରତ ବୀରେ ବିରତ ନୁହଁ ତୁରିତେ ଭିଡ଼ ଅଣ୍ଟା
ଚିର ତ ନୁହେଁ କାହାର ଦେହ ବଜାଅ ବିଜୟ ଘଣ୍ଟା ।
ବର୍ଜନ କର ପ୍ରାଣ ମମତା ଅର୍ଜନ କର ଯଶ
ଅହିଂସା ଭେରୀ ଗର୍ଜନ ଶୁଣ କମ୍ପଇ ଦଶ ଦିଶ ।
ଦୁର୍ଜନ ଏକ ଶ୍ୱେତ ବଣିକ ସଜ୍ଜନ ନୁହେଁ କାଳେ
କ୍ରୁର ପାପୀର ଚୂରରେ ଦର୍ପ ଦୂରେ ପଳାଉ ତାଳେ ।

ରକ୍ତ-କେତନ ଶକ୍ତ ହୃଦୟେ ଦୀପ୍ତ ଆଲୋକେ ଟେକ
ସପ୍ତ ଏ ବେନି ଲୋକ ଦେଖନ୍ତୁ ମୁକ୍ତ ମୁକ୍ତ ଲେଖ ।"

(୪) "ଦେଖ ଏ ଦୁନିଆ ହାଟ		ଲାଗିଛି କି ରଙ୍ଗେ ନାଟ
ବୃଦ୍ଧ ଲେହେ ଯୁବାନାରୀ ବିଷମ ସମସ୍ୟା ଏତ ।
ନାରୀ ପ୍ରେମେ ମାତି ନର		ପୁତ୍ର କରେ ଅନାଦର
ସେ ନାରୀ ଅବଶେଷରେ, ନରକୁ ଦେଖାଏ ହଟ ।
ସମରୁ ହେଲେ ବିଷମ		ନ ରହିବ ଧର୍ମାଧର୍ମ
ଜନେ ନହୁଅଟି ଭ୍ରମ, ଦିନେ ଛୁଟିବ ଏ ଘଟ ।
ଚତୁର୍ଥ ବୟସେ ଦାର		ନକର ହେ ବିଜ୍ଞବର
ଘଟିବ ବାଧା ଅପାର ରସେ ଭାଷେ ବାଳକୃଷ୍ଣ ।

(୫) "ପର ପଞ୍ଚ ପର-ଚାକିରି ପୋଡ଼ା
ପ୍ରାଣ ଗଲେ ତା ନାହିଁ ମୋର ଲୋଡ଼ା
ନିତି କେତେ ଖାଇବ କାନମୋଡ଼ା ।
x x x
ନିଶ ମୋଡ଼ି ଦେଖାନ୍ତି ଆଖିଯୋଡ଼ା
କହୁଥାନ୍ତି ବଚନ କଡ଼ା କଡ଼ା,
ଆଳୁ ବାଇଗଣ କଦଳି ତାଙ୍କର
ଆମ୍ଭ କପାଳେ ପଡ଼େ ଖଡ଼ା ।
ସରୁ ଚାଉଳ ତ ବାବୁଙ୍କ ଆହାର
ଚାକରଙ୍କୁ ଦିଅ ବଗଡ଼ା ।"		ଇତ୍ୟାଦି

### ୫.୪.୧ ମୂଳପାଠର ତୃତୀୟାଂଶରୁ ପ୍ରଶ୍ନାବଳୀ

୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅନ୍ତୁ-

(କ) ଓଡ଼ିଆ ଯାତ୍ରା ଲେଖକମାନଙ୍କ ମଧ୍ୟରେ କେତେ ଜଣଙ୍କ ନାମ ଉଲ୍ଲେଖ କରନ୍ତୁ ।

(ଖ) ଓଡ଼ିଆ ଲୋକ ନାଟକ ମାଧ୍ୟମରେ କି କି ନୀତିଶିକ୍ଷା ପ୍ରଦାନ କରାଯାଇଛି ।

### ୫.୪.୨ ବ୍ୟାକରଣ ପ୍ରଶ୍ନ

୧. (କ) ନିମ୍ନଲିଖିତ ଶବ୍ଦଗୁଡ଼ିକରେ କେଉଁ କେଉଁ ପ୍ରତ୍ୟୟ ରହିଛି ଦେଖନ୍ତୁ-
ସାଙ୍ଗୀତିକତା, ମୁକ୍ତ, ପୂଜା, ଭାଷା, ଗାନ ।

(ଖ) ନିମ୍ନୋକ୍ତ ଶବ୍ଦଗୁଡ଼ିକରେ କେଉଁ କେଉଁ ସନ୍ଧି ରହିଛି ଦେଖନ୍ତୁ-
ଯଥେଷ୍ଟ, ପଦ୍ୟାଂଶ, ଚଳଚ୍ଚିତ୍ର, ଉଦ୍ଧାର ।

(ଗ) ନିମ୍ନୋକ୍ତ ଶବ୍ଦଗୁଡ଼ିକରେ କେଉଁ କେଉଁ ଉପସର୍ଗ ବ୍ୟବହୃତ ହୋଇଛି ଦେଖନ୍ତୁ-
ପରିଚ୍ଛଦ, ଅଭିନୟ, ପ୍ରଚଳନ, ଆହରଣ ।

(ଘ) ନିମ୍ନଲିଖିତ ଶବ୍ଦଗୁଡ଼ିକରେ କେଉଁ କେଉଁ ସମାସ ରହିଛି ବ୍ୟାସବାକ୍ୟ ସହ ଲେଖନ୍ତୁ-
ଶତାବ୍ଦୀ, କାନମୋଡ଼ା, ଟଙ୍କା ପଇସା ।

### ୫.୪.୩ ସମ୍ପୂର୍ଣ୍ଣ ପାଠର ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀ

୧. ଓଡ଼ିଆ ନାଁଦିଆ ଗୀତଗୁଡ଼ିକର ମହତ୍ତ୍ୱ ଉଲ୍ଲେଖ କର ।
୨. ଓଡ଼ିଆ ଢଗ ଢମାଳିଗୁଡ଼ିକର ବିଶେଷତ୍ୱ କ'ଣ ?
୩. ଲୋକକାହାଣୀଗୁଡ଼ିକ ପଲ୍ଲୀଜନତାର ଜୀବନ ସହିତ କିପରି ଓତଃପ୍ରୋତଃ ଭାବରେ ଜଡ଼ିତ ?
୪. ଓଡ଼ିଆ ଲୋକାକାହାଣୀର ଆରମ୍ଭ ଅନେକ ସମୟରେ ପଦ୍ୟାତ୍ମକ ହେବାର କାରଣ କ'ଣ ?
୫. ଲୋକ କାହାଣୀର ଭାଷା କିପରି ହୋଇଥାଏ ?
୬. "ମନଚାହିଁ ଫଳ" - ଲୋକାକାହାଣୀଟିରେ କି ନୀତି ସୂଚିତ ହୋଇଛି ?
୭. ପାଲା ଓ ଦାସକାଠିଆ ମଧ୍ୟରେ କି ପ୍ରଭେଦ ରହିଛି ?
୮. ଯାତ୍ରା ମଧ୍ୟରେ କେଉଁ କେଉଁ ଲୋକନାଟ୍ୟ ଅନ୍ତର୍ଭୁକ୍ତ ?
୯. ପାଠରେ ଥିବା ଦଶଟି ସମାସର ଦୃଷ୍ଟାନ୍ତ ଦିଅନ୍ତୁ ?
୧୦. ପାଠରେ ବ୍ୟବହୃତ ବିଭିନ୍ନ ପ୍ରକାର ଅବ୍ୟୟର ଉଦାହରଣ ଦିଅନ୍ତୁ ।
୧୧. ପାଠରେ ବ୍ୟବହୃତ କେତୋଟି ରୁଢ଼ି ପ୍ରୟୋଗର ଉଦାହରଣ ଦିଅନ୍ତୁ ।
୧୨. ସନ୍ଧି ବିଚ୍ଛେଦ କରନ୍ତୁ ।

(କ) ନିର୍ଦ୍ଦେଶକ, ଉତ୍‌ଥାନ, ଚଳଚ୍ଚିତ୍ର ।

(ଖ) ସନ୍ଧି କରନ୍ତୁ

ଦୁଃ + ଗନ୍ଧ, ଉତ୍ + ମେଷ ।

୧୩. ତଳଲିଖିତ ବିଶେଷ୍ୟ ପଦଗୁଡ଼ିକୁ ବିଶ୍ଳେଷଣ ପଦରେ ଓ ବିଶେଷଣ ପଦକୁ ବିଶେଷ୍ୟ ପଦରେ ପରିଣତ କରନ୍ତୁ ।

କ୍ଲିଷ୍ଟ, ଧୈର୍ଯ୍ୟ, ଲୀଳାୟିତ, ଉପଯୁକ୍ତ, ପରସ୍ପର, ପ୍ରଧାନ, ସ୍ପର୍ଶ ।

୧୪. ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖନ୍ତୁ ।

ନିରକ୍ଷର, ଅକ୍ଷାଂଶ, ଯୁଦ୍ଧ, ସରସ, ଜଟିଳ, ଦୁର୍ବୋଧ୍ୟତା, ଆରୋହୀ, ଅର୍ଥ

## ୫.୫ ସାରାଂଶ

ଲୋକସାହିତ୍ୟ କହିଲେ ମୁଖ୍ୟତଃ ବୁଝାଏ ପଲ୍ଲୀର ସର୍ବସାଧାରଣ ଅଶିକ୍ଷିତ ଲୋକଙ୍କ ଦ୍ୱାରା ସୃଷ୍ଟ ମୌଖିକ ସାହିତ୍ୟ । ଏହା ସ୍ମୃତିରୁ ସ୍ମୃତିରେ, ମୁଖରୁ ମୁଖରେ, ଶ୍ରୁତିରୁ ଶ୍ରୁତିରେ ଓ ହୃଦୟରୁ ହୃଦୟରେ ବ୍ୟାପିଯାଏ । ପୃଥିବୀର ପ୍ରାୟ ସବୁ ଦେଶରେ ସାହିତ୍ୟର ଆଦିରୂପ ହେଉଛି ଲୋକସାହିତ୍ୟ । ଏହା ରୂପ ଦୃଷ୍ଟିରୁ ତ୍ରିବିଧ – ଲୋକଗୀତ, ଲୋକାକାହାଣୀ ଓ ଲୋକନାଟ୍ୟ ।

ଲୋକଗୀତର ଛନ୍ଦରେ ଅନେକ ସମୟରେ ନିର୍ଦ୍ଦିଷ୍ଟ ଶୃଙ୍ଖଳା ନାହିଁ । ପାହାଡ଼ି ଝରଣା ପରି ଏହା ସ୍ୱାଭାବିକ ଗତିରେ ଆଗେଇଯାଏ । ଲୋକଗୀତ ମଧ୍ୟରେ ଫୁଟି ଉଠିଥାଏ ସ୍ରଷ୍ଟାର ଅସାଧାରଣ ସୌନ୍ଦର୍ଯ୍ୟବୋଧ, ସରସତା, ରସକତା ଓ ହୃଦୟବତ୍ତା । ଓଡ଼ିଆ ଲୋକଗୀତ ବିଭିନ୍ନ ଭାଗରେ ବିଭକ୍ତ ଯଥା ଗାଥାଗୀତିକା, କାନ୍ଦଣାଗୀତ, ଦୋଳିଗୀତ, ହୁମୋଗୀତ, ଚଇତିପର୍ବ ଗୀତ, ଶିଶୁଗୀତ, ହଳିଆଗୀତ, ସ୍ତୁତି, ନାଁ ଦିଆ ଓ ଢଗଢ଼ମାଳି ଇତ୍ୟାଦି ।

ଲୋକକାହାଣୀ ହେଉଛି ରସାତ୍ମକ କଥା । ଏହାର କଥକ ଦୁଇ ପ୍ରକାରର, ଗଳ୍ପସାଗର ଓ ଲୋକକଥକ । ଆଗକାଳରେ ଗଳ୍ପକଥନ ଗଳ୍ପସାଗରଙ୍କର ଏକ ବୃତ୍ତିଥିଲା । ଏମାନେ ରାଜା, ସାମନ୍ତ ଓ ଜମିଦାର ପ୍ରଭୃତିଙ୍କ ଆଗରେ ଚିତ୍ତବିନୋଦନ ପାଇଁ କାହାଣୀ କହି ଅର୍ଥୋପାର୍ଜନ କରୁଥିଲେ । ଏମାନଙ୍କ କାହାଣୀରେ ଭରି ରହିଥାଏ କଳ୍ପନାବିଳାସ, ବର୍ଣ୍ଣନାଚାତୁର୍ଯ୍ୟ, ଅଭିନୟ କଳା ଓ ସ୍ୱର ପରିବର୍ତ୍ତନର ଦକ୍ଷତା । ଅନ୍ୟ ଧରଣର କଥକ ହେଉଛନ୍ତି ଲୋକକଥକ । ଏମାନଙ୍କ କଥା କହିବାର ଢଙ୍ଗ ହିଁ ଶ୍ରୋତାର ମନକୁ ଚହଲାଇଦିଏ । କଥା କହିବାରେ ହିଁ ଏମାନେ ରାତି ପୁହାଇଦିଅନ୍ତି ଓ ଲମ୍ବାବାଟ ଚାଲିବାର କ୍ଲାନ୍ତି ଦୂରକରି ଦିଅନ୍ତି । ଓଡ଼ିଆ ଲୋକକାହାଣୀ ମଧ୍ୟରୁ କେତେକ ସଂସ୍କୃତ ଓ ପ୍ରାକୃତ ଲୋକକାହାଣୀରୁ ସୃଷ୍ଟ । ଆଉ କେତେକ ସମ୍ପୂର୍ଣ୍ଣ ମନଗଢ଼ା । ମନଗଢ଼ା ଗଳ୍ପଗୁଡ଼ିକ କଳ୍ପନାରେ ଅନୁରଞ୍ଜିତ ହେଲେ ମଧ୍ୟ ଓଡ଼ିଶାର ବିଭିନ୍ନ ସାମାଜିକ ସ୍ତରର ଲୋକମାନଙ୍କର ଚାଲିଚଳନ ଓ ଜୀବନଧାରା ଉପରେ ଆଧାରିତ । ଏଥିରେ ମଣିଷ ବ୍ୟତୀତ ବିଭିନ୍ନ ପଶୁପକ୍ଷୀ, ଉଦ୍ଭିଦ ଓ ନିର୍ଜୀବ ଚରିତ୍ରରୂପେ ସ୍ଥାନ ପାଇଥାନ୍ତି । ଏଗୁଡ଼ିକ ମଣିଷ ପରି ବ୍ୟବହାର କରନ୍ତି । ଓଡ଼ିଆ ଲୋକକାହାଣୀର ଶୈଳୀ ଅତୀବ ଚିତ୍ତାକର୍ଷକ, ଶ୍ରୋତାର ମନକୁ ଆକୃଷ୍ଟ କରିବା ପାଇଁ କାହାଣୀର ଆରମ୍ଭରେ ଓ ଶେଷରେ ପଦ୍ୟାତ୍ମକ କାହାଣୀ

ଥାଏ । ଲୋକକାହାଣୀର ଭାଷା ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଥିବାରୁ ତାହା ଅତୀବ ସରଳ ଓ ହୃଦୟସ୍ପର୍ଶୀ ହୋଇଥାଏ ।

ଲୋକନାଟ୍ୟ ମୁକ୍ତ ମଞ୍ଚରେ ଅଭିନୀତ ହୋଇଥାଏ । ପ୍ରାଚୀନ ଓଡ଼ିଆ ଲୋକନାଟ୍ୟରେ ଗଦ୍ୟ ସଂଳାପ ଅପେକ୍ଷା ପଦ୍ୟସଂଳାପ ବା ସଙ୍ଗୀତ ଅଧିକ ପ୍ରାଧାନ୍ୟ ଲାଭ କରିଥିଲା । ଆଧୁନିକ ଲୋକନାଟକରେ ପଦ୍ୟ ଓ ଗଦ୍ୟ ଉଭୟର ପ୍ରାଧାନ୍ୟ ରହିଛି । ଓଡ଼ିଆ ଲୋକନାଟ୍ୟ ମଧ୍ୟରେ ପାଲା, ଦାସକାଠିଆ, ଗୋଟିପୁଅ, ସୁଆଙ୍ଗ, ଗୀତାଭିନୟ ଓ ଗୀତିନାଟ୍ୟ ପ୍ରଭୃତି ଉଲ୍ଲେଖଯୋଗ୍ୟ ।

## ୫.୬ ଶବ୍ଦାର୍ଥ

**କଷ୍ଟିନ ଶବ୍ଦର ଅର୍ଥ:-**

ଅଭିଜ୍ଞତା ପ୍ରସୂତ – ଅଙ୍ଗେ ଲିଭାଇଥିବା ଅନୁଭୂତିରୁ ଜାତ । ଶ୍ରୁତି ନିର୍ଭରଶୀଳ – ଶୁଣିବା ଉପରେ ଯାହା ନିର୍ଭର କରେ । ସ୍ୱତଃସ୍ଫୂର୍ତ୍ତ – ଛାଏଁ ଛାଏଁ ବାହାରି ଆସୁଥିବା । ନିଃସୃତ – ବାହାରିଥିବା । ଅଙ୍ଗାଙ୍ଗୀ ଭାବରେ – ଘନିଷ୍ଠ ଭାବରେ । ସମ୍ବେଦନା – ସମଦୁଃଖ । ପ୍ରଭୂତ – ବହୁତ । ହୃଦୟବତ୍ତା – ହୃଦୟର ମମତା । ପଲ୍ୱଳ – ପଙ୍କିଳ ଗାଡ଼ିଆ । ସ୍ୱୈଚ୍ଛିକ – ଛାଏଁ ଛାଏଁ ସୃଷ୍ଟି ହେଉଥିବା, ସ୍ୱତଃ । ଅଲୌକିକ – ଲୋକଦ୍ୱାରା ଯାହା ସମ୍ଭବ ନୁହେଁ । ଜିଜ୍ଞାସା – ଜାଣିବାର ଇଚ୍ଛା । ସଂଶୟାଚ୍ଛନ୍ନତା – ସନ୍ଦେହ, ରହସ୍ୟ । ବିଦଗ୍ଧତା – ବୁଦ୍ଧିମତା । ପାରିଷଦ – ସଦସ୍ୟ । ବାଗ୍ମିତା – ଭଲ କହିପାରିବାର ଶକ୍ତି । ହସ୍ତମୁଦ୍ରା – ହସ୍ତ ଚାଳନାର ଭଙ୍ଗୀ । ଆରୋହୀ ଅବରୋହୀ – ଉପରକୁ ଉଠୁଥିବା ଓ ତଳକୁ ପଡୁଥିବା । ଯାଦୁକାରୀ – ଐନ୍ଦ୍ରଜାଲିକ । ଅପସଂସ୍କୃତି – ଖରାପ ଚଳଣି । ଅନ୍ଧବିଶ୍ୱାସ – ଭଲଭାବରେ ନବୁଝି କରୁଥିବା ବିଶ୍ୱାସ । ଉପସ୍ଥାପିତ – ପରିବେଷିତ । ରୂପାୟଣ – ଚିତ୍ରଣ । ଆଲୋକପାତ – ସ୍ପଷ୍ଟ ଆଲୋଚନା । ଭୂୟସୀ – ବେଶି । ନର୍ଯାତନା – ଅତ୍ୟାଚ଼ର । ଅବହିତ – ଜ୍ଞାତ । ଆରଣ୍ୟକ – ଜଙ୍ଗଲୀ । ଫରି – ଢାଲ । ଛିଙ୍କରା ନିଙ୍କରା – ଘୃଣା । ଟୁଳି – ଖାଇ । କତରା – ଛିଣ୍ଡା ଶେଯ । ନିଘା କରିଥାଏ – ଅନେଇଥାଏ । କୋଲମାରିଯାଉଥାଏ – ବରଫ ପରି ଜାଡ଼ି ଯାଉଥାଏ । ଲଙ୍ଗା – ଅତ୍ୟଧିକ । ଫସର ଫାଟିବା – ସକାଳ ହେବା । ତାଜିବି – ଆଶ୍ଚର୍ଯ୍ୟାନ୍ୱିତ । ସନ୍ଧିଆ – ସନ୍ଧ୍ୟା । ଶୁଆସି – ତୋଫାନି । ସଂକ୍ଷିପ୍ତ ସଂସ୍କରଣ – କ୍ଷୁଦ୍ରରୂପ । ପିପାସୀ – ପିଇବାର ଇଚ୍ଛା । ତୃପ୍ତ – ସନ୍ତୁଷ୍ଟ । ଉଲ୍ଲେଖଯୋଗ୍ୟ – ପ୍ରଧାନ । ବୈଚିତ୍ର – ଭିନ୍ନ ଭିନ୍ନ ବୈଶିଷ୍ଟ୍ୟ । କ୍ଷିତି – ପୃଥିବୀ । ଗିଲିଟି – ତମ୍ବା ବା ପିତଳରେ ତିଆରି । ମଲ – ପାଦରବଳା । ରଜକ – ଧୋବା । ଛାରପୋକ – ଓଡ଼ଶ । ଭେକ – ବେଙ୍ଗ । କୀଟ – ପୋକ । ଦିଶ – ଦିଗ । ବିରତି – ନିବୃତ୍ତ । ଅଡ଼ିଏ-ଗଞ୍ଜାମ ଓ ନୟାଗଡ଼ ଅଞ୍ଚଳରେ ପ୍ରଚଳିତ ଶସ୍ୟ ପାଇଁ ମାପ ବିଶେଷ, କାଠ ବା ବାଉଁଶରେ ତିଆରି ହୋଇଥାଏ । ତୁମ୍ବ- ଅଡ଼ା । ଶ୍ୱେତବଣିକ – ଇଂରେଜ । କ୍ରୂର – ନିଷ୍ଠୁର । ଦୀପ୍ତ – ଉଜ୍ଜ୍ୱଳ । ପରପଞ୍ଚ – (ଏହାର ଗଦ୍ୟରୂପ ପ୍ରପଞ୍ଚ) କୁତ୍ସିତ, କଦର୍ଯ୍ୟ ପ୍ରକୃତିର । ବୋଡ଼ିଏ – ମାପ ବିଶେଷ, ଏକ ତୁମ୍ବର ଏକ ଅଷ୍ଟମାଂଶ ।

**ସଂକ୍ଷିପ୍ତ ଟିପ୍ପଣୀ :**

**ଗାଥା** – ଗାଥାର ମୂଳ ଅର୍ଥ ହେଉଛି ଗାନ କରାଯାଉଥିବା ସାହିତ୍ୟ । କିନ୍ତୁ ଶବ୍ଦଟି ପରବର୍ତ୍ତୀକାଳରେ କଥା ବା କାହାଣୀ ଅର୍ଥରେ ଓ କାହାଣୀ–ଭିତ୍ତିକ ଗୀତ ଅର୍ଥରେ ଗ୍ରହଣ କରାଯାଇପାରେ । ଗାଥାଗୀତିକା ହେଉଛି ସେହି ଗୀତିକା ଯହିଁରେ କାହାଣୀଟିଏ ଥାଏ ।

**ପାଇକାଳି କାନ୍ଦଗୀତ** – ଅନୁଗୁଳ ଅଞ୍ଚଳର ଝିଅମାନେ ଶାଶୁଘରକୁ ଗଲାବେଳେ କାନ୍ଦିକାନ୍ଦି ଏହି ଗୀତଗାଇ ଆତ୍ମୀୟସ୍ୱଜନ ଓ ଗ୍ରାମଜନମାନଙ୍କ ଚକ୍ଷୁ ଅଶ୍ରୁ ସଜଳ କରିଦିଅନ୍ତି । ଏହା ଆକୃତିରେ ଗଦ୍ୟ ହେଲେ ହେଁ ଝିଅମାନେ ଏପରି ଭାବରେ ସ୍ୱର ଲମ୍ୱେଇ ଗାଆନ୍ତି ଯେ ଏହାକୁ କେହି ଗଦ୍ୟ ବୋଲି କହିପାରିବେ ନାହିଁ । ଏଥିରେ ଏକ ସ୍ୱତନ୍ତ୍ର ଛନ୍ଦ ମଧ୍ୟ ରହିଛି । ତେଣୁ ଏହାକୁ ଗଦ୍ୟଗୀତ କୁହାଯାଇପାରେ । ଓଡ଼ିଆ ଗଦ୍ୟ କବିତାର ଆଦ୍ୟ ଓଁକାର ରୂପେ ପାଇକାଳି କାନ୍ଦକୁ ଗ୍ରହଣ କରାଯାଇପାରେ । ଏପରି ଗୀତରୁ ଦାଣ୍ଡିବୃତ୍ତର ଉତ୍ପତ୍ତି ହୋଇଥାଇପାରେ । ଏହାର ପାଦ ଏତେ ଦୀର୍ଘ ଯେ ଗୋଟିଏ ନିଃଶ୍ୱାସରେ ଗାଇ ହୁଏ ନାହିଁ । ପ୍ରତିପାଦର ଅକ୍ଷର ସଂଖ୍ୟା ସମାନ ନୁହେଁ । ପ୍ରତ୍ୟେକ ପାଦ ସ୍ୱୟଂସମ୍ପୂର୍ଣ୍ଣ । ଦ୍ୱିତୀୟ ପାଦର ମେଳ ପାଇଁ ପ୍ରଥମ ପାଦ ଅପେକ୍ଷା ରଖେ ନାହିଁ । ଏହାର ଭାଷା ଖାଣ୍ଟି ଅନୁଗୁଳୀ ।

**ହୁମୋଗୀତ** – ହୁମୋ ହେଉଛି ଏକ ସମ୍ବଲପୁରୀ ଶବ୍ଦ । ହୁମୋ ବାଳିକାମାନଙ୍କର ଏକ ପ୍ରକାର ଖେଳ । ଏଥିରେ ବାଳିକମାନେ ଦୁଇଦଳ ହୋଇ ପରସ୍ପରଠାରୁ କିଛି ଦୂରରେ ଧାଡ଼ି ବାନ୍ଧି ଠିଆ ହୁଅନ୍ତି । ପ୍ରଥମଦଳ ବାଳିକାମାନେ ଗୀତ ବୋଲି ବୋଲି ଅପରଦଳ ଆଡ଼କୁ ଅଗ୍ରସର ହୁଅନ୍ତି ଓ ପୁଣି ନିଜ ସ୍ଥାନକୁ ଲେଉଟି ଆସନ୍ତି । ତାପରେ ଅନ୍ୟ ଦଳର ବାଳିକାମାନେ ଗୀତ ବୋଲି ବୋଲି ସେହିପରି କରନ୍ତି ।

**ଚଇତିପର୍ବ ଗୀତ** – ଚଇତିପର୍ବ ପ୍ରଧାନତଃ ଧାଙ୍ଗଡ଼ାଧାଙ୍ଗଡ଼ୀମାନଙ୍କର ଏକ ଉତ୍ସବ । ନୂଆକରି ବାହାହୋଇଥିବା ଧାଙ୍ଗଡ଼ାଧାଙ୍ଗଡ଼ୀମାନେ ଏଥିରେ ଯୋଗଦିଅନ୍ତି । ଚଇତମାସ ସାରା ସେମାନେ ନାଚିନାଚି ଗୀତ ବୋଲନ୍ତି । ଧାଙ୍ଗଡ଼ା ଓ ଧାଙ୍ଗଡ଼ୀ ମଧ୍ୟରେ ଗୀତ ପ୍ରତିଯୋଗିତା ହୁଏ । ଧାଙ୍ଗଡ଼ୀ ହାରିଲେ ଧାଙ୍ଗଡ଼ାକୁ ବିଭାହୁଏ । ଏହି ଗୀତରେ ପ୍ରଥମେ ବନ୍ଦନା ଥାଏ । ପରେ ପରେ ଯୌବନର ଉନ୍ମାଦନାମୂଳକ ଭାବନା, ଆବେଗ ଓ ଉନ୍ମାଦନା ଗୀତରେ ଫୁଟିଉଠେ ।

**ନାଁ ଦିଆଗୀତ** – ଏହା ଏକ ପ୍ରକାର ଗୋଲକ ଧନ୍ଦା । ଗୀତରେ ରହସ୍ୟାଚ୍ଛନ୍ନ କରି ବକ୍ତବ୍ୟଟିଏ ଉପସ୍ଥାପନ କରାଯାଏ । ଏହି ବକ୍ତବ୍ୟର ମୂଳ ବା କେନ୍ଦ୍ର କିଏ ନିର୍ଣ୍ଣୟ କରିବାକୁ ସୂଚନା ଦିଆଯାଇଥାଏ । ଏହି ନିର୍ଣ୍ଣୟରେ ନାଁଟିଏ ଦିଆଯାଏ । ଯଥା:

> "ଆସିଲା ବଡ଼ ଚଢ଼େଇ, ବସିଲା ପକ୍ଷ ମେଲେଇ
> ଧଇଲା ମାଛ, ଖାଇଲା ନାଇଁ ।"

ପ୍ରଶ୍ନ – କିଏ ?

ଉତ୍ତର – ଜାଲ ।

**ପାଲିଭାଷା** – ଏହା ସଂସ୍କୃତ ଭାଷାରୁ ସୃଷ୍ଟିଲାଭ କରିଥିବା ଏକ ମଧ୍ୟକାଳୀନ ଭାରତୀୟ ଆର୍ଯ୍ୟଭାଷା । ଖ୍ରୀ.ପୂ.୫୦୦ରୁ ଖ୍ରୀ.ପୂ. ୨୦୦ ପର୍ଯ୍ୟନ୍ତ ଭାରତବର୍ଷରେ ଏହାର ପ୍ରଚଳନ ଥିଲା । ବୁଦ୍ଧଦେବ ଏହି ଭାଷାରେ ତାଙ୍କର ଧର୍ମବାଣୀ ପ୍ରଚାର କରିଥିଲେ । ଏହି ଭାଷାରେ ଅଶୋକଙ୍କର ଅନେକ ଅନୁଶାସନ ଖୋଦିତ ହୋଇଛି ।

**ପ୍ରାକୃତଭାଷା** – ଏହା ମଧ୍ୟ ସଂସ୍କୃତ ଭାଷାରୁ ସୃଷ୍ଟିଲାଭ କରିଥିବା ଏକ ମଧ୍ୟକାଳୀନ ଭାରତୀୟ ଆର୍ଯ୍ୟଭାଷା । ଏହା ଖ୍ରୀ.ପୂ. ୨୦୦ରୁ ଖ୍ରୀଷ୍ଟୀୟ ୫୦୦ ଅବ୍ଦ ପର୍ଯ୍ୟନ୍ତ ଭାରତରେ ପ୍ରଚଳିତ ଥିଲା । ଏହା ସ୍ଥାନ ଭେଦରେ ମହାରାଷ୍ଟ୍ରୀ, ଶୌରସେନୀ, ମାଗଧୀ, ପୈଶାଚୀ ଓ ଅର୍ଦ୍ଧମାଗଧୀ ଏହିପରି ପାଞ୍ଚଭାଗରେ ବିଭକ୍ତ ହୋଇଥିଲା । ଏହି ଭାଷାରେ ହାଳଙ୍କ 'ଗାହା ସରସଇ' ଓ ରାଜ ଶେଖରଙ୍କର 'କର୍ପୂରମଞ୍ଜରୀ' ପ୍ରଭୃତି ଗ୍ରନ୍ଥ ରଚିତ ହୋଇଅଛି ।

## ୫.୭ ପଠନ ଅଭ୍ୟାସ

୧. ଲୋକଗୀତ, ଲୋକକାହାଣୀ ଓ ଲୋକନାଟ୍ୟ ସମ୍ପର୍କରେ ଯାହା ଉପକ୍ରମଣିକାରେ ସୂଚନା ଦିଆଯାଇଛି, ଧ୍ୟାନ ସହକାରେ ପଢ଼ନ୍ତୁ । ଓଡ଼ିଶା ବାହାରେ ଓଡ଼ିଆ ଲୋକସାହିତ୍ୟ କିପରି ଗବେଷକମାନଙ୍କର ଦୃଷ୍ଟି ଆକର୍ଷଣ କରିପାରିଛି, ପଢ଼ି ମନେରଖନ୍ତୁ ।

୨. ପାଠର କେଉଁ ପୃଷ୍ଠାରେ କେଉଁ ଅନୁଚ୍ଛେଦ (Paragraph) ବି ଆପଣଙ୍କୁ କାହିଁକି ଭଲ ଲାଗୁଛି, ଲେଖନ୍ତୁ ।

୩. 'ମନ ଚାହିଁ ଫଳ' କାହାଣୀଟି ପଢ଼ି ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ସଂକ୍ଷିପ୍ତ ଉତ୍ତର ନିଜଭାଷାରେ ଲେଖନ୍ତୁ –

(କ) ବୁଢ଼ୀ ବାବାଜୀ ଦୁଇଜଣଙ୍କୁ ସାକ୍ଷାତ ଠାକୁର ବୋଲି କାହିଁକି ଭାବିଲା ?

(ଖ) ଅନ୍ଧୁଣୀ ବୁଢ଼ୀ କିପରି ଦୃଷ୍ଟିଶକ୍ତି ଲାଭକଲା ?

(ଗ) ହରିଆକୁ କାହିଁକି ସୁପୁତ୍ର ବୋଲି କୁହାଯିବ ?

(ଘ) ଭଜିଆକୁ କାହିଁକି କୁପୁତ୍ର ବୋଲି କୁହାଯିବ ?

୪. ପାଠଟି ପଢ଼ି ନିମ୍ନଲିଖିତ ଶବ୍ଦଗୁଡ଼ିକର ବନାନ ଠିକ୍ ଅଛି କି ନାହିଁ ପରୀକ୍ଷା କରି ଦେଖନ୍ତୁ– ପଲ୍ଲୀ, ଗୋଷ୍ଠୀ, ଚରିତ୍ରାର୍ଥ, ପଞ୍ଚବସ୍ତ୍ର, ଓତପୋତ, ପରିଚ୍ଛେଦ, ରୂପାୟଣ, ହୁମାଗୀତ, ପାଇକାଳି, ସାମ୍ପ୍ରତିକ, ଭାଲୁକୁଣୀ, ବେଶୀ ।

୫. ପାଠଟି ପଢ଼ି ତଳଲିଖିତ ଉକ୍ତିରେ ଭୁଲଥିଲେ ବାହାର କରନ୍ତୁ ।

(କ) ଢଗ ଢ଼ମାଳିଗୁଡ଼ିକ ସଂକ୍ଷିପ୍ତ, ସର୍ବଦା ପଦେ କି ଦିପଦ ।

୬. ଆପଣଙ୍କ ପାଠରେ କେତେକ ଶବ୍ଦ ରହିଛି । ସେଗୁଡ଼ିକର ଅର୍ଥ ବୁଝାଉଥିବା ଶବ୍ଦ ତଳେ ଦିଆଯାଇଛି, ମୂଳଶବ୍ଦଗୁଡ଼ିକୁ ପାଠରୁ ବାଛନ୍ତୁ ।

କ୍ରନ୍ଦନ, ଅକ୍ଷର ବିଷୟରେ ଅଜ୍ଞ, ବିଦ୍ୟାଳୟ, ଅଙ୍ଗେ ଲିଭାଇଥିବା ଅନୁଭୂତିରୁ ଜାତ, ଛାଏଁ ଛାଏଁ ବାହାରି ଆସୁଥିବା, କାନରୁ କାନରେ, ରସହୀନ ।

୭. ପାଠଟି ପଢ଼ି ନିମ୍ନଲିଖିତ ଶବ୍ଦଗୁଡ଼ିକୁ ବାଛି ଲେଖିରଖନ୍ତୁ ଓ ପ୍ରକାଶ ପଦ୍ଧତି ମନେରଖନ୍ତୁ । କାରଣ ଏଗୁଡ଼ିକ କ୍ରମଶଃ ଲୋପ ପାଇଯାଉଛି:

ମନକୁ ଚହଲାଇ ଦିଅନ୍ତି, ବାଜା-ସଜା, ବୁଦ୍ଧିର ଚାଷ, ଏସନ, ମାଲପା, କାହାଣ, ଧାନଚକେ, ଦିଅନ୍ତି ପଣି, ଜାତିରେ ମାଗୁଣି, ନଇଲେ, ଆଇର, ସ୍ରାହାନ, କୃତ୍ୟ, ଅଡ଼ଙ୍ଗ, ଫେଡି (ଖୋଲି), ସୁଆର, ପୁଣ, ବେଶ୍ ଜମେ, ଖିଅ ଆରମ୍ଭ ହୁଏ, ନିଆରା, ଧାମ (ଠିକଣା) କଥାଣି, ଠୁରା, ଭିଆ (ବିବାହ), ରୁଟ୍‌କିନି, ଲାଖି ରହିଲା ପରି, କୋଲମାରି, ଯାଉଥାଏ, ଲଘା, ହେଁସ, ଟୁକିଦେଇ, ମଞ୍ଜା ଥରିଯାଉଥାଏ, ଆଉଟୁ ପାଉଟୁ, ହେନି (ଘେନି, ସହିତ), ଆନ, ଗେବିବୁ, ଶୁଆସି ।

## ୫.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର

୧. ନାଁଦିଆ ଗୀତଗୁଡ଼ିକ ଏକ ଏକ ଗୋଲକଧନ୍ଦା । ଗୀତରେ ରହସ୍ୟାଚ୍ଛନ୍ନ କରି ବକ୍ତବ୍ୟଟିଏ ଉପସ୍ଥାପନ କରାଯାଇଥାଏ । ଏହାର ସମାଧାନ ପାଇଁ ବୁଦ୍ଧି ପ୍ରୟୋଗ କରିବାକୁ ପଡ଼ିଥାଏ । ଏଥିରେ ଉପମା ମାଧ୍ୟମରେ ମୂଳ ବକ୍ତବ୍ୟଟିକୁ ଖୋଜିବାକୁ ହୋଇଥାଏ । ଏଗୁଡ଼ିକ ଆକାରରେ ଅତି କ୍ଷୁଦ୍ର । ପଦେ ବା ଦୁଇପଦ ଭିତରେ ଏଗୁଡ଼ିକ ସୀମିତ ।

ଉଦହାରଣସ୍ୱରପ -

"ଆସିଲା ବଡ଼ ଚଢ଼େଇ, ବସିଲା ପକ୍ଷ ମେଲେଇ
ଧଇଲା ମାଛ, ଖାଇଲା ନାଇଁ ।"

ପ୍ରଶ୍ନ - କିଏ ?
ଉତ୍ତର - ଜାଲ ।

୨. ଓଡ଼ିଆ ଢଗଢ଼ମାଳିଗୁଡ଼ିକ ନୀତିଶିକ୍ଷାମୂଳକ । ଭାଷା ସରଳ ଓ ସାବଲୀଳ । ଏହା ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ । ଏହାକୁ ବୁଝିବା ପାଇଁ ବୁଦ୍ଧ ଖର୍ଚ୍ଚ କରିବାକୁ ପଡ଼େନାହିଁ । ଏଗୁଡ଼ିକ ସଂକ୍ଷିପ୍ତ, ବେଳେବେଳେ ପଦେ କି ଦିପଦ । ଏଥିରେ ନୀତିବାଣୀ ଛଡ଼ା ବାସ୍ତବ ଘଟଣା ଓ

ଭବିଷ୍ୟତବାଣୀ ଉପସ୍ଥାପିତ ହୋଇଥାଏ । ଏଥିରେ ଅନୀତ ପ୍ରତି ବ୍ୟଙ୍ଗ ଓ ହାସ୍ୟରସ ଭରି ରହିଥାଏ । ଅତୀବ ସାରଗର୍ଭକ ଓ ହୃଦୟସ୍ପର୍ଶୀ ହୋଇଥିବାରୁ ଏଗୁଡ଼ିକରେ ରହିଛି ଚିରନ୍ତନ ମୂଲ୍ୟବୋଧ ।

୩. ଲୋକକାହାଣୀଗୁଡ଼ିକ ଲୋକଙ୍କ ଦ୍ୱାରା ଓ ଲୋକଙ୍କ ପାଇଁ ଉଦ୍ଦିଷ୍ଟ । ଅର୍ଥାତ୍ ଏଗୁଡ଼ିକ ପଲ୍ଲୀ ଜନତା ଦ୍ୱାରା ପଲ୍ଲୀ ଜନତା ପାଇଁ ସୃଷ୍ଟିଲାଭ କରିଥାଏ । ଏଥିରେ ପଲ୍ଲୀ ଜନତାର ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକ ଜୀବନର ନିଖୁଣଚିତ୍ର ଦେଖିବାକୁ ମିଳେ । ଏଥିରେ ରାଜ ପରିବାରର ଚରିତ୍ର ଓ ଇତର ଚରିତ୍ର ସ୍ଥାନ ପାଇଥିଲେ ମଧ୍ୟ ପଲ୍ଲୀ ଜୀବନର ପରୋକ୍ଷଚିତ୍ର ଏଥିରେ ଅଙ୍କିତ ହୋଇଥାଏ । ଏଥିରେ ଅନେକ ଭାଗ କଳ୍ପନା ରହିଥାଏ ସତ କିନ୍ତୁ ଅଧିକ ଭାଗ ବାସ୍ତବ । ପଲ୍ଲୀ ଜୀବନକୁ ସୁସ୍ଥ ସୁନ୍ଦର ନୀତିନିଷ୍ଠ ଆଦର୍ଶ କରି ଗଢ଼ିବା ପାଇଁ ଏଥିରେ ପର୍ଯ୍ୟାପ୍ତ ଇଙ୍ଗିତ ରହିଥାଏ । ସିଂହ, ବାଘ, ଭାଲୁ, ବିଲୁଆ, ମାଙ୍କଡ଼, ସାପ, ମୂଷା, କୋଇଲି, ନଈ, ପାହାଡ଼, ସୂର୍ଯ୍ୟ, ସମୁଦ୍ର ଇତର ପ୍ରାଣୀ ଉଦ୍ଭିଦଜାତ ଓ ପ୍ରାକୃତିକ ପଦାର୍ଥ ସବୁ ପଲ୍ଲୀ ମଣିଷ ପରି ବ୍ୟବହାର କରିଥାଆନ୍ତି । ପଲ୍ଲୀର ଭାଗବତ ଟୁଙ୍ଗୀ, ଜାଗାଘର, ଚଉପାଢ଼ୀ, ଓସାରିଆ ପିଣ୍ଡା, ଓସାରିଆ ଅଗଣା, ଦାଣ୍ଡ ପଡ଼ିଆ ପ୍ରଭୃତି ସ୍ଥାନରେ ପଲ୍ଲୀର ଲୋକମାନେ ଏକାଠି ହୋଇଗଲେ ଲୋକକାହାଣୀ ବେଶ୍ ଜମେ । ପଲ୍ଲୀର ଜନତା ତୀର୍ଥଯାତ୍ରାରେ ଲମ୍ବାବାଟ ଚାଲି ଯାଉଥିବା ବେଳେ, ସଡ଼କରେ ଶଗଡ଼ ବାହୁଥିବା ବେଳେ, ବିଲବଛା ଓ ଧାନକଟା ବେଳେ ଏକତ୍ର ବିଶ୍ରାମ ବେଳେ ଲୋକକାହାଣୀର ଖିଅ ଆରମ୍ଭ ହୁଏ । କେଉଁଠି କେତେବେଳେ ସରିବ କହିବା କଠିନ । ଏହିଭଳି ଭାବରେ ଓଡ଼ିଆ ଲୋକକାହାଣୀ ପଲ୍ଲୀ ଜନତାର ଜୀବନଧାରା ସହ ଓତପ୍ରୋତ ଭାବେ ଜଡ଼ିତ ।

୪. ଶ୍ରୋତାର ମନକୁ କାହାଣୀ ଆଡ଼କୁ ଆକୃଷ୍ଟ କରିବା ପାଇଁ କଥକ କାହାଣୀର ଆରମ୍ଭ ପଦ୍ୟାତ୍ମକ କରି କଥନିକା ବା କଥାଣିଟିଏ ପ୍ରୟୋଗ କରିଥାନ୍ତି ଯଥା –

କଥାଟିଏ କହୁଁ – କଥାଟିଏ କହୁଁ
କିସ କଥା ? – ବେଙ୍ଗ କଥା ।
କି ବେଙ୍ଗ ? – ଠୁରା ବେଙ୍ଗ ।
କି ଠୁରା ? – ବ୍ରାହ୍ମଣ ମରା ।
କି ବ୍ରାହ୍ମଣ ? – ଶୁଦ୍ଧ ବ୍ରାହ୍ମଣ ।
କି ଶୁଦ୍ଧ ? – ପିଠା ମଧ୍ୟ ।
କି ପିଠା ? – ତାଳ ଗଇଁଠା ।
କି ତାଳ ? – ସୋରିଷ ମାଳ ।
କି ସୋରିଷ ? – ଅଣ ସୋରିଷ ।
କି ଅଣ ? – କିଆ ବଣ ।
କି କିଆ ? – ରଜା ଭିଆ । ଇତ୍ୟାଦି



THE PEOPLE'S UNIVERSITY

୫. ଲୋକକାହାଣୀର ଭାଷା ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଥିବାରୁ ତାହା ଅତୀବ ସରଳ ହୋଇଥାଏ, ଏଥିରେ ମିଷ୍ଟତା ଥାଏ, କିନ୍ତୁ କ୍ଲିଷ୍ଟତା ନଥାଏ । ଏହି ଭାଷା ହୃଦୟକୁ ଛୁଇଁବା ସଙ୍ଗେ ସଙ୍ଗେ ଲାଖି ରହିଯାଏ । ଶ୍ରୋତା ଏପ୍ରକାର ଭାଷା ପ୍ରୟୋଗକରି କଥକ ସାଜେ । ଓଡ଼ିଆ ଲୋକକାହାଣୀର ଭାଷା ଶ୍ରୋତାକୁ କଥକରେ ପରିଣତ କରେ ।

୬. 'ମନ ଋହିଁ ଫଳ' – ଲୋକକାହାଣୀରେ ହରିଆ ଓ ଭଜିଆ ଦୁଇଟି ଯୁବକଙ୍କର ଚରିତ୍ର ଚିତ୍ରଣ ମାଧ୍ୟମରେ ପ୍ରତିପାଦନ କରାଯାଇଛି ଯେ ଯାହାର ମନ ଭଲ ସେ ଭଲ ଫଳପାଏ ଓ ଯାହାର ମନ ମନ୍ଦ ସେ ମନ୍ଦ ଫଳପାଏ ।

ହରିଆର ମା ବୁଢ଼ୀ ଅନ୍ଧୁଣୀ ଓ ଭିକାରୁଣୀ । ମା'ର ଜିଦ୍ ଅନୁସାରେ ହରିଆ ତାକୁ ଜଙ୍ଗଲରେ ଗୋଟିଏ ଝାଟିମାଟି କୁଡ଼ଆ କରି ରଖିଲା । ପର ଦୁଆରେ ଖଟିଖଟି ବାର ଛିଙ୍କରାନିଙ୍କରା ପାଇ ଯାହା ଦି ପଇସା ଆଣେ ସେଇଥିରେ ଋଉଳ ଦି ମୁଠା ଆଣି ହାଣ୍ଡିରେ ଫୁଟାଏ ଓ ମା'କୁ ଗଣ୍ଡିଏ ଗଣ୍ଡିଏ ଭାତ ଦେଇ ଆସୁଥାଏ । ବୁଢ଼ୀ ସେ ଖଣ୍ଡି ଟୁକି ଠାକୁରଙ୍କୁ ଡାକି ଡାକି କତରାରେ ପଡ଼ିଥାଏ । ଦିନେ କୁଆଡୁ ଚାହୁଁ ଚାହୁଁ ଅଦିନିଆ ମେଘ ଘଡ଼ଘଡ଼ି ଚଡ଼ଚଡ଼ି ମାଡ଼ିଆସିଲା । ଚାରିଆଡ଼େ କିଟିକିଟି ଅନ୍ଧାର । ଏଭଳି ଅବସ୍ଥାରେ ମଧ୍ୟ ହରିଆ ଅନ୍ଧାରରେ ଦରାଣ୍ଡି ଦରାଣ୍ଡି ମା' ପାଖକୁ ଆସିଲା । ମା' ପାଇଁ ଋଉଳ ଦି'ଟା ଫୁଟାଉଛି – ଭୋକିଲା ବାବାଜୀ ଦି'ଜଣ ଆସି ପହଞ୍ଚିଲେ । ନିଜେ ଭୋକରେ ରହି ମାପୁଅ ଦୁହେଁ ଅତିଥିଙ୍କୁ ଆହାରଦେଲେ ଓ ଶୋଇବାକୁ ଛିଣ୍ଡା ହେଁସ ଖଣ୍ଡିକ ପାରିଦେଲେ । ସକାଳେ ଦେଖିଲାବେଳକୁ ଆଉ ବର୍ଷାପବନ ନଥାଏ । ବୁଢ଼ୀର ଆଖିଖୋଲି ଯାଇଥାଏ, ଝାଟିମାଟିର କୁଡ଼ିଆ ରାଜଉଆସଠୁଁ ବଳି ଦିବ୍ୟସୁନ୍ଦର କୋଠାରେ ପରିଣତ ହୋଇ ଧନଦରବରେ ପୂରିଉଠୁଥାଏ ।

ହରିଆ ଗାଁର ଭଜିଆ ଗଉଡ଼ । ତା'ମା ବୁଢ଼ୀ ମଧ୍ୟ ଅନ୍ଧୁଣୀ । ଗାଈ ଚରାଇବାକୁ ଜଙ୍ଗଲକୁ ଆସି ଭଜିଆ ହରିଆଠାରୁ ସବୁ ଘଟଣା ଶୁଣିଲା । ତା'ମାର ଅନିଚ୍ଛା ସତ୍ତ୍ୱେ ତାକୁ ଘୋଷାଡ଼ି ଘୋଷାଡ଼ି ନେଇ ଜଙ୍ଗଲରେ ପତ୍ର କୁଡ଼ିଆଟିଏ ବନେଇ ସେଇଠି ଛାଡ଼ିଦେଇ ଆସିଲା । ଦିନେ ଅଦିନ ମେଘ, ଘଡ଼ଘଡ଼ି, ଚଡ଼ଚଡ଼ି ମାଡ଼ି ଆସିଲା । ମା' ପୁଅ ଦୁହେଁ ଘରେ ରୋଷେଇ କରି ବସିଥାଆନ୍ତି । ତା ଗାଁର ଶୁକୁରିଆ ମା ସତୁରୀ ବରଷର ବୁଢ଼ୀ । ନେତି ମାଉସୀ ଜଙ୍ଗଲକୁ କାଠ ଗୋଟେଇ ଆସିଥିଲା । ଧୋଡ଼ାରେ ଖସି ଗୋଡ଼ ଜଖମ ହୋଇଯାଇଥାଏ । ଓଦା ସରସର ଦେହରେ ଘୁଷୁଡ଼ି ଘୁଷୁଡ଼ି ଆସି ଭଜିଆ ମା' କୁଡ଼ିଆରେ ଟିକେ ଆଶରା ଚାହିଁଲା । ଭଜିଆ ଛିଙ୍କରା ନିଙ୍କରା ହୋଇ ବାରକଥା କହିଲା । ବୁଢ଼ୀର ପେଟ ଭୋକରେ ଜଳୁଥାଏ । ମୁଠିଏ ଆହାର ମାଗିଲା । ଭଜିଆ ଚଜିମଜି ହୋଇ ବୁଢ଼ୀକୁ ସେଠାରୁ ତଡ଼ିଦେଲା । ରାତି ପାହିଲା ବେଳକୁ କୁଡ଼ିଆ ପାଖ ଆମ୍ବ ଗଛଟା ଭାଙ୍ଗି ପଡ଼ିଲା । ତା ତଳେ ଚିପିହୋଇ ଭଜିଆ ମରି ଶୋଇଥାଏ । ଏଥିରୁ ପ୍ରମାଣିତ ହେଲା ଯେ, ଯା' ମନ ଯେମିତି, ତା' ଫଳ ସେମିତି । ଅର୍ଥାତ୍ ମନ ଚାହିଁ ଫଳ । ଏହି କାହାଣୀଟିର ନାମକରଣ ଯଥାର୍ଥ ।

୭. ପାଲା ଦଳରେ ଗାୟକ, ବାୟକ ଓ ପାଳିଆ ମିଶି ପାଞ୍ଚ ଛଜଣ ଥା'ନ୍ତି । ସେମାନେ ବିଭିନ୍ନ ପୋଷାକ ପରିଚ୍ଛଦରେ ସଜ୍ଜିତ ହୋଇଥାନ୍ତି । ଗାୟକ ହାତରେ ଚଅଁର, ଗିନି ଧରିଥାନ୍ତି । ବାୟକ କାନ୍ଧରେ ମୃଦଙ୍ଗ ଝୁଲୁଥାଏ । ପାଳିଆମାନଙ୍କ ହାତରେ ଥାଏ ଝାଞ୍ଜ କରତାଳ । ପୁରାଣ କାବ୍ୟରୁ ବିଷୟ ବସ୍ତୁ ଓ ପଦ୍ୟାଂଶ ଆହରଣ କରି ସେମାନେ ବିଭିନ୍ନ ରାଗ ରାଗିଣୀରେ ବିଭିନ୍ନ ଗୀତ ଅଭିନୟ ମାଧ୍ୟମରେ ପରିବେଷଣ କରିଥାନ୍ତି । ପାଲା ଦୁଇ ପ୍ରକାର । ଠିଆପାଲା ଓ ଗାଦିପାଲା । ଉଭୟ ପ୍ରକାର ପାଲାରେ ସତ୍ୟପୀର ବା ସତ୍ୟନାରାୟଣଙ୍କର ପୂଜାର ବିଧାନ ଥାଏ ।

ଦାସକାଠିଆରେ ଜଣେମାତ୍ର ଗାୟକ ଓ ଜଣେମାତ୍ର ପାଳିଆ ଥାଆନ୍ତି । ପ୍ରତ୍ୟେକ ଦୁଇଟି କାଠିକୁ ଆଙ୍ଗୁଳି ମଝି ସାହାଯ୍ୟରେ ବଜାଇ ଗୀତଗାନ କରିଥାନ୍ତି । ପାଲା ପରି ଅନ୍ୟାନ୍ୟ ବାଜା ଏଥିରେ ନଥାଏ । ଗାୟକ ଓ ପାଳିଆ ସତ୍ୟନାରାୟଣଙ୍କର ପୂଜା କରିବାକୁ ବାଧ୍ୟ ନୁହନ୍ତି । ଅବଶ୍ୟ ଦାସକାଠିଆର ଗାୟକ ପାଲାର ଗାୟକ ପରି ପୁରାଣ କାବ୍ୟରୁ ବିଭିନ୍ନ ବିଷୟବସ୍ତୁ ଓ ପଦ୍ୟାଂଶ ଆହରଣ କରି ବିଭିନ୍ନ ରାଗ ରାଗିଣୀରେ ଅଭିନୟ ମାଧ୍ୟମରେ ଉପସ୍ଥାପନ କରିଥାଆନ୍ତି । ତେଣୁ ଦାସକାଠିଆକୁ ପାଲାର ସଂକ୍ଷିପ୍ତ ସଂସ୍କରଣ ବୋଲି କୁହାଯାଇଥାଏ ।

୮. ଯାତ୍ରା ମଧ୍ୟରେ ଲୀଳା, ସୁଆଙ୍ଗ, ଗୀତାଭିନୟ ଓ ଗୀତିନାଟ୍ୟ ପ୍ରଭୃତି ଅନ୍ତର୍ଭୁକ୍ତ ।

୯. (୧) ଲୋକଗୀତ (ଲୋକମାନଙ୍କର ଗୀତ) – ଷଷ୍ଠ ତତ୍‌ପୁରୁଷ
(୨) ଉତ୍‌ଥାନପତନ (ଉତ୍‌ଥାନ ଓ ପତନ) – ଦ୍ୱନ୍ଦ୍ୱ ସମାସ
(୩) ଅଧର୍ମ (ନ ଧର୍ମ) – ନଞ୍ ତତ୍‌ପୁରୁଷ
(୪) ଦୀପଲୋ (ଦୀପକୁ ପେଲେ ଯେ) – ଉପପଦ ତତ୍‌ପୁରୁଷ
(୫) ସଂସ୍କୃତପୁରାଣ (ସଂସ୍କୃତ ଭାଷାରେ ଲିଖିତ ପୁରାଣ) – ମଧ୍ୟପଦ ଲୋପୀ କର୍ମଧାରୟ
(୬) ମହାଭାରତ (ମହାନ ଅଟେ ଭାରତ) – କର୍ମଧାରୟ
(୭) ପ୍ରତ୍ୟକ୍ଷ (ଅକ୍ଷିର ସମୀପ) – ଅବ୍ୟୟୀଭାବ
(୮) ଷୋଳପାଲା (ଷୋଳପାଲାର ସମାହାର) – ଦ୍ୱିଗୁ
(୯) ଗଦ୍ୟପ୍ରଧାନ (ଗଦ୍ୟପ୍ରଧାନ ଯହିଁରେ) – ବହୁବ୍ରୀହି
(୧୦) ଅହିଂସାଭେରୀ (ଅହିଂସାରୂପକ ଭେରୀ) – ରୂପକ କର୍ମଧାରୟ

୧୦. ପଦାନ୍ୱୟୀ ଅବ୍ୟୟ – ବୋଲି, ଇତ୍ୟାଦି, ପ୍ରଭୃତି, ପରି, ଅନୁଯାୟୀ, ମଧ୍ୟ
ସଂଯୋଜକ ଅବ୍ୟୟ – ଓ, ଏବଂ
ବିଯୋଜକ ଅବ୍ୟୟ – କିନ୍ତୁ, ତେବେ
ପରିମାଣସୂଚକ ଅବ୍ୟୟ – ଏତେ, ଅତି, କେତେକ, ବେଶି, କେବଳ, ଟିକିଏ, କିଛି, ମାତ୍ର, କେତେ
ସମୟସୂଚକ ଅବ୍ୟୟ – ଯେବେ, ତେବେ, କେତେବେଳେ
ନିଷେଧାତ୍ମକ ଅବ୍ୟୟ – ନା

ସାଦୃଶ୍ୟାତ୍ମକ ଅବ୍ୟୟ - ଏସନ, ଏମିତି, ଯେମିତି

ବୀପ୍‌ସାର୍ଥକ ଅବ୍ୟୟ - ଯେତେ ଯେତେ, ଥାଉ ଥାଉ

ବିକଳ୍ପସୂଚକ ଅବ୍ୟୟ - ନଇଲେ, କି (ମରେକି ସତେ)

ସମ୍ମତିସୂଚକ ଅବ୍ୟୟ - ହଁ

କ୍ରିୟାବିଶେଷଣ ଅବ୍ୟୟ - ରୁଟ୍‌କିନି, ଭଲେ, କାଳକ୍ରମେ

ଧ୍ୱନାନୁକାରୀ ଅବ୍ୟୟ - କିଟିକିଟି, ଠକ୍‌ଠକ୍, ଥୁରୁଥୁରୁ, ସୁସୁ, ଘୁଘୁ, ଝିମିଝିମି, କଟକଟ

ଭାବବାଚକ ଅବ୍ୟୟ - ଆହା

ସମ୍ବୋଧନସୂଚକ ଅବ୍ୟୟ - ଲୋ, ହେ, ରେ, ଗୋ, ହଇରେ, ହଇଲୋ

ପ୍ରଶ୍ନସୂଚକ ଅବ୍ୟୟ - କିଆଁ, କେଉଁ, କିସ

ପଦବିକାରମୂଳକ ଅବ୍ୟୟ - କାନ୍ଦୁଣୁମାନ୍ଦୁଣୁ, ଚଜିମଜି

ସମଶ୍ରେଣୀୟ ପଦ ସଂଯୋଜନାମୂଳକ - ଝାଟିମାଟି, ଧନଦରବ

ଆଳଙ୍କାରିକ ଅବ୍ୟୟ - ତ, ଯେ, ସିନା, ଟି

୧୧. (୧) କ୍ରିୟାହୀନ ରୂଢ଼ି - ଛ ତିଅଣ ନ ଭଜା, ବେଦର ଗାର, ଆଗଚଲା, ଆଗବୋଲା, ପର ଗାଇଦୁହାଁ, ଦୀପପେଲା ।

(୨) କ୍ରିୟାଯୁକ୍ତ ରୂଢ଼ି - ହାଣ୍ଡିରେ ଚାଉଳ ଫୁଟାଇବା, କୋଲମାରିଯିବା, ଫସର ଫାଟିବା, ପେଟ ଭୋକରେ ଜଳିବା, ଗୋଡ଼ହାତ ଝିମିଝିମି ମାରିଯିବା, ପାନଖାଇ, ମନଫୁଲାଇ ଚାଲିବା, ପେଟରେ ଓଦାକନା ଦେବା, ଅଣ୍ଟାଭିଡ଼ିବା, ଘଟଛୁଟିବା ।

(୩) ଉପମାଯୁକ୍ତ ରୂଢ଼ି ବା ତୁଳନାତ୍ମକ ରୂଢ଼ି - ବୋଲନ୍ତି ଦେଉଳ ପରି ଆଣିଛି ମାଡ଼ି, ଶତ୍ରୁଙ୍କ ପ୍ରାୟ ମୋତେ ମଣିଛି ବିଷ ।

୧୨. (କ) ନିଃ+ଦେଶକ, ଉତ୍+ସ୍ଥାନ, ଚଳତ୍+ଚିତ୍ର

(ଖ) ଦୁର୍ଗନ୍ଧ, ଉନ୍ମେଷ

୧୩. କ୍ଲେଶ, ଧୀର, ଲୀଳାୟନ, ଉପଯୋଗ, ପାରସ୍ପରିକ, ପ୍ରାଧାନ୍ୟ, ସ୍ପଷ୍ଟ ।

୧୪. ସାକ୍ଷର, ଅଧିକାଂଶ, ଶାନ୍ତି, ନୀରସ, ସରଳ, ସୁବୋଧତା, ଅବରୋହୀ, ଅନର୍ଥ ।

## ୫.୯ ଉତ୍ତର ପ୍ରଦାନ ପାଇଁ ଆଦର୍ଶ ପ୍ରଶ୍ନାବଳୀ

୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଗୋଟିଏ କିମ୍ବା ଦୁଇଟି ବାକ୍ୟରେ ପ୍ରଦାନ କରନ୍ତୁ -

(କ) ଲୋକଗୀତ ମଧ୍ୟରେ କେଉଁ କେଉଁ ଗୀତ ଅନ୍ତର୍ଭୁକ୍ତ ?

(ଖ) ଲୋକଗୀତ କିପରି ପ୍ରଚାରିତ ହୋଇଥାଏ ।

(ଗ) ଗଳ୍ପସାଗରଙ୍କର ବେଶଭୂଷା କିପରି ?

(ଘ) ଲୋକନାଟ୍ୟ କିପରି ସ୍ଥାନରେ ଅଭିନୀତ ହୁଏ ?

(ଙ) ପଥକ୍ଳାନ୍ତି ଦୂର କରିବା ପାଇଁ ଲୋକଗୀତ ଓ ଲୋକକାହାଣୀ ମଧ୍ୟରୁ କେଉଁଟି ଅଧିକ ଉପାଦେୟ ?

୨. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ସୁଚିନ୍ତିତ ଉତ୍ତର ଦିଅନ୍ତୁ -

(କ) ଲୋକଗୀତ ଓ ଲୋକକାହାଣୀ ମଧ୍ୟରେ କି ମୌଳିକ ପାର୍ଥକ୍ୟ ରହିଛି ?

(ଖ) ଓଡ଼ିଆ ଲୋକସାହିତ୍ୟରେ ଓଡ଼ିଶାର ଜୀବନଧାରା କିପରି ରୂପାୟିତ ହୋଇଛି ?

(ଗ) ଗଳ୍ପସାଗର ଓ ଲୋକକଥକ ମଧ୍ୟରେ କି ମୁଖ୍ୟ ପାର୍ଥକ୍ୟ ରହିଛି ?

୩. କେଉଁ ପ୍ରସଙ୍ଗରେ କୁହାଯାଇଛି ଲେଖନ୍ତୁ-

(କ) ମଥା ବାନ୍ଧି ଜାଣିଲେ ସୁନ୍ଦର । କଥା କହି ଜାଣିଲେ ସୁନ୍ଦର

(ଖ) କିନ୍ତୁ ତାହା ହିଁ ଜାତିର ବିଶ୍ୱାସ ଓ ଭାବନାକୁ ରୂପାୟିତ କରିଥାଏ ।

(ଗ) ଏଥିରେ ବୁଦ୍ଧିର ଚାଷ ହୋଇଥାଏ ।

(ଘ) ଭାଗ୍ୟ ଆଗରେ ମଣିଷର ସବୁ ଶକ୍ତି ହାର ମାନିଯାଏ ।

(ଙ) ସତ୍ୟ ସହିତ ଆଦର୍ଶ ଓଡ଼ିଆ ଲୋକକାହାଣୀର ମୁଖ୍ୟ ଉପଜୀବ୍ୟ ।

(ଚ) ସେଥିରେ ମିଷ୍ଟତା ଥାଏ, କିନ୍ତୁ କ୍ଳିଷ୍ଟତା ନଥାଏ ।

୪. ନିମ୍ନଲିଖିତ ଶବ୍ଦଗୁଡ଼ିକର ଅର୍ଥ ଲେଖି ବାକ୍ୟରେ ବ୍ୟବହାର କରନ୍ତୁ -

ସ୍ୱତଃସ୍ଫୂର୍ତ୍ତ, ଜୀବନ-ଜିଜ୍ଞାସା, ଅଙ୍ଗାଙ୍ଗୀ, ଚରିତ୍ରବତ୍ତା, ଆଧିପତ୍ୟ, କଳାତ୍ମକ, ସୌନ୍ଦର୍ଯ୍ୟବୋଧ, ପଲ୍ଲୀ, ଅବାସ୍ତବତା ।

୫. ନିମ୍ନଲିଖିତ ଶବ୍ଦଗୁଡ଼କର ବିପରୀତାର୍ଥବୋଧକ ଶବ୍ଦ ଲେଖନ୍ତୁ-

ଅନ୍ୟ, ସୃଷ୍ଟି, ଖ୍ୟାତି, ଅର୍ଜନ, ଉପଯୁକ୍ତ, ଆକର୍ଷଣ, ଦୀର୍ଘ, ସାଗରର୍ଭକ, ବିଷ, ପର, ଭାଙ୍ଗିବା, ବୃହତ୍, ବଳିଷ୍ଠ, କଳ୍ପନା, ଟୋକୀ ।

୬. ଏକପଦରେ ପ୍ରକାଶ କରନ୍ତୁ - ଜୀବନ ଥିବା ପର୍ଯ୍ୟନ୍ତ, ଜୀର୍ଣ୍ଣବସ୍ତ୍ର ପରିଧାନ କରିଅଛନ୍ତି ଯେ, ଯାହାକୁ ଦୁଃଖରେ ଲାଭ କରାଯାଏ, ବିଦେଶରୁ ଅଗାତ ଯେ, କୌତୁହଳ ଜନ୍ମାଏ ଯେ ।

୭. ନିମ୍ନଲିଖିତ ବାକ୍ୟଗୁଡ଼ିକୁ ସଂକ୍ଷିପ୍ତ କରି ଲେଖନ୍ତୁ-

(କ) କାଠରେ ନିର୍ମିତ ହୋଇଥିବା ପୋଲ ସ୍ଥାୟୀ ନୁହେଁ ।

(ଖ) ଇତିହାସ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରିବା ପାଇଁ ଭାରତରେ ଯେତେ ପ୍ରଦେଶ ଅଛି, ଓଡ଼ିଶା ତନ୍ମଧ୍ୟରେ ପ୍ରକୃଷ୍ଟ ।

(ଗ) ଜୀବନ ସମ୍ବନ୍ଧରେ ଜାଣିବାର ଇଚ୍ଛା ଯୋଗୁଁ ସେ ବହୁ ଶାସ୍ତ୍ର ଦର୍ଶନ କରିଥିଲେ ।

୮. ଅର୍ଥଗତ ପାର୍ଥକ୍ୟ ଦର୍ଶାଇ ଦିଅନ୍ତୁ -

(କ) ନିତି, ନୀତି, (ଖ) ଜାତ, ଯାତ, (ଗ) ଶୀଳ, ଶିଳ, (ଘ) ସୂଚୀ, ଶୁଚି ।

୯. ଭ୍ରମସଂଶୋଧନ କରନ୍ତୁ -

ମନଭାବ, ହୃଷ୍ଟପୃଷ୍ଟ, ସମ୍ମାନୀୟ, ଆଶୀଷ, ଯାତାୟତ, ଆନୁସଙ୍ଗିକ, ଅଞ୍ଜଳୀ, ଅନୁସୂୟା, ପ୍ରତିଯୋଗୀତା ।

****



ignou THE PEOPLE'S UNIVERSITY

# ଅଧ୍ୟାୟ ୬ ଓଡ଼ିଶୀ କଳା ଓ ସ୍ଥାପତ୍ୟ

**ସଂରଚନା**


**୬.୦ ଉଦ୍ଦେଶ୍ୟ**

**୬.୧ ଉପକ୍ରମ**

**୬.୨ ମୂଳପାଠର ପ୍ରଥମ ଭାଗ**

୬.୨.୧ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀ

**୬.୩ ମୂଳପାଠର ଦ୍ୱିତୀୟ ଭାଗ**

୬.୩.୧ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀ

**୬.୪ ମୂଳପାଠର ତୃତୀୟ ଭାଗ**

୬.୪.୧ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀ

**୬.୫ ସାରାଂଶ**

**୬.୬ ଶବ୍ଦାର୍ଥ**

**୬.୭ ପଠନ ଅଭ୍ୟାସ**

**୬.୭.୧ ଲିଖନ ଅଭ୍ୟାସ**

**୬.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର**

**୬.୯ ଉତ୍ତର ପ୍ରଦାନ ପାଇଁ ଆଦର୍ଶ ପ୍ରଶ୍ନାବଳୀ**


ignou THE PEOPLE'S UNIVERSITY

# ୬.୦ ଉଦ୍ଦେଶ୍ୟ

ଉତ୍କଳର କଳା-କୃତିତ୍ୱ ଅପୂର୍ବ । ଯୁଗେ ଯୁଗେ ଉତ୍କଳର ଶିଳ୍ପୀ ତାର ସାଧନା ବଳରେ ନିଜ ଜନ୍ମଭୂମିକୁ ଚାରୁକଳାର ଏକ ବିଚିତ୍ର ଚିତ୍ରଶାଳାରେ ପରିଣତ କରି ଆସିଛି । ଆଜି ମଧ୍ୟ ଉତ୍କଳର ଅପୂର୍ବ କାରୁକାର୍ଯ୍ୟମଣ୍ଡିତ ମନ୍ଦିରମାଳା ଦର୍ଶକ ମନରେ ବିସ୍ମୟ ସୃଷ୍ଟି କରେ । ଏହି ପରମ୍ପରାର ସଂରକ୍ଷଣ ଓ ଯୁଗୋପଯୋଗୀ ନୂତନ କଳା-କୌଶଳର ସୃଷ୍ଟି ଓ ବିକାଶ ପାଇଁ ଉତ୍କଳର ଶିଳ୍ପୀମାନେ ଉତ୍ସାହର ସହିତ ଉଦ୍ୟମରତ ଥିବା ଦେଖାଯାଏ । 'ଓଡ଼ିଶୀ କଳା ଓ ସ୍ଥାପତ୍ୟ', ଏହି ପ୍ରବନ୍ଧରେ ଓଡ଼ିଶୀ ଶିଳ୍ପକଳାର ଏକ ଧାରାବାହିକ କ୍ରମ-ବିବରଣୀ ଦେବା ପାଇଁ ଉଦ୍ୟମ କରାଯାଇଛି ।

ଶିକ୍ଷାର୍ଥୀମାନଙ୍କୁ ଓଡ଼ିଶାର ଶିଳ୍ପକଳା ତଥା କଳାବିଭବ ସହିତ ପରିଚିତ କରାଇବା ସଙ୍ଗେ ସଙ୍ଗେ ସେମାନଙ୍କୁ ଓଡ଼ିଶୀ କଳା ପ୍ରତି ସଚେତନ କରାଇ ସେ ବିଷୟରେ ସବିଶେଷ ସୂଚନା ଦେବା 'ଓଡ଼ିଶୀ କଳା ଓ ସ୍ଥାପତ୍ୟ' ପ୍ରବନ୍ଧର ମୂଳ ଉଦ୍ଦେଶ୍ୟ । ଏହି ପ୍ରବନ୍ଧ ପାଠ କରିବା ଦ୍ୱାରା ଓଡ଼ିଶାର ଶିଳ୍ପକଳା ବିଷୟରେ ଜ୍ଞାନ ଲାଭ ହେବା ସହିତ ଓଡ଼ିଶାର ବିଭିନ୍ନ କଳାପୂର୍ଣ୍ଣ ସ୍ଥାନଗୁଡ଼ିକ ବିଷୟରେ ମଧ୍ୟ ସାଧାରଣଜ୍ଞାନ ବୃଦ୍ଧି ହେବ । ଶିକ୍ଷାର୍ଥୀମାନଙ୍କ ଭିତରେ ନିଜ ରାଜ୍ୟର କଳା ବିଭବ ବିଷୟରେ ଅଧିକରୁ ଅଧିକ ଜାଣିବା ପାଇଁ ଆଗ୍ରହ ପ୍ରକାଶ କରିବା କ୍ଷେତ୍ର ପ୍ରସ୍ତୁତ କରାଇବା ମଧ୍ୟ ଏ ପ୍ରବନ୍ଧର ଅନ୍ୟତମ ମୁଖ୍ୟ ଉଦ୍ଦେଶ୍ୟ । ପ୍ରବନ୍ଧର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କଳା ସମ୍ପର୍କୀୟ ବିଭିନ୍ନ ତଥ୍ୟର ସୂଚନା ରହିଛି । ଏହି ତଥ୍ୟକୁ ଶିକ୍ଷାର୍ଥୀମାନେ ଜାଣିବା ପରେ ଏ ବିଷୟରେ ଅଧିକ ଜାଣିବାକୁ ସେମାନେ ଆଗ୍ରହ ପ୍ରକାଶ କରିବା ସଙ୍ଗେ ସଙ୍ଗେ ବିଷୟବସ୍ତୁ ନିଜେ କେତେ ପରିମାଣରେ ଗ୍ରହଣ କରିପାରିଛନ୍ତି ସେ ବିଷୟରେ ନିଜେ ଅବଗତ ହୋଇପାରିବେ । ଏହି ଉଦ୍ଦେଶ୍ୟରେ ଏ ପ୍ରବନ୍ଧ ସହିତ ଆବଶ୍ୟକ ବିଭିନ୍ନ ପ୍ରଶ୍ନାବଳୀ ଓ ବ୍ୟାକରଣଗତ ପ୍ରଶ୍ନମାନ ଦିଆଯାଇଛି । ସେମାନଙ୍କର ଲିଖନ ଓ ପଠନ ଦକ୍ଷତା ବୃଦ୍ଧି ପାଇଁ ମଧ୍ୟ ବିଶେଷ ଧ୍ୟାନ ଦିଆଯାଇଛି । ଶିକ୍ଷାର୍ଥୀମାନେ ନିଜେ ସେହି ପ୍ରଶ୍ନଗୁଡ଼ିକର ଉତ୍ତର ଦେଇ ବିଷୟବସ୍ତୁଗତ ଓ ଭାଷାଗତ ଦକ୍ଷତା ବିଷୟରେ ସଚେତନ ହୋଇପାରିବେ ।

# ୬.୧ ଉପକ୍ରମ

ମଣିଷର ସୌନ୍ଦର୍ଯ୍ୟ ସ୍ପୃହାରୁ ଶିଳ୍ପକଳାର ସୃଷ୍ଟି । ଏହି ଶିଳ୍ପକଳା ପ୍ରାକ୍-ଐତିହାସିକ ଯୁଗରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ବିଭିନ୍ନ ଧାରା ଦେଇ ଗତିକରି ଆସି ଓଡ଼ିଶାର ଜନମାନସକୁ ନିରବଚ୍ଛିନ୍ନ ଭାବରେ ପ୍ରଭାବିତ କରି ଆସିଛି । ଆଦିମ ସଭ୍ୟତାର ପ୍ରଥମ ପର୍ଯ୍ୟାୟରୁ ମଣିଷ ନିଜର ଦୈନନ୍ଦିନ ଜୀବନର କର୍ମ ବ୍ୟସ୍ତତା ଭିତରେ କଳା ସୃଷ୍ଟି କରିବା ପରେ ତାହା ବିଭିନ୍ନ ଭାବରେ ବିକାଶ ଲାଭ କରିଛି । 'ଓଡ଼ିଶୀ କଳା ଓ ସ୍ଥାପତ୍ୟ' ଶୀର୍ଷକ ପ୍ରବନ୍ଧରେ ଓଡ଼ିଶୀ ଶିଳ୍ପକଳାର ଏକ ଧାରାବାହିକ କ୍ରମର ବିବରଣୀ ଦିଆଯାଇଛି । ପ୍ରାଗ୍-ଐତିହାସିକ ଯୁଗର ପ୍ରସ୍ତର ଉପରେ ଅଙ୍କିତ ବିଭିନ୍ନ ଚିତ୍ରାବଳୀ ତଥା ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ପ୍ରସ୍ତର

ଗୁହାରେ ତତ୍କାଳୀନ ବିଭିନ୍ନ ଚିତ୍ରଠାରୁ ଆରମ୍ଭ କରି ପଶୁପକ୍ଷୀ ତଥା ଜୀବନଧାରଣର ବିଭିନ୍ନ ପଦ୍ଧତି ବିଷୟରେ ଚିତ୍ର ଅଙ୍କନର ସୂଚନା ରହିଛି ।

କ୍ରମେ ସଭ୍ୟତାର ବିକାଶ ହେବା ସଙ୍ଗେ ସଙ୍ଗେ ଶିକାରୀ ମଣିଷର ଜୀବନ ଶିକାର କରି ଜୀବନଧାରଣ କରିବାଠାରୁ ଦୂରେଇ ଆସି କୃଷିଭିତ୍ତିକ ହେବା ପରେ ପରେ କଳା ଗୁହାର ପଥର କାନ୍ଥରୁ ଆସି ମଣିଷ ତିଆରି ସୁନ୍ଦର ଘରର କାନ୍ଥରେ ସ୍ଥାନ ପାଇଲା ଏବଂ ସେହି ସମୟର କଳାର ପ୍ରକାଶ ସହିତ ସେଇ ସମୟର ଜୀବନଧାରଣର ପଦ୍ଧତି ଓ ସାମଜିକ ଚଳଣି ମଧ୍ୟ କ୍ରମେ ଜଡ଼ିତ ହୋଇ ପଡ଼ିଲା । ଫଳରେ କଳା ପ୍ରକାଶର ମାଧ୍ୟମ ପରିବର୍ତ୍ତିତ ହେଲା । ଏହି ପରିବର୍ତ୍ତିତ କଳାର ସ୍ୱରୂପ ବିଷୟରେ ଏହି ପ୍ରବନ୍ଧରେ ବିଶଦ ବର୍ଣ୍ଣନା କରାଯାଇଛି ।

ଓଡ଼ିଶାର ଜନଜୀବନରେ ଆଦିବାସୀମାନଙ୍କର ସ୍ୱତନ୍ତ୍ର ସ୍ଥାନ ଅଛି । ଏଣୁ ଆଦିବାସୀମାନଙ୍କର ଶିଳ୍ପକଳାର ବିଭିନ୍ନ ମାଧ୍ୟମ ଓ ପ୍ରକାଶ ଭଙ୍ଗୀ ସହିତ ସେମାନଙ୍କ ଜୀବନଧାରଣ ପଦ୍ଧତି ଓ ଚଳଣିରେ କଳାର ସ୍ୱରୂପକୁ ଆଲୋଚନା କରାଯାଇଛି ।

ଓଡ଼ିଶାର ଗ୍ରାମାଞ୍ଚଳରେ ପାରମ୍ପରିକ କଳା ତଥା ବିଭିନ୍ନ ପୂଜା-ପାର୍ବଣ ସହିତ ସମ୍ପୃକ୍ତ ଚିତା ଝୋଟି ମୁରୁଜ ପ୍ରଭୃତିଠାରୁ ଆରମ୍ଭ କରି ବିଭିନ୍ନ ରକମର ବ୍ୟାବହାରିକ ଜିନିଷକୁ କଳାର ମାଧ୍ୟମ କରିବାର ସୂଚନା ସାଙ୍ଗରେ ଗ୍ରାମ୍ୟ ଜୀବନର କୃଷିଭିତ୍ତିକ ଚଳଣି ଭିତରେ ଲକ୍ଷ୍ମୀପୂଜାର ମହତ୍ତ୍ୱକୁ ପ୍ରାଧାନ୍ୟ ଦିଆଯାଇଛି ।

ଏହାଛଡ଼ା ଓଡ଼ିଶାର ଭାସ୍କର୍ଯ୍ୟ କଳା ତଥା ମନ୍ଦିର ଗାତ୍ରରେ ଖୋଦିତ ବିଭିନ୍ନ ମୂର୍ତ୍ତି ଓ ବିଗ୍ରହ ଏବଂ ମନ୍ଦିର ନିର୍ମାଣ ଶୈଳୀ ଓ ମନ୍ଦିର ଉପରେ ଖୋଦିତ ବିଭିନ୍ନ କାରୁକଳାର ବିଭିନ୍ନ ବର୍ଣ୍ଣନା, ଯାହାକି ଓଡ଼ିଶାର କାରୁକଳାର ଚରମ ନିଦର୍ଶନ, ସେ ସବୁ ବିଷୟରେ ସୂଚନା ରହିଛି । ଖଣ୍ଡଗିରିର ଗୁହା ଭାସ୍କର୍ଯ୍ୟ ଓ ଚିତ୍ରକଳାର ବର୍ଣ୍ଣନା, ମନ୍ଦିର ତଥା ବୌଦ୍ଧ-ସ୍ଥାପତ୍ୟ କେଉଁଝର ଜିଲ୍ଲାର ସୀତାବିଞ୍ଜିଠାରେ ଥିବା ଭିତ୍ତିଚିତ୍ର, ମନ୍ଦିରରେ ପୂଜା ପାଉଥିବା ବିଭିନ୍ନ ଧାତୁନିର୍ମିତ ମୂର୍ତ୍ତିକଳା ବିଷୟରେ ସବିଶେଷ ବର୍ଣ୍ଣନା ରହିଛି । ଖଣ୍ଡଗିରିର ଫ୍ରେସ୍କୋ ପେଣ୍ଟିଙ୍ଗ ତଥା ରଙ୍ଗୀନ ଚିତ୍ରକଳା, ମନ୍ଦିର ବେଢ଼ାମାନଙ୍କରେ ଥିବା ରଙ୍ଗୀନ ଚିତ୍ରାବଳୀ ଓ ଓଡ଼ିଶାର ପଟଚିତ୍ର ଅଙ୍କନର ବର୍ଣ୍ଣନା, ଗଞ୍ଜାପା ବାତାସ ଉପରେ ଅଙ୍କିତ ଚିତ୍ର ଏବଂ ତାଳପତ୍ର ପୋଥି ଉପରେ ଅଙ୍କିତ ଚିତ୍ରକଳାର ବିଶେଷ ସୂଚନା ଦିଆଯାଇଛି । ମୃଣ୍ମୟପାତ୍ରଠାରୁ ଆରମ୍ଭ କରି ହସ୍ତଶିଳ୍ପ, ବୟନଶିଳ୍ପ, ଚାନ୍ଦୁଆଶିଳ୍ପ, ମାଟିକଣ୍ଢେଇ ପ୍ରସ୍ତୁତି, ଧାତୁ ଉପରେ ବିଭିନ୍ନ କୋଟିକମ ପ୍ରଭୃତି ବିଷୟରେ ମଧ୍ୟ ଆଲୋଚନା କରାଯାଇଛି ।

'ଓଡ଼ିଶୀ କଳା ଓ ସ୍ଥାପତ୍ୟ' ବିଷୟରେ ଅଧିକ ଜାଣିବା ପାଇଁ ନିମ୍ନଲିଖିତ ପୁସ୍ତକଗୁଡ଼ିକ ସହାୟକ ହେବ ।

**ସହାୟକ ଗ୍ରନ୍ଥସୂଚୀ**

୧. ଓଡ଼ିଶାର ସାଂସ୍କୃତିକ ଇତିହାସ - ସମ୍ପାଦନା, ଓଡ଼ିଶା କଲଚରାଲ ଫୋରମ୍, ଭୁବନେଶ୍ୱର, ଗ୍ରନ୍ଥମନ୍ଦିର, ୧୯୮୪ ।

୨. ଉତ୍କଳର ଚିତ୍ରକଳା – ଗୋପାଳ କାନୁନ୍‌ଗୋ, ଓଡ଼ିଶା ଲଳିତ କଳା ଏକାଡ଼େମୀ, ୧୯୬୪ ।

**ଲେଖକଙ୍କ ପରିଚୟ:** ଓଡ଼ିଶାର କୃତୀ ଶିଳ୍ପୀ ଡ. ଦୀନନାଥ ପାଠୀ ଦିଗପହଣ୍ଡି ଗ୍ରାମରେ ଏକ ବ୍ରାହ୍ମଣ ପରିବାରରେ ୧୯୪୨ରେ ଜନ୍ମ ଗ୍ରହଣ କରିଛନ୍ତି । ଡ. ପାଠୀ ମାଟ୍ରିକ୍ୟୁଲେସନ ପାସ୍ କରିବା ପରେ କଳା ଶିକ୍ଷାଳୟରେ ଯୋଗ ଦେଇ ନିଜ କର୍ମଦକ୍ଷତା ଓ ନିଷ୍ଠାପରତା ବଳରେ ଶିକ୍ଷା କ୍ଷେତ୍ରରେ ଉଚ୍ଚ ପ୍ରଶଂସିତ ହୋଇଥିଲେ ଏବଂ ବାର୍ଷିକ ପ୍ରଦର୍ଶନୀରେ ପୁରସ୍କୃତ ହୋଇଥିଲେ । ସେ କଲିକତା ଫାଇନ୍ ଆର୍ଟ ଏକାଡ଼େମୀ ପ୍ରଦର୍ଶନୀରେ ୧୯୬୧ ଓ ୧୯୬୨ ତୈଳଚିତ୍ରରେ 'କ୍ଷେତଉଠା ଗୀତ'ରେ ସ୍ୱର୍ଣ୍ଣପଦକ ପାଇଛନ୍ତି । ବର୍ତ୍ତମାନ ସେ 'ବିଭୂତି କାନୁନ୍‌ଗୋ କଲେଜ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍‌ଟସ୍'ରେ ପ୍ରିନସିପାଲ ଅଛନ୍ତି ।

## ୬.୨ ମୂଳପାଠର ପ୍ରଥମ ଭାଗ

ପ୍ରାଗ୍-ଐତିହାସିକ ଯୁଗରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଓଡ଼ିଶାର କଳା-ବିଭବ ନିରବଚ୍ଛିନ୍ନ ଭାବରେ ବିଭିନ୍ନ ଧାରା ଦେଇ ଜନମାନସକୁ ଉଦ୍‌ବୁଦ୍ଧ କରିଆସିଛି । ଯଦିଓ ଆଜିର ପ୍ରଚଳିତ ଓଡ଼ିଶୀ ଧାରା ପ୍ରାଗ୍-ଐତିହାସିକ ଯୁଗର ଉଦ୍ଦାମ ଛନ୍ଦ ଏବଂ ଆଦିମ ପ୍ରବୃତ୍ତିର ପ୍ରକାଶ ସାଧାରଣ ଦୃଷ୍ଟିରେ ସ୍ୱଷ୍ଟ ନୁହେଁ, ତଥାପି ସାମ୍ପ୍ରତିକ ଶୈଳୀର ପୃଷ୍ଠଭୂମିରେ ପ୍ରେରଣାର ଉତ୍ସ ରୂପେ ଆଦିମମାନବର ପ୍ରଥମ ଶିଳ୍ପକଳାର ଅଭିବ୍ୟକ୍ତି ଯେ ବିଦ୍ୟମାନ, ଏଥିରେ ସନ୍ଦେହ ନାହିଁ ।

ଓଡ଼ିଶା କାହିଁକି, ପୃଥିବୀର ସବୁଆଡ଼େ ଏହି ଶିଳ୍ପକଳା ଦୃଷ୍ଟିଗୋଚର ହୁଏ । ଆଲ୍‌ଟାମିରା, ଲସ୍‌କସ୍ ଓ କୋଗୁଲର ଚିତ୍ରକଳା ହିଁ ମାନବ ଅଭିବ୍ୟକ୍ତିର ପ୍ରଥମ ପ୍ରକାଶ ରୂପେ ସ୍ୱୀକୃତି ଲାଭକରିଛି । ଚିତ୍ରକଳା ସହିତ ମୂର୍ତ୍ତିକଳା ମଧ୍ୟ ପାଶ୍ଚାତ୍ୟ ଦେଶର ଗୁହାଗୁଡ଼ିକରେ ଦେଖାଯାଉଥିବା ବେଳେ, ଓଡ଼ିଶାର ଗୁହାଗୁଡ଼ିକ କେବଳ ଚିତ୍ରଯୁକ୍ତ । ମାନବ-ସଭ୍ୟତାର ପ୍ରଥମ ପର୍ଯ୍ୟାୟରେ ନିଜର ଖାଦ୍ୟ ଅନ୍ୱେଷଣରେ ବ୍ୟସ୍ତ ମଣିଷର ଦୈନନ୍ଦିନ ଜୀବନ ସଂଗ୍ରାମରୁ ସୃଷ୍ଟ କଳା ପରବର୍ତ୍ତୀକାଳରେ ବିଭିନ୍ନ ଭାବରେ ବିକାଶଲାଭ କରିଛି ।

ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାର ମାଣିକମଡ଼ା, ଓଷାକୋଠି, କଳାହାଣ୍ଡି ଜିଲ୍ଲାର ଗୁଡ଼ହାଣ୍ଡି, ଯୋଗୀମଠ, ସମ୍ବଲପୁର ଜିଲ୍ଲାର ଓଲାପଗଡ଼ ଓ ବିକ୍ରମଖୋଲରେ ଆଜି ବି ପ୍ରାଗ୍ ଐତିହାସିକ ଯୁଗର ଚିତ୍ରାବଳୀ ଦେଖିବାକୁ ମିଳେ । ଏଗୁଡ଼ିକର କାଳ ନିରୂପଣ ସହଜ ସାଧ୍ୟ ନୁହେଁ, କେବଳ ଚିତ୍ରଶୈଳୀ ଏବଂ ପ୍ରସ୍ତର ଚିତ୍ରର ସାମଞ୍ଜସ୍ୟ ଯୋଗୁ ଏଗୁଡ଼ିକୁ ପ୍ରାଗ୍-ଐତିହାସିକ ଯୁଗର ପର୍ଯ୍ୟାୟଭୁକ୍ତ କରାଯାଏ । ଏହି ଚିତ୍ରଗୁଡ଼ିକ ପ୍ରସ୍ତର ଉପରେ ଧାତବ ରଙ୍ଗରେ ଅଙ୍କିତ ହୋଇଥିବାର ଅନୁମାନ କରାଯାଏ । ଗୈରିକ ରଙ୍ଗ ଏହି ଚିତ୍ରଗୁଡ଼ିକରେ ବହୁଳ ଭାବରେ ବ୍ୟବହୃତ । ଶିକାର ଚିତ୍ର, ମୃଗ, ଗୋସମ୍ପଦ, ଛାଗଳ, ମହିଷ, ବୃଷଭ, ଶିକାରୀ, ଖଡ଼୍‌ଗ-

ଢ଼ାଲଧାରୀ ଯୋଦ୍ଧା, ବର୍ଗାକାର ଏବଂ ଆୟତାକାର କ୍ଷେତ୍ର ଏହି ଚିତ୍ରଗୁଡ଼ିକରେ ପ୍ରକାଶ ପାଇଛି । ଏଭଳି ଚିତ୍ର ଭାରତର ବିନ୍ଧ୍ୟ ପର୍ବତମାଳା ଅଞ୍ଚଳ ଓ ମଧ୍ୟପ୍ରଦେଶର ଭୀମବେଟକା, ଭୋଜପୁର, ଆଜମଗଡ଼, ପଞ୍ଚମଢ଼ୀ, ଜବଲପୁର, ରାମଗଡ଼, ସିଂହନପୁର, ଭୋପାଳ, କଟନୀ ଓ ରେଓ୍ୱା ପ୍ରଭୃତି ଅଞ୍ଚଳରେ ଥିବାର ଦେଖାଯାଏ ।

ଧୀରେ ଧୀରେ ଶିକାରୀମାନବ କୃଷିଭିତ୍ତିକମାନବ ବ୍ୟବସ୍ଥା ମଧ୍ୟରେ ଛନ୍ଦି ହୋଇଗଲା । ଗୁହା ଏବଂ ପତ୍ର କୁଡ଼ିଆରୁ ଘରର ଆବିର୍ଭାବ ହେଲା । କଳାର ପରିପାଟୀ ଗୁହାର ପଥର କାନ୍ଥରୁ ଯାଇ ଘରର କାନ୍ଥରେ ସ୍ଥାନ ପାଇଲା । କଳା ପ୍ରତି ସଚେତନ ଓ ଆକୃଷ୍ଟ ହୋଇ ମାନବ ସମାଜ କଳାକୁ ଧର୍ମ ଓ ସାଧାରଣ ଜୀବନର ଚଳଣି ସହିତ ଯୋଡ଼ିବାକୁ ପ୍ରୟାସ ଚଳାଇଲା । ତେଣୁ ପୂଜା-ପାର୍ବଣ ଓ ଆଧ୍ୟାତ୍ମିକ ଭକ୍ତି ଭାବ ସହିତ କଳାର ସ୍ୱତନ୍ତ୍ର ସମ୍ବନ୍ଧ ସ୍ଥାପିତ ହେଲା । ଏହା ବ୍ୟତୀତ କଳା ମଣିଷର ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀ ମାଧ୍ୟମରେ ମଧ୍ୟ ଲୋକପ୍ରିୟତା ଅର୍ଜନ କଲା । ବୈଦିକ ଯୁଗର ପୂଜା ପଦ୍ଧତି ମଧ୍ୟରେ "ମଣ୍ଡଳ" ଓ "ଯନ୍ତ୍ର" ଇତ୍ୟାଦିରେ ଅବତାରଣା ଶିଳ୍ପକଳାର ଏକ ପରିପ୍ରକାଶ ଛଡ଼ା ଅନ୍ୟ କିଛି ନୁହେଁ ।

ଯାହାକୁ ବର୍ତ୍ତମାନ ଆଦିବାସୀ କଳା ପର୍ଯ୍ୟାୟଭୁକ୍ତ କରାଯାଉଛି, ତାହା କେବଳ କଳାର ଆଦିମ ରୂପ ଏବଂ କଳାର ଏକ ସରଳୀକୃତ ପ୍ରକାଶଭଙ୍ଗୀ । ନଗର-ସଭ୍ୟତାଠାରୁ ବହୁ ଦୂରରେ ଘନ ଅରଣ୍ୟ ପରିବେଷ୍ଟିତ କ୍ଷୁଦ୍ର ପଲ୍ଲୀ କୋଳରେ ସୁରକ୍ଷିତ ଓ ବର୍ଦ୍ଧିତ ହୋଇ ନିଜର ସ୍ୱତନ୍ତ୍ର ପ୍ରକାଶଭଙ୍ଗୀ ସହିତ ଆଜି ବି ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟଙ୍କ ଭିତରେ ତିଷ୍ଠି ରହିଛି ।

ଓଡ଼ିଶାର ମୟୂରଭଞ୍ଜ ଅଞ୍ଚଳର ସାନ୍ତାଳ, କେନ୍ଦୁଝରର ଜୁଆଙ୍ଗ, ଫୁଲବାଣୀ ଅଞ୍ଚଳର କୁଟିଆ କନ୍ଧ, ଗଞ୍ଜାମର କନ୍ଧ, ସଉରା ଏବଂ କୋରାପୁଟର ବଣ୍ଡା ଏବଂ କୋୟା ମୁଖ୍ୟତଃ କଳାବିଳାସୀ ସମ୍ପ୍ରଦାୟ । ଜୀବନର ଛନ୍ଦେ ଛନ୍ଦେ କଳା ସହିତ ସେମାନଙ୍କର ପରିଚିତି ଏବଂ କଳା ମାଧ୍ୟମରେ ହିଁ ସେମାନଙ୍କର ଜୀବନର ପରିପ୍ରକାଶ । ସେମାନଙ୍କର ବାସଗୃହ, ଶିକାର ପାଇଁ ବ୍ୟବହୃତ ହତିଆର, ବାସନକୁସନ, ଦେହର ବ୍ୟବହୃତ ଅଳଙ୍କାର ଓ ପ୍ରସାଧନ ସାମଗ୍ରୀ କଳାର ସଙ୍କେତ ବହନକରେ । ଏଭଳିକି ନିଜ ଶରୀରରେ ସେମାନେ ନାନାପ୍ରକାର ପଶୁପକ୍ଷୀ ଏବଂ ଫୁଲପତ୍ରର ଚିତା କୁଟେଇଥାନ୍ତି । ଚିତା କୁଟେଇବା ଯେ କେବଳ ଆଦିବାସୀ ସମ୍ପ୍ରଦାୟରେ ପ୍ରଚଳିତ ଅଛି ତା ନୁହେଁ; ଗାଁ ଗହଳରେ ସାଧାରଣ ସମାଜ ମଧ୍ୟରେ ମଧ୍ୟ ଏହାର ଆଦର ଅଛି । ଜୁଆଙ୍ଗମାନଙ୍କର କାଠ ପାନିଆରେ ଖୋଦେଇ ବିଭିନ୍ନ ଚିତ୍ର ବା କୁଟିଆ କନ୍ଧର ଧୂଆଁ ନଳୀ ଉପରର ଖୋଦେଇ ଭିତରେ ସେମାନଙ୍କର କଳାଚେତନା ହିଁ ପରିସ୍ଫୁଟ । ଜୁଆଙ୍ଗମାନଙ୍କର ପାନିଆ ଉପରେ କାଠ ଖୋଦେଇରେ ସମାନ୍ତରାଳ ରେଖାଯୁକ୍ତ ଚିତ୍ର, ଚାଳ ଛପର ଛାତର ଶୈଳୀର ହିଁ ନମୁନା । ମୁରିଆ ଗଣ୍ଡମାନଙ୍କର ହୁକାପାତ୍ରରେ ଖୋଦିତ ଚତୁର୍ଦ୍ଦଳ ବିଶିଷ୍ଟ ପଦ୍ମ ଏବଂ ଅନ୍ୟାନ୍ୟ ଅତି ସୁନ୍ଦର ଜ୍ୟାମିତିକ ଚିତ୍ରମାନ ଦେଖାଯାଏ । ଏ ଚିତ୍ରଗୁଡ଼ିକୁ ସିନ୍ଧୁ ଉପତ୍ୟକାରୁ ଆବିଷ୍କୃତ ବା ଶିଶୁପାଳଗଡ଼ରୁ ମିଳିଥିବା ମୃଣ୍ମୟ ପାତ୍ରଗୁଡ଼ିକ ଉପରେ ଅଙ୍କିତ

ଚିତ୍ରକଳା ସହିତ ସାଦୃଶ ରକ୍ଷା କରିଛି । ପଧାନ ଏବଂ ଗଣ୍ଡମାନଙ୍କ କାନ୍ଥରେ ଅଙ୍କୋଛ ଭାସ୍କର୍ଯ୍ୟ ବଡ଼ କୌତୂହଳୋଦ୍ଦୀପକ । ସଉରାମାନେ ମଧ୍ୟ ମାଟିରେ ମୂର୍ତ୍ତି ତିଆରି କରନ୍ତି । ଗଣ୍ଡମାନେ ଏହାକୁ ଶୋଭାବର୍ଦ୍ଧନକାରୀ ଭାବେ ବ୍ୟବହାର କଲାବେଳେ ସଉରମାନେ ମୂର୍ତ୍ତିକୁ ଘରୁ ଭୂତ-ପ୍ରେତ ଇତ୍ୟାଦି କିଳେଇବା ଉଦ୍ଦେଶ୍ୟରେ ବ୍ୟବହାର କରନ୍ତି । ଗଣ୍ଡମାନଙ୍କ କାନ୍ଥର ମୂର୍ତ୍ତିକା ନିର୍ମିତ ଭାସ୍କର୍ଯ୍ୟ-ବିଶେଷ ଅଶୋକଙ୍କ ବେଳର ଅଶ୍ୱତ୍ଥ ଗଛର ସଙ୍କେତ ଭଳି ଦେଖାଯାଏ । କୁଟିଆ କନ୍ଧମାନଙ୍କ କାଠ କବାଟ ଉପରେ ଖୋଦିତ ଚିତ୍ରର ଶିଳ୍ପକଳାର ମହତ୍ତ୍ୱ ଅଧିକ ଉଚ୍ଚ ଦରର । ଏହାଛଡ଼ା ବିଭିନ୍ନ ପଶୁପକ୍ଷୀ ଏବଂ ଅନ୍ୟାନ୍ୟ ଜ୍ୟାମିତିକ ଚିତ୍ର ଆଦିବାସୀ କଳାରେ ରୂପକଳ୍ପ ରୂପେ ବ୍ୟବହୃତ ହୁଏ, ଯାହାର ନମୁନା ପ୍ରାଗୈତିହାସିକ ଚିତ୍ରାବଳୀଗୁଡ଼ିକରେ ଲିପିବଦ୍ଧ । ଶିକାର ଚିତ୍ର ପ୍ରାଗୈତିହାସିକ ଚିତ୍ରାବଳୀଠାରୁ ଆରମ୍ଭ କରି ଆଦିବାସୀଙ୍କ ଚିତ୍ରକଳା ମଧ୍ୟରେ ଏକ ପ୍ରଧାନ ସ୍ଥାନ ଅଧିକାର କରିଛି । ସାନ୍ତାଳ, କନ୍ଧ, ଜୁଆଙ୍ଗ, ସଉରା ଏବଂ ମଧ୍ୟପ୍ରଦେଶରେ ମୁରିଆ ଗଣ୍ଡମାନଙ୍କର ଚିତ୍ରକଳାର ବିଷୟବସ୍ତୁ ମଧ୍ୟରେ ଶିକାର ଚିତ୍ର ପ୍ରଧାନ । ସାନ୍ତାଳଙ୍କ ବିବାହରେ ବ୍ୟବହୃତ ପାଲିଙ୍କି ଉପରେ ଖୋଦେଇ ହୋଇଥିବା ଶିକାର ଚିତ୍ର, କନ୍ଧ, ଜୁଆଙ୍ଗ, ସଉରା ଏବଂ ମୁରିଆଙ୍କ ଅଳଙ୍କାରରେ ଅଙ୍କିତ ହରିଣ ଚିତ୍ର ପୁରାତନ ଯୁଗ ବା ନୂତନ ପ୍ରସ୍ତର ଯୁଗର ଚିତ୍ର ଭଳି ପ୍ରତୀୟମାନ ହୁଏ । ମୟୂର ଏବଂ ହାତୀ ଆଦିବାସୀ କଳାରେ ବହୁଳଭାବରେ ରୂପାୟିତ । ଆଦିବାସୀମାନେ ନିଜ ପଗଡ଼ିରେ ମୟୂରପୁଚ୍ଛ ପିନ୍ଧନ୍ତି । ସୌନ୍ଦର୍ଯ୍ୟ ଦୃଷ୍ଟିରୁ ଏହି ମୟୂରପୁଚ୍ଛ ବ୍ୟତିତ ପଗଡ଼ି ମୁରିଆଗଣ୍ଡମାନଙ୍କ ବିବାହ ଉତ୍ସବରେ ମଧ୍ୟ ବ୍ୟବହୃତ ହୁଏ । ଲୋକକଳା ଆଦିବାସୀ କଳାର ଅନ୍ୟ ଏକ ଦିଗ । ଆଜିର ସବୁ ଆଧୁନିକତା ସତ୍ତ୍ୱେ ଯଦି ଗାଁ ଗହଳରେ କିଛି ତିଷ୍ଠି ରହିଛି, ତା ହେଉଛି ଆଦିବାସୀ ଲୋକଜୀବନରେ ପ୍ରଚଳିତ ଲୋକକଳା ।

ଓଡ଼ିଶାର ଗ୍ରାମାଞ୍ଚଳରେ ପାରମ୍ପରିକ ପ୍ରଥାନୁଯାୟୀ କମାର, ବଢ଼େଇ, ବଣିଆ, ଚିତ୍ରକର ଇତ୍ୟାଦି ସମାଜର ବିଭିନ୍ନ ଚାହିଦା ମେଣ୍ଟାଇ ଆସୁଛନ୍ତି । ବିଭିନ୍ନ ପୂଜାପାର୍ବଣ, ଯାନିଯାତ୍ରାରେ ଏହି ଗ୍ରାମ୍ୟ କାରିଗରମାନେ ବିଭିନ୍ନ ଭାବରେ ନିଜର କଳାନିପୁଣତା ପ୍ରଦର୍ଶନ କରିଥାନ୍ତି । ମଣିଷ ଜୀବନର ବିଭିନ୍ନ ବିଭବ ମଧ୍ୟରେ ବ୍ରତୋପନୟନ, ବିବାହ, ଓଷା, ବାରବ୍ରତ ସବୁଥିପାଇଁ କଳା ଅପରିହାର୍ଯ୍ୟ । ପଲ୍ଲୀ ଲଳନାର ଅପାଠୁଆ ହାତ ଦେଇ ଏସବୁ ପର୍ବ ମଉଛବରେ ପ୍ରକାଶ ପାଏ କଳାର ବିଭିନ୍ନ ରୂପ । ମାର୍ଗଶିର ମାସ ଗୁରୁବାର ଆସିଲେ ଘର ଏରୁଣ୍ଡିରୁ ଆରମ୍ଭ କରି ଢିଙ୍କିଶାଳ ପର୍ଯ୍ୟନ୍ତ ଚିତା ଦିଆଯାଏ । ଲକ୍ଷ୍ମୀପାଦ, ପଦ୍ମମଣ୍ଡଳ କାନ୍ଥରେ ଚିତ୍ରିତ କରାଯାଏ । ଧାନ ଶିଂଷା, ଗଛଲତା, ଓଲଟଶୁଆ, ମୟୂର ଏବଂ ହାତୀ ଇତ୍ୟାଦି କେତେ କିସମର ପଶୁପକ୍ଷୀ ଗେରୁ ବା ରଙ୍ଗମାଟି ଲିପାକାନ୍ଥ ଉପରେ ଧଳା ପିଠଉର ଚିତା ଆକର୍ଷଣୀୟ ହୋଇଉଠେ । ସେଭଳି ଭୂମି ଉପରେ ନାଲିଆ (ଗେରୁଆ) ମଣ୍ଡଳ ଉପରେ ଷଷ୍ଠଦଳପଦ୍ମର ଚିତା ପିଠଉରେ ବା ମୁରୁଜରେ ଖବ୍ ଲୋଭନୀୟ ହୁଏ । ଆଧୁନିକ ସଭ୍ୟତାର ପ୍ରଭାବରେ ଏସବୁର ଆଦର ଆସ୍ତେ ଆସ୍ତେ କମି ଯାଉଥିଲେ ମଧ୍ୟ ଅଦ୍ୟାବଧି ଗାଁ ଗହଳରେ ଏହାର ପ୍ରଚଳନ ଅଛି ଏବଂ ତାହା କେବଳ ଓଡ଼ିଆ ଘରର କଳାକୁଶଳତା ଓ କାରିଗରି ଦେଇ

ରହିଆସିଛି । ପାରମ୍ପରିକ ଭାବେ କଳାର ଏ ଚଳଣି ପୁରୁଷ-ପୁରୁଷ ଧରି ଆଜି ପର୍ଯ୍ୟନ୍ତ ପରିବାର ଭିତରେ ପ୍ରଚଳିତ । କୃଷିଭିତ୍ତିକ ସମାଜର ଲୋକଚଳଣିରେ କଳା ଏକ ପ୍ରଧାନ ଅବଲମ୍ବନ ।

ଲୋକକଳାର ପ୍ରକାଶଭଙ୍ଗୀ ସରଳ ଓ ସ୍ୱାଭାବିକ, ରେଖାଗୁଡ଼ିକ ବଳିଷ୍ଠ ଓ ଏଥିରେ ବ୍ୟବହୃତ ରୂପକଳ୍ପ ଭାବଗର୍ଭକ । ବେଙ୍ଗେଇ ଝୋଟି, କାନ୍ଥରେ ଧାନଶିଂଷା ଉଦ୍ଦେଶ୍ୟରେ ପିଠଉକୁ କାନ୍ଥ ଉପରେ ଛାଟି ସୃଷ୍ଟି କରାଯାଉଥିବା ରୂପବିଶେଷ ବା ଜାଲିଚଟୁକୁ ପିଠଉରେ ବୁଡ଼େଇ କାନ୍ଥ ଉପରେ ବାଡ଼େଇ ବାଡ଼େଇ ତିଆରି କରାଯାଉଥିବା କଦମ୍ବଫୁଲିଆ ଚିତା ଏବଂ ଲକ୍ଷ୍ମୀପାଦ ପାଇଁ ବ୍ୟବହୃତ ଏକ ସରଳୀକୃତ ଏବଂ ସାଙ୍କେତିକ ରୂପ କେବଳ ଗାଉଁଲି ନାରୀଶିଳ୍ପୀଙ୍କର ସୃଷ୍ଟି ।

ଓଡ଼ିଶାର ଭାସ୍କର୍ଯ୍ୟ ସମ୍ପର୍କରେ କହିବାକୁ ଗଲେ ଗୋଟିଏ କଥା ପରିଷ୍କାର ଯେ ତ୍ରିମାତ୍ରିକ ଖୋଦନ-କଳା ଭାରତୀୟ ଶିଳ୍ପଧାରାରେ ଏକ ନୂତନ ପଦ୍ଧତି । ଯଦିଓ ଓଡ଼ିଶା ଏହି ନୀତି-ବହିର୍ଭୁତ ନୁହେଁ, ତଥାପି ଏହି ନିୟମ ଛଡ଼ା କେତେକ ଉଲ୍ଲେଖନୀୟ ଭାସ୍କର୍ଯ୍ୟ ଆମର ଦୃଷ୍ଟିଗୋଚର ହୁଏ, ତ ହେଲା କୋଣାର୍କର ନୃତ୍ୟରତା ଅପ୍‌ସରା, ବାଦକ ଓ କେତେକ ଛୋଟ ଛୋଟ ବ୍ରୋଞ୍ଜମୂର୍ତ୍ତି । ଏସବୁ ଛଡ଼ା ଭାସ୍କର୍ଯ୍ୟ କଳା କହିଲେ ସାଧାରଣତଃ ଅତି ଅଳ୍ପୋଚ୍ଚ ଖୋଦନକାଳକୁ ହିଁ ବୁଝାଏ ଏବଂ ଏଗୁଡ଼ିକ ମନ୍ଦିର ଗାତ୍ରରେ ସଂଲଗ୍ନ ହୋଇଥିବାର ଦେଖାଯାଏ । ଆଜିକାଲି ଯେପରି ଭାସ୍କର ଓ ଚିତ୍ରୀ ମଧ୍ୟରେ ପାର୍ଥକ୍ୟର ସୀମାରେଖା ସହଜରେ ଟଣାଯାଇପାରୁଛି, ପ୍ରାଚୀନ କାଳରେ ସେପରି ନଥିଲା । ଶିଳ୍ପୀ କହିଲେ କି ଭାସ୍କର, କି ଚିତ୍ରୀ ସମସ୍ତଙ୍କୁ ବୁଝାଉଥିଲା । ଆଜି ମଧ୍ୟ ଓଡ଼ିଶା ଗାଁ ଗହଳରେ ମହାରଣା, ମହାପାତ୍ର ଇତ୍ୟାଦି ନାଁରେ ପରିଚିତ ହେଉଥିବା ଚିତ୍ରକାରମାନେ ପଥରଖୋଦେଇ ଏବଂ କାଠଖୋଦେଇ ଶିଳ୍ପରେ ସିଦ୍ଧହସ୍ତ ଏବଂ ଏହି ଭାସ୍କର୍ଯ୍ୟଗୁଡ଼ିକୁ ମଧ୍ୟ ଚିତ୍ରିତ କରାଯାଉଥିଲା । ପୁଣି ଚିତ୍ର କହିଲେ ଭାସ୍କର୍ଯ୍ୟକୁ ହିଁ ବୁଝାଉଥିଲା । ରିଲିଫ୍ ବା ଅତ୍ୟଳ୍ପୋଚ୍ଚ ଭାସ୍କର୍ଯ୍ୟକୁ ଚିତାର୍ଦ୍ଧ ଏବଂ ଚିତ୍ର ବା ପେଣ୍ଟିଙ୍ଗକୁ ଚିତ୍ରାଭାସ ଆଖ୍ୟା ଦିଆଯାଉଥିଲା । ଏବେ ବି ଓଡ଼ିଶାର ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ କାଷ୍ଠ-ନିର୍ମିତ ମୂର୍ତ୍ତିଗୁଡ଼ିକୁ ଚିତ୍ର କରାଯାଉଛି ।

### ୬.୨.୧ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀ

ଅନୁଶୀଳନୀ (କ): ଉପର ପରିଚ୍ଛେଦଗୁଡ଼ିକରେ କୁହାଯାଇଥିବା ବିଷୟକୁ ଠିକ୍ ଭାବରେ ବୁଝି ପାରିଛନ୍ତି କି ନାହିଁ ଜାଣିବା ପାଇଁ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖି ନିଜକୁ ପରୀକ୍ଷା କରନ୍ତୁ ।

"ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର (କ)"ରେ 'ଅନୁଶୀଳନୀ (କ)'ର ପାଞ୍ଚଟି ପ୍ରଶ୍ନର ଉତ୍ତର ଦିଆଯାଇଛି । ନିଜର ଏହି ପ୍ରଶ୍ନ ଗୁଡ଼ିକର ଉତ୍ତର ଠିକ୍ କି ଭୁଲ୍ ଉତ୍ତର-ପତ୍ର ଦେଖି ପରୀକ୍ଷା କରନ୍ତୁ । 'ଅନୁଶୀଳନ (କ)'ର ଦିଆଯଇଥିବା ଉତ୍ତରକୁ ମଡ଼େଲ ଭାବରେ

ଗ୍ରହଣ କରି 'ଅନୁଶୀଳନୀ (ଖ)' ଓ 'ଅନୁଶୀଳନୀ (ଗ)'ର ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ ।

ପ୍ରଶ୍ନ: (୧) ବର୍ତ୍ତମାନର ଓଡ଼ିଶା ଶିଳ୍ପକଳାର ପୃଷ୍ଠଭୂମି ଉପରେ ପ୍ରେରଣା ଉତ୍ସ ରୂପେ କ'ଣ ବିଦ୍ୟମାନ ?

(୨) କେଉଁ କେଉଁ ଜାଗାର ଚିତ୍ରକଳା ମାନବ ଅଭିବ୍ୟକ୍ତିର ପ୍ରଥମ ପରିପ୍ରକାଶ ରୂପେ ସ୍ୱୀକୃତି ଲାଭ କରିଛି ?

(୩) ପ୍ରାଗ୍-ଐତିହାସିକ ଯୁଗର ଚିତ୍ରବଳୀ ଓଡ଼ିଶାର କେଉଁ କେଉଁ ସ୍ଥାନରେ ଦେଖିବାକୁ ମିଳିଥାଏ ?

(୪) ଭାରତର ଆଉ କେଉଁ କେଉଁ ଅଞ୍ଚଳରେ ପ୍ରାଗ୍-ଐତିହାସିକ ଯୁଗର ଚିତ୍ରାବଳୀ ଦେଖିବାକୁ ମିଳିଥାଏ ?

(୫) କୃଷି-ଭିତ୍ତିକ ସମାଜ ବ୍ୟବସ୍ଥା ମଧ୍ୟରେ କଳା ଗୁହାର ପଥର କାନ୍ଥରୁ ଯାଇ କେଉଁଠାରେ ସ୍ଥାନ ପାଇଲା ?

(୬) ଆଦିବାସୀ ସମ୍ପ୍ରଦାୟଙ୍କ କଳାକୁ କି ପ୍ରକାର କଳା ବୋଲି ଲେଖକ କହିଛନ୍ତି ?

(୭) ଓଡ଼ିଶାର କେଉଁ କେଉଁ ସମ୍ପ୍ରଦାୟକୁ କଳାବିଳାସୀ ସମ୍ପ୍ରଦାୟ କୁହାଯାଇଛି ?

(୮) ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟଙ୍କର କି କି ସାମଗ୍ରୀରେ କଳାର ସଙ୍କେତ ଦେଖିବାକୁ ମିଳେ ?

(୯) ବିଭିନ୍ନ ଆଦିବାସୀ ସମ୍ପ୍ରଦାୟଙ୍କର ବିଭିନ୍ନ କଳା ସାମଗ୍ରୀ ବିଷୟରେ ବିଶଦ ବର୍ଣ୍ଣନା ଦିଅନ୍ତୁ ।

(୧୦) ଶବରମାନଙ୍କର କଳାରେ କି ପ୍ରକାର ଚିତ୍ର ଦେଖିବାକୁ ମିଳେ ?

(୧୧) ପାରମ୍ପରିକ ପ୍ରଥା ଅନୁଯାୟୀ ଓଡ଼ିଶାର ଗ୍ରାମାଞ୍ଚଳରେ କି କି କଳାନିପୁଣତା ପ୍ରକାଶ ପାଏ ବର୍ଣ୍ଣନା କରନ୍ତୁ ।

(୧୨) ସଂକ୍ଷିପ୍ତ ଟିପ୍ପଣୀ ଦିଅନ୍ତୁ - ଝୋଟି, ଚିତା, ପାରମ୍ପରିକ କଳା, ଲୋକକଳା ।

## ୬.୩ ମୂଳପାଠ ର ଦ୍ୱିତୀୟ ଭାଗ

ଆଜି ଓଡ଼ିଶାର କୋଣେ କୋଣେ ଅସଂଖ୍ୟ ଭଗ୍ନମୂର୍ତ୍ତି, ମନ୍ଦିରର ଭଗ୍ନାବଶେଷ, ସ୍ତୂପବିଶେଷ ଇତ୍ୟାଦି ବହୁ ପ୍ରତ୍ନତାତ୍ତ୍ୱିକ ସମ୍ପଦ ଅତି ଅସହାୟ ଅବସ୍ଥାରେ ପଡ଼ିରହିଛି । ଗାଁମୁଣ୍ଡ ବରଗଛ ତଳେ ପୂଜା ପାଉଥିବା ପଥରଖଣ୍ଡଠାରୁ ଆରମ୍ଭ କରି କୋଣାର୍କର ଶୌର୍ଯ୍ୟ ଓ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଚାରୁକଳା ବିମଣ୍ଡିତ ଭାସ୍କର୍ଯ୍ୟ ପର୍ଯ୍ୟନ୍ତ ଛତ୍ରେ ଛତ୍ରେ ଓଡ଼ିଶୀ ଭାସ୍କର୍ଯ୍ୟର ସ୍ୱାତନ୍ତ୍ର୍ୟ

ବଜାୟ ରହିଆସିଛି । ଧଉଳିଠାରେ ମୌର୍ଯ୍ୟସମ୍ରାଟ ଅଶୋକଙ୍କ ଅନୁଶାସନ ଖୋଦିତ ପାହାଡ଼ ଉପରର ହସ୍ତୀ ହିଁ ଓଡ଼ିଶାର ପ୍ରାଚୀନତମ ଭାସ୍କର୍ଯ୍ୟକଳାର ନମୁନା ବୋଲି ଧରାଯାଏ ।

ଓଡ଼ିଶା ବିଭିନ୍ନ ସମୟରେ ରାଜତ୍ୱ କରିଥିବା ବିଭିନ୍ନ ରାଜବଂଶ ଓଡ଼ିଶାର ମନ୍ଦିର ଗଠନ କରାଇବାରେ ସହାୟକ ହେବା ଫଳରେ ଓଡ଼ିଶାରେ ମନ୍ଦିର ଗଠନ ଶୈଳୀ କ୍ରମବର୍ଦ୍ଧିଷ୍ଣୁ ହୋଇ ଉତ୍କର୍ଷର ଚରମସୀମାରେ ପହଞ୍ଚି ପାରିଥିଲା । ମନ୍ଦିରକଳା ଉଦ୍ଭବର ପ୍ରାକ୍‌କାଳରେ ସମ୍ରାଟ ଅଶୋକ ଏବଂ ଖାରବେଳଙ୍କ ଅନୁଦାନ ଯୋଗୁ ଓଡ଼ିଶାର ଭାସ୍କର୍ଯ୍ୟ ଏବଂ ସ୍ଥାପତ୍ୟକଳା ଆହୁରି ମହନୀୟ ହୋଇଉଠିଛି । ଲାଙ୍ଗୁଳାନରସିଂହ ଦେବଙ୍କ ଗୌଡ଼ବିଜୟ ସ୍ମାରକୀ କୋଣାର୍କ ହିଁ ଓଡ଼ିଶୀକଳାର ଶୀର୍ଷ ସୋପାନ ବୋଲି ଗ୍ରହଣ କରାଯାଏ ।

ପ୍ରାଚୀନ କଳିଙ୍ଗ ସ୍ଥାପତ୍ୟର ଅନ୍ୟ ଏକ ଉଦାହାରଣ ହେଲା ଗୁମ୍ଫାଖନନ । ଖଣ୍ଡଗିରି ଏବଂ ଉଦୟଗିରିସ୍ଥିତ ଗୁମ୍ଫାଗୁଡ଼ିକର ଗଠନ ପ୍ରଣାଳୀ ଏବଂ ତହିଁର ଖୋଦନ ଶିଳ୍ପକଳା ବାସ୍ତବିକ ହୃଦୟସ୍ପର୍ଶୀ । ସାଧାରଣ ଘରପରି ଏଥିରେ ପ୍ରକୋଷ୍ଠ ସମ୍ମୁଖରେ ବାରଣ୍ଡା ଦେଖାଯାଏ । ଗୁମ୍ଫାଗୁଡ଼ିକର ଭିତରକୁ ଯିବାକୁ ଛୋଟ ପଥ ଅଛି । ଏଗୁଡ଼ିକ ଅଳ୍ପୋଚ୍ଚ ଏବଂ ଏଥିରେ ଜଣେ ଛିଡ଼ା ହେବା ଆୟାସସାଧ୍ୟ । ଭାରତବର୍ଷର ପଶ୍ଚିମାଞ୍ଚଳରେ ପ୍ରସ୍ତରଗାତ୍ରରେ ଖୋଦିତ କେତେକ ବୌଦ୍ଧ-ବିହାର ଦେଖାଯାଏ, କିନ୍ତୁ ଖଣ୍ଡଗିରି ଓ ଉଦୟଗିରିର ଗୁମ୍ଫାମାନ ବିଭିନ୍ନ ଧରଣର । ପଶ୍ଚିମ-ଭାରତର ଗୁମ୍ଫାପରି ଏଠାରେ କୌଣସି ଚୈତ୍ୟଗୃହ ଦେଖାଯାଏ ନାହିଁ । କେତେକ ଗୁମ୍ଫା ଯଥା - ରାଣୀଗୁମ୍ଫା, ମଞ୍ଚପୁରୀ ଓ ସ୍ୱର୍ଗପୁରୀ ଆଦି ଦ୍ୱିତଳ ବିହାର ରୂପେ ପରିକଳ୍ପିତ । ଭାରତୀୟ ଗୁମ୍ଫାସ୍ଥାପତ୍ୟର କ୍ରମବିକାଶରେ ଏଗୁଡ଼ିକର ଯଥେଷ୍ଟ ଗୁରୁତ୍ୱ ରହିଛି ।

ଖଣ୍ଡଗିରିର ଭାସ୍କର୍ଯ୍ୟର କଥାବସ୍ତୁ ମଧ୍ୟରେ ବିଭିନ୍ନ ଜୈନପ୍ରତୀକ, ସ୍ୱସ୍ତିକ, ନାନ୍ଦୀପଦ, ବୃକ୍ଷପୂଜାର ଦୃଶ୍ୟ, ପବିତ୍ର ପ୍ରତୀକପୂଜା, ଉଦୟନ, ବାସବଦତ୍ତର ଚରିତ୍ର, ରାମାୟଣର କଥାବସ୍ତୁ, ହାତୀଖୋଦା, ବିଭିନ୍ନ ସଂଘର୍ଷର ଚିତ୍ର, ଭୂଦୃଶ୍ୟ, ନୃତ୍ୟବାଦ୍ୟ ପରିବେଷଣ ଦୃଶ୍ୟ ପ୍ରଭୃତି ବହୁ ଦୃଶ୍ୟାବଳୀ ଅନ୍ତର୍ଭୁକ୍ତ । ଏହାଛଡ଼ା ବିଭିନ୍ନ ଲତା, ପୁଷ୍ପ ଏବଂ ଆଳଙ୍କାରିକ ସାଜସଜା ଗୁମ୍ଫା ପ୍ରବେଶପଥର ଊର୍ଦ୍ଧ୍ୱ ଭାଗରେ ଖୋଦିତ । ଅତ୍ୟୁଚ୍ଚୋଚ୍ଚ ଭାସ୍କର୍ଯ୍ୟରାଜି ଅତି ସରଳ ଅଥଚ ବଳିଷ୍ଠ ଯୋଜନା ଏବଂ ଅଙ୍ଗଭଙ୍ଗୀ ମାଧ୍ୟମରେ ପ୍ରକାଶିତ ହୋଇପାରିଛି ।

ଓଡ଼ିଶାର ଅଧିକାଂଶ ମନ୍ଦିର ଗାତ୍ରରେ ଭାସ୍କର୍ଯ୍ୟମାନ ବିଦ୍ୟମାନ । ଭୁବନେଶ୍ୱରର ପ୍ରାଚୀନତମ ମନ୍ଦିରସମୂହ ମଧ୍ୟରୁ ଭରତେଶ୍ୱର, ଶତ୍ରୁଘ୍ନେଶ୍ୱର, ଲକ୍ଷ୍ମଣେଶ୍ୱର, ସ୍ୱର୍ଣ୍ଣଜାଳେଶ୍ୱର ଏବଂ ପରଶୁରାମେଶ୍ୱର ଗାତ୍ରରେ ପୁରାତନ ଭାସ୍କର୍ଯ୍ୟ ଶୈଳୀ ପରିଦୃଷ୍ଟ ହୁଏ । ଶତ୍ରୁଘ୍ନେଶ୍ୱରର ରାମାୟଣ ଦୃଶ୍ୟ ସମ୍ବଳିତ ରିଲିଫ ଏବଂ ପରଶୁରାମେଶ୍ୱରର ନର୍ତ୍ତକ, ବାଦକ, ଶିବବିବାହ, ଶିବତାଣ୍ଡବ (ନଟରାଜ) କାର୍ତ୍ତିକ ପ୍ରଭୃତି ଭାସ୍କର୍ଯ୍ୟର ଖୋଦନ ଶୈଳୀ ମନୋମୁଗ୍ଧକର । କେବଳ ଭୁବନେଶ୍ୱରରେ ହିଁ ଓଡ଼ିଶା ସ୍ଥାପତ୍ୟ କଳାର କ୍ରମବିକାଶ ଖୁବ୍ ସହଜରେ ଧରାପଡେ ଏବଂ ତା ସଙ୍ଗେସଙ୍ଗେ ଏଗୁଡ଼ିକ ସହିତ ସଂଲଗ୍ନ ଭାସ୍କର୍ଯ୍ୟସମୂହର ବିକାଶଧାରା ସ୍ପଷ୍ଟ ହୁଏ । ଭୁବନେଶ୍ୱର ବ୍ୟତୀତ ପୁରୀ, କୋଣାର୍କ, ପ୍ରାଚୀ ଉପତ୍ୟକା, ଯାଜପୁର, ଖିଚିଙ୍ଗ, ବୌଦ୍ଧ,

ବୈଦ୍ୟନାଥ, ରାଣୀପୁର-ଝରିଆଲ ଏବଂ ଦକ୍ଷିଣ ଓଡ଼ିଶାର ଅଧିକାଂଶ ଅଞ୍ଚଳରେ ପ୍ରାଚୀନ କୀର୍ତ୍ତିମାନ ବିଦ୍ୟମାନ । ଭାସ୍କର୍ଯ୍ୟର ପ୍ରାଚୁର୍ଯ୍ୟ ଦୃଷ୍ଟିରୁ ଭୁବନେଶ୍ୱରର ପରଶୁରାମେଶ୍ୱର, ମୁକ୍ତେଶ୍ୱର, ବୋଇତାଳ, ମାର୍କଣ୍ଡେଶ୍ୱର, ରାଜାରାଣୀ, ବ୍ରହ୍ମେଶ୍ୱର ଏବଂ ଲିଙ୍ଗରାଜ ମନ୍ଦିର ପ୍ରଧାନ ।

ଓଡ଼ିଶାର ଅନ୍ୟ କେତେକ ସ୍ଥାନରେ ବୌଦ୍ଧ-ସ୍ଥାପତ୍ୟର ଅବଶେଷ ରହିଛି । ସେଥିମଧ୍ୟରୁ କଟକ ଜିଲ୍ଲାର ବାଣେଶ୍ୱର ନାସି, ପୁରୀ ଜିଲ୍ଲାର କୋଣାର୍କ ନିକଟବର୍ତ୍ତୀ କୁରୁମ ଗ୍ରାମ, ଫୁଲବାଣୀ ଜିଲ୍ଲାର ବୌଦ, ମୟୂରଭଞ୍ଜ ଜିଲ୍ଲାର ଖିଚିଙ୍ଗ, ବାଲେଶ୍ୱର ଜିଲ୍ଲାର ଖଡ଼ିପଦା, ଅଯୋଧ୍ୟା ଓ ସୌଲଣପୁର ଆଦି ସ୍ଥାନ ଉଲ୍ଲେଖଯୋଗ୍ୟ । ବୌଦ୍ଧଧର୍ମର ଇତିହାସ ଓ କଳା କ୍ଷେତ୍ରରେ ଓଡ଼ିଶାର ମହତ୍ତ୍ୱପୂର୍ଣ୍ଣ ସ୍ଥାନ ବିଭିନ୍ନ ସ୍ଥାନରୁ ଆବିଷ୍କୃତ ବୌଦ୍ଧମୂର୍ତ୍ତିମାନଙ୍କରୁ ପ୍ରତିପାଦିତ ହୁଏ । ଓଡ଼ିଶାର କେତେକ ମୂର୍ତ୍ତିରେ ଗୁପ୍ତକଳାର ପ୍ରଭାବ ଦେଖିବାକୁ ମିଳେ । ଏଥିମଧ୍ୟରେ ଲଳିତଗିରି ଓ ରତ୍ନଗିରିର କେତେକ ବୁଦ୍ଧ ଓ ବୋଧିସତ୍ତ୍ୱ ମୂର୍ତ୍ତି ଅନ୍ତର୍ଗତ । ଖଣ୍ଡଗିରି, ଖିଚିଙ୍ଗ, ଜୟପୁର, କାକଟପୁର ତଥା ଯାଜପୁର ଆଦି ସ୍ଥାନରୁ ଜୈନମୂର୍ତ୍ତି କଳାର ନିଦର୍ଶନ ମିଳିଛି । ଯାଜପୁର, ଧର୍ମଶାଳା ଓ ପୁରୀର ସପ୍ତମାତୃକା ମୂର୍ତ୍ତି ଓଡ଼ିଶାର ମୂର୍ତ୍ତିକଳାର ସଫଳ ପରିପ୍ରକାଶ । ଖିଚିଙ୍ଗରୁ ପ୍ରାପ୍ତ ମୂର୍ତ୍ତିଗୁଡ଼ିକର ଗଠନ ଅତ୍ୟନ୍ତ ମନୋରମ । ଢେଙ୍କାନାଳ ଜିଲ୍ଲାର ଭୀମକାଣ୍ଡ ଓ ସାରଙ୍ଗର ବିଷ୍ଣୁମୂର୍ତ୍ତି କେବଳ ସୌନ୍ଦର୍ଯ୍ୟ ଦୃଷ୍ଟିରୁ ବିଚାର କଲେ ମଧ୍ୟ ଅସାଧାରଣ ।

ମନ୍ଦିର ଭିତରେ ଅଧିଷ୍ଠିତ ବିଗ୍ରହ ଏବଂ ଅନ୍ୟାନ୍ୟ ପାର୍ଶ୍ୱବିଗ୍ରହ ବ୍ୟତୀତ ଓଡ଼ିଶାର ଭାସ୍କର୍ଯ୍ୟରେ ମନ୍ଦିରର ଶୋଭା ବର୍ଦ୍ଧନ କରିବା ଉଦ୍ଦେଶ୍ୟରେ ମନ୍ଦିର ଗାତ୍ରରେ ଖୋଦିତ ରିଲିଫ ଦୃଷ୍ଟିଗୋଚର ହୁଏ । ପୂଜିତ ମୂର୍ତ୍ତି ଓ ଅଳଙ୍କରଣ ମୂର୍ତ୍ତିଭେଦରେ ଓଡ଼ିଶା ମନ୍ଦିର ଭାସ୍କର୍ଯ୍ୟଗୁଡ଼ିକୁ ଦୁଇଭାଗ କରାଯାଇପାରେ । ଅଳଙ୍କରଣ ମୂର୍ତ୍ତିମାନଙ୍କ ମଧ୍ୟରେ ଅଶ୍ୱ ଉପରେ ଅସ୍ତ୍ରଧାରିଣୀ, ନୂପୁରଭୂଷିତା, ବିରହିଣୀ, ଦର୍ପଣଧାରିଣୀ, ପତ୍ର ପ୍ରେରଣତା, ବାତ୍ସଲ୍ୟମୟୀ ନାରୀମୂର୍ତ୍ତି ଦୃଷ୍ଟିଗୋଚର ହୁଏ । ଏହାଛଡ଼ା ଅଳଙ୍କରଣ ଶାସ୍ତ୍ରସମ୍ମତ ସ୍ୱୀୟା, ମୁଗଧା, ପ୍ରଗଲ୍ଭା ପ୍ରଭୃତି ନାରୀମୂର୍ତ୍ତି ମଧ୍ୟ କମ୍ ପରିଲକ୍ଷିତ ହୁଏ ନାହିଁ । ଗଜସିଂହ, ନାଗିନୀସ୍ତମ୍ଭ, ଦଶାବତାର ତଥା ରାମାୟଣ ଓ ମହାଭାରତର ଦୃଶ୍ୟ, ଓଡ଼ିଶୀ ନୃତ୍ୟର ବିଭିନ୍ନ ମୁଦ୍ରା, ନାନାପ୍ରକାର ବୃକ୍ଷଲତା, ଯୁଦ୍ଧ ଦୃଶ୍ୟ, ଯୋଦ୍ଧା, ମୃଗୟା ଏବଂ ଶିକାର, ଯାନିଯାତ୍ରା, ବାଦକ, ଗାୟକ, ସଭାପାରିଷଦ, ପାତ୍ରମନ୍ତ୍ରୀ, ମୁନିଋଷି, ଜୀବଜନ୍ତୁମାନଙ୍କ ମଧ୍ୟରୁ ହାତୀ, ଓଟ, ମାଙ୍କଡ଼, ଘୋଡ଼ା, ସିଂହ, ମୃଗ, ମୟୂର, ଶୁକପକ୍ଷୀ, ହଂସ, ବତକ ପ୍ରଭୃତି ଭାସ୍କର୍ଯ୍ୟର ଗଠନ ଶୈଳୀ ମଧ୍ୟ ମନୋରମ । ବ୍ରହ୍ମେଶ୍ୱର ଓ କୋଣାର୍କ ପ୍ରଭୃତି କେତେକ ମନ୍ଦିରରେ ତତ୍କାଳୀନ ଓଡ଼ିଶାର ରାଜା ରାଣୀ ତଥା ମନ୍ଦିରର ପ୍ରଧାନ ପୃଷ୍ଠପୋଷକଙ୍କ ମୂର୍ତ୍ତି ଖୋଦିତ ହୋଇଛି । ଆହୁରି ମଧ୍ୟ ଆମ ଦେଶର ସାମାଜିକ ଚଳଣି ତଥା ବାଣିଜ୍ୟ ବ୍ୟବସାୟ ସମ୍ବନ୍ଧରେ କେତେକ ସଙ୍କେତଧର୍ମୀ ଦୃଶ୍ୟର ଖୋଦନ ରହିଛି । କଳିଙ୍ଗ ଦେଶର ହାତୀମାନଙ୍କୁ ଦେଶ ବିଦେଶରେ ବିକ୍ରୟ କରାଯିବାର

ସୂଚନା ସେହି ଦୃଶ୍ୟରୁ ସୂଚିତ ହୁଏ । ପ୍ରାଚୀନ ବିରାଟ ନୌକା ଯୋଗ ହାତୀମାନଙ୍କୁ ଦରିଆପରି ଦେଶମାନଙ୍କୁ ନିଆଯାଉଥିଲା ଏବଂ ଜିରାଫ ପ୍ରଭୃତି କେତେକ ଜନ୍ତୁଙ୍କୁ ଆମଦେଶକୁ ଅଣାଯାଉଥିଲା । ମନ୍ଦିର ଗାତ୍ରରେ ନୌକା ସାହାଯ୍ୟରେ ହାତୀ ପ୍ରେରଣ ଓ ଜିରାଫର ମୂର୍ତ୍ତି ଅଙ୍କିତ ହୋଇଥିବାରୁ ଏ ପ୍ରକାର ଧାରଣା ଜାତ ହୁଏ । ଏହି ମୂର୍ତ୍ତିଗୁଡ଼ିକର ନମୁନା କୋଣାର୍କର ସୂର୍ଯ୍ୟମନ୍ଦିରରେ ପ୍ରଚୁର ଦେଖିବାକୁ ମିଳେ । କୋଣାର୍କର ସୂର୍ଯ୍ୟମନ୍ଦିରର ସୂର୍ଯ୍ୟ, ନବଗ୍ରହ, ଉଦ୍ୟତ ଅଶ୍ୱ, ହସ୍ତୀ, ମୃଦଙ୍ଗ ବାଦିନୀ, ଝାଞ୍ଜବାଦିନୀ ଓ ବିଭିନ୍ନ ନର୍ତ୍ତକୀଙ୍କ ସହିତ ବହୁ ବିଭିନ୍ନ ଖୋଦନ ଲାଗି ସମଗ୍ର ପୃଥିବୀରେ କୋଣାର୍କ ମନ୍ଦିରର ସ୍ଥାନ ଅଦ୍ୱିତୀୟ ।

ସ୍ଥାପତ୍ୟ ବିଶେଷଜ୍ଞମାନଙ୍କ ମତ ଅନୁସାରେ ଓଡ଼ିଶାର ମନ୍ଦିରକୁ ସାଧାରଣତଃ ଦୁଇଟି ଅଂଶରେ ବିଭକ୍ତ କରାଯାଇଛି । ମୁଖ୍ୟ ମନ୍ଦିରକୁ ବିମାନ ବା ବଡ଼ଦେଉଳ କୁହାଯାଏ ଓ ଏଥିରେ ଦେବବିଗ୍ରହ ପୂଜିତ ହୁଅନ୍ତି । ତା ସମ୍ମୁଖରେ ଥିବା ମନ୍ଦିରକୁ ମୁଖଶାଳା ବା ଜଗମୋହନ କୁହାଯାଏ । ମୁଖ୍ୟ ମନ୍ଦିର ରେଖା ଦେଉଳ ଓ ଜଗମୋହନ ପୀଢ଼ା ଦେଉଳ ଭାବରେ ନିର୍ମିତ । କାଳକ୍ରମେ ଦେଉଳ ଓ ଜଗମୋହନ ବ୍ୟତୀତ ନାଟମନ୍ଦିର ଓ ଭୋଗମଣ୍ଡପର ପରିକଳ୍ପନା କରାଯାଇଥିଲା । ଓଡ଼ିଶାର ମନ୍ଦିରର ଅନ୍ୟ ଏକ ବିଶେଷତ୍ୱ ହେଲା ଏହାର ଅଭ୍ୟନ୍ତର । ଚତୁରସ୍ତ ମନ୍ଦିରର ଅଭ୍ୟନ୍ତରରେ ସାଧାରଣତଃ କୌଣସି କାରୁକାର୍ଯ୍ୟ ନଥାଏ, କିନ୍ତୁ ବହିର୍ଭାଗ ସୁଅଳଂକୃତ ଓ ସେଥିରେ ପ୍ରତିଫଳିତ ହେଉଥିବା ଆଲୋକଛାୟାର କ୍ରୀଡ଼ା ଅତି ଚମତ୍କାର । ବିଭିନ୍ନ ଶତାବ୍ଦୀରେ ନିର୍ମିତ ଓଡ଼ିଶାର ମନ୍ଦିରଗୁଡ଼ିକର ନିର୍ମାଣ ଶୈଳୀରେ ଉତ୍ତର ଓ ମଧ୍ୟଭାରତ, ରାଜସ୍ଥାନ, ଗୁଜୁରାଟର ମନ୍ଦିର ନିର୍ମାଣ ଶୈଳୀର ସାମଞ୍ଜସ୍ୟ ରହିଛି । ରାଜରାଣୀ ମନ୍ଦିରର ପରିକଳ୍ପନା ମଧ୍ୟପ୍ରଦେଶର ଖଜୁରାହୋ ମନ୍ଦିରତୁଲ୍ୟ । ରାଜରାଣୀର ବିଶେଷତ୍ୱ ହେଲା ମୁଖ୍ୟ ମନ୍ଦିର ଦେହରେ ଅନେକଗୁଡ଼ିଏ ଅଂଶ ଶିଖର ବା କ୍ଷୁଦ୍ର କ୍ଷୁଦ୍ର ମନ୍ଦିରର ସମନ୍ୱୟ । ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ଏକାଦଶ ଶତାବ୍ଦୀର ନିର୍ମିତ ହୋଇଥିଲା ଏବଂ ଏହି ସମୟକୁ ଓଡ଼ିଶାର ମନ୍ଦିର ସ୍ଥାପତ୍ୟ ପୂର୍ଣ୍ଣବିକାଶ ଲାଭ କରିଥିଲା । ପୁରୀର ଜଗନ୍ନାଥ ମନ୍ଦିର ଦ୍ୱାଦଶ ଶତାବ୍ଦୀର ଏବଂ କୋଣାର୍କ ମନ୍ଦିର ତ୍ରୟୋଦଶ ଶତାବ୍ଦୀର କୀର୍ତ୍ତି ଏବଂ ଏହା ମନ୍ଦିର ସ୍ଥାପତ୍ୟର ଚୂଡ଼ାନ୍ତ ନିଦର୍ଶନ ।

ଓଡ଼ିଶାର ଶିଖର ଶ୍ରେଣୀଭୁକ୍ତ ମନ୍ଦିରର ଆକୃତି ରଥାକାର । ତେଣୁ ଓଡ଼ିଶାର ମନ୍ଦିରଗୁଡ଼ିକ ମୁଖ୍ୟତଃ ତ୍ରିରଥ, ପଞ୍ଚରଥ, ସପ୍ତରଥ ଓ ନବରଥ ବିଶିଷ୍ଟ । ଆଷାଢ଼ ଓ ଚୈତ୍ରମାସରେ ଅନୁଷ୍ଠିତ ରଥଯାତ୍ରାରେ ବ୍ୟବହୃତ ରଥଗୁଡ଼ିକ ପରି ଓଡ଼ିଶାର ମନ୍ଦିରଗୁଡ଼ିକୁ ରଥ ଆକୃତିର ବୋଲି କୁହାଯାଇଛି । ବିଶେଷତଃ ଭୁବନେଶ୍ୱରରରେ ଗଠିତ ହେଉଥିବା 'ରୁକୁଣାରଥ' ଅବିକଳ ଭାସ୍କରେଶ୍ୱର ମନ୍ଦିରର ଗଠନ ପରି ହୋଇଥାଏ ଏବଂ କୋଣାର୍କର ସୂର୍ଯ୍ୟ ମନ୍ଦିର ଗୋଟିଏ ରଥର ସ୍ପଷ୍ଟ ପ୍ରତୀକ ।

ଓଡ଼ିଶାର ଶିଳ୍ପୀମାନେ ଆଞ୍ଚଳିକ ସୁଲଭତା ଅନୁସାରେ ବିଭିନ୍ନ ପ୍ରକାର ପ୍ରସ୍ତରରେ ମନ୍ଦିର ନିର୍ମାଣ କରୁଥିଲେ । ଏହି ପ୍ରସ୍ତରଗୁଡ଼ିକ ମଧ୍ୟରେ ମୁଗୁନି, କଳା, ରଙ୍ଗଡ଼ାଳିମା, ରାଜବଣିଆ ଓ

ମାଙ୍କଡ଼ା ପଥର ପ୍ରଭୃତି ପ୍ରଧାନ । ଶିଳ୍ପୀମାନେ ଆଧୁନିକ ସିମେଣ୍ଟ, ଚୂନ ପ୍ରଭୃତିର ବ୍ୟବହାର ନକରି ପଥର ସହିତ ପଥରକୁ ଘଷି ଶିଳ୍ପଶାସ୍ତ୍ରର କୌଶଳ ଅନୁସାରେ ଏପରି ଭାବରେ ଖଞ୍ଜିଛନ୍ତି ଯେ, ହଜାରେ ବାରଶହ ବର୍ଷ ବିତିଯାଇଥିଲେ ସୁଦ୍ଧା ମନ୍ଦିରଗୁଡ଼ିକ ବିଶେଷ କ୍ଷତିଗ୍ରସ୍ତ ହୋଇନାହିଁ ।

ପଥରର ମୂର୍ତ୍ତି ବ୍ୟତୀତ ବ୍ରୋଞ୍ଜ, କାଠ, ହାତୀଦାନ୍ତ ତିଆରି ମୂର୍ତ୍ତି ମଧ୍ୟ ଓଡ଼ିଶାର ପରିଦୃଷ୍ଟ ହୁଏ । ବାଣପୁରୁ ଖୋଦିତ ନବମ ଶତାବ୍ଦୀର ଶତାଧିକ ବ୍ରୋଞ୍ଜ ମୂର୍ତ୍ତି ମଧ୍ୟରେ ଧ୍ୟାନୀବୁଦ୍ଧ, ତାରା, ମାରୀଚୀ, ତ୍ରୈଲୋକ୍ୟବିଜୟ, ନାୟିକା, ସ୍ତୂପ ଇତ୍ୟାଦି ପ୍ରଧାନ । ସେଭଳି କାଠର ବିଭିନ୍ନ ଖୋଦେଇ, ରାଧାକୃଷ୍ଣ ମୂର୍ତ୍ତି; ଅଶ୍ୱାରୋହୀ, ଗଜାରୋହୀ ଇତ୍ୟାଦି ମୂର୍ତ୍ତି ପଥର ଶୈଳୀରେ କାଠ ଉପରେ ଖୋଦନ କରାଯାଏ । ହାତୀଦାନ୍ତର ଖୋଦେଇ ମଧ୍ୟରେ ଦଶାବତାର, ରାଧାକୃଷ୍ଣ, ରାମ-ଲକ୍ଷ୍ମଣ-ସୀତା, ବିଭିନ୍ନ ଜୀବଜନ୍ତୁର ଖୋଦେଇ ମଧ୍ୟ ପଥର ଖୋଦେଇର ଅନୁସରଣରେ ଓଡ଼ିଶାରେ କରାଯାଏ । ସେହିଭଳି ପିତଳର ମୂର୍ତ୍ତିଗୁଡ଼ିକ ମଧ୍ୟ ପଥର ଢାଞ୍ଚାରେ ତିଆରି କରାଯାଏ । ଏଭଳି ମୂର୍ତ୍ତିସବୁ ସାଧାରଣତଃ ମନ୍ଦିରରେ ବିଗ୍ରହ ରୂପେ ପୂଜା ପାଆନ୍ତି ।

### ୬.୩.୧ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀ

ଅନୁଶୀଳନୀ (ଖ) : ଉପରଲିଖିତ ପରିଛେଦଗୁଡ଼ିକ ପଢ଼ି ନିଜର ବୋଧଜ୍ଞାନ ପରୀକ୍ଷା କରିବା ପାଇଁ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ ।

**ପ୍ରଶ୍ନ:** ୧. ଭାସ୍କର୍ଯ୍ୟ କଳା ସାଧାରଣତଃ କାହାକୁ ବୁଝାଏ ?

୨. ଓଡ଼ିଶାର ପ୍ରାଚୀନତମ ଭାସ୍କର୍ଯ୍ୟ କଳାର ନମୁନା ଭାବରେ କାହାକୁ ଧରାଯାଏ ?

୩. ଉଦାହରଣ ସହ ଓଡ଼ିଶାର ଭାସ୍କର୍ଯ୍ୟ ସମ୍ପର୍କରେ ବର୍ଣ୍ଣନା କରି ଲେଖନ୍ତୁ ।

୪. ମନ୍ଦିର ଗାତ୍ରରେ ଥିବା ଭାସ୍କର୍ଯ୍ୟ ବିଷୟରେ ଉଦାହରଣ ସହ ବର୍ଣ୍ଣନା କରି ଲେଖନ୍ତୁ ।

୫. ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫାର ଭାସ୍କର୍ଯ୍ୟ ବିଷୟରେ ସଂକ୍ଷେପରେ ଲେଖନ୍ତୁ ।

୬. ଓଡ଼ିଶାର କେଉଁ କେଉଁ ସ୍ଥାନରେ ବୌଦ୍ଧ-ସ୍ଥାପତ୍ୟର ଅବଶେଷ ରହିଛି ?

୭. ଓଡ଼ିଶାର ମନ୍ଦିରର ସ୍ଥାପତ୍ୟ କଳା ବିଷୟ ବର୍ଣ୍ଣନା କରି ସଂକ୍ଷେପରେ ଲେଖନ୍ତୁ ।

୮. ସ୍ଥାପତ୍ୟ ବିଶେଷଜ୍ଞଙ୍କ ମତରେ ଓଡ଼ିଶାର ମନ୍ଦିରକୁ କେତେ ଭାଗରେ ବିଭକ୍ତ କରାଯାଇଛି ?

୯. ଓଡ଼ିଶାର ମନ୍ଦିର-ନିର୍ମାଣ ପଦ୍ଧତି ବିଷୟରେ ସଂକ୍ଷେପରେ ଲେଖନ୍ତୁ ।

୧୦. ପଥରର ମୂର୍ତ୍ତି ବ୍ୟତୀତ ଆଉ କି କି ପ୍ରକାର ମୂର୍ତ୍ତି ଓଡ଼ିଶାରେ ମିଳେ ?

## ୬.୪ ମୂଳପାଠର ତୃତୀୟ ଭାଗ

ଓଡ଼ିଶାରେ ଚିତ୍ରକଳା ଅଙ୍କନ କରିବାର ପ୍ରଥା ପ୍ରଚଳନ ଥିଲା । ଖଣ୍ଡଗିରି ଗୁମ୍ଫାର ବିଲୁପ୍ତପ୍ରାୟ ଚିତ୍ରବିଶେଷ ସମ୍ପର୍କରେ ସାର୍ ଜନ୍ ମାର୍ଶାଲ ମନ୍ତବ୍ୟ ଦିଅନ୍ତି ଯେ "ପ୍ରତ୍ୟେକ ପଥରରୁ କଟାଯାଇଥିବା ଗୁମ୍ଫା ଓ ଚିତ୍ରାବଳୀ ଶୋଭିତ ପ୍ରାସାଦଗୁଡ଼ିକ ଫ୍ରେସ୍‌କୋ ପେଣ୍ଟିଙ୍ଗ ହୋଇଥିଲା ।" ଗୁମ୍ଫା ଭିତରର ଚିତ୍ରାବଶେଷ ଭିତରେ ହଳଦିଆ, ଲାଲ ଓ କୃଷ୍ଣ ବର୍ଣ୍ଣର ଆସ୍ତରଣମାନ ବିଲୁପ୍ତପ୍ରାୟ । ଏଣୁ ଏହି ଚିତ୍ରଗୁଡ଼ିକ ସମ୍ପର୍କରେ ଏକ ବିଧିବଦ୍ଧ ଧାରଣା କରିହୁଏ ନାହିଁ । କେଉଁଝର ଜିଲ୍ଲାର ସୀତାବିଞ୍ଜିଠାରେ ଥିବା "ରାବଣ ଛାୟା" ଭିତ୍ତିଚିତ୍ର ଓଡ଼ିଶାର ଷଷ୍ଠ ଶତାବ୍ଦୀର କଳାଶୈଳୀର ପରିଚାୟକ, ଆଜି ପର୍ଯ୍ୟନ୍ତ ଆଉ କୌଣସି ଭିତ୍ତିଚିତ୍ର ଆମର ଦୃଷ୍ଟିଗୋଚର ହୋଇନାହିଁ । ଏ ଚିତ୍ରର ବହୁ ଅଂଶ କାଳର କରାଳଗର୍ଭରେ ଲୀନ ହୋଇ ଗଲାଣି । ଯାହା ଏପର୍ଯ୍ୟନ୍ତ ରହିଆସିଛି, ତା ହେଉଛି ଏକ ପଟୁଆରର ଚିତ୍ର । ଗୁପ୍ତ ରାଜତ୍ୱ ସମୟର ଅଜନ୍ତାର ଭିତ୍ତିଚିତ୍ର ସହ ଏହା ତୁଳନୀୟ ।

ପୁରୀର ଜଗନ୍ନାଥ ମନ୍ଦିର ବେଢ଼ାରେ ଥିବା ଲକ୍ଷ୍ମୀ ମନ୍ଦିରର ଜଗମୋହନର ପଶ୍ଚିମ କାନ୍ଥର ଚିତ୍ରଗୁଡ଼ିକ ଦ୍ୱାଦଶ ଶତକର ମଧ୍ୟଭାଗରେ ଅଙ୍କିତ ବୋଲି ଗ୍ରହଣ କରାଯାଇପାରେ । ଏହି ଚିତ୍ରଗୁଡ଼ିକ ମଧ୍ୟରୁ ରାମାନୁଜ ଏବଂ ବୌଦ୍ଧ ବିଜୟ ଚିତ୍ରାବଳୀରୁ ବୈଷ୍ଣବ ସାଧୁ ରାମାନୁଜଙ୍କର ଓଡ଼ିଶୀ ବୌଦ୍ଧମାନଙ୍କ ଉପରେ ପଡ଼ିଥିବା ପ୍ରଭାବର ସୂଚନା ମିଳେ । ଏ ଚିତ୍ରଗୁଡ଼ିକ ସମ୍ପୂର୍ଣ୍ଣ ଓଡ଼ିଶୀ ଶୈଳୀରେ ନିର୍ମିତ । ଶ୍ରୀଜଗନ୍ନାଥ ମନ୍ଦିର ଭିତରର ଅନ୍ୟ ଏକ ପ୍ରସିଦ୍ଧ ଚିତ୍ର ହେଲା କାଞ୍ଚୀ ବିଜୟ । ସୂର୍ଯ୍ୟବଂଶୀ ରାଜା ପୁରୁଷୋତ୍ତମଦେବଙ୍କ କାଞ୍ଚୀ କାବେରୀ ଯାତ୍ରାର ଗୌରବ ଗାଥା ବହନ କରି ଏହି ଚିତ୍ର ଅଙ୍କିତ । ଏ ଚିତ୍ରାବଳୀ ବୋଧହୁଏ ୧୫ଶ ଶତକର ଶେଷଭାଗକୁ ଏଠାରେ ଅଙ୍କିତ ହୋଇଥିଲା । ଏହି ମୂଳଚିତ୍ର ଉପରେ ବାରମ୍ବାର ରଙ୍ଗ ଦିଆଯାଇଥିବାରୁ ମୂଳଚିତ୍ରର ପ୍ରାରମ୍ଭିକା ଧର୍ମ କ'ଣ ଥିଲା, ତାହା ବର୍ତ୍ତମାନ କହିହେବ ନାହିଁ । ଖାରବେଳଙ୍କଠାରୁ ପୁରୁଷୋତ୍ତମଙ୍କ ପର୍ଯ୍ୟନ୍ତ ଅଙ୍କିତ ହୋଇଥିବା ଓଡ଼ିଶୀ ଭିତ୍ତିଚିତ୍ରର ପରମ୍ପରାରୁ ସୂଚିତ ହୁଏ ଯେ ଓଡ଼ିଶାରେ ଏକ ବଳିଷ୍ଠ ଚିତ୍ରଣ ଶୈଳୀର ପ୍ରଚଳନ ଥିଲା ଏବଂ ପ୍ରାୟ ଅଧିକାଂଶ ମନ୍ଦିରର ନାଟମନ୍ଦିର, ଜଗମୋହନ ଏବଂ ଭୋଗମଣ୍ଡପର ଅନ୍ତର୍ଭାଗରେ ଚିତ୍ର ଅଙ୍କନ କରାଯାଉଥିଲା ।

ଗଞ୍ଜାମ ଜିଲ୍ଲାର ବୁଗୁଡ଼ାଠାରେ ଥିବା ବିରଞ୍ଚି ନାରାୟଣ ମନ୍ଦିର ଗାତ୍ରରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ "ବୈଦେହୀଶ ବିଳାସ"ର କଥାବସ୍ତୁକୁ ଉପଜୀବ୍ୟ କରି ଅଙ୍କିତ ହୋଇଥିବା ଚିତ୍ରାବଳୀ ଅଷ୍ଟାଦଶ ଶତକର ଓଡ଼ିଶୀ କଳାଶୈଳୀର ପ୍ରକୃଷ୍ଟ ପ୍ରମାଣ । ରାମାୟଣର ବିଭିନ୍ନ ଦୃଶ୍ୟ, ବାଳିବଧ, ସୀତାହରଣ, ରାମ ରାବଣ ଯୁଦ୍ଧ ପ୍ରଭୃତି ଅତି ନିପୁଣ ଭାବରେ ଲିପିବଦ୍ଧ କରାଯାଇଛି ।

ଓଡ଼ିଶାର ଆରାଧ୍ୟ ଦେବତା ଜଗନ୍ନାଥ "ପଟ୍ଟଚିତ୍ର"ର ଉତ୍ସ ବୋଲି ଜଣାଯାଏ । ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା - ଏହି ତିନି ଦିଅଁଙ୍କର ଅଙ୍କନ ପଦ୍ଧତି ଏବଂ ବର୍ଣ୍ଣ-ବିନ୍ୟାସ

ଓଡ଼ିଶୀ ଚିତ୍ରାବଳୀ ବା ପଟଶୈଳୀର ସାମଞ୍ଜସ୍ୟ ରକ୍ଷାକରେ । କନା ଉପରେ ଚକ୍‌ଖଡ଼ି ଓ ତେନ୍ତୁଳିମଞ୍ଜି ଅଠାର ପ୍ରଲେପ ଦେଇ ପ୍ରସ୍ତୁତ କରାଯାଉଥିବା ପଟ ବା କ୍ୟାନଭାସ ଉପରେ ଚିତ୍ର ଆଙ୍କିବା ପ୍ରଣାଳୀ ଓଡ଼ିଶାର ଶୈଳୀ । ଏହି ପ୍ରଲେପ ଏକ ପତଳା ଚମଡ଼ାର ଆସ୍ତରଣ ଭଳି କନା ଉପରେ ଲାଖିରହେ ଏବଂ ଏହି ଲେପ ଉପରେ ଚିତ୍ରଶିଳ୍ପୀ ମାଟି ଓ ପଥରର ଦେଶୀରଙ୍ଗ ସାହାଯ୍ୟରେ ଚିତ୍ର ଆଙ୍କେ । ଚିତ୍ରାଙ୍କନ ପଦ୍ଧତି ହେଲା ପ୍ରଥମେ କ୍ୟାନଭାସ ଉପରେ ଗୈରିକ କିମ୍ବା ମଳିନ ହରିଦ୍ରା ବର୍ଣ୍ଣର ରେଖାଙ୍କନ, ତାପରେ ରେଖାଙ୍କିତ ରୂପ ମଧ୍ୟରେ ରଙ୍ଗ ପ୍ରଲେପ ପ୍ରୟୋଗ ଏବଂ ସର୍ବଶେଷରେ ଚିତ୍ରକର ପରିବାରର ସିଦ୍ଧହସ୍ତ ଶିଳ୍ପୀଙ୍କ ହାତରେ କଳାରଙ୍ଗର ବଳିଷ୍ଠ ରେଖାର ମନୋଜ୍ଞ ରୂପାୟନ । ପଟଚିତ୍ରର ବିଭିନ୍ନ ପର୍ଯ୍ୟାୟ ପାଇଁ ଚିତ୍ରକାର ପରିବାରର ମୁଖ୍ୟ ଶିଳ୍ପୀଙ୍କଠାରୁ ଆରମ୍ଭକରି ଘରର ସ୍ତ୍ରୀ ଏବଂ ଅନ୍ୟମାନଙ୍କ ଅବଦାନ ରହିଛି । ପଟଚିତ୍ରର ଚିତ୍ରଣ କାର୍ଯ୍ୟ ଶେଷ ହେଲେ ତାକୁ "ଜଉଶାଳ" କରାଯାଏ । ନିଆଁ ଉପରେ ପଟଚିତ୍ରକୁ ଉଷୁମ କରି ତା ଉପରେ ଜଉର ପୁଡ଼ିଆକୁ ଘଷି ଦେଲେ ଚିତ୍ରଟି ମସୃଣ ହୋଇଉଠେ । ଏହା ପାଣି ଏବଂ ପାରିପାର୍ଶ୍ୱିକ ଅବସ୍ଥାର ଦାଉରୁ ଚିତ୍ରଟିକୁ ରକ୍ଷା କରିବା ସଙ୍ଗେ ସଙ୍ଗେ ଦୀର୍ଘଦିନ ସ୍ଥାୟୀ କରିଥାଏ ।

ପଟଚିତ୍ରର ବିଷୟବସ୍ତୁଗୁଡ଼ିକ ବିଶେଷତଃ ପୌରାଣିକ, ଧର୍ମଗତ ତଥା ଲୋକଗୀତର ତଥ୍ୟାବଳୀ ଉପରେ ପର୍ଯ୍ୟବସିତ । ଅଦ୍ୟାବଧି ପୁରୀ, ପୁରୀ ଜିଲ୍ଲାର ରଘୁରାଜପୁର, ଗଞ୍ଜାମର ପାରଳାଖେମଣ୍ଡୀ, ଚିକିଟୀ, ଦିଗପହଣ୍ଡୀ, ବଲାଙ୍ଗୀରର ସୋନପୁର ପ୍ରଭୃତି ଅଞ୍ଚଳରେ ସେଇ ଚିତ୍ରଶିଳ୍ପୀମାନଙ୍କ ବଂଶଧାରମାନେ ଏ ପ୍ରକାର ଚିତ୍ର ଅଙ୍କନ କରୁଛନ୍ତି । ଏଥିମଧ୍ୟରେ ଅଧିକାଂଶ ରାମାୟଣ, ମହାଭାରତ ଏବଂ ବିଶେଷ ଭାବରେ ଗୋପଲୀଳାର କଥାବସ୍ତୁ ଉପରେ ଆଧାରିତ । ଏହି ଚତ୍ରଗୁଡ଼ିକ ପୁରୀକୁ ଆସୁଥିବା ତୀର୍ଥଯାତ୍ରୀମାନଙ୍କ ଦ୍ୱାରା ବିଶେଷ ଭାବରେ ଆଦୃତ ହୁଏ ।

ତାସ୍ ଉସରେ ଚିତ୍ର କରିବା ପଟଚିତ୍ର ପ୍ରସ୍ତୁତିର ପ୍ରଣାଳୀ ଓଡ଼ିଶାରେ ଚଳିଆସିଛି । ଏ ପ୍ରକାର ଚିତ୍ରିତ ତାସର ବ୍ୟବହାର ରାଜପୁତାନା, ବଙ୍ଗଳା ଏବଂ ଦକ୍ଷିଣଭାରତର ବିଭିନ୍ନ ପ୍ରାନ୍ତରେ ପ୍ରଚଳିତ । ଓଡ଼ିଶାର ଚିତ୍ରିତ ତାସ ବା ଗଞ୍ଜପାଗୁଡ଼ିକ ଗୋଲାକାର ଥାଇ ଚତୁଃପାର୍ଶ୍ୱରେ ସୁନ୍ଦର ଚଉହଦୀ ଅଙ୍କାଯାଏ ଏବଂ ପଶ୍ଚାତ୍‌ଭାଗକୁ ବେଶ୍ ଆଳଙ୍କାରିକ କଳାଶ୍ରୀ ବିମଣ୍ଡିତ କରାଯାଏ । ବିଷୟବସ୍ତୁ ଦୃଷ୍ଟିରୁ ଓଡ଼ିଶୀ ତାସ୍‌ଗୁଡ଼ିକୁ ତିନିଭାଗରେ ଭାଗ କରାଯାଇପାରେ । ଯଥା – ରାମାୟଣ ଗଞ୍ଜପା, ଦଶାବତାର ଗଞ୍ଜପା ଏବଂ କୃଷ୍ଣଲୀଳା ଗଞ୍ଜପା । ଓଡ଼ିଶୀ ଚିତ୍ରଶଳ୍ପୀମାନଙ୍କର ଐତିହ୍ୟର ନମୁନା ଏଥିରୁ ପ୍ରମାଣିତ ହୁଏ ।

ତାଳପତ୍ର ପୋଥି ଚିତ୍ରର ଓଡ଼ିଶାର ଅନ୍ୟ ଏକ ବିଭବଶାଳୀ ଚିତ୍ରଣ ପରମ୍ପରା । ମଧ୍ୟଯୁଗରେ ବଙ୍ଗଳା, ଗୁଜୁରାଟ ଏବଂ ରାଜସ୍ଥାନରେ ଯେଉଁ ବିଚିତ୍ର ବର୍ଣ୍ଣର ଚିତ୍ରିତ ପାଣ୍ଡୁଲିପି ପ୍ରସ୍ତୁତ କରାଯାଉଥିଲା ତାହା ସହିତ ତୁଳନା କଲେ ଶୈଳୀ ଓ ଗଠନ ଦୃଷ୍ଟିରୁ ଓଡ଼ିଶୀ ପାଣ୍ଡୁଲିପିଗୁଡ଼ିକ ମୂଳତଃ ଥିଲା ଭିନ୍ନଧର୍ମୀ । ମଧ୍ୟଯୁଗୀୟ ଗୁଜୁରାଟ ଏବଂ ବଙ୍ଗଳାର ପାଳ

ରାଜବଂଶ ବେଳର ଚିତ୍ରିତ ପୋଥିଗୁଡ଼ିକ ଯେଭଳି ବର୍ଣ୍ଣବହୁଳ, ଓଡ଼ିଶାର ତାଳପତ୍ରଗୁଡ଼ିକ ସେତେ ରଞ୍ଜିତ ନୁହେଁ । ଅଣଓସାରିଆ (ଓସାର ଦେଢ଼ଇଞ୍ଚ ଓ ଲମ୍ବ ସାତଇଞ୍ଚ) ତାଳପତ୍ର ଉପରେ ଲୁହାର ଲେଖନୀ ସାହାଯ୍ୟରେ ଏକାଥରକେ ବିଭିନ୍ନ ବିଷୟକ ଚିତ୍ର ରେଖା ଦ୍ୱାରା ଆଙ୍କିବା ସହଜସାଧ୍ୟ ନୁହଁ । ରେଖାଗୁଡ଼ିକ ତାଳପତ୍ରରେ ଖୋଦେଇ ହେଲାପରେ ରଙ୍ଗ ପୂର୍ଣ୍ଣ କରାଯାଉଥିଲା । ହାଣ୍ଡିକଳା ସହିତ ଶିମ୍ବପତ୍ର ରସକୁ ମିଶାଇ ତାଳପତ୍ର ଉପରେ ଘଷିଦେଲେ କାଳି ଆପେ ଆପେ ଖୋଦିତ ରେଖା ଗହ୍ୱରରେ ପ୍ରବେଶ କରି ସ୍ଥାୟୀ ହୋଇପାରୁଥିଲା । ସ୍ଥଳ ବିଶେଷରେ ରେଖା କାମ ପରେ ସାଧାରଣତଃ ନାଲି, ହଳଦିଆ, କୃଷ୍ଣବର୍ଣ୍ଣ, ଧଳା ଏବଂ ସବୁଜରଙ୍ଗର ପ୍ରଲେପ ଦ୍ୱାରା ତାଳପତ୍ରକୁ ରଞ୍ଜିତ କରାଯାଉଥିଲା । କଇଥ, ବାବୁଲ, ନିମ୍ବ, ବେଲ ପ୍ରଭୃତି ବନସ୍ପତି ଅଠା ଦ୍ୱାରା ରଙ୍ଗକୁ ସଂମିଶ୍ରଣ କରି ପ୍ରଲେପ ପ୍ରସ୍ତୁତ କରାଯାଉଥିଲା, ଯାହାଫଳରେ ତାହା ଦୀର୍ଘସ୍ଥାୟୀ ହୋଇପାରୁଥିଲା । ଓଡ଼ିଶାର ମନ୍ଦିର ଗାତ୍ରରେ ଖୋଦିତ ଶୈଳୀର ଅନୁରୂପ ଧାରାରେ ଏହି ରେଖାପ୍ରାଧାନ୍ୟ ତାଳପତ୍ର ଚିତ୍ର ଗୁଡ଼ିକ ନିଜର ସ୍ୱାତନ୍ତ୍ର ରକ୍ଷା କରିପାରିଛି । ମୁଖର ପାର୍ଶ୍ୱଭଙ୍ଗୀ (Profile), ବିସ୍ଫାରିତ ନୟନ, ଉନ୍ନତ ନାସିକା, ପରିସ୍ଫୁଟ ଓଷ୍ଠ, ଏକ ପାର୍ଶ୍ୱିକ ବା ସମ୍ମୁଖ ଶରୀର, ବିସ୍ତାରିତ ପୁରୁଷ ବକ୍ଷ, ସିଂହକଟି ଏବଂ ସର୍ବୋପରି ଅକ୍ଷୋଜ ଉଚ୍ଚତା ବିଶିଷ୍ଟ ମୂର୍ତ୍ତିଗୁଡ଼ିକ ତାଳପତ୍ର ପୋଥି ଚିତ୍ରଣ ଶିଳ୍ପକଳାର ଉପାଦାନ ।

ପୋଥି ଅଙ୍କିତ ଚିତ୍ରଗୁଡ଼ିକରେ ବିଭିନ୍ନ ବୃକ୍ଷର ପତ୍ର-ବିନ୍ୟାସ, ନରନାରୀମାନଙ୍କର ବେଶଭୂଷା, ଅଳଙ୍କାର ବିଭିନ୍ନ ପଶୁପକ୍ଷୀଙ୍କ ଛବି ଅତ୍ୟନ୍ତ ଚିତ୍ତାକର୍ଷକ । ନୃତ୍ୟରତ ମୟୂର, ଶୁଆ, ଶାରୀ, ପାରା ଇତ୍ୟାଦି ବୃକ୍ଷ ଉପରେ କ୍ରୀଡ଼ାରତ ମର୍କଟ, ହଂସ, ସାରସ, ମାଛ, ସର୍ପ, ଗୁଣ୍ଡୁଚିମୂଷା, ଅଶ୍ୱ, ଗୋ-ସମ୍ପଦ, ସିଂହ, ବାଘ ଇତ୍ୟାଦି ବହୁ ଚିତ୍ର ରଚନା କରାଯାଇଛି । ଏହି ସୀମିତ କ୍ଷେତ୍ର ମଧ୍ୟରେ ଅଭୂତପୂର୍ବ କଳା କୌଶଳର ପରକାଷ୍ଠା ଦେଖାଇ ଓଡ଼ିଶାର ଶିଳ୍ପୀମାନେ ବିଭିନ୍ନ ବିଷୟକ ଚିତ୍ରମାନ ରଚନା କରିଛନ୍ତି । ଗୀତଗୋବିନ୍ଦ ପୋଥିରେ ଦଶାବତାର ଚିତ୍ର ଏବଂ ରାଧା କୃଷ୍ଣଙ୍କର ବିରହ ଓ ମିଳନାତ୍ମକ ବିଭିନ୍ନ ଦୃଶ୍ୟର ବର୍ଣ୍ଣନା ଅତ୍ୟନ୍ତ ମନୋମୁଗ୍ଧକର । ସେହିଭଳି ଯୁଦ୍ଧକାଳୀନ ଦୃଶ୍ୟରେ ଯୁଦ୍ଧ ଅଶ୍ୱ ଓ ଗଜମାନଙ୍କର ଗୁରୁଗମ୍ଭୀର ଭଙ୍ଗିମା ଓ ଯୋଦ୍ଧା ପାଇକମାନଙ୍କର ବେଶଭୂଷାରେ ଯଦିଓ ମୋଗଲ ପ୍ରଭାବ ଅନୁଭୂତ ହୁଏ, ତଥାପି ଏଗୁଡ଼ିକ ଓଡ଼ିଆ ଶିଳ୍ପୀଙ୍କର ଅନବଦ୍ୟ ସୃଷ୍ଟି ।

ଭାସ୍କର୍ଯ୍ୟ ଏବଂ ଚିତ୍ରକଳା ଅନୁରୂପ ଓଡ଼ିଶାର କାରୁଶିଳ୍ପ ବା ହସ୍ତଶିଳ୍ପର ମୂଲ୍ୟବୋଧ ଅତି ଉଚ୍ଚକୋଟୀର । ଓଡ଼ିଶାର ଶିଶୁପାଳଗଡ଼ ଖୋଦନରୁ ପ୍ରାପ୍ତ କେତେକ ଚିତ୍ରିତ ମୃଣ୍ମୟପାତ୍ର, ଆଦିମ କାରୁଶିଳ୍ପର ସ୍ୱାକ୍ଷର ବହନ କରେ । ଓଡ଼ିଶା ଭଳି ଏକ ପ୍ରାକୃତିକ ସମ୍ପଦଭରା ରାଜ୍ୟରେ ମିଳୁଥିବା ବିଭିନ୍ନ ଅରଣ୍ୟ ଲବ୍ଧ ବସ୍ତୁ, କାଠ, ବାଉଁଶ, ବେତ, ଲାଖ, ବିଭିନ୍ନ ଜୈବିକ ଉପାଦାନ, ହାତୀଦାନ୍ତ, ଗୋରୁ ମଇଁଷି ଶିଙ୍ଗ, ଚମଡ଼ା ଏବଂ ମାଟି, କାଗଜ ଓ ପଥର ପ୍ରଭୃତିକୁ ନେଇ ଓଡ଼ିଶାର କାରିଗରମାନେ ହସ୍ତକୌଶଳ ପ୍ରୟୋଗ କରି ବିଭିନ୍ନ ଶିଳ୍ପ ବସ୍ତୁ ତିଆରି କରିଥାନ୍ତି ।

ଗଞ୍ଜାମର ପାରଳାଖେମଣ୍ଡିରେ ଶିଙ୍ଗରୁ ତିଆରି ପାନିଆ, ବୋତାମ, ବାଡ଼ି ଇତ୍ୟାଦି ଛଡ଼ା, ଚିଙ୍ଗୁଡ଼ିମାଛ ପକ୍ଷୀର (ବିଶେଷତଃ ବଗ), କଙ୍କଡ଼ା ପ୍ରଭୃତି ଅତି ସୁନ୍ଦର ଭାବରେ ତିଆରି କରାଯାଏ । ସେଭଳି କଟକ ତାରକସି ପାଇଁ ବିଖ୍ୟାତ । ତାରକସିର ଫୁଲ, ହାର, ବ୍ୟାଗ, ଅତରଦାନି, ବିଭିନ୍ନ ଅଳଙ୍କାର, ଦୀପ, ମାଛ, ଦେଉଳ, ବୋଇତ, ଓଡ଼ିଶୀ ମନ୍ଦିର ଶିଳ୍ପକଳାର ଅନୁସରଣରେ ତିଆରି କରାଯାଏ । ପୁରୀ କାରିଗରଙ୍କ କାଠକାମ ଏବଂ ଚିତ୍ରିତ କାଠକଣ୍ଢେଇ ବା ବରଗଡ଼ ଓ ସମ୍ବଲପୁରର ଚିତ୍ରିତ କାଠକଣ୍ଢେଇର ଶିଳ୍ପନୈପୁଣ୍ୟ ଅତ୍ୟନ୍ତ ହୃଦୟସ୍ପର୍ଶୀ । ଏଗୁଡ଼ିକ ପିଲାଙ୍କ ଖେଳନା ଭାବରେ ବ୍ୟବହାର ହେବାପାଇଁ ଏଥିରେ ଚକ ଲଗାଯାଏ । ଲୋକକଳାର ଢାଞ୍ଚା ନେଇ ଏସବୁକୁ ବିଚିତ୍ର ରଙ୍ଗରେ ରଞ୍ଜିତ କରାହୁଏ । ଗଞ୍ଜାମର ବେଲଗୁଣ୍ଠା ପିତଳମାଛର ଗଠନ କୌଶଳକୁ ଲକ୍ଷ୍ୟକଲେ ବିସ୍ମିତ ହେବାକୁ ପଡ଼େ । ପିତଳମାଛଗୁଡ଼ିକ ଏଭଳି ଭାବେ ତିଆରି ଯେ ସେଗୁଡ଼ିକୁ ଜୀବନ୍ତ ମାଛଭଳି ବିଭିନ୍ନ ଭଙ୍ଗୀରେ ସଜାଇ ହୁଏ । ପୁରୀ ଜିଲ୍ଲା ପିପିଲିର ଚାନ୍ଦୁଆ ଶିଳ୍ପ ବଡ଼ ଲୋଭନୀୟ । ଯାନିଯାତ୍ରା, ଉତ୍ସବ ମଉଛବରେ ଠାକୁରଙ୍କ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିବା ଛତି, ତରାସ, ଚାନ୍ଦୁଆ ଆଦି ବିଭିନ୍ନ କନାକୁ ସିଲେଇ କରି ପ୍ରସ୍ତୁତ କରାଯାଏ । ଏଗୁଡ଼ିକର ହାତୀ, ଘୋଡ଼ା, ଓଲଟଶୁଆ, ମୟୂର, ପୂର୍ଣ୍ଣକୁମ୍ଭ, ମାଛ, ଫୁଲ, ବିଭିନ୍ନଧରଣର ଡାଳ, ଲତା ଦେଇ ଏବଂ ମଝିରେ ମଝିରେ ଦର୍ପଣ ଯୋଖି ଅତି ଅଦ୍ଭୁତ ଧରଣର ଜିନିଷମାନ ପ୍ରସ୍ତୁତ କରାଯାଏ । ଏ ସମସ୍ତ ଅଳଙ୍କରଣ ମନ୍ଦିରମାନଙ୍କରେ ବ୍ୟବହୃତ ଭାସ୍କର୍ଯ୍ୟ ଶିଳ୍ପକଳାର ଅନୁକରଣରେ ନିର୍ମିତ ହୁଏ ।

ବୟନ ଶିଳ୍ପ ପାଇଁ ଓଡ଼ିଶା ବିଖ୍ୟାତ । ସମ୍ବଲପୁର, ବୌଦ, ଫୁଲବାଣୀ, କଟକର ତିଗିରିଆ, ମାଣିଆବନ୍ଧ ପ୍ରଭୃତିରେ ବୁଣା ହେଉଥିବା ଶାଢ଼ିଗୁଡ଼ିକର ବିଭିନ୍ନ ଚିତ୍ରକଳ୍ପ ଲୋକଶିଳ୍ପର ନମୁନା ବହନ କରେ । ବାନ୍ଧଣରୀତି ଓଡ଼ିଶାର ପ୍ରାଚୀନ ବୟନ-ପଦ୍ଧତି । ସମ୍ବଲପୁରର ଶାଢ଼ୀ, ପରଦା, ଶେଜ, ଚଦର ଓଡ଼ିଶାର ଘରେ ଘରେ ଶୋଭାପାଏ ।

ମାଟିକଣ୍ଢେଇ ଏକ ଅତି ପୁରାତନ ହସ୍ତଶିଳ୍ପ । ମହେନ୍‌ଜୋଦାରୋକାଳରୁ ଆରମ୍ଭ କରି ଏ ପର୍ଯ୍ୟନ୍ତ ଏଗୁଡ଼ିକ ନିରବଚ୍ଛିନ୍ନ ଭାବରେ ବିଭିନ୍ନ ରୂପ ନେଇ ସମାଜରେ ସ୍ଥାନ ପାଇଆସୁଛି । ଗାଁର କୁମ୍ଭାରଶାଳରେ ଏଗୁଡ଼ିକର ଜନ୍ମ । ସମ୍ବଲପୁର ଜିଲ୍ଲା ବରପାଲୀର ଏବଂ କେନ୍ଦୁଝରର ପୋଡ଼ାମାଟିର ଘୋଡ଼ା, ଓଡ଼ିଶା କାହିଁକି, ଓଡ଼ିଶା ବାହାରେ ମଧ୍ୟ ଆଦୃତ ହୁଏ ।

ଡୋକ୍ରାକଣ୍ଢେଇ ଏକ ଆଦିବାସୀ ହସ୍ତଶିଳ୍ପ । ଯାଯାବର ଭଳି ଏକ ଆଦିବାସୀ ଭ୍ରାମ୍ୟମାଣ ଗୋଷ୍ଠୀର କାରିଗରମାନଙ୍କ ଦ୍ୱାରା ତମ୍ବା, ପିତଳ, ଆଦି ମିଶ୍ରିତ ଧାତୁର ତାରରେ ଯୋଡ଼ି ଯୋଡ଼ି ହାତୀ, ଘୋଡ଼ା, ଦୀପ, କରାଟ, ଲକ୍ଷ୍ମୀ, ଗଜଲକ୍ଷ୍ମୀ, ମୟୂର ଏବଂ ଅନ୍ୟାନ୍ୟ ଦେବାଦେବୀ ପ୍ରସ୍ତୁତ ହୁଏ । ଆଗେ ଡୋକ୍ରା କରାଟ ଭିତରେ ପଇସା ପୂରେଇ ବାହାଘର ପରେ ପଖାଳଖିଆ ବେଳେ ଜୋଇଁମାନଙ୍କୁ ଉପହାର ଦିଆଯାଉଥିଲା । ତା ଛଡ଼ା ଏଗୁଡ଼ିକ ପାନବଟା ଭାବେ ପ୍ରାୟ ପ୍ରତ୍ୟେକ ଓଡ଼ିଆ ଘରେ ବ୍ୟବହୃତ ହୁଏ ।

କୁଟା ବା ନଡ଼ାରେ ମାଟିର ପ୍ରଲେପ ଦେଇ ମୂର୍ତ୍ତି ତିଆରି କରିବାରେ କଟକର କାରିଗରମାନେ ସିଦ୍ଧହସ୍ତ । ଦୁର୍ଗା ମେଢ଼, ସରସ୍ୱତୀ, ଗଣେଶ, ଲକ୍ଷ୍ମୀ, ବିଶ୍ୱକର୍ମା ଆଦି ମୂର୍ତ୍ତିର ଆଦର ଆଜିକାଲି ଓଡ଼ିଶାର ଚାରିଆଡ଼େ ବ୍ୟାପିଗଲାଣି ।

ଅତି ସୁଖର କଥା, ଅନ୍ୟାନ୍ୟ ଆଞ୍ଚଳିକ ଧାରା, ଯଥା – କାଙ୍ଗ୍ରା, ବାଖୋଲୀ, ଛାମ୍ବ, ମୋଗଲ ପ୍ରଭୃତି ଏକଦା ଭାରତର କଳା ଇତିହାସରେ ମୁଣ୍ଡଟେକି ଉଠିଥିଲେ; କିନ୍ତୁ କାଳକ୍ରମେ ସେଗୁଡ଼ିକ ବିଲୁପ୍ତପ୍ରାୟ । ଓଡ଼ିଶାର କଳାର ଧାରା କେଉଁ ଆଦିମକାଳରୁ ଏପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ତିଷ୍ଠି ରହିପାରିଛି । ଓଡ଼ିଶାର ସଂସ୍କୃତି ଭଳି ବିଭିନ୍ନ ସମୟରେ ବିଭିନ୍ନ ଧାରାକୁ ଆପଣା ଭିତରେ ଗ୍ରହଣ କରିବା ସଙ୍ଗେ ସଙ୍ଗେ ନିଜର ସ୍ୱତନ୍ତ୍ର ଶିଳ୍ପକଳାର ମୂଲ୍ୟବୋଧକୁ ଓଡ଼ିଶୀ କଳା ଅଦ୍ୟାପି ବଞ୍ଚାଇ ରଖିପାରିଛି ।

### ୬.୪.୧ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀ

ଅନୁଶୀଳନୀ (ଗ): ଉପରଲିଖିତ ପରିଚ୍ଛେଦଗୁଡ଼ିକର ବିଷୟବସ୍ତୁକୁ ବୁଝିପାରିଛନ୍ତି କି ନାହିଁ ଜାଣିବା ପାଇଁ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ ।

**ପ୍ରଶ୍ନ :** ୧. ପୁରୀର ଜଗନ୍ନାଥ ମନ୍ଦିର ବେଢ଼ାରେ ଅଙ୍କିତ ଚିତ୍ରକଳା ବିଷୟରେ ସଂକ୍ଷେପରେ ସୂଚନା ଦିଅନ୍ତୁ ।

୨. ଓଡ଼ିଶାରେ ପ୍ରଚଳିତ 'ପଟଚିତ୍ର' କିପରି ପ୍ରସ୍ତୁତ କରାଯାଏ, ଉଦାହରଣ ସହ ବୁଝାଇ ଲେଖନ୍ତୁ ।

୩. ତାସ୍ ଉପରେ ଅଙ୍କିତ ଚିତ୍ର ବିଷୟରେ ସଂକ୍ଷେପରେ ଲେଖନ୍ତୁ ।

୪. ତାଳପତ୍ର ପୋଥି ଚିତ୍ରଣ ବିଷୟରେ ବର୍ଣ୍ଣନା କରନ୍ତୁ ।

୫. ହସ୍ତଶିଳ୍ପ ପାଇଁ କି କି ଶିଳ୍ପବସ୍ତୁ ସାଧାରଣତଃ ଓଡ଼ିଶାରେ ବ୍ୟବହୃତ ହୁଏ ?

୬. ଓଡ଼ିଶାର ହସ୍ତଶିଳ୍ପ ବିଷୟରେ ବର୍ଣ୍ଣନା କରି ଲେଖନ୍ତୁ ।

୭. ଡୋକ୍ରା କଣ୍ଢେଇ ବିଷୟରେ ଯାହା ଜାଣନ୍ତି ବର୍ଣ୍ଣନା କରି ଲେଖନ୍ତୁ ।

୮. ନିମ୍ନଲିଖିତ ବାକ୍ୟଗୁଡ଼ିକରେ ରେଖାଙ୍କିତ ସ୍ଥାନରେ ଭୁଲ ଅଛି । ଭୁଲ ଠିକ୍ କରି ବାକ୍ୟଗୁଡ଼ିକୁ ଲେଖନ୍ତୁ ।

(କ) ପୃଥିବୀର ସର୍ବତ୍ର ଏକାଦୃଶ କଳା <u>ଦୃଷ୍ଟିରେ ଅଗୋଚର</u> ହୁଏ ।

(ଖ) ଗୈରିକ ରଙ୍ଗ ଏହି <u>ଚିତ୍ରଗୁଡ଼ିକଠାରୁ</u> ବହୁଳ ଭାବରେ ବ୍ୟବହୃତ ।

(ଗ) ଗୁହା ଏବଂ ପତ୍ରକୁଡ଼ିଆରୁ <u>ଘରରୁ</u> ଆବିର୍ଭାବ ହେଲା ।

(ଘ) <u>ସଉରାଟି</u> ମଧ୍ୟ ମାଟିରେ ମୂର୍ତ୍ତି ତିଆରି କରନ୍ତି ।

(ଙ) କୃଷିଭିତ୍ତିକ ସମାଜର ଏହା <u>ଅନେକ</u> ପ୍ରଧାନ ଅବଲମ୍ବନ ।

(ଚ) ଓଡ଼ିଶାର ଅନ୍ୟାନ୍ୟ <u>ସ୍ଥାନଠାକୁ</u> ମଧ୍ୟ ଏଭଳି ମୂର୍ତ୍ତି ମିଳେ ।

(ଛ) ଖୁବ୍ ସମ୍ଭବତଃ ଓଡ଼ିଶାର ଏହା <u>ଅସ୍ୱତନ୍ତ୍ର</u> ଶୈଳୀ ।

(ଜ) ଚିତ୍ର କହିଲେ ଭାସ୍କର୍ଯ୍ୟକୁ ହେଁ ବୁଝାଉଥିଲା ।

(ଝ) ଲୋକକଳାର ଢାଞ୍ଚା ନେଇ ଏଗୁଡ଼ିକ ବିଚିକିଟିଆ ରଙ୍ଗରେ ରଞ୍ଜିତ ।

(ଞ) ପୁରୀ ଜିଲ୍ଲା ପିପିଲିର ଚାନ୍ଦୁଆ ଶିଳ୍ପ ବଡ଼ ଲୋଭନୀୟପୂର୍ଣ୍ଣ ।

୯. ନିମ୍ନଲିଖିତ ବାକ୍ୟଗୁଡ଼ିକରେ ରେଖାଙ୍କିତ ପଦମାନଙ୍କରେ ଭୁଲ ରହିଛି । ସଂଶୋଧନ କରି ବାକ୍ୟଗୁଡ଼ିକ ଲେଖନ୍ତୁ ।

(କ) ସମ୍ବଲପୁରର ଶାଢ଼ି, ପରଦା, ଶେଯ, ଚାଦର ଓଡ଼ିଶାର ଘରେ ଘରେ ଶୋଭା ପାଇଯାଏ ।

(ଖ) ମୂର୍ତ୍ତିର ଆଦର ଆଜିକାଲି ଓଡ଼ିଶାର ଚାରିଆଡ଼େ ବ୍ୟାପିଲାନି ।

(ଗ) ବୟନ ଶିଳ୍ପ ପାଇଁ ଓଡ଼ିଶା ବିଖ୍ୟାତମୟ ।

(ଘ) ଓଡ଼ିଶାରେ କାରିଗରମାନେ ହସ୍ତକୌଶଳ ପ୍ରଦାନପୂର୍ବକ ବିଭିନ୍ନ ଶିଳ୍ପବସ୍ତୁ ନିର୍ମାଣ କରୁ ଦେଇଥାନ୍ତି ।

(ଙ) ଉନବିଂଶ ଶତକ ପର୍ଯ୍ୟନ୍ତ ଓଡ଼ିଶାରେ ତାଳପତ୍ର ବ୍ୟବହାର ଥିବେ ।

(ଚ) ଏହି ଲେପ ଉପରେ ଚିତ୍ରଶିଳ୍ପୀ ମାଟି ଓ ପଥରର ଦେଶିରଙ୍ଗ ସାହାଯ୍ୟରେ ଚିତ୍ର ଆଙ୍କୁଥିଲୁ ।

(ଛ) ଅଧିକାଂଶ ମନ୍ଦିରର ନାଟମନ୍ଦିର, ଜଗମୋହନ ଏବଂ ଭୋଗମଣ୍ଡପର ଅନ୍ତର୍ଭାଗରେ ଚିତ୍ର ଅଙ୍କନ କରାଯାଉଥିଲେ ।

(ଜ) ଏ ଚିତ୍ରର ବହୁ ଅଂଶ କାଳର କରାଳଗର୍ଭରେ ଲୀନ ହୋଇଗଲୁନି ।

(ଝ) ଓଡ଼ିଶାର ମନ୍ଦିର ସାଧାରଣତଃ ଦୁଇଟି ଅଂଶରେ ଅବିଭକ୍ତ ।

(ଞ) ଓଡ଼ିଶାର ଗ୍ରାମାଞ୍ଚଳରେ ପାରମ୍ପରିକ ପ୍ରଥାନୁଯାୟୀ ଚିତ୍ରକରମାନେ ସମାଜର ବିଭିନ୍ନ ଚାହିଦା ମେଣ୍ଟେଇ ଆସୁଛି ।

୧୦. ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକ ବନାନ ପରୀକ୍ଷା କରି ଭୁଲ୍ ଥିଲେ ଠିକ୍ କରି ଲେଖନ୍ତୁ । ଠିକ୍ ଶବ୍ଦଗୁଡ଼ିକୁ ସ୍ୱତନ୍ତ୍ର ଚିହ୍ନାଇ ଦିଅନ୍ତୁ ।

(କ) ଶୀକାରି, (ଖ) ଭାସ୍କର୍ଯ, (ଖ) ମହତ୍ତ୍ୱ, (ଘ) ଆବିଷ୍କୃତ, (ଙ) ଚତୁର୍ଦଳ, (ଚ) ସଂସ୍କୃତି, (ଛ) ଆର୍କଷଣିୟ, (ଜ) ସ୍ଥାପତ୍ୟ, (ଝ) ପାଚୁର୍ଯ, (ଞ) କୃଷ୍ଣବର୍ଣ ।

୧୧. ନିମ୍ନରେ 'କ' ଓ 'ଖ' ବିଭାଗରେ କେତେକ ଶବ୍ଦ ଦିଆଯାଇଛି । 'କ' ବିଭାଗର ଯେଉଁ ଶବ୍ଦ ସହିତ 'ଖ' ବିଭାଗର ଯେଉଁ ଶବ୍ଦର ସମ୍ପର୍କ ଅଛି ତାକୁ ଯୋଡ଼ି ଲେଖନ୍ତୁ ।

(କ) ଉଦ୍ଦାମ, ଚିତ୍ର, କଳା, ଓଲଟ, ଶିଂଷା, ଫୁଲିଆ, ହୃଦୟ, ପୃଷ୍ଠ, ରଙ୍ଗ, ମଣ୍ଡପ

(ଖ) ନୈପୁଣ୍ୟ, ଶୁଆ, ଧାନ, କଦମ୍ବ, ସ୍ୱର୍ଣୀ, ପୋଷକ, କଳା, ଛନ୍ଦ, ଡାଳିମା, ଭୋଗ

୧୨. ନିମ୍ନରେ କେତେଗୁଡ଼ିଏ ଶବ୍ଦ ଦିଆଯାଇଛି । ସେହି ଶବ୍ଦ ସହିତ ଅନ୍ୟ ଆବଶ୍ୟକ ଶବ୍ଦ ଯୋଡ଼ି ଯୁଗ୍ମଶବ୍ଦ ତିଆରି କରନ୍ତୁ ।

ମଡ଼େଲ - ଧାରା / ଆଞ୍ଚଳିକଧାରା

କଳା, ଦାନି, ଶାଳୀ, ପଟ, ଗାତ୍ର, ଯୋଗ୍ୟ, ଶୈଳୀ, ଲଳନା, ବ୍ରତ, ଭଙ୍ଗୀ

## ୬.୫ ସାରାଂଶ

ମଣିଷର ସୌନ୍ଦର୍ଯ୍ୟ ସ୍ପୃହାରୁ କଳାର ସୃଷ୍ଟି । ଏହି କଳା ପ୍ରାଗ୍-ଐତିହାସିକ ଯୁଗରୁ ଆରମ୍ଭ ହୋଇ ବିଭିନ୍ନ ଧାରା ଦେଇ ଜନମାନସକୁ ଉଦ୍‌ବୁଦ୍ଧ କରିଥାଏ । ଓଡ଼ିଶାରେ ମଧ୍ୟ ଏ କଳାର ସୃଷ୍ଟି ଆଦିମ ଯୁଗରେ ପ୍ରାଗ୍-ଐତିହାସିକ ଯୁଗରୁ ବିଭିନ୍ନ ପରିବର୍ତ୍ତନ ମଧ୍ୟ ଦେଇ ଆଜିର ଉନ୍ନତ ଅବସ୍ଥାରେ ଆସି ପହଞ୍ଚିଛି ।

ଓଡ଼ିଶାର ପ୍ରାଗ୍ ଐତିହାସିକ ଯୁଗର ଚିତ୍ରାବଳୀ ଓଡ଼ିଶାର ବିଭିନ୍ନ ସ୍ଥାନରେ, ଯେପରି ସୁନ୍ଦରଗଡ଼, କଳାହାଣ୍ଡି, ସମ୍ବଲପୁର ପ୍ରଭୃତି ଜାଗାରେ ଦେଖିବାକୁ ମିଳେ । ଏହି ଯୁଗର ଚିତ୍ରାବଳୀରେ ଶିକାର ଚିତ୍ର, ଗୋ-ସମ୍ପଦ, ବିଭିନ୍ନ ବନ୍ୟଜନ୍ତୁ ଏବଂ ଶିକାରୀ ଓ ଯୋଦ୍ଧା ପ୍ରଭୃତି ସ୍ଥାନ ପାଇଛନ୍ତି ।

ମଣିଷ ଶିକାରୀ ଜୀବନ ଛାଡ଼ି କୃଷିଭିତ୍ତିକ ସମାଜ ବ୍ୟବସ୍ଥା ଭିତରକୁ ଆସିବା ପରେ କଳାର ସ୍ଥାନ ମଧ୍ୟ ଜଙ୍ଗଲର ପଥର କାନ୍ଥରୁ ଆସି ମଣିଷ ନିର୍ମିତ ଘରର କାନ୍ଥରେ ସ୍ଥାନ ପାଇଲା ଏବଂ ଜୀବନର ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀରେ ଏହା ପ୍ରକାଶ ପାଇଲା ।

ଓଡ଼ିଶାର ଆଦିବାସୀମାନଙ୍କର ନିଜର କଳା ପ୍ରକାଶର ସ୍ୱତନ୍ତ୍ର ସରଳୀକୃତ ମାଧ୍ୟମ ଅଛି । ନିଜର ବିଭିନ୍ନ ବ୍ୟବହାର୍ଯ୍ୟ ସାମଗ୍ରୀରେ, ହାତହତିଆରରେ, ବାସଗୃହରେ, ନିଜ ଦେହରେ ସେମାନେ ଏହି କଳାକୁ ପ୍ରକାଶ କରିବା ପାଇଁ ମାଧ୍ୟମ କରିଥାନ୍ତି । ପ୍ରତ୍ୟେକ ଆଦିବାସୀ ସମ୍ପ୍ରଦାୟର କଳା ପ୍ରକାଶର ଭଙ୍ଗୀ ଓ ମାଧ୍ୟମ ସ୍ୱତନ୍ତ୍ର ।

ଓଡ଼ିଶାର ଗ୍ରାମାଞ୍ଚଳରେ ପାରମ୍ପରିକ ପ୍ରଥା ଅନୁଯାୟୀ ସମାଜର ବିଭିନ୍ନ କାରିଗରଙ୍କର କଳା ପ୍ରକାଶର ବିଭିନ୍ନ କୌଳିକ ମାଧ୍ୟମ ରହିଛି । ତା'ଛଡ଼ା ଲୋକ ଜୀବନର ଚଳଣିରେ ପୂଜାପାର୍ବଣରେ ଓ ନିଜ ଆସବାବପତ୍ରର ସୌନ୍ଦର୍ଯ୍ୟ ବୃଦ୍ଧି ଉଦ୍ଦେଶ୍ୟରେ ମଧ୍ୟ ଚିତା, ଝୋଟି, ମୁରୁଜ ଇତ୍ୟାଦି ସାହାଯ୍ୟରେ କଳା ପ୍ରକାଶ ପାଇଥାଏ । ଏହା ପୁରୁଷ ପୁରୁଷ ଧରି ପରିବାର ଭିତରେ ଚଳି ଆସିଥାଏ ।

ଓଡ଼ିଶା ଭାସ୍କର୍ଯ୍ୟ କଳା ଖୁବ ଉନ୍ନତ । ବିଭିନ୍ନ ମନ୍ଦିରମାନଙ୍କରେ ପଥରରେ ଖୋଦିତ ବିଭିନ୍ନ ମୂର୍ତ୍ତି ବିଗ୍ରହ, କାଠରେ ଖୋଦେଇ ବିଭିନ୍ନ ମୂର୍ତ୍ତି କାରିଗରମାନଙ୍କର ସିଦ୍ଧହସ୍ତରେ ପ୍ରସ୍ତୁତ କରାଯାଏ । ଏଥିରେ ଯେଉଁ ସୌନ୍ଦର୍ଯ୍ୟ ଓ ସୂକ୍ଷ୍ମ କାରୁକଳା ପ୍ରକାଶ ପାଏ ସେଥିରୁ ଓଡ଼ିଶାର ଉନ୍ନତ ଭାସ୍କର୍ଯ୍ୟ କଳାର ନମୁନା ମିଳିଥାଏ । ଏହି ଭାସ୍କର୍ଯ୍ୟପୂର୍ଣ୍ଣ ବସ୍ତୁଗୁଡ଼ିକୁ ମଧ୍ୟ ଚିତ୍ରିତ କରାଯାଇଥାଏ । ଓଡ଼ିଶାର ମନ୍ଦିର ଗଠନ ଶୈଳୀରେ ଓଡ଼ିଶୀ ଭାସ୍କର୍ଯ୍ୟର ନିଦର୍ଶନ ରହିଛି ।

ମନ୍ଦିରଗୁଡ଼ିକ ଓଡ଼ିଶୀ କଳା, ଭାସ୍କର୍ଯ୍ୟ ଓ ସ୍ଥାପତ୍ୟର ମୂଲ୍ୟବାନ ନିଦର୍ଶନ । ମନ୍ଦିରଗୁଡ଼ିକର ପ୍ରସ୍ତର ଗାତ୍ରରେ ଖୋଦିତ ମୂର୍ତ୍ତି, ବିଭିନ୍ନ କାରୁକଳା ଓ ବିଭିନ୍ନ ଦୃଶ୍ୟାବଳୀର ବର୍ଣ୍ଣନା ପ୍ରକୃତରେ ପୃଥିବୀରେ ଅଦ୍ୱିତୀୟ । ଖଣ୍ଡଗିରିର ଗୁମ୍ଫା ସ୍ଥାପତ୍ୟ, ବିଭିନ୍ନ ଅଙ୍କନ ମାଧ୍ୟମରେ ବର୍ଣ୍ଣିତ କଥାବସ୍ତୁର ଉପସ୍ଥାପନା ଓ ଆଳଙ୍କାରିକ ସାଜସଜ୍ଜା ଏବଂ ପ୍ରସ୍ତର ଗାତ୍ରରେ ଅଙ୍କିତ ରଙ୍ଗୀନ ଚିତ୍ରାବଳୀର ଦୃଶ୍ୟରୁ ଓଡ଼ିଶୀ କଳାର ପରିଚୟ ମିଳିଥାଏ । ଖଣ୍ଡଗିରି ଓ ଉଦୟଗିରି ଛଡ଼ା ଓଡ଼ିଶାର ଅନ୍ୟ ସ୍ଥାନମାନଙ୍କରେ ମଧ୍ୟ ବୌଦ୍ଧ ସ୍ଥାପତ୍ୟର ଅବଶେଷ ରହିଛି ।

ମନ୍ଦିର ଭିତରେ ପୂଜା ପାଉଥିବା ବିଗ୍ରହ ଓ ପାର୍ଶ୍ୱବିଗ୍ରହ ଏବଂ ବିଭିନ୍ନ ମୂର୍ତ୍ତିମାନଙ୍କର ଗଠନରେ ମଧ୍ୟ ଭାସ୍କର୍ଯ୍ୟର ପରିପ୍ରକାଶ ଘଟିଛି । କୋଣାର୍କ, ଲିଙ୍ଗରାଜ, ପୁରୀ ଏବଂ ରାଜରାଣୀ ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ କଳାର ନିଦର୍ଶନ ପୃଥିବୀରେ ଅନ୍ୟତ୍ର ପ୍ରାୟ ବିରଳ । ଓଡ଼ିଶାର ମନ୍ଦିର ଗଠନରେ ମଧ୍ୟ ନିଜସ୍ୱ ସ୍ୱତନ୍ତ୍ର ଶୈଳୀ ରହିଛି ଯାହାକି ଓଡ଼ିଶୀ ସ୍ଥାପତ୍ୟର ବୈଶିଷ୍ଟ୍ୟ ।

ଏହାଛଡ଼ା ଭିତ୍ତିଚିତ୍ର, ଚିତ୍ରକଳା ଅଙ୍କନ ପ୍ରଭୃତିରେ ମଧ୍ୟ ଓଡ଼ିଶା ଶିଳ୍ପୀଙ୍କର ବିଶେଷତ୍ୱ ରହିଛି । ଓଡ଼ିଶାର ପଟଚିତ୍ର ଓ ତାସ ବା ଗଞ୍ଜାପା ଚିତ୍ର ଅଙ୍କନ ପ୍ରଣାଳୀରେ ମଧ୍ୟ ସ୍ୱତନ୍ତ୍ର ଓଡ଼ିଶୀ ଶୈଳୀ ଅନୁସୃତ । ପୁଣି ତାଳପତ୍ର ପୋଥି ଚିତ୍ରଣରେ ମଧ୍ୟ ଓଡ଼ିଶୀ ଶିଳ୍ପୀମାନେ ସିଦ୍ଧହସ୍ତ । ପୋଥି ଚିତ୍ର ଅଙ୍କନରେ ଲେଖନୀ ସାହାଯ୍ୟରେ ଯେଉଁ ସୂକ୍ଷ୍ମ ଶୈଳୀ ଅନୁସୃତ ହୁଏ ତାହା ଓଡ଼ିଶୀ ଶିଳ୍ପୀଙ୍କର ନିଜସ୍ୱ ବୈଶିଷ୍ଟ୍ୟ ପ୍ରତିପାଦନ କରେ । ଓଡ଼ିଶାର ହସ୍ତଶିଳ୍ପ ମଧ୍ୟ ଖୁବ୍ ଉନ୍ନତ ଧରଣର । ବିଭିନ୍ନ ଶିଳ୍ପବସ୍ତୁ ଓଡ଼ିଶାର କାରିଗରମାନେ ପ୍ରସ୍ତୁତ କରିଥାନ୍ତି । ବୟନଶିଳ୍ପ ଚାନ୍ଦୁଆଶିଳ୍ପ, କଣ୍ଢେଇଶିଳ୍ପ ଓ ପିତଳ ବା ବ୍ରୋଞ୍ଜରେ ବିଭିନ୍ନ କାରୁକାର୍ଯ୍ୟପୂର୍ଣ୍ଣ ବସ୍ତୁ ପ୍ରସ୍ତୁତ କରିବାରେ ଓଡ଼ିଶାର ବେଶ୍ ନାଁ ଅଛି ।

ଓଡ଼ିଶାର ଶିଳ୍ପକଳା ବିଷୟରେ ମୋଟାମୋଟି ଏହିସବୁ ବିଷୟ ଏହି ପ୍ରବନ୍ଧରେ ଆଲୋଚନା କରାଯାଇଛି । ଓଡ଼ିଶାର ଶିଳ୍ପକଳା ସହିତ ଓଡ଼ିଶାର ବିଭିନ୍ନ ସ୍ଥାନରେ କଳାଗତ ବିଶେଷତ୍ୱର ବର୍ଣ୍ଣନା ମଧ୍ୟ ଏ ପ୍ରବନ୍ଧର ବିଷୟବସ୍ତୁ ।

## ୬.୬ ଶବ୍ଦାର୍ଥ

| | | |
|---|---|---|
| ଅଭିବ୍ୟକ୍ତି | - | ପ୍ରକାଶ |
| ଅନ୍ୱେଷଣ | - | ଅନୁସନ୍ଧାନ |
| ଗେରକ | - | ଗେରୁ ମାଟିରଙ୍ଗ, ଗେରୁଆରଙ୍ଗ |
| ପରିସ୍ଫୁଟ | - | ସୁସ୍ପଷ୍ଟ |
| ମୃଣ୍ମୟ | - | ମାଟିରୁ ତିଆରି |
| ଅଳ୍ପୋଚ୍ଚ | - | ଅଳ୍ପ ଉଚ୍ଚ |
| ଭାସ୍କର୍ଯ୍ୟ | - | ଖୋଦନ ଶିଳ୍ପ |

| | | |
|---|---|---|
| ଅପରିହାର୍ଯ୍ୟ | - | ଯାହା ନ ହେଲେ ନ ହୁଏ (ଅତି ଆବଶ୍ୟକ) |
| କାରୁଶିଳ୍ପ | - | ଶିଳ୍ପ କାମ |
| ବିଲୁପ୍ତପ୍ରାୟ | - | ବିଲୋପ ପ୍ରାୟ, ଶେଷ ପ୍ରାୟ |
| ସ୍ୱାତନ୍ତ୍ର୍ୟ | - | ଅନ୍ୟଠାରୁ ପୃଥକ୍ |
| ଚୈତଗୃହ | - | ବୌଦ୍ଧମଠ |
| ସ୍ଥାପତ୍ୟ | - | ନିର୍ମାଣ ଶିଳ୍ପ, ପ୍ରସ୍ତରାଦିରେ ମୂର୍ତ୍ତି ନିର୍ମାଣ ଶିଳ୍ପ |
| ସ୍ୱସ୍ତିକ | - | ମଙ୍ଗଳସୂଚକ ଚିହ୍ନ |
| ପୃଷ୍ଠପୋଷକ | - | ପ୍ରଧାନ ସମର୍ଥକ |
| ବର୍ଣ୍ଣବିନ୍ୟାସ | - | ସୌନ୍ଦର୍ଯ୍ୟ |
| ଚିତ୍ତାକର୍ଷକ | - | ମନୋରଞ୍ଜକ, ଆନନ୍ଦଦାୟକ |
| ରିଲିଫ | - | ଖୋଦେଇ |
| ଫ୍ରେସ୍କୋ (ପେଣ୍ଟିଙ୍ଗ) | - | ରଙ୍ଗୀନ ଚିତ୍ରାବଳୀ |

## ୬.୭ ପଠନ ଅଭ୍ୟାସ

ପ୍ରଶ୍ନ : ୧. ତଳେ ଦିଆଯାଇଥିବା ପରିଚ୍ଛେଦଟିକୁ ମନଯୋଗ ସହକାରେ ପଢ଼ି ପରିଚ୍ଛେଦ ତଳେ ଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦିଅନ୍ତୁ ।

ଓଡ଼ିଶାର ମୟୂରଭଞ୍ଜ ଅଞ୍ଚଳର ସାନ୍ତାଳ, କେନ୍ଦୁଝରର ଜୁଆଙ୍ଗ, ଫୁଲବାଣୀ ଅଞ୍ଚଳର କୁଟିଆକନ୍ଧ, ଗଞ୍ଜାମର କନ୍ଧ, ସଉରା ଏବଂ କୋରାପୁଟର ବଣ୍ଡା ଏବଂ କୋୟା ମୁଖ୍ୟତଃ କଳାବିଳାସୀ ସମ୍ପ୍ରଦାୟ । ଜୀବନର ଛନ୍ଦେ ଛନ୍ଦେ କଳା ସହିତ ସେମାନଙ୍କର ପରିଚିତି ଏବଂ କଳା ମାଧ୍ୟମରେ ହିଁ ଜୀବନର ପରିପ୍ରକାଶ । ସେମାନଙ୍କ ବାସଗୃହ, ଶିକାର ପାଇଁ ବ୍ୟବହୃତ ହତିଆର, ବାସନକୁସନ, ଦେହର ବ୍ୟବହୃତ ଅଳଙ୍କାର ଓ ପ୍ରସାଧାନ ସାମଗ୍ରୀ କଳାର ସଙ୍କେତ ବହନକରେ । ଏଭଳିକି ନିଜ ଶରୀରରେ ସେମାନେ ନାନା ପ୍ରକାର ପଶୁପକ୍ଷୀ ଏବଂ ଫୁଲପତ୍ରର ଚିତା କୁଟେଇଥାନ୍ତି । ଚିତା କୁଟେଇବା ଯେ କେବଳ ଆଦିବାସୀ ସମ୍ପ୍ରଦାୟରେ ପ୍ରଚଳିତ ଅଛି ତା ନୁହଁ, ଗାଁ ଗହଳରେ ସାଧାରଣ ସମାଜ ମଧ୍ୟରେ ମଧ୍ୟ ଏହାର ଆଦର ଅଛି । ଜୁଆଙ୍ଗମାନଙ୍କର କାଠପାନିଆରେ ଖୋଦେଇ ବିଭିନ୍ନ ଚିତ୍ର ବା କୁଟିଆ କନ୍ଧଙ୍କ ଧୂଆଁ ନଳୀ ଉପରେ ଖୋଦେଇ ଭିତରେ ସେମାନଙ୍କର କଳା ଚେତନା ହିଁ ପରିସ୍ଫୁଟ । ଜୁଆଙ୍ଗମାନଙ୍କର ପାନିଆ ଉପରେ କାଠ ଖୋଦେଇରେ ସମାନ୍ତରାଳ ରେଖାଯୁକ୍ତ ଚିତ୍ର, ତାଳଛପର ଛାତର ଶୈଳୀର ହିଁ ନମୁନା । ମୁରିଆ ଗଣ୍ଡମାନଙ୍କର ହୁକାପାତ୍ରରେ ଖୋଦିତ ଚତୁର୍ଦ୍ଦଳ ବିଶିଷ୍ଟ ପଦ୍ମ ଏବଂ ଅନ୍ୟାନ୍ୟ ଅତି ସୁନ୍ଦର ଜ୍ୟାମିତିକ ଚିତ୍ରମାନ ଦେଖାଯାଏ । ଏ ଚିତ୍ରଗୁଡ଼ିକ ସିନ୍ଧୁ ଉପତ୍ୟକାରୁ ଆବିଷ୍କୃତ ବା ଶିଶୁପାଳଗଡ଼ରୁ ମିଳିଥିବା ମୃଣ୍ମୟ ପାତ୍ରଗୁଡ଼ିକ ଉପରେ ଅଙ୍କିତ ଚିତ୍ରକଳା ସହିତ ସାଦୃଶ୍ୟ

ରକ୍ଷାକରିଛି । ପଧାନ ଏବଂ ଗଣ୍ଡମାନଙ୍କ କାନ୍ଥରେ ଅଙ୍କୋଚ ଭାସ୍କର୍ଯ୍ୟ ବଡ଼ କୌତୁହଳୋଦ୍ଦୀପକ । ସଉରାମାନେ ମଧ୍ୟ ମାଟିରେ ମୂର୍ତ୍ତି ତିଆରି କରନ୍ତି । ଗଣ୍ଡମାନେ ଏହାକୁ ଘରୁ ଭୂତପ୍ରେତ ଇତ୍ୟାଦି କିଳେଇବା ଉଦ୍ଦେଶ୍ୟରେ ବ୍ୟବହାର କରନ୍ତି । ଗଣ୍ଡମାନଙ୍କ କାନ୍ଥର ମୃତ୍ତିକା ନିର୍ମିତ ଭାସ୍କର୍ଯ୍ୟ ବିଶେଷ ଅଶୋକଙ୍କ ବେଳର ଅଶ୍ୱତ୍ଥ ଗଛର ସଙ୍କେତ ଭଳି ଦେଖାଯାଏ । କୁଟିଆ କନ୍ଧମାନଙ୍କ କାଠ କବାଟ ଉପରେ ଖୋଦିତ ଚିତ୍ରର ଶିଳ୍ପକଳାର ମହତ୍ତ୍ୱ ଅଧିକ ଉଚ୍ଚତର । ଏହାଛଡ଼ା ବିଭିନ୍ନ ପଶୁପକ୍ଷୀ ଏବଂ ଅନ୍ୟାନ୍ୟ ଜ୍ୟାମିତିକ ଚିତ୍ର ଆଦିବାସୀ କଳାରେ ରୂପକଳ୍ପ ରୂପେ ବ୍ୟବହୃତ ହୁଏ, ଯାହାର ନମୁନା ପ୍ରାଗ୍-ଐତିହାସିକ ଚିତ୍ରାବଳୀ ଗୁଡ଼ିକରେ ଲିପିବଦ୍ଧ । ଶିକାର ଚିତ୍ର ପ୍ରାଗୈତିହାସିକ ଚିତ୍ରାବଳୀଠାରୁ ଆରମ୍ଭ କରି ଆଦିବାସୀଙ୍କ ଚିତ୍ରକଳା ମଧ୍ୟରେ ଏକ ପ୍ରଧାନ ସ୍ଥାନ ଅଧିକାର କରିଛି । ସାନ୍ତାଳ, କନ୍ଧ, ଜୁଆଙ୍ଗ, ସଉରା ଏବଂ ମଧ୍ୟପ୍ରଦେଶର ମୁରିଆ ଗଣ୍ଡମାନଙ୍କର ଚିତ୍ରକଳାର ବିଷୟବସ୍ତୁ ମଧ୍ୟରେ ଶିକାର ଚିତ୍ର ପ୍ରଧାନ । ସାନ୍ତାଳଙ୍କ ବିବାହରେ ବ୍ୟବହୃତ ପାଲଙ୍କି ଉପରେ ଖୋଦେଇ ହୋଇଥିବା ଶିକାର ଚିତ୍ର, କନ୍ଧ, ଜୁଆଙ୍ଗ ସଉରା ଏବଂ ମୁରିଆଙ୍କ ଅଳଙ୍କାରରେ ଅଙ୍କିତ ହରିଣ ଚିତ୍ର ପୁରାତନ ଯୁଗ ବା ନୂତନ ପ୍ରସ୍ତର ଯୁଗର ଚିତ୍ର ଭଳି ପ୍ରତୀୟମାନ ହୁଏ । ମୟୂର ଏବଂ ହାତୀ ଆଦିବାସୀ କଳାରେ ବହୁଳ ଭାବରେ ରୂପାୟିତ । ଆଦିବାସୀମାନେ ନିଜ ପଗଡ଼ିରେ ମୟୂର ପୁଚ୍ଛ ପିନ୍ଧନ୍ତି । ସୌନ୍ଦର୍ଯ୍ୟ ଦୃଷ୍ଟିରୁ ଏହି ମୟୂର ପୁଚ୍ଛ ଖଚିତ ପଗଡ଼ି ମୁରିଆ ଗଣ୍ଡମାନଙ୍କ ବିବାହ ଉତ୍ସବରେ ମଧ୍ୟ ବ୍ୟବହୃତ ହୁଏ । ଲୋକକଳା ଆଦିବାସୀ କଳାର ଅନ୍ୟ ଏକ ଦିଗ । ଆଜିର ସବୁ ଆଧୁନିକତା ସତ୍ତ୍ୱେ ଯଦି ଗାଁ ଗହଳରେ କିଛି ତିଷ୍ଠି ରହିଛି, ତା ହେଉଛି ଆଦିବାସୀ ଲୋକଜୀବନରେ ପ୍ରଚଳିତ ଲୋକକଳା ।

୧. ଓଡ଼ିଶାର କଳାବିଳାସୀ ଆଦିବାସୀ ସମ୍ପ୍ରଦାୟଗୁଡ଼ିକର ନାଁ ଲେଖନ୍ତୁ ।

୨. ଆଦିବାସୀମାନଙ୍କର କେଉଁ କେଉଁ ବ୍ୟାବହାରିକ ସାମଗ୍ରୀ କଳାର ସଙ୍କେତ ବହନ କରିଥାଏ ?

୩. ଜୁଆଙ୍ଗମାନେ କାଠପାନିଆରେ କିପରି ଚିତ୍ରସବୁ କରିଥାନ୍ତି ?

୪. ମୁରିଆ ଗଣ୍ଡମାନେ କେଉଁଥିରେ ଚିତ୍ରମାନ କରନ୍ତି ?

୫. ପଧାନ, ସଉରା ଓ କୁଟିଆମାନଙ୍କର ଚିତ୍ରକଳାର ବିଶେଷତ୍ୱ କଅଣ ?

୬. ସାନ୍ତାଳମାନେ ବିବାହ ସମୟରେ ପାଲିଙ୍କିରେ କି କି ଚିତ୍ର ସବୁ ଅଙ୍କନ କରନ୍ତି ?

୭. ମୁରିଆମାନେ ବିବାହ ଉତ୍ସବରେ କ'ଣ ବ୍ୟବହାର କରନ୍ତି ?

**ପ୍ରଶ୍ନ (୨) ନିମ୍ନଲିଖିତ ପରିଚ୍ଛେଦଟି ପଢ଼ି ପରିଚ୍ଛେଦଟି ବିଷୟରେ ନିଜର ମନ୍ତବ୍ୟ ୧୦୦ ଶବ୍ଦରେ ଲେଖନ୍ତୁ ।**

ଓଡ଼ିଶାର ଭାସ୍କର୍ଯ୍ୟ ସମ୍ପର୍କରେ କହିବାକୁ ଗଲେ ଗୋଟିଏ କଥା ପରିଷ୍କାର ଯେ ତ୍ରିମାତ୍ରିକ ଖୋଦନ କଳା ଭାରତୀୟ ଶିଳ୍ପଧାରରେ ଏକ ନୂତନ ପଦ୍ଧତି । ଯଦିଓ ଓଡ଼ିଶା ଏହି ନୀତି-ବହିର୍ଭୂତ ନୁହେଁ, ତଥାପି ଏହି ନିୟମ ଛଡ଼ା କେତେକ ଉଲ୍ଲେଖନୀୟ ଭାସ୍କର୍ଯ୍ୟ ଆମର ଦୃଷ୍ଟିଗୋଚର ହୁଏ, ତା ହେଲା କୋଣାର୍କର ନୃତ୍ୟରତା ଅପ୍‌ସରା, ବାଦକ ଓ କେତେକ ଛୋଟ ଛୋଟ ବ୍ରୋଞ୍ଜମୂର୍ତ୍ତି । ଏସବୁ ଛଡ଼ା ଭାସ୍କର୍ଯ୍ୟ କଳା କହିଲେ ସାଧାରଣତଃ ଅତି ଅଳ୍ପୋଚ୍ଚ ଖୋଦନ-କଳାକୁ ହିଁ ବୁଝାଏ ଏବଂ ଏଗୁଡ଼ିକ ମନ୍ଦିର ଗାତ୍ରରେ ସଂଲଗ୍ନ ହୋଇଥିବାର ଦେଖାଯାଏ । ଆଜିକାଲି ଯେପରି ଭାସ୍କର ଓ ଚିତ୍ରୀ ମଧ୍ୟରେ ପାର୍ଥକ୍ୟର ସୀମାରେଖା ସହଜରେ ଟଣାଯାଇପାରୁଛି, ପ୍ରାଚୀନ କାଳରେ ସେପରି ନଥିଲା । ଶିଳ୍ପୀ କହିଲେ କି ଭାସ୍କର, କି ଚିତ୍ରୀ ସମସ୍ତଙ୍କୁ ବୁଝାଉଥିଲା । ଆଜି ମଧ୍ୟ ଓଡ଼ିଶା ଗାଁ ଗହଳରେ ମହାରଣା, ମହାପାତ୍ର ଇତ୍ୟାଦି ନାଁରେ ପରିଚିତ ହେଉଥିବା ଚିତ୍ରକାରୀମାନେ ପଥରଖୋଦେଇ ଏବଂ କାଠଖୋଦେଇ ଶିଳ୍ପରେ ସିଦ୍ଧହସ୍ତ ଏବଂ ଏହି ଭାସ୍କର୍ଯ୍ୟଗୁଡ଼ିକୁ ମଧ୍ୟ ଚିତ୍ରିତ କରାଯାଉଥିଲା । ପୁଣି ଚିତ୍ର କହିଲେ ଭାସ୍କର୍ଯ୍ୟକୁ ହିଁ ବୁଝାଉଥିଲା । ରିଲିଫ୍ ବା ଅତ୍ୟଳ୍ପୋଚ୍ଚ ଭାସ୍କର୍ଯ୍ୟକୁ ଚିତାର୍ଦ୍ଧ ଏବଂ ଚିତ୍ର ବା ପେଣ୍ଟିଙ୍ଗ୍‌କୁ ଚିତ୍ରାଭାସ ଆଖ୍ୟା ଦିଆଯାଉଥିଲା । ଏବେ ବି ଓଡ଼ିଶାର ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ କାଷ୍ଠ-ନିର୍ମିତ ମୂର୍ତ୍ତିଗୁଡ଼ିକୁ ଚିତ୍ର କରାଯାଉଛି ।

**ପ୍ରଶ୍ନ (୩) ନିମ୍ନଲିଖିତ ପରିଚ୍ଛେଦଟି ପଢ଼ି ପରିଚ୍ଛେଦଟିର ସାରାଂଶ ସଂକ୍ଷେପରେ ଲେଖନ୍ତୁ ।**

ଓଡ଼ିଶାର ଆରାଧ୍ୟ ଦେବତା ଜଗନ୍ନାଥ "ପଟଚିତ୍ର"ର ଉତ୍ସ ବୋଲି ଜଣାଯାଏ । ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା - ଏହି ତିନି ଦିଅଁଙ୍କର ଅଙ୍କନ ପଦ୍ଧତି ଏବଂ ବର୍ଣ୍ଣ-ବିନ୍ୟାସ ଓଡ଼ିଶୀ ଚିତ୍ରାବଳୀ ବା ପଟଶୈଳୀର ସାମଞ୍ଜସ୍ୟ ରକ୍ଷାକରେ । କନା ଉପରେ ଚକ୍‌ଖଡ଼ି ଓ ତେନ୍ତୁଳିମଞ୍ଜି ଅଠାର ପ୍ରଲେପ ଦେଇ ପ୍ରସ୍ତୁତ କରାଯାଉଥିବା ପତଳା ବା କ୍ୟାନଭାସ ଉପରେ ଚିତ୍ର ଆଙ୍କିବା ପ୍ରଣାଳୀ ଓଡ଼ିଶାର ଶୈଳୀ । ଏହି ପ୍ରଲେପ ଏକ ପତଳା ଚମଡ଼ାର ଆସ୍ତରଣ ଭଳି କନା ଉପରେ ଲାଖିରହେ ଏବଂ ଏହି ଲେପ ଉପରେ ଚିତ୍ରଶିଳ୍ପୀ ମାଟି ଓ ପଥରର ଦେଶୀରଙ୍ଗ ସାହାଯ୍ୟରେ ଚିତ୍ର ଆଙ୍କେ । ଚିତ୍ରାଙ୍କନ ପଦ୍ଧତି ହେଲା ପ୍ରଥମେ କ୍ୟାନଭାସ ଉପରେ ଗୈରିକ କିମ୍ବା ମଳିନ ହରିଦ୍ରା ବର୍ଣ୍ଣର ରେଖାଙ୍କନ, ତାପରେ ରେଖାଙ୍କିତ ରୂପ ମଧ୍ୟରେ ରଙ୍ଗ ପ୍ରଲେପ ପ୍ରୟୋଗ ଏବଂ ସର୍ବଶେଷରେ ଚିତ୍ରକର ପରିବାରର ସିଦ୍ଧହସ୍ତ ଶିଳ୍ପୀଙ୍କ ହାତରେ କଳାରଙ୍ଗର ବଳିଷ୍ଠ ରେଖାର ମନୋଜ୍ଞ ରୂପାୟନ । ପଟଚିତ୍ରର ବିଭିନ୍ନ ପର୍ଯ୍ୟାୟ ପାଇଁ ଚିତ୍ରକାର ପରିବାରରେ ମୁଖ୍ୟ ଶିଳ୍ପୀଙ୍କଠାରୁ ଆରମ୍ଭ କରି ଘରର ସ୍ତ୍ରୀ ଏବଂ ଅନ୍ୟମାନଙ୍କ ଅବଦାନ ରହିଛି । ପଟଚିତ୍ରର ଚିତ୍ରଣ କାର୍ଯ୍ୟ ଶେଷ ହେଲେ ତାକୁ "ଜଉଶାଳ" କରାଯାଏ । ନିଆଁ ଉପରେ ପଟଚିତ୍ରକୁ ଉଷୁମ କରି ତା ଉପରେ ଜଉର ପୁଡ଼ିଆକୁ ଘଷି ଦେଲେ ଚିତ୍ରଟି ମସୃଣ ହୋଇଉଠେ । ଏହା ପାଣି ଏବଂ ପାରିପାର୍ଶ୍ୱିକ ଅବସ୍ଥାର ଦାଉରୁ ଚିତ୍ରଟିକୁ ରକ୍ଷା କରିବା ସଙ୍ଗେ ସଙ୍ଗେ ଦୀର୍ଘଦିନ ସ୍ଥାୟୀ କରିଥାଏ ।

## ୬.୭.୧ ଲିଖନ ଅଭ୍ୟାସ

**ପ୍ରଶ୍ନ (୧) ନିମ୍ନଲିଖିତ ପରିଚ୍ଛେଦଟିରେ ରେଖାଙ୍କିତ ସ୍ଥାନରେ ଭୁଲ ଅଛି । ରେଖାଙ୍କିତ ସ୍ଥାନର ଭୁଲଗୁଡ଼ିକ ଠିକ୍ କରି ମୂଳପାଠକୁ ଅନୁସରଣ କରି ପରିଚ୍ଛେଦଟିକୁ ନିର୍ଭୁଲ ଭାବରେ ଲେଖନ୍ତୁ ।**

ତାସ୍ ଉପର ଚିତ୍ର କରିବା ପଟଚିତ୍ର ପ୍ରସ୍ତୁତିର ପ୍ରଣାଳୀ ଓଡ଼ିଶାରେ ଚଲୁଆସିଛନ୍ତି । ଏପ୍ରକାର ଚିତ୍ରିତ ତାସକୁ ବ୍ୟବହାର ରାଜପୁତାନା, ବଙ୍ଗଳା ଏବଂ ଦକ୍ଷିଣ ଭାରତର ବିଭିନ୍ନ ପ୍ରାନ୍ତର ପ୍ରଚଳିତ । ଓଡ଼ିଶାର ଚିତ୍ରତ ତାସ୍ ବା ଗଞ୍ଜାପାଗୁଡ଼େ ଗୋଲାକାର ଥାଇ ଚତୁଃପାର୍ଶ୍ୱରେ ସୁନ୍ଦର ଚଉହଦୀ ଅଙ୍କାଗଲା ଏବଂ ପଶ୍ଚାତ୍‌ଭାଗକୁ ବେଶ୍ ଆଳଙ୍କାରିକ କଳାଶ୍ରୀ ବିମଣ୍ଡିତ କରାଯାଉ । ବିଷୟବସ୍ତୁ ଦୃଷ୍ଟିକୁ ଓଡ଼ିଶୀ ତାସଗୁଡ଼ିକୁ ତିନିଭାଗରୁ କରିଯାଇପାରୁ, ଯଥା – ରାମାୟଣ ଗଞ୍ଜାପା, ଦଶାବତାର ଗଞ୍ଜାପା ଏବଂ କୃଷ୍ଣଲୀଳା ଗଞ୍ଜାପା । ଓଡ଼ିଶୀ ଚିତ୍ରଶିଳ୍ପୀଟି ଐତିହ୍ୟର ନମୁନା ଏଥିର ପ୍ରମାଣିତ ହେବେ ।

**ପ୍ରଶ୍ନ (୨) ନିମ୍ନଲିଖିତ ପରିଚ୍ଛେଦଟିକୁ ଅନୁସରଣ କରି ପରିଚ୍ଛେଦ ତଳେ ଥିବା ଶବ୍ଦଗୁଡ଼ିକର ବନାନ ଶୁଦ୍ଧ କରନ୍ତୁ ।**

ଖଣ୍ଡଗିରିର ଭାସ୍କର୍ଯ୍ୟର କଥାବସ୍ତୁ ମଧ୍ୟରେ ବିଭିନ୍ନ ଜୈନ ପ୍ରତୀକ, ସ୍ୱସ୍ତିକ, ନାନ୍ଦୀପଦ, ବୃକ୍ଷପୂଜାର ଦୃଶ୍ୟ, ପବିତ୍ର ପ୍ରତୀକ ପୂଜା, ଉଦୟନ, ବାସବଦତ୍ତର ଚରିତ୍ର, ରାମାୟଣର କଥାବସ୍ତୁ, ହାତୀଖେଦା, ବିଭିନ୍ନ ସଂଘର୍ଷର ଚିତ୍ର, ଭୂଦୃଶ୍ୟ, ନୃତ୍ୟବାଦ୍ୟ ପରିବେଷଣ ଦୃଶ୍ୟ ପ୍ରଭୃତି ଦୃଶ୍ୟାବଳୀ ଅନ୍ତର୍ଭୁକ୍ତ । ଏହାଛଡ଼ା ବିଭିନ୍ନ ଲତା, ପୁଷ୍ପ ଏବଂ ଆଳଙ୍କାରିକ ସାଜସଜ୍ଜା ଗୁମ୍ଫା ପ୍ରବେଶପଥର ଉର୍ଦ୍ଧ୍ୱଭାଗରେ ଖୋଦିତ । ଅତ୍ୟୁତ୍କୃଷ୍ଟ ଭାସ୍କର୍ଯ୍ୟରାଜି ଅତି ସରଳ ଅଥଚ ବଳିଷ୍ଠ ଯୋଜନା ଏବଂ ଅଙ୍ଗଭଙ୍ଗୀ ମାଧ୍ୟମରେ ପରିପ୍ରକାଶ ହୋଇପାରିଛି ।

ଉର୍ଧଭାଗ, ଦ୍ରୁଶାବଳି, ଭାସ୍କର୍ଯ, ଅତିଲ୍ପଚ, ଅର୍ନ୍ତଭୂକ୍ତ, ବ୍ରୁଖପୁଜା, କଥାବସ୍ତୁ, ପୁସ୍ପ, ସଂର୍ଘସ, ଶ୍ୱସ୍ତୀକ ।

**ପ୍ରଶ୍ନ (୩) ନିମ୍ନଲିଖିତ ପରିଚ୍ଛେଦଟିକୁ ସୁନ୍ଦର ହସ୍ତାକ୍ଷରରେ ଲେଖନ୍ତୁ ।**

ଲୋକକଳାର ପ୍ରକାଶଭଙ୍ଗୀ ସରଳ ଓ ସ୍ୱାଭାବିକ, ରେଖାଗୁଡ଼ିକ ବଳିଷ୍ଠ ଓ ଏଥିରେ ବ୍ୟବହୃତ ରୂପକଳ୍ପ ଭାବଗର୍ଭକ । ବେଙ୍ଗେଇ ଝୋଟି, କାନ୍ଥରେ ଧାନଶିଂଷା ଉଦ୍ଦେଶ୍ୟରେ ପିଠଉକୁ କାନ୍ଥ ଉପରେ ଛାଟି ସୃଷ୍ଟି କରାଯାଉଥିବା ରୂପବିଶେଷ ବା ଜାଲିଚଟୁକୁ ପିଠଉରେ ବୁଡ଼େଇ କାନ୍ଥ ଉପରେ ବାଡ଼େଇ ବାଡ଼େଇ ତିଆରି କରାଯାଉଥିବା କଦମ୍ବଫୁଲିଆ ଚିତା ଏବଂ ଲକ୍ଷ୍ମୀପାଦ ପାଇଁ ବ୍ୟବହୃତ ଏକ ସରଳୀକୃତ ଏବଂ ସାଙ୍କେତିକ ରୂପ କେବଳ ଗାଉଁଲି ନାରୀଶିଳ୍ପୀଙ୍କର ସୃଷ୍ଟି ।

## ୬.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର

**ଅନୁଶୀଳନୀ (କ) :**

ପ୍ରଶ୍ନ: ୧. ବର୍ତ୍ତମାନ ଓଡ଼ିଶୀ ଶିଳ୍ପକଳାର ପୃଷ୍ଠଭୂମି ଉପରେ ପ୍ରେରଣାର ଉତ୍ସ ରୂପେ ଆଦିମମାନବର ପ୍ରଥମ ଶିଳ୍ପକଳାର ଅଭିବ୍ୟକ୍ତ ଆଜି ବି ବିଦ୍ୟମାନ ।

୨. ଆଲଟାଗିରା, ଲସ୍‌ସକ୍, ଓ କୋଗୁଲର ଚିତ୍ରକଳାକୁ ମାନବ ଅଭିବ୍ୟକ୍ତିର ପ୍ରଥମ ପରିପ୍ରକାଶ ରୂପେ ଗ୍ରହଣ କରାଯାଇଛି ।

୩. ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାର ମାଣିକମଡ଼ା, ଓଷାକୋଠି, କଳାହାଣ୍ଡି ଜିଲ୍ଲାର ଗୁଡ଼ହାଣ୍ଡି, ଯୋଗୀମଠ, ସମ୍ବଲପୁର ଜିଲ୍ଲାର ଓଲାପଗଡ଼ ଓ ବିକ୍ରମଖୋଲରେ ଏବେ ବି ପ୍ରାଗ୍-ଐତିହାସିକ ଯୁଗର ଚିତ୍ରାବଳୀ ଦେଖିବାକୁ ମିଳେ ।

୪. ଭାରତର ବିନ୍ଧ୍ୟ ପର୍ବତମାଳା ଅଞ୍ଚଳ ଓ ମଧ୍ୟପ୍ରଦେଶ ଭୀମଭେଟକା, ଭୋଜପୁର, ଆଦମଗଡ଼, ପଞ୍ଚମଢ଼ୀ, ଜବଲପୁର, ରାମଗଡ଼, ସିଂହନପୁର, ଭୋପାଳ, କଟନି ଓ ରେଓ୍ୱା ପ୍ରଭୃତି ଅଞ୍ଚଳରେ ପ୍ରାଗ୍-ଏତିହାସିକ ଯୁଗର ଚିତ୍ରାବଳୀ ଦେଖିବାକୁ ମିଳେ ।

୫. କୃଷିଭିତ୍ତିକ ସମାଜ ବ୍ୟବସ୍ଥା ମଧ୍ୟରେ କଳା ଗୁହାର ପଥର କାନ୍ଥରୁ ଯାଇ ଘରର କାନ୍ଥରେ ସ୍ଥାନ ପାଇଲା ।

**ଅନୁଶୀଳନୀ (ଗ)**

୮. (କ) ଦୃଷ୍ଟିଗୋଚର, (ଖ) ଚିତ୍ରଗୁଡ଼ିକରେ, (ଗ) ଘରର, (ଘ) ସଉରାମାନେ, (ଙ), ଏକ, (ଚ) ଆଙ୍କୁଥିଲେ, (ଛ) ସ୍ୱତନ୍ତ୍ର, (ଜ) ହିଁ, (ଝ) ବିଚିତ୍ର, (ଞ) ଲେଭାନୀୟ ।

୯. (କ) ଶୋଭାପାଏ, (ଖ) ବ୍ୟାପିଗଲାଣି, (ଗ) ବିଖ୍ୟାତ, (ଘ) କରିଥାନ୍ତି, (ଙ) ଥିଲା, (ଚ) ଆଙ୍କୁଥିଲେ, (ଛ) କରାଯାଉଥିଲା, (ଜ) ହୋଇଗଲାଣି, (ଝ) ବିଭକ୍ତ, (ଞ) ମେଣ୍ଟେଇ ଆସୁଛନ୍ତି ।

୧୦. (କ) ଶିକାରୀ, (ଖ) ଭାସ୍କର୍ଯ୍ୟ, (ଗ) ମହତ୍ତ୍ୱ, (ଘ) ଆବିଷ୍କୃତ, (ଙ) ଚତୁର୍ଦ୍ଦଳ, (ଚ) ସଂସ୍କୃତି, (ଛ) ଆକର୍ଷଣୀୟ, (ଜ) ସ୍ଥାପତ୍ୟ, (ଝ) ପ୍ରାଚୁର୍ଯ୍ୟ, (ଞ) କୃଷ୍ଣବର୍ଣ୍ଣ ।

୧୧. (କ) ଉଦ୍ଦାମ ଛନ୍ଦ, (ଖ) ଚିତ୍ରକଳା, (ଗ) କଳାନୈପୁଣ୍ୟ, (ଘ) ଓଲଟଶୁଆ, (ଙ) ଧାନଶିଂଷା, (ଚ) କଦମ୍ବଫୁଲିଆ, (ଛ) ହୃଦୟସ୍ପର୍ଶୀ, (ଜ) ପୃଷ୍ଠପୋଷକ, (ଝ) ରଙ୍ଗଡାଳିମା, (ଞ) ଭୋଗମଣ୍ଡପ ।

୧୨. (କ) ଚିତ୍ରକଳା, (ଖ) ଅତରଦାନି, (ଗ) ବିଭବଶାଳୀ, (ଘ) ପଟଚିତ୍ର, (ଙ) ମନ୍ଦିରଗାତ୍ର, (ଚ) କଳାଶୈଳୀ, (ଛ) ଉଲ୍ଲେଖଯୋଗ୍ୟ, (ଜ) ପଲ୍ଲୀ ଲଳନା, (ଝ) ବାରବ୍ରତ, (ଞ) ପ୍ରକାଶଭଙ୍ଗୀ ।

## ୬.୯ ଉତ୍ତର ପ୍ରଦାନ ପାଇଁ ଆଦର୍ଶ ପ୍ରଶ୍ନାବଳୀ

ପ୍ରଶ୍ନ : ୧. 'ଓଡ଼ିଶୀ କଳା ଓ ସ୍ଥାପତ୍ୟ' ବିଷୟରେ ବର୍ଣ୍ଣନା କରି ଲେଖନ୍ତୁ ।

୨. ଓଡ଼ିଶାର ଚିତ୍ରକଳା ଓ ପଟଚିତ୍ର ବିଷୟରେ ବିଶଦ ଭାବରେ ବର୍ଣ୍ଣନା କରନ୍ତୁ ।

୩. ଓଡ଼ିଶୀ ଚିତା ଓ ଝୋଟି ବିଷୟରେ ସଂକ୍ଷେପରେ ଲେଖନ୍ତୁ ।

୪. ଓଡ଼ିଶାର ସ୍ଥାପତ୍ୟ ବିଶେଷଜ୍ଞଙ୍କ ମତ ଅନୁସାରେ ଓଡ଼ିଶା ମନ୍ଦିର-ନିର୍ମାଣ ଶୈଳୀ ବିଷୟ ବୁଝାଇ ଲେଖନ୍ତୁ ।

୫. ଭାସ୍କର୍ଯ୍ୟ କଳା କ'ଣ ? ଓଡ଼ିଶାର ଭାସ୍କର୍ଯ୍ୟ କଳା ବିଷୟରେ ଯାହା ଜାଣନ୍ତି ବର୍ଣ୍ଣନା କରି ଲେଖନ୍ତୁ ।

୬. ସଂକ୍ଷିପ୍ତ ଟିପ୍ପଣୀ ଲେଖନ୍ତୁ -

ହସ୍ତଶିଳ୍ପ, ତାସ୍‌ଚିତ୍ର, ତାଳପତ୍ର ପୋଥି ଅଙ୍କନ, ପାରମ୍ପରିକ କଳା, ଲୋକକଳା ।

୭. ମୂଳପାଠକୁ ଅନୁସରଣ କରି ନିମ୍ନଲିଖିତ ବାକ୍ୟରେ ଥିବା ଶୂନ୍ୟସ୍ଥାନଗୁଡ଼ିକ ପୂରଣ କରନ୍ତୁ ।

(କ) ଧୀରେ ଧୀରେ ଶିକାରୀ ମାନବ ---- ମଧ୍ୟରେ ଛନ୍ଦି ହୋଇଗଲା ।

(ଖ) ----ଯେ କେବଳ ଆଦିବାସୀ ସମ୍ପ୍ରଦାୟରେ ପ୍ରଚଳିତ ଅଛି ତା ନୁହେଁ, ଗାଁ ଗହଳରେ ସାଧାରଣ ସମାଜ ମଧ୍ୟରେ ମଧ୍ୟ ଏହାର ଆଦର ଅଛି ।

(ଗ) ଏ ଅବଧି ଏତେ ସବୁ ଆଧୁନିକତା ସତ୍ତ୍ୱେ ଯଦି କିଛି ଗାଁ ଗହଳରେ ତିଷ୍ଠି ରହିଛି, ତା ହେଉଛି----- ।

(ଘ) ମାର୍ଗଶିର ମାସ ଗୁରୁବାର ଆସିଲେ ଘର----- ପର୍ଯ୍ୟନ୍ତ ଚିତା ଦିଆଯାଏ ।

(ଙ) ପ୍ରାଚୀନ କଳିଙ୍ଗ ସ୍ଥାପତ୍ୟର ଅନ୍ୟ ଏକ ଉଦାହରଣ ହେଲା------ ।

(ଚ) ଓଡ଼ିଶାର ଅଧିକାଂଶ ----ଭାସ୍କର୍ଯ୍ୟମାନ ବିଦ୍ୟମାନ ।

(ଛ) ମୁଖ୍ୟ ମନ୍ଦିରକୁ ----ବୋଲି କୁହାଯାଏ ।

(ଜ) ତା ସମ୍ମୁଖରେ ଥିବା ମନ୍ଦିରକୁ---- କୁହାଯାଏ ।

(ଝ) ରାଜରାଣୀ ମନ୍ଦିରର ପରିକଳ୍ପନା ମଧ୍ୟପ୍ରଦେଶର----ମନ୍ଦିର ତୁଲ୍ୟ ।

(ଞ) ---- ଚିତ୍ରଣ ଓଡ଼ିଶାର ଅନ୍ୟ ଏକ ବିଭବଶାଳୀ ଚିତ୍ରଣ ପରମ୍ପରା ।

୮. ନିମ୍ନଲିଖିତ ବାକ୍ୟଗୁଡ଼ିକରେ ରେଖାଙ୍କିତ ପଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖି ବିପରୀତାର୍ଥବୋଧକ ଶବ୍ଦଗୁଡ଼ିକୁ ବାକ୍ୟରେ ବ୍ୟବହାର କରନ୍ତୁ ।

(କ) ଗାଁ ଗହଳରେ ସାଧାରଣ ସମାଜ ମଧ୍ୟରେ ମଧ୍ୟ ଏହାର ଆଦର ଅଛି ।

(ଖ) ଏ ସମ୍ପର୍କରେ ପ୍ରଚଳିତ ଲୋକପ୍ରିୟ କଥାନୁଯାୟୀ ରାଜା ପୁରୁଷୋତ୍ତମ କାଞ୍ଚି ବିଜୟ ପାଇଁ ଦକ୍ଷିଣ ଦିଗକୁ ଯୁଦ୍ଧଯାତ୍ରା କରିଥିଲେ ।

(ଗ) ଏହି ଚିତ୍ରଗୁଡ଼ିକ ପୁରୀରୁ ଆସୁଥିବା ତୀର୍ଥଯାତ୍ରୀମାନଙ୍କ ଦ୍ୱାରା ବିଶେଷ ଆଦୃତ ହୋଇପାରୁଛି ।

(ଘ) ବୟନ ଶିଳ୍ପ ପାଇଁ ଓଡ଼ିଶା ବିଖ୍ୟାତ ।

(ଙ) ବାନ୍ଧଣ ରୀତି ଓଡ଼ିଶାର ପ୍ରାଚୀନ ବୟନ ପଦ୍ଧତି ।

(ଚ) କୋଣାର୍କର ସୂର୍ଯ୍ୟ ମନ୍ଦିର ଗୋଟିଏ ଗୋଟିଏ ରଥର ସ୍ପଷ୍ଟ ପ୍ରତୀକ ।

(ଛ) ପୁରୀର ସପ୍ତମାତୃକା ମୂର୍ତ୍ତି ଓଡ଼ିଶାର ମୂର୍ତ୍ତିକଳାର ସଫଳ ପରିପ୍ରକାଶ ।

(ଜ) ପଲ୍ଲୀଲଳନାର ଅପାଠୁଆ ହାତ ଦେଇ ଏସବୁ ପର୍ବ ମଉଛବରେ ପ୍ରକାଶ ପାଏ ।

୯. ବାକ୍ୟରେ ବ୍ୟବହାର କରନ୍ତୁ –

ଧୀରେ ଧୀରେ, ଛନ୍ଦେ ଛନ୍ଦେ, ଛୋଟ ଛୋଟ, କୋଣେ କୋଣେ, ଛତ୍ରେ ଛତ୍ରେ, ଆପେ ଆପେ, ବେଳେ ବେଳେ, କ୍ଷୁଦ୍ର କ୍ଷୁଦ୍ର, ବାଡ଼େଇ ବାଡ଼େଇ, ଘରେ ଘରେ ।

୧୦. 'ପଶୁପକ୍ଷୀ' ପରି ପାଞ୍ଚଟି ବିପରୀତାର୍ଥବୋଧକ ଯୁଗ୍ମଶବ୍ଦ ଲେଖନ୍ତୁ ।

୧୧. 'ପର୍ବପର୍ବାଣି' ପରି ପାଞ୍ଚଟି ସମଅର୍ଥକ ଯୁଗ୍ମଶବ୍ଦ ଗଠନ କରି ବାକ୍ୟରେ ପ୍ରୟୋଗ କରନ୍ତୁ ।

୧୨. 'ପତ୍ର' ଶବ୍ଦକୁ ଶବ୍ଦର ଉତ୍ତରରେ ଯୋଗ କରି ପାଞ୍ଚଟି ନୂଆଶବ୍ଦ ତିଆରି କରନ୍ତୁ ।

ମଡ଼େଲ: ଚିଠି + ପତ୍ର = ଚିଠିପତ୍ର

୧୩. ନିମ୍ନଲିଖିତ ଶବ୍ଦଗୁଡ଼ିକର ବନାନ ଶୁଦ୍ଧ କରନ୍ତୁ –

ଆକର୍ଷଣିୟ, ଚିତ୍ରଶୀଳ୍ପି, କୌତୁହଳ, ଭାସ୍କର୍ଯ, ଦୃଶାବଳି, ସଂଘର୍ସ, ସିଧହସ୍ଥ, ସୌନ୍ଦର୍ଯ୍ୟ ।

୧୪. ବାକ୍ୟରେ ପ୍ରୟୋଗ କରି ଅର୍ଥଗତ ପାର୍ଥକ୍ୟ ଦର୍ଶାନ୍ତୁ –

ହସୁହସୁ, ହସିହସିକା
ବେଳେବେଳେ, ବେଳକୁବେଳ
ଟଣାଟଣି, ଟାଣୁଟାଣୁ
ଘରମୁହଁ, ଘରମୁହାଁ
ସମ୍ପର୍କ, ସମ୍ପର୍କରେ

୧୪. ନିମ୍ନଲିଖିତ ଶବ୍ଦଗୁଡ଼ିକୁ ଦୁଇଟି ଭିନ୍ନ ଅର୍ଥରେ ବ୍ୟବହାର କରି ବାକ୍ୟ ଗଠନ କରନ୍ତୁ -
କଳା, ପତ୍ର, ଯାତ୍ରା, ଉତ୍ତର, ଦକ୍ଷିଣା ।

****

ignou
THE PEOPLE'S
UNIVERSITY